ଅରଣ୍ୟର ସ୍ୱର

ଅରଣ୍ୟର ସ୍ୱର

ଦକ୍ଷିଣ ଓଡ଼ିଶାର ଆଦିବାସୀ ଲୋକକଥା

ସଂଗ୍ରହ ଓ ସଂକଳନ
ଅଶୋକ କୁମାର ମିଶ୍ର
ଗିରୀଶ ଚନ୍ଦ୍ର ଦାଶ

ନ୍ୟାସନାଲ୍ ବୁକ୍ ଟ୍ରଷ୍ଟ, ଇଣ୍ଡିଆ

ପ୍ରଚ୍ଛଦ: ୟୁ.କେ. ବସାକଙ୍କ ଚିତ୍ର ଉପରେ ଆଧାରିତ ।

ISBN 81-237-2540-X

1998 (ଶକାବ୍ଦ 1920)
© ଅଶୋକ କୁମାର ମିଶ୍ର, 1998
Aranyara Swara *(Oriya)*

ଟ. 45.00

ନିର୍ଦ୍ଦେଶକ, ନ୍ୟାସନାଲ୍ ବୁକ୍ ଟ୍ରଷ୍ଟ, ଇଣ୍ଡିଆ,
ଏ-5, ଗ୍ରୀନ୍ ପାର୍କ, ନୂଆଦିଲ୍ଲୀ-110 016 କର୍ତ୍ତୃକ ପ୍ରକାଶିତ ।

ମୁଖବନ୍ଧ

ଯଦି ଲୋକକଥାର ଜନ୍ମ ଲଗ୍ନ ସଂପର୍କରେ କିଛି ଆଲୋଚନା କରାଯାଏ, ତେବେ ଆମକୁ ପ୍ରାଗୈତିହାସିକ ଯୁଗକୁ ଫେରିଯିବାକୁ ହେବ। ସଂଭବତଃ ଆଦିମ ମଣିଷ ବାକ୍‌ଶକ୍ତି ଲାଭ କରିବାର ପରବର୍ତ୍ତୀ ସମୟରେ ହିଁ, ଲୋକକଥା ତା' ମୁଖରୁ ଜନ୍ମଲାଭ କରିଥିବ। ତେବେ ଭ୍ରୁଣ ନ ସଂଚରିଲେ କିଛି ଗୋଟାଏ ଜନ୍ମଲାଭ କରିବା କ'ଣ ସଂଭବ? କିନ୍ତୁ ଏ ଲୋକକଥାର ଭ୍ରୁଣ ପୁଣି କ'ଣ? ସଂଭବତଃ ଆଦିମ ମଣିଷ ମନରେ ବିଶାଳ ପ୍ରକୃତି, ଏ ଚରାଚର ବିଶ୍ୱକୁ ଦେଖି, ଅହରହ ସୃଷ୍ଟି ହେଉଥିବା 'କାହିଁକି ଓ କ'ଣ' ରୂପୀ ପ୍ରଶ୍ନ ହିଁ ଲୋକକଥାର ଭ୍ରୁଣ ବା ଶଦ ଏବଂ ସେଥିରୁ ହିଁ ପରବର୍ତ୍ତୀ କାଳରେ ଲୋକକଥା ଅଙ୍କୁରିତ ହୋଇ, ଆଜି ମହାଦ୍ରୁମର ରୂପ ନେଇଛି। ଲୋକକଥା ଏକ ମୌଖିକ ସାହିତ୍ୟ, ତେଣୁ ଏହାକୁ ଶ୍ରୁତି କୁହାଯାଇପାରେ। ଶ୍ରୁତି କହିଲେ ଆମେ ବେଦକୁ ବୁଝିଥାଉଁ ଏବଂ ଦିନେ ବେଦ ମଧ୍ୟ ଲୋକକଥା ରୂପରେ ହିଁ ଥିଲା। ଅତଏବ୍, ବେଦରେ ଯଦି ତତ୍କାଳୀନ ସମାଜର ଚିତ୍ର ପ୍ରତିଫଳିତ ହୋଇଛି ତେବେ ଲୋକକଥାକୁ ସମାଜର ଦର୍ପଣ କହିଲେ ଅତ୍ୟୁକ୍ତି ହେବ ନାହିଁ।

ଲୋକକଥାର ସ୍ରଷ୍ଟା କିନ୍ତୁ କିଏ? ଲୋକକଥାର ସ୍ରଷ୍ଟା କୌଣସି ଏକ ନିର୍ଦ୍ଦିଷ୍ଟ ବ୍ୟକ୍ତି କେବେ ମଧ୍ୟ ହୋଇନପାରେ। ବିଭିନ୍ନ ଋତୁରେ ପ୍ରକୃତିର ରୂପ ବଦଳିବା ପରି, କାଳର ଏ ମହାସ୍ରୋତରେ ଲୋକକଥା ବି ବିଭିନ୍ନ ରୂପ ପରିଗ୍ରହ କରେ। ସାଂପ୍ରତିକ ସମୟରେ, ଆମେ ଲୋକକଥାକୁ ଯେଉଁ ରୂପରେ ଶୁଣୁଚୁ, ହୁଏତ ଅତୀତରେ ତା'ର ରୂପ ସେମିତି ନଥିଲା। ଜଣକ ପାଖରୁ ଅନ୍ୟ ଜଣକ ପାଖକୁ ଯିବା ସମୟରେ ହିଁ ଲୋକକଥା ଅନେକ କିଛି ପ୍ରକ୍ଷିପ୍ତ ହୋଇଯାଏ। ତେଣୁ ଲୋକକଥାର ସ୍ରଷ୍ଟା ସମସ୍ତେ। ଲୋକକଥାରେ କୌଣସି ଏକ କର୍ମ ବା ଗୋଷ୍ଠୀର ଚିତ୍ର କେବେ ମଧ୍ୟ ପ୍ରତିଫଳିତ ହୁଏନାହିଁ। କେତେବେଳେ ଲୋକକଥାରେ, ଇହଲୋକ ପରଲୋକ ସଂପର୍କିତ ମଣିଷ ମନରେ ଥିବା ପ୍ରଶ୍ନସବୁକୁ ଆମେ ଆବିଷ୍କାର କରୁ, ପୁଣି କେତେବେଳେ ମଣିଷର ଅଂଧବିଶ୍ୱାସ, କୁ-ସଂସ୍କାର ଗଳ୍ପର ରୂପ ନିଏ। କେତେବେଳେ ଲୋକକଥାରେ ମଣିଷର କଳ୍ପନାବିଳାସୀ ମନୋଭାବକୁ ଶ୍ରୋତା ଅନୁଭବ କରେ, ପୁଣି କେଉଁଠି ଲୋକକଥାରେ ମଣିଷ ନିଜକୁ ଆବିଷ୍କାର କରେ।

ଲୋକକଥାରେ ଚରିତ୍ର ସବୁବେଳେ ମଣିଷ ହୋଇନପାରେ। ପଶୁ, ପକ୍ଷୀ, କୀଟ, ପତଙ୍ଗ, ତରୁ, ଲତା, ନଦୀ, ପାହାଡ଼, ଫୁଲ, ଫଳ, ଏ ସମସ୍ତ ଲୋକକଥାର ଚରିତ୍ର ହୋଇଯାଆନ୍ତି। ସମସ୍ତେ କଥା କହନ୍ତି, ନାଚନ୍ତି, ଗାଆନ୍ତି ଏବଂ ମଣିଷ ସହ ମଣିଷ ପରି ବ୍ୟବହାର କରନ୍ତି।

ଭାରତୀୟ ସଂସ୍କୃତି ସହ ରହସ୍ୟବାଦର (ଛାୟାବାଦ) ସଂପର୍କ ଅତି ଗୂଢ଼। ତେଣୁ ରହସ୍ୟବାଦକୁ, ଭାରତର ପ୍ରତ୍ୟେକ ସାହିତ୍ୟରେ, ଛତ୍ରେ ଛତ୍ରେ ଆବିଷ୍କାର କରାଯାଇପାରେ ଏବଂ ଲୋକକଥା ମଧ୍ୟ ଏଥିରୁ ବାଦ୍ ଯିବନାହିଁ। ସାହିତ୍ୟ ସମାଜର ହିତ ସାଧନ ନିମନ୍ତେ ଉଦ୍ଦିଷ୍ଟ, ତେଣୁ ସାହିତ୍ୟରେ କିଛି ନୀତିଶିକ୍ଷା

ରହିଥାଏ । ଯଦିଓ ଲୋକକଥାରେ ସବୁବେଳେ ଯୁକ୍ତିଟିଏ ଖୋଜି ବାହାର କରିବା ସଂଭବ ନୁହେଁ, ତଥାପି ବି, ପ୍ରତିଟି ଲୋକକଥାରେ କିଛି କିଛି ନୀତିଶିକ୍ଷା ଅତି ଗୋପନୀୟଭାବେ ଦିଆଯାଇଥାଏ । ଯେହେତୁ ଆମେ ରହସ୍ୟବାଦୀ, ତେଣୁ ନୀତିଶିକ୍ଷା ସବୁ ସ୍ଥଳରେ ସ୍ପଷ୍ଟଭାବରେ ଦିଆଯାଇ ନଥାଏ ।

ଓଡ଼ିଶାର ବିଭିନ୍ନ ଅଂଚଳରେ ଭିନ୍ନ ଭିନ୍ନ ଲୋକକଥା ପ୍ରଚଳିତ । ଯଦିଓ ଏଗୁଡ଼ିକ ମଧ୍ୟରେ ଅନେକ ବୈଷମ୍ୟ ପରିଲକ୍ଷିତ ହୁଏ, ତଥାପି ବି, ସାମ୍ୟ ମଧ୍ୟ ଲକ୍ଷ୍ୟ କରାଯାଇପାରେ । ଲୋକକଥାଟିଏର ସୃଷ୍ଟି ଯେ କୌଣସି ଅଂଚଳରେ ହୋଇଥାଉନା କାହିଁକି, ତାହା ଯେତେବେଳେ ଅନ୍ୟ ଏକ ଅଂଚଳରେ ପହଂଚେ ସେତେବେଳେ ସେଥିରେ ସେଇ ନିର୍ଦ୍ଦିଷ୍ଟ ଅଂଚଳର କଳା, ସଂସ୍କୃତି, ଲୋକାଚାର ଇତ୍ୟାଦିର ପ୍ରତିଫଳନ ଦେଖିବାକୁ ମିଳେ । ଅତଏବ, କୌଣସି ଏକ ଲୋକକଥା ନିର୍ଦ୍ଦିଷ୍ଟଭାବେ କେଉଁ ଅଂଚଳର, ତା' କହିବା ନିତାନ୍ତ ଦୁରୂହ । ଏସବୁ ବିଷୟରେ ଆଲୋଚନା କରିବା ତ ବର୍ତ୍ତମାନ ସମ୍ଭବ ନୁହେଁ । କିନ୍ତୁ ଦକ୍ଷିଣ ଓଡ଼ିଶାର ଆଦିବାସୀ ଲୋକକଥା ସଂପର୍କରେ କିଛି ଲେଖିବା ପୂର୍ବରୁ, ଏସବୁ ସଂପର୍କରେ ସାମାନ୍ୟ ସୂଚନା ଦେବା ବୋଧେ ଅପ୍ରାସଂଗିକ ନୁହେଁ ।

ଦକ୍ଷିଣ ଓଡ଼ିଶା କହିଲେ, ନୂତନ ଗଜପତି ଜିଲ୍ଲାଠାରୁ ଆରଂଭ କରି, ମାଲକାନଗିରି ଜିଲ୍ଲା ପର୍ଯ୍ୟନ୍ତ ଏକ ବିସ୍ତୃତ ଅଂଚଳକୁ ବୁଝାଇଥାଏ । ଏ ଅଂଚଳ ମୁଖ୍ୟତଃ ଏକ ଆଦିବାସୀ ଅଧ୍ୟୁଷିତ ଅଂଚଳ । ବିଭିନ୍ନ ସଂପ୍ରଦାୟର ଆଦିବାସୀ ଭାଇ-ଭଉଣୀମାନେ ଏଠାରେ ବସବାସ କରି ରହିଆସୁଛନ୍ତି । ସମସ୍ତଙ୍କର ଚାଲିଚଳଣ, ଆଚାର-ବ୍ୟବହାର ଏବଂ ସଂସ୍କୃତି ମଧ୍ୟରେ ଅନେକ ସାମ୍ୟ ରହିଛି ସତ, ତଥାପି ବି, ଯେହେତୁ ଏମାନେ ଭିନ୍ନ ଭିନ୍ନ ଅଂଚଳରେ ବସବାସ କରନ୍ତି ତେଣୁ କିଛି ବୈଷମ୍ୟ ମଧ୍ୟ ରହିଛି ।

ଏ ପୁସ୍ତକରେ ଆମେ ଗଦବା, ବଂଡା, ଡିଡାଇ ଓ ପରଜା ସଂପ୍ରଦାୟରେ ପ୍ରଚଳିତ ଥିବା ଲୋକକଥାଗୁଡ଼ିକୁ ସ୍ଥାନ ଦେଇଛୁ । ପରଜା ସଂପ୍ରଦାୟର ଭାଇ-ଭଉଣୀମାନେ କୋରାପୁଟ, ରାୟଗଡ଼ା, ନବରଙ୍ଗପୁର ଓ ମାଲକାନଗିରି ଜିଲ୍ଲାର କେତେକ ଅଂଚଳରେ ବସବାସ କରନ୍ତି । ବଂଡା ସଂପ୍ରଦାୟର ଭାଇ-ଭଉଣୀମାନେ, ମାଲକାନଗିରି ଜିଲ୍ଲାର ମୁଦୁଲୀପଡ଼ା ଘାଟିରେ, ଗଦବା ଭାଇ-ଭଉଣୀମାନେ କୋରାପୁଟ ଓ ମାଲକାନଗିରି ଜିଲ୍ଲାର କେତେକ ଅଂଚଳରେ ତଥା ଡିଡାଇ ଭାଇ-ଭଉଣୀମାନେ, ମାଲକାନଗିରି ଜିଲ୍ଲାର କୁଡୁମୁଲୁ-ଗୁମ୍ମା ଅଂଚଳରେ ବସବାସ କରନ୍ତି । ଓଡ଼ିଶାର ବିଭିନ୍ନ ଅଂଚଳର ଲୋକକଥାକୁ ନେଇ ଅନେକ ଛୋଟ ବଡ଼ ପୁସ୍ତକ ପ୍ରକାଶ ପାଇଛି । କିନ୍ତୁ ଦକ୍ଷିଣ ଓଡ଼ିଶାର ବିଭିନ୍ନ ଆଦିବାସୀ ସଂପ୍ରଦାୟ ମଧ୍ୟରେ ପ୍ରଚଳିତ ଥିବା ଲୋକକଥାସବୁକୁ ସଂଗ୍ରହ କରିବା କଥା ଏଯାଏଁ ବି କେହି ଚିନ୍ତା କରିନାହାନ୍ତି । ଫଳତଃ ଏ ଅଂଚଳର ଆଦିବାସୀ ସଂପ୍ରଦାୟଗୁଡ଼ିକ ମଧ୍ୟରେ ପ୍ରଚଳିତ ଥିବା ଲୋକକଥାସବୁ ଲୁପ୍ତ ହେବାକୁ ବସିଲାଣି । ଏସବୁ ଧରା ବକ୍ଷରୁ ହଜିଯିବା ପୂର୍ବରୁ ଆମେ ତାକୁ ସଂଗ୍ରହ କରି ଲିପିବଦ୍ଧ କରିବାର ପ୍ରୟାସ କରିଛୁ ।

ଏ ଲୋକକଥାଗୁଡ଼ିକୁ ସଂଗ୍ରହ କରିବାକୁ ଯାଇ ଆମକୁ ଅନେକ କଷ୍ଟ ସ୍ୱୀକାର କରିବାକୁ ପଡ଼ିଛି । ଯଦିଓ ଏଠି ସବୁ ସଂପ୍ରଦାୟର ନିଜସ୍ୱ ଲୋକକଥା ରହିଛି, ତଥାପି ତାହା ସେମାନଙ୍କୁ ପଚାରି ସଂଗ୍ରହ କରିବା ଏତେ ସହଜ କଥା ନୁହେଁ । ଏ ଦିଗରେ ପ୍ରଧାନ ସମସ୍ୟା ହେଉଛି, ଭାଷାର ସମସ୍ୟା । କାରଣ ଦକ୍ଷିଣ ଓଡ଼ିଶାର ସବୁ ଆଦିବାସୀ ସଂପ୍ରଦାୟର ନିଜସ୍ୱ 'ବୋଲି' ରହିଛି । ଯଦିବା ଜଣେ କେହି ତାଂକ ପାଖରେ ଗପର 'ମାନେ'ଟାକୁ ସ୍ପଷ୍ଟକରି, ତାଂକଠୁ ଗପ ଶୁଣିବାକୁ ଚାହିଁବ, ତେବେ କ'ଣ ସେମାନେ ଆମ ଭାଷାରେ ଆମକୁ ଗପ କହିବେ ? ନା' ସେମାନେ ନିଜ 'ବୋଲି'ରେ, ପୁଣି ଗୀତ ଆକାରରେ ଗପ କହିବେ । କାରଣ ଏବେ ବି ଆଦିବାସୀ ସମାଜରେ ଗପ କୁହାଯାଏନି । ବରଂ ଗପ ବା ଲୋକକାହାଣୀକୁ, ସ୍ତ୍ରୀଲୋକମାନେ ଗୀତରେ ଗାଆନ୍ତି । ତେବେ ଏଥିରୁ ସହୃଦୟ ପାଠକଗଣ ବୁଝୁଥିବେ ଏସବୁ ସଂଗ୍ରହ କରିବାକୁ କେତେ କଷ୍ଟ ସ୍ୱୀକାର କରିବାକୁ ପଡ଼ିଥିବ । ତେଣୁ ପ୍ରତି ସଂପ୍ରଦାୟର ଗପକୁ, ପ୍ରଥମେ ସେହି

ସଂପ୍ରଦାୟର 'ବୋଲି'ରେ କ୍ୟାସେଟ୍‌ରେ ସଂରକ୍ଷଣ କରାଯାଇଛି ଓ ପରେ, ଜଣେ ଦ୍ୱିଭାଷୀଙ୍କ ସହାୟତାରେ, ତା'ର ଓଡ଼ିଆ ଅର୍ଥକୁ ଲିପିବଦ୍ଧ କରାଯାଇଛି। ସେଥିପାଇଁ ଅନେକ ସ୍ଥଳରେ ସେମାନଙ୍କର ନିଜସ୍ୱ ଶବ୍ଦ ତଥା ଗୀତ ଇତ୍ୟାଦିକୁ ମୂଳ ରୂପରେ ହିଁ ରଖାଯାଇ, ପରେ ତା'ର ଓଡ଼ିଆ ଅନୁବାଦ ପ୍ରଦାନ କରାଯାଇଛି କିମ୍ବା ପଦ ପାଠ ପ୍ରଦାନ କରାଯାଇଛି। ଲୋକକଥାଟି ନିର୍ଦ୍ଦିଷ୍ଟ ସଂପ୍ରଦାୟର ନିଜସ୍ୱ କି ନୁହେଁ ତା' ଜାଣିବା ପାଇଁ ସଂଗୃହୀତ ପ୍ରତ୍ୟେକ କାହାଣୀ ସେଇ ସଂପ୍ରଦାୟର ଅନେକ ଲୋକଙ୍କୁ ଶୁଣେଇ ପଚରା ଯାଇଚି ଏବଂ ସେମାନେ ତାକୁ ନିଜ କାହାଣୀ ବୋଲି ସ୍ୱୀକାର କରିବା ପରେ ହିଁ ଲିପିବଦ୍ଧ କରାଯାଇଛି।

ସଂଗୃହୀତ ପ୍ରତିଟି ସଂପ୍ରଦାୟର ପ୍ରତି ଲୋକକଥାରେ ଜୀବଜଂତୁଙ୍କୁ ମୁଖ୍ୟ ଚରିତ୍ର ହିସାବରେ ଚିତ୍ରଣ କରାଯାଇଛି। ପ୍ରତିଟି ଲୋକକଥାରେ ନିର୍ଦ୍ଦିଷ୍ଟ ସଂପ୍ରଦାୟର ଅର୍ଥନୈତିକ, ତଥା ସାମାଜିକ ଜୀବନର ଏକ ଛାପ ରହିଛି। ଏଥିରେ ସ୍ଥାନପାଇଥିବା ପ୍ରତିଟି ଲୋକକଥାରୁ ପାଠକଗଣ ନିର୍ଦ୍ଦିଷ୍ଟ ଆଦିବାସୀ ସଂପ୍ରଦାୟର ଭାଷା, ସଂସ୍କୃତି, ଲୌକିକ ପ୍ରଥା, ବୈବାହିକ ରୀତିନୀତି, ବେଶପରିପାଟୀ ଓ ଅଳଂକାରପତ୍ର ଇତ୍ୟାଦି ସଂପର୍କରେ, ନିଶ୍ଚିତଭାବରେ ସମ୍ୟକ ଧାରଣା ପାଇପାରିବେ। ଆମ ଦେଶର ଅନ୍ୟାନ୍ୟ ଅଂଚଳର ଲୋକ କଥା ପରି, ଦକ୍ଷିଣ ଓଡ଼ିଶାର ଆଦିବାସୀ ଲୋକକଥାଗୁଡ଼ିକରେ ମଧ୍ୟ ବିଭିନ୍ନ ଜୀବଜନ୍ତୁଙ୍କର ବ୍ୟବହାରକୁ ନେଇ ସେହିପରିଭାବରେ ସେମାନଙ୍କୁ ଗଳ୍ପରେ ଚିତ୍ରିତ କରାଯାଇଛି। ଏ ଅଂଚଳର ଅନେକ ଲୋକ-କାହାଣୀରେ ସଂପୃକ୍ତ ସଂପ୍ରଦାୟରେ ପ୍ରଚଳିତ ଥିବା ଅଂଧବିଶ୍ୱାସ ଓ କୁ-ସଂସ୍କାର ମଧ୍ୟ ପ୍ରତିଫଳିତ ହୋଇଛି। ସର୍ବୋପରି ଯେହେତୁ ଆଦିବାସୀମାନେ ଯୁଗେ ଯୁଗେ ଅନ୍ୟମାନଙ୍କ ଦ୍ୱାରା ଅତ୍ୟାଚାରିତ ହୋଇଛନ୍ତି, ତେଣୁ କେତେକ କାହାଣୀରେ ଏହା ମଧ୍ୟ ପ୍ରତିଫଳିତ ହୋଇଛି।

ଆଦିବାସୀମାନଙ୍କୁ ନେଇ ଆମେ ଅନେକ କଥା କହୁ। କିନ୍ତୁ ସତରେ କ'ଣ ଆମେ ଆତ୍ମୀୟଭାବରେ ସେମାନଙ୍କୁ କେବେ ଗ୍ରହଣ କରିଛୁ ? ସତରେ କ'ଣ ଆମେ ସେମାନଙ୍କ ସଂପର୍କରେ ସବୁକିଛି ଜାଣି ସାରିଛୁ ? ନା', ଏବେ ବି ସେମାନଙ୍କ ସଂପର୍କରେ ଆମର ଅନେକ କିଛି ଜାଣିବାର ଅଛି।

ଯଦି ପାଠକଗଣ ଆମର ଏ ପ୍ରଚେଷ୍ଟା ଦ୍ୱାରା ସାମାନ୍ୟ ଲାଭବାନ ହେବେ, ତେବେ ଆମର ଶ୍ରମ ସାର୍ଥକ ହେଲା ବୋଲି ଆମେ ଆତ୍ମସନ୍ତୋଷ ଲାଭ କରି, ଏ ଦିଗରେ ଆହୁରି ଆଗେଇଯିବୁ।

ଅଶୋକ କୁମାର ମିଶ୍ର
ଗିରୀଶ ଚନ୍ଦ୍ର ଦାଶ

ସୂଚୀପତ୍ର

ପରଜା ଲୋକକଥା

ମଣିଷର ସୃଷ୍ଟି କେମିତି ହେଲା	1
ଆସେ ନ'ଗା, ଯାଏ ନ'ଗା	2
ଶିମୁଳି କ'ଟା କଥା	4
ମୂଷା କପୋତ କଥା	6
ପିଟ୍‌କ'ଧା ରାଜା କଥା	8
କୁକୁଡ଼ା ଗ'ଜା କଥା	11
ଗାଁ କୁକୁଡ଼ା କେମିତି ବଣ କୁକୁଡ଼ା ହେଲା	14
ଗ'ଜା ମାଉଁସ କେତେ ସୁଆଦ	17
କୋରେ ବା'ଗା କଥା	20
ବାଘ ଓ ଧା'ଗଡ଼ୀ କଥା	25
ଗୋଇ କଥା	27
ବାଗ୍ ଚେଲି କଥା	29
ଛୋଟାର ଗୋଡ଼ କେମିତି ଭଲ ହେଲା	32
କାନା କୁବ୍‌ଡ଼ା କଥା	34
ଆଁକାରିଆ ଡକ୍ରା କଥା	36
କୁକୁଡ଼ା ମାଉଁସ କେଡ଼େ ସୁଆଦ	39

ଗଦବା ଲୋକକଥା

କାକ୍‌ଡ଼ା ଡକ୍ରା ଡକ୍ରୀ କଥା	40
କୁମ୍‌ଡ଼ା ସାଗ୍ କଥା	42
ବା'ଜ୍ ଡକ୍ରା ଡକ୍ରୀ କଥା	44
ଚନ୍ଦନ କାଠିଆ ରାଜା କଥା	46
କାନ୍ କଟା ବିଲୁଆ କଥା	48
ଲୋଭୀ ବୁଢ଼ୀର ଉଦ୍‌ଲିଆ ରହସ୍ୟ	50
ଜାଗା ମୁମ୍ବାର କଥା	52
କଲିଆ କୁକୁର କଥା	56

ଗୁଡ୍ ପିଠା କଥା 65
ଛଦ୍ମବେଶୀ ମାଙ୍କଡ଼ କଥା 68
ଗୋଇ କଥା 71
ବୈରାଗୀ କଥା 72

ବଂଡା ଲୋକକଥା

ଜାତିର ସୃଷ୍ଟି 74
ମଲା ଲୋକ ଆଉ ବଂଡେନି 75
କରପା ଡୁମା କଥା 77
ଲିଟି ଚଢ଼େଇ କଥା 79
ଭୋକ କଥା 80
ପାଂଡକା ଚଢ଼େଇ କଥା 84
ପିଲା ଆଉ ଡୁମା କଥା 85
ମାଛ ଧାଂଗ୍ଡ଼ୀ କଥା 87
ମାଂଡିଆ କାକୁଡ଼ି କେଡ଼େ ସୁଆଦ 90
ବଂଡା କଲିଆ କଥା 92
ବଦ୍‌ଲୀ ଫୁଲ୍ କଥା 95
ଘରଜୋଇଁ କଥା 99
ମୂଷା ଧାଂଗ୍ଡ଼ୀ କଥା 103
ଭାଇ ଭଉଣୀ କଥା 106
ବନି ଫୁଲ କଥା 109
ଭାଲୁ ଧାଗ୍ଡ଼ୀ କଥା 112

ଡିଡ଼ାଇ ଲୋକକଥା

ବଂଡା ଡିଡ଼ାଇ କଥା 117
ତିନ୍ ଜୁଆଇଁ କଥା 118
ବେଂଡକା କଥା 123
ମୂଷା ଆଉ କଲିଆ କଥା 126
ବେଂଡକା ଆଉ ସାପୁଣୀ କଥା 129
ବାରିଆ ଆଉ ଧାଙ୍ଗଡ଼ୀ କଥା 132
କଲିଆ ଆଉ କଟ୍ରା କଥା 135
ସାଇ ଧାଂଗ୍ଡ଼ୀ କଥା 138
ଅସର୍‌ନୀ ଡକ୍ରୀ କଥା 140
ବାଗ୍ କଲିଆ କଥା 144
ବାଂଜ୍ ରାଜା କଥା 149

ମଣିଷର ସୃଷ୍ଟି କେମିତି ହେଲା

ମାଉଲୀ, ହୁଂଡି ଆଦି ସବୁ ଦେବୀ ମିଶି ପ୍ରଥମେ ପୃଥିବୀ ସୃଷ୍ଟି କଲେ। ତା' ପରେ ବଣ ଜଂଗଲ, ପଶୁ, ପକ୍ଷୀ ସୃଷ୍ଟି କଲେ। ସେଥିରେ ବି ତାଂକ ମନ ମାନିଲାନି। ତେଣୁ ସେମାନେ ମଣିଷ ସୃଷ୍ଟି କରିବା କଥା ଚିଂତା କଲେ। ହେଲେ ମଣିଷ ସୃଷ୍ଟି ହବ କେମିତି ?

ହଠାତ୍ ପଥର ଫଟେଇ ଦି'ଟା କରଡ଼ି ଗଜା[1] ଉଠିଲା, ବଢ଼ିଲା। ଦେବୀମାନେ ଗଜା ଦୁଇଟିକୁ ନିଜ ନିଜ ଶକ୍ତି ବଳରେ ଦିଟା କଳାମୁଂଡିଆ ମଣିଷ କଲେ। ସେଇଥିରୁ ଗୋଟେ ହେଲା ପୁଅ, ଆରଟି ହେଲା ଝିଅ। ପିଲା ଦିଟା ଯେମିତି ସୃଷ୍ଟି ହେଲେ, ବଣର ସବୁ ଜଂତୁ ଆସି ସେଠି ହାଜର। କୁତ୍ରା ଆସି ଛୁଆ ଦି'ଟାଙ୍କୁ କ୍ଷୀର ଖୁଆଇଲା, ମୟୂର ତା'ର ପୁଛ ମେଲି ତାଂକୁ ଛାୟା ଦେଲା। ଠେକୁଆ ଆସି ଦୁହିଁଙ୍କି ଖେଳେଇବା ପାଇଁ ନାଚ କଲା। ଏମିତି ଭାବରେ ପିଲା ଦି'ଟା ବଣରେ ବଢ଼ିବାରେ ଲାଗିଲେ।

ପୁଅ ଆଉ ଝିଅ ଯେତେ ବଢ଼ିବାରେ ଲାଗିଥାନ୍ତି, ଦେବୀମାନଂକର ଚିନ୍ତା ସେତିକି ବଢ଼ିବାରେ ଲାଗିଥାଏ। ସେମାନେ ଚିଂତା କରୁଥାନ୍ତି ଯେ, ଦୁହେଁ ତ ଦୁହିଁଙ୍କ ସହ ଭାଇ ଭଉଣୀ ପରି ଚଳୁଛନ୍ତି। ଏମିତି ଯଦି ହୁଏ, ତେବେ ଏମାନଂକୁ ନେଇ ମଣିଷର ବଂଶ ବିସ୍ତାର ହବ କେମିତି ?

ଶେଷରେ ଦେବୀମାନେ ଗୋଟିଏ ଉପାୟ ପାଂଚିଲେ। ସେମାନେ ଭଉଣୀ ଦେହରେ ପ୍ରବେଶ କରି ଭାଇକୁ କହିଲେ, ''ନାନା[2] ଆଜି ଅଁଳା ଖାଇବାକୁ ଖୁବ୍ ମନ ହଉଚି। ମତେ ଅଁଳା କୋଳି ଦି'ଟା ଆଣି ଦବୁନି ? ଭଉଣୀର ଅଂଳା ଖାଇବାର ଆଗ୍ରହ ଦେଖି ଭାଇ ବଣରେ ଅଂଳା ଖୋଜିବା ଆରଂଭ କଲା। ଭାଇ ଭଉଣୀ ଯେମିତି ପରସ୍ପର ଠାରୁ ଅଲଗା ହେଇଚନ୍ତି, ଦିହିଙ୍କୁ ମାତା[3] ହୋଇ ଗଲା। ଦେହ, ମୁହଁ, ହାତ ସବୁ ବିଭତ୍ସ ହେଇଗଲା। ଭାଇ ଅଁଳା ନେଇ ଭଉଣୀ ପାଖକୁ ଆସି ଆଉ ତାକୁ ଚିହ୍ନି ପାରିଲାନି। ଭଉଣୀ ବି ଆଉ ଭାଇକୁ ଚିହ୍ନି ପାରିଲାନି।

ଧୀରେ ଧୀରେ ମାତାଂକ ପ୍ରକୋପ କମିଲା। ତଥାପି ଦେହ ମୁହଁର ଅସୁଂଦର ଦାଗ ଲିଭିଲାନି। ତେଣୁ ଦୁହେଁ ଦୁହିଁଙ୍କୁ ଚିହ୍ନି ପାରିଲେ ନାହିଁ। ଅଚିହ୍ନା ରହିଲେ। ଭାଇ ଭଉଣୀର ସଂପର୍କ ତୁଟିଲା। ତା' ପରେ ସେମାନେ ହେଲେ- ସ୍ୱାମୀ, ସ୍ତ୍ରୀ। ତା' ପରେ ବଢ଼ି ଚାଲିଲା ମଣିଷର ବଂଶ। ପରଜାମାନଂକ ଜନ୍ମ ସେଇଠାରୁ।

---

1. କରଡ଼ି ଗଜା : ବାଉଁଶ ଗଜା 2. ନାନା : ବଡ଼ ଭାଇ, ଭାଇନା 3. ମାତା : ବସନ୍ତ ରୋଗ।

ଆସେ ନଂଗା ଯାଏ ନଂଗା

ପୂର୍ବ କାଳର କଥା । ଗୋଟେ ପରଜା ପରେ ଛୁଆଟିଏ ଜନ୍ମ ହେଲା । ବାପା ମା'ଙ୍କର ମନ ଭାରି ଖୁସି । ସେତେବେଳେ ଜନ୍ମ ହେଲା ପିଲା ବି କଥାବାର୍ତ୍ତା କରି ପାରୁଥାନ୍ତି । ବାପା ମା' ତେଣୁ ସଦ୍ୟ ଜନ୍ମ ହୋଇଥିବା ପିଲାକୁ ପଚାରିଲେ- ''ଆରେ ଧନ, ତୁ କୁଆଡୁ ଆସିଲୁ, କେମିତି ଆସିଲୁ, କୁଆଡେ ଯିବୁ ଆଉ କେମିତି ଯିବୁ ?'' ପିଲାଟି ସାଂଗେ ସାଂଗେ ଉତ୍ତର ଦେଲା-

''ଆସେ ନଂଗା-ଯାଏ ନଂଗା
ବାଟେ ଆଚେ ଫୁଟା ଟାଂଗା'' ।

ଅର୍ଥାତ୍ : ''ନଂଗଳା ଆସେ ନଂଗଳା ଯାଏ,
ବାଟରେ ଫଟା ହାଂଡିଟେ ଥାଏ ।''

ଏ ରହସ୍ୟମୟ କଥା ଶୁଣି ବାପା ମା' ମୋଟେ କିଛି ବୁଝି ପାରିଲେ ନାହିଁ । ପଦଟିର ଅର୍ଥ ପିଲାକୁ ପଚାରିବାରୁ ସେ କହିଲା, ''ବଡ଼ହେଲେ କହିବି ।'' ସେତେବେଳକୁ ପରଜାମାନଂକ ବିଧି ବିଧାନ ବୋଲି କିଛି ନଥାଏ । ତେଣୁ ବାପା ମା ଭାବିଲେ ପିଲାଟା ବଡ଼ ଜ୍ଞାନୀ । ତା'କୁ ପଚାରିଲେ, ''ଆରେ ଧନ, ଏଥର କହ ଆମେ କ'ଣ କରିବୁ ?'' ପିଲା ତା'ପରେ କହିଲା, ''ଶୁଣ, ମୁଁ ଟିକେ ବଡ଼ ହେଇଗଲେ ମୋ ଅଣ୍ଟାରେ ନୁଣ୍‌କା ଡୋର୍[1] ବାଂଧିଦେବ, ନାକରେ ମୁର୍ମା[2] ପିଂଧେଇଦେବ । କାନରେ ନାଗୁଲ[3] ପିଂଧେଇଦେବ ।''

ଦିନ ଗଡ଼ି ଚାଲିଲା । ପିଲାଟି ଧୀରେ ଧୀରେ ବଡ଼ ହେଲା । ବାପା ମା' ସେ କହିବା ପ୍ରକାରେ ତାକୁ 'ମୁର୍ମା' ପିଂଧେଇଦେଲେ । 'ନାଗୁଲ' ପିଂଧେଇଦେଲେ । ଆଉ 'ନୁଣକା ଡୋର' ବାଂଧିଦେଲେ ।

ପିଲାକୁ ଦେଖି ବାପା ମା'ଙ୍କ ମନ ଭାରି ଖୁସି । ପିଲାଟି ବଢୁଥାଏ । ହେଲେ ବାପା ମା'ଙ୍କ ମନରେ ଗୋଟିଏ ପ୍ରଶ୍ନ ଉଂକିମାରୁଥାଏ । ସେମାନେ ପିଲାଟିର ପ୍ରଥମ କଥା ଏଯାଏଁ ବି ବୁଝିପାରୁନଥାନ୍ତି । ଭାବୁଥାଂତି, ଆଉ ଟିକେ ବଡ଼ହେଲେ ପଚାରିବେ ବୋଲି । ହେଲେ ହଠାତ୍ ଦିନେ ପିଲାଟା କାଇଲା[4] ହେଲା । ଯେତେ ଯାହା କଲେ ବି ରୋଗ ଆଉ ଭଲ ହେଲାନି । ବାପା ମା' ଜାଣିଲେ ପିଲାଟି ନିଶ୍ଚୟ ମରିଯିବ । ପିଲାର ଶେଷ ସମୟ ଆସିଗଲା । ସେ ଜାଣିଲା, ସେ ମରିଯିବ । ତେଣୁ ବାପା ମା'ଙ୍କୁ ପାଖକୁ ଡାକି କହିଲା- ''ମୁଁ ତ ମରିଯିବି । ତେଣୁ ମୋ ପ୍ରଥମ କଥାର ଅର୍ଥ ତମକୁ ବୁଝେଇ ଦେଇଯିବି । ଶୁଣ, ମଣିଷ ନଂଗଳା ହେଇ ଆସେ ; ନଂଗଳା ହେଇ ଯାଏ । ସେ ସଂସାରରୁ କିଛି ନିଏନି । ତେଣୁ ମୁଁ ଗଲା ପରେ ତମେ ମୋ ନାକରୁ କାନରୁ ଅଳଂକାର ସବୁ କାଢ଼ିଦେବ । ଅଂଟାରୁ ନୁଣ୍‌କା ଡୋର କାଢ଼ିଦେବ । ତଥାପି ମୋର କିଛି ଆକର୍ଷଣ ବାକି ରହିବ । ତେଣୁ ମତେ ମଶାଣିକୁ ନେଲାବେଳେ ସାଂଗରେ ଧାନ କୁଲାଏ ନବ, ହାଂଡ଼ିଟେ ନବ । ଅଣକାଟାଏ[5] ନେବ । ଆଉ ପେଂଡ଼େ ହାଂଡ଼ି[6] ନେଇ ମଶାଣିରେ ପହଂଚିବା ପୂର୍ବରୁ ଏସବୁ ଗୋଟେ ଜାଗାରେ ଥୋଇଦେଇ ହାଂଡ଼ି ଭାଂଗି

ଦେବ। ଯା'ର ଅର୍ଥ, ମୁଁ ସବୁ ସାଂସାରିକ ବଂଧନରୁ ମୁକ୍ତ ହେଇଗଲି। କିଛି ଆଣିନଥିଲି- କିଛି ନେଲି ନାହିଁ। ଯୋଉ ବାଟ୍‌ରେ ଆସିଲି ସେଇ ବାଟରେ ଗଲି। ନଂଗଳା ହେଇ ଆସିଲି, ନଂଗଳା ହେଇ ଗଲି। ଖାଲି ଆସି ଥିଲି ବୋଲି ଫଟା ହାଂଡ଼ି ବାଟରେ ଛାଡ଼ି ଦେଇଗଲି।"

ବାପା ମା ଏବେ ବୁଝିଲେ— "ଆସେ ନଂଗା, ଯାଏ ନଂଗା, ବାଟେ ଆଚେ ଫୁଟା ଟାଂଗା"ର ଅର୍ଥ। ଏକଥା ବୁଝିଲା ବେଳକୁ ପିଲାଟି ଆଉ ନଥିଲା। ସେମାନେ ପିଲାକୁ ବାହୁନି ବାହୁନି କେତେ କାଂଦିଲେ। ତା' ପରେ ସେ କହିବା ପ୍ରକାରେ ସବୁ ବିଧି ବିଧାନ କଲେ। ତା'ର ଶେଷକ୍ରିୟା କଲେ। ତା' ପରଠୁ ସେମାନଂକ ମଧ୍ୟରେ ଏ ପରଂପରା ଆଜିଯାଏଁ ଚାଲିଆସିଚି। ସେଥିପାଇଁ ଏବେ ବି ପରଜା ମାନେ କଥା କଥାକେ କହନ୍ତି-

"ଆସେ ନଂଗା, ଯାଏ ନଂଗା, ବାଟେ ଆଚେ ଫୁଟା ଟାଂଗା।"

---

1. ନୁଣ୍‌କା ଡୋର: ଅଂଟା ଦଉଡ଼ି 2. ମୁର୍ମା: ନାକମୁଦି 3. ନାଗୁଲ: କାନରେ ପୁରୁଷମାନେ ପିଂଧୁଥିବା ଏକ ଅଳଂକାର 4. କାଇଲା: ରୋଗରେ ପଡ଼ିବା 5. ଅଣକାଟାଏ: ବେଲାଟାଏ 6. ପେଂଢେ ହାଂଡ଼ି: ପେଜ ହାଂଡ଼ି।

ଶିମୁଳି କଂଟା କଥା

ଗୋଟିଏ ଗାଁରେ ଥା’ନ୍ତି ପରଜା ବୁଢ଼ାଟିଏ ଥାଉ ବୁଢ଼ୀଟିଏ । ସେମାନଂକର ପୁଅଟିଏ ଆଉ ଝିଅଟିଏ । ଦିହେଁ ଧାଂଗଡ଼ା ଧାଂଗଡ଼ୀ ।[1] ପୁଅଟା ଭାରି କାମିକା ଆଉ ଝିଅଟି ଭାରି ସୁଂଦରୀ । ଯିଏ ତାକୁ ଦେଖେ ଘଡ଼ିଏ ରହିଯାଏ । ଟଣା ଟଣା ଆଖି । ସରୁ ସରୁ ଗୋଡ଼ । ଚାଲିଗଲା ବେଳେ ଗାଁଟା ଯାକର ଧାଂଗଡ଼ା ତା’କୁ ଏକ ଲୟରେ ଚାହିଁ ରହିଥାନ୍ତି । ସମସ୍ତେ ତାକୁ ଡାକଂତି ରିଂଜୋଡ଼ି ନନୀ[2] ବୋଲି ।

ପୁଅ ସବୁଦିନ ଡଂଗରକୁ[3] କାମକରି ଯାଏ । ଯେତେବେଳେ ମୁଂଡ଼ ବେଳା[4] ହୁଏ, ଭଉଣୀ ପେଜ ଶାଗ୍ ନେଇ ଭାଇ ପାଖକୁ ଆସେ । ଭାଇ ଶାଗ ପେଜ ଖାଇ ସାରିଲେ ଭଉଣୀ ବାସନ କୁସନ ନେଇ ଘରକୁ ଫେରିଯାଏ । ଦିନ ଗଡ଼ିଚାଲେ । ନିତି ଭଉଣୀ ଭାଇ ପାଇଁ ଡଂଗରକୁ ପେଜ ଶାଗ ଆଣି ଦିଏ । ଭଉଣୀର ଏମିତି ସବୁ ଦିନ ଆସିବା କଥାକୁ ନେଇ ଭାଇ ମନେ ମନେ ଚିଂତା କରେ ଯେ, ବୋଧେ ବାପା, ମା ମୋ ସାଂଗରେ ଭଉଣୀକୁ ବାହା ଦେବେ । ତେଣୁ ତା’ ହାତରେ ନିତି ଖାଇବା ଜିନିଷ ପଠାଉଛଂତି । ଯେ’ତ ବହୁ ପୂର୍ବର କଥା । ସେତେବେଳେ ଆଜି କାଲିକା ପରି ସାମାଜିକ ରୀତିନୀତି ଏତେ କଠୋର ନଥାଏ । ତେଣୁ ଏ ପ୍ରକାର ଧାରଣା ଭାଇ ମନରେ ସୃଷ୍ଟି ହେବା ପରେ ସେ ଉଦ୍ଦେଶ୍ୟକୁ ପ୍ରଚ୍ଛନ୍ନ ରଖି ଭଉଣୀ ସହ ରସିକତା ଆରଂଭ କରେ । ଭଉଣୀକୁ କିଂତୁ ଏସବୁ ମୋଟେ ଭଲ ଲାଗେନା । ସେ ଯାଇ ବାପା ମା’ଙ୍କୁ ଭାଇର ହାବ ଭାବ ସଂପର୍କରେ ସୂଚନା ଦେଇ କୁହେ ଯେ, ସେ ଆଉ କେବେ ଭାଇ ପାଇଁ ଖାଇବା ଜିନିଷ ନେଇ ଡଂଗରକୁ ଯିବନି ।

ବାପା, ମା’ କିଂତୁ ଝିଅର କଥା ପ୍ରତି କାନ ଦିଅଂତିନି ଏବଂ ତା’କୁ ହିଁ ଡଂଗରକୁ ଖାଇବା ଜିନିଷ ଦେଇ ପଠାଂତି । ଧୀରେ ଧୀରେ ଭାଇ ଆଉ ନିଜକୁ ଆୟତ୍ତ କରି ନପାରି ଦିନେ ଭଉଣୀକୁ ବାହାଘର ପାଇଁ ପ୍ରସ୍ତାବ ଦିଏ । ଭଉଣୀ କିଛି ଉତ୍ତର ନଦେଇ ସେଠୁ ଘରକୁ ଯାଇ ଖୁବ କାଂଦେ । ହେଲେ ଦୁଃଖ କାହାକୁ କହିବ ? ବାପା ମା’ ତ ସବୁ ଶୁଣି ଅଶୁଣା ।

ତା’ ପରଦିନ ପୁଣି ତା’ ହାତରେ ବାପା ମା’ ଶାଗ ପେଜ ଡଂଗରକୁ ପଠାନ୍ତି । ସେ ଡଂଗରକୁ କାଂଦି କାଂଦି ଯାଇ ଦେଖେ ଭାଇ ତା’ର ଖୁବ ଦୂରରେ ଗଛ କାଟୁଚି । ଭଉଣୀ ତା’କୁ ଡାକି ନପାରି ଚୁପ୍‌ଚାପ୍ ଗୋଟିଏ ଶିମୁଳି ଖୁଂଟ ତଳେ ପେଜ ଶାଗ୍ ଥୋଇ ନିଜ ଶାଢ଼ୀଟି ଶିମୁଳି ଖୁଂଟରେ ଗୁଡ଼େଇ ଦେଇ ହଜିଯାଏ ବଣ ଭିତରେ ।

କିଛି ସମୟ ପରେ ଭାଇ ଦୂରରୁ ଦେଖେ ଭଉଣୀର ଶାଢ଼ୀ । ସେ ଭଉଣୀ ବସିଚି ବୋଲି ଭାବି କାମୋନ୍ମତ୍ତ ଅବସ୍ଥାରେ ଆସି ଯେତେବେଳେ ଶିମୁଳି ଖୁଂଟକୁ ଆଲିଂଗନ କରେ, ତା’ ଦେହରେ ଶିମୁଳି କଂଟା ବାଜେ । ସେ ରକ୍ତାକ୍ତ ହୋଇଯାଏ । ଅସହ୍ୟ ଯଂତ୍ରଣା ହୁଏ । ସେ ବୁଝିପାରେ ଯେ, ଭଉଣୀ ଶିମୁଳି ଗଛରେ ଶାଢ଼ିଟା ଗୁଡ଼େଇ ଦେଇଗଲା କାହିଁକି ? ଏକଥା ସେ ଗଭୀର ଭାବରେ ଚିଂତା କରି ଶେଷରେ ସମାଧାନରେ ପହଂଚେ ଯେ, ଶିମୁଳି ଖୁଂଟକୁ ଆଲିଂଗନ କଲେ ଯେମିତି ଯଂତ୍ରଣା ଛଡ଼ା

ଆଉ କିଛି ମିଳିବନି, ସେମିତି ଭଉଣୀକୁ ବାହା ହେଲେ ବି ଯଂତ୍ରଣା ଛଡ଼ା ଆଉ କିଛି ମିଳିବନି। ଯାହାର ବୁଦ୍ଧି ଥାଏ, ସିଏ ଶିମୁଳି ଗଛକୁ ଆଲିଂଗନ କରେନାହିଁ। ଠିକ୍ ସେମିତି ଭଉଣୀକୁ ବାହା ହେବାକୁ କେହି ମନ ବଳାଏନି।

ସବୁ କଥା ବୁଝିଯିବା ପରେ ଭଉଣୀ ପ୍ରତି ନିଜର ଆଚରଣକୁ ନେଇ ଭାଇ ଖୁବ ଅନୁତାପ କରି ତା'କୁ ବଣ ସାରା ଘୂରି ଘୂରି ଅନେକ ଖୋଜେ। ଆଉ ସେଇ ଦିନଠୁ ପରଜା ସଂପ୍ରଦାୟରେ ଭଉଣୀକୁ ବାହା ହେବା, ଅସାମାଜିକ କାର୍ଯ୍ୟଭାବରେ ଗଣା ହୁଏ।

---

1. ଧାଂଗଡ଼ା ଧାଂଗଡ଼ୀ : ଯୁବକ ଯୁବତୀ 2. ରିଂଜୋଡି ନନୀ : ଯେଉଁ ଯୁବତୀର ଗୋଡ଼ ଦୁଇଟି ସରୁ ସରୁ 3. ଡଂଗର : ପାହାଡ଼ ସଫା କରି ଚାଷ କରାଯାଉଥିବା ସ୍ଥାନ 4. ମୁଂଡ଼ବେଳା : ମଧ୍ୟାହ୍ନ 5. ଶାଗ୍ : ମାଂଡିଆ ଚୂନାରେ ତିଆରି ଜାଉ ଏବଂ ତରକାରୀ।

ମୂଷା କପୋତ କଥା

ଗୋଟିଏ ବଣରେ ଗୋଟେ ବାଉଁଶ ବୁଦା ମୂଳେ ମୂଷାମାନଙ୍କର ରାଜା ଗାତଟିଏ କରି ରହୁଥାଏ । ମୂଷା ରାଜାର ବହୁତ ପ୍ରତିପତ୍ତି । ତେଣୁ ସେ ତିନିଟା ସ୍ତ୍ରୀକୁ ଉଦ୍‌ଲିଆ[1] ଆଣିଥାଏ । ସ୍ତ୍ରୀ ମାନେ ହେଲେ ଲିଟି[2] ଚଢ଼େଇ, କାଉ ଏବଂ ପାଂଡକା[3] ତିନି ସ୍ତ୍ରୀକୁ ମୂଷା ରାଜା ଖୁବ୍ ଭଲ ପାଉଥାଏ । ହେଲେ ସ୍ତ୍ରୀମାନଙ୍କ ଭିତରୁ ତା'କୁ କିଏ ସବୁଠୁ ବେଶି ଭଲପାଏ, ସେକଥା ସେ ଜାଣିପାରୁ ନଥାଏ । ତିନି ସ୍ତ୍ରୀଯାକ ତ ତା'କୁ ଏମିତି ଖୁବ ଆଦର କରୁଥାନ୍ତି । ତଥାପି ସେଥିରେ ସେ ସଂତୁଷ୍ଟ ନଥାଏ । ତେଣୁ ଅସଲ କଥା ଜାଣିବା ପାଇଁ ଥରେ ମୂଷା ରାଜା ଗୋଟିଏ ଉପାୟ ପାଂଚିଲା ।

ତିନି ସ୍ତ୍ରୀକୁ ସେ ପାଖକୁ ଡାକିଲା ଓ କହିଲା, "ଦେଖ, ମୁଁ ତୁମକୁ ଖୁବ ଭଲପାଏ । ଆଉ ତମେ ମାନେ ବି ମତେ ଖୁବ ଭଲପାଉଚ । ହେଲେ କ'ଣ କରିବି କୁହ, ମୁଁ ଆଜି ମରିଯାଉଚି, ତମ କଥା ତମେ ବୁଝ ।" ଏତିକି କହି ମୂଷା ବାଉଁଶ ବୁଦା ମୂଳେ ଥିବା ଗାତ ଭିତରକୁ ପଶିଗଲା ।

ତିନି ସ୍ତ୍ରୀ ଦୁଃଖରେ ପୂରା ଭାଂଗି ପଡ଼ିଲେ । ତା'ପରେ ସେମାନେ ମୂଷାର ଗୁଣ ବାହୁନି କାଂଦିବା ଆରଂଭ କଲେ । ପ୍ରଥମେ ଲିଟି ଚଢ଼େଇ ଛାତିରେ ହାତ ପିଟି ପିଟି ବାହୁନିଲା—

ମୁଇଁ ଲିଟି ମୁଇଁ ଲିଟି
ମୂଷା ରାଜା ମରିଗଲା ।
ଗଂଦା ଇଂଦ୍ ପିଟି ପିଟି ।

ଅର୍ଥାତ୍ : ମୁଁ ଲିଟି, ମୁଁ ଲିଟି, ମୂଷା ରାଜା ମରିଗଲା, ଲୁଗା କାଟିବି ପିଟି ପିଟି ।

ଲିଟିର ବାହୁନା ଶୁଣି କାଉ ଅସଂଭାଳ । ତା' ପରେ କାଉ ବାହୁନା ଆରଂଭ କଲା—

ମୁଇଁ କାଉ ମୁଇଁ କାଉ
ମୂଷା ରାଜା ମରିଗଲା
ବୁଡ଼୍ ଭାତ ଖାଉ- କାନ୍ଦ ସେତିକି ରେଉ ।

ଅର୍ଥାତ୍ : ମୁଁ କାଉ, ମୁଁ କାଉ, ମୂଷା ରାଜା ମରିଗଲା, ଦଶା ଭାତ ଖାଇବା ଆସ- ଦୁଃଖ ସେତିକି ଥାଉ ।

ଏମାନଙ୍କ ବାହୁନା ଶୁଣି ପାଂଡ୍‌କା ଆଉ ଧୈର୍ଯ୍ୟ ଧରି ରହି ପାରିଲାନି । ସେ ବି ବାହୁନି ବାହୁନି କାଂଦିବା ଆରଂଭ କଲା-

ଗୁମ୍‌ରି ଗୁମ୍‌ରି ଚେଣ୍ଡକେ ସାମୀ ଗୁଗ୍‌ରୁସା
ଶୁକଡ଼ୀ ପାରା କାଏ ସାମୀ ଗୁଗ୍‌ରୁସା
ଗାଇ ଲେଂଜ୍ ପାରା ଲେଂଜ କାଏ ସାମୀ ଗୁଗ୍‌ରୁସା ।।

ଅର୍ଥାତ୍ : କେଡ଼େ ସୁଂଦରିଆ ଚୁଟି ତୁମର ହେ ସ୍ୱାମୀ, କେଡ଼େ ସୁଂଦରିଆ ଦାଂତ ତୁମର ହେ

ସ୍ୱାମୀ, ଗାଈ ଲାଂଜ ପରି ଲାଂଜ ତୁମର ହେ ସ୍ୱାମୀ !

ମୂଷା ରାଜା ତ ଗାତ ଭିତରେ ରହି ଏମାନଂକର ବାହୁନା ଶୁଣୁଥାଏ । ଯେମିତି ପାଂଡ଼୍‌କାର ବାହୁନା ସରିଛି, ମୂଷା ଗାତରୁ ବାହାରି ଖଂଡେ ଛାଟ ଭାଂଗି ଆଣି ଏମାନଂକ ଆଗରେ ହାଜର । ମୂଷା ରାଜାକୁ ଏମାନେ ଦେଖି ଡୁମା[4] ବୋଲି ଛାନିଆ ହୋଇ ଧାଇଁବା ଆରଂଭ କଲେ । ମୂଷାରାଜା ଛାଟଟାକୁ ହଲେଇଦେଇ କହିଲା, ''ରୁହ, କୁଆଡ଼େ ଯାଉଚ ? ଭାବୁଚ ମୁଁ ଡୁମା ବୋଲିତ ? ମୁଁ ମରିନି । ମୁଁ ଖାଲି ତୁମକୁ ପରଖୁଥିଲି । ଆଚ୍ଛା, ଲିଟି କଣ ବାହୁନୁଥିଲୁ, ପୁଣି ଥରେ ମତେ ଶୁଣେଇଲୁ ।'' ଲିଟି ପୂର୍ବରୁ ଯାହା ବାହୁନି ଥିଲା, ଯେମିତି ତାକୁ ଦୋହରେଇଚି ମୂଷା ଦେଲା ଛାଟରେ ଦି ପାହାର ତା'କୁ । ତା' ପରେ କହିଲା, ''ମୁଁ ତତେ ଆଉ ରଖିବିନି ।'' କାନମୁଂଡ ଆଉଁସି ଲିଟି ନିଜ ବାଟ ଦେଖିଲା । ଏଥର କାଉର ପାଳି । କାଉକୁ ମୂଷା ରାଜା କହିଲା, ''କଣ ବାହୁନୁଥିଲୁ, ପୁଣି ଥରେ ମତେ ଶୁଣା ।'' କାଉ ଆଗରୁ ଯାହା ବାହୁନିଥିଲା ତା'କୁ ଯେମିତି ଦୋହରେଇଚି, ମୂଷା ତା'କୁ ବି ଛାଟରେ ଦି' ପାହାର ପକେଇ ଘରୁ ଘଉଡ଼ିଦେଲା । ଶେଷରେ ପାଂଡ଼୍‌କାକୁ କହିଲା, ପୁଣି ଥରେ ବାହୁନିବା ପାଇଁ ପାଂଡ଼୍‌କା ବାହୁନିଲା-

''କେଡ଼େ ସୁଂଦରିଆ ଚୁଟି ତୁମର ହେ ସ୍ୱାମୀ
କେଡ଼େ ସୁଂଦରିଆ ଦାଂତ ତୁମର ହେ ସ୍ୱାମୀ
ଗାଈ ଲାଂଜ ପରି ଲାଂଜ ତୁମର ହେ ସ୍ୱାମୀ !''

ପାଂଡ଼୍‌କାର ବାହୁନା ଶୁଣିସାରି ମୂଷାରାଜା କହିଲା, ''ତୁ ହିଁ ପ୍ରକୃତରେ ମତେ ଭଲପାଉ । ସେ ଦିହେଁ ମୋ ସାଂଗରେ ଛଳନା କରୁଥିଲେ । ଏତିକି ଜାଣିବା ପାଇଁ ମୁଁ ଜାଣିଶୁଣି ମରିବାର ନାଟକ କରିଥିଲି, ବୁଝିଲୁ ?''

ତା' ପରେ ପାଂଡ଼୍‌କା ଓ ମୂଷା ରାଜା ଖୁସିରେ ରହିଲେ ।

---

1. ଉଦ୍‌ଲିଆ : ରାକ୍ଷସ ବିବାହ, ବିବାହ ନିମନ୍ତେ ହରଣ କରିନେବା 2. ଲିଟି ଚଢ଼େଇ : ଏକ କ୍ଷୁଦ୍ର ପକ୍ଷୀ ବିଶେଷ
3. ପାଂଡ଼୍‌କା : କପୋତ ପକ୍ଷୀ 4. ଡୁମା : ଭୂତ ।

ପିଟ୍‌କଂଦା[1] ରାଜା କଥା

କୋରାପୁଟ ଜିଲ୍ଲାର ମାଳ ମାଳ ପାହାଡ଼। ସେହି ପାହାଡ଼ ଦେଶରେ ଥାଏ ଜଣେ ରାଜା। ତା'ର ପ୍ରଜା ହେଲେ ପରଜା ଆଦିବାସୀମାନେ। ରାଜା ଖୁବ୍ ଅତ୍ୟାଚାରୀ। ଲୋକଂକ ଉପରେ ଖାଲି ଅତ୍ୟାଚାର କରେ। ରାଜ୍ୟର ଲୋକମାନେ ବଣ ପାହାଡ଼ ସାଂଗରେ ଯୁଝି ଯାହା କିଛି ପାଆଂତି, ସେଥିରୁ ଅଧା ରାଜାକୁ ଦେବାକୁ ପଡ଼େ। ନହେଲେ ରାଜାଘର ଲୋକ ଆସି ଲୋକଂକଠୁ ଜବରଦସ୍ତି ଛଡ଼େଇ ନେଇ ଯାଆଂତି। କଥାଟି ସେଇ ଦେଶର କଥା।

ସେ ଦେଶରେ ଥାଆଂତି ପରଜା ବୁଢ଼ୀଟିଏ ଆଉ ବୁଢ଼ାଟିଏ। ତାଂକର ପୁଅ ଝିଅ ବୋଲି କେହି ନଥାଂତି। ତେଣୁ ଏଇ ବୟସରେ ବି ତାଂକୁ ଅନେକ ପରିଶ୍ରମ କରିବାକୁ ପଡୁଥାଏ। ନହେଲେ ଖାଇବେ କ'ଣ ? ଡଂଗର[2] ବିଲ ତ ତାଂକର କିଛି ନଥାଏ। ସେଥିପାଇଁ ସେମାନଂକୁ ବଣ ପାହାଡ଼ ଉପରେ ନିର୍ଭର କରିବାକୁ ପଡୁଥାଏ। ନିତି ସକାଳୁ ଉଠି ବୁଢ଼ୀ ଚାଂଗୁଡ଼ିଟିଏ ମୁଂଡରେ ଧରେ। ଆଉ ବୁଢ଼ା ଧରେ ଛୋଟ ଟାଂଗିଆଟିଏ। ତା'ପରେ ଦିହେଁ ଯାଆଂତି ବଣକୁ। ବଣରେ ପିଟ୍‌କଂଦା ଖୋଳଂତି। କାଠ କାଟଂତି। କେଂଦୁ ଦିନେ କେଂଦୁ, ମହୁଲ ଦିନେ ମହୁଲ, ଆଂବ ଦିନେ ଆଂବ-ଯେବେ ଯାହା ମିଳେ, ତାକୁ ନେଇ ସଂଜରେ ଘରକୁ ଫେରନ୍ତି। ଏଇ ହେଲା ତାଂକର ଆଧାର। ହେଲେ ସେତିକିରେ ତାଂକ ଦୁଃଖ କଣ ସରେ ? ନା– ଯାହା ସବୁ ବଣରୁ ସଂଗ୍ରହ କରି ଆଣଂତି, ସେଥିରୁ ପୁଣି ରାଜାଘର ଲୋକଂକୁ ଅଧା ନଦେଲେ ରକ୍ଷା ନାଇଁ। କିଂତୁ କଣ କରାଯିବ ? ଯେମିତି ହେଲେ ବି ବଂଚିବାକୁ ପଡ଼ିବତ ? ଏମିତି ତାଂକର ଜୀବନ ବିତୁଥାଏ।

ବୁଢ଼ୀର କିଂତୁ ମନ ଭାରି ଦୁଃଖ। ତା' ଆଖିରୁ କେତେବେଳେ ଲୁହଧାର ଶୁଖୁନଥାଏ। ସେ ଖାଲି ଭାବୁଥାଏ ପୁଅଟିଏ ଯଦି ଥାଂତା, ତାକୁ କଣ ଏତେ ମେହେନତ କରିବାକୁ ପଡୁଥାଂତା। କେଡ଼େ ସୁଂଦର ପୁଅ, କାମ କରି ସବୁ ଜମେଇ ଆଣୁଥାନ୍ତା। ଆଉ ସେମାନେ ଆରାମରେ ବୁଢ଼ା ବୟସରେ ଦିନ କାଟୁଥାଂତେ। ଛାଡ଼- ମାଉଲୀ, ହୁଂଡିତ[3] ଦେଇନାହାଂତି। ମିଛରେ ଆପଣା କପାଳକୁ ନିଂଦିଲେ କଣ ହବ ? ବୁଢ଼ା ବୁଢ଼ୀକୁ ସବୁବେଳେ ବୁଝାଏ। କହେ, "ଆଲୋ, ବୁଢ଼ୀ, ଏବେ କଣ ବଳବୟସ ଆଉ ନାହିଁ ନା କଣ ? କପାଳରେ ଥିଲେ ନିଶ୍ଚେ ଦିନେ ପୁଅଟିଏ ଆମକୁ ମିଳିବ–ଆଉ ଏ ଅତ୍ୟାଚାରୀ ରଜାକୁ ମାରିବ। ଆମର ଦୁଃଖ ଯିବ।" ବୁଢ଼ୀ ତ ବୁଢ଼ାର କଥାକୁ ନଶୁଣିଲା ପରି ରହେ।

ଦିନେ ସକାଳୁ ସବୁଦିନ ପରି ସେମାନେ ବଣକୁ ବାହାରିଲେ। ବଣରେ ପହଂଚିଲା ବେଳକୁ ପେଜ ବେଳା[4] ହେଲାଣି। ବୁଢ଼ା ଭୋକରେ ଆଉଟୁ ପାଉଟୁ ହେଇ ବୁଢୀକୁ କହିଲା, "ବୁଢ଼ୀଲୋ, କ'ଣ ଆଣିଚୁ ଦେ, ଭାରି ଭୋକ ହେଲାଣି।" ବୁଢ଼ୀ ଲାଉ ତୁମ୍ବାରେ ଟିକେ ଆମ୍ବଟାକୁଆର[5] ପେଜ ଆଣିଥାଏ। ଆଉ କିଛି ପିଟ୍‌କଂଦା ସିଝା ଆଣିଥାଏ। ବୁଢ଼ାର କଥା ଶୁଣି- ବୁଢ଼ୀ ସରଗି ପତ୍ର[6] ଦି'ଟା ତୋଳି

ଆଣି ଠୋଲା ତିଆରି କରି ସେଥିରେ ବୁଢ଼ା ପାଇଁ କିଛି ଆଂବଟାକୁଆ ପେଜ ଢ଼ାଳିଦେଲା । ଟିକେ ଲୁଣ ହାତରେ ଧରେଇଦେଲା । ଗୋଟେ ପତ୍ରରେ କିଛି ପିଟ୍‌କଂଦା ଥୋଇଦେଲା । ବୁଢ଼ା ପେଜ ପିଇଲା । ପିଟ୍‌କଂଦା ଖାଇଲା । ତା' ପରେ ଝରଣାକୁ ଯାଇ ଆଂଜୁଳା ଆଂଜୁଳା କରି ପେଟେ ପାଣି ପିଇଲା । ବୁଢ଼ାର ଆଖିପତା ପଡ଼ିଆସିଲା ପରି ଯେମିତି ତା'କୁ ଲାଗିଚି, ସେ ଦି ଚାରିଟା ଡାଳ ଭାଂଗି ଗୋଟେ ଗଛମୂଳେ ପକେଇ ଆରାମରେ ଶୋଇଗଲା ।

ଏଣେ ବୁଢ଼ୀ ପେଜ ପିଇସାରି ଦେଖିଲା, ବେଳ ବସିବାକୁ[7] ଆଉ ଅଳ୍ପ ସମୟ ବାକି । ତେଣୁ ସେ ବୁଢ଼ାକୁ ଜୋରରେ ହଲେଇ ଦେଇଚି ଯେମିତି, ବୁଢ଼ା ଧଡ଼ପଡ଼ ହେଇ ଉଠି ବସିଲା । ବୁଢ଼ୀ ପଚାରିଲା, ‘‘ଆଜି କଣ ଆଉ କଂଦା ଫଂଦା ଖୋଳିବୁନି କି ? ଦେଖୁଚୁ ପରା ବେଳ ବସିବାକୁ ଗଲାଣି ।’’ ବୁଢ଼ା ନିଦୁଆ ନିଦୁଆ ଗଳାରେ କହିଲା, ‘‘ହଁ ହଁ, ଖୋଳିବି, ଏମିତି ଛାନିଆ କାହିଁକି ହଉଚୁ ।’’ ବୁଢ଼ା ଆଖପାଖରେ ପିଟ୍‌କଂଦାମାନ ଖୋଜିଲା ।

ତା' ପରେ ଗୋଟେ ପିଟ୍‌କଂଦା ପାଳକୁ ଧରି ଧରି ତା' ମୂଳ ମାଖରେ ପହଂଚି ଖୋଳିବା ଆରମ୍ଭ କଲା । ବୁଢ଼ା ଏମିତି ଅନେକ ସମୟ ଧରି ଖୋଳିଲା । ହେଲେ କିଛି ମିଳିଲା ନାହିଁ । ଶେଷରେ ବୁଢ଼ା ରାଗିଗଲା । ଭାବିଲା, ଏତେ ଖୋଳିଲି, କିଛି ମିଳିଲାନି । ନା, ମୁଁ ଆଜି ଛାଡ଼ିବିନି । କଂଦା ମିଳିବାଯାଏଁ ଏମିତି ଖୋଳୁଥିବି ।

ବୁଢ଼ା ଖୋଳିଚାଲିଲା । ଖୋଳୁ ଖୋଳୁ ଭୁସ୍ ଭାସ୍ କରି ମାଟି ତଳକୁ ଖସିପଡ଼ିଲା । ଗାତ ଭିତରେ ଆଉ ଗୋଟେ ବଡ଼ ଗାତ । ସେଠି ଶୋଇଛି ଗୋଟିଏ ଅପୂର୍ବ ସୁନ୍ଦର ପିଲା । ମୟୂରଟିଏ ପୁଛ ମେଲେଇ ତା' ମୁଣ୍ଡ ପାଖରେ ଠିଆ ହେଇଚି । ବାଘୁଣୀଟେ ପିଲାକୁ କ୍ଷୀର ପିଆଉଚି । ଆଉ କେତେ ଜନ୍ତୁ ସେଠି ଏଣେ ତେଣେ ହଉଚନ୍ତି ।

ଏ ଅଦ୍ଭୁତ କଥା ଦେଖି ବୁଢ଼ା ଆବାକାବା ହୋଇ ବୁଢ଼ୀକୁ ଡାକ ପକେଇଲା । ବୁଢ଼ୀ ବି ଏସବୁ ଦେଖି କାବା । ହେଲେ ପିଲାଟିକୁ ଦେଖି ତା'ର ମନ ଖାଲି ଉଚ୍ଛନ୍ନ ହେଲା । ସେ ବୁଢ଼ାକୁ କହିଲା, ‘‘ଶୁଣ୍, ଆମର ପୁଅଝିଅ ନାହିଁ ବୋଲି ଡଂଗର ଦେବତା ଆମକୁ ଏ ପିଲାଟା ଦେଇଚି । ନହେଲେ କଂଦାଗାତ ଭିତରକୁ ପିଲା ଆସିବ କୁଆଡୁ ? ଚାଲ୍ ଆମେ ପିଲାକୁ ନେଇ ପାଳିବା ।’’ ବୁଢ଼ା କହିଲା, ‘‘ଆଲୋ ଦେଖୁଚୁ ପରା- ତା'କୁ ବାଘୁଣୀଟେ କ୍ଷୀର ପିଆଉଚି- ଆଉ କେତେ ଜଂତୁ ଜାନୁଆର ଏଣେତେଣେ ହଉଚନ୍ତି । ଆଉ ତାଙ୍କ ମଝିରୁ ପିଲାଟାକୁ ଆଣିଲେ, ସେମାନେ କଣ ଛାଡ଼ିବେ ?’’ ବୁଢ଼ୀ କିନ୍ତୁ ନଛୋଡ଼ବନ୍ଧା । ସେ କହିଲା, ‘‘ପିଲାଟାକୁ ଘରକୁ ନନେଲେ ସେ ଆଉ ଘରକୁ ଫେରିବନି’’ ବୋଲି । ବୁଢ଼ା ବୁଢ଼ୀର ଜିଦ୍ ଦେଖି ଶେଷରେ ଡରି ଡରି ଗାତ ଭିତରକୁ ପଶିଲା । ଆଉ ଛୁଆଟିକୁ ଯେମିତି ଧରିବାକୁ ଯାଇଚି, ସବୁ ଜଂତୁ ତାକୁ ବାଟ ଛାଡ଼ିଦେଲେ । ବୁଢ଼ାର ପିଂଡରେ ପ୍ରାଣ ପଶିଲା । ସେ ପିଲାକୁ ଧରି ବାହାରକୁ ଆସି, ତା'କୁ ବୁଢ଼ୀ ହାତରେ ଦେଲା । ବୁଢ଼ୀ ଅତି ଖୁସି । ତା' ଗୋଡ଼ ଆଉ ତଳେ ଲାଗିଲାନି । ଦିହେଁ ମାଉଲୀ ହୁଂଡି, ଡଂଗର ଦେବତା[8] ସମସ୍ତଙ୍କୁ ମନେମନେ ଜୁହାର କରି ଘରକୁ ଚାଲିଲେ ।

ପିଲାଟିକୁ ସେମାନେ ପୁଅ ପରି ପାଳିଲେ । ପିଲାଟା ଧୀରେ ଧୀରେ ଯେତିକି ବଡ଼ ହେଉଥାଏ, ରାଜାର ଅତ୍ୟାଚାର ସେତିକି ବଢୁଥାଏ । ତା' ଲୋକମାନେ ଆସି ଏମାନଂକ ଗାଁରେ ସେତିକି ଲୁଟ୍ ପାଟ୍ କରୁଥାନ୍ତି । ଏସବୁ ଦେଖି ପିଲାର ମନ ସବୁବେଳେ ବିଦ୍ରୋହ କରୁଥାଏ । ସେ ମନେମନେ ଭାବୁଥାଏ, ବଡ଼ ହେଲେ ରାଜାକୁ ମାରିବ ବୋଲି । ତେଣୁ ବାଉଁଶରେ ଖଂଡାଟେ ତିଆରି କରି ସବୁବେଳେ ଖେଳୁଥାଏ । ବୁଢ଼ା ବୁଢ଼ୀ ପଚାରିଲେ କହେ— ଦେଖିବ ଦିନେ ନିଶ୍ଚେ ଏ ବାଉଁଶ ଖଂଡାରେ ରାଜାକୁ

ମାରିବି।'' ପିଲା ପାଇଁ ବୁଢ଼ା ବୁଢ଼ୀଂକର ଭାରି ଚିଂତା। ସେମାନେ ଭାବୁଥାଂତି ଯେ, ଯଦି ରାଜା ଏକଥା ଶୁଣିବ, ତେବେ ସେମାନେ ମରିବେ। ଏ ପୁଅ ବି ଅବୁଝା।

ଦିନ ଗଡ଼ି ଗଡ଼ି ଚାଲିଥାଏ। ଧୀରେ ଧୀରେ ପୁଅ ଧାଂଗଡ଼ା ହେଲା। ସେ ଶୁଣିଲା, ରାଜାର ସୁଂଦର ଝିଅଟେ ଅଛି। ସେ ତା'ପରେ ମନେମନେ ସ୍ଥିର କଲା ରାଜାକୁ ମାରିବି, ଆଉ ତା' ଝିଅକୁ ବାହାହେବି। ଦିନେ ବୁଢ଼ା ବୁଢ଼ୀ ରାଜା ଘରକୁ ପାନୁ[9] ଦେବାକୁ ବାହାରିଥାଂତି। ପୁଅ ସେଠି ଆସି ହାଜର। ସେ ବି ସାଂଗରେ ଯିବାକୁ ବାହାରିଲା। ବୁଢ଼ା ବୁଢ଼ୀ ଯେତେ ମନାକଲେ ମାନିଲାନି। ଶେଷରେ ସେମାନେ ବାଧ୍ୟ ହେଇ ସାଂଗରେ ତା'କୁ ରାଜା ଘରକୁ ନେଲେ। ହେଲେ ତାକୁ ସେଠି ଯାଇ ଦୁଷ୍ଟାମୀ କରିବାକୁ ମନା କଲେ।

ପୁଅ ସବୁ ସମୟ ପରି ସେତେବେଳେ ବି ହାତରେ ଧରିଥାଏ ତା'ର ବାଉଁଶ ଖଂଡା। ସେମାନେ ଯାଇ ରାଜାର ଉଆସରେ ପହଂଚିଲେ। ସେଠି ଅନେକ ପରଜା ପାନୁ ଦେବାକୁ ଯାଇ ହାତ ଯୋଡ଼ି ଛିଡ଼ା ହେଇଥାଂତି। ଏମାନେ ବି ଯାଇ ପହଞ୍ଚିଲେ। ବୁଢ଼ା ବୁଢ଼ୀ ରାଜାକୁ ଦେଖୁଦେଖୁ ଥରହର ହେଇ ହାତ ଯୋଡ଼ି ଜୁହାର କଲେ। ଏଣେ ପୁଅକୁ ଠାରିଲା ବେଳକୁ ପୁଅ କଣ କଲାନା– ନିଜର ଗୋଟାଏ ଗୋଡ଼ ଉପରକୁ ଟେକିଦେଲା। ଏକଥା ଦେଖି ଲୋକେ ଛାନିଆ। ଭାବିଲେ– ଆଜି ଯା'ର ପ୍ରାଣ ଗଲା। ତେଣେ ରାଜା ବି ଖପ୍‌ପା– ସେ ନିଶ ମୋଡ଼ିମୋଡ଼ି ତା' ଖଂଡାଟା ଧରି ଚିତ୍କାର କଲା, ''କିଏରେ ତୁ? ମତେ ଦେଖି ଗୋଡ଼ ଉଠଉଚୁ? ଜାଣିଚୁ ମୁଁ ଏ ପରଜା ଦେଶର ରାଜା? ଏବେ ତୋ ଗଂଡିରୁ ମୁଂଡଟାକୁ ଛିଡ଼େଇଦେବି। ଯେ'ବି କୋଉ ଛାଡ଼ିବା ପିଲା। ଯେ କହିଲା, ''ଯା' ଯାଃ' ଲୁହା ଖଂଡା ଧରି ଟାଣ ଦେଖାଉଛୁ? ଜାଣିଚୁ, ମୋ ବାଉଂଶ ଖଂଡା ଆଗରେ ତୋ ଲୁହା ଖଂଡା କିଛି ନୁହଁ। ଯଦି ବପୁ[10] ଅଛି ମୋ ସାଂଗରେ ଲାଗ୍‌।''

ରାଜାତ ନିଆଁବାଣ। ସେ ଖଂଡାଟାକୁ ଧରି ଡେଇଁପଡ଼ିଲା ଯା' ଆଗକୁ। ବୁଢ଼ା ବୁଢ଼ୀ ଖାଲି ରାଜାକୁ କାକୁତି ମିନତି ହେଇ ପୁଅକୁ ଛାଡ଼ିଦେବାକୁ କହୁଥାଂତି। ହେଲେ– ଯାଂକ କଥା କିଏ ଶୁଣୁଛି? ଦିହିଁଙ୍କ ଭିତରେ ଲାଗିଲା ଘମାଘୋଟ ଲଢେଇ। ଏମିତି ଲଢ଼େଇ ଚାଲୁଚାଲୁ ରାଜା ହାତରୁ ଯେମିତି ଲୁହା ଖଂଡାଟା ଛିଟିକି ପଡ଼ିଚି, ଯେ' ତା ବାଉଁଶ ଖଂଡାଟାକୁ ରାଜାର ପେଟରେ ପୂରେଇଦେଲା। ରାଜା ଚିତ୍କାର କରି ଛଟପଟ ହେଇ ମରିଗଲା।

ଏଇ ଯୁଦ୍ଧ ଦୂରରେ ଠିଆ ହେଇ ଦେଖୁଥାଏ ରାଜାର ଝିଅ। ଯେମିତି ରାଜା ମଲା, ସେ ଆସି ବୁଢ଼ା ବୁଢ଼ୀର ପୁଅକୁ କହିଲା, ''ତୁ ଯାହା କଲୁ, ଭଲ କଲୁ। ଏଥର ସମସ୍ତେ ସୁଖରେ ରହିବେ।'' ଏ କଥା ଶୁଣି ଯେ' କହିଲା, ''ସବୁ ହବ ଯେ; ମୋର ପଣ ହେଲା-ତତେ ବାହା ହେବା।'' ରାଜା ଝିଅ ଏକଥା ଶୁଣି ଖୁସିରେ ରାଜି ହେଇଗଲା। ସମସ୍ତେ ବୁଢ଼ା, ବୁଢ଼ୀ, ତାଂକ ପୁଅ ଆଉ ରାଜାଝିଅର ଜୟ ଜୟକାର କଲେ। ଦିହେଁ ବାହାହେଲେ– ପରଜା ରାଇଜର ରାଜା ପରଜା ହେଲା। ସୁଖରେ ସଭିଏଁ ରହିଲେ। ପରଜାମାନଂକ ଦୁଃଖ ଗଲା।

---

1. ପିଟ୍‌କଂଦା : ଏକ ପ୍ରକାର ବଣୁଆ କନ୍ଦମୂଳ 2. ଡଂଗର : ପାହାଡ଼ ଜମି 3. ମାଉଲୀ, ହୁଂଡ଼ି : ଗ୍ରାମ ଦେବୀ
4. ପେଜ ବେଳା : ମଧ୍ୟାହ୍ନ ଭୋଜନ ସମୟ 5. ଆଂବଟାକୁଆର : ଆଂବ କୋଇଲି ଖୁଆଇ କରାଯାଉଥିବା ଗୁଣ୍ଡ
6. ସରଗି ପତ୍ର : ଶାଳ ପତ୍ର 7. ବେଳ ବସିବାକୁ : ସଂଜ ହେବାକୁ 8. ଡଂଗର ଦେବତା : ପାହାଡ଼ ଦେବତା
9. ପାନୁ : କର, ଟିକସ, ଖଜଣା 10. ବପୁ : ସାହସ ବା ବଳ।

କୁକୁଡ଼ା ଗଂଜା କଥା

ଗୋଟିଏ ଗାଁରେ ବୁଢ଼ୀଟିଏ ବୁଢ଼ାଟିଏ ରହୁଥାଂତି। ସେମାନଂକର ପୁଅ ଝିଅ ବୋଲି କେହି ନଥାଂତି। ଡଂଗର ବିଲରୁ ଯାହା ପାଚେ ସେଇଥିରେ ଦିହିଁଙ୍କର ବେଶ୍ ଚଳିଯାଏ। ବେଶି ଗୁଡ଼ାଏ ପରିଶ୍ରମ କରିବାକୁ ଇଛା ବି ନାହିଁ। ପରିଶ୍ରମ କାହା ପାଇଁ କରିବେ ? ସେମାନଂକୁ ଛାଡ଼ିଲେ ଘରେତ ଆଉ କେହି ନାହିଁ। ତେଣୁ ଦିହେଁ ଏକ ରକମ ମନମାରି ବଂଚୁଥାଂତି।

ଦିନକର କଥା। ବୁଢ଼ା ବୁଢ଼ୀ ଦିହେଁ ମାଂଡିଆ ବିକି ଯାଇଥାଂତି ହାଟକୁ। ହାଟରେ ମାଂଡିଆ ବିକା ସରିଲା ପରେ ବୁଢ଼ୀ ଦେଖିଲା— ଲୋକଟିଏ ଭଲ କରି ପର ଗଜୁରି ନଥିବା କୁକୁଡ଼ା ଟିଅଁଟେ[1] ବିକୁଚି। ବୁଢ଼ୀ ହାତରେ ତ ଦି ପଇସା ପଡ଼ିଚି। ତେଣୁ ବୁଢ଼ା ବୁଢ଼ୀ ଟିଅଁଟାକୁ ମୂଲେଇ ଦର ଛିଡ଼ିଯିବା ପରେ ଟଂକାଏ ଦେଇ କିଣିଲେ। ବୁଢ଼ା ପଚାରିଲା, ''କିଲୋ ବୁଢ଼ୀ, ଏ କୁକୁଡ଼ା ଟିଅଁ ନେଇ କ'ଣ କରିବୁ ?'' ବୁଢ଼ୀ କହିଲା, ''ପୋଷିବା। ଦେଖୁଚତ ଘରେ ଆମ ଦିହିଁଙ୍କି ଛାଡ଼ିଦେଲେ ଆଉ କେହି ନାଇଁ। ଘରେ ପଶିଲେ ଘରଟା କେମିତି ଖାଁ ଖାଁ ଲାଗୁଚି। ଘରେ ରହିବାକୁ ଭଲ ଲାଗୁନି। ଏ ଟିଅଁକୁ ନେଲେ ଯେ ଘରଟା ସାରା ଚିଁ ଚିଁ ହେଇ ବୁଲିବ ହେଲେ। ଘରଟା ଟିକେ ଭଲ ଲାଗିବ। ତା' ପରେ ବଡ଼ ହେଲା ପରେ ଯେତେବେଳେ ଡାଲା ଚାଂଗଡ଼ା[2] ରେ ରଖା ହେଇଥିବା ମାଂଡିଆ ଧାନ ଖାଇବ, ଆଉ ମୁଁ ତା'କୁ ବାଡ଼ି ଧରି ଘଉଡ଼ିବି, ସେ ପୁଣି ଅଝଟ କଲା ପରି ଆସି ଖାଇବ। ମୁଁ ପୁଣି ...।'' ବୁଢ଼ା କହିଲା, ''ହଉ, ସେତିକି ଥାଉ। ଚାଲ ଘରକୁ ଫେରିବା, ସଂଜ ହେଲାଣି।''

ବୁଢ଼ୀ ବୁଝିଲା ଯେ, ବୁଢ଼ା ତା' କଥାକୁ ଠିକ୍ ଭାବରେ ଗ୍ରହଣ କରିପାରୁନି। ହଁ, ପିଲା ଛୁଆ ନଥିଲେ ବୁଢ଼ାର ଯାଏ କେତେ, ଆସେ କେତେ। ସେ ତ ତା'ର ଲଂଦା[3] ପେଂଡମ୍[4] ସଲପ[5] ଖାଇ ମାତାଲ୍ ହେଇ ସବୁବେଳେ ପଡ଼ିଥାଏ। ହୋସରେ ଥିଲେ ସିନା ବୁଢ଼ୀର ମନକଥା ସେ ବୁଝଂତା। ତଥାପି ବୁଢ଼ୀ ତା'କୁ କହିଲା, ''ବୁଢ଼ା, କୁକୁଡ଼ାଟା ବଡ଼ହେଇ ଘର ସାରା ଖୁଂପି ଖୁଂପି ଏଣେତେଣେ ବୁଲିଲେ ଛୁଆଟିଏ ବୁଲିଲା ପରି ଲାଗିବନି ?'' ବୁଢ଼ା ବୁଢ଼ୀ କଥାର ଉତ୍ତର କିଛି ନଦେଇ ଗୁମ୍ ମାରି ବାଟ ଚାଲିବା ଆରମ୍ଭ କଲା। ବୁଢ଼ୀ ଚାଲିଲା ତା' ପଛେ ପଛେ।

ଘରେ ପହଂଚି ବୁଢ଼ୀ ଟିଅଁ କୁକୁଡ଼ା ଉପରେ ଗୋଟେ ଛୋଟ ଚାଂଗଡ଼ା ଢ଼ାଂକିଦେଇ ଉପରେ ଛୋଟ ପଥରଟିଏ ଥୋଇଦେଲା। ନହେଲେ ରାତିରେ ବିଲେଇ ଆସି ଟିଅଁଟାକୁ ସଫା କରିଦେବ। ଟିଅଁ କୁକୁଡ଼ା ପାଇଁ ବୁଢ଼ୀର ମନ ବଡ଼ ଶରଧା। ଦିନ ଗଡ଼ି ଚାଲିଲା। ଟିଅଁ ଦିହରେ ପର ଗଜୁରିଲା। ଚିଁ ଚିଁ ଡାକ ଛାଡ଼ି ଧୀରେ ଧୀରେ ଟେଂ ଟେଂ ଡାକିଲା। ମୁଂଡରେ ନାଲିଆ ଚୂଳଟାଏ ଦିଶିଲା। ଘରଟା ସାରା ବୁଲିଲା। ବୁଢ଼ୀର ଖାଲି ଦିନ ବିତିଲା- ସି...ସି...ସା... ସା କରି ତାକୁ ଘଉଡ଼େଇବାରେ। ବୁଢ଼ୀ ଯେତେ ଘଉଡ଼େ, କୁକୁଡ଼ା ସେତିକି ତା'କୁ ହଇରାଣ କରେ। ବୁଢ଼ୀ ବିରକ୍ତ ହୁଏ। କିଂତୁ ସେ ବିରକ୍ତି ହିଁ ବୁଢ଼ୀର ଆନନ୍ଦ। ବୁଢ଼ା କିଂତୁ କୁକୁଡ଼ାକୁ ଆଡ଼ ଆଖିରେ ବି ଅନାଏନି। କୁକୁଡ଼ାକୁ ଦେଖିଲେ

ଖାଲି ବୁଢ଼ୀ ଉପରେ ମିଛଟାରେ ଗରଗର ହୁଏ।

ଏମିତି ଦିନ ଗଡ଼ି ଚାଲିଥାଏ। ବୁଢ଼ୀ ଦିନେ ହାଟରୁ କୁକୁଡ଼ା ପାଇଁ ଦି'ଟା ବଡ଼ ଘୁଂଗୁର ଆଣି ତା' ଗୋଡ଼ରେ ଶିଆଳି ପଟରେ ବାଂଧିଦେଲା। ଘରଟା ସାରା କୁକୁଡ଼ା ରୁଣୁଝୁଣୁ ଶବ୍ଦ କରି ବୁଲିଲା। ବୁଢ଼ୀର ଆନଂଦ ଦେଖେ କିଏ! ତା'କୁ ଲାଗିଲା ଯେମିତି ତା' ପୁଅ କି ଝିଅଟେ ଘରଟା ସାରା ବୁଲୁଚି।

କୁକୁଡ଼ା ଆହୁରି ବଡ଼ ହେଲା। ମୁଂଡରେ ଚୂଳ ଉଠିଲା। ପୁଚ୍ଛ ପୂରା ଉପରକୁ ଉଠି ତଳକୁ ଝୁଲି ପଡ଼ିଲା। ବୁଢ଼ୀ ତା' କୁକୁଡ଼ାର ଏ ରୂପକୁ ଦେଖି ବୁଢ଼ାକୁ କହିଲା, ''ଦେଖିଲୁ ବୁଢ଼ା, ଏଇଟା ଗଂଜାଟାଏ। ଆଉ ଦିନ କେଇଟା ଗଲେ କ-କରେ-କାଁ କରି ରାବିବ। ଭଲ ଲାଗିବ, ନାଇଁ?'' ବୁଢ଼ା ବୁଢ଼ୀକୁ କିଛି ନ କହି ଗୁମ୍ ମାରି ରହିଲା। ବୁଢ଼ା ସିନା ଆଗରୁ ଟିଅଁ ଥିଲାବେଳେ କୁକୁଡ଼ାକୁ ଦେଖି ରାଗୁଥିଲା। ଏବେ ତା'ର ଜାତିଆ ଗଂଜା ରୂପ ଦେଖି ତା' ପାଟିରୁ ଲାଳ ବୋହିଲା। ସେ ଫନ୍ଦି ଫିକର କରି କେମିତି ଗଂଜାକୁ ଖାଇବ, ସେ ଚିଂତାରେ ଖାଲି ରହିଲା। ଦିନେ ସେ ପାଖ ଗାଁର ଜଣେ ଲୋକକୁ ଦେଖି ତା' ସାଂଗରେ ଯୋଜନା କଲା କୁକୁଡ଼ା ଖାଇବା ପାଇଁ।

ତା' ପରଦିନ ସେ ଲୋକ ଆସି ୟାଂକ ଘରେ ହାଜର। ସେ ବୁଢ଼ୀକି କୁକୁଡ଼ା ମାଗିଲା ଦି ଟଂକାରେ। ବୁଢ଼ୀ କହିଲା, ପ୍ରାଣ ଗଲେ ବି ସେ ତା ଗଂଜାକୁ ବିକିବନି। ହେଲେ ବୁଢ଼ା କହିଲା, ''ଆଲୋ, ଦେଖୁଚୁ ଘରଟା ସାରା ହଗି ହଗି କେମିତି ଅପରିଷାର କରୁଛି। ଏଇଟାକୁ ପାଂଚ ଟଙ୍କା ଦେଲେ ଦେଇଦେବା। କଂଟା ଯିବ। ହଇଲୋ! ଏଇଟା କଣ ତୋ' ପୁଅ ଯେ, ତତେ ମଲେ ପିଂଢିବ? ହେଇଟି ଶୁଣ୍, ୟାକୁ ବିକିଦେବା। ଆଉ ପାଂଚ ଟଂକାରେ ତୋ ପାଇଁ ପାଂଟାଇ[6] ଖଣ୍ଡେ କିଣିବା।''

ବୁଢ଼ୀ କିଂତୁ ରାଜି ହେଲାନି। ବୁଢ଼ା ଆଉ ବୁଢ଼ୀର ରାଜି ଅରାଜିକୁ ନଜରି ପାଂଚ ଟଂକା ଲୋକଟା ପାଖରୁ ରଖି ଗଂଜାକୁ ଧରି ତା' ହାତରେ ଦେଇଦେଲା। ବୁଢ଼ୀ ଗଂଜା ପାଇଁ ଖୁବ କାଂଦିଲା। ହେଲେ ବୁଢ଼ା କାଂଦ ଫାନ୍ଦ ଆଡ଼କୁ କାନ ନଦେଇ ସିଧା ଚାଲିଲା ଲୋକଟାର ପଛେପଛେ।

ଦିହେଁ ଆର ଗାଁକୁ ଯାଇ ସେଠି କୁକୁଡ଼ାକୁ ମାରି ରାଂଧିଲେ। ବୁଢ଼ା ହାତରେ ତ ପଇସା ଥାଏ-ସେ ପଇସାରେ ଫୁଲି ମଦ[7] ଆସିଲା। ଦିହେଁ ମଦ ପିଇ କୁକୁଡ଼ା ମାଉଁସ ମନ ଖୁସିରେ ଚାଖଣା[8] କଲେ। ବୁଢ଼ା ରାତି ଅଧରେ ଟଳି ଟଳି ଘରକୁ ଫେରିଲା। ଆଉ ବେହୋସ ହୋଇ ଘର ପିଂଡାରେ ଟଳିପଡ଼ିଲା।

ସକାଳେ ଉଠି ଦେଖିଲା, ବୁଢ଼ୀ ବସି କାନ୍ଦୁଚି—

ଘର ହଇଗଲା ଚିମ୍‌ରା ଦେକ୍ ଡକରା
ଗଂଜା କୁକୁଡ଼ାକେ ବିକିଲା ମଡ଼ା ଡକରା
ସୁଲର୍ ସାଲର୍ ନାଇଁରେ ଏବେର୍ ଡକରା
ଗୁଲର୍ ଗାଲର୍ ନାଇଁରେ ଏବୋର ଡକରା
ଘର ହେଇଗଲା ଚିମ୍‌ରା ଦେକ୍ ଡକ୍‌ରା।

ଅର୍ଥାତ୍: ଘର ନିଛାଟିଆ ହେଲାରେ ବୁଢ଼ା
ଗଂଜା କୁକୁଡ଼ାକୁ ବିକିଲୁ ମଡ଼ା
ରୁଣୁଝୁଣୁ ଆଉ ହଉନି ବୁଢ଼ା
ବିକିଦେଲୁ ମୋର ଗଂଜା କୁକୁଡ଼ା
ଘର ନିଛାଟିଆ ହେଲାରେ ବୁଢ଼ା।

ବୁଢ଼ାର ନିଶା ପାକି[9] ଯାଇଥାଏ। ସେ ବୁଢ଼ୀ... ାଧ ଶୋଧ କରିବା ଆରଂଭ ଯେମିତି କଲା,

ବୁଢ଼ୀ କହିଲା, "ମତେ କିଛି କହନା । ତୁ ମୋ ପୁଅକୁ ବିକି ଖାଇଚୁ ।" ପୁଅ ଶବ୍ଦ ଶୁଣି ବୁଢ଼ା ମନକୁ କଥାଟା ଛୁଇଁଲା । ବୁଢ଼ା ଏବେ ବୁଝିଲା, ବୁଢ଼ୀ କୁକୁଡ଼ାକୁ କେତେ ସ୍ନେହ କରୁଥିଲା । ବୁଢ଼ାର ମନ ଅନୁତାପରେ ଜଳିଗଲା । ହେଲେ କଣ ହେବ ? କୁକୁଡ଼ା ଗଂଜା ତ ତା' ପେଟରେ ଜୀର୍ଣ୍ଣ ହୋଇ ସାରିଲାଣି । ବୁଢ଼ା ଆଉ ବୁଢ଼ୀକୁ ବୁଝେଇବାକୁ ଭାଷା ପାଇଲାନି । ବୁଢ଼ୀ ପୁଣି କୁକୁଡ଼ାକୁ ଝୁରି ଝୁରି କାନ୍ଦିଲା ।

---

1. ଟିଅଁ : କୁକୁଡ଼ା ଛୁଆ 2. ଡାଲା, ଚାଂଗଡ଼ା : ବାଉଂଶରେ ତିଆରି ଟୋକେଇ ଓ ଚାଂଗୁଡ଼ି 3. ଲଂଦା : ମାଂଡିଆକୁ ପଚେଇ ପ୍ରସ୍ତୁତ କରାଯାଇଥିବା ଏକ ପ୍ରକାର ନିଶା ପାନୀୟ 4. ପେଂଡମ୍ : ଚାଉଳି ବା ଚାଉଳକୁ ପଚାଇ ପ୍ରସ୍ତୁତ କରାଯାଉଥିବା ଏକପ୍ରକାର ନିଶା ପାନୀୟ 5. ସଲପ : ସଲପ ଗଛର ରସ 7. ପାଂଟାଇ : ଲୁଗା 8. ଫୁଲି ମଦ : ଖାଂଟି ମଦ, ଦେଶୀ ମଦ 9. ଚାଖଣା : କୌଣସି ନିଶା ଜିନିଷ ଖାଇବା ସମୟରେ ତା' ସହ ମାଂସ, ଶୁଖୁଆ ପୋଡ଼ା ଇତ୍ୟାଦି ଚାଖି ଖାଇବା 10. ଫାକି : କମିଯିବା ।

ଗାଁ କୁକୁଡ଼ା କେମିତି ବଣ କୁକୁଡ଼ା ହେଲା

ଗୋଟିଏ ପରଜା ଗାଁରେ ଗୋଟେ ସାଉକାର ଥାଏ । ତା'ଘରେ ଗୋଟିଏ ମାଈ କୁକୁଡ଼ାଗୁଡ଼ାଏ ଛୁଆ ଫୁଟେଇଥାଏ । ଘର ଆଗରେ ବାଇଗଣ ବାଡ଼ି । ନିତି ମା' କୁକୁଡ଼ା ତା' ଛୁଆଙ୍କୁ ନେଇ ବାଇଗଣ ଗଛମୂଳେ ଗୋଡ଼ ନଖରେ ମାଟି ଉଖାରି ଡେଣାତଳେ ବସାଇ ବୁଲାଏ । ମୁଣ୍ଡ ଉପରେ ବାଇଗଣଟିଏ ଫଳିଥାଏ । ସେ ଏମାନଂକୁ ଦେଖି ଭାବେ— ଆହା ମୋ ମା'ଯଦି ସବୁବେଳେ ବଂଚନ୍ତା, ତା' ହେଲେ ଏମାନେ ଆସି ଖରାବେଳେ ଏଠି ହାଲିଆ ମାରଂତେ ।

ଏମିତି ନିତି ମା' କୁକୁଡ଼ା ସେଠି ଆସି ବସେ । ବାଇଗଣ ସେମାନଂକୁ ଦେଖି ଖୁସି ହୁଏ । ଦିନେ କଣ ହେଲାନା— ମା କୁକୁଡ଼ା ସେଠି ବସୁବସୁ ଢ଼ୋଳେଇ ପଡ଼ିଲା । ସଂଜ କେତେବେଳେ ହେଲା ସେ ଜାଣି ପାରିଲାନି । ଆଉ ହଠାତ୍ ବିଲୁଆଟେ ଆସି ତାକୁ ଝାଂପି ନେଇଗଲା । ଛୁଆଗୁଡ଼ାକ ଚିଁ ଚାଁ ହେଇ ମା' ପାଇଁ ଅନେକ କାଂଦିଲେ । ଏକଥା ଦେଖି ବାଇଗଣର ମନ ବଡ଼ ଦୁଃଖ ହେଲା । ସେ ଛୁଆମାନଂକୁ ବୋଧ ଶୋଧ କରି ଘରକୁ ପଠେଇଲା । ସେମାନେ ଯାଇ ସାଉକାର ଘର କୁକୁଡ଼ା କଣରେ' ଶୋଇଲେ ।

ପିଲାମାନେ ସେମିତି ନିତି ଆସି ବାଇଗଣ ଗଛମୂଳେ ଶୁଅଂତି । ବାଇଗଣ ସେମାନଂକୁ ଭାରି ଶରଧା କରେ । ଧୀରେ ଧୀରେ ବାଇଗଣ ପାଚି ଆସିଲା । ଦିନେ ସେ କୁକୁଡ଼ା ଛୁଆମାନଂକୁ କହିଲା, "ଆରେ ଭଣଜା ଭାଣିଜୀମାନେ, ଦେଖ, ମୁଁ ତ ପାଚିଲିଣି । ଯା ଭିତରେ କେବେ ନିଶ୍ଚୟ ଝଡ଼ି ପଡ଼ିବି । ତେଣୁ ମୋ ତଳେ ତମେ ଯଦି ଏଥର ଶୋଇବ, ତା'ହେଲେ ବୃଥାରେ ତମର ପ୍ରାଣ ଯିବ । ଗୋଟେ କାମ କର, ମୋ ବଳବୟସକୁ ଦେଖି ଏ ଜାଗାଛାଡ଼ି ଆଉ କୋଉଠି ଶୁଆବସା କର ।"

କୁକୁଡ଼ା ଛୁଆମାନେ କହିଲେ, "ମାମୁଁ, ତମେ ଗଲେ ଆମକୁ ଆହା କରିବ କିଏ କହିଲ ?" ବାଇଗଣ କହିଲା, "ଆରେ ଭଣଜା ଭାଣିଜୀମାନେ, ଏ ତ ସଂସାର ନିୟମ—ଦିନେ ଜନମ ଦିନେ ମରଣ । ତାକୁ ଆଉ ଭାବି ବସିଲେ କି ଲାଭ । ମୋ କଥା ଛାଡ଼ି ନିଜ କଥା ଦେଖ । ସେ ବିଲୁଆ ପ୍ରତି ସବୁବେଳେ ସତର୍କ ଥିବ । ତମ ମା'କୁ ସେ ଖାଇଚି । ତମକୁ ବି ନିଶ୍ଚୟ ଦିନେ ଖାଇବ । ଜଗିରଖି ଚଳିବରେ ।" କୁକୁଡ଼ାମାନେ ତା' କଥାରେ ହଁ ଭରି, ଗଛମୂଳରୁ ଉଠି ଯେମିତି ଖଣ୍ଡେ ଦୂର ଯାଇଚନ୍ତି, ବାଇଗଣଟି ଦୁମ କରି ତଳେ ଝଡ଼ି ପଡ଼ିଲା । କୁକୁଡ଼ା ଛୁଆମାନେ ଦୂରରୁ ଏକଥା ଦେଖି ମନେମନେ ଭାବିଲେ, ଯଦି ଆଗରୁ ବାଇଗଣ ସତର୍କ କରିନଥାଂତା, ତା' ହେଲେ ଆଜି ତାଂକ ଭିତରୁ କେତେ ଜଣଂକର ପ୍ରାଣ ଯାଇଥାଂତା । ବାଇଗଣର ଉଦାରତା ପାଇଁ, ସେମାନେ ମନେମନେ ତାକୁ ଧନ୍ୟବାଦ ଜଣେଇଲେ । ତା'ପରେ ସେମାନେ ଅନ୍ୟ ଗଛମୂଳେ ଶୁଆବସା କଲେ ।

ଦିନ ଗଡ଼ି ଚାଲିଲା । କୁକୁଡ଼ା ଛୁଆମାନେ ଟିକେ ବଡ଼ ବଡ଼ ହେଲେ । ନିତି ରାତିରେ ସେମାନେ ଯାଇ ସାଉକାର ଘର କୁକୁଡ଼ା କଣରେ ଶଅନ୍ତି । ହେଲେ ମନରେ ତାଂକର ସବୁବେଳେ, ବିଲୁଆକୁ

ଡର ଥାଏ । ବିଲୁଆ ବି ଲୁଚିଛପି ଏମାନଂକ ଉପରେ ଆଖି ରଖିଥାଏ । ସେ ଏମାନେ ଟିକେ ବଡ଼ ହେଲେ ଖାଇବ ବୋଲି ଜଗିଥାଏ । ଏମାନେ ଟିକେ ବଡ଼ ହୋଇଯିବା ଦେଖି ଦିନେ ସଂଜବେଳିଆ ଏମାନଂକ ପାଖରେ ଆସି ପହଂଚିଲା । ତାକୁ ଦେଖି କୁକୁଡ଼ା ଛୁଆମାନେ ଛାନିଆଁ । ଏମାନଂକ ଡର ଦେଖି ବିଲୁଆ କହିଲା, ''ଡରନିରେ ଭଣଜା ଭାଣିଜୀମାନେ, ତୁମେ କଣ ଭାବୁଚ, ମୁଁ ତମକୁ ଖାଇବାକୁ ଆସିଚି ବୋଲି ? ନା'ରେ । ତମ ମା'କୁ ଖାଇ ପରା ଏଯାଏଁ ଅନୁତାପରେ ଜଳୁଚି । ସେଥିପାଇଁ ତା'ର ପ୍ରାୟଶ୍ଚିତ୍ତ କରିବାକୁ ତମ ସୁଖ ଦୁଃଖ ଟିକେ ବୁଝିବାକୁ ଆସିଚି । କିଛି ଅସୁବିଧା ହେଲେ ମୋତେ ନିଶ୍ଚୟ କହିବ ।'' କୁକୁଡ଼ା ଛୁଆଙ୍କର ତ ଛାତି ଥରୁଛି, ସେମାନେ ଡରରେ ବିଲୁଆ କଥାରେ ଆଉ ଉଁ କି ଚୁଁ କଲେନି । ବିଲୁଆ ତା'ପରେ ଚାଲାକି କରି ପଚାରିଲା— ''ଆଜିକାଲି ଖାଇବାକୁ ଚାରା ମିଳୁଚି ତ ?'' କୁକୁଡ଼ା ଛୁଆମାନେ ଉତ୍ତର ଦେଲେ, ''ହଁ'' । ବିଲୁଆ ଫେର୍ ପଚାରିଲା, ''ରାତିରେ ଶୋଇବାରେ କିଛି ଅସୁବିଧା ହଉନି ତ ? ତମେ ସବୁ ଶୋଉଚ କୋଉଠି କହିଲ ?'' କୁକୁଡ଼ା ଛୁଆମାନେ ଉତ୍ତର ଦେଲେ, ''କୁକୁଡ଼ା କଣରେ ଶୋଉଚୁ ।'' ବିଲୁଆ ତା'ପରେ ଭଦ୍ରଲୋକି ଦେଖେଇ କହିଲା, ''ହଉ— ପିଲାଲୋକ ତମେ ଯାଅ—ବାଟରେ ଡୁମାଫୁମା[2] ଦେଖି ଡର ଲାଗିପାରେ ।'' କୁକୁଡ଼ା ଛୁଆମାନେ, 'ହଁ' କରି ମୁଂଡ ଟୁଂଗାରିଦେଇ ଚାଲିଲେ ସାଉକାର ଘରକୁ । ବିଲୁଆ ବି ମନ ଖୁସିରେ ନିଜ ବାଟରେ ଗଲା ।

କୁକୁଡ଼ା ଛୁଆମାନେ କୁକୁଡ଼ା କଣରେ ଯାଇ ନିଜ ନିଜ ଭିତରେ କଥାହେଲେ- ଆଜି ରାତିରେ ବିଲୁଆ ନିଶ୍ଚୟ ଏଠିକି ଆସିବ । ତେଣୁ ଆମକୁ ପଚାରୁଥିଲା । ଆଜି ରାତିରେ ଏଠି ଶୋଇଲେ ନିଶ୍ଚୟ ପ୍ରାଣ ଯିବ ଭାବି କୁଟନୀଶାଳ[3]ରେ ଶୋଇଲେ ।

ଅଧରାତି ବେଳକୁ ବିଲୁଆ ଆସିଲା । କୁକୁଡ଼ା କଣରେ ଯେତେ ଖୋଜିଲା, କେହି ମିଳିଲେନି । ଶେଷରେ କୁକୁଡ଼ା ଛୁଆମାନେ ଠକିଦେଲେ ଭାବି ନିରାଶ ହେଇ ଘରକୁ ଫେରିଲା ।

ପରଦିନ କୁକୁଡ଼ା ଛୁଆଂକୁ ଆସି ପଚାରିଲା, ''ତମେ କଣ କାଲି କୁକୁଡ଼ା କଣରେ ଶୋଇନଥିଲ କି ଭଣଜା ଭାଣିଜୀମାନେ ? ମୁଁ ରାତିରେ ତମ ହାଲଚାଲ ବୁଝିବି ବୋଲି ଆସି କେତେ ଖୋଜିଲି ।'' କୁକୁଡ଼ା ଛୁଆମାନେ କହିଲେ, ''ମାମୁଁ, ଡୁମାକୁ ଡର ଲାଗିଲା ବୋଲି ପରା ଯାଇ କୁଟନୀ ଶାଳରେ ଶୋଇଲୁ ।'' ବିଲୁଆ ପଚାରିଲା, ''ଆଜି କୋଉଠି ଶୋଇବ ?'' ଏମାନେ କହିଲେ, ''ସେଇ କୁଟନୀଶାଳରେ ।''

ସଂଜ ହେଲା । ଏମାନେ ଘରକୁ ଯାଇ ଆଉ କୁଟନୀଶାଳରେ ନଶୋଇ, ଯାଇ ଚୁଲୀପାଟି[4] ରେ ଶୋଇଲେ । ରାତିରେ ବିଲୁଆ ଆସି କୁଟନୀଶାଳରେ କେତେ ଖୋଜିଲା—ହେଲେ କାହାକୁ ନପାଇ ମନେମନେ ରକ୍ତ ଚାଉଳ ଚୋବେଇ ଘରକୁ ଫେରିଲା । ପରଦିନ ପୁଣି କୁକୁଡ଼ା ଛୁଆଂକୁ ଆସି ପଚାରିଲା, ''ଆରେ, ତମେତ କାଇଁ କାଲି କୁଟନୀଶାଳରେ ଶୋଇନଥିଲ ?'' ଏମାନେ କହିଲେ, ''ମାମୁଁ, ଭାରି ଡର ଲାଗିଲା ବୋଲି ପରା ଚୁଲୀପାଟିରେ ଯାଇ ଶୋଇଥିଲୁ ।'' ''ତା' ହେଲେ ଆଜି କୋଉଠି ଶୋଇବ ?'' ବିଲୁଆ ପଚାରିଲା । ଏମାନେ କହିଲେ, ''ସେଇ ଚୁଲୀପାଟିରେ ।'' ବିଲୁଆ, ''ହଉ ଯାଅ'' କହି ନିଜ ବାଟରେ ଚାଲିଲା ।

ରାତିରେ ବିଲୁଆ ଆସି ଚୁଲୀପାଟିରେ ଖୋଜିଲା, ହେଲେ ପାଇଲାନି । ପରଦିନ ଏମାନଙ୍କୁ ଭେଟି ପଚାରିଲା, ''କିରେ କାଲି କେଉଁଠି ଶୋଇଥିଲ କି ?'' ଏମାନେ କହିଲେ, ''କାଲି ବି ଡର ଲାଗିଲା, ତେଣୁ ଯାଇ ଆଂତରୀ କୁଡ଼େ[5] ଶୋଇଲୁ, ହେଲେ ବି ଡର ଲାଗିଲା । ଆଜି ଯାଇ ପୁଣି କୁକୁଡ଼ା କଣରେ ଶୋଇବୁ ।'' ବିଲୁଆ ଏମାନଂକ ଚାଲାକି ଧରିପାରି ଆଉ କିଛି ନକହି ସେଠୁ ଚାଲିଗଲା ।

ରାତିରେ କୁକୁଡ଼ା ଛୁଆମାନେ ଘରପିଂଢାର ବାଉଁଶ ବାଡ଼ରେ ଝୁଲୁଥିବା ଲାଉତୁଂବାରେ ଯାଇ ନିଶ୍ଚିଂତ ହୋଇ ଶୋଇଲେ। ବିଲୁଆ ଅଧରାତି ବେଳକୁ ଆସି ସବୁ ଜାଗାରେ ଖୋଜିଲା। ହେଲେ କୋଉଠି ଏମାନଂକୁ ନପାଇ ମନଦୁଃଖରେ ଫେରିଲା ବେଳକୁ ଲାଉତୁଂବା ଦେଖିଲା। ଭୋକରେ ତ ପେଟ ଆଉଟୁ ପାଉଟୁ ହେଉଥାଏ। ତେଣୁ ଲାଉତୁଂବାରେ ପେଂଡମ[6] କି ସଲପ ପଡ଼ିଥିବ, ତା'ହେଲେ ପିଇବ ଭାବି ତୁଂବାଟାକୁ ଯେମିତି ଧରିଚି, କୁକୁଡ଼ା ଛୁଆମାନେ ଭିତରେ କିଚିରି ମିଚିରି ଶବ୍ଦ କଲେ। ବିଲୁଆର ମନ ଖୁସ୍। ସେ ଜାଣି ପକେଇଲା ଯେମିତି ତା' ଭିତରେ ସେମାନେ ଶୋଇଚଂତି ବୋଲି—ସାଂଗେ ସାଂଗେ ତୁଂବାକୁ ବେକରେ ପକେଇ ଧାଇଁଲା ବଣ ଆଡ଼କୁ। ଯେ ଧାଉଁଥାଏ, ତୁଂବା ହଲୁଥାଏ। ଏଣେ ଭିତରେ, ଯେ ତା' ଉପରେ, ସେ ଯା ଉପରେ ପଡୁଥାଂତି। ତେଣୁ କୁକୁଡ଼ା ଛୁଆମାନେ ଭିତରେ ଗୀତ ଗାଇଲେ-

ବିଟଲ ବାଟେ ନ ନେ ମାମୁଁ
ଗଡ଼ନ୍ଦି ବାଟେ ନେ।
ଗଡ଼ନ୍ଦି ବାଟେ ନ ନେ ମାମୁଁ
ଢେପ୍ ବାଟେ ନେ
ଢେପ୍ ବାଟେ ନ ନେ ମାମୁଁ
ବାଲିବାଟେ ନେ
ବାଲିବାଟେ ନ ନେ ମାମୁଁ
କାଦ ବାଟେ ନେ।

ଅର୍ଥାତ୍ :

ଖସଡ଼ା ବାଟରେ ନିଅନି ମାମୁଁ, ଖାଲ ବାଟରେ ନିଅ
ଖାଲ ବାଟରେ ନିଅନି ମାମୁଁ, ଢିପ ବାଟରେ ନିଅ
ଢିପ ବାଟରେ ନିଅନି ମାମୁଁ, ବାଲି ବାଟରେ ନିଅ
ବାଲି ବାଟରେ ନିଅନି ମାମୁଁ, କାଦୁଅ ବାଟରେ ନିଅ।

ଧାଉଁ ଧାଉଁ ରାତି ପାହି ସକାଳ ହେଉଆସୁଥାଏ। ଏମାନଂକ ଗୀତ ଶୁଣି ବିଲୁଆ କିଛି ବୁଝି ପାରୁନଥାଏ, କୋଉ ବାଟରେ ଯିବ ବୋଲି। ତଥାପି ସେ ଧାଉଁଥାଏ ଅଣନିଃଶ୍ୱାସୀ ହୋଇ। ହଠାତ୍ ଖସଡ଼ା ବାଟରେ ଯାଉ ଯାଉ ତାର ଗୋଡ଼ ଖସିଯାଇ ସେ କଚାଡ଼ି ହେଇ ପଡ଼ିଗଲା। ତୁଂବା ଫାଟିଗଲା। କୁକୁଡ଼ା ଛୁଆମାନେ, ତା' ଭିତରୁ ଜଣ ଜଣ କରି ଫୁର୍ ଫାର୍ ହେଇ ଉଡ଼ିଗଲେ ବଣ ଭିତରକୁ। ବିଲୁଆ ଏ ଘଟଣାରେ ପୂରା କାବା କାଠ। କୁକୁଡ଼ା ଛୁଆମାନେ ତା'ପରେ ଉଡ଼ି ଉଡ଼ି ବଣକୁ ଗଲେ। ତା'ପରେ ବଣକୁକୁଡ଼ା ହେଇଗଲେ। ତା' ଆଗରୁ ବଣକୁକୁଡ଼ା ନଥିଲେ।

---

1. କୁକୁଡ଼ା କଣ- ଯୋଉଠି କୁକୁଡ଼ା ରହିବା ପାଇଁ ଘର କୋଣରେ ସ୍ଥାନ କରାଯାଇଥାଏ 2. ଭୁମା ଫୁମା- ଭୂତ ଫୁତ। 3. କୁଟନୀଶାଳ- ଢେଂକିଶାଳ 4. ଚୁଲୀପାଟି- ଚୁଲୀମୁଂଡ 5. ଆଂହରୀ- ପୋଇଁବା ପାଇଁ ଘରେ ସବୁବେଳେ ଜଳୁଥିବା ନିଆଁ 6. ପେଂଡମ୍- ଚାଉଳି, ଚାଉଳରୁ ପ୍ରସ୍ତୁତ ମଦ।

ଗଂଜା ମାଉଁସ କେଡ଼େ ସୁଆଦ

ଗୋଟେ ପରଜା ବୁଢ଼ା ଥରେ ହାଟରୁ ଯାଇ ପର କଅଁଳି ନଥିବା ଛୋଟ କୁକୁଡ଼ା ଛୁଆଟେ କିଣି ଆଣି ତାକୁ ପୋଷିଲା। ମାଂଡିଆ ଦି'ଟା, ସୁଆଁ ଦି'ଟା, ଚାଉଳ ଦି'ଟା ସେ ସବୁଦିନ ତା'କୁ ଦିଏ। ଆସ୍ତେ ଆସ୍ତେ ତାର ପର କଅଁଳିଲା। ଚିଁ ଚିଁ ଡାକ ଛାଡ଼ି କୁକୁଡ଼ା କକ୍ କକ୍ ଡାକିଲା। କିଛି ଦିନ ଯିବା ପରେ ତା ମୁଂଡରେ ଚୂଳ ଆଉ ପଛରେ ପର ତଳକୁ ଓହଳିଲା। ବୁଢ଼ା ବୁଝିଲା—ଏଇଟା ଗଂଜାଟାଏ।

ଏମିତି କୁକୁଡ଼ା ବଢ଼ି ଚାଲିଥାଏ। ପରଜାର ମନ ଭାରି ଖୁସି। ସେ ଖାଲି ଭାବୁଥାଏ—ଗଂଜାଟା ଆଉ ଟିକେ ବଢ଼ିଲେ ଫୁଲି ମଦ[1] ତୁଂବାଏ ଆଣି କୁକୁଡ଼ାଟାକୁ ପୋଡ଼େଇ ଭାଜିବି ଆଉ ମଦ ସାଂଗରେ ଚାକନା[2] କରିବି। ହେଲେ କୁକୁଡ଼ା ଆସ୍ତେ ଆସ୍ତେ ବଢୁଥାଏ। ବୁଢ଼ା ଦିନେ ଅସଂଭାଳ ହେଇ ସଂଜରେ ଡଂଗର କାମ ସାରି ଫେରିଲା ବେଳକୁ ବାଟରେ ଦେଖିଲା ଝରଣା କୂଳରେ ଜଣେ କିଏ ମଦ ରାଂଧୁଚି। ସେଠିକି ସେ ଟାଣି ହେଇ ଯାଇ ତୁଂବାଏ ମଦ ଧାର ମାଗିଲା। ଆର ଲୋକଟି ମନା କରିବାରୁ ସେ ତାକୁ କାକୁସ୍ଥ ହେଇ କହିଲା, ''ନାନା[3], ମାଂଡିଆ ସୁଆଁ ପାଚିଲେ ନିଶ୍ଚୟ ପଇସା ଶୁଝିଦେବି। ହେଲେ ଆଜି ଆଉ ମନା କରନି। ଆଜି ପରା ମଦ ନେଇ କୁକୁଡ଼ା ପୋଡ଼େଇବି। ଘରକୁ ଫେର୍ ଗତ[4] ଆସିଚନ୍ତି। ମଦ ନହେଲେ ସେମାନେ ବାଛି ଦେବେନି ?'' ମଦ ପାଇବା ପାଇଁ ବୁଢ଼ା ଗତ ଆସିଥିବା କଥାଟାକୁ ମିଛରେ ମିଛରେ କହିଦେଲା। ଆଉ ସେଇ ମିଛ ହିଁ ମଦରଂଧାଳିକୁ ପ୍ରଭାବିତ କଲା। ସେ ତୁଂବାଏ ଫୁଲିମଦ ବୁଢ଼ାକୁ ଦେଲା।

ଟାଂଗିଆ ବେଂଟରେ ପିଠି ପଟକୁ ମଦ ଭର୍ତ୍ତି ତୁଂବା ଝୁଲାଇ ବୁଢ଼ା ଘରେ ପହଂଚିଲା ବେଳକୁ ମୁହଁ ଅଂଧାର ହେଇସାରିଥାଏ। ବୁଢ଼ାର ଘରକୁ ଯାଇ ପ୍ରଥମ କାମ କୁକୁଡ଼ା ପୋଡ଼େଇବା। ତେଣୁ ଯେମିତି ଯାଇ ସେ ଘର ପିଂଡାରେ ପାଦ ଦେଲା, ଛୁଟିଲା ସିଧା କୁକୁଡ଼ାକଣ ଆଡ଼କୁ[5]। ନିଆଁ ଜଳୁଥାଏ। ତେଣୁ କିଛି ଦିଶୁନଥାଏ। ସେ ଅଂଡାଳି ଅଂଡାଳି ବଡ଼ କଷ୍ଟରେ ଗଂଜାର ଗୋଡ଼ ଦି'ଟାକୁ ଯେମିତି ଧରି ପକେଇଚି, ଗଂଜା ପଚାରିଲା, ''ସାଉକାର, କ'ଣ କରୁଚୁ ?'' ବୁଢ଼ା ଉତ୍ତର ଦେଲା, ''କଣ କରୁଚି, ଜାଣି ପାରୁନୁ ? ଆଜି ଫୁଲି ମଦ ଆଣିଚି। ତୋତେ ପୋଡ଼େଇ ଚାକ୍ନା କରିବି।'' ଗଂଜା କହିଲା, ''ସାଉକାର, ଖାଇବୁ ଯେ, ହେଲେ ମୋ ଦିହରୁ ଏବେ ଦି' ଫୁଟା ମାଉଁସ ମିଳିବ କି ନାଇଁ ସଂଦେହ। ମୋତେ ପୋଡ଼େଇଲେ ବି ତତେ ଆଜି ଖାଇଲା ପରି ଲାଗିବନି। ତେଣୁ ଆଉ କିଛି ଦିନ ଅପେକ୍ଷା କର। ମୁଁ ଆଉ ଟିକେ ବଡ଼ ହେଇଯାଏ, ତା'ପରେ ମୋତେ ପୋଡ଼େଇ ଖାଇବୁ।''

ଗଂଜାର କଥା ବୁଢ଼ାର ମନକୁ ପାଇଲା। ସେ ଭାବିଲା, ସତ କଥା, ଏବେ ତ ଯେ ଚିଆଁ ହେଇଚି। ବଡ଼ ହେଲେ ପୋଡ଼େଇଲେ ବେଶୀ ମାଂସ ମିଳିବ ଭାବି ତାକୁ ଛାଡ଼ିଦେଲା। ଆଉ ତୁଂବାର ଫୁଲି ମଦଗୁଡ଼ାକ ଢ଼କଢ଼କ କରି ପିଇଦେଇ ପେଜ[6] ନଖାଇ ଶୋଇ ପଡ଼ିଲା।

ତା'ପରେ ବୁଢ଼ା ଯେବେ ଗଂଜାକୁ ଧରେ, ଗଂଜା କହେ, ''ସାଉକାର ତୁ କଣ ଭାବୁଚୁ ମୁଁ କୁଆଡ଼େ ଉଡ଼ି ପଳେଇବି ? ନା—ମୁଁ କୁଆଡ଼େ ଯିବିନି। ତୁ ପରା ମୋର ସାଉକାର। ମୋତେ ନିତି ଦାନା ଖୁଆଉଚୁ। ତୁ ମୋତେ ପୋଡ଼େଇ ଖାଇଲେ ମୋର ପୁଣ୍ୟ ହେବ। ତେଣୁ ତୁ ଚିଂତା କରନି। ମୁଁ ଯେବେ ବଡ଼ ହେଇଯିବି, ତତେ ବଳେ କହିବି ମୋତେ ପୋଡ଼େଇ ଖାଇବାକୁ।'' କୁକୁଡ଼ାର ପ୍ରଭୁଭକ୍ତିରେ ପରଜା ବୁଢ଼ା ଖୁସି ହେଇ ତାକୁ ସବୁବେଳେ ଛାଡ଼ିଦିଏ। ଗଂଜା କୁଆଡ଼େ ନଯାଇ ସେଠି ରହିଥାଏ। ବୁଢ଼ାର କେମିତି ଗୋଟେ ବିଶ୍ୱାସ ହେଇଯାଇଥାଏ ଯେ ଗଂଜା କୁଆଡ଼େ ଭଂଡି ଦେଇ ଯିବନି।

ଏମିତି ଦିନ ଗଡ଼ି ଚାଲିଲା। ଦିନେ ସକାଳୁ ସକାଳୁ ଗଂଜା ବୁଢ଼ା ପାଖକୁ ଆସି କହିଲା, ''ସାଉକାର, ମୁଁ ପୂରା ବଡ଼ ହେଇଗଲି। ତେଣୁ ଆଜି ମଦ ଫଦ ଆଣି ମୋତେ ପୋଡ଼େଇ ଚାକ୍‌ନା କର।'' କଥାଟା ଶୁଣି ବୁଢ଼ାର ପାଟିରୁ ଧାର ଧାର ଲାଳ ବୋହିପଡ଼ିଲା। ସେ ତରତର ହେଇ ଉଠି ଘର ଆଗରେ ଥିବା ତେଂତୁଳି ଗଛ ମୂଳେ, ତିନିଟା ପଥର ଥୋଇ ଚୁଲୀ ବସାଇଲା। ନିଆଁ ଜାଳିଲା। ତା'ପରେ ଗୋଟେ ଓସାର ମୁହଁଥିବା ପାତଲି[7] ବସେଇଦେଲା। ହଠାତ୍ କୁକୁଡ଼ା ଗଛ ଉପରକୁ ଉଡ଼ି ଯାଇ ବସିଲା। କହିଲା, ''ସାଉକାର, ପାତଲୀରେ କିଛି ଜଡ଼ାତେଲ ଢାଳିଦେ, ଆଉ କିଛି ଲୁଣ ଆଣି ଚୁଲି ପାଖରେ ରଖିଦେ। ଆଉ ତୁ ଗାଧୋଇ ଯା। ତୁ ଫେରିଲା ବେଳକୁ ମୁଁ ନିଜେ ପୋଡ଼ି ହୋଇ, ଭାଜି ହୋଇ ପାତଲିରେ ଥିବି। ତୁ ଫେରିଲା ବେଳକୁ ସାଂଗରେ ତୁଂବାଏ ମଦ ନେଇଆସିଥିବୁ, ଆଉ ମନଖୁସିରେ ମୋତେ ଚାକ୍‌ନା କରିବୁ।'' ବୁଢ଼ା ତା'ପରେ ପାତଲିରେ କିଛି ଜଡ଼ା ତେଲ ଢାଳିଦେଇ, ଚୁଲି ପାଖରେ ପତରରେ କିଛି ଲୁଣ ଥୋଇ ଗାଧୋଇ ଗଲା।

ବୁଢ଼ା କୁକୁଡ଼ାକୁ ଚାକ୍‌ନା କରିବା ଆଶାରେ ଭୋଳ। ସିଏ ଝରଣା ପାଣିରେ ଅନେକ ସମୟ ଯାଏ ଛହ୍ନି ଚୋପାରେ ଘଷାଘଷି ହେଇ ଗାଧୋଇଲା। ଏଣେ ବୁଢ଼ା ଯିବା ପରେ କୁକୁଡ଼ା ଠିକ୍ ପାତଲି ସଳଖେ ଗଛ ଡାଳରେ ବସି ହଗିବା ଆରଂଭ କଲା।

ମୁଂଡବେଲା[8] ହେଲା ପରେ ବୁଢ଼ା ବାଟରୁ କିଛି ମଦ ତୁଂବାରେ ନେଇ ପାଟିରୁ ଲାଳ ଗଡ଼େଇ ଘର ଆଗରେ ପହଂଚିଲା। ବୁଢ଼ାକୁ ଦେଖି କୁକୁଡ଼ା ଡାଳ ଆଢୁଆଳରେ ଲୁଚିଗଲା। ଚୁଲି ଲିଭି ଆସିଥାଏ। ବୁଢ଼ାର ମନ ଖୁସି, ପାତଲିରେ ମାଉଁସ ଗୁଡ଼ାଏ ଭଜାହେଇ ଅଛି। ଗଂଜାର ପ୍ରଭୁଭକ୍ତିକୁ ଧନ୍ୟବାଦ ଦେଇ ପାତଲି ଓହ୍ଲେଇ ସେ ଚୁଲି ପାଖରେ ବସିଗଲା। ତା'ପରେ ଢୋକେ ପିଇ ପାତଲିରୁ ଖଣ୍ଡେ ଖଣ୍ଡେ ବାହାର କରି ଚାକ୍‌ନା କଲା। ବୁଢ଼ାକୁ ଭାରି ସୁଆଦିଆ ଲାଗୁଥାଏ। ନିଶାରେ କହୁଥାଏ, ''ବାଃ ! ବଢ଼ିଆ ସୁଆଦ ଲାଗୁଚି।'' ଗଂଜା ଡାଳରେ ବସି ସବୁ ଶୁଣୁଥାଏ। ଯେମିତି ବୁଢ଼ାର ତୁଂବାର ମଦ, ଆଉ ପାତଲିର ଭଜା ସରିଲା, ଗଂଜା ଉପରୁ ଡାକିଲା, ''ସାଉକାର !'' ବୁଢ଼ା ନିଶାରେ ଭାବିଲା- ଏଡ଼େ ବିଶ୍ୱାସୀ କୁକୁଡ଼ା ମୋ ପାଇଁ ମଲା, ମୁଁ ତାକୁ ଖାଇଲି, ଏବେ ବୋଧେ ତା ଡୁମା[9] ମୋତେ ଡାକୁଚି। ସେ ଡରି ଡରି ଉପରକୁ ଅନେଇଲା। ତା'ପରେ ଗଂଜା କହିଲା, ''ସାଉକାର, ମୋର ଚିଚିକେ[10] ଖାଇଲେ ଏଡ଼େ ସୁଆଦ, ମତେ ଖାଇଲେ କେଡ଼େ ସୁଆଦ।'' ବୁଢ଼ାର ନିଶା,

ଗଂଜା କଥା ଶୁଣି ଅଧା ଛାଡ଼ିଗଲା । ସେ ଗଂଜାର ଚାଲାକି ବୁଝି, ଯେମିତି ତା'କୁ ଧରିବାକୁ ଗଛ ଚଢ଼ିବା ଆରଂଭ କରିଚି, ଗଂଜା ଫଡ଼ ଫଡ଼ ହେଇ କୁଆଡ଼େ ଉଡ଼ି ଚାଲିଗଲା ।

---

1. ଫୁଲି ମଦ : ମହୁଲକୁ ପାତନ ପ୍ରଣାଳୀରେ ରାଂଧି, ପାଣି ନମିଶେଇ ପ୍ରସ୍ତୁତ ନିଶା ଦ୍ରବ୍ୟ 2. ଚାକ୍‌ନା : ଚାଖଣା 3. ନାନା : ବଡ଼ଭାଇ 4. ଗତ୍ : କୁଣିଆ 5. କୁକୁଡ଼ା କୋଣ : ପିଂଡା କଣ, ଯେଉଁଠି କୁକୁଡ଼ାମାନଂକୁ ରଖାଯାଏ 6. ପେଜ୍ : ମାଂଡିଆ ଜାଉ 7. ପାତଲି : ରାଂଧିବା ପାଇଁ ବ୍ୟବହୃତ ହେଉଥିବା ମାଟି ହାଂଡି 8. ମୁଂଡ ବେଲା : ମଧ୍ୟାହ୍ନ 9. ଡୁମା : ଭୂତ, ପ୍ରେତ 10. ଚିଟିକେ : ମଳକୁ, ଗୁହକୁ ।

କୋରେ ବାଂଗା କଥା

ପାହାଡ଼ ଘେରରେ ଗୋଟିଏ ଛୋଟିଆ ପରଜା ଗାଁ ଥାଏ । ସେ ଗାଁରେ ଥାଏ ଜଣେ ପରଜା ରାଂଡି ବୁଢ଼ୀ', ତା'ର ଥାଏ ଗୋଟିଏ ବୋଲି ପୁଅ । ତା ନାଁ କୋରେ ବାଂଗା । ଏମାନଂକ ଘର ପାଖରେ କୋରେ ବାଂଗାର ଚାରିଟା ବଡ଼ବାପା ପୁଅ ଭାଇ ବି ରହୁଥାଂତି ।

ବୁଢ଼ୀର ସବୁବେଳେ ପୁଅ ଚିଂତା । କାରଣ କୋରେ ବାଂଗା ନିହାତି ଅଳସୁଆ ଆଉ ମୂର୍ଖ । ତେଣୁ ସବୁବେଳେ ବୁଢ଼ୀ ତାକୁ ଗୋଡ଼େ ଗୋଡ଼େ ଜଗିଥାଏ ।

ଦିନେ ବୁଢ଼ୀ କୋରେ ବାଂଗାକୁ କହିଲା, ''ଆରେ ବାପା, ତୁ'ତ କିଛି କରୁନୁ । ତୋ ବଡ଼ବାପା ପୁଅମାନେ କେତେ ଚତୁର ଦେଖିଲୁ । ନାନା ଉପାୟ କରି ବାହାରୁ କେତେ ଜିନିଷ ଘରକୁ ଆଣୁଚନ୍ତି । ହେଲେ ତୁ ତ କୁଟା ଖଂଡକୁ ଦି'ଖଂଡ କରିବୁନି କି କୁଟା ପତ୍ର ଦିଟା ବି ଘରକୁ ଆଣିବୁନି । ତୁ କେମିତି ବଂଚିବୁ, କେମିତି ଘରଦ୍ୱାର କରିବୁ, ମୁଁ ମୋଟେ ବୁଝି ପାରୁନି । ମୋର ବଳ ବୟସ ଥିବା ଯାଏଁ ସିନା ମୁଁ କୁଲି ଭୂତି କରି ତତେ ଚଳେଇବି । ତା'ପରେ ତୁ କ'ଣ କରିବୁ ?'' ବୁଢ଼ୀର କଥା ଶୁଣି କୋରେ ବାଂଗା କିଛି ନକହି ଚୁପଚାପ୍ ଘରୁ ବାହାରିଗଲା । ବୁଢ଼ୀ ବି ଗଲା କାହା ଘରକୁ ପାଇଟି କରିବାକୁ ।

ସଂଜରେ ଯେତେବେଳେ ବୁଢ଼ୀ ଘରକୁ ଫେରିଲା, ଦେଖିଲା, ଘରଟା ସାରା କୁଟା ପତ୍ର ଭର୍ତ୍ତି । ସେ କିଛି ବୁଝି ପାରିଲାନି । କୋରେ ବାଂଗାକୁ ଡାକି ପଚାରିଲା, ''କିରେ ବାପା, ଏସବୁ କିଏ କରିଚି ?'' କୋରେ ବାଂଗା କହିଲା, ''ମୁଁ କରିଚି । ତୁ ପରା କହୁଥିଲୁ, ମୁଁ କୁଟା ଖଣ୍ଡେ କି ପତ୍ର ଦି'ଟା ବି ଘରକୁ ଆଣୁନି ବୋଲି ? ଆଣିଲି । ତା'ପରେ ବି ମୋତେ ପଚାରୁଚୁ ଏସବୁ କିଏ କରିଚି ବୋଲି ?'' କୋରେ ବାଂଗାର କଥା ଶୁଣି ବୁଢ଼ୀ ମୁଂଡରେ ହାତ ଦେଲା ।

ତା'ପରେ ସେ କୋରେ ବାଂଗାକୁ ବିରକ୍ତ ହେଇ କହିଲା, ''ତୁ ଆଉ ମଣିଷ ହେବୁନି । ଲୋକେ କେତେ ଚାଲାକିରେ କାମ କରୁଚନ୍ତି । ଗାଁ'ର ଧାଂଗଡ଼ାମାନେ ଯାଇ ରାଜାଝିଅକୁ ଆଖି ମାରି ଆସୁଚନ୍ତି । ହେଲେ ତତେ ଗୋଟେ କଥା କହିଲେ, ତୁ ଆଉ ଗୋଟେ କଥା ବୁଝି ଘରେ ଆଣି କୁଟା ପତ୍ର ଗଦା କରୁଚୁ ?'' କୋରେ ବାଂଗା ବୁଢ଼ୀ କଥାର ଆଉ କିଛି ଉତ୍ତର ଦେଲାନି ।

ରାତିରେ ବୁଢ଼ୀ ଶୋଇଶୋଇ ଭାବୁଥାଏ, କୋରେ ବାଂଗା ତ ମୂର୍ଖ, ତାକୁ ଫେର ମୁଁ ରାଜାଝିଅକୁ ଆଖି ମାରିବା କଥା କହିଲି । ଯେ କାଲି ସକାଳୁ ଯାଇ ରାଜାଝିଅ ସାଂଗରେ ଯଦି କିଛି କରିବସେ, ତା'ହେଲେ ପ୍ରାଣ ଗଲା । ଏମିତି ଭାବି ଭାବି ରାତିସାରା ଆଉ ବୁଢ଼ୀକୁ ନିଦ ହେଲାନି । ଯେମିତି ଭୋର ହେଲା, କୋରେ ବାଂଗା ଉଠି, ଦାନ୍ତ ପତ୍ର ଘଷି, ଲାଉତୁମ୍ବାରେ ପେଜ ଟିକେ ଧରି ସିଧା ଚାଲିଲା । ବୁଢ଼ୀ ବି ଧୀରେ ଉଠି କିଛି ଦୂରରେ ତା' ପଛେପଛେ ଚାଲିଲା । ଚାଲୁ ଚାଲୁ ବେଳ ମୁଂଡ ଉପରକୁ ଉଠିଲା । ଆଉ କିଛି ବେଳ ଚାଲିବା ପରେ କୋରେ ବାଂଗା ଯାଇ ପହଂଚିଲା ରାଜା ଘର

ତୋଟା ପାଖରେ । ତୋଟା ଭିତରେ ଗୋଟେ କୂଅ । ଆଉ ଠିକ୍ ସେତିକି ବେଳକୁ ରାଜାଝିଅ କୂଅକୁ ପାଣିନେବାକୁ ଆସିଥାଏ । କୋରେ ବାଂଗା ଆଗରୁ ରାଜାଝିଅକୁ ଚିହ୍ନିଥାଏ । ତେଣୁ ତାକୁ ଦେଖୁ ଦେଖୁ ଗୋଟେ ବୁଦା ଆଢୁଆଳରେ ଛପିଗଲା । ବୁଢ଼ୀ ଦୂରରୁ ଏସବୁ ଦେଖୁଥାଏ । ତା'ପରେ କୋରେ ବାଂଗା ଗୋଟିଏ ପଥର ତଳୁ ଉଠେଇ ରାଜାଝିଅର ଆଖିକୁ ଲକ୍ଷ୍ୟ କରି ଜୋରରେ ମାରିଦେଲା । ପଥର ଯାଇ ବାଜିଲା ରାଜାଝିଅର ଆଖିରେ । ସେ ଯନ୍ତ୍ରଣାରେ ଚିତ୍କାର କରି ତଳେ ବସି ପଡ଼ିଲା । ବୁଢ଼ୀ ଧାଇଁଲା ପୁଅ ପାଖକୁ । ପୁଅକୁ ପଚାରିଲା, "କିରେ, ଯେ କଣ କଲୁ ?" କୋରେ ବାଂଗା କହିଲା, "ତୁ ପରା ରାଜାଝିଅର ଆଖିକୁ ମାରିବାକୁ କହିଥିଲୁ ? ମାରିଲି । ଏବେ ପୁଣି ଏମିତି ତରସ୍ତ ହଉଚୁ କାହିଁକି ?" ବୁଢ଼ୀ ତା'ପରେ କହିଲା, "ଆରେ ରାଜାଝିଅର ଆଖି ଫୁଟେଇଚୁ । ଯଦି ଏବେ ତା ସଇନ ସାମଂତ ଆମକୁ ଦେଖିବେ, ତେବେ ଆମର ମୁଂଡକାଟ କରିବେ । ତେଣୁ ଚାଲ୍, କେହି ଜାଣିବା ଆଗରୁ ଆମେ ରାଜାଝିଅକୁ କୂଅ ଭିତରକୁ ଠେଲିଦେଇ ଏଠୁ ପଳେଇବା ।"

ତା'ପରେ ଦିହେଁ ଯାଇ ରାଜାଝିଅକୁ କୂଅକୁ ଠେଲିଦେଇ ସେଇଠୁ ଗାଁକୁ ପଳେଇଲେ । ଗାଁରେ ପହଞ୍ଚିବା ପରେ ବୁଢ଼ୀ ପୁଅକୁ ବହୁତ ଗାଳିଦେଲା । ମା'ର ଗାଳି ଶୁଣି କୋରେ ବାଂଗାର ମନ ଖୁବ ଦୁଃଖ ହେଲା । ସେ ତଥାପି ମା'କୁ କିଛି ନକହି ଚୁପଚାପ୍ ରହିଲା ।

ଯା ଭିତରେ କୋରେ ବାଂଗା ଆଉ କିଛି କାଂଡ କାରଖାନା କରିନଥାଏ । ଦିନେ ତା ବଡ଼ବାପା ପୁଅମାନେ ତାକୁ ଧାନ ନିଂଢେଇବା[2] ପାଇଁ ଗୁତା[3] ପାଇଟିରେ ଯିବାକୁ ଡାକିଲେ । ସେ ତାଂକ ସାଂଗରେ ଗଲା । ଅନ୍ୟମାନେ କାଂପନି[4] ବାଛିଲେ, ଘାସ ବାଛିଲେ । ହେଲେ ତାକୁ ଯେତିକି ଜାଗା ଦେଖେଇଥିଲେ, ସେଠୁ କେରାଏ ବି ଘାସ ସେ ନ ଓପାଡ଼ି ସେମିତି ବସି ବସି ସାରାଦିନ କଟେଇଦେଲା ।

ସଂଜରେ ଜମିମାଲିକ ଆସିଲା । ସେ ଦେଖିଲା, ଗୋଟିଏ କିଆରୀର କାଂପନି ମୋଟେ ବଛା ହେଇନି । ମାଲିକ ଏମାନଂକୁ ପଚାରିଲା, କାମ କାହିଁକି ଠିକ୍ ହେଇନି ବୋଲି । କୋରେ ବାଂଗା ଚୁପ୍ ରହିଲା । ତା ଭାଇମାନେ ଚଟାପଟ ଉତ୍ତର ଦେଲେ, "ସାଉକାର, ଏସବୁ ଆମର ନୁହେଁ, କୋରେ ବାଂଗାର କାମ ।" ତା'ପରେ ସାଉକାର କହିଲା, "ଓ ! ତା ହେଲେ ସବୁକାମ କୋରେ ବାଂଗା କରିଚି । ତମେମାନେ କିଛି କରିନ ? ହଉ ଠିକ୍ ଅଛି," କହି କୋରେ ବାଂଗାକୁ ନେଇ ତା' ଘରକୁ ଗଲା ଓ ଗୁତା ପାଇଁ ଯେତିକି ମାଣ ଧାନ ସ୍ଥିର ହେଇଥିଲା, ସେତିକି କେବଳ କୋରେ ବାଂଗାକୁ ଦେଲା ।

ଏସବୁ ଦେଖି ତା ଭାଇମାନେ ତା ଉପରେ ଖପ୍ପା ହେଇଗଲେ । ସେମାନେ ଆଶ୍ଚର୍ଯ୍ୟ ହେଲେ ଯେ, ଏ ମୂର୍ଖ କୋରେ ବାଂଗା ଏତେ ଚାଲାକ କେମିତି ହେଲା ? ସଂଜରେ ଘରକୁ ଫେରି ଚାରି ଭାଇଯାକ ଫୁସୁରୁ ଫାସର ହେଲେ, ରାତିରେ କୋରେବାଂଗାର ଘର ପୋଡ଼ି ଦେବେ ବୋଲି । କୋରେ ବାଂଗା ଏସବୁ ଲୁଚି ଲୁଚି ଶୁଣୁଥିଲା । ସେ ସବୁତକ ଧାନ ନେଇ ମା'କୁ ସାଙ୍ଗରେ ନେଇ ଘରୁ ବାହାରିଗଲା ।

ଯେମିତି ରାତି ଅଧିଆ ହେଇଚି, ବଡ଼ବାପା ପୁଅ ଭାଇମାନେ ଆସି ତା ଘରେ ନିଆଁ ଲଗେଇ ଦେଲେ । ଦେଖୁ ଦେଖୁ ଘରଟା ପାଉଁଶ ହେଇଗଲା । ଚାରି ଭାଇଯାକ କୋରେ ବାଂଗା ମଲା ବୋଲି ମନେ ମନେ ଖୁସି ହେଇ ଘରେ ଯାଇ ଆରାମରେ ଶୋଇଲେ ।

ସକାଳ ହେଲା । କୋରେ ବାଂଗା ଦି'ଟା ଡଲା[5] ପାଉଁଶ ସବୁ ଗୁଣ୍ଡେଇ ପୁଣ୍ଡେଇ ଭରିଲା । ଦି'ଟାଯାକ ଡଲା ଭର୍ତ୍ତି ହେଲା ପରେ ତାକୁ କାଉଡ଼ି[6] କରି କୋରେ ବାଂଗା ଚାଲିଲା ହାଟକୁ । ତା ଭାଇମାନେ ଏସବୁ ଦୂରରୁ ଦେଖୁଥାଂତି ଆଉ ରାଗରେ ଜଳୁଥାଂତି ।

କୋରେବାଂଗା ଚାଲି ଚାଲି ଅନେକ ଦୂରକୁ ପଳେଇଲା । ବାଟରେ ଦେଖିଲା ଜଣେ ସାଉକାର

ଆଗରେ ଆଗରେ ଚାଲିଛି ଆଉ ତା ପଛରେ ଚାଲିଛି ଗୋଟେ କାଉଡ଼ିଆ[7]। ସେ କୋରେ ବାଂଗାକୁ ଦେଖି ପଚାରିଲା, "ବାବୁ କୁଆଡ଼େ ଯାଉଚ?" ଯେ ଉତ୍ତର ଦେଲା, "ଦେଖୁଚ ପରା ଏ ପାଉଁଶ ବିକିବାକୁ ହାଟକୁ ଯାଉଚି।" ସାଉକାର ଯା କଥା ଶୁଣି ଛାନିଆଁ ହେଇ ପଚାରିଲା, "ତମ ମୁଂଡ ଫୁଣ୍ଡ ଠିକ୍ ଅଛି ତ? କୋଉ କାଳେ କିଏ ପାଉଁଶ ବିକିଥିଲା ନା ତମେ ବିକିବ? ହଇଓ ବାବୁ, ତମ ପାଉଁଶ କିଣିବ କିଏ?" କୋରେ ବାଂଗା କହିଲା, "ତମକୁ କଣ ମୁଁ କହିଲି ମୋ ପାଉଁଶ କିଣ ବୋଲି? ମୋ ପାଉଁଶର ଗୁଣ ମୋତେ ଜଣା। ବୁଝିଲ, ଏତିକି ପାଉଁଶକୁ ବାଟରେ ଜଣେ କିଣିବାକୁ ଚାହୁଁଥିଲେ, [20] ମାଣ ସୁନା ଦେଇ। ତାଂକୁ ମନା କଲି। ଅତି କମରେ ଦି କାଉଡ଼ି ସୁନା ନହେଲେ ମୁଁ କାଇଁକି କାହାକୁ ଦେବି କହିଲ?" ଏକଥା ଶୁଣି ସାଉକାର ଭାବିଲା, ବୋଧେ ଏ ପାଉଁଶର କିଛି ବିଶେଷ କରାମତି ଅଛି। ତା'ପରେ ସେ କୋରେ ବାଂଗାକୁ କହିଲା, "ଭାଇ, ହାଟ ତ ଆଉରି ଅନେକ ଦୂର। କେତେ ଆଉ ଚାଲିବ? ମୁଁ କାଉଡ଼ିଏ ସୁନା ଦେଇ ଯାଉଚି। ତମେ ସୁନା ନିଅ, ଆଉ ପାଉଁଶ ଦିଅ।" କୋରେ କିଂତୁ ସହଜରେ ମଂଗିଲାନି। ବେଶୀ ବୁଝାସୁଝା ପରେ ସେ କୁଂଥୁ କୁଂଥୁ ହୋଇ ପାଉଁଶ ଭାରଟା ଦେଇ ସୁନା ଭାରଟା ନେଲା, ଆଉ ଘରକୁ ଫେରିଲା।

ତା ଭାଇମାନେ ତାକୁ ହାଟରୁ ଫେରିବା ଦେଖି ଆହୁରି ରାଗରେ ଜଳିଲେ। କୋରେ ବାଂଗାର ତ ଆଉ ଘର ନଥାଏ, ତେଣୁ ସେ ତା ମା'କୁ ରଖିଥାଏ ଗୋଟେ ବରଗଛ ମୂଳେ। କୋରେ ବାଂଗା ସୁନା କାଉଡ଼ି ନେଇ ସେଠି ପହଂଚି ମା'କୁ ତା ବଡ଼ବାପା ଘରକୁ ପଠେଇଲା ମାଣ ମାଗିବା ପାଇଁ। ବୁଢ଼ୀ ଯାଇ ମାଣ ମାଗିଲା। ତା ଭାଇମାନେ ତ ଖୁବ୍ ଚାଲାକ। ସେମାନେ କ'ଣ ମାପିବାକୁ ମାଗୁଚି, ସେକଥା ଜାଣିବା ପାଇଁ ମାଣ ଗାତର ତଳେ କଂଚା ଗୋବର କିଛି ଲେସିଦେଇ ମାଣ ଦେଇଦେଲେ। କୋରେ ବାଂଗା ମା' ଠୁଁ ମାଣ ନେଇ, ତଳେ ଗୋବର ଲାଗିଥିବା ଦେଖିଲା। କିଛି ସମୟ ପରେ ମପାମପି ସାରି ଦିଟା ସୁନାଟଂକା ମାଣତଳେ ଲାଗିଥିବା କଂଚା ଗୋବରରେ ଲଗେଇ ଦେଇ ମା'କୁ ଦେଲା ବଡ଼ବାପା ଘରେ ଦେଇଦେବା ପାଇଁ। ବୁଢ଼ୀ ପାଖରୁ ମାଣ ନେଇ ଭାଇମାନେ ଦେଖିଲେ ସେଥିରେ ସୁନା ମୋହର ଲାଗିଚି। ସାକୁଲା ସାକୁଲି କରି ବୁଢ଼ୀକୁ ସେମାନେ ପଚାରିବାରୁ ବୁଢ଼ୀ ପାଉଁଶ ବିକି ସୁନା କାଉଡ଼ି ଆଣିବା କଥା କହିଲା। ଭାଇମାନେ ବୁଢ଼ୀଠୁ ରହସ୍ୟଟା ଜାଣିସାରି ଖୁସ୍। କୋରେ ବାଂଗାର ଗୋଟେ ବଖରା ଥିଲା। ସେଥିରେ ସେ କାଉଡ଼ିଏ ସୁନା ପାଇଲା ଯଦି, ଏମାନେ ତ ଚାରିଟା ବଖରାର ମାଲିକ। ତେଣୁ ଜଣେ ଜଣେ କାଉଡ଼ିଏ ଲେଖାଏଁ ସୁନା ପାଇବେ ଭାବି ରାତିରେ ଘରେ ନିଆଁ ଲଗେଇ ଦେଇ, ସକାଳେ ପାଉଁଶ ସବୁ ଗୁଣ୍ଡେଇ ପୁଣ୍ଡେଇ କାଉଡ଼ି କରି ହାଟକୁ ଚାଲିଲେ ବିକିବାକୁ। ହାଟରେ ଯାଇ ପହଂଚି 'ପାଉଁଶ କିଏ ନବ ପାଉଁଶ' କହି ଡକା ପାରିଲେ। ଲୋକମାନେ ଏମାନଂକୁ ଦେଖି ବୋକା ବୋଲି ଭାବି ଖାଲି ମୁରୁକି ମୁରୁକି ହସିଦେଇ ଚାଲିଗଲେ। ହାଟ ବାହୁଡ଼ାଣି ବେଳ ହେଲା। ତଥାପି ପାଉଁଶ ଗରାଖ କେହି ନମିଳିବାରୁ ଏମାନେ ବୁଝିଲେ ଯେ, କୋରେ ବାଂଗା ଏମାନଂକୁ ବୋକା ବନେଇଲା ବୋଲି। ତେଣୁ, ରାଗି ମାଗି ଉଚ୍ଛନ୍ନ ହେଇ ପାଉଁଶ କାଉଡ଼ି ସବୁ ସେଇଠି ଛାଡ଼ିଦେଇ ବାଟସାରା କେମିତି କୋରେ ବାଂଗାକୁ ମାରିବେ, ସେ ବିଷୟରେ ଚକ୍ରାଂତ କରି କରି ଗାଁରେ ପହଂଚିଲା ବେଳକୁ ରାତି ହେଇସାରିଥାଏ। ସେମାନେ ସିଧା ଗଲେ କୋରେ ବାଂଗା ରହୁଥିବା ବରଗଛ ମୂଳକୁ। କୋରେ ବାଂଗା ଆଉ ବୁଢ଼ୀ ଆରାମରେ ଶୋଇଥିବା ଦେଖି ମନ ଖୁସିରେ ଗୋଟେ ବଡ଼ ଡଲା ଆଉ ଖଣ୍ଡେ ବଡ଼ ବାଉଁଶ ତାଟି ଓ କିଛି ସିଆଳି ପଟ ଯୋଗାଡ଼ କରି ଆଣି କୋରେ ବାଂଗାର ଗୋଡ଼ହାତ ବାଂଧି ଡଲାରେ ପୂରେଇ ବାଉଁଶ ତାଟିରେ ଡଲା ମୁହଁକୁ ବଂଦ କରିଦେଇ, ଗୋଟେ ବଡ଼ ଶିକାରେ ଡଲାକୁ ଥୋଇ ଗୋଟେ ବଡ଼ ଠେଂଗାରେ ଦିଜଣ ଦି ପଟକୁ ଧରି, ନଇ

ପଟକୁ ଚାଲିଲେ। ଏସବୁ କାଂଡ କାରଖାନା ପରେ କୋରେ ବାଂଗାର ନିଦ ଭାଂଗି ଯାଇଥାଏ। ତଥାପି ସେ ଚୁପଚାପ ସେଠି ପଡ଼ିଥାଏ।

ନଈ ପାଖରେ ପହଂଚିଲା ବେଳକୁ ବେଳ ଉଦିଁ ସରିଥାଏ। ସେଠି ପହଂଚି ଚାରିଭାଇ ଭାବିଲେ ଯେ, ଆଜିତ କୋରେ ବାଂଗା ନିଶ୍ଚେ ମରିବ। ତେଣୁ ତା'କୁ ତା'ର ଶେଷ ଇଚ୍ଛା କ'ଣ ପଚରାଯାଉ। ତା'ପରେ ତା'କୁ ଡଲା ସାଂଗରେ ନଈ ଭିତରକୁ ପକେଇ ଦିଆଯିବ। ତା'ପରେ ସେମାନେ କୋରେ ବାଂଗାକୁ ପଚାରିଲେ, "କୋରେ ବାଂଗା, ତୁ ତ ମରିବୁ, ତେଣୁ ତୋର ଶେଷ ଇଚ୍ଛା କଣ କହ ?" କୋରେ ବାଂଗା କହିଲା, ସେ ଦନାଏ ଭାତ ଆଉ ଟିକେ କୁକୁଡ଼ା ମାଂସ ଖାଇବାକୁ ମନ କରୁଚି। ତା'ପରେ ଚାରି ଭାଇ ଡଲାକୁ ସେଠି ଥୋଇ କୁକୁଡ଼ା ମାଂସ ଓ ଭାତ ଆଣିବାକୁ ଗାଁକୁ ଫେରିଲେ।

କୋରେ ବାଂଗା ନିରୁପାୟ। ଗୋଡ଼ହାତ ବଂଧାହେଇଚି, ତେଣୁ ମୁକୁଳିବ କେମିତି ? ହଠାତ୍ ସେ ଗାଈ ମାନଂକ ବେକରେ ବଂଧା ହେଇଥିବା ଲୁଡ଼କା[9] ଠଡ଼ର ଠଡ଼ର ଶବ୍ଦ ଶୁଣି ପାଟି କଲା- "ରାଜାଝିଅ ମୋତେ ଜଗିଥିବ। ଏଣେ ଭାଇମାନେ କୁକୁଡ଼ା ମାଂସ ଓ ଭାତ ପାଇଁ ଯାଇଚନ୍ତି- କେତେବେଳେ ଫେରିବେ ଆଉ କେତେବେଳେ ମୋତେ ନଈକି ଫିଙ୍ଗିବେ କେଜାଣି ? ରାଜାଝିଅ କେତେ ରାଗୁଥିବ ? ଓହୋ କଣ କରିବି ମୁଁ ?" ଏମିତି ଖାଲି ଏଣୁ ତେଣୁ ଚିତ୍କାର କଲା। ଏକଥା ଗଉଡ଼ିଆ[10] ଶୁଣି ଡଲା ପାଖରେ ପହଂଚି ପଚାରିଲା, "ଭାଇ, କଥା କଣ ?" କୋରେ ବାଂଗା କହିଲା, "ଏ ଡଲାର ଅପୂର୍ବ ଗୁଣ। ଯା ଭିତରେ ବସି ମୁହଁ ବାଂଧିଦେଇ ଯଦି ଡଲାକୁ କେହି ନଈ ଭିତରକୁ ଫିଙ୍ଗିଦେବ, ତା' ହେଲେ ନଈ ଭିତରେ ଥିବା ରାଜାଝିଅକୁ ସେ ବାହାହବ। ହେଲେ ମୋ ଭାଇମାନେ ପରା ଭାତ ଆଉ କୁକୁଡ଼ା ମାଂସ ଆଣି ଯାଇଚନ୍ତି। ଏଣେ ମୋତେ ଭୋକ ହଉଚି, ନଖାଇଲେ ଯିବି କେମିତି ?"

ରାଜାଝିଅକୁ ବାହା ହେବା କଥା ଶୁଣି ଗଉଡ଼ିଆର ଲୋଭ ହେଲା। ସେ କହିଲା, "ଭାଇ, ତମେ ବାହାରେ ଆସି ଜଗିଥାଅ। ମୁଁ ଟିକେ ଡଲା ଭିତରେ ବସେ। ଦେଖିବି କେମିତି ସେଠି ଲାଗୁଚି।" କୋରେ ବାଂଗା 'ହଁ' କଲା। କହିଲା, "ତମେ ଡଲା ମୁହଁ ଫିଟାଅ।" ଗଉଡ଼ିଆ ଫିଟେଇଲା। ଯା ଗୋଡ଼ହାତରୁ ଦଉଡ଼ି ଖୋଲିଲା। କୋରେ ବାଂଗା ବାହାରିଲା। ତା'ପରେ ଗଉଡ଼ିଆ କୋରେ ବାଂଗାକୁ ଅନୁରୋଧ କଲା, ତାକୁ ଡଲାରେ ପୂରେଇ ନଈ ଭିତରକୁ ଫିଙ୍ଗିଦେବା ପାଇଁ। କୋରେ ବାଂଗା ମନା କଲା। ଗଉଡ଼ିଆ ବେଶୀ କହିବା ପରେ ସେ କହିଲା, "ହଉ ଯା—ତୁ ଆଜି ନଈକି ଯାଇ ରାଜାଝିଅକୁ ବାହା ହ'। ମୁଁ ପରେ ଯାଇ ଆଉ ଗୋଟେ ରାଜାଝିଅକୁ ବାହା ହେବି।" ଗଉଡ଼ିଆର ଖୁସି କହିଲେ ନସରେ। ସେ ଡଲାରେ ବସିଲା। ତା'ପରେ କୋରେ ବାଂଗା ଡଲାର ମୁହଁକୁ ସିଆଡ଼ି[11] ପଟରେ ଟାଟିଦେଇ ସିଲେଇ କରି ଡଲାଟାକୁ ନଈରେ ଫିଙ୍ଗିଦେଲା ଓ ଗୋଠ ଅଡ଼େଇ ଗାଁ ପଟକୁ ଚାଲିଲା। ସେପଟୁ ତା ଭାଇମାନେ ଖୁସିରେ କୁକୁଡ଼ା ମାଂସ ଓ ଭାତ ଦନାରେ[12] ଧରି ଫେରୁଥାଂତି। ଗୋଠ ଅଡ଼େଇ ଅଡ଼େଇ କୋରେବାଂଗାକୁ ଆସୁଥିବା ଦେଖି ସେମାନେ କାବା। ପଚାରିଲେ, "ଗୋଠ କୁଆଡୁ ପାଇଲୁ ?" ଯେ କହିଲା, "ଡଲାଟା ସିନା ତମେ ନଈ କୂଳରେ ଛାଡ଼ି ଦେଇ ଆସିଲ। ହେଲେ, ତା'ପରେ କିଏ ଜଣେ ଆସି ଡଲାଟାକୁ ନଈପାଣିକୁ ଫିଙ୍ଗିଦେଲା। ହେଲେ ସେ ପାଣି ଭିତରେ ଅଛି ଗୋଟେ ଅପୂର୍ବ ରାଇଜ। ସେଠି ଆମ ପୂର୍ବପୁରୁଷମାନେ ଅଛନ୍ତି। ମୋତେ ଦେଖି ସେମାନେ ବହୁତ ଖୁସି ହେଲେ। ଜଣେ ମୋତେ ତା'ର ଗାଈ ଗୋଠ ଦେଲା। ଅନ୍ୟମାନେ ପ୍ରତିଦିନ ଆସି ନିଜ ନିଜର ଗୋଠ ମୋତେ ନେଇ ଯିବାକୁ କହିଚନ୍ତି।" ଭାଇମାନେ ଏସବୁ ଶୁଣି କୋରେ ବାଂଗାକୁ ସେମାନଂକୁ ଡଲାରେ ପୂରେଇ ନଈ ଭିତରକୁ ଫିଂଗିବା ପାଇଁ ଯେତେ ଫୁସୁଲେଇଲେ ବି ସେ ଅମଂଗ ହେଲା। ଏଥିରେ ଗୋଡ଼ହାତ ଧରିବାରୁ ରାଜିହେଲା।

ଚାରିଭାଇ ପାଖ ଗାଁକୁ ଯାଇ ଚାରିଟା ଡଲା, ବାଉଁଶତାଟି, ଶିଆଡ଼ି ପଟ ଯୋଗାଡ଼ କରି ଆଣିଲେ। କୋରେ ବାଂଗାକୁ ସାଥିରେ ନେଇ ନଈକୂଳକୁ ଗଲେ। କୋରେ ବାଂଗା ସମସ୍ତଂକୁ ଡଲାରେ ପୂରେଇ, ଗୋଡ଼ହାତ ବାଂଧି, ଡଲାର ମୁହଁସବୁ ଉପରେ ବାଉଁଶକାଟି ସିଲେଇ ଦେଇ, ଗୋଟେ ପରେ ଗୋଟେ ଡଲା ପାଣି ଭିତରକୁ ଗଡ଼େଇଦେଲା। ଚାରିଭାଇ ପାଣିରେ ବୁଡ଼ି ମଲେ। କୋରେବାଂଗା ମନଖୁସିରେ ଘରକୁ ଫେରିଲା।

---

1. ରାଂଡି ବୁଢ଼ୀ : ବିଧବା ବୁଢ଼ୀ 2. ନିଂଜେଇବା : ଧାନକ୍ଷେତରୁ ବାଳୁଂଗା ବାଛିବା 3. ଗୁତା : କୌଣସି ଏକ ବଡ଼ କାମକୁ କିଛି ଲୋକ ଦର ପଟେଇ କରିବା ଓ କାମଟା ସରିବା ପରେ ପଇସାକୁ ନିଜ ନିଜ ଭିତରେ ବାଣ୍ଟି ନେବା 4. କାଂପ୍ନି : ବାଳୁଂଗା 5. ଡଲା : ଟୋକେଇ 6. କାଉଡ଼ି : ଭାର 7. କାଉଡ଼ିଆ : ଭାରୁଆ 8. ବେଢ ଉଦି : ସୂର୍ଯ୍ୟୋଦୟ ବା ସକାଳ 9. ଲୁଡ଼କା : ଚୋରଣୀ ଗାଈମାନଂକ ବେକରେ କାଠରେ ତିଆରି ଘଣ୍ଟି ପରି ଏକ ଜିନିଷ, ଯାହାକି ଗାଈ ଚାଲିଲେ ଖଡ଼ ଖଡ଼ ଶବ୍ଦ କରେ 10. ଗଉଡ଼ିଆ : ଗାଈଆଳ ଟୋକା 11. ସିଆଡି ପଟ : ଶିଆଳି ଲତାର ଦଉଡ଼ି 12. ଦନା : ପତ୍ରରେ ତିଆରି ଗିନା।

ବାଘ ଓ ଧାଂଗଡ଼ୀ କଥା

ଥରେ ଜଣେ ଲୋକ ବଣକୁ କାଠ କାଟି ଯାଇଥାଏ । ସେଠି କାଠ କାଟୁ କାଟୁ ତା' ହାତରୁ ଟାଂଗିଆଟା ଛିଟିକି ଯାଇ କୋଉଠି ପଡ଼ିଲା କେଜାଣି, ସେ ଯେତେ ଖୋଜିଲେ ବି ମିଳିଲାନି । ଟାଂଗିଆ ବିନା ସେ କାଠ କେମିତି କାଟିବ ? କାଠ ନେଇ ନବିକିଲେ ତା' ଘରେ ଚୁଲି ଜଳିବନି । ସେ ଭାରି ଗରିବ । ତେଣୁ ଆଉ ଗୋଟିଏ ଟାଂଗିଆ କିଣିବା ବି ତା' ଲାଗି ସହଜ କଥା ନୁହେଁ । ଟାଂଗିଆ ନପାଇ ଲୋକଟା ଦୁଃଖରେ ବଣରେ ପାଟିକଲା, ''ଏ ବଣରେ ଯିଏ ସବୁ ଅଛ- ଶୁଣ- ଯିଏ ମୋ ଟାଂଗିଆ ଖୋଜି ଆଣିଦେବ, ମୁଁ ତା' ସାଙ୍ଗରେ ମୋ ଝିଅକୁ ବାହାଦେବି ।''

ଏକଥା ଶୁଣି ଗୋଟିଏ ମହାବଳ ବାଘ ଟାଂଗିଆ ନେଇ ଆସିଲା । ତା'କୁ ଦେଖି ଲୋକଟା ଛାନିଆଁ ହେଇଗଲା । ବାଘ କହିଲା, ''ଡରନି । ମାନ୍ୟରେ ତମେ ମୋର ଶାଗ୍ରା[1] ହେଲ । ଟାଂଗିଆ ନିଅ । ଆଉ ମୋ ସାଂଗରେ ତମ ଝିଅକୁ ବାହା ଦିଅ ।'' ଲୋକଟା ଆଉ କରେ କଣ । ସେ ତ ନିଜେ ସତ୍ୟ କରିଚି— ବାଘ ମୁହଁକୁ ଝିଅଟାକୁ ପେଲି ଦେବାକୁ ସେ ବାଧ୍ୟ । ତେଣୁ ବାଘକୁ ସେ କହିଲା, ''ଚାଲ ଯିବା ଘରକୁ । ତମେ ତ ମୋ ଜ୍ବୁଆଁଇ ହେଲ । ଝିଅକୁ ନେଇ ଆସିବ । ଯିବା ଚାଲ ।''

ଦିହେଁ ଘରକୁ ଗଲେ । ଲୋକଟି ଯାଇ ଘରେ ତା' ସ୍ତ୍ରୀ ଆଉ ଝିଅକୁ ସବୁ କଥା କହିଲା । ଝିଅ କିନ୍ତୁ ବାଘ ସାଂଗରେ ବାହା ହେବାକୁ ମୋଟେ ରାଜି ହେଲାନି । ବାଘ କିନ୍ତୁ ବଡ଼ ନଛୋଡ଼ବଂଧା । ସେ ଝିଅକୁ ସାଥୀରେ ନେଇ ଯିବାକୁ ଅଡ଼ି ବସିଲା । ଲୋକ ଜଣକ ବହୁ ବୁଝାଶୁଝା କରି ଶେଷରେ ବାଘ ସାଂଗରେ ଝିଅକୁ ବିଦା କଲା । ଝିଅ କାଂଦି କାଂଦି ବାଘ ସାଂଗରେ ଗଲା ବଣକୁ । ବାଘ ତା'କୁ ନିଜର ପାର୍[2] ପାଖକୁ ନେଲା । ପାଖରେ ଗୋଟିଏ ନଦୀ ବୋହି ଯାଉଚି । ଆଉ ତା'ର ପାର୍‌କୁ ଲାଗି ଗୋଟେ ଗଛରେ ଗୋଟ ବଡ଼ କୋରଡ଼ । ଝିଅ ଯେମିତି ବାଘର ଘର ଦେଖିଲା- ତା' ଭିତରକୁ ସେ ଯିବାକୁ ମଂଗିଲାନି । ହେଲେ ବାଘ ତାକୁ କହିଲା, ''ଯା' ତୁ ଭିତରେ ବସିଥା- ମୁଁ ଟିକେ ବାହାରୁ ଆସୁଚି ।'' ଝିଅ ଆଉ କରେ କଣ ? ବାଧ୍ୟ ହେଇ ପାର୍ ଭିତରେ ପଶିଲା ।

ଭିତରେ ପଶି ଝିଅର ମୁଂଡ ଘୂରିଗଲା । ସେ ସେଠି ଦେଖିଲା- ଚାରିଆଡ଼େ ଖାଲି ମଣିଷ ଦେହର ହାଡ଼ ଓ ଖପୁରୀ ବିଛେଇ ହେଇ ପଡ଼ିଚି । ସେସବୁ ଦେଖି ତା'ର କଲିଜା ପାଣି ହେଇଗଲା । ଛାନିଆ ହୋଇ ସିଧା ସେ ନଈ ପାଖକୁ ଯାଇ ତା' ଦୁଃଖ ଜଣେଇଲା । ନଈ କହିଲା, ''ତେଂତୁଳି ଗଛ ପାଖକୁ ଯା' ।'' ଝିଅ ତେଂତୁଳି ଗଛ ପାଖକୁ ଗଲା । ଗଛକୁ ତା' ଦୁଃଖ ଜଣେଇବା ପରେ ନିଜେ ଗଛର କୋରଡ଼ ଭିତରେ ଯାଇ ଯେମିତି ପଶିଚି- ଗଛ ତା' ଦୁଃଖ ବୁଝି କୋରଡ଼ର ମୁହଁକୁ ବୁଜିଦେଲା । ତା' ପରେ ନଦୀରେ ପୁର[3] ଆସିଲା । ଆଉ ତେଂତୁଳି ଗଛକୁ ଭସେଇ ଭସେଇ ନେଇଗଲା ଦୂରକୁ ।

ଅନେକ ଦିନ ଭାସିବା ପରେ ତେଂତୁଳି ଗଛ ଯାଇ ଲାଗିଲା ଗୋଟେ ଦେଶରେ । ଭାସି ଭାସି ଯାଇ ଗାଧୁଆ ଘାଟରେ ଲାଗିଲା । ଲୋକେ ତା'କୁ କାଟି ବାହାର କରିଦେବାକୁ ଯେମିତି ଆରଂଭ

କଲେ, ଗଛ ଭିତରୁ ଝିଅଟା କହିଲା, "ମୋତେ ମାରନି। ମୋତେ ମାରନି।" ଲୋକେ ଗଛ ଦେବତା କହୁଚଂତି ବୋଲି- ଗଛକୁ ଆସ୍ତେ ଆସ୍ତେ କାଟିଲେ। କିଛି ସମୟ ପରେ ଭିତରୁ ଝିଅଟି ବାହାରିଲା। ସମସ୍ତେ ତା'କୁ ଦେଖି ଆଶ୍ଚର୍ଯ୍ୟ ହେଇଗଲେ ଏବଂ କାଳେ ଦେବୀଟିଏ ହେଇଥିବ ଭାବି ରାଜାଙ୍କୁ ନେଇ ସଁପିଦେଲେ। ଝିଅର ରୂପରେ ମୁଗ୍ଧ ହୋଇ ରାଜା ତା'କୁ ରାଣୀ କଲେ। ଝିଅ ପୂର୍ବ କଥା ସବୁ ଭୁଲିଯାଇ ସେଠି ସୁଖରେ ରହିଲା।

ଏଣେ ବାଘ ପାର୍‌କୁ ଆସି ଦେଖିଲା ବେଳକୁ ସେଠି ଝିଅ ଆଉ ନାହିଁ। ବାଘ ତଂତ୍ର ମଂତ୍ର ଜାଣିଥାଏ। ସେ ମଂତ୍ର ବଳରେ ଜାଣିଲା ଯେ, ଝିଅ ଯାଇ ରାଣୀ ହେଇଚି। ବାଘକୁ ଆଉ ସଂଭାଳେ କିଏ? ସେ ସାଂଗେ ସାଂଗେ ମଣିଷ ରୂପ ନେଇ ଚୁଡ଼ି ହାରିଆ[4] ବେଶରେ ଗଲା ଝିଅ ଥିବା ଦେଶକୁ।

ରାଜା ଘର ପାଖରେ ବାଘ ଡାକିଲା, "ଚୁଡ଼ି, ଚୁଡ଼ି! କିଏ ନବ ଚୁଡ଼ି! ଚୁଡ଼ି, ଚୁଡ଼ି! କିଏ ନବ ଚୁଡ଼ି!" ଝିଅ ଯେମିତି ଚୁଡ଼ି ଡାକ ଶୁଣିଲା, ସେ ଚୁଡ଼ି କିଣିବାକୁ ବାହାରିଲା ତା' ସଖିମାନଂକ ସାଂଗରେ। ବାଘ ଝିଅକୁ ଦେଖି ଚିହ୍ନି ପକେଇଲା। ଆଉ ଚୁଡ଼ି ପିଂଧେଇବାକୁ ତା' ହାତ ବଢ଼େଇବାକୁ କହିଲା। ଝିଅ ହାତ ବଢ଼େଇଲା। ବାଘ ଚୁଡ଼ି ପିଂଧେଇଲା ବେଳକୁ ତା' ନଖ ବାଜି ଝିଅ ହାତରୁ ରକ୍ତ ବୋହିଲା। ରକ୍ତ ଦେଖି ବାଘ ପାଟିରୁ ଲାଳ ବୋହିଲା। ଝିଅ ଏଣେ ଯଂତ୍ରଣାରେ ବାଘର ହାତକୁ ଦେଖିଲା। ବାଘ ସଦା ମଣିଷ ରୂପ ନେଇଥାଏ, ହେଲେ ତା ନଖ ଠିକ୍ ଥାଏ ବାଘନଖ ପରି। ଝିଅ ଯେମିତି ବାଘର ନଖ ଦେଖିଚି- ତା'କୁ ଆଉ କିଛି ଅବୁଝା ରହିଲାନି। ସେ ନିଜ ହାତକୁ ବାଘ ହାତରୁ ଟାଣି ଆଣି ଯେମିତି ଦୌଡ଼ିବାକୁ ବସିଲା- ବାଘ କେହି ନଶୁଣିଲା ପରି ଚୁପି ଚୁପି ଝିଅ କାନରେ କହିଲା, "ରହ ରହ, ରାତିରେ କୁଆଡ଼େ ଯିବୁ।" ଏତିକି କହି ବାଘ, 'ଚୁଡ଼ି ଚୁଡ଼ି', ଡାକି ଡାକି ପଳେଇଗଲା। ଝିଅ ଅଣନିଃଶ୍ୱାସୀ ହୋଇ ଧାଇଁଲା ରାଜାଂକ ପାଖକୁ। ସିଏ ରାଜାଂକୁ ସବୁ କଥା କହିଲା। ରାଜା ସବୁ କଥା ଶୁଣିଲେ। ସେ ଜାଣିଲେ ଯେ, ଆଜି ରାତିରେ ନିଶ୍ଚୟ ବାଘ ରୂପ ବଦଳାଇ ଆସିବ। ତେଣୁ ରାଜା ମନେ ମନେ ବାଘକୁ ମାରିବା ଲାଗି ପ୍ରସ୍ତୁତ ହେଲେ।

ରାତି ହେଲା। ରାଣୀ ଯେମିତି ଶୁଅଂତି, ସେ ଖଟରେ ରାଜା ଗୋଟିଏ ଲାଖ କଂଢ଼େଇ ଶୁଏଇ ଦେଇ ତା' ଉପରେ ଖଂଡେ ଚାଦର ଢାଂକିଦେଲେ। ରାତି ବଢ଼ିଲା। ରାଜା ଛପିଚଂତି ଅଂଧାର କଣରେ ହାତରେ ଖଂଡା ଧରି। ବାଘ ଝରକା ଦେଇ ପଶିଲା ବିଲେଇ ରୂପରେ। ବଖରା ଭିତରେ ପଶି ପୁଣି ବାଘରୂପ ନେଇ ଝପଟି ଆସି ଖୁବ ଯୋରରେ ଯେମିତି ଉପରକୁ ଝାଂପି ପଡ଼ିଚି, ରାଜା ଝପଟି ଆସି ତା' ବେକରେ ଖଂଡା ଚୋଟ ପକେଇଲେ। ବାଘର ଗଂଡିରୁ ମୁଂଡଟା ଛିଂଡି ପଡ଼ିଲା। କଂଟା ଗଲା। ରାଜା ଆଉ ରାଣୀ ସୁଖରେ ରହିଲେ।

---

1. ଶାଡ୍ରା : ଶ୍ୱଶୁର 2. ପାର୍ : ଗୁଂଫା 3. ପୁଉ : ବନ୍ୟା 4. ଚୁଡ଼ି ହାରିଆ : ଚୁଡ଼ି ବେପାରୀ ।

ଗୋଇ କଥା (ଗୋଧି କଥା)

ଗୋଟିଏ ଗାଁ'ରେ ବୁଢ଼ାଟିଏ, ବୁଢ଼ୀଟିଏ ରହୁଥା'ନ୍ତି । ପୁଅ, ଝିଅ ବୋଲି କେହି ନାହାଁନ୍ତି । ଯାହା କୁଲି ଭୁତି କରି କମା'ନ୍ତି-ସେତିକିରେ କଷ୍ଟେ ମଷ୍ଟେ ଚଳିଯାଆନ୍ତି । ବୁଢ଼ୀର ବୟସ ସିନା ବେଶୀ, ହେଲେ ପର୍ବପର୍ବାଣିରେ ସେ ଧାଂଗଡ଼ୀ[1] ମାନ'ଙ୍କଠୁ ବି ଆଗ । ଚଇତ ପର୍ବ କି ପୁଷ ପର୍ବ କି ନୂଆଖିଆ ପର୍ବବେଳେ ଯେତେବେଳେ ଗାଁ ଦା'ଣ୍ଡରେ ଢୋଲ, ଟାମକ, ମହୁରୀ, ଆଉ ଚିଡ଼ି ବିଡ଼ି[2] ବାଜେ, ବୁଢ଼ୀର ମନ ଆଉ ଘର କାମରେ ଲାଗେନି । ସେ ମଂଜୁର ମୁଠା[3] ଧରି ଯାଇ ଗାଁ ଦା'ଣ୍ଡରେ ହାଜର ହେଇଯାଏ । ଧାଂଗଡ଼ୀ, ଧାଂଗଡ଼ା[4] ଯେତେବେଳେ ପରସ୍ପର ଅଂଟାରେ ହାତ ବା'ନ୍ଧି ଢେମସା[5] ନାଚିବା ଆରଂଭ କରନ୍ତି, ବୁଢ଼ୀ ସବା ଆଗରେ ରହି ବାଟ କଢ଼ାଏ ।

ଗାଁରେ ସେ ବର୍ଷ ଚଇତ ପର୍ବ ଚାଲିଥାଏ । ଚଇତ ପର୍ବରେ ତ ସେମାନେ ଆ'ମ୍ବ ନୂଆ ଖାଇବା କଥା । ବୁଢ଼ୀ ତେଣୁ ଦିନେ ସକାଳେ ବୁଢ଼ାକୁ କହିଲା, ''ହେଇଟି ଶୁଣ ? ମୁଁ ଘର ସାରାଉଛି ।[6] ତମେ ଯାଇ ତୋଟାରୁ ଆ'ମ୍ବ ଦି'ଟା ତୋଳି ଆଣ ।'' ବୁଢ଼ା ବି ବୁଢ଼ୀ କଥାରେ 'ହଁ' କରି ଆ'ମ୍ବ ଆଣି ଗଲା ତୋଟାକୁ ।

ତୋଟାରେ ଯାଇ ପହଂଚି ଏ ଗଛ ସେ ଗଛ ଦେଖିଲା ଓ ଗୋଟେ ଗଛକୁ ଚଢ଼ିବା ପାଇଁ ଚେଷ୍ଟା କଲା । ଗଛର ଗଂଡିଟାକୁ କୁଂଢେଇ ଧରି କିଛି ବାଟ ଚଢ଼ିଲା ପରେ ଗୋଟେ ଛୋଟିଆ ଡାଳ ପାଇ ତା'କୁ ଧରି ପକେଇ ଉପରକୁ ଚଢ଼ିଯିବାର ଚେଷ୍ଟା କଲା । ହେଲେ ବୁଢ଼ା ଡାଳଟାକୁ ଯେତିକି ତଳକୁ ଭିଡ଼ିବାକୁ ଚେଷ୍ଟା କଲା- ଡାଳଟା ସେତିକି ଉପରକୁ ଟାଣିହେଲା । ବୁଢ଼ା ଖୁବ ଜୋର ଲଗେଇଲା । ତଥାପି ହେଲାନି । ତା' ପରେ ବୁଢ଼ା ଭାବିଲା, ''ଡାଳଟା ଯେତେ ତଳକୁ ଟାଣିଲେ ବି ଆସୁନି କାହିଁକି ?''

ଏମିତି ଟଣା ଓଟରା କରୁ କରୁ ବୁଢ଼ା ଭାବିଲା, ମୁଁ ଡାଳଟାକୁ ଧରି ଟାଣୁଚି ନା ଆଉ କ'ଣଟେ ଧରି ଟାଣୁଚି ମ ? ଏମିତି ଭାବି ଟିକେ ଉପରକୁ ଲକ୍ଷ୍ୟ କଲା ଯେତେବେଳେ, ସେ ଦେଖିଲା ଯେ, ହାତରେ ସେ ଯାହା ଧରିଛି ସେଇଟା ଡାଳ ନୁହେଁ, ଲା'ଞ୍ଜଟାଏ । ତା' ପରେ ବୁଢ଼ା ଆ'ମ୍ବ ତୋଳିବା କଥା ଭୁଲିଯାଇ, ଟାଣିଲା ଲା'ଞ୍ଜକୁ ଖୁବ୍ ଯୋର୍‌ରେ । ଆଉ ଶେଷରେ ତଳେ କଚାଡ଼ି ହେଇ ପଡ଼ିଲା । ହାତର ମୁଠା କିଂତୁ ଖୋଲି ନଥାଏ । ତଳେ ଯେତେବେଳେ ବୁଢ଼ା ଦେଖିଲା, ତା' ହାତରେ ଗୋଇ[7]ର ଲା'ଞ୍ଜ, ବୁଢ଼ାର ଖୁସି ଆଉ ଦେଖେ କିଏ ? ଗୋଇ ଛଟ୍‌ଢ଼େଇ ହୋଇ ପଳେଇବାକୁ ଚେଷ୍ଟା କରୁଥାଏ । ବୁଢ଼ା କି ଆଉ ତା'କୁ ଛାଡ଼େ ? ସେ ଗୋଇକୁ ତଳେ ପିଟି ପିଟି ମାରିଦେଇ ଚାଲିଲା ଘରକୁ ।

ଘରେ ପହଂଚିବା ଆଗରୁ ଗୋଟେ ବୁଦାମୂଳେ ଗୋଇକି ଲୁଚେଇ ଦେଇ ମୁହଁ ଶୁଖେଇ ଗଲା । ବୁଢ଼ୀ ପଚାରିଲା, ''ଆ'ମ୍ବ କାଇଁ ?'' ବୁଢ଼ା, ବୁଢ଼ୀ କଥାରେ କିଛି ଉତ୍ତର ନଦେଇ ଖାଲି ଚୁପ୍ ଚାପ୍ ଠିଆ ହେଇଥାଏ । ବୁଢ଼ୀକି ତା' ପରେ ଆଉ ସଂଭାଳେ କିଏ ? ସେ ବୁଢ଼ାକୁ ଖୁବ୍ ଗାଳିଦେଲା । ବୁଢ଼ା ତା'ପରେ କିଛି ନକହି ସିଧା ଗଲା ବୁଦା ମୂଳକୁ । ଆଉ ସେଠୁ ଗୋଇଟାକୁ ଆଣି ବୁଢ଼ୀ ଆଗରେ

ଥୋଇ ଦେଲା ଓ କହିଲା, ''ଆଉ ଗାଳି ଦେବୁ ?'' ଗୋଇକି ଦେଖି ବୁଢ଼ୀର ପାଟିରୁ ଲାଳ ଗଡ଼ିଲା । ସେ ବୁଢ଼ାକୁ ଆଉ କିଛି ନକହି ଗୋଇ ମାଉଁସ କାଟି ଶାଗ ରାଂଧିଲା । ବୁଢ଼ା ବୁଢ଼ୀ ଦିହେଁ ଗୋଇ ମାଉଁସ ଖାଇ ରାତିରେ ସଦର ଡାଂଡରେ[7] ଅନେକ ରାତି ଯାଏଁ ଢେମସା ନାଚିଲେ । ଗୋଇ ମାଉଁସ ଖାଇବା ପରେ ବୁଢ଼ୀର ଆଉ ଆଂବ ନୂଆ ଖାଇବା କଥା ମନେ ପଡ଼ିଲାନି ।

ବୁଢ଼ା ତା' ପରଦିନ ବୁଢ଼ୀକି ଡାକି ମନେ ପକେଇଲା ପରି କହିଲା, ''କଣ ଆଜି ଆଉ ଆଂବ ଆଣି ଯିବିନି କି ?'' ବୁଢ଼ୀ କହିଲା, ''ହଁ, ଆଂବ ଆଣି ଯିବ, ଆସିଲା ବେଳକୁ ଆଂବ ନ ଆଣିଲେ ନାଇଁ, ଗୋଇଟେ କିଂତୁ ନିଶ୍ଚୟ ଆଣିବ ।''

---

1. ଧାଂଗଡ଼ୀ : ଯୁବତୀ 2. ଟିଡ଼ି ବିଡ଼ି : ଟାମକର ଏକ କ୍ଷୁଦ୍ର ରୂପ 3. ମଂଜୁର ମୁଠା : ମୟୂର ପୁଚ୍ଛର ମୁଠା 4. ଧାଂଗଡ଼ା : ଯୁବକ 5. ଢେମସା : ଉଭୟ ପୁରୁଷ ଓ ସ୍ତ୍ରୀ ପରସ୍ପର ଅଂଟାରେ ହାତ ଛଂଦି ଅର୍ଦ୍ଧ ବୃତ୍ତାକାରରେ ବାଦ୍ୟର ତାଳେ ତାଳେ ନାଚଂତି 6. ସାରାଉଛି : ଲିପା ପୋଛା କରି ସଫାସୁତୁରା କରିବା 7. ଗୋଇ : ଗୋଧି 8. ସଦର ଡାଂଡ : ଗାଁ ଦାଂଡ ।

ବାଗ୍ ଚେଲି କଥା

ଗୋଟେ ଗାଁରେ ବୁଢ଼ାଟେ, ବୁଢ଼ୀଟେ ଥା'ନ୍ତି । ସେମାନେ ଛେଳିଟେ ପୋଷିଥା'ନ୍ତି । ଛେଳିଟା ମାଈ । ତେଣୁ ଦିହେଁ ତା'କୁ ଝିଅ ପରି ଖୁବ୍ ଗେଲ ବସରରେ ରଖିଥା'ନ୍ତି । ଥରେ ଚଇତ ପର୍ବ ବେଳକୁ ବୁଢ଼ୀ କୁଟନି ଶାଲ୍‌ରେ[1] ଧାନ କୁଟି ଚାଉଳ ପାଛୁଡ଼ି ରଖିଥାଏ । ଛେଳି କଣ କଲାନା ସବୁ ଚାଉଳ ଖାଇଦେଲା ।

ବୁଢ଼ୀ ଆସି ଦେଖିଲା ବେଳକୁ କୁଲାରେ ଆଉ ଚାଉଳ ନାହିଁ । ସେ ଏସବୁ ଛେଳିର କାଣ୍ଡ ବୋଲି ଜାଣିପାରି ଡାଙ୍ଗଟେ ଆଣି ଛେଳି ପିଠିରେ କଷିଦେଲା ଦି ଚାରି ପାହାର । ଛେଳିକୁ ଖୁବ୍ କାଟିଲା । ସେ ମାଡ଼ ଭୟରେ ଘର ଛାଡ଼ି ଧାଇଁଲା ବାହାରକୁ । ବୁଢ଼ୀ ବି ତା ପଛରେ ଗୋଡ଼େଇ ଗୋଡ଼େଇ ତା'କୁ ପିଟିଲା । ଆଗରୁ ଛେଳିକି ତ ମାଡ଼ କାଟିଥିଲା । ହେଲେ ଏମିତି ତା' ପଛରେ ଗୋଡ଼େଇ ଗୋଡ଼େଇ ତା'କୁ ବୁଢ଼ୀ ପିଟିବା ପରେ ତା' ମନରେ ଖୁବ୍ ଅଭିମାନ ହେଲା । ତେଣୁ ତା' ପରେ ସେ ଗାଁ ଛାଡ଼ି ବଣ ଆଡ଼କୁ ଧାଇଁଲା ।

କିଛି ବାଟ ଯାଏଁ ବୁଢ଼ୀ ତା' ପଛେ ପଛେ ଧାଇଁଲା । ଛେଳି କିନ୍ତୁ ବୁଢ଼ୀ ଯେତେ ଡାକିଲେ ବି ଶୁଣିଲାନି । ଖାଲି ଧାଉଁଥାଏ । ଧାଉଁଥାଏ । ଧାଉଁଥାଏ । ବୁଢ଼ୀତ ସହଜେ ବୁଢ଼ୀ, ସେ ବା ଆଉ କେତେ ବେଳ ଧାଇଁ ପାରନ୍ତା ? ଶେଷରେ ସେ ''ଯୁଆଡ଼େ ଯାଉଚୁ ଯା'' କହି ଘରକୁ ଫେରି ଆସିଲା ।

ଛେଳି ଏମିତି ବଣ ଭିତରେ ଧାଇଁ ଧାଇଁ ଯାଉ ଯାଉ ସଂଜ ହୋଇଗଲା । ହଠାତ୍ ସେ ଦେଖିଲା, ମହାବଳ ବାଘୁଣୀଟେ ତା ଆଡ଼କୁ ଆସୁଚି । ବାଘୁଣୀକୁ ଦେଖି ତା ପିଳେହି ପାଣି । ସେ କ'ଣ କରିବ, ବୁଝି ପାରିଲାନି । ବାଘୁଣୀ ତା ପାଖକୁ ଆସି ତା'କୁ ପଚାରିଲା, ''କୁଆଡ଼େ ଯାଉଚୁ ଲୋ ଭାଣିଜୀ ?'' ପ୍ରଶ୍ନ ଶୁଣି ଛେଳିର ପିଣ୍ଡରେ ଟିକେ ପ୍ରାଣ ପଶିଲା । ବଡ଼ ସାହସରେ ସେ କହିଲା, ''ମାଇଁଲୋ, ମୋ ମା ବାପା ମତେ ବାଡ଼େଇଲେ ବୋଲି ମୁଁ ପରା ରାଗିକରି ବଣକୁ ପଳେଇ ଆସିଚି ।'' ବାଘୁଣୀ କହିଲା, ''ଆଲୋ ଭାଣିଜୀ, ତୁ ତ ହେଲୁ ଗାଉଁଲି ଜୀବ । ତୁ ଆମ ଏ ବଣର ହାଲ ଚାଲ କେମିତି ଜାଣିବୁ । ତତେ ଏମିତି ଯଦି ଏକା କିଏ ଦେଖିବ, ତା ସାଂଗେସାଂଗେ ତୋ ତଣ୍ଟିମୋଡ଼ି ଖାଇଦେବ । ଆଲୋ ତୁ ତ କଲିଆ[2] ଟେ ସାଂଗରେ ବି ଲଢ଼ି ପାରିବୁନି । ମୁଁ ସିନା ଭଲ ବୋଲି ତତେ କିଛି କରୁନି ? ନହେଲେ ମୁଁ କ'ଣ ତତେ ଛାଡ଼ିଥା'ନ୍ତି ? ତେଣୁ ଭଲ ଗତି ଯଦି ଅଛିଲୋ ଭାଣିଜୀ, ରାଗ ରୁଷା ଛାଡ଼ି ଘରକୁ ପଳା, ନହେଲେ ମିଛଟାରେ ପ୍ରାଣଟା ଯିବ ।'' ଛେଳି କିନ୍ତୁ କହିଲା, ''ମାଇଁଲୋ, ମରିଲେ ପଛେ ମରିବି, ହେଲେ ସେଇ ଘରକୁ କେବେ ଆଉ ଯିବିନି । ସେ ବୁଢ଼ା ବୁଢ଼ୀର ମାଡ଼ ଅପେକ୍ଷା ବଣରେ କିଏ ତଣ୍ଟି ମୋଡ଼ି ଖାଇଲେ ଭଲ । ତେଣୁ ମାଇଁଲୋ, ମୁଁ ମୋଟେ ଯିବିନି ।'' ବାଘୁଣୀ ତା'ପରେ ବହୁତ ବୁଝେଇଲା ଛେଳିକି ଘରକୁ ଫେରିଯିବା ପାଇଁ । ଛେଳି କିନ୍ତୁ ନଯିବା ପାଇଁ ଅଡ଼ି ବସିଲା । ବାଘୁଣୀ ତା'ପରେ ପଚାରିଲା, ''ଆଲୋ ଭାଣିଜୀ, ତୋର ତ ପିଲା ଛୁଆ ହେଲା

ଭଳିଆ ମତେ ଦିଶୁଚି । ତୁ ଏମିତି ଅବସ୍ଥାରେ କୁଆଡ଼େ ଯିବୁ କହିଲୁ ?'' ଛେଳି କହିଲା, ''ମାଇଁଲୋ, ଦେଖୁଚୁ ତ ମୋର ଏମିତି ଅବସ୍ଥାରେ ଚାଉଳ ଦୁଇ ମୁଠା ଖାଇବାକୁ ମନ ହେଲା ବୋଲି ଖାଇଦେଲି ଯେ, ମତେ କେମିତି ବାଡ଼େଇ ପିଟି ଘରୁ ଘଉଡ଼ିଦେଲେ । ତୁ ଫେରେ ମତେ ସେଠିକି ଯିବାକୁ କହିଲେ ମୁଁ କେମିତି ସେଠିକି ଯିବି କହିଲୁ ? ତୁ ଯଦି ମତେ ଖାଇବୁ ଖା ପଛେ, ମୁଁ ସେଠିକି ମୋଟେ ଯିବିନି ।''

ଛେଳି କଥା ଶୁଣି ବାଘୁଣୀ କହିଲା, ''ଆଲୋ ! ମୋର ବି ଯା' ଭିତରେ ଛୁଆ ପିଲା ହେବାର ଅଛି । ତୋ ପେଟରେ ବି ଛୁଆ ଅଛି । ମୁଁ ତତେ କେମିତି ଖାଇବି କହିଲୁ ? ହେଇଟି, ମୁଁ ତତେ କଥା ଦଉଚି, ତତେ ମୁଁ କେବେ ଖାଇବିନି । ତୁ ମୋ ସାଙ୍ଗରେ ଆ । ମୋ ସାଂଗରେ ରହ । ମୋ ସାଙ୍ଗରେ ରହିଲେ ଏ ବଣଟା ଯାକର ସମସ୍ତେ ମିଶିଲେ ବି ତୋ ଦେହରେ ଟିପ ମାରି ପାରିବେନି ।'' ଛେଳି ବଡ଼ କଷ୍ଟରେ ବାଘୁଣୀ କଥାରେ ରାଜି ହେଇ ତା' ସାଙ୍ଗରେ ପାର୍[3] ପାଖକୁ ଗଲା । ବାଘୁଣୀ ପାର୍ ଭିତରେ ଶୁଏ । ଛେଳି ଶୁଏ ପାର୍ ବାହାରେ ।

କିଛି ଦିନ ଏମିତି ଯିବା ପରେ ବାଘୁଣୀର ତିନିଟା ପୁଅ ଜନମ ହେଲେ, ଏଣେ ଛେଳି ବି ତିନିଟା ପୁଅ ପାଇଲା । ବାଘୁଣୀ ତା' ପୁଅମାନଂକୁ ପାର୍ ଭିତରେ ଶୁଆଏ । ଆଉ ଛେଳି ତା' ପୁଅ ମାନଂକ ସାଂଗରେ ଶୁଏ ବାହାରେ ।

ଛେଳିର ପୁଅ ଗୁଡ଼ାକ କଅଁଳିଆ ଆଉ ଛନଛନିଆ ହେଇଥାଂତି । ବଣରେ ନାନା ରକମର ଡାଳ ପତ୍ର ମିଳୁଥାଏ । ତା'କୁ ଖାଇ ଛେଳିର ପୁଅମାନେ ଜଲ୍‌ଦି ଜଲ୍‌ଦି ବଢୁଥାଆନ୍ତି । ତାଂକର କଅଁଳିଆ, ଛନଛନିଆଁ ରୂପ ଦେଖି ବାଘୁଣୀ ଆଉ ଲୋଭ ସଂଭାଳି ପାରୁନଥାଏ । ହେଲେ କଥା ଦେଇଚି ଯେତେବେଳେ, ସିଧା ସଳଖ ତ ଖାଇହବନି । ତେଣୁ ସେ ଉପାୟ ପାଂଚୁଥାଏ ଛେଳିର ପୁଅମାନଂକୁ ଖାଇବାକୁ ।

ଦିନେ ବାଘୁଣୀ ରାତିରେ ଛେଳିର ଗୋଟେ ପୁଅକୁ କହିଲା, ''ଆରେ ବାପା ! ମା' ପାଖରେ ଏମିତି ତିନିଜଣ ଯାକ ଶୋଇ ତାକୁ ହଇରାଣ କରୁଚ କାହିଁକି ? ସେଥିପାଇଁ ଆଜି ରାତିରେ ମୋ ସାଂଗରେ ପାର୍ ଭିତରେ ଶୋଇବୁ ।'' ଛେଳିର ପୁଅ ବାଘୁଣୀର ଚାଲାକି ବୁଝି ପାରିଲାନି । ତା' ମା' କିନ୍ତୁ ବାଘୁଣୀର ଚାଲାକି ବେଶ ବୁଝି ପାରିଲା । ସେ ପୁଅକୁ କହିଲା, ''ପୁଅରେ ! ତୁ ଯିବୁ ଯେ, ହେଲେ ଟିକେ ଜାଗ୍ରତ ଥିବୁ ।'' ପୁଅ ମା' କଥାକୁ ହସରେ ଉଡ଼େଇ ଦେଇ ପାର୍ ଭିତରକୁ ଶୋଇବାକୁ ଗଲା ।

ପାର୍ ଭିତରେ ବାଘୁଣୀର ଛୁଆମାନେ ତା' ପେଟ ତଳେ ଶୋଇଥାଂତି । ଛେଳିର ପୁଅ ଯିବା ପରେ ବାଘୁଣୀ ତା'କୁ କଡ଼ରେ ଶୋଇବାକୁ କହିଲା । ବାଘୁଣୀ ତା' ପରେ ଶୋଇ ପଡ଼ିଲା । ଛେଳିର ପୁଅ ତ କଡ଼ରେ ଶୋଇଥାଏ । ଶୀତରେ ତା'କୁ ନିଦ ବି ହଉନଥାଏ । ତେଣୁ ବାଘୁଣୀର ପେଟ ତଳେ ଶୋଇବାକୁ ଯେମିତି ପଶିଲା, ତା' ଭିତରୁ ବାଘ ଛୁଆଟେ ବାହାରି ଆସି କଡ଼ରେ ଶୋଇଲା । ଆଉ ଛେଳିର ପୁଅ ଶୋଇଲା ବାଘୁଣୀର ପେଟ ତଳେ ।

ରାତି ଅଧ ବେଳକୁ ବାଘୁଣୀ ଉଠି କଡ଼ରେ ଛେଳିର ପୁଅ ଶୋଇଚି ଭାବି ନିଜ ଛୁଆଟାକୁ ଖାଇ ଦେଲା । ସକାଳ ହେଲା ଯେତେବେଳେ ଛେଳିର ପୁଅ ବାଘୁଣୀର ପେଟ ତଳୁ ବାହାରିଲା । ସେ ଦେଖିଲା, ବାଘୁଣୀ ଛୁଆର ହାଡ଼ ଗୋଡ଼ ଦି'ଟା ସେଠି ପଡ଼ିଚି । ତା' ପରେ ସେ ବୁଝି ପାରିଲା ଯେ, ରାତିରେ ସେ ଯଦି ପେଟ ତଳକୁ ଶୋଇବାକୁ ଯାଇନଥାଂତା, ତା'ହେଲେ ବାଘୁଣୀ ତା'କୁ ନିଶ୍ଚେ ଖାଇଥାଂତା । ଏଣେ ବାଘୁଣୀ ମନେ ମନେ ଭାବିଲା, ''ରହରେ ପୁଅ, ତୁ କେତେ ବାଟ ଯିବୁ ? ମୁଁ ଦେଖିବିନି ? କାଲି ସିନା ତୁ ବୋଲି ନିଜ ପୁଅଟାକୁ ଭୁଲରେ ମୁଁ ଖାଇଦେଲି, ହେଲେ

ଆଜି ତୁ କୁଆଡ଼େ ଯିବୁ? ତମ ତିନିଟାଙ୍କ ଟଂଟି ଯଦି ମୁଁ ମୋଡ଼ି ନଖାଇଚି, ତା' ହେଲେ ମୁଁ ବି ବାଘୁଣୀ ନୁହେଁ।''

ଛେଳି ଛୁଆ ଯାଇ ମା ଆଉ ତା' ଭାଇମାନଂକୁ ବାଘୁଣୀର ଚାଲାକି କଥା କହିଲା। ସମସ୍ତେ ସତର୍କ ହେଇ ରହିଲେ। ପୁଣି ସଂଜରେ ବାଘୁଣୀ ଜଣକୁ ଶୋଇବାକୁ ଡ଼ାକିଲା। ଗତ ରାତିରେ ଯିଏ ଯାଇଥିଲା, ସେ ଆଉ ନଯାଇ, ତା'ର ଆଉ ଗୋଟିଏ ଭାଇ ଗଲା। ସେମିତି କଡ଼ରେ ନଶୋଇ, ବାଘୁଣୀକି ନିଦ ଲାଗିଯିବା ପରେ ସେ ବି ତା' ପେଟ ତଳେ ଯାଇ ଶୋଇଲା। ବାଘୁଣୀ ତ ଜାଣିଥାଏ ଯେ ବି ପେଟତଳେ ଶୋଇବ ବୋଲି। ଏଣେ ଛେଳି ଛୁଆ ଜାଣିଥାଏ, ଅଧରାତିରେ ତା'କୁ ନିଶ୍ଚେ ବାଘୁଣୀ ଖାଇବ ବୋଲି। ତେଣୁ ତା' ଆଖିକି ନିଦ ନଥାଏ। ଯେମିତି ଅଧରାତି ହେଲା- ବାଘୁଣୀ ତା' କଡ଼ ଅଂଡାଳି ଦେଖିଲା- ଛେଳିଛୁଆ ନାଇଁ। ତା' ପରେ ଉଠିପଡ଼ି ତା' ପେଟତଳ ଜାଗାକୁ ଅଂଡାଳି ଛେଳିକି ଧରିବାକୁ ଚେଷ୍ଟା କଲା। ହେଲେ ଛେଳିତ ଆଗରୁ ତର୍କକରି ଥାଏ। ବାଘୁଣୀ ପଂଝା ଦେଖି ସେ ଆସ୍ତେ ପାର୍‌ର ଗୋଟେ କଣକୁ ପଳାଇଲା। ବାଘୁଣୀ ଛେଳି ଛୁଆ ଭାବି ପୁଣି ସେ ରାତିରେ ବି ତା' ନିଜ ଛୁଆକୁ ଖାଇଦେଲା। ସକାଳେ ଉଠି ଦେଖିଲା ବେଳକୁ ଛେଳି ଛୁଆ ଯେମିତିକି ସେମିତି ଅଛି। କିଂତୁ ତା'ର ନିଜର ଗୋଟେ ମାତ୍ର ଛୁଆ ଅଛି।

ବାଘୁଣୀ ଖୁବ୍ ରାଗିଲା- ସେ ପ୍ରତିଜ୍ଞା କଲା, ଆଜି ନିଶ୍ଚୟ ଗୋଟାକୁ ମୋଡ଼ି ଖାଇବ ବୋଲି।

ଏଣେ ମା' ଛେଳି ଉପାୟ ଖୋଜୁଥାଏ ସେଠୁ ପଳେଇବାକୁ। କାରଣ ବାଘୁଣୀ ସେମାନଂକୁ ଖାଇଦେବ ବୋଲି ସେ ଜାଣିସାରିଥାଏ। ବାଘୁଣୀ ମୁହଁରୁ କିଂତୁ ଖସିବେ କେମିତି ?

ପୁଣି ସଂଜ ହେଲା। ବାଘୁଣୀ ପୁଣି ଜଣକୁ ଶୋଇବାକୁ ଡାକିଲା। ଏଥର ଆଗରୁ ଯୋଉ ଦି' ଜଣ ଯାଇଥିଲେ, ସେମାନେ ଆଉ ଗଲେନି। ଗଲା ତୃତୀୟ ଜଣକ। ସେ ଯିବା ପରେ ଏମାନଂକର ଛାତି ଖାଲି ପଡୁଥାଏ- ଉଠୁଥାଏ। ରାତି ବଢ଼ିଲା। ପାର୍ ଭିତରେ ତ ଛେଳି ଛୁଆ ବାଘୁଣୀ କଡ଼ରେ ଶୋଇଥାଏ। ତା' ଆଖିକି କିଂତୁ ନିଦ ଆସୁନଥାଏ। ସେ ଖାଲି ଶୋଇଲା ପରି ବାହାନା କରୁଥାଏ। ବାଘୁଣୀ କେତେବେଳେ ଶୋଇବ ବୋଲି ସେ ଜଗିଥାଏ। ଅନେକ ସମୟ ପରେ ଯେମିତି ବାଘୁଣୀର ଆଖି ଟିକେ ଲାଗି ଯାଇଚି, ଯେ ସେଠୁ ପାର୍ ବାହାରକୁ ଆସି ମା' ଆଉ ଭାଇମାନଂକୁ କହିଲା, ''ବାଘୁଣୀ ଶୋଇଚି। ଏଇ ମଉକାରେ ଏଠୁ ଖସିକରି ପଳେଇବା ଚାଲ। ନହେଲେ ସେ ଜାଣିଲେ ସମସ୍ତଂକୁ ଖାଇଦେବ।'' ମା' ଛେଳି ପୁଅ ଫେରି ଆସିବାର ଦେଖି ମନେମନେ ଖୁସି ହେଲା। ତା' ପରେ ତିନି ପୁଅଂକୁ ଧରି ସେଠୁ ଧାଇଁଲା ପ୍ରାଣ ବିକଳରେ।

ବାଘୁଣୀ ତେଣେ ରାତି ଅଧରେ ଉଠିଲା। ନିଜ କଡ଼କୁ ଅଂଡାଳି ଦେଇ ବୁଝିଗଲା, ଛେଳିଛୁଆ ତା' ପେଟ ତଳେ ଶୋଇଚି ବୋଲି। ତା' ପରେ ତା' ପେଟ ତଳୁ ନିଜ ଛୁଆକୁ ଛେଳିଛୁଆ ଭାବି ଟାଣି ଆଣି ତାକୁ ଖାଇଦେଲା। ସକାଳ ହେଲା। ବାଘୁଣୀ ଦେଖିଲା, ତା'ର ଯୋଉ ଗୋଟେ ବୋଲି ଛୁଆ ଥିଲା, ସେ'ବି ଆଉ ନାହିଁ। ପାର୍ ବାହାରକୁ ଯାଇ ଦେଖିଲା ଛେଳି ଆଉ ତା'ର ତିନିଟା ପୁଅ ବି ସେଠି ଆଉ ନାହାଂତି। ବାଘୁଣୀ ମୁଂଡ କାନ ଆଉଁସି ଦୁଃଖରେ ଦିନ କାଟିଲା।

---

1. କୁଟ୍‌ନି ଶାଲ୍ : ଢେଂକିଶାଳ 2. କଲିଆ : ବିଲୁଆ 3. ପାର୍ : ଗୁଂଫା।

ଛୋଟାର ଗୋଡ଼ କେମିତି ଭଲ ହେଲା

ଗୋଟିଏ ଗାଁରେ ଧାଂଗଡ଼ାଟିଏ ଥାଏ। ହେଲେ ସିଏ ଛୋଟା। ତା'ର ଆଉ କେତେଟା ଭାଇ ଥା'ନ୍ତି। ସେମାନେ କିଂତୁ ଛୋଟାକୁ ବହୁତ ହଇରାଣ କରଂତି ଓ ତାକୁ ଘୃଣା ବି କରନ୍ତି। ତେଣୁ ଦିନେ ଛୋଟା ମନ ଦୁଃଖରେ ଘର ଛାଡ଼ି ବଣକୁ ପଳେଇଲା ଟାଂଗିଆଟେ ଧରି। ବାଟରେ ଯୋଡ଼ିଟେ[1] ପଡ଼ିଲା। ସେ ଯୋଡ଼ିରେ ପଶିଲା। ସେଠି ସେ ଗୋଟାଏ ପାକ୍ନା[2] ଟିଏ ଉଂଚେଇ ତା' ତଳୁ ବଡ଼ ମାଂଡିଆ କଂକଡ଼ା[3] ଟିଏ ପାଇଲା। ସେଠୁ ତା' ପରେ, ସେ ମାଂଡିଆ କଂକଡ଼ାକୁ ଧରି ଚାଲିଲା। ବଣ ଭିତରେ ଯାଉଯାଉ ବାଘର ପାର୍[3] ଟିଏ ଦେଖିଲା। ତା' ଭିତରକୁ ଅତି ସାବଧାନ ହୋଇ ଅନେଇଲା, କାଳେ ବାଘ ଥିବ ବୋଲି। ଦେଖିଲା, ଭିତରେ ବାଘ ନାହିଁ, ସେ ଯାଇ ପାର୍ ଭିତରେ ବସିଲା।

ଧୀରେ ଧୀରେ ରାତି ବଢ଼ିଲା। ପାର୍ ଭିତରେ ଛୋଟାର ଆଖିପତା ପଡ଼ି ଆସୁଥାଏ। ଦୂରରୁ ବାଘର ଗର୍ଜନ ଶୁଭିଲା। ଛୋଟା ସାଂଗେ ସାଂଗେ ସତର୍କ ହେଇ ବସିଲା। କିଛି ସମୟ ପରେ ଛୋଟା ଦେଖିଲା, ବାଘ ସଂବରଟିଏ ମାରି ଆଣିଚି।

ବାଘ ତା' ପରେ ଏମିତି ପଛ କରି ବସିଲା ଯେ, ପାର୍ ଭିତରେ ତା' ଦେହର ଅଧା ରହିଲା। ଖାଲି ମୁଂଡଟା ଆଉ ଆଗ ଗୋଡ଼ ଦିଟା ରହିଲା ବାହାରେ। ତା' ପରେ ବାଘ ସଂବର ମାଉଁସ ଖାଇବା ଆରଂଭ କଲା। ତା' ଖାଇବା ଦେଖି ଛୋଟାର ପେଟ ଜଳିଲା। କଣ କରିବ ? ତା' ପରେ ତା' ମୁଂଡରେ ଗୋଟାଏ ବୁଦ୍ଧି ପଶିଲା। ସେ' ଯୋଉ ମାଂଡିଆ କଂକଡ଼ା[4] ଧରିଥିଲା, ତା'କୁ ବାଘର ଲାଂଜ ପାଖରେ ଛାଡ଼ି ଦେଲା। କଂକଡ଼ା ତ ରାଗିକରି ଥାଏ। ତେଣୁ ସେ ବାଘର ଲାଂଜକୁ କାମୁଡ଼ି ଧରିଲା ଜୋର୍‌ରେ। ବାଘ ଆଉ ସଂବର୍ ମାଉଁସ ଖାଇବ କଣ ? ଲାଂଗୁଡ଼ଟା କାଳେ ଛିଡ଼ିଯିବ ଭାବି ସଂବରଟିକୁ ଛାଡ଼ି ଧାଇଁଲା ପ୍ରାଣ ବିକଳରେ। ବାଘ ଯେତେ ଯୋରରେ ଧାଉଁଚି, କଂକଡ଼ା କାଳେ ବାଡ଼େଇ ହେଇ ତଳେ ପଡ଼ିଯିବ ଭାବି ବାଘ ଲାଂଗୁଡ଼କୁ ସେତେ ଯୋର୍‌ରେ କାମୁଡ଼ି ଧରୁଚି। ସେ ଦିହେଁ ବହୁତ ଦୂରକୁ ଚାଲିଯିବା ପରେ ଛୋଟା ପାର୍ ଭିତରୁ ବାହାରିଲା। ସଂବରକୁ ଦେଖି ତା' ପାଟିରୁ ଲାଳ ବାହାରିଲା। ତା' ପରେ ସେ ନିଆଁ ବାହାର କଲା। ନିଆଁ ଜାଳିଲା। କାଂଧରେ ତ ଟାଂଗିଆ ଥାଏ। ଟାଂଗିଆରେ ସଂବର ମାଉଁସ କାଟି ପୋଡ଼ିଲା ଓ ମନ ଖୁସିରେ ଖାଇଲା। ରାତି ପାହିଲା। ଆଉ କିଛି ଦିନ ଖାଇବ ଭାବି, ସେ ସଂବର ମାଉଁସ ସବୁ କାଟିକୁଟି ଶୁଖେଇଲା। ଖାଲି ରହିଗଲା ପୁଟାଟା। ତା'କୁ କଣ କରିବ ଭାବି ସେ ଜଳୁଥିବା ନିଆଁରେ ପକେଇ ଦେଇ ପାଖରେ ବସିଲା। ଏମିତି କିଛି ସମୟ ପୋଡ଼ିବା ପରେ ପୁଟାଟା ଖୁବ୍ ଜୋର୍‌ରେ ଶବ୍ଦ କରି ଫାଟିଗଲା ଓ ଛିନ୍ନଛତ୍ର ହେଇଗଲା।

ଛୋଟା ତ ଅନ୍ୟମନସ୍କ ହେଇ ବସିଥାଏ। ପୁଟାଟି ଠୋ-କିନା ଫାଟିବା ଶବ୍ଦରେ ହଠାତ୍ ସେ ଚମକି ଯାଇ ଉଠି ପଡ଼ିଲା ଓ ଧାଇଁଲା। କିଛି ଦୂର ଯାଇ ସେ ଥମ୍ କରି ରହିଗଲା ଓ ନିଜର

ଦି ଗୋଡ଼କୁ ଦେଖିଲା । ଆରେ ! ତା' ଛୋଟା ଗୋଡ଼ଟାତ ଠିକ୍ ହୋଇଯାଇଚି । ଏଥର ଆଉ ଛୋଟାର ଖୁସି ଦେଖେ କିଏ ? ସେ ସାଂଗେ ସାଂଗେ ସେଠି ଗାଇ ଗାଇ ନାଚିଲା—

ସଂବର୍ ପୁଟା ପୁଟ୍ଲା ।
ଛୋଟା ଉଠ୍ଲା ।

ଅର୍ଥାତ୍ : ସଂବରର ଅଂତବୁଜୁଳା ଫାଟିଲା । ଆଉ ଛୋଟାର ଗୋଡ଼ ଭଲ ହେଇଗଲା ।

---

1. ଯୋଡ଼ି : ଝରଣା 2. ପାକ୍ନା : ପଥର 3. ପାର୍ : ଗୁଂଫା 4. ମାଂଡିଆ କଂକଡା : ବିଲ କଂକଡ଼ାଠାରୁ ବଡ଼ ଓ ଝରଣାର ପଥର ତଳେ ଥିବା କଂକଡ଼ା ।

କାନା କୁବ୍‌ଡ଼ା କଥା

(କଣା କୁଜା କଥା)

ଗୋଟିଏ ଗାଁରେ ଗୋଟିଏ କାନା[1] ଆଉ ଗୋଟିଏ କୁବ୍‌ଡ଼ା[2] ଥା'ନ୍ତି। ସେମାନେ ଦିହେଁ ମାସାଦ୍[3] ବସିଥା'ନ୍ତି। କାନା ତ କାନା, ତେଣୁ ତାକୁ କିଛି ହେଲେ ଦିଶେନି। ଦିହିଁଙ୍କର କିଂତୁ ଡ଼ଂଗର ବିଲ କିଛି ନଥାଏ। ତେଣୁ ଦିହେଁ ଚୋରିଟାକୁ ପେଷା କରିଥା'ନ୍ତି। ବିଭିନ୍ନ ଜାଗାକୁ ଚୋରି କରିବାକୁ ଯାଆନ୍ତି।

ଥରେ ଦିହେଁ ମିଶି ଯାଇଥା'ନ୍ତି ଧାନ ବିଲକୁ ଧାନ ଚୋରି କରିବାକୁ। କୁବ୍‌ଡ଼ା କାନାକୁ ଚାଲାକି କରି ପଚାରିଲା, ''ଆଛା ମାସାଦ୍, ତୁ ବୁଂଦ ବୁଂଦ[4] ନବୁ ନାଁ ଟିପ୍ ଟିପ୍[5] ନେବୁ।'' କଣାକୁ ତ କିଛି ଦିଶେନି। ତେଣୁ ସେ କିଛି ସମୟ ଚିଂତା କରି କହିଲା, ''ମୁଁ ବୁଂଦ୍ ବୁଂଦ୍ ନେବି।'' କୁବ୍‌ଡ଼ା ଧାନ ବିଲରୁ ଧାନ ଖେଡ଼ା ସବୁ କାଟି ନେଇ ତଳ ଅଂଶକୁ କାଟି କଣାକୁ ଧରେଇ ଦେଲା। କଣା କୁଟା ଗଂଡାକ ନେଇ ମା'କୁ ଦେଲା। ମା' କହିଲା, ''କିରେ ଏ କୁଟା ଗୁଡ଼ାକ କାଇଁକି ନେଇ ଆସିଚୁ ?'' କଣା କହିଲା, ''ମା', ମୁଁ ଆଉ କୁବ୍‌ଡ଼ା ଧାନ ଚୋରି କରିବାକୁ ଯାଇଥିଲୁ ଯେ, କୁବ୍‌ଡ଼ା ପଚାରିଲା-ବୁଂଦ୍ ବୁଂଦ୍ ନେବୁ ନାଁ ଟିପ୍ ଟିପ୍ ନେବୁ ? ମୁଁ କହିଲି, ବୁଂଦ୍ ବୁଂଦ୍ ନେବି।'' ମା କହିଲା, ''ହଇରେ ମୂର୍ଖ। ଧାନ ଗଛର ଅଗରେ ଧାନ ଫଳେ, ମୂଳରେ ନୁହେଁ, ବୁଝିଲୁ ?'' କଣା ଆଉ କ'ଣ କରିବ ? କାନମୁଂଡ ଆଉଁସି ରହିଲା। ଭାବିଲା, ''ଦେଖିବା ଆଉ ଥରେ ଚୋରି କରିବାକୁ ଗଲେ ମୁଁ ବି କୁବ୍‌ଡ଼ାକୁ ବୁଦ୍ଧି ଶିଖେଇବି।''

ତା' ପରେ ପୁଣି ଦିନେ ରାତିରେ ସେମାନେ ଡାଂଡା ବାଡ଼କୁ[6] ଗଲେ ଡାଣ୍ଡା ଚୋରି କରିବାକୁ। ବାଡ଼ରେ କୁବ୍‌ଡ଼ା ପଚାରିଲା, ''ବୁଂଦ୍ ବୁଂଦ୍ ନେବୁ ନାଁ ଟିପ୍ ଟିପ୍ ନେବୁ ?'' କଣା ତ ଏଥର ଚାଲାକ୍ ହେଇଯାଇଥାଏ। ପୁଣି ଗତଥର ବୁଂଦ୍ ବୁଂଦ୍ ନେବି କହି ଠକାମିରେ ପଡ଼ିଚି। ତେଣୁ ସେ କହିଲା, ''ମୁଁ ଏଥର ଟିପ୍ ଟିପ୍ ନେବି।'' କଣା ତା'ପରେ ଡାଂଡା କାଟିଲା। ଡାଂଡା ତକ ସେ ନେଲା ଓ ଅଗର ପତ୍ର ସବୁ କଣାକୁ ଦେଲା। କଣା ମନ ଖୁସିରେ ଭଲ ଜିନିଷ ପାଇଚି ଭାବି ମା ଆଗରେ ନେଇ ଡାଣ୍ଡା ପତ୍ର[7] ସବୁ ଗଦେଇ ଦେଲା। ମା' ପଚାରିଲା, ''କିରେ ଏ ଡାଣ୍ଡା ଗଛର ପତ୍ର ସବୁ କଣ ଆଣିଚୁ ? ଏଗୁଡ଼ାକ କଣ ହବ ? ଯାକୁ କଣ କିଏ ଖାଏ ?'' କଣା ପୁଣି ଠକାମିରେ ପଡ଼ିଲା, ଭାରି ମନ କଷ୍ଟ କଲା। କିନ୍ତୁ କଣ କରିବ ? ଆଖିକୁ ଦିଶୁଥିଲେ ସିନା କିଛି ଗୋଟେ କରି ପାରଂତା !

ଆଉ ଦିନେ। ଦିହେଁ ଜଣେ ସାଉକାର ଘରକୁ ଗଲେ ଗାଈ ଚୋରି କରିବାକୁ। ଗୁହାଳ ପାଖରେ ଯାଇ ପହଂଚିଲେ। ଅଂଧାର ପକ୍ଷ ହୋଇଥାଏ। ମୁହଁକୁ ମୁହଁ ଦିଶୁନଥାଏ। ବାଘଟେ ପଶିଥାଏ। ଏ କଥା ଏମାନେ କେମିତି ଜାଣିବେ ? କାଣାକୁ କୁବ୍‌ଡ଼ା ଗୁହାଳ ଭିତରକୁ ପଶିବା ଆଗରୁ ପଚାରିଲା, ''ବୁଂଦ୍ ବୁଂଦ୍ ନେବୁ ନାଁ ଟିପ୍ ଟିପ୍ ନେବୁ ?'' କଣା ତ ଗାଈ ଆକୃତି ବିଷୟରେ ଜାଣିନଥାଏ।

ତେଣୁ କହିଲା, "ଟିପ୍ ଟିପ୍ ନେବି।" କୁବ୍‌ଡ଼ା ମନେମନେ ଖୁସି ହୋଇ ଭାବିଲା କଣାକୁ ଗାଈର ଲାଂଜଟା କାଟି ଧରେଇ ଦେଇ ମୁଁ ମୋର ଗାଈଟାକୁ ନେଇ ଯିବି। ତା'ପରେ କୁବ୍‌ଡ଼ାକୁ କହିଲା, "ତୁ ଏଠି ଥା'। ମୁଁ ଭିତରକୁ ଯାଇ ଆସୁଚି।" ତା'ପରେ କୁବ୍‌ଡ଼ା ଭିତରକୁ ଅଂଡାଳି ଅଂଡାଳି ଯାଇ ଆଗରୁ ଗୁହାଳରେ ପଶି ବସିଥିବା ବାଘର ମୁଂଡକୁ ଧରିଲା ଓ କଣାକୁ ଆସ୍ତେ ଡାକିଲା, "କାଣା ଛୁରୀ ଆଣ। ଟିପ୍ ଟିପ୍ ନେବୁ ପରା ? ମୁଁ ତ ମୋର ବୁଂଦ୍‌କୁ ଧରିଚି।" କଣା ତା' ପରେ ଅଂଡାଳି ଅଂଡାଳି ଭିତରକୁ ଗଲା। ତାକୁ ଦେଖି କୁବ୍‌ଡ଼ା କହିଲା, "କାଟ୍ ତା'ର ଟିପ୍।" ବାଘ ଯେମିତି ଏ କାଂଡ ଦେଖିଲା, ସେ ଭାବିଲା ମଣିଷ ହେଇ ବାଘ ମୁଂଡକୁ ଧରି ପୁଣି ମୋର ଟିପ୍ ଟିପ୍ କାଟିବା କଥା ଏମାନେ କହୁଚଂତି, ତା' ହେଲେ ଏମାନଂକର ଡର ଭୟ ବୋଲି ନିଶ୍ଚୟ କିଛି ବି ନାହିଁ। ତେଣୁ ଏମାନେ ମତେ କଟା କଟି କରିବା ଆଗରୁ ଏଠୁ ପ୍ରାଣ ବଂଚେଇ ପଳେଇବା ହିଁ ଉଚିତ୍ ହେବ, ଭାବି ହେଂଟାଳଟିଏ ମାରି ଧାଇଁଲା ସେଇଠୁ। ବାଘର ହେଂଟାଳ ଶୁଣି ସାଉକାର ଘରର ଗୋତି[8] ମାନେ ବାଘ କାଳେ ବଳଦ ଗାଈଂକୁ ଖାଇ ଯିବ ଭାବି ଠେଙ୍ଗା ବାଡ଼ି ଧରି ଗୁହାଳରେ ପଶିଲେ। କାନା କୁବ୍‌ଡ଼ା ବାହାରି ଯିବାକୁ ବାଟ ପାଇଲେନି। ଗୋତିମାନେ ୟାଂକୁ ସେଠି ଦେଖି ନିର୍ଘାତିଆ ମାଡ଼ ଦେଲେ।

ତା' ପରଠୁ କାନା ଓ କୁବ୍‌ଡ଼ା ଆଉ କେବେ ଚୋରି କଲେନି।

---

1. କାନା : କଣା 2. କୁବ୍‌ଡ଼ା : କୁଜା 3. ମାସାଦ୍ : ସଙ୍ଗାତ 4. ବୁଂଦ୍ ବୁଂଦ୍ : ମୂଳ 5. ଟିପ୍ ଟିପ୍ : ଅଗ
6. ଡାଂଡା ବାଡ : ଆଖି କିଆରୀ 7. ଡାଂଡା ପତ୍ର : ଆଖି ପତ୍ର 8. ଗୋତି : ଚାକର ବା ମୂଲିଆ।

ଆଁକାରିଆ[1] ଡକ୍ରା[2] କଥା

ଗୋଟିଏ ଗାଁରେ ବୁଢ଼ାଟିଏ ବୁଢ଼ୀଟିଏ ଥାଂତି । ସେମାନଂକର ଜମି ବାଡ଼ି କିଛି ନଥାଏ ବୋଲି- ଡଂଗର ମାରି[3] ସେଥିରେ ଚାଷ କରି ଚଳୁଥାନ୍ତି ।

ଥରେ ବୁଢ଼ା ଭଲ ଡଂଗରଟିଏ ମାରି ସେଥିରେ ବିଭିନ୍ନ ଫୁଲ ମଂଞ୍ଜି ବୁଣିବ ବୋଲି ବୁଢ଼ୀକି କହିଲା । ବୁଢ଼ାର କଥା ଶୁଣି ବୁଢ଼ୀ ପୁରା ଖପା ହେଇ ଯାଇ କହିଲା, "ଡକ୍ରା ତ ହେଲୁଣି, ଏବେ କୋଉ ଧାଂଗଡୀକି[4] ରସେଇବାକୁ[5] ଯିବୁ ଯେ, ଫୁଲ ମଂଞ୍ଜି ବୁଣିବୁ । ସେସବୁ କଥାଗୁଡ଼ା ଛାଡ଼ । ଭଲ ଡଂଗର ହେଇଚି । ତେଣୁ ସେଥିରେ କାନ୍ଦୁଲ, ଜନା,[6] କୁମ୍ଡ଼ା[7], କାକୁଡ଼ି ନହେଲେ ମାଂଡିଆ ସୁଆଁ ବୁଣ୍ । ସେଇଟା ସିନା ପାଚିଲେ ଆମେ ଖାଇବା । ଏ ଫୁଲ ବୁଣିଲେ ଆମର କଣ ଲାଭ ହେବ ?" ବୁଢ଼ୀ କଥା ଶୁଣି ବୁଢ଼ା ମନେ ମନେ ରାଗିଲା ସିନା ଉପରକୁ ଆଉ କିଛି ଦେଖେଇଲାନି । ସେ ବୁଢ଼ୀକି କହିଲା, "ହଉ । ତୁ ତୋ'ର ଏଇ ଡଂଗରରେ ଯାହା କରୁଚୁ କର । ମୁଁ ମୋର ଆଉଗୋଟେ ଡଂଗର କରିବି ଆଉ ସେଥିରେ ଫୁଲ ମଂଞ୍ଜି ବୁଣିବି ।"

ବୁଢ଼ୀ ବୁଢ଼ା କଥାରେ ରାଜି ହେଇ ସେଇ ଡଂଗରରେ ମାଂଡିଆ, ସୁଆଁ, କୁମ୍ଡ଼ା ଇତ୍ୟାଦି ବୁଣିଲା । ଏଣେ ବୁଢ଼ା ଆଉ ଗୋଟିଏ ଡ଼ଂଗର ମାରି ସେଥିରେ ଫୁଲ ମଂଞ୍ଜି ବୁଣିଲା ।

ସେ ବର୍ଷ କିନ୍ତୁ ଆଉ ବର୍ଷା ହେଲାନି । ତେଣୁ ବୁଢ଼ାର ଫୁଲ ଗଛ ସବୁ ମରିଗଲା । ବୁଢ଼ୀର ବି ଫସଲ ସେମିତି ଭଲ ହେଲାନି । ତଥାପି କିଛି କିଛି ହେଲା । ହେଲେ ଯାହା ହେଇଥିଲା-ସେଥିରୁ ଅଧା ସାଇ[8] ମାନେ ଖାଇଦେଲେ । ଶେଷରେ ମାଂଡିଆ, ସୁଆଁ ପାଚିବା ପରେ ବୁଢ଼ୀ ଫସଲ କାଟିଲା ଆଉ ଅମଳ କଲା । ପାଂଚମାଣ ମାଂଡିଆ ସୁଆଁ ମିଳିଲା ।

ବୁଢ଼ୀର ଫସଲ ଅମଳ କରିବା ଦେଖି ବୁଢ଼ା ରାଗରେ ଜଳିଗଲା । କାଇଁକିନା ତା ନିଜର ଫୁଲ ଗଛ ସବୁ ମରିଯାଇଥାଏ । ବୁଢ଼ୀ ବି ବୁଢ଼ାଠାରୁ କମ୍ ନୁହେଁ । ସେ ବି ଯାହା ସୁଆଁ ମାଂଡିଆ ପଚେଇ ଥିଲା, ସେ ସବୁ ନିଜେ ଖାଇଲା । ବୁଢ଼ା ବି ଉପରକୁ କିଛି କହୁନଥାଏ । ନିଜେ ଯା'ଘରୁ ତା' ଘରକୁ କୁଲି ଭୂତି କରିବାକୁ ଯାଇ ଭିନେ[9] ରାନ୍ଧି ଖାଉଥାଏ । ଦିହେଁ ଖାଲି ଉପରକୁ କଥାବାର୍ତ୍ତା କରୁଥାଂତି ସିନା, ଭିତରେ ଭିତରେ ଖାଲି ଜଳୁଥାଂତି ।

ଦିନେ ବୁଢ଼ା ବୁଢ଼ୀକି କହିଲା, "ବୁଢ଼ୀଲୋ ! ଚାଲ ଆଜି କଂକଡ଼ା ଧରି ଯିବା ।" ବୁଢ଼ୀ ବି ଭାବିଲା, ହଁ ! ସୁଆଁ ଚାଉଳ ତ ଦି'ଟା ଅଛି, କଂକଡ଼ା ଦି'ଟା ହେଲେ ଭଲ ଶାଗ୍‌ଟିଏ[10] ହବ ଆଉ ସୁଆଁ ଭାତ କଂକଡ଼ା ଶାଗ୍ ସାଂଗରେ ବଢ଼ିଆ ଲାଗିବ । ବୁଢ଼ୀ କହିଲା, "ହଉ ! ଚାଲ ।"

ଦିହେଁ ତା' ପରେ ଯୋଡ଼ି[11]କି ଗଲେ କଂକଡ଼ା ଧରି । ବୁଢ଼ା ପଥର ସବୁ ଟେକି ତା' ତଳୁ ମାଂଡିଆ କଂକଡ଼ା[11] କେଇଟା ଧରି ଧରି ବୁଢ଼ୀକି ଦେଲା । ଏମିତି କଙ୍କଡ଼ା ଧରୁ ଧରୁ ବୁଢ଼ା ଦେଖିଲା- ଗୋଟେ ପଥର ଖୋଲ ଭିତରେ ବଡ଼ କଂକଡ଼ାଟେ ଅଛି । ବୁଢ଼ୀକି ବୁଢ଼ା କହିଲା, "ବୁଢ଼ୀଲୋ, ମୁଁ ସେ ପଥର

ଖୋଲ ଭିତରକୁ ପଶି ପାରିବିନି। ତେଣୁ ତୁ ଯା ସେଇ କଂକଡ଼ାଟାକୁ ଧରି ଆଣିବୁ।'' ବୁଢ଼ୀ ବୁଢ଼ା କଥାରେ 'ହଁ' କରି ଯେମିତି ଖୋଲ ଭିତରକୁ ପଶିଚି, ବୁଢ଼ା ବଡ଼ ପଥର ଖଂଡେ ମୁହଁରେ ଥୋଇ ଦେଇ ତା' ଉପରେ ଗୁଡ଼ାଏ ପଥର ଗଦେଇଦେଲା। ବୁଢ଼ୀ ତା' ଭିତରୁ ବାହାରିବାକୁ ବହୁତ ଚେଷ୍ଟା କଲା ସିନା, କିଂତୁ ବାହାରି ନପାରି ଭିତରେ ମରିଗଲା।

ବୁଢ଼ୀ ମରିଯିବା ପରେ ବୁଢ଼ାର ମନ ଟିକେ ଥଂଡା ହେଲା। ଏଣେ କିଂତୁ ଗାଁ ଲୋକ ପଚାରିଲେ ସେମାନଂକୁ କଣ କହିବ ଭାବି ମନେମନେ ଡରୁଥାଏ। ଏସବୁ ଚିଂତାକରି ବୁଢ଼ା ଆସି ଗୋଟେ ଗଛ ମୂଳେ ବସିଥାଏ। ଗଛ ଉପରେ ବଡ଼ ହନୁ ମାଂକଡ଼ଟିଏ ବୁଢ଼ାକୁ ବହୁତ ସମୟ ଲକ୍ଷ୍ୟ କରୁଥିଲା। ଦେଖିଲା, ବୁଢ଼ା ଉଠୁନି କି ହଲଚଲ ବି ହଉନି। ସେ ତେଣୁ ଶେଷରେ ଯାଇ ବୁଢ଼ାକୁ ହଲେଇ ଦେଇ ପଚାରିଲା, ''ମାସାଦ୍[12] କଣ ହେଲା କି ? ଏତେ ଚିଂତା କ'ଣ କରୁଚ ?'' ମାଂକଡ଼ର କଥା ଶୁଣି ବୁଢ଼ାର ହୋସ୍ ଆସିଲା। ସେ ମାଂକଡ଼ର କଥାକୁ ବାଆଁରେଇ ଦେବାକୁ ଯାଇ କହିଲା, ''ଚିଂତା ଆଉ କଣ ମାସାଦ୍ ? ଡକ୍ରୀ ଆଜି ତା'ବାପ ଘରକୁ ଗଲା, ପୁଅ ଝିଅତ ନାହାନ୍ତି। ଏଣେ ଘରେ ଧାନ ମାଂଡିଆ ସୁଆଁ ଗଦା ହେଇଚି। ମୁଁ ଖାଲି ଭାବୁଥିଲି। ଏତେ ଗୁଡ଼ାଏ ଜିନିଷ କିଏ ଖାଇବ ବୋଲି ?''

ମାଂକଡ଼ କହିଲା, ''ଆରେ ମାସାଦ୍, ଭାତ ଥିଲେ କି କାଉ ଅଭାବ ? ଖାଇବା ଜିନିଷ ଥିଲେ ଖାଇବାକୁ କଣ ଲୋକ ଅଭାବ ହେବେ ? ଦେଖ ତମେ ଯଦି କହିବ-ମୁଁ ତମ ସାଂଗରେ ଯାଇ ତମକୁ ଖାଇବାରେ ସାହାଯ୍ୟ କରିବି।'' ବୁଢ଼ା କହିଲା, ''ମାସାଦ୍, ତମେ ମୋ ସାଂଗରେ ଆସିବ ଯେ, କିନ୍ତୁ ଗାଁ ଲୋକ ପଚାରିଲେ ମୋ ଡ଼କ୍ରୀ ତା' ବାପ ଘରକୁ ଗଲା ବୋଲି ତମେ କହିବ।'' ମାଂକଡ଼ କହିଲା, ''ଓଃ ! ଏତିକିତ ? ହଉ ଚାଲ ଯିବା।''

ଦିହେଁ ତା' ପରେ ଗାଁକୁ ଗଲେ। ବୁଢ଼ା ସାଂଗରେ ବୁଢ଼ୀ ସକାଳେ ଯୋଡ଼ି ଆଡ଼କୁ ଯିବା ଗାଁ ଲୋକ ଦେଖିଥିଲେ। ତେଣୁ ବୁଢ଼ା ସାଂଗରେ ମାଂକଡ଼କୁ ଦେଖି ସମସ୍ତେ ବୁଢ଼ୀ କଥା ପଚାରିଲେ। ବୁଢ଼ା ସମସ୍ତଂକୁ କହିଲା, ''ବୁଢ଼ୀ ତା' ବାପ ଘରକୁ ଗଲା।'' କେହି ଯେତେବେଳେ ତା' କଥାକୁ ବିଶ୍ୱାସ କଲେନି, ସେ ମାଂକଡ଼କୁ ସାକ୍ଷୀ କଲା। ମାଂକଡ଼ ବି ସୁଆଁ ମାଂଡିଆ ଖାଇବା ଆଶାରେ ଗାଁ ଲୋକଙ୍କୁ ବୁଢ଼ା କଥା ସତ ବୋଲି କହଲା। ମାଂକଡ଼ କଥାରେ ଆଉ କେହି ବୁଢ଼ାକୁ ଅବିଶ୍ୱାସ କଲେନି। ବୁଢ଼ା ତା' ପରେ ଶାଂତିରେ ନିଃଶ୍ୱାସ ମାରିଲା। ଆଉ ମାଂକଡ଼କୁ ଘରକୁ ନେଇ ସୁଆଁ ମାଂଡିଆ ଖାଇବାକୁ ଦେଲା।

ପେଟ ପୂରେଇ ମାଂକଡ଼ ସୁଆଁ ମାଂଡିଆ ଖାଇବା ପରେ ବୁଢ଼ାକୁ କହିଲା, ''ମାସାଦ୍ ! ତମେ ମତେ ପେଟ ଭରି ଖାଇବାକୁ ଆଜି ଦେଇଚ, ମୁଁ ବି ତମକୁ ନିଶ୍ଚେ ସାହାଯ୍ୟ କରିବି। କୁହ, ମୁଁ ତମ ପାଇଁ ବଣରୁ କ'ଣ ଆଣି ଦେବି ?'' ବୁଢ଼ା ମାଂକଡ଼କୁ ବଣରୁ କଂଦା, ଫଳ ଇତ୍ୟାଦି ଆଣିବାକୁ କହିଲା। ମାଂକଡ଼ ନିତି ଜଂଗଲରୁ ନାନା ଜିନିଷ ଆଣି ଖାଇବାକୁ ଦେଲା। ବୁଢ଼ା ବି ନିତି ମାଂକଡ଼କୁ କିଛି କିଛି ସୁଆଁ ମାଂଡିଆ ଦଉଥାଏ।

ଦିନେ ମାଂକଡ଼ ବୁଢ଼ା ପାଇଁ ବଣରୁ ଫଳ ମୂଳ ନେଇ ଆସିଲା ବେଳକୁ ବାଘଟିଏ ତା'କୁ ବାଟରେ ଦେଖି ପଚାରିଲା, ''କିଓ ମାସାଦ୍। ତମେ କୁଆଡ଼େ ଯାଉଚ ?'' ବାଘ ତାକୁ ନଖାଇ ମାସାଦ୍ ଡ଼ାକିବା ଶୁଣି ମାଂକଡ଼ ମନେ ମନେ ଡ଼ରିଲେ ବି ଉପରେ ହସି ହସି କହିଲା, ''ମାସାଦ୍ ! ମୁଁ ଗାଁରେ ଗୋଟେ ମଣିଷ ସାଂଗରେ ମାସାଦ୍ ବସିଚି ତ, ସେଠିକି ଯାଉଚି।''

ମଣିଷ ନାଁ ଶୁଣି ବାଘର ବି ଟିକେ ଇଚ୍ଛା ହେଲା ମଣିଷଟେ ସାଂଗରେ ମାସାଦ୍ ବସିବାକୁ। ସେ

ତେଣୁ ମାଂକଡ଼କୁ କହିଲା, "ମାସାଦ୍, ମୁଁ ବି ତମ ସାଂଗରେ ଟିକେ ସେ ମଣିଷ ଘରକୁ ଯାଆନ୍ତି। ମୋର ବି ମଣିଷଟେ ସାଂଗରେ ମାସାଦ୍ ବସିବାକୁ ବହୁତ ଦିନରୁ ଇଚ୍ଛା ଅଛି। ତମେ ଯଦି 'ହଁ' କରଂତ ତା' ହେଲେ ମୁଁ ବି ତମ ସାଂଗରେ ଯାଆଂତି।" ମାଂକଡ଼ କହିଲା, "ମାସାଦ୍, ତମେ ସିନା ମାସାଦ୍ ବସିବାକୁ ଯିବ। ହେଲେ- ଗାଁ ଭିତରକୁ ତମେ ପଶିଲେ ସେମାନେ କଣ ତମକୁ ଛାଡ଼ିବେ? ତମେତ ମରିବ ମରିବ, ତା' ସାଂଗରେ ମତେ ବି ମାରିବ। ତେଣୁ ଦିନଟାରେ ନୁହେଁ, କାଲି ରାତି ଅଧିଆ ମୁଁ ତମକୁ ମୋ ମଣିଷ ମାସାଦ୍ ଘରକୁ ନେବି। ଆଉ ତମେ ସେଠି ତା' ସାଂଗରେ ମାସାଦ୍ ବସିବ।"

ମାଂକଡ଼ ତା' ପରେ ବୁଢ଼ା ପାଖରେ କାଲି ରାତିରେ ବାଘ ମାସାଦ୍ ବସିବାକୁ ଆସିବ ବୋଲି କହିଲା। ମାଂକଡ଼ର କଥା ଶୁଣି ବୁଢ଼ାର ପିଳେହି ପାଣି। ମାଂକଡ଼ ତା' ପରେ ବଣକୁ ପଳେଇଲା। ବୁଢ଼ାକୁ କିଂତୁ ରାତିରେ ଆଉ ନିଦ ହେଲାନି। ଏକେ ତ ବୁଢ଼ୀକି ମାରିଚି ବୋଲି ମନରେ ଡର ଥାଏ। ସେଥିରେ ପୁଣି ବାଘର ମାସାଦ୍ ବସିବା କଥା ଶୁଣି ବାଘ ନିଶ୍ଚେ ଖାଇବ ଭାବି ସେ ଡରି ଯାଇଥାଏ।

ବୁଢ଼ା ରାତିଟା ସାରା ଭାବି ଭାବି ଶେଷରେ ସ୍ଥିର କଲା- ଗାଁରେ ରହିଲେ କେତେବେଳେ ଗାଁ ଲୋକେ ବୁଢ଼ୀକି ମାରିଥିବା କଥା ଜାଣି ପାରି ମାରିଦେବେ, ନହେଲେ ବାଘ ମାସାଦ୍ ବସିବା ବାହାନାରେ ଆସି ତା'କୁ ଖାଇଦେବ। ଅତଏବ ଏ ଗାଁ ଛାଡ଼ିକି ପଳେଇ ଗଲେ ରକ୍ଷା।

ପାହାଂତା ହେଇ ଆସୁଥାଏ। ବୁଢ଼ା ଭାବିଲା- ଆଉ ଡରି କରି ଲାଭ ନାହିଁ। ଏଇଟା ହିଁ ଖସି ପଳେଇବାର ଠିକ୍ ସମୟ।

ବୁଢ଼ା ତା' ପରେ ଗାଁ ଛାଡ଼ି ଧାଇଁଲା ଯୋଡ଼ି ଆଡ଼କୁ। ରାତିରେ ବର୍ଷା ହେଇଥାଏ। ତେଣୁ ଯୋଡ଼ିରେ ପୁର[14] ଆସିଥାଏ। ବୁଢ଼ା ପ୍ରାଣ ବିକଳରେ ଯୋଡ଼ିଟା ପାରି ହେବାକୁ ତା' ଭିତରେ ପଶିଗଲା। ଯୋଡ଼ିରେ କିଂତୁ ପ୍ରଖର ସୁଅ। ବୁଢ଼ା ପାଣିରେ ପଶିବା ପରେ ଯାଇ ଏତେ ପ୍ରଖର ସୁଅ ଅଛି ବୋଲି ଜାଣି ପାରିଲା। ହେଲେ, ଯେତେ ଚେଷ୍ଟା କଲେବି ଆଉ କୂଳକୁ ଆସି ପାରିଲାନି। ଯୋଡ଼ିରେ ଭାସି ଭାସି ପଥର ପରେ ପଥର ଦେହରେ ବାଡ଼େଇ ହେଇ ବୁଢ଼ା ଅଳ୍ପ ସମୟ ଭିତରେ ମରିଗଲା।

ତା' ପରଦିନ ଗାଁ ଲୋକ ଯୋଡ଼ିରେ ଗୋଟେ ପଥର ସଂଧିରେ ବୁଢ଼ାକୁ ପାଇଲେ। କାରଣ ପୁର କମି ଯାଇଥାଏ। ତା' ପରେ ଆଉ ଟିକେ ଖୋଜିବା ପରେ ବୁଢ଼ୀର ଶବ ବି ପାଇଲେ। ତା' ପରେ ସେମାନେ ବୁଝିଲେ ଯେ, ବୁଢ଼ା ବୁଢ଼ୀକି ମାରିଥିଲା।

---

1. ଅାଁକାରିଆ : ଅହଂକାରୀ 2. ଡକ୍ରା : ବୁଢ଼ା 3. ଜଂଗର ମାରିବା : ଜଂଗଲର ଗଛ କାଟି ମାଟି ସମତଳ କରିବା 4. ଧାଂଗଡ଼ୀ : ଯୁବତୀ 5. ଉସେଇବା : ଆକୃଷ୍ଟ କରିବା 6. ଜନା : ମକା 7. କୁମ୍ଡ଼ା : ବୋଇତି କଖାରୁ 8. ସାଉ : ଝିଂକ 9. ଭିନ୍ନେ ରାଂଧିବା : ଅଲଗା ଅଲଗା ଚୂଲୀ ବସାଇ ରାଂଧିବା 10. ଶାଗ : ତରକାରୀ 11. ଯୋଡ଼ି : ନାଳ ବା ଛୋଟ ଝରଣା 12. ମାସାଦ : ମହାପ୍ରସାଦ ମଇତ୍ର 13. ଡ଼କ୍ରୀ : ବୁଢ଼ୀ 14. ପୁର : ବଢ଼ି, ବନ୍ୟା ।)

କୁକୁଡ଼ା ମାଉଁସ କେଡ଼େ ସୁଆଦ

ଗୋଟିଏ ଗାଁରେ ପରଜା ଧାଂଗଡ଼ାଟିଏ[1] ଥାଏ । ସେ ଗୋତି କବାଡ଼ି[2] କରି ବଂଚୁଥାଏ । ଦିନେ ସେ ସାଉକାର ଘରୁ କିଛି ପଇସା ପାଇଥାଏ । ପରଜା ଧାଂଗଡ଼ାର ମନ ଖୁସି । ସେ ଖୁସି ମନରେ ହାଟକୁ ଗଲା । ହାଟରେ ଖଜା, ଲଡୁ, ପିଠା କିଣି ଖାଇଲା । କିଛି ଲଂଦା[3] କିଣି ଖାଇଲା । ଛାଇ ଲେଉଟା ବେଳ ହେଲା । ସେ ଲଂଦା ନିଶାରେ ଟଳମଳ ହେଇ ଫେରିବାକୁ ଯାଉଚି, ଦେଖିଲା, ଜଣେ ଅଂଡା ବିକୁଚି । ଅଂଡା ଦେଖି ପରଜା ଧାଂଗଡ଼ା ନିଜର ଅଂଟା ପାଖକୁ ଅଂଡାଳିଲା । ଦେଖିଲା, ଆହୁରି କିଛି ପଇସା ବଳିଚି । ସେ ପଇସାତକ ଦେଇ ଅଂଡାଟି କିଣିଲା ।

ଘରେ ପହଂଚି ସେ ଗୋଟେ ଶିକାରେ ଖପରା ଖଂଡେ ଥୋଇ ସେଥିରେ କିଛି ଚଷୁ ଦେଇ ତା ଉପରେ ଅଂଡାଟିକୁ ରଖିଲା । ତା'କୁ ନିଶା ଘାରୁଥାଏ । ତେଣୁ ପେଜ[4] ନଖାଇ ସେଇଠି ସେଇ ଶିକା ତଳେ ବାଉଁଶ ତାଟି ଖଂଡେ ପାରିଦେଇ ସେ ଶୋଇଗଲା । ନିଶାରେ ସେ ମନେ ମନେ ଶୋଇ ଶୋଇ ଭାବିଲା- ଅଂଡାତ ଆଣିଚି । ଯାହା ଘରେ ମାଈ ଉଷୁମେଇବାକୁ ବସିବ ସେଠି ନେଇ ମୋ ଅଣ୍ଡା ରଖିଦେବି । ଅଂଡା ଫୁଟି ଛୁଆ ହବ । ତା' ପରେ ଜାତିଆ ମାଇଟେ ହବ । ସେ ଅଂଡା ଦବ । ଛୁଆ ଫୁଟେଇବ । ସେ ଛୁଆମାନେ ପୁଣି ଅଂଡା ଦେଇ ଛୁଆ ଫୁଟେଇବେ । ଏମିତି ହେଇ ହେଇ ମୋର ଗୁଡ଼ାଏ କୁକୁଡ଼ା ହବ । କୁକୁଡ଼ା ବିକି ମୁଁ ପୁରା ସାଉକାର ହେଇ ଯିବି । ଏବେ ସିନା ମୁଁ ଗୋତି[5] ପାଇଟି କରୁଚି । ସେତେବେଳେ ମୁଁ ଗୋତି ରଖିବି । କାମରେ ଠକିଲେ ମୋ' ସାଉକାର ମତେ ଯେମିତି ଏବେ ଲାତ ଗୋଇଠା ମାରୁଛି, ମୁଁ ବି ସାଉକାର ହେଇ ମୋ' ଗୋତିମାନେ କାମରେ ଯଦି ଠକିବେ, ତା' ହେଲେ ସେମାନଂକୁ ଲାତ ଗୋଇଠା ମାରି ସାବାଡ଼ କରିଦେବି । ଏମିତି ଭାବି, ତା ଗୋଡ଼କୁ ଟିକେ ଉପରେ ଝୁଲୁଥିବା ଶିକାକୁ ପକେଇଲା ଲାତେ । ଶିକାରେ ତ ଖପରା ଥିଲା । ସେଥିରେ ପୁଣି ଅଂଡା ଥିଲା । ଲାତ ମାଡ଼ରେ ସବୁ ଛିନ୍ ଛତର ହେଇଗଲା । ପରଜା ଧାଂଗଡ଼ା ତ ଛାଇ ନିଦରେ ଥାଇ ଏସବୁ ଭାବୁଥାଏ, ତେଣୁ ଯେମିତି ଧଡ଼୍ ଧଡ଼୍ ହେଇ ସବୁ ପଡ଼ିଚି, ତା'ର ନିଦ ଫିଦ ସବୁ ଉଡ଼ିଗଲା । ନିଶା ବି ଛାଡ଼ିଗଲା । ସେ ଉଠି ବସିଲା । ଆଂତରୀ ନିଆଁ[6] ଦିକ୍ ଦିକ୍ ହେଇ ଜଳୁଥାଏ । ସେଥିରେ ସେ ଦେଖିଲା, ଖପରା ନାହିଁ କି, ଅଂଡା ନାଇଁ । ସବୁ ଗୁଂଡ ହେଇ ଯାଇଚି । ଏସବୁ ଦେଖି ସେ ଭାବିଲା,- ଆହାରେ ପରଜା, ତୁ ଆଉ ସତରେ କେବେ କଣ ସାଉକାର ହେବୁନି ? ସବୁଦିନ କଣ ଏମିତି ଗୋତି ହୋଇ ରହିବୁ ?

---

1. ଧାଂଗଡ଼ା : ଯୁବକ   2. କବାଡ଼ି : କାମ କରିବା ଲୋକ   3. ଲଂଦା : ମାଂଡିଆରୁ ପ୍ରସ୍ତୁତ ଏକ ପ୍ରକାର ନିଶାଯୁକ୍ତ ପାନୀୟ   4. ପେଜ : ମାଣ୍ଡିଆ ଜାଉ   5. ଗୋତି : କାମ କରିବା ଲୋକ, ମୂଲିଆ   6. ଆଂତରୀ ନିଆଁ : ଆଦିବାସୀମାନେ ପ୍ରାୟ ଅଧିକାଂଶ ସମୟରେ ଘରେ ପୋଇଁବା ପାଇଁ ଯେଉଁ କାଠ ଗଂଡିରେ ନିଆଁ ଦିନରାତି ଜାଳି ରଖିଥାଂତି ତାକୁ ଆଂତରୀ ନିଆଁ କହିଥାଂତି ।

କାକ୍ଡ଼ା[1] ଡକ୍ରା ଡକ୍ରୀ[2] କଥା
(କଂକଡ଼ା ବୁଢ଼ା ବୁଢ଼ୀ କଥା)

ଦିନେ ଗୋଟେ କଂକଡ଼ା ବୁଢ଼ା ଆଉ କଂକଡ଼ା ବୁଢ଼ୀ ନିଜ ଗାତରୁ ବାହାରି ତାଂକର ଜଣେ ବଂଧୁ ଲୋକ ଘରକୁ ଯାଉଥାଂତି। ଗୋଟିଏ କାଉ ଉପରେ ଉଡ଼ି ଉଡ଼ି ଏମାନଙ୍କୁ ଲକ୍ଷ୍ୟ କରୁଥାଏ। ହଠାତ୍ ମଉକା ଦେଖି କାଉ ଯେମିତି ଏମାନଂକ ଉପରକୁ ଝାଂପ ମାରି ଦିହିଁକ ଭିତରୁ ଜଣକୁ ଥଂଟରେ ନେବାକୁ ଚେଷ୍ଟା କଲା, ଏ ଦିହେଁ ରାଗିଯାଇ କାଉକୁ ଅଭିଶାପ ଦେଲେ 'ତୋ ଡେଣା ଭାଂଗି ଯାଉ' ବୋଲି। ସତକୁ ସତ କାଉର ଡେଣା ଭାଂଗିଗଲା। କାଉଟା ତଳେ ପଡ଼ିଗଲା।

କଂକଡ଼ା ବୁଢ଼ା ବୁଢ଼ୀ ପୁଣି ଚାଲିଲେ। ଯାଉ ଯାଉ ଦେଖିଲେ ଯେ, ଗୋଟେ କାଳି ଗାଈ ସେମାନଂକ ଆଡ଼କୁ ମାଡ଼ି ଆସୁଚି। ଦିହେଁ ଭାବିଲେ ଯେ, ଯଦି ଗାଈଟା ଆଉ ଟିକେ ଆଗକୁ ଆସେ ତା'ହେଲେ ସେ ତାଂକୁ ଖୁରାରେ ମାଡ଼ି ଶେଷ କରିଦେବ। ତେଣୁ ସେମାନେ କାଳି ଗାଈର ଶିଂଗ ଭାଂଗି ଯାଉ ବୋଲି ଅଭିଶାପ ଦେଲେ। ସତକୁ ସତ କାଳି ଗାଈର ଶିଂଗ ଭାଂଗିଗଲା ଓ କାଳି ଗାଈ ଯଂତ୍ରଣାରେ ଅନ୍ୟ ଦିଗକୁ ଚାଲିଗଲା।

କଂକଡ଼ା ବୁଢ଼ା ବୁଢ଼ୀ ପୁଣି ଚାଲିଲେ। ଯାଉ ଯାଉ ବାଟରେ ଗୋଟେ ଅଶ୍ୱତ୍ଥ ଗଛ ପଡ଼ିଲା। ଏମାନଂକୁ ଦେଖି ଅଶ୍ୱତ୍ଥ ଗଛ ତା'ର ପତ୍ର ସବୁ ଯେମିତି ଫଡ଼ ଫଡ଼ କଲା, ଏମାନେ ରାଗିଯାଇ ଅଶ୍ୱତ୍ଥ ଗଛର ପତ୍ର ସବୁ ଝଡ଼ିଯାଉ ବୋଲି ଅଭିଶାପ ଦେଲେ। ସାଂଗେ ସାଂଗେ ଅଭିଶାପ ଫଳିଲା। ଦିହେଁ ପୁଣି ଚାଲିଲେ। ହେଲେ ଗଲା ବେଳକୁ ଉପରେ ସରସ୍ୱତୀ ଗାଡ଼ର[3] ଚଢ଼େଇ ଟିଏ ଉଡ଼ି ଉଡ଼ି ଯାଉ ଯାଉ ଯାଂକ ଉପରେ ହଗିଦେଲା ଯେମିତି, ଏ ଦି'ଜଣ ରାଗି ପୂରା ନିଆଁବାଣ। ସେମାନେ ଚଢ଼େଇଟିକୁ ସାଂଗେ ସାଂଗେ ଅଭିଶାପ ଦେଲେ। କହିଲେ, ''ହଇରେ ସରସ୍ୱତୀ ଗାଡ଼ର ଚଢ଼େଇ। ତୋ'ର ଏତେ ଗର୍ବ ଯେ, ତୁ ଆମ ଉପରେ ହଗିଲୁ, ଯା- ତୋ ସରସ୍ୱତୀ ଗାଡ଼ର ପାଣି ସବୁ ଶୁଖିଯାଉ।'' ସାଂଗେ ସାଂଗେ ଅଭିଶାପ ଫଳିଲା।

ଏମାନେ ଯିବା ବାଟରେ ଗୋଟେ ବେଡ଼ା[4] ଦିଶିଲା। ସେଠି ସାତ ଭାଇ ହଳ କରୁଥାନ୍ତି। ଏ ଦିହେଁ ଭାବିଲେ- ଏମାନେ ଯଦି ଏମିତି ହଳ କରିବେ, ତା' ହେଲେ ନଂଗଳ ମୂନ ବାଜି ନିଶ୍ଚୟ ଆମର ପ୍ରାଣ ଯିବ। ତେଣୁ ଅଭିଶାପ ଦେଲେ-

ସାତ ମଂଜୁର କୁକୁଡ଼ା ବସା
ସାତ ଭାଇ ଢେମ୍‌ସା ନାଚ।

ଅର୍ଥାତ୍:- ତମେ ସାତ ଭାଇ ହଳ କରିବା ଛାଡ଼ି ଢେମସା[5] ନାଚ କର।

ଅଭିଶାପ ତ ନିଷ୍ଫଳ ହେବାର ନୁହେଁ। ସାତଭାଇ ଯାଂକ ପାଟିରୁ କଥା ନ ସରୁଣୁ ଢେମସା ନାଚ ଆରଂଭ କଲେ। ସେମାନେ ନାଚ କରୁଥାଂତି। କିଛି ସମୟ ପରେ ତାଂକ ବାପା ଆସିଲା। ସେମାନେ ଠିକ୍ କାମ କରୁଚନ୍ତି ନା ନାଇଁ ଦେଖିବାକୁ। ଏଇ କଂକଡ଼ା ବୁଢ଼ା ବୁଢ଼ୀ ତ ରାଗିଥାନ୍ତି,

ତେଣୁ ସେମାନଂକ ବାପାକୁ ଦେଖି ତାକୁ ଅଭିଶାପ ଦେଲେ, 'ତୁ ଉଠ୍ ବସ୍ ହଉଥା' ବୋଲି। ଅଭିଶାପ ଫଳିଲା।

ବୁଢ଼ା ଉଠ୍ ବସ ହଉଚି। ପୁଅମାନେ ଢେମସା ନାଚୁଚଂତି। ପିଲାମାନଂକର ମା ଆସିଲା ପେଜ ନେଇ। ଏମାନଂକୁ ଏମିତି ଅବସ୍ଥାରେ ଦେଖି ତା' ମୁଂଡରେ କିଛି ପଶିଲାନି। ସେ ମୁଂଡରେ ହାତ ଦେଇ ବସିଚି, ଏତିକି ବେଳେ ଗଉଡୁଣୀ ଆସି ତାଂକୁ ପେଜ ଟିକେ ଯେମିତି ମାଗିଲା· ବୁଢ଼ୀ ତ ରାଗିଥିଲା, ତେଣୁ ସେ ସାଂଗେ ସାଂଗେ ଗଉଡୁଣୀକୁ ଅଭିଶାପ ଦେଲା 'ତୁ ମରିଯା' ବୋଲି। ଆଉ ସାଂଗେ ସାଂଗେ ଅଭିଶାପ ଫଳିଲା।

ତା' ପରେ କଙ୍କଡ଼ା ବୁଢ଼ା ବୁଢ଼ୀ ସେଠୁ ପୁଣି ଚାଲିବା ଆରଂଭ କଲେ।

---

1. କାକ୍ଡ଼ା : କଂକଡ଼ା 2. ଡକ୍ରା ଡକ୍ରୀ : ବୁଢା, ବୁଢ଼ୀ 3. ଗାଡ଼ : ନଈ 4. ବିଲ : ଜମି 5. ଢେମସା : ଢୋଲ ଟମକ, ମହୁରୀ ଆଦି ଓ ଟିଡି ବିଡି ନାମକ ବାଦ୍ୟଗୁଡ଼ିକର ତାଳେ ତାଳେ ହାତକୁ ହାତ ଛଂଦା ଛଂଦି ହୋଇ ଉଭୟ ପୁରୁଷ ଓ ସ୍ତ୍ରୀ ଧାଡ଼ି ବାଂଧି ନାଚିବା।

କୁମ୍ଡ଼ା[1] ଶାଗ୍ କଥା
(ବୋଇତି କଖାରୁ ତରକାରୀ କଥା)

ଗୋଟିଏ ଗାଁରେ ଗୋଟିଏ ବୁଢ଼ା ଆଉ ଗୋଟିଏ ବୁଢ଼ୀ ଥା'ନ୍ତି। ସେମାନଂକର ଆଉ ନିଜର ବୋଲି ସଂସାରରେ କେହି ନଥାନ୍ତି। ସେମାନେ ଭାରି ଗରିବ। ତେଣୁ ବଡ଼ କଷ୍ଟରେ ଚଳୁଥାନ୍ତି।

ଥରେ ବୁଢ଼ା ବୁଢ଼ୀ ପାଛୁଡ଼ା ପାଛୁଡ଼ି କଲେ କାଳେ ଧାନ ଫାନ କିଛି ମିଳିବ ଭାବି ରାଜା ଘର କଟାରକୁ[2] ଯାଇ ପାଳଗୁଣ୍ଡ ଓ ଧାନ ପୋଲକୁ ବସି ପାଛୁଡ଼ା ପାଛୁଡ଼ିଲେ। ସେମାନେ ସେଥିରୁ ଧାନ ଫାନ ତ କିଛି ପାଇଲେନି, ହେଲେ କୁମ୍ଡ଼ା ମଂଜିଟିଏ ପାଇଲେ। ତା'କୁ ନେଇ ଘରକୁ ଗଲେ।

ବୁଢ଼ା ମଂଦାଟିଏ ବାଡ଼ି ପଟେ ଖୋଳି କୁମ୍ଡ଼ା ମଂଜିଟାକୁ ପୋତିଦେଲା। ବୁଢ଼ୀ ପାଣି ମୁତାଏ[3] ନେଇ ସେଥିରେ ଦେଲା। ଏମିତି ଦି' ଚାରି ଦିନ ପାଣି ଦଉ ଦଉ ଗଜା ହେଲା। ତା' ପରେ ଧୀରେ ଧୀରେ ଗଛ ବଢ଼ିଲା ଯେମିତି ବୁଢ଼ା ଆଣି ଲାଂଜାଟିଏ ପୋତିଦେଲା। ତା' ପରେ କୁମ୍ଡ଼ା ଗଛ ରଂଜା ଉପରକୁ ମାଡ଼ିଲା। କିଛି ଦିନ ପରେ ଫୁଲ ଫୁଟିଲା, କଷି ଧରିଲା ଏବଂ ଫଳ କଢ଼ ହେଲା। ଧୀରେ ଧୀରେ ଗୁଡ଼ାଏ କଷି ଧରି ଗଛଟା କୁମ୍ଡ଼ାରେ ଲଦି ହୋଇଗଲା।

ବୁଢ଼ା ବୁଢ଼ୀଙ୍କ ମନ ଭାରି ଖୁସି। ବୁଢ଼ା ଦିନେ ବୁଢ଼ୀକି କହିଲା, "ବୁଢ଼ୀଲୋ ! ଗୋଟେ କୁମ୍ଡ଼ା ତୋଳି ଆଣି ଆଜି ଶାଗ୍[4] କରଂତୁନି ?" ବୁଢ଼ୀ ହଁ କଲା। ତା' ପରେ କଅଁଳିଆ କୁମ୍ଡ଼ାଟିଏ ଆଣି ଶାଗ୍ ରାଂଧିଲା। ବୁଢ଼ାକୁ ପେଜ୍[5] ଶାଗରେ କୁମ୍ଡ଼ା ଶାଗ୍ ପରଶିଲା। ବୁଢ଼ା କୁମ୍ଡ଼ା ଶାଗ୍ ଥରେ ପାଟିକି ନେଇ ମୁହଁଟାକୁ ପୁରା ବିକୃତ କରି କହିଲା- "ଇହିଁ- ଛି- କି ପିତା !" ବୁଢ଼ୀ କହିଲା "ପିତା ?" ବୁଢ଼ା କହିଲା "କଣ ବିଶ୍ୱାସ ହଉନି ନାଁ କଣ ? ଯଦି ନ ହଉଚି ଖାଇ ଦେଖୁନୁ।" ବୁଢ଼ୀ କହିଲା, "ନାଁ, ସେ ପିତାଗୁଡ଼ାକ ମୁଁ କାଇଁକି ଖାଇବି ଯେ ? ତମେ ଯଦି ଖାଇବ ଖାଅ।" କହି ପାତଲୀରେ[6] ଯାହା ଶାଗ୍ ନିଜ ପାଇଁ ରଖିଥିଲା ସେ ସବୁ ଆଣି ବୁଢ଼ାର ଦନାରେ ଢାଳିଦେଲା। ବୁଢ଼ା ତ ଖୋଜୁଥିଲା ଏଇକଥା। ତେଣୁ ସେ ମନ ଶରଧାରେ ପିତା ପିତା କହି ସବୁତକ କୁମ୍ଡ଼ା ଶାଗ୍ ଖାଇଦେଲା।

କୁମ୍ଡ଼ା ପିତା ବୋଲି ଶୁଣିବା ପରଠୁ ବୁଢ଼ୀର ମନଟା ବି ପିତା ହୋଇଯାଇଥାଏ। ତେଣୁ ସେ ନିତି କୁମ୍ଡ଼ା ତୋଳି ବୁଢ଼ା ପାଇଁ ଶାଗ୍ ରାନ୍ଧି ତାକୁ ପରଷି ଦିଏ। ଆଉ ଭାବେ- "ଆହା ! କେଡ଼େ ସୁନ୍ଦର କୁମ୍ଡ଼ା-ଫଳିଚି ସିନା ନିଆଁଲଗା ସବୁଗୁଡ଼ା ପିତା। ମୁଁ ସୋରେ କୁମ୍ଡ଼ା ରାଂଧି ଶାଗ୍ ଟିକେ ବି ଚାଖି ପାରିଲି ନାହିଁ।" ଭାରି ଛିଣ୍ଡେଇ ରାମ୍ପୁଡ଼ି ହୁଏ। କିନ୍ତୁ ବୁଢ଼ା ପିତା ପିତା କହି ନିତି ସବୁ ଶାଗ୍ ଖାଏ। ଏମିତି ହଉ ହଉ ଗଛର କୁମ୍ଡ଼ା ବି ସରି ଆସିଲା।

ବୁଢ଼ୀ ଦିନେ ଭାବିଲା, "ଯଦି କୁମ୍ଡ଼ା ପିତା ହୋଇଥାନ୍ତା ତେବେ ଏ ବୁଢ଼ା ଖାଉଥାନ୍ତା କେମିତି ? ନିଶ୍ଚୟ ଯା ଭିତରେ କିଛି ରହସ୍ୟ ଅଛି", ଭାବି କୁମ୍ଡ଼ାଟିଏ ତୋଳି ରାଂଧିଲା। ତା' ପରେ ଅନେକ ଭାବି ଚିନ୍ତି ଶାଗ୍ ଟିକେ କାଢ଼ି ଚାଖିଲା। ଆଃ ! କି ଅପୂର୍ବ ସୁଆଦ। ତା' ପରେ ପୁଣି ଚାଖିଲା। ତା' ପରେ ପୁଣି ଚାଖିଲା। ଆଉ ଏମିତି [illegible] ସବୁ ଶାଗ୍ ସରିଗଲା। ବୁଢ଼ା ଆସି ଦେଖିଲା

ବେଳକୁ ବୁଢ଼ୀ ପାତ୍‌ଲିକି ଧରି ଚାଟୁଚି । ବୁଢ଼ା ପଚାରିଲା "କିଲୋ ! କ'ଣ କରୁଚୁ ?" ବୁଢ଼ୀ କହିଲା, "କୁମ୍‌ଡ଼ା ଶାଗ୍ ଖାଉଚି ।" ବୁଢ଼ା ବୁଢ଼ୀ କଥା ଶୁଣି ରାଗି ନିଆଁବାଣ ହେଇ ପାତଲିକି ଯାଇ ଦେଖିଲା । ହେଲେ ପାତ୍‌ଲିରେ ତ କିଛି ନଥିଲା । ବୁଢ଼ାକୁ ଆଉ ସଂଭାଳେ କିଏ ? ରାଗ ତମ୍ ତମ୍ ହେଇ ବୁଢ଼ୀ ହାତରୁ ପାତଲୀଟି ଟାଣି ଆଣି ତା' ମୁଣ୍ଡ ଉପରେ ଛେଚିଦେଲା ।

---

1. କୁମ୍‌ଡ଼ା : ବୋଇତି କଖାରୁ 2. କଟାର : ଖଳା 3. ମୁଡା : ଛାଳ 4. ଶାଗ୍ : ତିଅଣ 5. ପେଜ : ମାଂଡିଆ ଜାଉ 6. ପାତଲୀ : ମାଟି ହାଂଡି ।

ବାଂଜ୍ ଡକ୍ରା ଡକ୍ରୀ କଥା

ଗୋଟେ ଗାଁରେ ବୁଢ଼ାଟେ ବୁଢ଼ୀଟେ ରହୁଥାନ୍ତି । ସେମାନଂକର ପିଲାଝିଲା କିଛି ନଥାଏ ବୋଲି ସେମାନଂକର ମନରେ ବଡ଼ ଦୁଃଖ ଥାଏ । ଗାଁର ଅନ୍ୟ ଲୋକମାନେ ତାଂକୁ ବାଂଜ୍ ଡକ୍ରା ଡକ୍ରୀ[1] କହି ଘୃଣା କରୁଥାନ୍ତି । ଏମାନେ କେତେ ଡିସାରୀ[2] ଗୁଣିଆଁ ଦେଖଉଥାନ୍ତି । କେତେ ପ୍ରକାର ଚେର ମୂଳି ଅଷ[3] ଖାଉଥାନ୍ତି । ତଥାପି ଏମାନଂକର ଛୁଆ ପିଲା ହେଉ ନଥାଏ ।

ଥରେ ବୁଢ଼ା ବୁଢ଼ୀ ପୁଅଝିଅ ହେବା ପାଇଁ ପୂଜାପାଠି କରିବାକୁ ଗୋଟେ ଛୋଟ ଡୋଲୀରେ[4] ସାନ ବିଜା[5] କାଠର ପୁତ୍‌ଲାଟେ[6] ବସାଇ ତାକୁ କାଂଧେଇ ନେଇ ଗୋଟିଏ ଗାଁକୁ ଯାଉଥାନ୍ତି । ଏମିତି ବଣରେ ଯାଉ ଯାଉ ଗୋଟେ ଜାଗାରେ ସୂରୁଯ ମହାପୁରୁ ବୁଡ଼ିବାକୁ ବସିଲେ । ସକାଳୁ ଉଇଁଲା ବେଳକୁ ବି ବୁଢ଼ା ବୁଢ଼ୀ ଚାଲୁଥାନ୍ତି ଯେ ବେଳ ବୁଡ଼ିବାଯାଏ । ସୂରୁଯ ମହାପୁରୁ ଏହା ଦେଖୁଥାନ୍ତି । ଯେତେହେଲେ ସେ ମହାପୁରୁ ଲୋକ । ତେଣୁ ଏମାନଂକର ଦୁଃଖ ବୁଝିପାରି ତାଂକ ସ୍ତ୍ରୀକୁ ସେ କହିଲେ, ''ହଇହେ ! ଦେଖ, ବୁଢ଼ା ବୁଢ଼ୀ ଦିହେଁଯାକ ପୁଅ ଝିଅ ନାଇଁ ବୋଲି କେତେ ଦୁଃଖରେ ଅଛନ୍ତି । ମୁଁ ନିତି ତାଂକ ଦୁଃଖ ଦେଖୁଚି । ହେଲେ ଆଜି ମୁଁ ଆଉ ତାଂକ ଦୁଃଖ ସହି ପାରୁନି । ବୁଢ଼ା ବୁଢ଼ୀ ଲୋକ । ଦେହରେ ବଳ ନାହିଁ । ତଥାପି ବି ପୁଅ କି ଝିଅଟେ କାଳେ ହବ ବୋଲି ସେମାନେ ଡଂଗର ପରେ ଡଂଗର ଡେଇଁ ଚାଲିଚନ୍ତି । ବୋଧେ ମୁଁ ବୁଡ଼ିଯିବା ପରେ ବି ଆହୁରି ଏମିତି ଚାଲୁଥିବେ । ହେଲେ ମୁଁ ଏଯାଏଁ ବୁଡ଼ିନି ବୋଲି ସିନା ବଣରେ ଜନ୍ତୁ ଜୁନ୍ତା ଯେଝା ଘରେ ଅଛନ୍ତି । କିନ୍ତୁ ମୁଁ ବୁଡ଼ିଲା ପରେ ତ ସେମାନେ ବାହାରିବେ । ଆଉ ବୁଢ଼ା ବୁଢ଼ୀକି ନିଶ୍ଚେ ଖାଇଦେବେ । ତେଣୁ ମୁଁ ଭାବୁଚି ଆମେ ଆଜି ବୁଢ଼ା ବୁଢ଼ୀଂକର ଦୁଃଖ ଦୂର କରିଦେବା ।'' ସୂରୁଯ ମହାପୁରୁଂକ ସ୍ତ୍ରୀ ପଚାରିଲେ, ''ଦୁଃଖ ଦୂର କରିଦେବା ଯେ, ହେଲେ କେମିତି ?'' ସୂରୁଯ ମହାପୁରୁ କହିଲେ, ''ଆମର ତ ଦି'ଟା ପୁଅ । ଆମେ କିଛି ଦିନ ପାଇଁ ଆମର ଗୋଟେ ପୁଅକୁ ମର୍ତ୍ତ୍ୟ ଲୋକକୁ ବୁଢ଼ା ବୁଢ଼ୀଙ୍କର ପୁଅ କରି ପଠେଇ ଦେବା । ତା'କୁ ଏମିତି ଗୋଟେ ଉପାୟ ବତେଇ ପଠେଇବା ଯେ, ସେ ସେଇ ଉପାୟରେ ପୁଣି ଥରେ ଠିକ୍ ସମୟରେ ଏଠିକି ଫେରି ଆସିବ । ନା କଣ କହୁଚ ତମେ ?'' ତାଂକ ସ୍ତ୍ରୀ କହିଲେ, ''ହଉ, ତମେ ଚଂଚଳ ଘରକୁ ଆସ । କୋଉ ପୁଅ ଯିବ ସେକଥା ତମେ ଆସିଲେ ପଚାରିବା ।''

ତା' ପରେ ସୂରୁଯ ମହାପୁରୁ ବୁଡ଼ିଯାଇ ଘରକୁ ଆସିଲେ । ମା ବାପା ଦିହେଁ ପିଲା ଦି'ଟାଙ୍କୁ ଡାକି ମର୍ତ୍ତ୍ୟଲୋକକୁ ପଂଦର ବର୍ଷ ପାଇଁ କିଏ ଯିବ ବୋଲି ପଚାରିବାରୁ ଦିହେଁଯାକ ମନା କଲେ । ତା' ପରେ ବହୁତ ବୁଝା ସୁଝା କରିବା ପରେ ବଡ଼ ପୁଅ ରାଜି ହେଲା । ମା' ତା' ପରେ ବଡ଼ ପୁଅକୁ ବାଇଗଣ ମୁଣ୍ଡିଟିଏ ଦେଇ କହିଲେ, ''ବାବୁରେ ! ଏ ବାଇଗଣ ମୁଣ୍ଡିଟା ପାଖରେ ରଖିଥିବୁ । ଠିକ୍ ପନ୍ଦର ବର୍ଷ ଯୋଉଦିନ ପୂରିବ, ସେଦିନ ବଣକୁ ଦାରୁ[7] ପାଇଁ ଯିବୁ । ତା' ପରେ ବୁଢ଼ା ବୁଢ଼ୀଙ୍କର ଘରକୁ ଯାଇ ବାଇଗଣ ମୁଣ୍ଡିଟା ଖାଇଦେଲେ ତୁ ମରିଯିବୁ । ଆଉ ତା'ପରେ ଏଠିକି ତୁ ପୁଣି ଫେରି ଆସିବ ।'' ପୁଅ ହଁ କରି ମା' ପାଖରୁ ବାଇଗଣ ମୁଣ୍ଡିଟା ନେଇ ମର୍ତ୍ତ୍ୟ ଲୋକକୁ ଗଲା ।

ତେଣେ ଅଂଧାର ହେଇ ଯାଇଥାଏ। ତଥାପି ବଣ ଭିତରେ ବୁଢ଼ା ବୁଢ଼ୀ ଡୋଲୀଟିକୁ କାଂଧେଇ ଚାଲିଥାନ୍ତି। ହଠାତ୍ ସେମାନେ ଶୁଣିଲେ ପିଲାଟିଏ ଡୋଲୀରେ କାନ୍ଦୁଚି। ଡୋଲୀଟାକୁ ତଳେ ଥୋଇ ଦେଖିଲା ବେଳକୁ ବିଜା କାଠର ପୁତ୍ଲା ଜାଗାରେ ମଣିଷ ପିଲାଟେ ଗୋଡ଼ ହାତ ଛାଟି କାନ୍ଦୁଚି। ତା' ପରେ ବୁଢ଼ା ବୁଢ଼ୀଙ୍କର ଖୁସି ଦେଖେ କିଏ ? ସେମାନେ ଆଉ ଆଗକୁ ନଯାଇ ସେଠୁ ଘରକୁ ଫେରିଲେ। ସାଇଁ ସାଇଁ ନିଶା ଗର୍ଜୁଥାଏ। ହେଲେ ବି ତା'କୁ ଖାତିର୍ ନକରି ଦିହେଁ ଚାଲିଥାନ୍ତି। ଜନ୍ତୁ ଜୁନ୍ତା ବି ତାଂକୁ ଦେଖି ବାଟ ଛାଡ଼ି ଦେଉଥାନ୍ତି। କିଏ ତାଂକର କଣ କରିବ, ତାଂକ ପାଖରେତ ମାହାପୁରୁ ଘର ପିଲା ଥା'ନ୍ତି।

ଗାଁରେ ତା'ପର ଦିନ ସକାଳେ ପହଂଚିଲେ। ହଠାତ୍ ବୁଢ଼ା ବୁଢ଼ୀ ପିଲାଟିଏ[8] ଧରି ଫେରିବା ଦେଖି ଗାଁ ଲୋକ କାବା କାଠ ହେଇଗଲେ। ବୁଢ଼ା ଏ ବୟସରେ ପିଲାଟେ ହଠାତ୍ କେମିତି ପାଇଲା ବୋଲି ସମସ୍ତେ ଫୁସୁରୁ ଫାସର ହେଲେ। ସେ କଥାକୁ କିନ୍ତୁ ବୁଢ଼ା ବୁଢ଼ୀ କାନ ନଦେଇ ପିଲାଟିକୁ ଅତି ଗେଲ ବସରରେ ବଡ଼ କରିବାରେ ଲାଗିଲେ।

ଦେଖୁ ଦେଖୁ ପିଲାଟାକୁ ଦଶ ବର୍ଷ ପୂରିଲା। ଆଉ ସେ ଗାଁର ଟୋକାଙ୍କ ସାଂଗରେ ମିଶି ବଣକୁ ଦାରୁ ଆଣି ଗଲା। ଝରଣାକୁ କାକ୍ଡ଼ା[9] ବେଟି ଗଲା। ରାତିରେ ଗାଁର ସଦର ଦାଣ୍ଡରେ[10] ଢେମ୍ସା[11] ନାଚିଲା ଆଉ ବୁଢ଼ା ବୁଢ଼ୀ ସେ ସବୁ ଦେଖି ବହୁତ ଖୁସି ହେଲେ। ଖୁସିରେ ତାଂକ ଗୋଡ଼ ଆଉ ତଳେ ଲାଗିଲାନି।

ଦେଖୁ ଦେଖୁ ପିଲାକୁ ପନ୍ଦର ବର୍ଷ ହେଲା। ଆଉ ଯୋଉଦିନ ପନ୍ଦର ବର୍ଷ ପୂରିଲା ସେଦିନ ପିଲା ବୁଟି ଟାଂଗିଆଟେ[12] ଧରି ବଣକୁ ଦାରୁ ଆଣିବାକୁ ଯାଉଚି କହି, ବଣକୁ ଯାଇ ସେଠି ଟାଂଗିଆରେ ନିଜ ଗୋଡ଼କୁ ଚୋଟେ ପକେଇ ଘରକୁ ଫେରିଲା। ବୁଢ଼ା ବୁଢ଼ୀ ଦେଖିଲେ ବନି ଘଷରି ଯାଉଚି[13] ପୁଅର ଗୋଡ଼ରୁ। ତେଣୁ ସେମାନେ ଅଷ ଆଣିବାକୁ ଡିସାରୀ ପାଖକୁ ଯିବା ଭିତରେ ପିଲା ତା' ମା' ଦେଇଥିବା ବାଇଗଣ ମୁଣ୍ଡିଟା କାଢ଼ି ତା'କୁ ଖାଇ ମରିଗଲା।

ବୁଢ଼ା ବୁଢ଼ୀ ଡିସାରୀକି ସାଂଗରେ ନେଇ ଘରେ ଆସି ପହଂଚିଲା ବେଳକୁ ପିଲା ଦିହରେ ଆଉ ଜୀବନ ନାହିଁ। ତା' ପରେ ସେମାନେ ପିଲା ପାଇଁ ବହୁତ କାନ୍ଦିଲେ। ହେଲେ ମଲା ଲୋକ ଆଉ ତ ଫେରିବ ନାହିଁ କିମ୍ବା ବଂଚିବ ନାହିଁ। ତେଣୁ ସେମାନେ ପିଲାକୁ ନେଇ ଦାହ କରିଦେଲେ।

ବୁଢ଼ା ଓ ବୁଢ଼ୀ ଯୋଉ ବାଂଜ୍‌କୁ ପୁଣି ସେଇ ବାଂଜ୍ ହେଇଗଲେ ଆଉ ପିଲାକୁ ଝୁରି ଝୁରି ଦୁଃଖରେ କାଳ କାଟିଲେ।

---

1. ବାଂଜ୍ ଡକ୍ରା ଡକ୍ରୀ : ବାଂଝ ବୁଢ଼ା ବୁଢ଼ୀ 2. ଡିସାରୀ : ବୈଦ୍ୟ 3. ଅଷ : ଔଷଧ 4. ଡୋଲା : ସବାରୀ 5. ବିଜା : ପିଆଶାଳ 6. ପୁତ୍ଲା : କଂଢ଼େଇ 7. ଦାରୁ : କାଠ 8. ପିଲା : ପୁଅ 9. କାକ୍ଡ଼ା : କଂକଡ଼ା 10. ସଦର ଦାଣ୍ଡ : ଗାଁ ଦାଣ୍ଡ 11. ଢେମ୍ସା : ଢୋଲ, ଟମକ, ମହୁରୀ ଓ ଚିଡ଼ିବିଡ଼ିର ତାଳେ ତାଳେ ପରସ୍ପର ଅଣ୍ଟାରେ ହାତ ଛଂଦି ଉଭୟ ଯୁବକ ଯୁବତୀ ନାଚୁଥିବା ଏକ ପ୍ରକାର ନାଚ 12. ବୁଟି ଟାଂଗିଆଟେ : ଛୋଟ ଟାଙ୍ଗିଆଟେ 13. ବନି ଘଷରୀ ଯାଉଚି : ରକ୍ତ ଝରି ପଡୁଚି ।

ଚନ୍ଦନ କାଠିଆ ରାଜା କଥା

ଗୋଟିଏ ଗାଁରେ ବୁଢ଼ାଟେ ଥାଏ। ତା'ର ବୁଢ଼ୀ ମରି ଯାଇଥାଏ। ତା'ର ଝିଅଟେ ଥାଏ। ବୁଢ଼ାର ବୟସ ବେଶୀ ହେଲେ ବି ସେ ଆଉ ଥରେ ବାହା ହବାକୁ ମନ କଲା। କିଛି ପଇସା ଜଲା[1] ବାଂଧିବା ପାଇଁ ଗୁଂଡେଇ ସିଏ ମାଇଜୀ[2] ଖୋଜିବାକୁ ଗଲା। ଏମିତି ଯାଉ ଯାଉ ବାଟରେ ଗୋଟେ ବଣରେ ତା'କୁ ଗୋଟେ ମାଈ ଭାଲୁ ଦେଖି ପଚାରିଲା, "କୁଆଡ଼େ ଯାଉଚ କି?" ବୁଢ଼ା କହିଲା, "ମୁଁ ମାଇଜୀ ଖୋଜିବାକୁ ଯାଉଚି।" ଭାଲୁ କହିଲା, "ଆଉ ଖୋଜିବାକୁ ଯାଉଚ କାହିଁକି? ମୋତେ ଯଦି ତମେ ବାହା ହବ ତା' ହେଲେ ମୁଁ ତମ ସାଂଗରେ ବାହା ହବାକୁ ରାଜି। ମୋର ଘରେ କେହି ନାହାନ୍ତି, ତେଣୁ ଜଲା ବି ବାଂଧିବାକୁ[3] ପଡ଼ିବନି।" ବୁଢ଼ା ଦେଖିଲା ଭାଲୁଟା ଅସୁନ୍ଦରୀ ହେଲେବି ଜଲାତ ବାଂଧିବାକୁ ପଡ଼ିବନି। ତେଣୁ ଯା'କୁ ବାହା ହେଲେ କ୍ଷତି କଣ? ପଇସା ତ ବଂଚିଯିବ। ତା' ପରେ ମାଈ ଭାଲୁର ବୟସ ବି ବେଶୀ ନୁହେଁ। ସେ ନିଶ୍ଚୟ କୁଲି ଭୁତି କରି ପଇସା କମେଇ ଆଣିବ ଆଉ ସେ ପଇସାରେ ବୁଢ଼ା ବସି ବସି ଘରେ ଖାଇବ। ଏସବୁ ଚିନ୍ତା କରି ବୁଢ଼ା ମାଈ ଭାଲୁକୁ ମାଇଜୀ କରି ତା' ଘରକୁ ନେଲା।

ତା'ପରେ ମାଈ ଭାଲୁ ବୁଢ଼ାର ଆଗ ମାଇଜୀର ଝିଅ ଉପରେ ବହୁତ ଅତ୍ୟାଚାର କଲା। କଥା କଥାକେ ତା'କୁ ବାଡ଼ିଆ ପିଟା କଲା। ଝିଅ ଭାଗ୍ୟ ଆଦରି ସବୁ ଅତ୍ୟାଚାର ସହି ସେଠି ପଡ଼ି ରହିଥାଏ। କିଛିଦିନ ପରେ ମାଈ ଭାଲୁର ଗୋଟେ ଝିଅ ଜନ୍ମ ହେଲା। ଧୀରେ ଧୀରେ ଝିଅଟା ବଡ଼ ହେଲା। ଆଉ ଏଥର ମା' ଝିଅ ଦିହେଁ ମିଶି ବୁଢ଼ାର ଆଗ ମାଇଜୀର ଝିଅ ଉପରେ ଅତ୍ୟାଚାର କଲେ।

ଥରେ ସେ ଦେଶର ରାଜା– 'ଚନ୍ଦନକାଠିଆ' ରାଜା ଏମାନଂକ ଗାଁ ଆଡ଼କୁ ବେଂଟ[4] କରିବାକୁ ଆସିଥାନ୍ତି। ମାଈ ଭାଲୁର ଝିଅ ଚନ୍ଦନକାଠିଆ ରାଜାର ଘୋଡ଼ା ପଡ଼ି ମରିଯାଉ ବୋଲି ବାଟରେ କଂଟା ପକେଇଦେଲା। ଚନ୍ଦନକାଠିଆ ରାଜା ଯେତେବେଳେ ସେ ବାଟଦେଇ ବେଂଟ କରିବାକୁ ବଣକୁ ଗଲେ ତାଂକର ଘୋଡ଼ା ତଳେ କଂଟା ମାଡ଼ି ପଡ଼ିଗଲା। ତା ସାଂଗରେ ରାଜା ବି ତଳେ ପଡ଼ିଗଲେ। ତାଂକ ଦେହରେ ବିଷାକ୍ତ କଂଟା ସବୁ ଫୋଡ଼ି ହୋଇଗଲା। ଏସବୁ ବୁଢ଼ାର ଆଗ ମାଇଜୀର ଝିଅ ଗାଗରୀ[5] ଧରି ଝରଣାକୁ ପାଣି ଆଣିବା ବେଳେ ଦେଖିଲା ଓ ଚନ୍ଦନକାଠିଆ ରାଜାଂକୁ ତଲୁ ଉଠେଇ ପାଂପଡ଼ା ପାଂପଡ଼ି[6] କରିଦେଲା। ଚନ୍ଦନକାଠିଆ ରାଜା ତା' ପରେ ସେମାନେ ଡେରା ପକାଇଥିବା ଜାଗାକୁ ଗଲେ।

ଏଣେ ଝିଅ ପାଣି ଆଣିବାକୁ ଝରଣାକୁ ଗଲା ବେଳକୁ ଗୋଟେ ଗଛ ଡାଳରେ ବସି ଗିଧ୍[7] ଗିଧ୍ନୀ[8] କଥା ହେଉଥିବା ଶୁଣିଲା। ଗିଧ୍ କହିଲା, "ଆଲୋ, ଗିଧ୍ନୀ ଜାଣିଚୁ, ଏବେ ଯୋଉ ଚନ୍ଦନକାଠିଆ ରାଜା ଏଠି କଂଟାରେ ପଡ଼ିଲାନି; ସେ ସେଇ କଂଟା ବିଷରେ ମରିଯିବ। ଆଉ ତା' ଘୋଡ଼ା ବି

ମରିଯିବ । ହେଲେ ସେମାନଙ୍କୁ ବଂଚେଇବାର ଉପାୟ ଅଛି ।'' ଗିଧିନୀ କହିଲା, ''କି ଉପାୟ କୁହ ?'' ତା' ପରେ ଗିଧ ଉପାୟଟା ବତେଇଦେଲା । ଝିଅ ସେ ସବୁ ଶୁଣି ଗାଗ୍ରୀ ଥୋଇ ଦେଇ ଅଂଡିରା ପୁଅ ବେଶରେ ଡିସାରୀ[9] ସାଜି ରାଜାଙ୍କ ଡେରା ପାଖକୁ ଗଲା । ଚନ୍ଦନକାଠିଆ ରାଜା ଆଉ ତାଂକ ଘୋଡ଼ାର କଂଟା ବିଷରେ ଅବସ୍ଥା ସାଂଘାତିକ ହେଇ ଯାଇଥାଏ । ଝିଅ ତ ଗିଧ୍ କହିବା ପ୍ରକାରେ ବଣରୁ ଚେରମୂଳୀ ଔଷଧ ଖୋଜା ଲୋଡ଼ା କରି ନେଇକି ଯାଇଥାଏ । ସେ ସେଠି ପହଁଚି ନିଜକୁ ଡିସାରୀ ବୋଲି ପରିଚୟ ଦେଇ ରାଜାଙ୍କୁ ଭଲ କରିଦେବି ବୋଲି କହିବାରୁ ରାଜାଙ୍କର ଲୋକମାନେ ତା'କୁ ରାଜାଂକ ପାଖକୁ ନେଇଗଲେ । ସେ' ତା' ପରେ ରାଜାଂକୁ ଚେରମୂଳୀ ଔଷଧ ଦେଲା ଆଉ ଘୋଡ଼ାକୁ ବି ଔଷଧ ଦେଲା । କିଛି ସମୟ ଭିତରେ ରାଜା ଆଉ ଘୋଡ଼ା ଦିହେଁଯାକ ଭଲ ହେଇଗଲେ । ରାଜା ତେଣୁ ଡିସାରି ଉପରେ ଖୁସି ହେଇ ତାକୁ ନିଜ ହାତରୁ କାଢ଼ି ସୁନା ମୁଦିଟିଏ ଦେଲେ ।

ଝିଅ ସୁନା ମୁଦିଟି ପିନ୍ଧି ଘରକୁ ଗଲା । ଘରେ ମାଇ ଭାଲୁ ଆଉ ତା ଝିଅ ଯା ହାତରେ ସୁନାମୁଦି ଦେଖି ପଚାରିଲେ, ''କି'ଲୋ ! ଏ ମୁଦି କୋଉଠୁ ପାଇଲୁ ?'' ଝିଅଟି କହିଲା, ''ମତେ ଚନ୍ଦନକାଠିଆ ରାଜା ଦେଇଚନ୍ତି ।'' ଏ ଦିହେଁ ତା' କଥାରେ ବିଶ୍ୱାସ କଲେନି । ଝିଅଟି ତାଙ୍କୁ ଦେଖେଇ ହେଲା ପରି କହିଲା, ''ଦେଖିବ ମତେ ଚନ୍ଦନକାଠିଆ ରାଜା ତା'ର ରାଣୀ କରିନେବ ।'' ଏ କଥା ଶୁଣି ମାଇ ଭାଲୁ ଓ ତା ଝିଅ ମିଶି ତା' ଉପରେ ଆଉରି ଅତ୍ୟାଚାର କଲେ ।

ଶେଷରେ ଏମାନଂକ ଅତ୍ୟାଚାର ସହି ନପାରି ଝିଅଟି ହାତରେ ମୁଦି ପିଂଧି ଚନ୍ଦନକାଠିଆ ରାଜା ପାଖକୁ ପୁଣି ଯାଇ କହିଲା, ''ରାଜା ତମେ ମତେ ଥରେ ଏ ମୁଦିଟା ଦେଇଥିଲ, ତେଣୁ ମତେ ତମେ ବାହା ହୁଅ ।'' ଚନ୍ଦନକାଠିଆ ରାଜା କହିଲେ, ''ମୁଁ ତ ଏ ମୁଦି ତମକୁ ଦେଇ ନଥିଲି ? ଏ ମୁଦି ମୁଁ ମତେ ଭଲ କରିଥିବା ଡିସାରୀକି ଦେଇଥିଲି ।'' ଝିଅ ତା' ପରେ ''ମୁଁ ସେଇ ଡିସାରୀ ବେଶରେ ତମକୁ ଆସି ଭଲ କରିଥିଲି'' ବୋଲି କହି ତା' ଭଉଣୀ କଂଟା ପକେଇବା କଥାଠୁ ଆରମ୍ଭ କରି ଗିଧ୍ ଗିଧିନୀ କଥା ପର୍ଯ୍ୟନ୍ତ ସବୁ ରାଜାଙ୍କୁ କହିଲା । ତା' ସାଂଗେ ସାଂଗେ ତା' ସାବତ ମା ଆଉ ତା' ସାନ ଭଉଣୀ ତା ଉପରେ କେମିତି ଅତ୍ୟାଚାର କରୁଚନ୍ତି ସେକଥା ମଧ୍ୟ କହିଲା । ସବୁ ଶୁଣି ରାଜା ନିଜ ଜୀବନ ବଂଚେଇ ଥିଲା ବୋଲି ତା ଉପରେ ଖୁସି ହେଇ ତାକୁ ରାଣୀ କଲେ ଓ ତା'ର ସାବତ ମା' ମାଇ ଭାଲୁକୁ, ଆଉ ତା'ର ଝିଅକୁ ଶିକାରୀମାନଙ୍କୁ ପଠେଇ ବିଂଧେଇ ଦେଲେ ।

---

1. ଜଲା : କନ୍ୟା ସୁନା 2. ମାଇଜୀ : ସ୍ତ୍ରୀ, ଭାର୍ଯ୍ୟା 3. ବାଂଧିବାକୁ : ଦେବାକୁ 4. ବେଂଟ- ଶିକାର
5. ଗାଗ୍ରୀ : ମାଠିଆ 6. ପାଂପଡ଼ା ପାଂପଡ଼ି : ଝାଡ଼ି ଝୁଡ଼ି 7. ଗିଧ୍ : ଶାଗୁଣା 8. ଗିଧନୀ : ମାଇ ଶାଗୁଣା
9. ଡ଼ିସାରୀ : ପୁରୋହିତ ତଥା ବୈଦ୍ୟ 10. ବିଂଧେଇ ଦେଲେ : ତୀର ମରେଇଦେଲେ ।

କାନ୍ କଟା ବିଲୁଆ କଥା

ଦିନେ ବଡ଼ି ଭୋରରୁ ବିଲୁଆଟାଏ ବଡ଼ ବ୍ୟସ୍ତ ହେଇ ବଣରେ ଚାଲିଥାଏ । ବାଟରେ ତା'କୁ ଗୋଟିଏ ଭାଲୁ ଦେଖି ପଚାରିଲା, "କିହୋ ବିଲୁଆ ଭାଇ ! ଏଇ ସକାଳୁ ସକାଳୁ କୁଆଡ଼େ ଏମିତି ଲସର ପସର ହେଇ ଧାଇଁଚ ?" ବିଲୁଆ କହିଲା, "ମତେ ପରା ରାଜାଘର ଲୋକ ଖବର ପଠେଇଛନ୍ତି ନହରକୁ ଯିବା ପାଇଁ । କଣ ଗୋଟିଏ ଜରୁରୀ କଥା ଅଛି ।" ଭାଲୁ କହିଲା "ରାଜାଘର ଲୋକ ତ ବେଂଟ କରିବାକୁ ଆସି ଆମ ଭାଇମାନଂକୁ ମାରୁଚନ୍ତି । ଆଉ କି ଜରୁରୀ କାମ ଅଛି ଫେରେ ତାଙ୍କର ତମ ପାଖରେ ?" ବିଲୁଆ କହିଲା, "କେଜାଣି କଣ କାମ ଅଛି ? ମୁଁ ଆସିଲେ ତମକୁ ଆସି କହିବିନି ?" ପରେ ଯାଉ ଯାଉ ବିଲୁଆ ବାରହାକୁ ଦେଖିଲା । ବାରହା ପଚାରିଲା, "କୁଆଡ଼େ ଯାଉଚ ?" ତାକୁ ବି ବିଲୁଆ ପୂର୍ବ କଥା କହିଲା । ତା' ପରେ କିଛି ଦୂର ଗଲା ପରେ ବାଘକୁ ଦେଖିଲା । ତା' ପରେ ହରିଣ, କୁତ୍ରା, ସମ୍ବର, ଗୟଳ ଏମିତି ସବୁ ଜଂତୁଂକୁ ଦେଖିଲା । ସମସ୍ତେ ତା'କୁ ପଚାରିଲେ, "କୁଆଡ଼େ ଯାଉଚ" ବୋଲି । ବିଲୁଆ ସମସ୍ତଂକୁ ସେଇ ଏକା କଥା, "ରାଜା ଘରକୁ ଯାଉଚି ଓ ଫେରିଲେ ହାଲ ଚାଲ କହିବା" କହି ବାଟ ଚାଲିଲା ।

ବିଲୁଆ କିନ୍ତୁ ରାଜା ଘରକୁ ନଯାଇ ପହଂଚିଲା ଗୋଟେ ହାଟରେ । ସେଠି ସେ ବହୁତ ଖୋଜା ଖୋଜି କରି ଛୋଟିଆ ଦର୍ପଣଟେ ଆଉ ଛୋଟିଆ କଇଁଚିଟେ କିଣି ପୁଣି ବଣକୁ ଫେରିଲା । ବାଟରେ ଗୋଟେ ଗଛ ମୂଳରେ ବସି ଦର୍ପଣ ଦେଖି ନିଜର ଗୋଟିଏ କାନ କାଟିଦେଲା ଓ ତା' ପରେ ବଣକୁ ଚାଲିଲା । ବାଟରେ ତାକୁ ପ୍ରଥମେ କୁତ୍ରା ଦେଖିଲା ଓ ପଚାରିଲା, "କିହୋ ! ରାଜାଘରୁ କି ଖବର ନେଇକି ଆସିଚ ?" ବିଲୁଆ କହିଲା, "ମହା ବିଷମ କଥା ଭାଇ । ରାଜାଘର ଲୋକ ପରା ବେଣ୍ଟ' ବୁଲି ଆସିବେ ଆମ ବଣକୁ । ହେଲେ ଆମ ବଣରେ ଜଂତୁଂକୁ ସେମାନେ ନମାରି ଅନ୍ୟ ବଣରୁ ଯେତେ ଜଂତୁ ଆସି ଏଠି ଅଛଂତି ସେମାନଂକୁ ମାରିବେ ।" ଏକଥା ଶୁଣି କୁତ୍ରାର ମୁଂଡ ଚକ୍କର ଖାଇଗଲା । ତା' ପରେ ସେ ବିଲୁଆକୁ କହିଲା, "ହେଲେ ଏ ବଣର ଜଂତୁ କିଏ ଆଉ ଅନ୍ୟ ବଣର ଜଂତୁ କିଏ ସେମାନେ ଚିହ୍ନିବେ କେମିତି ?" ବିଲୁଆ କହିଲା, "ତା'ର ବି ବଂଦୋବସ୍ତ ହେଇଚି । ଦେଖ ଏଇ କଇଁଚି ଆଉ ଦର୍ପଣ ସେମାନେ ମତେ ଦେଇଚନ୍ତି । କହିଚଂତି ଦର୍ପଣ ଦେଖେଇ ତୁ ଆମ ବଣରେ ସବୁ ଜଂତୁଂକର ଗୋଟେଲେଖା କାନ କାଟିଦେବୁ ଆଉ ସେଇଟା ହିଁ ଚିହ୍ନ ହେବ । ଯୋଉ ଜଂତୁର କାନ କଟା ହୋଇନଥିବ, ଆମେ ବେଣ୍ଟକୁ ଗଲେ ତା'କୁ ଶିକାର କରିବୁ ।" ଏମିତି କହି ବିଲୁଆ ନିଜର କଟା କାନଟାକୁ କୁତ୍ରାକୁ ଦେଖେଇ କହିଲା, "ଦେଖ, ମୋର ବି ପରା ଗୋଟେ କାନ କାଟି ଦେଇଚନ୍ତି ।"

କୁତ୍ରା ତା'ପରେ ପ୍ରାଣ ବିକଳରେ କହିଲା, "ଆରେ ଆରେ, ତା' ହେଲେ ଚିହ୍ନ ନଥିଲେ ତ ମହା ଅଡୁଆ ହବ ? ଆରେ ଭାଇ ଜଲଦି ମତେ ଦର୍ପଣଟା ଦିଅ ଆଉ ତମେ ମୋର କାନଟିଏ

କାଟ, ମୁଁ ଦେଖୁଚି। ନହେଲେ ତମେ ପୁଣି କାନ ନକାଟି କାଟିଚି କହିଲେ ମୁଁ ମରିବି। ତମକୁ ବିଶ୍ୱାସ ନାହିଁ?'' ବିଲୁଆତ ଏଇ କଥାକୁ ଜଗିଥିଲା। ସେ ସାଂଗେ ସାଂଗେ କୁତ୍ରାକୁ ଦର୍ପଣ ଧରେଇ ତା' କାନଟାକୁ କଚ୍ କରି କାଟିଦେବା ପରେ ତା' ମୁହଁଟା ବି ଆଉ ଆଗ ପରି ଏତେ ସୁନ୍ଦର ଦିଶିଲାନି। ହେଲେ ପ୍ରାଣ ରକ୍ଷା ଲାଗି ଏଇ କଷ୍ଟ ଆଉ ଗୋଟେ କାନର ମୂଲ୍ୟ କିଛି ନୁହେଁ। କାନ ଯାଉ ପ୍ରାଣ ରହୁ ଭାବି କୁତ୍ରା ବିଲୁଆକୁ ପ୍ରଶଂସା କରି ସେଠୁ ପଳେଇଗଲା। ତା' ପରେ ବିଲୁଆ ମନ ଖୁସିରେ କୁତ୍ରାର କାନ ଖାଇଲା। କଅଁଳିଆ କଅଁଳିଆ କାନ ବଢ଼ ସୁଆଦିଆ ଲାଗିଲା। ତା' ପରେ ବିଲୁଆ ପୁଣି ଚାଲିଲା। ବାଟରେ ତା'କୁ ଗୋଟେ ଗୋଟେ କରି ସବୁ ଜଂତୁ ଭେଟିଲେ। ଆଉ ରାଜା ଘର ଖବର ପଚାରିଲେ। ବିଲୁଆ ସମସ୍ତଙ୍କୁ କୁତ୍ରାକୁ କହିଥିବା କଥା କହିଲା। ସମସ୍ତେ କୁତ୍ରା ପରି ପ୍ରାଣ ଭୟରେ ଦର୍ପଣ ଦେଖି ଆପଣା ଆପଣା କାନଟିମାନ କଟେଇହେଲେ। ବିଲୁଆ ଯେତିକି ପାରିଲା କାନ ଖାଇଲା। ଯାହା ନପାରିଲା, ସେସବୁ ଘରକୁ ନେଇ ତା' ସ୍ତ୍ରୀ, ପିଲାପିଲିଙ୍କୁ ଦେଲା।

---

1. ବେଣ୍ଟ : ଶିକାର।

ଲୋଭୀ ବୁଢ଼ାର ଉଦ୍‌ଲିଆ[1] ରହସ୍ୟ

ଗୋଟିଏ ଗାଁରେ ବୁଢ଼ାଟିଏ ବୁଢ଼ୀଟିଏ ଥା'ନ୍ତି। ତାଂକର ଗୁଡ଼ାଏ କୁକୁଡ଼ା ଥାଆନ୍ତି। ବୁଢ଼ୀଟା କିଂତୁ ଅତି ଲୋଭୀ। ତେଣୁ ବୁଢ଼ା ଯେବେ ବି ତା'କୁ କୁକୁଡ଼ା ଶାଗ୍[2] କଥା କହେ, ବୁଢ଼ୀ ତା'କୁ ମନାକରେ। ବୁଢ଼ାର କିଂତୁ କୁକୁଡ଼ା ମାଉଁସରେ ମନ। ସେ ଶେଷରେ ଗୋଟିଏ ଉପାୟ ପାଂଚିଲା। କୁକୁଡ଼ା ମାଉଁସ ଖାଇବା ପାଇଁ ବୁଢ଼ା ଉପାୟଟି ସ୍ଥିର କରିବା ପରେ ଆଉ ବୁଢ଼ୀକୁ କୁକୁଡ଼ା ପୋଡ଼େଇ ଶାଗ୍ ରାଂଧିବା କଥା ଦିନେ ବି କହିଲାନି।

ବୁଢ଼ା ତା'ପରେ କ'ଣ କଲାନା, ଠିକ୍ ସଂଜବେଳେ ବେଶ ବଦଲେଇ ତା' ନିଜ ଘରକୁ ଯାଇ ସ୍ୱର ବଦଲେଇ ବୁଢ଼ୀ ଆଗରେ ତା' ନିଜର ବଦ୍‌ନାମ୍ କଲା। ବୁଢ଼ୀ ତ ପ୍ରଥମେ ପ୍ରଥମେ କିଛି କହୁନଥିଲା। ହେଲେ ଅଂଧାରରେ ସେ ବୁଢ଼ାକୁ ଧାଂଗଡ଼ା ଟାଏ ଭାବି ଧୀରେ ଧୀରେ ତା' ଆଡ଼କୁ ଆକୃଷ୍ଟ ହେଲା ଓ ବୁଢ଼ାର ଦୋଷ ଦୁର୍ଗୁଣ ସବୁ ବଖାଣିଲା। ବୁଢ଼ାର କିଂତୁ ସେସବୁ ପ୍ରତି କାନ ନଥାଏ। ଯେତେବେଳେ ସେ ଦେଖିଲା ଯେ, ବୁଢ଼ୀ ଥୋପ ଗିଳି ସାରିଲାଣି ଏବଂ ତାକୁ ପ୍ରେମିକ ବୋଲି ଭାବି ସାରିଲାଣି, ତେଣୁ ଆଉ ଡେରି କାହିଁକି ?

ଏଥର ବୁଢ଼ା ନିତି ସଂଜରେ ନିଜ ଘରକୁ ଯାଏ ଓ ଅଭିନୟ କରେ। ତା'ପରେ ''ଖୁବ୍ ଭୋକ ଲାଗୁଚି'' କହି ''କୁକୁଡ଼ା ମାଉଁସ ଖାଇବାକୁ ମନ ହଉଚି'', ବୋଲି ବୁଢ଼ୀକୁ କହୁ କହୁ ବୁଢ଼ୀ କୁକୁଡ଼ା ଆଣି ପୋଡ଼େଇ ଶାଗ୍ ରାଂଧି ବୁଢ଼ା ଆଗରେ ପରଶିଦିଏ। ବୁଢ଼ା ଖୁସିରେ ଖାଏ। ପ୍ରେମରେ କ'ଣ ବା ନହୁଏ ?

ବୁଢ଼ା ଏମିତି ବୁଢ଼ୀର ଦୁର୍ବଳତାର ସୁଯୋଗ ନେଇ ଗୁଡ଼ାଏ କୁକୁଡ଼ା ଖାଇଲା। ବୁଢ଼ୀ କିନ୍ତୁ ଧାଂଗଡ଼ା ବେଶରେ ବୁଢ଼ାକୁ ଦେଖିବା ଦିନୁ ତା'ର ଆଉ ବୁଢ଼ା ପ୍ରତି ମନ ନଥାଏ। ସେ ଚାହୁଁଥାଏ କେମିତି ଏଇ ପରଦେଶୀ ଧାଂଗଡ଼ା ସାଙ୍ଗରେ ଉଦ୍‌ଲିଆ ପଳେଇବ। ଦିନେ ବୁଢ଼ୀ ଲାଜ ସରମ ସବୁ ଛାଡ଼ିଦେଇ ଛଦ୍ମବେଶୀ ବୁଢ଼ାକୁ କହିଲା, ''ହେଇଟି ଶୁଣ, ମୋର ଆଉ ଏଇ ବୁଢ଼ା ପାଖରେ ମନ ନାହିଁ। ତମେ ଯଦି ନବ, ତା' ହେଲେ ମୁଁ ତମ ସାଂଗରେ ଉଦ୍‌ଲିଆ ପଳେଇବି। ପଛେ ଯଦି ବୁଢ଼ା ଜାଣିବ, ତା' ହେଲେ କୁଲି ଭୂତି କରି ଆମେ ସଗରତା[4] ବାଂଧିଦେବା। କଣ କହୁଚ ?'' ବୁଢ଼ୀର ପ୍ରସ୍ତାବ ଶୁଣି ବୁଢ଼ା ମହା ଅଡୁଆରେ ପଡ଼ିଲା। ବୁଢ଼ୀକି ଉଦ୍‌ଲିଆ ନେଲେ ମଲା, ନନେଲେ ମଲା। ନନେଲେ ବୁଢ଼ୀ ଛାଡୁଚି କୁଆଡୁ ? ତଥାପି ଯାହା ହବ ହଉ ଭାବି ବୁଢ଼ୀ କଥାରେ ହଁ କରି କହିଲା, ''କାଲି ସଂଜରେ ମୁଁ ପୁଣି ଆସିବି, ତମେ ପ୍ରସ୍ତୁତ ହୋଇଥିବ। ବୁଢ଼ା ଆସିବା ପୂର୍ବରୁ ଆମେ ଏଠୁ ପାର୍ ହୋଇଯିବା।'' ତା' ପରେ ବୁଢ଼ା ଚାଲିଯାଇ କିଛି ସମୟ ପରେ ଛଦ୍ମ ବେଶ ଛାଡ଼ି ଘରକୁ ଫେରିଲା। ବୁଢ଼ୀ ବୁଢ଼ାକୁ ଯେମିତି ଦେଖିଲା, ଛଳନାରେ ଅତି ସୁନ୍ଦର ବ୍ୟବହାର କଲା। ବୁଢ଼ା ବୁଢ଼ୀର ଉଦ୍ଦେଶ୍ୟ ବୁଝିଲା, ବୁଢ଼ୀ ଉଦ୍‌ଲିଆ ଯିବା ପାଇଁ ଏତେ ପ୍ରେମ ଦେଖେଇ ହଉଚି ବୋଲି।

ରାତି ପାହିଲା । ବୁଢ଼ୀର ମନ ଖାଲି ଛନ ଛନ ହଉଚି । ବୁଢ଼ୀ ବୟସରେ ଧାଂଗଡ଼ା ବର । ବୁଢ଼ାଟା ତ ଆଉ ପାରୁନି । ଧାଂଗଡ଼ା ବରଟେ ହେଲେ ବୁଢ଼ୀ ବସି ବସି ଖାଇବ । ତା' ଧାଂଗଡ଼ା ବର କମେଇବ । ଏସବୁ ସିନା ମନରେ ଭାବୁଥାଏ, ହେଲେ ଉପରକୁ ବୁଢ଼ା ସାଙ୍ଗରେ ଭାରି ସୁଆଗି ହଉଥାଏ ।

ସଂଜ ହେଲା, ବୁଢ଼ା ଘରେ ବସିଥାଏ । ବୁଢ଼ୀ ବୁଢ଼ାକୁ କେମିତି କୁଆଡ଼େ ପଠେଇବ ସେ ଚିଂତାରେ ଥାଏ । ବୁଢ଼ାଟା ଘରେ ଥିଲେ ସେ ପୁଣି ଉଦ୍‌ଲିଆ ଯିବ କେମିତି ? ବୁଢ଼ା ବି ଜଗିଚି ଠିକ୍ ବେଳ ହେଲେ ଯିବ ବୋଲି । ବେଳ ଯେତେବେଳେ ହେଲା, ବୁଢ଼ା ବଂଦାଡ଼[5] ଯାଉଚି କହି ବାହାରକୁ ପଳେଇଲା । ବୁଢ଼ୀର ଖୁସି ଦେଖେ କିଏ ? ବୁଢ଼ା ଯିବା ପରେ ସେ କୁକୁଡ଼ାଟେ ମାରି ପୋଡ଼େଇ ତାକୁ ଶାଗ୍ ରାଂଧିଲା । ନିଜର ପିଂଧା କେରେଂଗ୍[6] ଦି'ଖଣ୍ଡକୁ ମୋଟ[7] ବାଂଧିଲା ଆଉ ତା' ଧାଂଗଡ଼ା ବରର ବାଟ ଚାହିଁ ବସିଲା ।

ଠିକ୍ ସମୟରେ ବୁଢ଼ା ବେଶ ବଦଳେଇ ଆସିଲା । ବୁଢ଼ାକୁ ଦେଖି ବୁଢ଼ୀ କୁକୁଡ଼ା ମାଉଁସ ଆଉ ଭାତ ପରଶି ଦେଲା । ବୁଢ଼ା ପେଟ ପୂରେଇ ଖାଇ ଲଂବା ଏଉଡ଼ିଟିଏ ମାରି ବୁଢ଼ୀକି କହିଲା, ''ଯିବା ପରା ? ଚାଲ ଏଥର ।'' ବୁଢ଼ୀ ତ ଏଇ କଥା ପଦକୁ ଜଗିଥିଲା । ତେଣୁ ଘାଂଗେ ଘାଂଗେ ମୋଟଟା ଧରି ସେ ଚାଲିଲା ବୁଢ଼ା ପଛେ ପଛେ ।

ଦିହେଁ ଏମିତି ଚାଲିଥାଂତି । ବୁଢ଼ୀ ଅଂଧାରରେ ବୁଢ଼ାକୁ ଚିହ୍ନି ପାରୁନଥାଏ । ଧୀରେ ଧୀରେ ସିଂଦୁରା ଫାଟିଲା । ଅଂଧାର ଯାଇ ଆଲୁଅ ହେଲା । ଆଲୁଅରେ ବୁଢ଼ୀ ବୁଢ଼ା ମୁହଁକୁ ଅନେଇଲା । ଦେଖିଲା, ବୁଢ଼ା । ତା'ର ସଂଦେହ ହେଲା । ବୁଢ଼ା ସାଂଗରେ ଜୀବନଟା କଟେଇଚିତ, ତେଣୁ ତା' ମୁହଁଟା ଆଖିରେ ଲାଗି ଯାଇଚି ଓ ତା' ଧାଂଗଡ଼ା ବର ତା'କୁ ଆପଣା ବୁଢ଼ା ପରି ଦିଶୁଚି ଭାବି ଆଖି ଦି'ଟାକୁ ହାତରେ ଖୁବ୍ ଯୋର୍‌ରେ ମଂଥିଦେଇ ପୁଣି ଦେଖିଲା, ନା, ଧାଂଗଡ଼ା ନୁହଁ । ଏଇଟା ତା' ଆପଣା ବୁଢ଼ା । ଆଉ ବୁଢ଼ୀର କିଛି ଅବୁଝା ରହିଲାନି । ସେ ବୁଢ଼ାର ଚାଲାକି ବୁଝିଯାଇ କହିଲା, ''ହଇରେ ମରଡ଼ିଖିଆ ନିଆଁନଗା ବୁଢ଼ା, ତୁ କୁକୁଡ଼ା ମାଉଁସ ଖାଇବାକୁ ଏତେ ସବୁ କଲୁ । ଯା- ତୋ ମୁହଁ ଆଉ ଚାହିଁବିନି । ଲୋକ ପଛକେ ମତେ ଛାଡ୍ରୀ[8] କହିଲେ କହଂତୁ, ହେଲେ ମୁଁ ମୋ ବାପ ଘରକୁ ପଳେଇବି ।''

ବୁଢ଼ା ତା'ପରେ ବୁଢ଼ୀକି ଯେତେ ବୁଝେଇଲେ ବି ବୁଢ଼ୀ ଆଉ ବୁଝିଲାନି ଏବଂ ନିଜ ବାପ ଘରକୁ ପଳେଇଲା । ବୁଢ଼ା ପୂରା ଭକୁଆ ହେଇ ରହିଗଲା ।

---

1. ଉଦ୍‌ଲିଆ : ରାକ୍ଷସ ବିବାହ, ବଳପୂର୍ବକ ଟାଣିନେଇ ବିବାହ କରିବା 2. ଶାଗ୍ : ତରକାରୀ 3. ଧାଂଗଡ଼ା : ଯୁବକ 4. ସଗରତା : ଯଦି ବିବାହ ପରେ ସ୍ତ୍ରୀ ଆପଣା ଇଚ୍ଛାରେ ସ୍ୱାମୀକୁ ପରିତ୍ୟାଗ କରି ଅନ୍ୟ ଜଣକୁ ବିବାହ କରେ ତେବେ ପ୍ରଥମ ସ୍ୱାମୀ କନ୍ୟା ସୁନା ଆକାରରେ ଯାହା ପଇସା ସ୍ତ୍ରୀ ଘରକୁ ଦେଇଥାଏ, ସେଇ ଅର୍ଥ ଦ୍ୱିତୀୟ ସ୍ୱାମୀ ପ୍ରଥମ ସ୍ୱାମୀକୁ ଦେଇଥାଏ । ତା'କୁ ସଗରତା କୁହାଯାଏ । 5. ବଂଦାଡ଼ : ଝାଡ଼ା 6. କେରେଂଗ୍ : ଏକ ପ୍ରକାର ବୁଦୁବୁଦୁକିଆ ଗଛର ପଟରୁ ତିଆରି ହେଉଥିବା ଲୁଗା 7. ମୋଟ : ବୁଜୁଲା, ଗଣ୍ଠିଲି 8. ଛାଡ୍ରୀ : ସ୍ୱାମୀକୁ ପରିତ୍ୟାଗ କରିଥିବା କିଂବା ସ୍ୱାମୀ ଦ୍ୱାରା ପରିତ୍ୟକ୍ତା ହେଇଥିବା ସ୍ତ୍ରୀ ।

ଜାଗା କୁଂଭାର କଥା

ଗୋଟେ ଗାଁରେ କୁଂଭାରଟେ ଥାଏ । ତାର 12ଟା ମାଇଜୀ[1] । ସେ ଏକା ସାଂଗରେ ବାର କାଉଡ଼ି ମାଟି ଆଣେ । ଆଉ ଥରକେ 12 ମାଣ ଚାଉଳର ଭାତ ଖାଏ । 12ଟା ମାଇଜୀ ପାଇଁ 12ଟା ଅଲଗା ଅଲଗା କୁଡ଼ିଆ ତିଆରି କରି ଦେଇଥାଏ । ମାଇଜୀମାନେ କିଂତୁ ମନରେ ଜାଗା କୁଂଭାରକୁ ଭଲ ପାଉ ନଥାନ୍ତି । ଦିନେ ତେଣୁ ସେମାନେ ସମସ୍ତେ କଥାବାର୍ତ୍ତା କରି ଜାଗା କୁଂଭାର କାମ ଧାମ ସାରି ଘରକୁ ଆସିବା ପରେ ତା'କୁ ଆଉ ପେଜ[2] ଖାଇବାକୁ ଦେଲେନି । ମାଇଜୀମାନଂକର ଏ ପ୍ରକାର ବ୍ୟବହାର ଦେଖି ଜାଗା କୁଂଭାର ମନରେ ଖୁବ୍ ରାଗ ହେଲା । ତେଣୁ ସେ ସାଂଗେ ସାଂଗେ ଘରଛାଡ଼ି ପଳେଇଲା ।

ଅନେକ ଦୂର ଯିବା ପରେ ସେ ବାଟରେ ଜଣେ ଲୋକକୁ ଦେଖିଲା, ଯିଏ ଦି'ଟା କୁପୁଲିକୁ କାଉଡ଼ି କରି ବୋହି ଆଣୁଥାଏ । ଜାଗା ତାକୁ ଦେଖି କାବା ହେଇଯାଇ ତା' ସାଂଗରେ ସାଂଗ ହେଲା । ତା'କୁ ପଚାରିଲା, ''ତମେ ତ ଏତେ ବଳୁଆ, ତମେ ଏ କୁପୁଲି ଦି'ଟା ବୋହି କୁଆଡ଼େ ଯାଉଚ ?'' କୁପୁଲି ବୋହୁଥିବା ଲୋକ କହିଲା, ''ଭାଇ, ମୋ ମାଇଜୀମାନେ ମୋ ପ୍ରତି ଖରାପ ବ୍ୟବହାର କଲେ ବୋଲି ମୁଁ ରାଗିକି ଘରଦ୍ୱାର ଛାଡ଼ି ପଳାଉଚି ।'' ଜାଗା କହିଲା, ''ମୁଁ ବି ତମ ପରି ଅବସ୍ଥା ଭୋଗୁଛି । ତେଣୁ ଆସ ଆମେ ଦିହେଁ ମାସାଦ୍[3] ବସିବା ।'' ତା'ପରେ ଦିହେଁ ମାସାଦ୍ ବସି ସାଂଗହୋଇ ଆଗକୁ ଚାଲିଲେ ।

ଯାଉ ଯାଉ ବାଟରେ ଦେଖିଲେ ଗୋଟେ ଅଡ଼ରିଆ ଏମାନଂକୁ ଦେଖି କୁପୁଲୀ ଦି'ଟା ତା' ଗାଈ ଗୋଠ ଆଡ଼କୁ ମାଡ଼ି ଆସୁଚି ଭାବି ତା'ର ଗାମୁଛାଟା ତଳେ ପକେଇ ଦେଇ ତା'ର ସବୁ ଗାଈ ମଇଁଷିକି ସେଥିରେ ମୋଟ[4] ବାଂଧି ଚାଲିଲା । କାଇଁକି ନା ଜାଗା ସାଂଗରେ କୁପୁଲୀବୋହୁ କୁପୁଲୀ ବୋହି ଆସୁଥାଏ । ଏବେ ଅଡ଼ରିଆର ଏମିତି ବଳ ଦେଖି ଦିହେଁଯାକ ଆଶ୍ଚର୍ଯ୍ୟ ହେଇ ତା' ସାଙ୍ଗରେ ଯାଇ ମାସାଦ୍ ବସିଲେ । ଆଉ ତା'କୁ ପଚାରିଲେ, ''ତମର ତ ଏତେ ବଳ, ତମେ ଏଇ ବଣଟା ଭିତରେ ଅଡ଼ାର ଜଗି କାଇଁକି ପଡ଼ିଚ ?'' ସେ କହିଲା, ତା ସ୍ତ୍ରୀ ଭଲ ନୁହେଁ ବୋଲି ସେ ଏଠି ଜଂଗଲରେ ଅଡ଼ାର ଜଗି ପଡ଼ିଛି । ତା' କଥା ଶୁଣି ଏମାନେ ବି ତା'କୁ ନିଜ କଥା କହିଲେ, ଆଉ ତା' ସାଂଗରେ ଦିହେଁ ମାସାଦ୍ ବସି ତିନିହେଁ ମିଶି ଆଗକୁ ଚାଲିଲେ ।

ଏମିତି ଯାଉ ଯାଉ ଦେଖିଲେ- ବାଟରେ ନଈଟିଏ । ସେଥିରେ ପୁଣି ପୁର[5] ଆସିଚି । ଆଉ କୂଳରେ କେଉଟଟେ ବସି ମାଛ ଧରୁଚି । ନଈ କେମିତି ପାରି ହେବେ ବୋଲି ଏମାନେ ଚିନ୍ତା କରୁଚନ୍ତି, କେଉଟ ପଚାରିଲା, ''କଣ ଏତେ ଚିନ୍ତା କରୁଚ ?'' ତିନିହେଁ ଏକା ସାଙ୍ଗରେ କହିଲେ, ''ନଈଟା କେମିତି ପାରି ହେବୁ ସେ କଥା ଚିଂତା କରୁଚୁ ପରା ।'' କେଉଟ ଟିକେ ହସିଦେଇ କହିଲା, ''ଓ ! ଏଇ କଥା ପାଇଁ ଏତେ ଚିଂତା କରୁଚ ? ଆସ ମୋ ପିଠିରେ ବସ, ମୁଁ ତମକୁ ପାରି କରେଇ ଦେବି ।''

ତିନିଜଣଯାକ କେଉଟ ପିଠିରେ ବସିବାରୁ ସେ ନଈରେ ପହଁରି ପହଁରି ଗଲା । ଯାଉ ଯାଉ ନଈ ମଝିରେ ଗୋଟିଏ ବଡ଼ ମାଛର ଲାଂଜ ଧରି ତାକୁ କୂଳକୁ ଛାଟିଦେଲା । ମାଛ ଯାଇ କୂଳରେ ବାଡ଼େଇ ହେଇ ମରିଗଲା ।

କିଛି ସମୟ ପରେ ଏମାନେ ଯାଇ କୂଳରେ ପହଂଚିଲେ । ଦେଖିଲେ ମାଛଟା ଘରଟିଏ ପରି ବଡ଼ ହେଇଚି । ଏତେବଡ଼ ମାଛ ସେମାନେ ତାଂକ ବାପା ଅଜା କାଳେ କେବେ ଦେଖିନଥିଲେ । ସେମାନେ କେଉଟର ବଳ ଦେଖି ଖୁସିହେଇ ତା' କଥା ପଚାରିବାରୁ ସେ ବି ତା' ମାଇଜୀକି ନିନ୍ଦା କଲା ଆଉ ସେଇଥିପାଇଁ ଘରଛାଡ଼ି ପଳେଇ ଆସିଚି ବୋଲି କହିବାରୁ ଏ ତିନିହେଁ ନିଜ ନିଜ କାହାଣୀ ତା' ଆଗରେ ବଖାଣି ତା' ପରେ ମାଛଟାକୁ କେମିତି ପୋଡ଼ି ଖାଇବେ ସେକଥା ଚିନ୍ତା କଲେ । ମାଛ ପୋଡ଼ିବାକୁ ତ ନିଆଁ ଲୋଡ଼ା । ତେଣୁ ନିଆଁ କେଉଁଠି ମିଳିବ ଭାବି ସମସ୍ତେ ଏଣେ ତେଣେ ଆଖି ବୁଲଉ ବୁଲଉ ଦେଖିଲେ ଖୁବ ଦୂରରେ ଗୋଟିଏ ଜାଗାରୁ ଉପରକୁ ଧୂଆଁ ଉଠୁଚି । ଧୂଆଁକୁ ଦେଖି ସେଠି ନିଶ୍ଚୟ ନିଆଁ ମିଳିବ ବୋଲି କଥାବାର୍ତ୍ତା ହେଇ, ଚାରି ମାସାଦ୍ ଧୂଆଁ ଲକ୍ଷ୍ୟ କରି ଚାଲିଲେ ନିଆଁ ଆଣିବା ପାଇଁ ।

ଏମିତି ଯାଉ ଯାଉ ଶେଷରେ ଗୋଟେ ଘର ପାଖରେ ପହଂଚିଲେ । ଘରଟା ଗୋଟେ ଅସୁରନୀ ଡ଼କ୍ରୀର[6] ଘର । ସେ ତା' ଘର ଆଗରେ କୂଅଟାଏ ଖୋଳି ତା' ଉପରେ ଛପାଟେ ଢ଼ାଂକି ଦେଇଥାଏ ଆଉ ଯିଏ ନଜାଣି ସେଠି ପହଂଚେ ତାକୁ ବଢ଼ିଆ ଆଦରରେ ଡ଼କ୍ରୀ ଭିତରକୁ ଡ଼ାକେ । ହେଲେ ଭିତରକୁ ଆଉ ନଯାଇପାରି ଛପା ଉପରେ ପାଦ ଦଉ ଦଉ ଲୋକଟା କୂଅ ଭିତରେ ପଡ଼ିଯାଏ । ଡ଼କ୍ରୀ ତା'ପରେ ତା'କୁ କୂଅରୁ ବାହାର କରି ଖାଏ । ଏମାନେ ସେଠି "କିଏ ଅଛ, କିଏ ଅଛ" କହି ଡ଼ାକିବାରୁ ଡ଼କ୍ରୀ ବାହାରି ଆସି ତା' ଘରର ଦୁଆର ଆଗରେ ଠିଆ ହୋଇ ପଚାରିଲା, "କଣ ହେଲା କିରେ ପିଲାମାନେ ?" ଏମାନେ ତା' ପରେ ନିଆଁ କଥା କହିବାରୁ ବୁଢ଼ୀ ସେମାନଙ୍କୁ କହିଲା, "ହଉ ନିଆଁ ନବ ଯେ, ତମେ ସବୁ ହାଲିଆ ହେଇ ଯାଇଚ, ଟିକେ ଘରେ ଆସ ବସିବ । ତା ପରେ ନିଆଁ ନେଇ ଯିବ ।" ଏମାନେ ଡ଼କ୍ରୀର ଫନ୍ଦି ଫିକର ବୁଝିବେ କୁଆଡୁ ? ଜାଗା ଆଗ ଡ଼କ୍ରୀ ଘର ଭିତରକୁ ଯିବ ବୋଲି ଛପାରେ ଗୋଡ଼ ପକଉ ପକଉ ଯାଇ ସିଧା ପଡ଼ିଲା କୂଅ ଭିତରେ । ଏକଥା ବାକି ତିନି ଜଣ ଦେଖି ମନେମନେ ସଂଦେହ କଲେ । ଆଉ ଡ଼କ୍ରୀ ନିଶ୍ଚୟ ଡୁମା[7] ଦେବତା ନହେଲେ ଅସରନୀ ହେଇଥିବ ଭାବି ତା' ସାଂଗରେ ଯୁଦ୍ଧ କଲେ । କୁପୁଲୀବୋହୁ ସିଧା ତା' କାଉଡ଼ିର ଦି'ଟା କୁପୁଲୀକୁ ଡକ୍ରୀ ଉପରକୁ ଫିଙ୍ଗି ଦେଲା । ଆଉ ତା' ପରେ ଡ଼କ୍ରୀ ତଳେ ପଡ଼ିଗଲା । କୁପୁଲି ମାଡ଼ରେ ଡ଼କ୍ରୀର ଅବସ୍ଥା ସାଂଘାତିକ ହେଇ ଯାଇଥାଏ । ସେଥିରେ ପୁଣି ଅଡ଼ିରିଆ ତା'ର ଯୋଉ ଅଡ଼ାରଟା ଯାକର ଗାଈ ମଇଁଷୀ ମୋଟ ବାଂଧି ଦେଇଥାଏ ତା'କୁ ଡ଼କ୍ରୀ ଉପରେ ଆପ୍‌ଚିଂ[8] ଦେବାରୁ ଡ଼କ୍ରୀର ଜୀବନ ଉଡ଼ିଗଲା, ହେଲେ ମଲା ବେଳକୁ ସେ କହିଲା, "ଆରେ ମତେ ସିନା ମାରି ଦେଲ, ହେଲେ ମୋ ସାତ ପୁଅ ଶଗଡ଼ ନେଇ ହାଟକୁ ଯାଇଚନ୍ତି । ଆସିଲେ ନିଶ୍ଚେ ତମକୁ ମାରି ଦେବେ ।"

ଏମାନେ ତା' ପରେ ଘରର ପଛପଟୁ ଘର ଭିତରକୁ ପଶି ଦେଖିଲେ ସେଠି ସୁନ୍ଦର ଧାଂଗଡ଼ୀଟିଏ[9] ଅଛି । ସେମାନେ ତା'କୁ 'ତୁ କିଏ' ବୋଲି ପଚାରିବାରୁ ସେ କହିଲା, "ମୁଁ ଅସରନୀ ଡକ୍ରୀର ଝିଅ ।"

ଅସରନୀ ଡ଼କ୍ରୀ ଘରେ ଚାରି ମାସାଦ୍ ଯାକ ତା'ର ସାତ ପୁଅ ଆସିବା ବାଟକୁ ଅନେଇ ବସିଲେ । କିଛି ଦିନ ପରେ ସାତ ପୁଅଯାକ ଶଗଡ଼ରେ ଆସି ପହଁଚୁ ପହଁଚୁ ଏମାନେ ତାଂକ ସାଙ୍ଗରେ ଯୁଦ୍ଧ କରି ତାଂକୁ ମାରି ଫିଙ୍ଗିଦେଇ ସେଠି ରହିଲେ । କେଉଟ ମାଛ ଆଣେ, ଅଡ଼ରିଆ କ୍ଷୀର ଦୁହେଁ । କୁଂଭାର ହାଂଡି ପାତଲୀ ଗଢ଼ି ହାଟକୁ ବିକି ନିଏ । କୁପୁଲୀବୋହୁ ଡ଼ଂଗର[10] ମାରି ଚାଷ କରେ ଆଉ

ଟେଥିରୁ ଯାହା ମିଳେ, ଏମାନେ ଧାଂଗଡ଼ୀ ସହ ମନ ଖୁସିରେ ଖାଇ ପିଇ ଆରାମ୍‌ରେ ଚଳି ଯାଆନ୍ତି ।

କେହି ସିନା କାହାକୁ କହୁ ନଥାନ୍ତି, ହେଲେ ଡ଼କ୍ରୀର ଧାଂଗଡ଼ୀ ଝିଅକୁ ବାହା ହେବାର ମନ ଚାରି ଜଣ ଯାକଂକର ଥାଏ । କିଂତୁ କାହାର ତ ମାଇଜୀ ନାହିଁ, ତେଣୁ ଜଣେ ବାହା ହେଲେ ଆଉ ତିନିଜଣ ନିଶ୍ଚୟ ବିରୋଧ କରିବେ ଭାବି ସମସ୍ତେ ମନକଥା ମନରେ ରଖିଥାନ୍ତି ।

ଦିନେ ଡ଼କ୍ରୀର ଧାଂଗଡ଼ୀ ଝିଅ ଝରଣାକୁ ଗାଧେଇ ଯାଇଥାଏ । ସେଠି ସେ ମୁଂଡ ଛଡ଼େଇ ଗାଧାଉ ଗାଧାଉ ତା' ମୁଂଡରୁ ବାର ହାତ ଲଂବର ବାଳଟିଏ ଛିଡ଼ି ଯିବାରୁ ତା'କୁ ଗୋଟେ ପତ୍ର ଦନାରେ ଥୋଇ ଭସେଇ ଦେଲା । ବାଳ ଭାସି ଭାସି ଗଲା । ସେତେବେଳେ ସେ ଦେଶରେ ରାଜା ବେଂଟକୁ[11] ଆସି ଝରଣାରେ ପାଣି ପିଉଥାଂତି । ଠିକ୍ ସେ ଆଂଜୁଳାଏ ପାଣି ଆଣିବେ ବୋଲି ଭାବି ପାଣି ଆଂଜୁଳାଏ ଆଣି ଦେଖିଲା ବେଳକୁ ସେଥିରେ ଧାଂଗଡ଼ୀ ଭସେଇ ଥିବା ବାଳଟା ଅଛି । କ'ଣଟେ ହାତରେ ପଡ଼ିଲା ବୋଲି ରାଜା ଦେଖିଲା ବେଳକୁ ଦନା ଆଉ ତା' ଭିତରେ ବାରହାତ ଲଂବା ବାଳ । ବାଳକୁ ଦେଖି ରାଜା ଭାବିଲେ ଏଡ଼େ ସୁନ୍ଦର ବାରହାତ ଲଂବା ବାଳ-ଯୋଉ ଧାଂଗଡ଼ୀ ମୁଂଡରେ ଅଛି, ମୁଁ ଦେଶରେ ରାଜା ହୋଇ ତା'କୁ ବାହା ନହେଲେ ଆଉ କିଏ ତାକୁ ବାହା ହେବ ?''

ରାଜା ତା' ପରେ ବାଳ ନେଇ ନିଜ ନଅରକୁ ଫେରିଗଲେ । ସେଠି ଯାଇ ପାତ୍ର ମଂତ୍ରୀ କଟୁଆଳ ସମସ୍ତଂକୁ ବାଳ ଖଂଡକ ଦେଖେଇ କହିଲେ, ''ଏ ବାଳ ଯାହା ମୁଂଡର, ସେଇ ଧାଂଗଡ଼ୀକୁ ଖୋଜି ଆଣ, ମୁଁ ତା ସାଂଗରେ ବାହାହେବି ।''

ରାଜା ଘର ସିପେଇମାନେ ବାଳକୁ ସାଥୀରେ ନେଇ ରାଇଜଟା ସାରା ଖୋଜି ଶେଷରେ ଚାରି ମାସାଦ୍ ଆଉ ଧାଂଗଡ଼ୀ ଥିବା ଘରେ ପହଁଚିଲେ । ଧାଂଗଡ଼ୀ ତା' ଘର ଅଗଣା ବାଡ଼ନୁଥାଏ[12] ଆଉ ତା' ମୁଣ୍ଡର ବାଳ ତଳେ ଘୋଷାରି ହଉଥାଏ । ସିପେଇମାନେ ଏଇଟା ହିଁ ସେଇ ଧାଂଗଡ଼ୀ ବୋଲି ନିଶ୍ଚିତ ହେଇ ତାକୁ, ତା' ଘରେ ଆଉ କିଏ ଅଛି ବୋଲି ପଚାରିବାରୁ ସେ ଚାରି ମାସାଦଂକୁ ଭିତରକୁ ଯାଇ ଡ଼ାକି ଆଣିଲା । ସିପେଇମାନଂକୁ ଦେଖି ସେମାନେ ଘଟଣା କଣ ବୋଲି ପଚାରିବାରୁ ସିପେଇମାନେ ଧାଂଗଡ଼ୀକି ରାଜା ବାହା ହେବା ବିଷୟରେ କହିଲେ । ପ୍ରସ୍ତାବଟା ଶୁଣି ଚାରି ମାସାଦ୍ ନିଜ ନିଜ ଭିତରେ କିଛି ସମୟ ଆଲୋଚନା କରି ତା' ପରେ ସିପେଇ ମାନଂକୁ କହିଲେ, ''ଆମେ ତମ କଥାରେ ରାଜି । ହେଲେ ଧାଂଗଡ଼ୀକି ନେବାକୁ ଏଠିକି ରାଜା ନିଜେ ଆସିବେନି । ପାଞ୍ଚଦିନ ପରେ ତିନିଟା ସୁଂଦରୀ ଧାଂଗଡ଼ୀ ଆଉ ଗୋଟେ ଡ଼ିସାରୀ[13] ଆଉ ଦି'ଟା ବୁଢ଼ୀକି ପଠେଇଲେ ସେମାନେ ଏଠୁ ଧାଂଗଡ଼ୀକି ନେଇଯିବେ ।'' ଏକଥା ଶୁଣି ରାଜା ଘର ସିପେଇମାନେ ନହରକୁ ଯାଇ ରାଜାଂକୁ ସବୁ କଥା କହିଲେ । ପାଂଚଦିନ ପରେ ଚାରି ମାସାଦ୍ କହିବା ପ୍ରକାରେ ତିନିଟା ଧାଂଗଡ଼ୀ ଗୋଟେ ଡ଼ିସାରୀ ଆଉ ଦି'ଟା ବୁଢ଼ୀଂକୁ ସାଙ୍ଗରେ ନେଇ ଆଗ ଖୋଜି ଯାଇଥିବା ସିପେଇମାନେ ଚାରି ମାସାଦଂକ ଘରକୁ ଗଲେ ।

ଏମାନେ ସେଠି ଯାଇ ପହଂଚିଲା ବେଳକୁ ଚାରି ମାସାଦ୍ ଘରେ ପିଂଡାରେ ବସି ପିକା ପିଉଥାନ୍ତି । ଘର ଆଗରେତ କୂଅ ଥାଏ । ଆଉ' ତା ଉପରେ ଛପା ଢ଼ଂକା ହେଇ ତଳେ କୂଅ ଅଛି ବୋଲି ମୋଟେ ଜଣା ପଡ଼ୁନଥାଏ । ତେଣୁ ସେମାନେ ପ୍ରଥମେ ସିପେଇ ମାନଂକୁ ଘରକୁ ଆସ ବୋଲି ଡ଼ାକିଲେ । ସିପେଇ ମାନେ ଘର ଭିତରକୁ ଗଲା ବେଳେ କୂଅରେ ପଡ଼ି ମଲେ । ତା'ପରେ ଚାରି ମାସାଦ୍ ଦି'ଟା ବୁଢ଼ୀଂକି ମାରି ଦେଇ ଡ଼ିସାରୀକୁ ତିନି ଧାଂଗଡ଼ୀ ସାଂଗରେ ସେମାନଂକୁ ଓ ଅସୁରୁଣୀ ଝିଅ ସାଂଗେ ଜାଗା କୁଂଭାରକୁ ବାହା କରିଦେବାକୁ କହିବାରୁ ଡିସାରୀ ଡରି ମରି ବିଧି ବିଧାନ ଅନୁସାରେ ବାହାଘର କରେଇ ଦେଇ ସେଠୁ ପଳେଇବାକୁ ଚେଷ୍ଟା କରିବାରୁ ଏମାନେ ତା'କୁ ବି ମାରି ଫିଙ୍ଗି ଦେଇ ନିଜ

ନିଜ ମାଇଜାଂକି ନେଇ ସୁଖରେ ରହିଲେ । ରାଜା ସିପେଇମାନେ ନଫେରିବାର ଦେଖି ସେମାନେ କୁଆଡ଼େ ଗଲେ ବୋଲି ଖୋଜିଲେ, ହେଲେ ଆଉ ସେମାନଂକୁ କିଏ ଖୋଜି ପାଇବ ? ସେମାନେତ ସମସ୍ତେ କୂଅରେ ପଡ଼ି ମରିଚଂତି ।

---

1. ମାଇଜୀ : ସ୍ତ୍ରୀ 2. ପେଜ : ଖାଦ୍ୟ 3. ମାସାଦ୍ : ମଇଦ୍ର 4. ପୁର : ପୁଅ, କନ୍ୟା 5. ଅସରନୀ ଡକ୍ରୀ : ଅସୁରୁଣୀ ବୁଢ଼ୀ 6. ଦୁମା : ଭୂତ 7. ଆପ୍ଟୀ : କଚାଡ଼ି 8. ଧାଙ୍ଗଡ଼ୀ : ଯୁବତୀ 9. ଡ଼ଂଗର : ପାହାଡ଼ 10. ବେଣ୍ଟ : ଶିକାର 11. ବାଡ଼ନୁଥାଏ : ଝାଡୁ କରୁଥାଏ 12. ଡ଼ିସାରୀ : ପୁରୋହିତ ।

କଳିଆ କୁକୁର କଥା
(ବିଲୁଆ କୁକୁର କଥା)

ଗୋଟିଏ ଗାଁରେ ବୁଢ଼ାଟେ ବୁଢ଼ୀଟେ ଥାଂତି। ସେମାନେ କୁକୁରଟିଏ ପୋଷି ଥାଂତି। ତାଂକର ପୁଅଝିଅ କିଛି ନ ଥାଏ ବୋଲି କୁକୁରଟାକୁ ନିଜ ପୁଅ ପରି ସ୍ନେହ କରୁଥାଂତି। ନିତି ସେମାନେ ଡଂଗର[1] କାମକୁ ଗଲାବେଳେ କୁକୁରକୁ ଘର ଜଗେଇ ଦେଇ ଯାଆନ୍ତି।

ଏମିତି ଦିନେ ସକାଳୁ ପେଜପାଣି ସାଂଗରେ ଧରି ବୁଢ଼ା ବୁଢ଼ୀ ଦିହେଁ ଡଂଗର କାମରେ ବାହାରି ଗଲେ। କୁକୁର ଘର ଜଗିଥାଏ। ମୁଂଡବେଳା[2] ହେଲା ଯେତେବେଳେ କୁକୁରକୁ ବହୁତ ଭୋକ ଲାଗିଲା। କଣ ଖାଇବି, କଣ ଖାଇବି ଭାବି ସେ ଘରଟା ସାରା ଚାରିଆଡ଼େ ଖୋଜିପକାଇଲା। ହେଲେ କୋଉଁଠି କିଛି ଖାଇବାକୁ ନପାଇ ଶେଷରେ ଚୁଲୀ ପାଟିକି[3] ଗଲା। ସେଠି ଦେଖିଲା ଗୋଟେ ନଖି[4]ରେ ସୁଆଁ ଭାତ ରଂଧା ହେଇ ଥୁଆ ହେଇଚି। କୁକୁରକୁତ ପ୍ରବଳ ଭୋକ ଲାଗୁଥାଏ, ତେଣୁ ସେ ଆଉ କିଛି ଚିଂତା ନକରି ନଖିର ସବୁ ଭାତ ଚାଟି ଚୁଟି ଖାଇଦେଇ ବାହାରେ ଯାଇ ବସିଲା।

ବେଳ ବୁଡ଼ିଲା ବେଳକୁ ବୁଢ଼ା ବୁଢ଼ୀ ଦିହେଁ ଆସି ଘରେ ପହଂଚିଲେ। ତାଂକୁ ଦେଖି କୁକୁର ଯାଇ ସେମାନଂକର ଗୋଡ଼କୁ ଚଟା ଚଟି କରି ଲାଂଜ ହଲେଇଲା। ବୁଢ଼ା ତା' ପରେ ଗୋଡ଼ ହାତ ଧୋଇ ବୁଢ଼ୀକି ପେଜ୍ ଗୁଡ଼େ[5] କି ଭାତ୍ ମୁଠେ ଦେବାକୁ କହିଲା। ବୁଢ଼ୀତ ପେଜ୍ ରାଂଧି ନ ଥିଲା ହେଲେ ସୁଆଁ ଭାତ୍ ରାଂଧିଥିଲା। ତେଣୁ ଭାତ୍ ବାଢ଼ିବାକୁ ଚୁଲୀ ପାଟିକୁ ଯାଇ ଦେଖିଲା ବେଳକୁ ନଖିଟା ଖାଲି। ବୁଢ଼ୀ ତା' ପରେ ଏଇଟା ନିଶ୍ଚେ କୁକୁରର କାମ ବୋଲି ବାଡ଼ନୀ ମୁଠା[6] ଧରି ବାହାରକୁ ଯାଇ କୁକୁର ପିଠିରେ କଷି ଦେଇଗଲା ପାହାର ପରେ ପାହାର। କୁକୁରକୁ ବୁଢ଼ୀ କାହିଁକି ମାରୁଚି ସେକଥା ପ୍ରଥମେ ବୁଢ଼ା ବୁଝି ପାରିଲାନି। ହେଲେ ବୁଢ଼ୀକି ପଚାରି ସେ ଯେତେବେଳେ ଘଟଣାଟା ବୁଝିଲା ସେ ବି ଠେଂଗାଟେ ଆଣି କୁକୁରକୁ ପିଟିଲା। କୁକୁର କିଛି ସମୟ ମାଡ଼ ଖାଇ ଖାଇ ସେଠି ରହିଲା। ହେଲେ ଏମାନେ ମାଡ଼ ବଂଦ ନ କରିବାରୁ କିଛି ସମୟ ପରେ ଦୁଃଖ ଆଉ ଅଭିମାନରେ ସେଠୁ ବଣ ଆଡ଼କୁ ଧାଇଁ ଧାଇଁ ପଳେଇଲା।

ବଣରେ ଏମିତି ଯାଉ ଯାଉ କୁକୁରକୁ ମାଇ କଲିଆଟେ[7] ବାଟରେ ଦେଖି ପଚାରିଲା, "ଏ ବଣଟାରେ ଏମିତି ଅଂଧାର ରାତିରେ କୁଆଡ଼େ ଧାଉଁଚୁ କି ?" କୁକୁର କହିଲା, "କୁଆଡ଼େ ଯିବି, ମୁଁ ବି ଜାଣିନି। ଯାଉଚିତ— ଯୁଆଡ଼େ ଯିବି ଯିବି। କିଏ ଆଉ ମୋର ଏ ଦୁନିଆଁରେ ଅଛି ଯେ ଜୀବନକୁ ଡରିବି। ବୁଢ଼ା ବୁଢ଼ୀତ ପୁଅ ପରି ସ୍ନେହ କରୁଥିଲେ। ହେଲେ ଭାତ ଦି ମୁଠା ତାଂକ ଘରୁ ନଖିରୁ ଖାଇ ଦେଲି ବୋଲି ମତେ ପିଟି ପିଟି ଘରୁ ତଡ଼ିଦେଲେ। ଏଥିରୁ ମୁଁ ବୁଝିଲି ଯେ ଏ ଦୁନିଆଁଟାରେ ସମସ୍ତେ ନିର୍ଦ୍ଦୟ। କେହି ଅନ୍ୟର ଦୁଃଖ ବୁଝଂତିନି। କୋଉ ଅବସ୍ଥା ପଡ଼ି ସେ ଭୁଲଟା କରିଚି ସେ କଥା ନ ବୁଝି ତାକୁ ଦଂଡ ଦିଅନ୍ତି। ତେଣୁ ମୋର ଆଉ କାହା ପ୍ରତି ବିଶ୍ୱାସ ନାହିଁ। ବଣରେ ଏମିତି

ଯିବି, ବାଟରେ ବଡ଼ ବାଗ୍[8] କି ଡୁର୍କା[9] ଖାଇଲେ ମରିବି।'' ମାଈ କଲିଆ କୁକୁରର ଦୁଃଖ ବୁଝି ତା'କୁ କହିଲା, ''ତୁ କଣ ଏ ଦୁନିଆଁଟାକୁ ଆଗରୁ ଚିହ୍ନି ନଥିଲୁ କି ? ଦୁନିଆଁଟା ଏମିତି ହିଁ। ତେଣୁ ଏଥିରେ ଦୁଃଖ କରିବାର କଣ ଅଛି ? ଯାହା ହେଲା ହେଲା। ଏବେ ମୋ କଥା ଶୁଣ। ଏ ରାତିଟାରେ ଆଉ ଆଗକୁ ଯାଆନି। ଚାଲ ମୋ ସାଙ୍ଗରେ ମୋ ଘରକୁ ଯିବା। କାଲି ସକାଳେ ମୁଂଡଟା ଟିକେ ଥଣ୍ଡା ହେବା ପରେ ଯୁଆଡ଼େ ଯିବାକୁ ଚାହିଁବୁ ଯିବୁ।'' କୁକୁର କିଂତୁ ନାଇଁ ନାଇଁ କହୁଥାଏ। କଲିଆ କିଂତୁ ତା' କଥାକୁ କାନ ନ ଦେଇ ତା'କୁ ଟାଣି ଟାଣି ନିଜ ଘରକୁ ନେଇ ଖାଇବା ପିଇବାକୁ ଦେଇ ଶୁଏଇଲା।

ତା' ପରଦିନ ସକାଳୁ ଉଠିଲା ବେଳକୁ କୁକୁର ମନରେ ଆଗଦିନର ସେଇ ଦୁଃଖ ଅଭିମାନ ଆଉ ଏତେ ନ ଥାଏ। ତା' ପରେ ତା' ପାଖକୁ ମାଈ କଲିଆ ଆସିଲା। ଦିହେଁ ବସି ବହୁତ ସୁଖ ଦୁଃଖ ହେଲେ। କଲିଆ ତା'ର ଦୁଃଖ କାହାଣୀ କୁକୁରକୁ ଶୁଣେଇଲା। ସେ କେମିତି ତା' ଆଗ ଅଂଡ୍ରାକୁ[10] ଛାଡ଼ି ଦେଇ ଏବେ ଏକା ରହୁଚି ସେ କଥା ବି କୁକୁରକୁ କହିଲା। ''ଦେଖ୍ ତୋ'ର କେହି ସଂସାରରେ ନାହିଁ। ମୋର ବି ସଂସାରରେ କେହି ନାହିଁ। ତେଣୁ ଆମେ ଦିହେଁ ବାହା ହେଇ ପଡ଼ିଲେ କେମିତି ହୁଅନ୍ତା ?'' କଲିଆ କୁକୁର କଥାରେ ରାଜି ହେଇଗଲା। ତା'ପରେ ସେମାନେ ଦିହେଁ ମାଇଜୀ[11] ଅଂଡ୍ରା ହେଇ ରହିଲେ। ଦିହେଁ କୁଲି ଭୂତିକୁ ଯାଇ ଯାହା ପାଆଂତି ସେଥିରେ ଚଳନ୍ତି। ଦିନେ କୁକୁର ଆଉ କଲିଆ ଦିହେଁ କୁଲି କରିବାକୁ ଗଲା ବେଳେ ବାଟରେ ମଣିଷ ଛୁଆଟେ ପାଇଲେ। ଛୁଆଟା ଗୋଟେ ବୁଦାମୂଳେ ଶୋଇ ଖୁବ୍ କାଂଦୁଥାଏ। ଦିହେଁ ମଣିଷ ଛୁଆଟାକୁ ବଣଭିତରେ ଦେଖି ପ୍ରଥମେ ଘାବରେଇ ଗଲେ। ତା' ପରେ କଣ କରିବା ଛୁଆଟାକୁ ନେବା ନାଁ ନାଇଁ ବୋଲି କଥାବାର୍ତ୍ତା କରି ସ୍ଥିର କରିଲେ ଯେ ଛୁଆଟାକୁ ସେମାନେ ନିଜ ଘରକୁ ନେବେ। ''ହେଲେ ନେବା ଆଗରୁ ଟିକେ ଦେଖିବା ଯଦି କାହା ଛୁଆକୁ କିଏ ଏଠି ଶୁଏଇ ବଂଦାଡ଼[12] ଯାଇଥିବ କି କୋଉଠି କଂଦା କଡୁଥିବ[13] ଆଉ ଆମେ ନେଲାବେଳେ ଯଦି ସେ ଦେଖି ପକେଇବ ତା' ହେଲେ ତୁଚ୍ଛାଟାରେ ଆମ ପ୍ରାଣ ଯିବ,'' କହିଲା କୁକୁର। କଲିଆବି ତା' କଥାରେ ''ହଁ'' ଭରିଲା।

ଦିହେଁ କିଛି ସମୟ ସେଠି ଅପେକ୍ଷା କଲେ। କେହି ଯେତେବେଳେ ଛୁଆଟାକୁ ନେବାକୁ ଆସିଲେନି ସେମାନେ ଛୁଆଟାକୁ ନେଇ ନିଜ ଘରକୁ ଗଲେ।

ଏମାନେ ମଣିଷ ଛୁଆଟାକୁ ଅତି ଯତ୍ନରେ ପାଳୁଥାନ୍ତି। ଆସ୍ତେ ଆସ୍ତେ ଛୁଆଟା ବଡ଼ ହେଲା। କିଛି ବର୍ଷ ପରେ ସେ ଛୁଆଟା ସୁଂଦର ଧାଙ୍ଗଡ଼ୀଟିଏ[14] ହେଇଗଲା। ତା'କୁ ଦେଖି ଏମାନେ ଚିଂତା କଲେ ଯେ, ''ଆମେତ ହେଲୁ କୁକୁର ଆଉ କଲିଆ, ଯେ' ଯେତେ ହେଲେ ମଣିଷ। ଯା'କୁ ପାଖରେ ରଖିଲେ ତାକୁ କାହା ସାଂଗରେ ବାହା ସାହା କରେଇ ହବନି, ତେଣୁ ଯା'କୁ କେମିତି ଗୋଟେ ଉପାୟ କରି ମଣିଷ ମାନଂକ ପାଖରେ ଛାଡ଼ିଦେବାକୁ ହେବ। ନହେଲେ ଆମେ ଯା' ପାଇଁ ଧାଂଗଡ଼ା ଖୋଜିଗଲେ କେହି ତ ରାଜି ହେବେନି। ପୁଣି କେହି ଆମକୁ ମାଡ଼ଦେବାକୁ ଭୁଲିବେନି। ଏଇଟା ଜଣା ଶୁଣା କଥା।''

ତା' ପରେ କଲିଆ କୁଲିଭୁତି କରି ଯେତିକି ଡ଼ାବୁ[15] ରୁଂଡେଇ[16] ଥିଲା ତାକୁ ଧରି ହାଟକୁ ଯାଇ ଧାଂଗଡ଼ୀ ପାଇଁ ପାଂଟାଇ[17], ଗାଜୁଲ୍[18], ମାଲୀ[19] ଆଉ ଏମିତି କେତେ ପ୍ରକାରର ଜିନିଷ ନେଇ ଘରକୁ ଆସି ଟଜିକି[20] ଦେଇ ପିଂଧିବାକୁ କହିଲା।

ଟକି ସେ ସବୁ ପିଂଧି ଭାରି ସୁନ୍ଦର ଦିଶିଲା। ତା'କୁ ଦେଖି କଲିଆ କହିଲା, ''ଆମ ଟକିତ ପୂରା ରାଜା ଝିଅ ଭଳିଆ ଦିଶୁଚି। ଖାଲି ସୁନାବାନା[21] ନାହିଁ ବୋଲିନା ନ ହେଲେ କିଏ ରାଜା

ଝିଅଠୁ ଊଣା ବୋଲି ଆମ ଟକିକି କହିଦେବ ?'' କୁକୁର କହିଲା, ''ସତକଥା ଯେ, ହେଲେ ଟକି ପାଇଁ ସୁନାବାନା କୋଉଠୁ ଆଣିବା ଯେ, ପୂରା ରାଜା ଝିଅ ଭଳିଆ ଦିଶିବ ?'' କଲିଆ କହିଲା, ''ସେ ବିଷୟରେ ତୋର ଭାବିବା ଦରକାର ନାହିଁ। ଟକି ପାଇଁ ମୁଁ କାଲି ହାଟରୁ ଯାଇ ନେଇ ଆସିବି।'' କୁକୁର କହିଲା, ''ଆଲୋ ! ସେ ମୂର୍ଖାମି କରନି। ମୋର ସିନା ମଣିଷଙ୍କ ସାଂଗରେ ସଂପର୍କ ଅଛି, କିଂତୁ ତୁ ତ ବଣରେ ରହିବା ଜନ୍ତୁ। ତୁ ଯଦି ହାଟରେ ଯାଇ ବୁଲିବୁ ତା' ହେଲେ ତତେ ଦେଖିଲେ ମଣିଷମାନେ ଛାଡ଼ିବେ ? ଠେଙ୍ଗାରେ ବାଡ଼େଇ ବାଡ଼େଇ ତୋ ଜୀବନ ନେଇଯିବେ। ତେଣୁ ଯାହା କରିବାକୁ ଯାଉଚୁ ଟିକେ ବୁଝି ବିଚାରି କର।'' କଲିଆ କହିଲା, ''ଥରେ ପରା କହିଲି, ତୁ ସେ ବିଷୟରେ ମୁଂଡ ଖେଳେଇବାର ଦରକାର ନାହିଁ। ମୁଁ ସୁନାବାନା କେମିତି ଆଉ କୋଉଠୁ ମୋ ଟକି ପାଇଁ ଆଣିବି, ସେ କଥା ମୁଁ ବୁଝିବି।''

ଏଇ ଯୋଉ କୁକୁର ଯାଇ ହାଟରୁ ଟକି ପାଇଁ ଗାଜୁଲ, ଫାଟାଇ ମାଳୀ ଆଣିବା ଆଉ କଲିଆ ତା' ପାଇଁ ସୁନା ବାନା ଆଣିବାକୁ ଯିବ ବୋଲି ନିଶ୍ଚୟ କରିବା, ଏକଥା ଦି'ଟା ପଛରେ ଗୋଟେ କାରଣ ଥାଏ। ଟକିକି ଏମାନେ ଏସବୁ ପିଂଧେଇ ମଣିଷମାନଂକର ବସ୍ତି ପାଖରେ ଛାଡ଼ି ଦେଇ ଆସିଲେ, ତା'ର ସୁଂଦର ପଣକୁ ଦେଖି ନିଶ୍ଚେ ତାକୁ କେହି ଜଣେ ବାହା ହବ। ଏଇ କଥା ପାଇଁ ସେମାନେ ଟକି ଯେମିତି ବେଶୀ ସୁନ୍ଦର ଦିଶିବ ସେ ଚିଂତାରେ ଥାଂତି।

ପରଦିନ କୁକୁର ଯେତେ ମନାକଲେ ବି ତା'କଥା ନ ମାନି କଲିଆ ହାଟକୁ ଯିବାକୁ ବାହାରିଲା। ଯାଉ ଯାଉ ଦେଖିଲା-ସେ ଦେଶର ରାଜା ଘର ଝିଅ ତା' ପଛେ ପଛେ ହାଟକୁ ଆସୁଚି। ଦେହରେ ସେ ଗୁଡ଼ାଏ ସୁନାବାନା ପିଂଧିଚି। ଏତେ ପିଂଧିଚି ଯେ ସୁନା ବାନାର ଓଜନରେ ବେକ ତା'ର ତଳକୁ ନଇଁ ଆସୁଚି। ତା'କୁ ଦେଖି କଲିଆ ସେ ପାଖକୁ ଆସିବା ଯାଏ ବସି ପଡ଼ିଲା। ସେ ଯେତେବେଳେ ପାଖକୁ ଆସିଲା ତା'କୁ ପଚାରିଲା, ''ନନୀ[22] ତୁ କିଏ ?'' ରାଜା ଝିଅ କହିଲା, ''ମୁଁ ଦେଶର ରାଜାର ଝିଅ।'' କଲିଆ କହିଲା, ''କେତେ ସୁଂଦର ଦିଶୁଚୁ ଲୋ ନନୀ। କେତେ ସୁନାବାନା ପିଂଧିଚୁ। ସେଥିପାଇଁ ସୁଂଦର ଦିଶୁଚୁ ନା।'' କଲିଆର କଥା ଶୁଣି ରାଜା ଝିଅକୁ ବହୁତ ବାଧିଲା। କାଇଁକି ନାଁ ନିଜେ ବଡ଼ ସୁଂଦରୀ ବୋଲି ତା' ମନରେ ବଡ଼ ଗର୍ବ ଥିଲା। ତେଣୁ ଯେ ଯେତେବେଳେ ସୁନାବାନା ପିଂଧି ସୁଂଦର ଦିଶୁଚି ବୋଲି ତାକୁ କହିଲା, ରାଜା ଝିଅ ମୁହଁ ଛିଂଚାଡ଼ି କହିଲା, ''କାଇଁକି ସୁନାବାନା ବେଟି[23] ଫିଂଗି ଦେଲେ ବି ମୁଁ କଣ ସୁନ୍ଦର ଦିଶିବିନି କି ?'' କଲିଆ କହିଲା, ''କେଜାଣି ? ମତେ ତ ଲାଗୁଚି ଏ ସୁନାବାନା ପାଇଁ ହିଁ ତୁ ବୋଧେ ଏତେ ସୁଂଦର ଦିଶୁଚୁ।'' ଏଥର ଆଉ ରାଜା ଝିଅର ରାଗ ସଂଭାଳେ କିଏ ? ସେ ସାଂଗେ ସାଂଗେ ବେକରେ କାନରେ ନାକରେ, ହାତରେ-ଗୋଡ଼ରେ ଯାହା ସବୁ ଅଳଙ୍କାର ପିଂଧି ଥିଲା ସବୁ ବେଟି ଫିଂଗି ଦେଲା ଓ କଲିଆକୁ ପଚାରିଲା, ''ଏଥର ଦେଖିଲୁ ମୁଁ କଣ ସୁଂଦର ଦିଶୁନି ?'' କଲିଆ କହିଲା, ''ଆରେ ବାଃ ସୁନାବାନା କିଛି ନ ପିନ୍ଧିଲେ ବି ତ ତୁ ଏତେ ସୁଂଦର ଦିଶୁଛୁ ଆଉ ମିଛଟାରେ ଏସବୁ କାହିଁକି ଦିହରେ ଲଦି ହେଇ ବୁଲୁଚୁ ଯେ ?'' ରାଜା ଝିଅ କହିଲା, ''ସେ ସବୁ ତୁ ନେ, ମୁଁ ଆଜିଠୁ ଆଉ ମୋଟେ ସୁନାବାନା ପିଂଧିବିନି।'' କଲିଆ ତ ଏ କଥା ଚାହୁଁଥିଲା। ତେଣୁ ସେ ସାଂଗେ ସାଂଗେ ରାଜା ଝିଅ ଫିଂଗି ଦେଇଥିବା ସୁନା ବାନା ସବୁ ଗୁଂଡେଇ ପୁଂଡେଇ ମୋଟ[24] ବାଂଧି ଘରକୁ ନେଇ ପଳେଇଲା। ଆଉ ରାଜା ଝିଅ ହାଟକୁ ଗଲା। ଘରେ ନେଇ ସବୁ ସୁନାବାନା ଟକିକୁ ପିଂଧେଇ ଦେଖିଲା ଟକି ତା'ର ସେ ସବୁ ପିଂଧି ରାଜା ଝିଅଠୁ ବି ସୁଂଦର ଦିଶୁଚି। କୁକୁର ସେତେବେଳେ ଘରେ ନଥିଲା। ସେ ଯେତେବେଳେ ଘରକୁ ଫେରି ଟକି ଏତେଗୁଡ଼ାଏ ସୁନା ବାନା ପିଂଧିଥିବାର ଦେଖିଲା ସାଂଗେ ସାଂଗେ ''ସେ ସବୁ କୁଆଡୁ ଆଣିଲୁ''

ବୋଲି କଲିଆକୁ ପଚାରିଲା । କଲିଆ କେମିତି ସବୁ ରାଜାଝିଅ ପାଖରୁ ଆଣିଲା ସେ କଥା କହିଲା ।

ତା' ପରେ କୁକୁର ଆଉ କଲିଆ ଦିହେଁଯାକ ଟକିକି ତାଂକ ପ୍ରସ୍ତାବ ଦେଲେ— ତାକୁ ନେଇ ମଣିଷମାନଂକ ବସ୍ତି ପାଖରେ ଛାଡ଼ିଦେବା ବିଷୟରେ । ସେ କଥା ଶୁଣି ଟକି ପ୍ରଥମେ ରାଜି ହେଲାନି । କିଂତୁ ଶେଷରେ ତା'କୁ ଯେତେବେଳେ ସେମାନେ "କଲିଆ କି କୁକୁର ଧାଂଗଡ଼ାଟେ ସାଂଗରେ ବାହା ହବୁ କି" ବୋଲି ପଚାରିଲେ ତା ପରେ ସେ ଏମାନଂକ ପ୍ରସ୍ତାବରେ ରାଜି ହେଲା ।

ଦିହେଁ ଯାକ ଟକିକୁ ସୁଂଦର ଫାଟାଇ ଆଉ ସୁନା ବାନା ସବୁ ପିଂଧାଇ ସାଂଗରେ ନେଇ ଗଲେ । ବହୁତ ଦୂର ଯିବା ପରେ ରାଜାଘର ଟଟା[22] ପଡ଼ିଲା । ସେଠି ସେମାନେ ଟକିକୁ ଗୋଟେ ଗଛ ଖେଂଦାରେ[26] ଚଢ଼ି ବସିବାକୁ କହିଲେ । ଟକି ଯାଇ ଗୋଟେ ଗଛର ଖେନ୍ଦାରେ ବସିବା ପରେ ଦିହେଁଯାକ "କର୍ମ ଆଦରି ଏଠି ଥା'ଲୋ ମା" କହି କାଂଦି କାଂଦି ସେଠୁ ଗଲେ ନିଜ ଘରକୁ । ସେ ଦିହେଁ ଯିବା ପରେ ତାଂକୁ ଝୁରି ଝୁରି ଟକି ଗଛ ଖେଂଦାରେ ବସି କାଂଦୁଥାଏ । ଆଁସୁ ପାନି[27] ଯାଇ ତଳେ ପଡୁଥାଏ । ଠିକ୍ ସେତିକି ବେଳେ ରାଜାପିଲା ଟଟା ବୁଲି ଆସିଥାଏ । ସେ ଟଟା ବୁଲୁ ବୁଲୁ ଟକି ବସିଥିବା ଗଛ ତଳେ ଆସି ଠିଆ ହେଲା ଆଉ ତା' ଉପରେ ଟକିର ଆଖିରୁ ଆଁସୁ ପାନି ଆସି ପଡ଼ିଲା । ସେ କି ପାଣି ପଡୁଚି କହି ଉପରକୁ ଅନେଇ ଦେଲା ବେଳକୁ ଗଛ ଖେଂଦାରେ ସୁନା ବାନା ପିଂଧି ସୁଂଦର ଧାଂଗଡ଼ୀଟିଏ ବସିଚି । ତା'କୁ ଦେଖି ସେ ମନେ ମନେ ଯେ କୋଉ ଦେଶର ରାଜା ଝିଅ ହେଇଥିବ ଭାବି ତା'ରୂପର ଗୁଡ଼ାଏ ପ୍ରଶଂସା କରି ରାଜାପିଲା ତାକୁ ତଳକୁ ଆସିବାକୁ ବହୁତ ଅନୁରୋଧ କଲା । ଟକି କିଂତୁ ଲାଜରେ ତଳକୁ ଆସିଲାନି । ତେଣୁ ରାଜାପିଲା ଆଉ ତାକୁ କିଛି ନକହି ନିଜ ନଅରକୁ ଯାଇ ତା' ଲୋକଂକୁ ଟଟାକୁ ପଠେଇଲା ଗଛ ଖେଂଦାରେ ବସିଥିବା ସୁଂଦର ଧାଂଗଡ଼ୀକି ଯେମିତି ହେଲେ ଡାକି ନେଇ ଆସିବା ପାଇଁ ।

ରାଜାଘର ଲୋକମାନେ ଟଟାକୁ ଯାଇ ଧାଂଗଡ଼ୀକି ଗଛ ଖେଂଦାରେ ବସିଥିବାର ଦେଖି ତାକୁ ବଡ଼ କଷ୍ଟରେ ବୁଝେଇ ସୁଝେଇ ନଅରକୁ ଆଣିଲେ । ତା'ପରେ ରାଜାପିଲା ତା' ପାଖକୁ ଯାଇ କହିଲା, "ମୁଁ ତତେ ବାହା ହେବି" ବୋଲି । ଟକି କିଂତୁ ରାଜାପିଲାର କଥା ଶୁଣି ହଁ ନାଇଁ କିଛି କହିଲାନି । ଖାଲି ଚୁପ୍ ହେଇ ରହିଲା । ଟକି ମନେ ମନେ ଭାବିଲା ଯେ ତ ରାଜାପିଲା, ମୋ ବିଷୟରେ କିଛି ଯାଣିନି ବୋଲି ସିନା ମୋ ସୁଂଦର ପଣକୁ ଦେଖି ମତେ ବାହା ହେବ କହୁଚି । ହେଲେ ଯେବେ ଯେ' ଜାଣିବ ମୁଁ କଲିଆ ଆଉ କୁକୁରର ଟକି ବୋଲି, ଯେ କଣ ମତେ ଆଉ ପ୍ରାଣରେ ରଖିବ ? ରାଜାପିଲା ଟକି ଚୁପ୍ ରହିବା ଦେଖି ତା'କୁ ବାହା ହବା ପାଇଁ ଅନେକ ବୁଝେଇଲା । ଆଉ କହିଲା, "ତୁ କିଏ, କଣ, କୋଉଠୁ ଆସିଚୁ, ସେ ବିଷୟରେ ମୁଁ କେବେ ପଚାରିବିନି । ତେଣୁ ସେମିତି କିଛି ଭୟ ଯଦି ତୋ ମନରେ ଅଛି ତା' ହେଲେ ତାକୁ ଛାଡ଼ି ମୋ ସାଂଗରେ ବାହା ହ' । ମୁଁ ତତେ ଅଭୟ ଦଉଚି ।" ଏତିକି ଶୁଣିବା ପରେ ଟକି ମନରେ ସାହସ ଆସିଲା । ତେଣୁ ସେ ରାଜାପିଲାକୁ ବାହା ହେବାପାଇଁ ରାଜି ହେଲା ।

ଦିହେଁ ତା' ପରେ ବାହା ହୋଇ ସୁଖରେ ଚଳିଲେ । ତେଣେ କୁକୁର କଲିଆ ଟକିକି ସେଠି ଛାଡ଼ିଦେଇ ନିତି ଆସି ରାଜାଘରେ କଣ କରୁଚି ବୋଲି ଲୁଚିଛପି ଦେଖି ଯାଉଥାଂତି । ସେମାନେ ଯେତେବେଳେ ରାଜାପିଲା ଟକି ସାଂଗରେ ବାହା ହବା ଦେଖିଲେ ତା' ପରେ ଶାଂତିରେ ନିଃଶ୍ୱାସ ମାରି ନିଜ ଘରକୁ ଫେରିଗଲେ ।

ରାଜାପିଲା ସାଂଗରେ ଟକି ବାହା ହେବା ଗୁଡ଼ାଏ ଦିନ ହେଇଗଲା । ଦିନେ କୁକୁର କଲିଆକୁ କହିଲା— "ଆଲୋ ଡକ୍ରୀ[28] ଟକିଟାକୁ ଦେଖି ନାହିଁ ଗୁଡ଼ାଏ ଦିନ ହେଇ ଗଲାଣି । ତେଣୁ ମୁଁ

ଟକିକି ଟିକେ ଦେଖି କରି ଆସିବି ବୋଲି ଭାବୁଚି।'' କଲିଆ ବି କୁକୁରକୁ ''ହଉ ଦେଖି ଆସ। କେମିତି ଜିଉନାଖାଉନା[29] କରୁଚନ୍ତି ସେ କଥା ଜାଣିଲେ, ମନଟା ବି ଟିକେ ଭଲ ଲାଗିବ'' ବୋଲି କହିଲା। ତା' ପରେ କୁକୁର ଟକି ଘରକୁ ବାହାରିଲା।

ଗୁଡ଼ାଏ ବାଟ ଚାଲିଲା ପରେ କୁକୁର ଯାଇ ତା' ଟକି ଆଉ ଯୁଆଁଇ ଘରେ ପହଞ୍ଚିଲା। ଟକି ସେତେବେଳେ ଦୁଆର ବାଡ଼ନୁ[30] ଥାଏ। କୁକୁର ଡାକିଲା ''ଟକିଲୋ।'' ଦୁଆର ବାଡ଼ନୁ ବାଡ଼ନୁ ଟକି ଡାକ ଶୁଣି କିଏ ଡାକୁଚି ଭାବି ମୁଂଡ ଉଠେଇ ଦେଖିଲା ବେଳକୁ ବାପା। ବାପାକୁ ଦେଖି ସେ ଖୁସି ହବା ତ ଦୂରେ ଥାଉ ତା ମୁଂଡରେ ବଜ୍ର ପଡ଼ିଲା ପରି ତାକୁ ଲାଗିଲା। ହେଲେ ଯେତେବେଳେ ବାପା ପାଳି ପୋଷି ତା'କୁ ମଣିଷ କରିଚି, ତେଣୁ କଣ ଆଉ ତା'କୁ କହିବ ଭାବି ମନରେ ଯାହା ଥିଲେ ବି ଉପରକୁ ଖୁସି ହେବା ପରି ଛଳନା କଲା। ବାପକୁ ଘରକୁ ଡାକିନେଲା। ତା'କୁ ଶାଗ ପେଜ[31] ଖାଇବାକୁ ଦେଲା। ତା ମନରେ କିଂତୁ ଗୋଟାଏ କଥା ଥାଏ। ସେ ଭାବୁଥାଏ ଏବେ ଯଦି ରାଜାପିଲା ଆସିବ ତା ହେଲେ ସେ କଣ କରିବ ? ଯଦି ସେ ଜାଣିବ, ମୋ ବାପା ଗୋଟେ କୁକୁର ବୋଲି, ତା' ହେଲେ ମତେ ନିଶ୍ଚୟ ପୂଜିଦେବ।[32] ଏମିତି ବହୁତ ସମୟ ଭାବିବା ପରେ କହିବ କି ନାଇଁ କହିବ କି ନାଇଁ ବୋଲି ସେ ଶେଷରେ ବାପାକୁ କହିଲା, ''ବାପା ତମେ ଆଉ ମା ମତେ ବଢ଼େଇଚ। ତମ ପାଇଁ ଆଜି ମୁଁ ଗୋଟେ ଦେଶରେ ରାଣୀ ହେଇଚି। ଏସବୁ ସତ କଥା ଯେ, ହେଲେ ଏବେ ଡଂଗର କାମରୁ ମୋ ଅଂଡ୍ରା[33] ଫେରି ଯଦି ତମକୁ ଏଠି ଦେଖିବ ଆଉ ତମେ ମୋର ବାପା ବୋଲି ଯଦି ଜାଣିବ ତା' ହେଲେ ତମେ କୁହ, ସେ ତୁମକୁ ଆଉ ମତେ କଣ ପ୍ରାଣରେ ରଖିବ ? ସେଥିପାଇଁ ତମେ ତ ଏତେ ବାଟ ଚାଲି ଚାଲି ଆସିଚ, ତେଣୁ ଏବେ ହିଁ ଘରକୁ ପଳେଇବାକୁ ମୁଁ ତମକୁ କହୁନି। ତମେ ରୁହ ଯେ ହେଲେ ପିଂଡାଟା ଉପରେ ଏମିତି ବସନି। ସେଠି ମୁଁ ତମ ଉପରେ ଗୋଟେ କର୍ଲି ଢାକି ଦେବି।[34] ତମେ କିଂତୁ ମୋ ଅଂଡ୍ରା ଆସିଲା ପରେ ସେଠି ଥାଇ ପାଟିତୁଂଡ କରିବନି। କାଲି ସକାଳୁ ଟିକେ ଭଲଲାଗିଲେ ଯିବ।'' ଟକି କଥା ଶୁଣି କୁକୁର କହିଲା, ''ଆଲୋ ମତେ ଦେଖିଲେ ବି ତୋ ଅଂଡ୍ରା କିଛି ଜାଣିପାରିବନି। ଆମେତ ହେଲୁ କୁକୁର। ମଣିଷମାନଂକ ସାଂଗରେ ମିଳି ମିଶି ରହିବା ଲୋକ। ତେଣୁ ମତେ ଏଠି ଦେଖିଲେ ତୋ ଅଂଡ୍ରା, କୁଆଡୁ କୁକୁରଟେ ଆସିଚି ବୋଲି ଭାବିବ ସିନା ତା'ଠୁ ଆଉ ବେଶୀ କିଛି ଜାଣି ପାରିବନି। ତଥାପି ତୁ ଯଦି ଏତେ ଡରୁଚୁ ତା' ହେଲେ ମୋ ଉପରେ କର୍ଲି ଢାକିଦେ। ମୁଁ ସେଠି ରାତିଟା ଶୋଇ କାଲି ସକାଳେ ପଳେଇବି।'' ଟକି ତା' ପରେ ବାପାକୁ କୁକୁଡ଼ା କଣକୁ ନେଇ ତା' ଉପରେ ବଡ଼ କର୍ଲିଟେ ଢାକିଦେଇ ଘର କାମ କଲା।

ପେଜ୍ ବେଳା[35] ହେବାରୁ ରାଜାପିଲା ଡଂଗର କାମରୁ ଘରକୁ ଫେରିଆସି ମୁହଁହାତ ଧୋଇ ତା'ର ମାଇଜୀକୁ ପେଜ୍‌ଶାଗ[36] ବାଢ଼ିବାକୁ କହି ପିଂଡାରେ ବସି ତା' ଗାମୁଛାରେ ଧୁକି ହେଲା।[37] ଦେହରୁ ତା'ର ପସନା[38] ଘଷରି[39] ଯାଉଥାଏ। ତେଣେ କୁକୁର କର୍ଲି ଭିତରେ ଥାଇ ଯେତେବେଳେ ଜାଣିଲା ଜୋଇଁ ଆସିଲା ବୋଲି ତା' ମନ ଛନ ଛନ ହେଲା, ଜୋଇଁକି ଦେଖିବା ପାଇଁ। ସେ ଆଉ ନିଜ ଆଗ୍ରହକୁ ଦମନ କରି ନପାରି କର୍ଲି ଭିତରୁ ଧୀରେଧୀରେ ବାହାରି ଆସି, ଜୋଇଁ କଡ଼ରେ ଯାଇ ବସି, ତା'କୁ ଚଟାଚଟି କରି ଲାଂଜ ହଲେଇଲା। ରାଜାପିଲା କୁକୁରଟେ ପାଖରେ ବସି ତା'କୁ ଚଟାଚଟି କରୁଥିବାର ଦେଖି ତାକୁ ଟିକେ ଆଉଁସି ଦେଇ ତା' ମାଇଜୀକି ପଚାରିଲା, ''ଏ କୁକୁରଟା କୁଆଡୁ ଆସିଚି ?'' ସେ କହିଲା, ''କୁଆଡୁ ଆସିଚି କେଜାଣି ସକାଳୁ ଆସି ଘରେ ବସିଚି ଯେ, ଯେତେ ଘଉଡ଼ା ଘଉଡ଼ି କଲେ ବି ଯାଉନି। ତା'କୁ ମାରିଲ ଦି'ବାଡ଼ି, ନ ହେଲେ ସେ ଯିବନି।'' ରାଜାପିଲା

କହିଲା, "ନାଇଁ ନାଇଁ ଏତେ ସୁନ୍ଦର କୁକୁରଟାକୁ ମାରିବି କାହିଁକି ? ସେତ ଆମର କିଛି ଅନିଷ୍ଟ କରିନି। ଭଲ କୁକୁରଟାଏ। ୟା'କୁ ଦେଖି ମତେ ବହୁତ ଖୁସି ଲାଗୁଚି। ହେଇଟି ଶୁଣ, ୟା'କୁ ଆଜି ଘରେ ରଖିବା, ଆଉ ରାତିରେ କୁକୁଡ଼ା ପଡ଼େଇ[40] ଖାଇବାକୁ ଦେବା। ତା' ପରେ କାଲି ସକାଳେ ସେ ଯୁଆଡ଼େ ଯିବା କଥା ଯିବ। ଏବେ ମୋ ପାଇଁତ ଶାଗ୍ ପେଜ୍ ଦବ ୟା' ପାଇଁ ବି ଦିଅ।" ଏତିକି ଶୁଣି କୁକୁରର ଛାତି ପୂରା କୁଣ୍ଢେ ମୋଟ ହେଇଗଲା। ମନେ ମନେ ସେ ଜୋଇଁକି ଗୁଡ଼ାଏ ପ୍ରଶଂସା କଲା। ଟକି ତା'ପରେ ଆଣି ଦନାରେ ତା' ଅଂଡ୍ରା ପାଇଁ ଶାଗ ପେଜ ବାଢ଼ିଲା ଆଉ ବାପା ପାଇଁ ଗୋଟେ ଖପରାରେ ବାଢ଼ିଲା। ଦିହେଁଯାକ ଖାଇ ପିଇ ଟିକେ ଆରାମ୍ କଲେ।

ରାତିରେ କୁକୁଡ଼ାଟେ ପଡ଼େଇ ପୁଣି କୁକୁରକୁ ସେମାନେ ଚର୍ଚ୍ଚା କଲେ। ସେ ରାତିକ ସେଠି ଶୋଇ ତା' ପରଦିନ ସକାଳେ କୁକୁର ଘରକୁ ବାହୁଡ଼ିଗଲା। ଘରେ ପହଂଚି ଟକି ଆଉ ଜୋଇଁ ବହୁତ ସୁଖରେ ଅଛଂତି ଆଉ ତାକୁ ବହୁତ ଚର୍ଚ୍ଚା କଲେ ବୋଲି କହିବାରୁ କଲିଆ ବହୁତ ଖୁସି ହେଲା।

ଦିନ ଗଡ଼ି ଚାଲିଲା। କୁକୁର ଜୋଇଁ ଘରୁ ଫେରିବାର ଗୁଡ଼ାଏ ଦିନ ପରେ ଦିନେ କଲିଆ କୁକୁରକୁ କହିଲା, "ତୁ'ତ ଯାଇ ଟକି ଆଉ ଜୋଇଁକି ସେଥର ଦେଖି ଆସିଲୁ। ଏବେ ମୁଁ ଯାଇ ଟିକେ ଦେଖି ଆସିବି ଭାବୁଚି। କୁକୁର କହିଲା, "ଆଲୋ ! ମୁଁ ସିନା ମଣିଷମାନଂକ ସାଂଗରେ ମିଳି ମିଶି ରହିବା ଜୀବ ବୋଲି ସେଠିକି ଯିବାରୁ କେହି କିଛି ଜାଣି ପାରିଲେନି। ହେଲେ ତୁ ଜୋଇଁ ଘରେ ଯାଇ ପହଁଚି ପାରିଲେତ ତାଂକୁ ଦେଖିବୁ। ତୁ'ତ ଗାଁରେ ପଶୁ ପଶୁ ଲୋକ ବଣର କଲିଆଟେ ଗାଁକୁ କେମିତି ଆସିଲା କହି ତୁ କାଳେ କା ଘରୁ କୁକୁଡ଼ା ଚୋରି କରିବୁ ଓ ଖାଇଦେବୁ ବୋଲି ତତେ ପିଟି ପିଟି ମାରିଦେବେ। ଆଉ ତୁ ସେମାନଂକ ଯାଏଁ ଯିବୁ କେମିତି ? ହଉ ହେଲା, ଯଦି ଗଲୁ ବି-ତତେ କଣ ଜୋଇଁ ଦେଖିଲେ ଛାଡ଼ିଦବ ?" କୁକୁରର ଏସବୁ କଥା ଶୁଣିବା ପରେ ବି କଲିଆ ଜୋଇଁ ଘରକୁ ଯିବା ଜିଦ୍ ଛାଡ଼ିଲାନି। ଯେତେହେଲେ ମା ମନ ତ ? ସେ କହିଲା, "ମଲେ ମରିବି ପଛେ, ଟକି ଆଉ ଜୋଇଁକି ଥରେ ଯାଇ ଦେଖି ଆସିବି।" କୁକୁର କଲିଆର ଏମିତି ଜିଦ୍ ଦେଖି ତା'କୁ ଆଉ ମନା କଲାନି।

କଲିଆ ତା' ପରେ ବଡ଼ କଷ୍ଟରେ ଲୁଚି ଛପି ଟକିର ଘର ପାଖରେ ପହଂଚିଲା। ଦେଖିଲା ଟକି କୁଟ୍‌ନୀ ଶାଳ୍‌ରେ ବସି ଧାନ କୁଟୁଚି। ସେ ଆସ୍ତେ ତା' ପାଖକୁ ଯାଇ ଡାକିଲା, "ଟକିଲୋ ଦେଖିଲୁ କିଏ ଆସିଚି ?" କଥା ଶୁଣି ଟକି ମୁହଁ ବୁଲେଇ ମା'କୁ ଦେଖି ପୂରା କାବା କାଠ ହେଇଯାଇ ପଚାରିଲା—"ଏବେ କିଛି ଦିନ ତଳେତ ବାପା ଆସି ମତେ ଦେଖି ଯାଇଥିଲା। ତୁ ପୁଣି ଏବେ କାହିଁକି ଆସିଚୁ ଯେ ? ଏମିତି ଏଠିକି ବାରମ୍ବାର ଆସି ଆସି ତମେମାନେ ନିଶ୍ଚୟ ମତେ ଦିନେ ରାଜାପିଲା ହାତରେ ମରେଇବ। ତେଣୁ ମା ତୁ ଯଦି ମୋ ଜୀବନ ଚାହୁଁ ତା ହେଲେ ଏବେ ସାଂଗେ ସାଂଗେ ଏଠୁ ପଳା।" ଏକଥା ଶୁଣି କଲିଆ ଝିଅକୁ କହିଲା, "ଏ ନନୀ, କେତେ କଷ୍ଟରେ ଜୋଇଁ ପିଲାକୁ ଟିକେ ଆଖି ପୂରେଇ ଦେଖିବି ବୋଲି ଏଠିକି ଆସିଚି। ଆଉ ତୁ ମତେ ସାଂଗେ ସାଂଗେ ପଳେଇଯିବାକୁ କେମିତି କହୁଚୁ ଯେ ? ଆଲୋ କେହି କିଛି ଜାଣିବେନି। ତୁ ମୋ ଉପରେ କର୍ଲିଟେ ଢାକି ଦେ। ମୁଁ ତା' ଭିତରେ ଥିବି। ଜୋଇଁ ଆସିଲେ ତା'କୁ ଦେଖିଦେଇ କେହି ନଜାଣିଲା ଭଳିଆ ସେଠୁ ଆସ୍ତେ ଆସ୍ତେ ବାହାରି ପଳେଇ ଯିବି।" ଟକି ତା' ପରେ ଆଉ ମା'କୁ କିଛି ନ କହି ତା'କୁ ବି କୁକୁଡ଼ା କଣକୁ ନେଇ ତା' ଉପରେ କର୍ଲିଟା ଢାଂକିଦେଇ ଅନ୍ୟ କାମ୍ କରିବାକୁ ଗଲା।

କାମ କରୁ କରୁ ସେ ଭାବିଲା, "ଆଉ ଟିକେ ପରେତ ରାଜାପିଲା ପଳେଇ ଆସିବ ଡଂଗର କାମରୁ। ଆଉ ଯଦି ସେ କଲିଆକୁ ଏଠି ଦେଖିବ ତା ହେଲେ ନିଶ୍ଚେ ପଚାରିବ କଲିଆଟେ ଏଠିକି

କେମିତି ଆସିଲା ବୋଲି। ତେଣୁ ଏତେ ଝମେଲା ଭିତରକୁ ମୋର କିଏ ପଶୁଚି ? ଯାକୁ ଠେଂଗାଟେ ନେଇ ମାରି ଫିଂଗି ଦେଲେ କଂଟା ଯିବ।''

ତା'ପରେ ସେ ଯୋଉ କାମ କରୁଥିଲା ସେଇ କାମ ଛାଡ଼ିଦେଇ, ଠେଂଗାଟେ ଧରି କୁକୁଡ଼ା ଜଣକୁ ଯାଇ କର୍ଲିଟା ବେଟି ଦେଇ କଲିଆ ପିଠିରେ କଷିଦେଇ ଚାଲିଲା ଠେଂଗାରେ ପାହାର କେତେଟା। ପାହାର ଖାଇବା ପରେ କଲିଆ ଛଟ ପଟ ହେଇ ମରିଗଲା। ତା' ପରେ ମଲା କଲିଆକୁ କୋଉଠି ନେଇ ଫିଂଗିବ ଭାବି ସେ ତାଂକ ଘରେ ଥିବା ପେଡ଼ିରେ ରଖିଦେଲା।

କେତେ ସମୟ ପରେ ଡଂଗର କାମ ସାରି ରାଜାପିଲା ଘରକୁ ବାହୁଡ଼ି ଆସିଲା। ପେଜ ପାଣି ଖାଇ ସେ ମାଇଜୀକି କହିଲା, ''ସେ ଘର ଭିତରେ ଯୋଉ ପେଡ଼ି ସବୁ ଅଛି, ସେଥିରୁ ସେ ମଝି ପେଡ଼ିଟା ଟିକେ ଦେଲୁ। ସେଥିରେ ଗୋଟେ ଜିନିଷ ରଖିଥିଲି ଯେ, ଅଛି ନାଁ ନାହିଁ ଦେଖିବି।'' ଯେ ତା ପରେ ତା'କୁ ଗୋଟେ ଗୋଟେ ପେଡ଼ିକି ଦେଖେଇ ପଚାରିଲା ଏଇଟାକି, ଏଇଟାକି ବୋଲି। ସବୁ ପେଡ଼ିକି ରାଜା ପିଲା ନୁହେଁ ବୋଲି ମନା କଲା। ଶେଷରେ ଯେତେବେଳେ ଯେ କଲିଆକୁ ମାରି ଯୋଉ ପେଡ଼ିରେ ରଖିଥିଲା ସେଇ ପେଡ଼ିକି ଦେଖେଇ ପଚାରିଲା, ''ଏଇଟା ?'' ରାଜାପିଲା ସେଇ ପେଡ଼ିକି ଦେଖି ହଁ କରିବାରୁ ସେ ପେଡ଼ିଟା ଭିତରୁ ଡରି ଡରି ଟେକି ଆଣି ରାଜାପିଲା ଆଗରେ ଥୋଇଲା। ପେଡ଼ିଟା ସେଠି ଥୋଇବା ପରେ ତା' ଦିହରେ ଆଉ ଜୀବନ ନଥାଏ। ସେ ମନେ ମନେ ଭାବୁଥାଏ, ହେଇ ଏବେତ ରାଜା ପିଲା ପେଡ଼ି ଖୋଲି ତା' ଭିତରେ ଯେତେବେଳେ ମଲା କଲିଆଟାକୁ ଦେଖିବ ଆଉ କଣ ତା' ପରେ ମତେ ପ୍ରାଣରେ ରଖିବ ? ରାଜାପିଲା ପେଡ଼ି ଉଗାଡ଼ିଲା।[42] ଯା'ର ଛାତି ଖାଲି ଧଡ଼ ପଡ଼ ହଉଥାଏ। ହେଲେ ପେଡ଼ିଟା ଉଗାଡ଼ିବା ପରେ ରାଜାପିଲା ତା' ଭିତରେ ଯାହା ଦେଖିଲା ସେଥିରେ ତା'ର ଆଖି ଖୋସି ହେଇଗଲା। ମଲା କଲିଆଟାକୁତ ତା' ମାଇଜୀ ତା' ଭିତରେ ପୂରେଇ ଥିଲା। ଏବେ କିଂତୁ ମଲା କଲିଆ ଜାଗାରେ ସେଠି ସୁନା, ରୁପା, ହୀରା, ମୋତି, ମାଣିକ୍ୟର କଲିଆଟେ। କଲିଆ ଦେହର ଗୋଟେ ଗୋଟେ ଅଂଶ ଗୋଟେ ଗୋଟେ ମୂଲ୍ୟମାନ ଧାତୁ ପାଲଟି ଯାଇଛି। ଏ କଥା ଦେଖି ରାଜାପିଲା ତା' ମାଇଜୀକି ପଚାରିଲା, ''ମୁଁ କେତେଥର ତତେ ତୋ ବାପା, ମା, ଘର, ଗାଁ ବିଷୟରେ ପଚାରିଚି ହେଲେ ସବୁବେଳେ ସେ ବିଷୟରେ କିଛି ନ କହି ତୁ ଖାଲି ଚୁପ୍ ରହିଚୁ। ଏବେ କିଂତୁ ମୁଁ ପୂରା ବୁଝିଲି ଯେ ତୁ ନିଶ୍ଚୟ କୋଉ ଗୋଟେ ସାଉକାର ରାଜାର ଝିଅ। ନ ହେଲେ ଏତେ ସୁନା ରୁପା, ମୋତି, ମାଣିକ୍ୟ କୁଆଡୁ ଆସଂତା ? ଏ ସବୁତ ଆମର ନୁହେଁ। ସେଥିପାଇଁ ତୁ ଆଜି ଆଉ ମତେ ମନା କଲେ ବି ମୁଁ ଶୁଣିବିନି। ଆଜି ହିଁ ତୁ ମତେ ତୋ ବାପ ଘରକୁ ନେବାକୁ ପଡ଼ିବ।'' ଏକଥା ଶୁଣି ମାଇଜୀର ମୁଂଡ ଚକ୍କର ଖାଇଗଲା। କୋଉଠି କିଏ ତା'ର ଅଛି ଯେ ସେ ତା ଅଂଡ୍ରାକୁ ସେଠିକି ଡାକିନବ ? ଯିଏ ବା ତା'ର ନିଜର ବୋଲି ଅଛି ସେଠିକି ବା କେମିତି ଅଂଡ୍ରାକୁ ନେଇ କୁକୁରଟାକୁ ମୋ ବାପା ବୋଲି ଚିହ୍ନେଇବ ? ଚିହ୍ନେଇଲେ ତା ପ୍ରାଣ କଣ ରହିବ ? ଏଣେ ନଗଲେ ବି ନଚଳେ। ଶେଷରେ ଆଉ ବାଟ ନପାଇ କର୍ମରେ ଯାହା ଥିବ ହବ ବୋଲି ଅଂଡ୍ରାକୁ କହିଲା, ''ହଉ ! ଯଦି କହୁଚ ଚାଲ ତା' ହେଲେ ଯିବା।'' କେତେଟା ଗୋଡି କବାଡ଼ି[43] ଧରି ସାଂଗରେ ତା' ପରେ ଦୁଇ ମାଇଜୀ ଅଂଡ୍ରା ଚାଲିଲେ। ଏମିତି ଚାଲିଥାଂତି...ଚାଲିଥାଂତି...ଚାଲିଥାଂତି। ଯୋଉଠି ରାତି ହଉଥାଏ ସେଠି ରାଂଧି ବାଢ଼ି ଖାଇ ରାତିକ ସେଠି ଶୋଇ ପୁଣି ତା' ପର ଦିନ ସକାଳେ ଆଗକୁ ଚାଲଂତି।

ଏମିତି ପାଂଚ ସାତ ଦିନ ଚାଲିବା ପରେ ଦିନେ ସଂଜରେ ଗୋଟେ ବଂଧ କୂଳରେ ସେମାନେ ଡେରା ପକେଇଲେ। ରାଜାପିଲା ଚାଲି ଚାଲି ବହୁତ ଥକି ପଡ଼ିଥାଏ। ଆଉ ଆଗକୁ ଚାଲିବାର ବଳ

ତା'ର ନ ଥାଏ । ତେଣୁ ସେ ତା' ମାଇଜୀକି ପଚାରିଲା—"ଚାଲି ଚାଲିତ ସାତ ଦିନ ବିତିଗଲା । ତଥାପି ତମ ବାପାଘର ଆସିଲାନି । ଆଉ ଏମିତି କେତେ ଦୂର ହବ ?" ବାପାଘର କୋଉଠି ଥିଲେ ସିନା ଦୂର ପାଖ କଥା ମାଇଜୀ କହଂତା । ତେବେ ସେ ଖାଲି କଥା ବାଆଁରେଇଲା ପରି କହିଲା, "ଆଉ ବେଶୀ ବାଟ ନାହିଁ" ବୋଲି । ରାଜାପୁଅ ତା'ପରେ ତା'କୁ ସେଠି ବସିବାକୁ କହି ଗୋଡି କବାଡ଼ିମାନଂକୁ ତା' କଥା ବୁଝିବାକୁ ଆଦେଶ ଦେଇ ନିଜେ ବଂଦାଡ଼[44] ଗଲା । ଗୋଡି କବାଡ଼ି ମାନେ ରଂଧା ବଢ଼ାରେ ଲାଗିଥାଂତି । ଯେ ଏପଟେ ଏକା ଏକା ବସିଥାଏ । ତା'ଠୁ କିଛି ଦୂରରେ ଉଇ ହୁଂକାଟେ ଥାଏ । ହଠାତ୍ ସେ ଶୁଣିଲା-ହୁଂକା ଭିତରୁ କିଏ ଯେମିତି କହୁଚି, "ରାଜା ଥିଲି, ଶାପ ପାଇ ଏବେ ହୁଂକାରେ ନାଗ ସାପ ହୋଇ ଅଛି । କିଏ ଯଦି ହୁଂକାଟାକୁ ଆସି ଗୋଡ଼ରେ ଲାତେ ପକାଂତା ତା ହେଲେ ମୋ ଶାପ କଟିଯାଂତା । ମୁଁ ଯୋଉ ରାଜାକୁ ସେଇ ରାଜା ହେଇ ଯାଆଂତି ।" ଯେ' ଏଇ କଥାକୁ ଅନେକ ଥର ଶୁଣି ଭାବିଲା, "କିଏ ହୁଂକାଟା ଭିତରେ ଅଛି କେଜାଣି ? ଯାଏ ଲାତଟେ ପକାଏ ହୁଂକାକୁ । ତା'ପରେ ଯାହା ହବ ହବ । ସାପ ଫାପ ଯଦି ସତରେ ଥିବ ମତେ ନିଶ୍ଚେ ଠକିଦେବ ।[45] ଆଉ ମୁଁ ମରିଯିବି । ମଲେ ଏଇ ଧର୍ମ ସଂକଟରୁ ରକ୍ଷାପାଇଯିବି" ବୋଲି ସିଏ ଭାବିଲା । ସେଠୁ ଉଇ ହୁଂକା ପାଖକୁ ଯାଇ ଯେମିତି ଲାତଟେ ମାରିଚି ସାଂଗେ ସାଂଗେ ଅଦ୍ଭୁତ କଥା ଘଟିଲା । ସେ ସ୍ଥାନରେ ବିରାଟ ରାଜା ନଅରଟେ ହୋଇଗଲା । କେତେ ଲୋକବାକ ସେଠି ଚାଲବୁଲ ହଉଥାଂତି । ହଠାତ୍ ଅନେକ ଲୋକ "ଆମ ରାଜାଂକ ଝିଅ ଢୋଇଁ ଆସିଚଂତି" କହି ଡୋଲୀଟେ ଆଣି ସେଠି ରଖି ଯା'କୁ ପଚାରିଲେ, "ଢୋଇଁ କୁଆଡ଼େ ଗଲେ" ବୋଲି । ଏସବୁ କାଂଡ କାରଖାନା ଦେଖିତ ଯେ' ପୂରା କାବାକାଠ ହେଇ ଯାଇଥାଏ । ତେଣୁ ଢୋଇଁ କଥା ଆଉ କଣ କହିବ ? ଖାଲି ଏସବୁ ଦେଖି ଆଁଟେ କରି ଠିଆ ହେଇଥାଏ । କିଛି ସମୟ ପରେ ରାଜାପିଲା ଆସିଲା । ତା'କୁ ଦେଖି ଲୋକେ "ଆମ ରାଜାଂକ ଢୋଇଁ" କହି ଶୂନ୍ୟରେ ଟେକି ନେଇ ଡୋଲୀ ଉପରେ ବସେଇ ଆଁ ଫାଡ଼ି ଠିଆ ହେଇଥିବା ରାଜାଝିଅକୁ ଡୋଲୀରେ ବସିବାକୁ କହିଲେ ଆଉ ସେ ବସିବା ପରେ ଡୋଲୀକୁ ଟେକି ଟେକି ନଅର ଭିତରକୁ ନେଇଗଲେ ।

ନଅରରେ ଅପୂର୍ବ ଜିନିଷ ସବୁ ଦେଖି ରାଜାପିଲା ତା ମାଇଜୀକୁ କହିଲା, "ତମେ ଏତେ ବଡ଼ ରାଜାର ଝିଅ ହେଇ ଏଯାଏ ମତେ ଯେତେ ପଚାରିଲେବି କହୁ ନଥିଲ ? ତମ ରାଜ୍ୟ ତମ ଧନ ସଂପତ୍ତି ଆଗରେ ମୁଁ ତ କିଛି ନୁହେଁ । ମୁଁ ତ ତମ ଗୋଡି ଭଳିଆ ।" ଏ କଥା ଶୁଣି ତା ମାଇଜୀ କି ଉତ୍ତର ଦେବ କିଛି ବୁଝି ନପାରି ଖାଲି ଆଁଟେ କରି ଚାହିଁ ରହିଲା । କିଛି ଦିନ ସେମାନେ ସେଠି ରହିଲା ପରେ ତାଂକ ନିଜ ଦେଶକୁ ଫେରିଲେ । ଗଲାବେଳେ ବହୁତ ଧନ ସଂପତ୍ତି ବି ନେଲେ । ଆଉ ଦିହେଁ ନିଜ ଦେଶରେ ସୁଖରେ ରହିଲେ ।

---

1. ଡଂଗର : ଚାଷୋପଯୋଗୀ କରାଯାଇଥିବା ପାହାଡ଼ 2. ମୁଂଡବେଲା : ମଧ୍ୟାହ୍ନ 3. ନଖି : ବାସନ 4. ଚୁଲିପାଟି : ଚୁଲିମୁଂଡ 5. ପେଜଗୁଡ଼େ : ମାଂଡିଆ ଜାଉ ମୁଂଦେ 6. ବାଡ଼ନୀ ମୁଠା : ଛାଂଚୁଣୀ ମୁଠା 7. କଲିଆଟେ : ବିଲୁଆଟେ 8. ବଡ଼ ଢାର୍ : ମହାବଳ ବାଘ 9. ଦୁର୍କା : ଗଧିଆ ବାଘ 10. ଅଂଦ୍ରା : ସ୍ୱାମୀ 11. ମାଇଜୀ ଅଂଦ୍ରା : ସ୍ୱାମୀ ସ୍ତ୍ରୀ 12. ବଂଦାଡ଼ : ଝାଡ଼ା 13. କଂଦା କଢୁଥିବ : କଂଦମୂଳ ଖୋଳୁଥିବ 14. ଧାଂଗଡ଼ୀ : ଯୁବତୀ 15. ଡାବୁ : ପଇସାପତ୍ର 16. ରୁଂଡେଇ : ଯୋଗାଡ଼ ବା ଜମା 17. ଫାଟାଇ : ଲୁଗା ବା ଶାଢ଼ୀ 18. ଗାଜୁଲ : ଚୁଡ଼ି 19. ମାଲୀ : ମାଳା 20. ଟକି : ଝିଅ, ଟୋକୀ 21. ସୁନାବାନା : ଅଳଂକାର ପତ୍ର, ଗହଣାଗାଂଠି, ସୁନା ରୁପା 22. ନନୀ : ଝିଅ 23. ବେଟୀ : କାଢ଼ିଦେଇ 24. ମୋଟ : ଗଂଠିଲି, ବୁଜୁଳି

25. ଟଟା : ତୋଟା ବା ବଢ଼ବଗିଚା 26. ଖେଂଦା : ଡାଳ 27. ଆଁସୁପାନି : ଲୁହ 28. ଡକ୍ରୀ : ବୁଢ଼ୀ 29. ଜୀଭନା ଖାଭନା : ଜୀବନଧାରଣ 30. ବାଡ଼ନୁ : ଝାଡୁ ମାରିବା 31. ଶାଗ ପେଜ : ତିଅଣ ଓ ମାଂଡିଆ ଜାଉ 32. ପୂଜିଦେବ : ହାଣିଦେବ 33. ଅଂଡ୍ରା : ସ୍ୱାମୀ 34. କଲି ଡାବି : ଟୋକେଇ ଘୋଡ଼େଇବା 35. ପେଜ୍‌ବେଲା : ମଧ୍ୟାହ୍ନ 36. ପେଜଶାଗ୍ : ମାଂଡିଆଜାଉ ଓ ତରକାରୀ 37. ଧୂକିହେଲା : ହିଂଚିହେଲା 38. ପସ୍‌ନା : ଝାଳ 39. ଘଷ୍‌ରୀ : ବୋହିବା ବା ଝରିପଡ଼ିବା 40. କୁକୁଡ଼ା ପଡ଼େଇ : କୁକୁଡ଼ା ମାରି 41. କୁଟେନୀ ଶାଲ୍ : ଢେଂକି ଶାଳ 42. ଭଗାଡ଼ିଲା : ଖୋଲିଲା 43. କବାଡ଼ି : କାମକରିବା ଲୋକ, ଚାକର 44. ବଂଦାଢ଼ : ଝାଡ଼ୁ 45. ଠକିଦେବ : ଦଂଶନ କରିବ 46. ଡୋଲୀ : ସବାରୀ।

ଗୁଡ଼୍ ପିଠା କଥା

ଗୋଟିଏ ଗାଁରେ ମାଳୀ ବୁଢ଼ାଟେ ଓ ବୁଢ଼ୀଟେ ରହୁ ଥାଆଂତି। ସେମାନେ ଭାରି ଗରିବ। ବୁଢ଼ୀ ତେଣୁ ନିତି ଘରେ ଗୁଡ଼୍ ପିଠା[1] ଛାଣି ହାଟକୁ ନିଏ ବିକିବାକୁ। ସେଥିରେ ଯାହା ଦି ପଇସା ମିଳେ ସେଥିରେ ସେମାନେ ଆପଣା ଗୁଜୁରାଣ ମେଂଟାଂତି।

ବୁଢ଼ୀ ନିତି ହାଟକୁ ଗଲା ବେଳକୁ ଗାଁରୁ ଖଂଡେ ଦୂର ଯିବା ପରେ ଝଂକାଳିଆ ବରଗଛଟେ ପଡ଼େ। ସେ ତା' ତଳେ କିଛି ସମୟ ବିଶ୍ରାମ ନେଇ ହାଲିଆ ମାରେ। ଦିନେ ଏତିକି ବେଳେ ବିଲୁଆଟେ ଆସି ବୁଢ଼ୀକି ପଚାରିଲା, ''କୁଆଡ଼େ ଯାଉଚୁକି ବଡ଼ାଇ?''[2] ବୁଢ଼ୀ କହିଲା, ''ହାଟକୁ ଗୁଡ଼ପିଠା ବିକି ନଉଚିରେ ପୁଅ।'' ବିଲୁଆକୁ ବୁଢ଼ୀ ପଚାରିଲା, ''ଏଇ ଖରାଟାରେ ତୁ ଏମିତି କୁଆଡ଼େ ଏକମୁହାଁ ହେଇ ଧାଉଁଚୁ ପୁଅ?'' ବିଲୁଆ କହିଲା, ''ବଡ଼ାଇ, କଣ କହିବି ତତେ, ରାଜା ଘର ନୌକର ହେଇଚି ପରା ମୁଁ। ଠିକ୍ ସମୟରେ ଯାଇ ହାଜିର ନହେଲେ ଶୂଳୀ ଉପରେ ବସେଇଦେବେ। ଆଜି ପରା ତୋ' ବୁଆରୀ[3] 'ଖାଇକି ଯାଆ' କହି ବଡ଼ା ବଢ଼ି କରୁଚି, ମୁଁ କିଂତୁ ଆଉ ରହିପାରିଲିନି। ସିଧା ଚାଲି ଆସିଲି। ଡେରି ହେଲେ ପୁଣି ଅଡୁଆ ହବ। ହେଲେ ଏ ନିଲଠା ପେଟଟା କଣ ବୋଲ ମାନୁଚି? ପେଟ ଭିତରଟା ହୁ ହୁ ହେଇ ଜଳୁଚି। ଦି ଚାରିଅଣା ଯଦି ଧରିକି ଆସିଥାଂତି, ତା'ହେଲେ ତୋ'ଠୁ ପିଠା କିଣି ଖାଇ ଝରଣାରୁ ପେଟେ ପାଣିପିଇ ଯାଆଂତି। ହେଲେ ପଇସା ପରା ଆଣିନି। କ'ଣ ଆଉ କରିବି। ଯାଉଚି ବଡ଼ାଇ। ଭୋକ ସେମିତି ହଉଥାଉ। ନଅରକୁ ଗଲେ ସେଠି କାହା ଘରେ ଯାଇ ପେଜ[4] ଶାଗ୍[5] ମାଗି ଖାଇବି।''

ଏମିତି କହି ବିଲୁଆ ଯେତେବେଳେ ତା' ବସିବା ଜାଗାରୁ ଉଠିଲା, ବୁଢ଼ୀକି ଭାରି ଦୟା ଲାଗିଲା। ସେ କହିଲା, ''ବାପରେ! ରାଜା ଘରେ ନୌକରୀ କରୁଚୁ। ଦରମା ତ ଗୁଡ଼ାଏ ପାଉଥିବୁ। ନେ-ମୁଁ ତତେ ଧାରରେ ଦଉଚି ଗୁଡ଼ ପିଠା, ପଇସା ପାଇଲେ ଶୁଝି ଦବୁନି।'' ବିଲୁଆ କିଂତୁ ପ୍ରଥମେ ଗୁଡ଼ାଏ ନାଇଁ ନାଇଁ କଲା। ହେଲେ ବୁଢ଼ୀ ବହୁତ ବାଧ୍ୟ କଲା। ବିଲୁଆ ପିଠା ନେଇ ଖାଇଲା, ତା' ପରେ ଚାଲିଗଲା।

ଏ ପାଲା ଏମିତି ନିତି ଚାଲିଲା। ବୁଢ଼ୀର ଲାଭ ଯାହା ହୁଅଂତା- ତା'କୁ ବିଲୁଆ ଧାର୍‌ରେ ଖାଇଲା। ମୂଳ ଧୀରେ ଧୀରେ ସରିବାକୁ ବସିବା ବେଳକୁ ବୁଢ଼ା ବୁଢ଼ୀକି ଦିନେ ପଚାରିଲା, ''କିଲୋ ଡକ୍ରୀ[6] ଆଜିକାଲି କଣ ଲାଭ ହଉନିକି?''ବୁଢ଼ୀ କହିଲା, ''ହଉଚି ଯେ! ଲାଭ ପଇସା ପରା ବାକିରେ ଯାଇଚି। ଗୋଟେ ବିଲୁଆ ପରା ରାଜା ଘରେ ନୌକରୀ କରୁଚି କହି ନିତି ମୋଠୁଁ ଧାର୍ ଖାଉଚି। ପଇସା ମାଗିଲେ ଦରମା ମିଳିନି କହୁଚି।''

ବୁଢ଼ା ତା'ପରେ ବିଲୁଆଠୁ ପଇସା ଅସୁଲ କରିବାର ଉପାୟ ପାଂଚିଲା। ବୁଢ଼ୀତ ସରଳିଆ, ତେଣୁ ସେ ଆଉ ବିଲୁଆ ଠାରୁ ପଇସା ଅସୁଲ୍ କରିବା ସଂଭବ ନୁହେଁ।

ବହୁତ ଭାବିବା ପରେ ବୁଢ଼ା ଗୋଟେ ଉପାୟ ପାଂଚିଲା । ଚପ୍ କାଂଡିଆରେ[7] ଯୋଉ ଅଠା ଲାଗେ ସେଇ ଅଠାରେ ବୁଢ଼ୀ ପରି ମୂର୍ତ୍ତିଟେ ଗଢ଼ିଲା । ତା'କୁ ନେଇ ବୁଢ଼ୀ ନିତି ଯୋଉ ଗଛ ମୂଳେ ବସେ ସେଠି ବସେଇଲା । କିଛି ପିଠା ଗୋଟିଏ ପରଡ଼ା[8] ଉପରେ ଥୋଇଦେଇ ନିଜେ ଯାଇ ଗଛ ଆଢ଼ୁଆଳରେ ଲୁଚି ବସିଲା । ଠିକ୍ ସମୟରେ ବିଲୁଆ ଆସିଲା । ଅଠା ମୂର୍ତ୍ତିକୁ ବୁଢ଼ୀ ଭାବି ତା'କୁ ଏଣୁ ତେଣୁ କହିଲା । ହେଲେ ବୁଢ଼ୀ ବସିଥିଲେ ସିନା- ହୁଁ କି ହାଁ କରଂତା ? ବିଲୁଆ ତା' ପରେ ସଂଦେହରେ ଯେମିତି ମୂର୍ତ୍ତିଟାକୁ ହଲେଇ ଦେବ ବୋଲି ଯାଇଚି ; ଲାଗିଲା ଅଠାରେ । ତା'ପରେ ଯେତେ ଚେଷ୍ଟା କଲେ ବି ସେ ଆଉ ମୁକୁଳି ନପାରି ବରଂ ଅଠାରେ ବେଶି ଲାଗିଲା ।

ଠିକ୍ ଏତିକି ବେଳକୁ ବୁଢ଼ା ଗଛ ଆଢ଼ୁଆଳରୁ ବାହାରି ଆସି ବିଲୁଆକୁ ଅଠାରୁ ଛଡ଼େଇ ତା ଗୋଡ଼ ଚାରିଟା ଆଉ ଥୋମଣୀରେ ଦଉଡ଼ି ବାଂଧି ତାକୁ କାଂଧରେ ପକେଇ ଚାଲିଲା ରାଜା ଘରକୁ ।

ରାଜାଂକର ଦରବାର ଚାଲିଥାଏ । ସେଠି ଯାଇ ସେ ଫେରାଦ ହେଲା । ରାଜାଂକୁ ବିଲୁଆ ବିଷୟରେ ସବୁ କଥା କହି ପଚାରିଲା, "ମଣିମା, ଯେ କଣ ସତରେ ଆପଣଂକ ନଅରରେ ନୌକରୀ କରୁଚି ?" ରାଜା ମନାକଲେ ଏବଂ ବିଲୁଆର ଦୋଷକୁ ଦେଖି ଦଂଡ ଆଦେଶ ଦେଇ କହିଲେ, "ବିଲୁଆକୁ ସିଂହ ଦୁଆର ସାମ୍ନାରେ ଦଉଡ଼ିରେ ବାଂଧି ନିସ୍ତୁକ ମାଡ଼ ଦିଅ । ତା'କୁ ବିନା ଖାଦ୍ୟରେ ସାତ ଦିନ ମାଡ଼ ଦିଅ । ତା' ପରେ ଛାଡ଼ି ଦିଅ । ଶୁଣ, ସବୁବେଳେ ମାରିବନି । ଖାଲି ସକାଳେ ଆଉ ସଂଜରେ ମାଡ଼ ଦେବ ।" ଏ ଆଦେଶ ଦେଇ ରାଜା ବୁଢ଼ାକୁ ତା' ପଇସା ଦେଇ ବିଦା କରିଦେଲେ । ବୁଢ଼ା ମନ ଖୁସିରେ ଘରକୁ ଗଲା ।

ବିଲୁଆକୁ ରାଜା ଘର ସିପେଇମାନେ ନିତି ସକାଳେ ସଂଜରେ ସିଂହଦ୍ୱାର ସାମ୍ନାରେ ନିର୍ଘାତିଆ ମାଡ଼ଦେଲେ । ଦିନେ ଦି' ଦିନ ମାଡ଼ ଖାଇବା ପରେ ବିଲୁଆର ଦେହ ପୂରା ଫୁଲିଗଲା । ସେ ଆଗ ଅପେକ୍ଷା ବହୁତ ମୋଟା ଦିଶିଲା । ଦିନେ ରାତିରେ ସେ ଦେଖିଲା ତା ଆଡ଼କୁ ଆଉ ଗୋଟେ ବିଲୁଆ ଆସୁଚି । ସେ ତା'କୁ ପାଖକୁ ଡାକି ପଚାରିଲା, "କୁଆଡ଼େ ଯାଉଚ ଭାଇ ?" ଆର ବିଲୁଆ କହିଲା, "କୁଆଡ଼େ ଆଉ ଯିବି ? ଯାଉଚି କା' ଘରୁ କୁକୁଡ଼ା ଫୁକୁଡ଼ାଟେ ମିଳିଲେ ଆଣିବି ବୋଲି । ହେଲେ ତମକୁ ଏ ରାଜା ନଅର ସାମ୍ନାରେ କାହିଁକି ବଂଧା ହେଇଚି ?" ବିଲୁଆଟି କହିଲା, "ରାଜା ଘର ସୁଖ ତମେ କଣ ଜାଣିବ ଭାଇ ? ମୋତେ ପରା ନିତି ଏଠି ରାଜାଘର ଲୋକେ ଭଲ ଖାନା ଖୁଆଇ ରଖିଛଂତି । ମତେ କିଂତୁ ଏଠି ମୋଟେ ଭଲ ଲାଗୁନି । କାମ ନାଇଁ ଧାମ ନାଇଁ । କେତେ ଖାଲି ଖାଇ ଖାଇ ଶୋଇବି କହିଲ ? ଦେଖ କେଡ଼ିକି ମୋଟା ହେଲିଣି ମୁଁ । ସତ କହୁଚି ମତେ ଯଦି କିଏ ଖୋଲିଦିଅଂତା ତା' ହେଲେ ମୁଁ ମୋର ବଣକୁ ପଳାଂତି । ଏ ରାଜସୁଖ ଅପେକ୍ଷା ଆମ ବଣଟା ମତେ ଭଲ ଲାଗେ । ସେ କଥା କଣ ଏଠି ଅଛି ?"

ଆର ବିଲୁଆ ଭାବିଲା, "କାହା ଘରୁ କୁକୁଡ଼ାଟିଏ ଚୋରିକରି ଆଣିବା କେଡ଼େ କଷ୍ଟ କାମ । ଯଦି ଘର ଲୋକ ନ ଉଠିଲେତ, ଭଲ କଥା । ନହେଲେ ମୁଂଡରେ ଠେଂଗା ବାଜିବ ଯେ, ପଳେଇବାକୁ ବାଟ ମିଳିବନି । ଆଉ କୁକୁଡ଼ା ମିଳିଲେ ବି ଗାଁରେ ଯଦି ଦୁର୍ଦ୍ଦାଂତ କୁକୁର ଅଛଂତି ତ ଗଲା ପ୍ରାଣଟା । ଛି ଧିକ୍ ଏ ବିଲୁଆ ଜୀବନଟା । ବାଘକୁ ଦେଖିଲେ ଡର, କୁକୁରକୁ ଡର, ହେଟାକୁ ଡର, ମଣିଷକୁ ଡର । ୟା'କୁତ ଏଠି ବସି ବସି ଖାଇବାକୁ ମିଳୁଚି । ତା' ପୁଣି ରାଜାଘର ଖାନା । ସେଇଟା ପେର ୟା'କୁ ଗଂଧଉଚି ।" ଏମିତି ଭାବି ଭାବି ସେ ପ୍ରଥମ ବିଲୁଆକୁ କହିଲା, "ତମେ ଯଦି ରାଜି ହବ ତେବେ ମୁଁ ତମକୁ ଫିଟେଇଦେବି । ହେଲେ ତମେ ଯିବ ସିନା, ମତେ କିଂତୁ ତମ ଜାଗାରେ ବାଂଧିଦେଇ ଯିବ । ତମର ଯଦି ପୁଣି ଏଠିକି ଆସିବାକୁ ମନ ହବ ତେବେ ମୁଁ ପଳେଇବି । କଣ କହୁଚ ? ଦେଖ

ତମ ମୁହଁ ମୋ ମୁହଁ ପ୍ରାୟ ସମାନ। ତେଣୁ କେହି ମୋତେ କିଛି ଜାଣି ପାରିବେନି। ତମକୁ ମୁଁ ଫିଟେଇ ଦେବାକୁ ମନା କରୁନି ଯେ ହେଲେ ଏତେ ସୁଖ ସୁବିଧା ମାହାଳିଆ ଯିବ। ତେଣୁ କଥା ଦିଅ, ଯଦି ତମେ ମତେ ଏଠି ବାଂଧିଦେବ, ତା' ହେଲେ ଯାଇ ମୁଁ ତମକୁ ଖୋଲିଦେବି। କଣ କହୁଚ ? ରାଜି ? ଯଦି ତୁମେ ରାଜି ନୁହଁ ତା'ହେଲେ ମୁଁ ମୋ ବାଟରେ ଚାଲିଲି।''

ବିଲୁଆ ଜାଣିଶୁଣି ଭାରି କୁଂଥୁ କୁଂଥୁ ହେବାର ଅଭିନୟ କରି ଶେଷରେ ହଁ କଲା।

ଦ୍ୱିତୀୟ ବିଲୁଆ ତା' ବେକରୁ ଦଉଡ଼ି ଫିଟେଇଦେଲା ଆଉ ନିଜ ଜାଗାରେ ତା'କୁ ବାଂଧିଦେଇ ସେ ମନ ଖୁସିରେ ନିଜ ବଣକୁ ପଳେଇଲା।

ପରଦିନ ସକାଳେ ବଂଦୀ ହୋଇଥିବା ଦ୍ୱିତୀୟ ବିଲୁଆ ମନଖୁସିରେ ରାଜାଘର ଖାନା ଖାଇବ ବୋଲି ପାଟିରୁ ଲାଳ ଗଡ଼େଇ ବସିଥାଏ। ଦେଖିଲା ଦୂରରୁ ଦି'ଟା ସିପେଇ ଆସୁଚଂତି। ତାଂକ ହାତରେ ଲମ୍ବା ଲମ୍ବା ବାଡ଼ି। ସେମାନେ ତା ପାଖକୁ ଆସିଲେ। ଆଉ ତା'ପରେ ଦ୍ୱିତୀୟ ବିଲୁଆ ପିଠିରେ କସି ଦେଇଗଲେ ମାଡ଼। ସେ ତ ତା' ସାତ ପୁରୁଷରେ ବି ବୋଧେ କେବେ ସେମିତି ମାଡ଼ ଖାଇନଥିଲା। ତେଣୁ ପ୍ରାଣ ବିକଳରେ ବହୁତ କାକୁତି ମିନତି ହେଇ ସିପେଇମାନଂକୁ କହିଲା, ''ଆଜ୍ଞା, ମୁଁ ସେଇ ବିଲୁଆ ନୁହେଁ, ମୁଁ ଆଉ ଜଣେ। ମତେ ପିଟଂତୁନି, ମରିଯିବି। ସେ ବିଲୁଆ ମତେ ବାଂଧି ଦେଇ ପଳେଇଲା।'' ଏମିତି କେତେ ତାଂକୁ କାକୁତି ମିନତି ହେଲା। ସେମାନେ କିଂତୁ କିଛି ଶୁଣିଲେନି। ନିର୍ଘାତିଆ ମାଡ଼ ଦେଇ ସକାଳେ ପଳେଇଲେ। ପୁଣି ସଂଜରେ ମାଡ଼ ଦେଇ ପଳେଇଲେ।

ଦି'ଥର ମାଡ଼ ଖାଇ ବିଲୁଆର ଅବସ୍ଥା ସାଂଘାତିକ। ସେ ମାଡ଼ ଦରଜରେ କୁହୁରି କୁହୁରି ପ୍ରଥମ ବିଲୁଆକୁ ଖାଲି ଅଭିଶାପ ଦଉଥାଏ। ମାଡ଼ତ ଯାହା, ସେଥିକି ପୁଣି ଖାଇବାକୁ କିଛି ନାହିଁ। ରାତି ଅଧ ବେଳକୁ ପ୍ରଥମ ବିଲୁଆ ଆସିଲା, ଆଉ ପଚାରିଲା, ''କଣ ଭାଇ। ରାଜା ଘର ଖାନା କେମିତି ? ସୁଆଦିଆ ଲାଗୁଚି ନା ନାଇଁ ? ମୋଟା ହେଲଣି ନାଁ ନାଇଁ ? ହଁ, ହେଇଚ ତ। କାଲିକି ଆଉରି ମୋଟା ହବ ଯେ।'' ଏତିକି କହି ଚାଲିଲା ତା' ବାଟରେ। ଦ୍ୱିତୀୟ ବିଲୁଆ ତା'କୁ ଫିଟେଇ ଦେବାପାଇଁ ଯେତେ ଡାକିଲେ ବି ସେ ଆଉ ଶୁଣିଲାନି।

---

1. ଗୁଡ଼ ପିଠା : ଆରିସା ପିଠା ପରି ଗୁଡ଼ ଓ ଚାଉଳରେ ତିଆରି 2. ବଡ଼ାଇ : ବଡ଼ମା 3. ବୁଆରୀ : ବୋହୂ
4. ପେଜ : ମାଂଡିଆରେ ତିଆରି 5. ଶାଗ୍ : ତରକାରି 6. ଡ଼ଜ୍ରୀ : ବୁଢ଼ୀ 7. ଚପକାଂଡିଆ : ଅଠାକାଠି
8. ପରଡ଼ା : ଡାଟ ।

ଛଦ୍ମବେଶୀ ମାଂକଡ଼ କଥା

ଗୋଟେ ଗାଁରେ ବୁଢ଼ାଟେ ବୁଢ଼ୀଟେ ଥାଂତି। ସେମାନଂକର ଧାଂଗଡ଼ୀ[1] ଝିଅଟେ ଥାଏ। ସେମାନେ ଝିଅ ପାଇଁ ଜୋଇଁଟେ ଖୋଜୁଥାଂତି। ହେଲେ ସେମିତି ଧାଂଗଡ଼ା ମିଳୁ ନ ଥାଂତି। ଧାଂଗଡ଼ା ତ ମିଳିବେ। ହେଲେ ସେମାନେ ପୁଣି ଜଲା[2] ଦେଲେତ ହବ। ଝିଅ ବି ସୁନ୍ଦରୀ। ସୁନ୍ଦରୀ ହେଲେତ ଜଲା ବେଶି ମିଳିବା କଥା। ତେଣୁ ଯେଉଁମାନେ ଆସି ଝିଅକୁ ମାଗୁଥାଂତି- ସେମାନେ ବେଶି ଜଲା ଦେବାକୁ ରାଜି ହଉନଥାଂତି। ତେଣୁ ବୁଢ଼ା ବୁଢ଼ୀ ସେମାନଂକ ପ୍ରସ୍ତାବରେ ରାଜି ହଉନଥାଂତି। ଏମିତି ଖୋଜୁ ଖୋଜୁ ଗୁଡ଼ାଏ ଦିନ ଚାଲିଗଲା। ଝିଅର ବୟସ ବି ବଢ଼ିଲା। ସହଜେତ ଗଦବା କୁଳ। ସେଥିରେ ପୁଣି ଝିଅକୁ ଯଦି ବେଶି ବୟସ ହେଇଯିବ ତା' ହେଲେ ଡକ୍ରୀ[3] ହେଲା କହି ତାକୁ ଆଉ କେହି ନେବେ[4] ନାହିଁ। ବୁଢ଼ା ତେଣୁ ଖୁବ୍ ଚିଂତା କରି ଶେଷରେ ସ୍ଥିର କଲା ଯେ, ଜଲାତ କେହି ବେଶି ଦେବାକୁ ରାଜି ହଉନାହାଂତି। ତା' ବୋଲି ବଢ଼ିଲା ଝିଅକୁ କଣ ସେ ଘରେ ରଖିଦବ? ତେଣେ ଝିଅ ପୁଣି କୋଉ ଯାତ୍ରା କି ନାଟରୁ କା ସାଂଗରେ ଉଦ୍‌ଲିଆ[5] ଗଲେତ ଅତି ଅଦୁଆ କଥା ହବ? କେତେ ମାଡ଼ ଗୋଳ ପରେ ବି ଜଲା ମିଳିଲେ ମିଳିବ ନହେଲେ ବି କାନ ମୁଂଡ ଆଉଁସି ରହିବାକୁ ହବ। ଅତଏବ ଏସବୁ ଝମେଲାରେ ନ ପଶି ଘର ଜୋଇଁଟେ କୁଆଡ୍ରୁ ଆଣିଲେ ସବୁ ଦୃଷ୍ଟିରୁ ଲାଭ। ସେ କାମ କରିବ ଗୋଟି[6] ଭଳିଆ। ବୁଦ୍ଧି ଉପାୟ କରି ଯଦି ଜଲା ଡାବୁ[7] ଛିଡ଼େଇ ପାରିବ, ତା' ହେଲେ ଝିଅକୁ ସେ ତା'ର ନେଇ ଅଲଗା କୁଡ଼ିଆ କରି ରହିବ। ଏମିତି ମନରେ ସ୍ଥିର କରି ବୁଢ଼ା ଦିନେ ବାହାରିଲା—ଘରଜୋଇଁ ଖୋଜି। ଯାଉ ଯାଉ ବାଟରେ ସେ ଗୋଟେ ବଡ଼ ହନୁ ମାଂକଡ଼କୁ ଭେଟିଲା। ହନୁ ପଚାରିଲା, "କୁଆଡ଼େ ଯାଉଚ ବଢ଼ୁ?"[8] ବୁଢ଼ା କହିଲା, "ଘରଜୋଇଁ ଖୋଜି ଯାଉଛି।" ହନୁ କହିଲା, "ମତେ ନଉନା, ମୁଁ ଯେମିତି ତମ ଘରେ କାମ କରିବି ସେମିତି ଆଉ କେହି କରିବେନି।" ବୁଢ଼ା ଟିକେ ଚିଂତା କରି କହିଲା, "ହଉ ଚାଲ।"

ଦିହେଁ ତା' ପରେ ଘରେ ଯାଇ ପହଁଚିଲେ। ବୁଢ଼ା ତା' ସଂଗରେ ବୁଢ଼ୀ ଆଉ ତା' ଝିଅକୁ ପରିଚୟ କରେଇଦେଲା। ବୁଢ଼ୀ ଜୋଇଁକୁ ଦେଖି ଭାରି ଉସତ ହେଲା। ହେଲେ ଝିଅର ମନ ଭାରି ଦୁଃଖ। ସେ ଖାଲି ବାପା ତା' ପାଇଁ ହନୁ ମାଂକଡ଼ ବର ବାଛି ଆଣିଚି ବୋଲି ଜାଣି ଛିଂଡେଇ ରାଂପୁଡ଼ି ହଉଥାଏ। ବାପାକୁ କିଂତୁ କିଛି କହିବାର ସାହସ ତା'ର ନଥାଏ। ଖାଲି ମନ ମାରି ରହିଥାଏ। ବୁଢ଼ୀ ତା' ପରେ ଜୋଇଁକୁ କହିଲା—

"ଡଂଗର୍ ମାର୍‌ଲେ ରା
ନଇଲେ ମୁଲା କାନ୍ଦା"

ଅର୍ଥାତ: ଡଂଗର ମାରି ଚାଷ କଲେ ଯାଇ ଘରେ ରଂଧା ହବ ନହେଲେ ଭୋକରେ ମରିବା କଥା।

ଏମିତି କହି ବୁଢ଼ୀ ମାଂକଡ଼କୁ ଗୋଟିଏ ବୁଟି[9] ଟେଂଗିଆ[10] ଓ ଗୋଟିଏ କଡ଼କି[11] ଦେଲା ଆଉ କହିଲା, "ଯାଅ ଡଂଗରକୁ, ଡଂଗର ମାରି ଚାଷ କର। ନହେଲେ ତମେ ଖାଇବ କଣ ? ତମ ମାଇପକୁ ପୁଣି ଖୁଏଇବ କଣ ?" ବୁଢ଼ୀ ମାଂକଡ଼କୁ ପରଖିବାକୁ ଡଂଗରକୁ ପଠଉଥାଏ। କାମ ଯଦି ନକରିବ, ତା' ହେଲେ ସେ ଘରଜୋଇଁ ପୁଣି କେମିତି ହବ ? ପ୍ରଥମରୁ ପରୀକ୍ଷା କରିଦେଲେ କାମ ଫତେ। ଯଦି କାମିକା ନହେଇଥିବ-ତା' ହେଲେ ଆଉ ଜଣେ କାହାକୁ ଅଣାଯାଇପାରେ। ଝିଅର କିଂତୁ ମାଂକଡ଼ ବରକୁ ଦେଖିବା ପରେ ମନ ଭାରି ଦୁଃଖ ହେଇଥାଏ। ସେ ଖାଲି ଆପଣା କରମକୁ ନିଂଦୁଥାଏ।

ବୁଢ଼ୀ କହିବା ପରେ ଏଣେ ମାଂକଡ଼ ନିଜର ଯୋଗ୍ୟତା ପ୍ରମାଣିତ କରିବାକୁ ବଣକୁ ବୁଟି ଟାଂଗିଆ ଓ କଡ଼କି ଧରି ଚାଲିଲା। ପେଜ ବେଲା[12] ଯେମିତି ପାଖେଇ ଆସିଲା, ବୁଢ଼ା ବୁଢ଼ୀ ଝିଅକୁ ପେଜ ନେଇ ଦେବା ପାଇଁ କହିଲେ। ଯେ କିଂତୁ ମାଂକଡ଼ ବରକୁ ଗୁଡ଼ାଏ ବାଛିଲା। ଆଉ ସେଠିକି ତା' ପାଖକୁ ଯିବନି କହିଲା।

ତେଣେ ମାଂକଡ଼ ବି ପେଜ ନେଇ ଆସିବ ବୋଲି ତା' ସ୍ତ୍ରୀ ବାଟକୁ ଚାହିଁ ଅନେକ ସମୟ ଅପେକ୍ଷା କଲା। ହେଲେ ସେ ଯେତେବେଳେ ନଆସିଲା, ସେ ମନେ ମନେ ଭାରି ଦୁଃଖ କଲା। ଏବଂ ଅଭିମାନବଶତଃ ଆଉ ତା' ଶ୍ୱଶୁର ଘରକୁ ନଫେରି ସେଇଠି ସେ ଡଂଗର ଉପରେ ମଂଚାଟେ ଗଢ଼ି ରହିଲା। ବଣର ମୂଳ ଖାଏ। ଝରଣାର ପାଣି ପିଏ। ଝିଅ ସିନା ମାଂକଡ଼ ରୂପକୁ ନେଇ ଗୁଣର ବିଚାର କରୁଥାଏ, ହେଲେ ମାଂକଡ଼ ଯେ ଅଲୌକିକ କ୍ଷମତାର ଅଧିକାରୀ, ସେ କଥା ବୁଢ଼ା ବୁଢ଼ୀ ସଂଜରେ ଡଂଗରକୁ ଯାଇ ବୁଝି ପାରିଲେ। କାଇଁକିନା ସଂଜରେ ଏମାନେ ଦିହେଁ ଜୋଇଁର ଯୋଗ୍ୟତା ପରଖିବାକୁ ଯାଇ ଦେଖିଲେ ଜୋଇଁ ବୁଟି ଟାଂଗିଆରେ ଚୋଟେ ପକାଇଲେ ଏକା ସାଂଗରେ ଶହ ଶହ ଗଛ ଟଳି ପଡୁଛି। କଡ଼କିରେ ଥରେ ମାଟିକି ହାଣିଲେ- ଗୁଡ଼ାଏ ଜମି ଖୋଳି ହୋଇ ଯାଉଚି। ଜୋଇଁର ଏମିତି କ୍ଷମତା ଦେଖି ବୁଢ଼ା ବୁଢ଼ୀ ଠିକ୍ ଘରଜୋଇଁ ପାଇଚଂତି ଭାବି ମନେ ମନେ ଖୁସି ହେଲେ। ଆଉ ତା'କୁ ଘରକୁ ଯିବା ପାଇଁ ଡାକିଲେ। ମାଂକଡ଼ କିଂତୁ କହିଲା, "ଆଜି ତ ସେ (ଝିଅ) ପେଜ ନେଇ ଆସିଲାନି। ତେଣୁ ମୁଁ ବୁଝିଲି ଯେ, ସେ ମତେ ପସଂଦ କରୁନି। ତେବେ ମୁଁ ଆଉ ସେଠିକି ଯିବା କି ଲୋଡ଼ା ? ମୁଁ ଆଉ କେବେ ତମ ଘରକୁ ଯିବିନି। ଯଦି ସେ ନିଜେ ଏଠିକି ଆସିବ, ତା' ହେଲେ ମୁଁ ବୁଝିବି ଯେ, ତା ମନ ବଦଳିଚି ଏବଂ ସେ ମତେ ମନ କରୁଚି ବୋଲି।" ତଥାପି ବୁଢ଼ା ବୁଢ଼ୀ ଅନେକ ଅନୁରୋଧ କଲେ। ସେ କିଂତୁ ଆସିବାକୁ ମନା କରିଦେଲା।

ବୁଢ଼ା ବୁଢ଼ୀ ଘରକୁ ଗଲେ। ଝିଅକୁ ଯାଇ ଆଉରି ଅନେକ ବୁଝେଇଲେ ଜୋଇଁକୁ ପେଜ ନେଇ ଦେବାକୁ। ତଥାପି ସେ ବୁଝିଲାନି।

ବୁଢ଼ା ବୁଢ଼ୀ କିଂତୁ ନିତି ତାଂକ ଜୋଇଁର ଡଂଗରକୁ ଯାଂ'ତି। ସେଠି ସେ ଯାହା ଫସଲ କରିଥାଏ ସବୁ ଦେଖଂତି ଓ କେବେ ଜନା[13] କେବେ କୁମଡ଼ା[14] କେବେ କାକୁଡ଼ି ଆଦି ଜଂଗଲରୁ ଆଣଂତି ଓ ଝିଅକୁ ଜୋଇଁର ଡଂଗର କେମିତି ସୁନ୍ଦର ହେଇଚି ସେ କଥା କହଂତି। ଝିଅ ନିତି ବାପା ମାଂ'କ ମୁହଁରୁ ନିଜ ମାଂକଡ଼ ବରର ପ୍ରଶଂସା ଶୁଣେ ଆଉ ସେମାନେ ଡଂଗରରୁ ଯାହା ଆଣିଥାଂତି, ସେସବୁ ଖାଏ। ଜନା ତ ଭାରି ମିଠା ଲାଗେ। କୁମୁଡ଼ା ତ ମଉଁ ତେଲଠୁ[15] ଆଉରି ମଧୁର ଲାଗେ। ଫୁଟି କାକୁଡ଼ି ବି ଆହୁରି ସୁଆଦିଆ ଲାଗେ। ଏଇ ଫଳଗୁଡ଼ିକର ସୁଆଦରୁ ସେ ଧିରେ ଧିରେ ବୁଝିବା ଆରମ୍ଭ କରିଥାଏ ଯେ, ତା' ବରଟା ରୂପର ନହେଲେ ବି ଗୁଣର ନିଶ୍ଚୟ। ବୁଢ଼ା ବୁଢ଼ୀ ବି ନିତି

ଡଂଗରରୁ ଫେରି ବୋଇଁର ଗୁଡ଼ାଏ ପ୍ରଶଂସା ଝିଅ ସାମ୍ନାରେ କରଂତି। ଆଉ ଝିଅକୁ ବୁଝାଂତି ଯେ, "ମା'ଲୋ! ଦେଖ କେତେ ଦିନ ହେଲାଣି ବୋଇଁ ଏଠିକି ଆସିଚଂତି। ହାଡ଼ଭଂଗା ପରିଶ୍ରମ କରି ଡଂଗର ମାରି କେତେ ରକମ ଫସଲ ପଚଉଚଂତି। ତେଣୁ ଆଉ କେତେ ଦିନ ଏମିତି ଅଭିଆଡ଼ୀ ହେଇ ରହିବୁ କହିଲୁ? ତେଣୁ ତୁ ଥରେ ଖାଲି ଡଂଗରକୁ ତା ପାଖକୁ ପେଜ ନେଇ ଯା। ତତେ ଦେଖିଲେ ସେ ନିଶ୍ଚୟ ଘରକୁ ବାହୁଡ଼ିବ। ଆଉ ତା' ପରେ ଆମେ ତମ ଦିହିଂକ ବାହା କରେଇଦେବୁ।" ବୁଢ଼ା ବୁଢ଼ୀର କଥାରେ ବହୁତ କଷ୍ଟରେ ଝିଅ ରାଜିହେଲା।

ପେଜବେଳା ହେଲା ଯେମିତି ବୁଢ଼ା ବୁଢ଼ୀ ତାକୁ ଡଂଗରକୁ ପେଜ ଦେଇ ପଠେଇଲେ। ଝିଅ ପେଜ ନେଇ ଡଂଗରକୁ ଗଲା। ଦୂରରୁ ଡଂଗରରେ ହେଇଥିବା ଫସଲ ଦେଖି ତା' ମନ ଭାରି ଖୁସି ହେଇ ମନେ ମନେ ଖାଲି ତା' ବରର ପାରିଲା ପଣକୁ ପ୍ରଶଂସା କରୁଥାଏ। ହେଲେ ବେଳେବେଳେ ତା'ର ମାଂକଡ଼ ରୂପ ଯା'ମନରେ କଷ୍ଟ ଦଉଥାଏ। ଧୀରେ ଧୀରେ ଡଂଗର ପାଖରେ ପହଂଚି ଏଣେ ତେଣେ ଖୋଜିଲା ତା' ମାଂକଡ଼ ବରକୁ। ଆଗରୁ ତ ସେ କେବେ ଆସି ନଥିଲା ଡଂଗରକୁ। ତେଣୁ ସେ କୋଉଠି ରହୁଚି, ଯାକୁ ସେ କଥା ଜଣାନଥାଏ। ଏଣେ ତେଣେ ଆଖି ଘୂରଉ ଘୂରଉ ତା' ଆଖି ଯାଇ ଗୋଟେ ମଂଚାତଳେ ଅଟକି ଗଲା। ସେ ଦେଖିଲା ମଂଚାତଳେ ନିଆଁ କୁହୁଳି କୁହୁଳି ଜଳୁଚି। ଆଉ ତା' ପାଖରେ ତା' ବର ଆସି ଝୁଡ଼ୁଂଗ ପୋଡୁଚି। ଯେ ତ କେବେ କଥା ହେଇନଥାଏ ସାଂଗରେ। କ'ଣ ବୋଲି ଡାକିବ? କେମିତି ଧାଂଗଡ଼ୀ ହେଇ ଆଗ କଥା କହିବ ଭାବି ଖଂଡିକାଶ ମାରିଲା ତା' ଉପସ୍ଥିତିକୁ ସୂଚେଇବା ପାଇଁ। କାରଣ ମାଂକଡ଼ ତା' ଝୁଡ଼ୁଂଗ୍ ପୋଡ଼ାରେ ଏତେ ବ୍ୟସ୍ତ ଥାଏ ଯେ, ଯା ଉପରେ ତା'ର ନଜର ବି ପଡ଼ିନଥାଏ। ଖଂଡିକାଶ ଶୁଣି ସେ ଯେତେବେଳେ ମୁହଁ ବୁଲାଏ, ଦେଖିଲା ତା'ର ଜନିଆଁକୁ। ଆଶ୍ଚର୍ଯ୍ୟ ହେଇଗଲା ମନେ ମନେ। ତା' ପରେ ତା'କୁ ମଂଚା ତଳକୁ ଡାକିଲା। ପୋଡ଼ା ଝୁଡ଼ଂଗର ମଂଜି ଛଡ଼େଇ ତାକୁ ଖାଇବାକୁ ଦେଲା। ଆଉ ପଚାରିଲା, "ମୁଁ ହନୁ ମାଂକଡ଼ ବୋଲି ତୋ' ମନରେ ଭାରି ଦୁଃଖ ନାଁ?" ଝିଅ 'ହଁ' କଲା। ତା' ପରେ ହନୁ କିଛି ନକହି ତା' ହନୁ ଖୋଳଟି ବାହାର କରିଦେଲା। ଝିଅ ଦେଖିଲା ବେଳକୁ ହନୁ ଖୋଳ ଭିତରୁ ସୁନ୍ଦର ଧାଂଗଡ଼ାଟିଏ ବାହାରିଲା। ଝିଅକୁ ଏସବୁ ଯାଦୁ ବିଦ୍ୟା ଭଳି ମନେ ହେଲା। ସେ ପଚାରିଲା, "ତମେ କ'ଣ ସତରେ ହନୁ ମାଂକଡ଼ ନୁହଁ?" ଧାଂଗଡ଼ା କହିଲା, "ନାଁ, ତୋ ମନ ବିଡ଼ିବା ପାଇଁ ଏସବୁ କରିଥିଲି। ସେତେବେଳେ ସିନା ମାଂକଡ଼ ବୋଲି ରାଜି ହଉ ନଥିଲୁ, ବାହା ହେବାକୁ ଏବେ ରାଜି ତ?" ଝିଅ ଲାଜୁଆ ହସ ହସି କହିଲା "ହଁ।"

---

1. ଧାଂଗଡ଼ୀ: ଯୁବତୀ 2. ଜଲା: କନ୍ୟା ସୁନା 3. ଡକ୍ରୀ: ବୁଢ଼ୀ 4. ନେବା: ବିବାହ କରିବା 5. ଉଦ୍‌ଲିଆ: ରାକ୍ଷସ ବିବାହ 6. ଗୋଡି: ଚାକର 7. ଡ଼ାବୁ: ପଇସା 8. ବବୁ: ବଡ଼ ବାପା 9. ବୁଟି: ଛୋଟ 10. ଟେଂଗିଆ: ଟାଂଗିଆ 11. କଡ଼କି: କୋଦାଳ 12. ପେଜ ବେଳା: ମଧ୍ୟାହ୍ନ ଭୋଜନ ସମୟ 13. ଜନା: ମକା 14. କୁମୁଡ଼ା: ବୋଇତି କଖାରୁ 15. ମଇଁତେଲ: ମହୂ।

ଗୋଇ କଥା

ଗୋଟିଏ ଗାଁରେ ବୁଢ଼ାଟିଏ ବୁଢ଼ୀଟିଏ ଥା'ନ୍ତି । ସେମାନଂକର ଗୋଟିଏ କୁକୁର ଥାଏ । ବୁଢ଼ା ବୁଢ଼ୀ ନିତି ସକାଳ ହେଲେ ଡ଼ଂଗରକୁ[1] କାମ କରିବାକୁ ଯାଆଂତି, ଆଉ ତାଂକ ଆଗରେ କୁକୁରଟି ମଧ୍ୟ ଯାଏ ।

ଥରେ ସେମାନେ ଏମିତି ଡଂଗରକୁ ଗଲା ବେଳେ କୁକୁର ଦେଖିଲା ଗୋଇଟିଏ[2] ଯାଉଚି । କୁକୁର ଗୋଇଟିକୁ ଧରିବାକୁ ତା' ପଛେ ପଛେ ଭୁକି ଭୁକି ଧାଇଁଲା । ଗୋଇଟା ଠିକ୍ ତା' ଗାତ ଭିତରକୁ ପଶିଲା ବେଳକୁ କୁକୁର ଯାଇ ତା' ଲାଂଗୁଡ଼କୁ କାମୁଡ଼ି ଧରିଲା । ଗୋଇଟା ବଳ କଷିଲା ଗାତ ଭିତରକୁ ପଶିବା ପାଇଁ । ଦିହେଁ ଏମିତି ବଳ କଷା କଷି ହଉଥା'ନ୍ତି । ବୁଢ଼ା ଭାବିଲା ଗୋଇଟା ତା' କୁକୁରକୁ ଗାତ ଭିତରକୁ ଟାଣି ନେଇଯିବ ବୋଲି । ତେଣୁ ସେ ଯାଇ କୁକୁରର ଲାଂଜକୁ ଯୋରରେ ଟାଣିଲା । ବୁଢ଼ୀ ଦେଖିଲା ବୁଢ଼ା କୁକୁରକୁ ଟାଣି ଟାଣି ଝାଳନାଳ ହେଇ ଗଲାଣି । ସେ ବି ଯାଇ ବୁଢ଼ାର ଅଂଟା ସୂତାକୁ ଧରି ଟାଣିଲା ଯୋରରେ । ଏମିତି ଟଣାଟଣି ଚାଲିଲା କିଛି ସମୟ । ଗୋଇର ଅବସ୍ଥା ସାଂଘାତିକ । ତେଣୁ ସେ ହଗିଦେଲା, କୁକୁର ପାଟିରେ । କୁକୁର ବୁଢ଼ା ଦେହରେ, ବୁଢ଼ା ବୁଢ଼ୀ ଦେହରେ । ବୁଢ଼ା ଛାଡ଼ିଦେଲା କୁକୁର ଲାଂଜ ଆଉ ବୁଢ଼ୀ ଛାଡ଼ି ଦେଲା ବୁଢ଼ାର ଅଂଟା ସୂତା । ତା' ପରେ ଗୋଇ ପ୍ରାଣ ବିକଳରେ ପଶିଗଲା ତା' ଗାତ ଭିତରକୁ ।

---

1. ଡଂଗର : ପାହାଡ଼ 2. ଗୋଇ : ଗୋଧି ।

ବୈରାଗୀ କଥା

ଗୋଟିଏ ଗାଁରେ ଭାଇଟିଏ ଭଉଣୀଟିଏ ଥାଂ'ତି। ସେମାନେ ଭାରି ଗରିବ। ତେଣୁ ବଡ଼ କଷ୍ଟରେ ଚଳୁଥାଂ'ତି। ଡଂଗର[1] ବେଡ଼ା[2] କିଛି ନ ଥାଏ ବୋଲି ସେମାନେ ଯା'ତା ମାଣ୍ଡିଆ କ୍ଷେତକୁ ଯାଇ ସିଲରୀ, କେନା[3] ଆଉ କେତେ ରକମର ଶାଗ ତୋଳି ଆଣି ନହେଲେ ବଣରୁ ପିଟ୍ କଂଦା ଖୋଳି ଆଣି ନହେଲେ ଆମ୍ବ ଦିନେ ଆମ୍ବଟାକୁଆକୁ ଝରଣାରେ ବତୁରେଇ ତା'ର କଷା ପାଣି ସବୁ ଧୋଇ ହେଇଯିବା ପରେ ତା'କୁ କୁଟି ପେଜ କରି ପିଇ ଚଳଂତି। ମହୁଲ ଦିନେ ମହୁଲ ଟୋଲା[4] ଗୋଟେଇ ତା'କୁ ହାଟରେ ବିକି ଯୋଉ ଦି ପଇସା ପାଆଂତି, ସେଥିରେ ଚଳଂତି।

ଥରେ ହାଟରେ ମହୁଲ ଟୋଲା ବିକି ଭାଇ ଚାରିଅଣା ପଇସା ପାଇ ସେଥିରେ ସାନ ବିଲେଇଟିଏ କିଣିଲା। ଆଉ ଦିନେ ଆଉ ଚାରିଅଣା ପଇସା ଜିନିଷ ପତ୍ର ବିକା ବିକି କରି ମିଳିବାରୁ ସେଥିରେ କୁକୁରଟେ କିଣିଲା। ଦି ଭାଇ ଭଉଣୀ କୁକୁର ଆଉ ବିଲେଇକି ନିଜଘର ଲୋକ ପରି ସ୍ନେହ ଦେଇ ରଖିଲେ। କୁକୁର ବିଲେଇ ବି ତାଂକଠି ପୋଷା ମାନିଥାଂ'ତି। କୁକୁର ଏମାନଂକ ସାଂଗରେ ନିତି ବଣକୁ ଯାଇ କେବେ ଖାଡ଼ା[5] ପିଲାଟେ, କେବେ ହରିଣ କି କୁଟ୍ରା ପିଲାଟେ ଗୋଡ଼େଇ ଗୋଡ଼େଇ ଧରେ। ଆଉ ତା' ସାଉକାର ଘର ଲୋକଂକୁ ଦିଏ। ମାଉଁସ କଟା ହେଲା ପରେ ବିଲେଇ କୁକୁରକୁ ଦି ଭାଗ ଦେଇ ବାକି ମାଉଁସ ଏମାନେ ଖାଆଂତି।

ଏମାନଂକର ଏମିତି କଷ୍ଟ ସରଗରେ ଥାଇ ଆଉ ଦେଖି ନପାରି ଦିନେ ମାହାପ୍ରଭୁ ଏମାନଂକ କୁଡ଼ିଆ ପାଖକୁ ଗୋଟେ ଡ଼କ୍ରା[6] ବେଶରେ ଆସି ଗୋଟେ ମୁଦି ଦେଇ ଚାଲିଗଲେ। ମୁଦିଟା ଘରେ ରଖିବା ପରେ ଯାଂକ ଘରେ ସୁନାବାନା[7] ଧନ ସଂପତ୍ତି ଭର୍ତ୍ତି ହେଇଗଲା। ସେମାନେ ସାଉକାର ହେଲା ପରେ ସୁଖରେ ଖାଇ ପିଇ ରହିଲେ। ଦି ଭାଇ ଭଉଣୀ ସାଉକାର ହେବା ପରେ ଗାଁର ନଇବା ଲୋକ୍[8] ମାନଂକୁ ସାହାଯ୍ୟ କଲେ। ଯିଏ ଯାହା ମାଗିଲା ତା'କୁ ଦେଲେ। ହେଲେ ମୁଦିଟାକୁ ମାହାପ୍ରଭୁ ପରି ପୂଜା କରୁଥାଂ'ତି।

ଦିନେ କୁଆଡୁ ବୈରାଗୀଟେ ତାଂ'କ ଘର ଦୁଆରକୁ ଆସି ଭିକ ମାଗିଲା। ଏମାନେ କଣ ନବ ବୋଲି ପଚାରିବାରୁ ସେ କହିଲା, ''ତମ ଘରେ ଯୋଉ ମୁଦିଟା ରଖି ପୂଜା କରୁଛ ସେଇଟା ମୋର ଦରକାର।'' ଦି ଭାଇ ଭଉଣୀ ମୁଦିଟା ଛଡ଼ା ବାକି ଯାହା ମାଗିଲେ ଦବୁ ବୋଲି କହିବାରୁ ବୈରାଗୀ ରାଗରେ ତମ ତମ ହେଇ ସେଠୁ ସେଦିନ ପଳେଇଲା। ଆଉ ଦିନେ ଏମାନେ ଦିଜଣ ଆଉ କୁକୁର ବିଲେଇ କେହି ବି ଘରେ ନଥିଲା ବେଳେ ଆସି ମୁଦିଟାକୁ ଚୋରିକରି ନେଇଗଲା।

ଏମାନେ ଘର ପାଖକୁ ଆସି କିଛି ଚିହ୍ନି ପାରିଲେନି। କାରଣ ତାଂକର ଯୋଉ ବଡ଼ଘର ଥିଲା ତା' ଜାଗାରେ ସେଠି ତାଂକର ଆଗର ଫଟାଟୁଟା[9] କୁଡ଼ିଆଟା ଥାଏ। ସେମାନେ ଏସବୁ ଦେଖି ବୁଝିଲେ ଯେ ମୁଦିଟା ନିଶ୍ଚୟ ବୈରାଗୀ ଆସି ଚୋରି କରି ନେଇ ଯାଇଚି। ହେଲେ ବୈରାଗୀକି

ସେମାନେ ଯାଇ ଦେଖିବେ କୋଉଠି ? ଅତଏବ କର୍ମକୁ ଆଦରି ଆଗପରି ଗରିବ ହେଇ ଚଳିଲେ । କୁକୁର ବିଲେଇ ଆଗରୁ ଯେମିତି ସୁଂଦର ସୁଂଦର ଖାଇବା ଜିନିଷ ଖାଇ ଆରାମରେ ରହୁଥିଲେ, ସେକଥା ଆଉ ହେଲାନି । ଦିହେଁ ଖାଇବାକୁ ନପାଇ ଶୁଖି କଂଟା ହେଇଗଲେ । ସାଉକାର ଘର ଅବସ୍ଥା ଦେଖି ସେମାନେ ମନେ ମନେ ପ୍ରତିଜ୍ଞା କଲେ ଯେ, ଯେମିତି ହେଉ ବୈରାଗୀକି ଠାବ କରି ସେମାନେ ତା'ଠୁ ମୁଦିଟା ନେଇ ଆସିବେ ।

ତା'ପରେ ଦିହେଁ ଶୁଂଘି ଶୁଂଘି ବଣ ପାହାଡ଼ ନଇ ନାଳ ଡ଼େଇଁ ଯାଇ ବୈରାଗୀ ଘର ପାଖରେ ପହଂଚିଲେ । ପହଁଚିବା ପରେ ବିଲେଇ କୁକୁରକୁ କହିଲା, "ତୁ ଏଠି ଜଗିଥା, ମୁଁ ଭିତରକୁ ଯାଇ ମୁଦିଟା ଯେମିତି ହେଲେ ନେଇକରି ଆସିବି ।" କୁକୁର 'ହଁ'କଲା ।

ବିଲେଇ ତା'ପରେ ବୈରାଗୀ ଘରକୁ ପଶିଯାଇ ଦେଖିଲା ବୈରାଗୀ ଶୋଇଚି । ସେ ମନେ ମନେ ଖୁସି ହେଇ ମୁଦିଟାକୁ ଖୋଜିଲା । ମୁଦିଟା ବୈରାଗୀ ତା ମୁଂଡ ପାଖରେ ରଖି ଶୋଇଥାଏ । ବହୁତ ସମୟ ଖୋଜିବା ପରେ ବିଲେଇ ମୁଦିଟାକୁ ବୈରାଗୀର ମୁଂଡ ପାଖରୁ ପାଇ ବାହାରକୁ ଧାଇଁଲା । ପାଟିରେ ମୁଦିଟା ଧରିଥାଏତ । ତେଣୁ କୁକୁରକୁ ଆଉ ପାଟିରେ କିଛି ନକହି ଖାଲି ପଛରେ ଆସିବା ପାଇଁ ଠାରିଦେଇ ଧାଇଁଲା । ତା ପଛେ ପଛେ କୁକୁର ବି ଧାଇଁଲା ।

ଯାଉ ଯାଉ ବାଟରେ ଗୋଟେ ନଈ ପଡ଼ିଲା । ନଈରେ ପୁର୍[10] ଆସିଥାଏ । କୁକୁର ବିଲେଇ ଦିହେଁ ଯାକ ନଈ କୂଳରେ ଠିଆ ହେଇ ଭାବିଲେ କେମିତି ନଈ ପାରି କରିଯିବେ ବୋଲି । କିଛି ସମୟ ସେମିତି ଠିଆ ହେବା ପରେ ଦିହେଁ ପହଁରି ପହଁରି ଯିବେ ବୋଲି ସ୍ଥିର କରି ନଈକି କୁଦି ପଡ଼ି ପହଁରି ପହଁରି ସେ କୂଳକୁ ଯିବାକୁ ଚେଷ୍ଟା କଲେ । ହେଲେ ପହଁରୁ ପହଁରୁ ହଠାତ୍ ବିଲେଇର ପାଟିଟା ଖୋଲିଯାଇ ମୁଦିଟା ପାଣିରେ ପଡ଼ିଗଲା । ଆଉ ଦେଖୁ ଦେଖୁ ତାକୁ ମଂଗରଟେ[11] ଗିଳିଦେଲା । କୁକୁର ମଂଗର ପଛେ ପଛେ ପହଁରି ପହଁରି କିଛିବାଟ ଗଲା । ହେଲେ ତା'କୁ ଧରି ପାରିଲାନି ।

କୁକୁର ବିଲେଇ ଦିହେଁ ତା'ପରେ କୂଳକୁ ଆସି ନଈ ଖଂଡିରେ[12] ମଂଗରେ ଯୋଉ ଆଡ଼କୁ ପହଁରି ଯାଉଥାଏ, ସେ ଆଡ଼କୁ ଗଲେ । ବହୁତ ଦୂର ନଈ ଖଂଡିରେ ଏମିତି ଯିବା ପରେ ମଂଗର ପାଣିରୁ ବାହାରିଲା । ସେ ଯେମିତି ବାହାରିଚି କୁକୁର ତା'କୁ ମାଡ଼ି ବସିଲା । ଦିହିଂକ ଭିତରେ ବହୁତ ସମୟ ଯୁଦ୍ଧ ଚାଲିଲା । ହେଲେ ଶେଷରେ ମଂଗର ହାରିଗଲା । କୁକୁର ତା' ପେଟ ଫାଡ଼ି ମୁଦିଟା ତା' ପରେ କାଢ଼ି ଆଣିଲା ।

ଏଥର କୁକୁର ବିଲେଇ ମନଖୁସିରେ ସାଉକାର ଘରକୁ ଯାଇ ସେମାନଂକୁ ମୁଦିଟା ଦେଉ ଦେଉ ପୁଣି ତାଂକ ଘର ଦ୍ୱାର ସୁଂଦର ହେଇଗଲା ଏବଂ ସେମାନେ ପୁଣି ଥରେ ସାଉକାର ହେଇଗଲେ ।

କିଛି ଦିନ ପରେ ଭାଇ ତା' ଭଉଣୀ ପାଇଁ ଭଲ ଧାଂଗଡ଼ାଟେ[13] ବାଛି ତା'କୁ ଘରଜୁଆଁଇ କରି ନିଜ ଘରେ ରଖିଲା । ନିଜେ ବି ସୁଂଦର ଧାଂଗଡ଼ୀଟେ[14] ବାହା ହେଇଗଲା ।

---

1. ଡ଼ଂଗର : ପାହାଡ଼ 2. ବେଡ଼ା : ଜମି 3. ସିଲରୀ, କେନା : ଦୁଇଟି କିସମର ବଣୁଆ ଶାଗ 4. ଟୋଲା : ମହୁଲ ମଞ୍ଜି 5. ଖାଡ଼ା : ଠେକୁଆ 6. ଡକ୍ରା : ବୁଢ଼ା 7. ସୁନାବାନା : ଗହଣା ଗାଣ୍ଠି 8. ନଇବା ଲୋକ : ଗରିବ ଲୋକ 9. ଫଟା ଚୁଟା : ଭଂଗାରୁଜା 10. ପୁର୍ : ବଢ଼ି 11. ମଂଗର : କୁଂଭୀର 12. ନଈ ଖଂଡିରେ : ନଈ କୂଳରେ 13. ଧାଂଗଡ଼ା : ଯୁବକ 14. ଧାଂଗଡ଼ୀ : ଯୁବତୀ ।

ଜାତିର ସୃଷ୍ଟି

ଗୋଟିଏ ଗାଁରେ ପାଂଚ ଭାଇ ରହୁଥା'ନ୍ତି । ତାଂକର ଭଉଣୀଟିଏ ଥାଏ । ଦୁଃଖେ ସୁଖେ ଚଳିଯାଉଥା'ନ୍ତି । କିଂତୁ ଧୀରେ ଧୀରେ ଭାଇମାନଂକ ଭିତରେ ଆଉ ପଡ଼ିଲାନି । ତେଣୁ ସେମାନେ ଠିକ୍ କଲେ ଏକା ଜାଗାରେ ନରହିବା ପାଇଁ । ଅତଏବ ସମସ୍ତେ ବିଭିନ୍ନ ଦିଗକୁ ଗଲେ । ଭଉଣୀ ବି ଗୋଟିଏ ଭାଇ ସାଂଗରେ ଗଲା । ଭଉଣୀ ଯୋଉ ଭାଇ ସାଂଗରେ ଗଲା, ସେମାନେ ଯାଇ ଯାଇ ଗୋଟିଏ ବଣରେ ପହଂଚିଲେ । ସେଠି କୁଡ଼ିଆଟିଏ ତିଆରି କରି ଦିହେଁ ସେ ଘରେ ରହିଲେ । ସେମାନଂକ ସାଂଗରେ କୁକୁରଟିଏ ଥାଏ । କୁକୁର ସାଂଗରେ ଭାଇ ନିତି ବଣକୁ ଶିକାର କରିବାକୁ ଯାଏ । ଭାଇ ଯିବା ପରେ ଭଉଣୀ ଦେହରୁ ଲୁଗା କାଢ଼ିଦେଇ କାମ କରେ । ଭାଇ ସଂଜରେ ବଣରୁ ଫେରିବା ବେଳକୁ କୁକୁର ଆଗ କୁଡ଼ିଆ ପାଖକୁ ଆସେ । ଆଉ ତା'କୁ ଦେଖି ଭଉଣୀ ଲୁଗା ପିଂଧିପକାଏ । ହେଲେ ହଠାତ୍ କୁକୁରଟିକୁ ବାଘ ଖାଇଦେଲା । ଭାଇ କିଂତୁ ପୂର୍ବ ପରି ସକାଳୁ ବଣକୁ ଗଲା ଓ ଭଉଣୀ ବି ପୂର୍ବ ଅଭ୍ୟାସକୁ ନେଇ ଦେହରୁ ଲୁଗା କାଢ଼ିଦେଇ ଘର କାମ କଲା । ସଂଜବେଳେ ଭାଇ ବଣରୁ ଫେରିଲା ବେଳକୁ ଦେଖିଲା ଭଉଣୀ ଦେହରୁ ଲୁଗା କାଢ଼ିଦେଇ ଘରକାମ କରୁଚି । ତେବେ ନିଜ ଆସିବା ସଂପର୍କରେ ଭଉଣୀକୁ କେମିତି ସୂଚନା ଦେବ ବୋଲି ବହୁତ ଚିଂତା କରି ଭାଇ ଶେଷରେ ଧନୁରେ କାଂଡ ଯୋଖି ବିଂଧିଦେଲା । କାଂଡ ଯାଇ ଭଉଣୀ କଡ଼ରେ ମାଟିରେ ପୋତି ହେଇଗଲା । କାଂଡକୁ ଦେଖି ଭଉଣୀ ଜାଣିଲା ଯେ, ଭାଇ ଆସିଲା ଓ ତା'କୁ ଏମିତି ଉଲଗ୍ନ ଅବସ୍ଥାରେ ଦେଖିଲା । ତେଣୁ ସେ ଧାଇଁଲା ସାମନାର ନଈ ଆଡ଼କୁ । ଭଉଣୀ ଧାଇଁବାର ଦେଖି ଭାଇ ବି ତା' ପଛେ ପଛେ ଧାଇଁଲା । ଭଉଣୀ ସିଧା ନଈ ପାଖକୁ ଯାଇ ନଈରେ ଡେଇଁ ପଡ଼ିଲା ବେଳକୁ ଭାଇ ଯାଇ ତା' ମୁଂଡର ବାଳକୁ ଧରିପକାଇଲା । ହେଲେ ବାଳ ଗୋଛାକ ଭାଇ ହାତରେ ରହିଗଲା ସିନା, ଭଉଣୀ ନଈରେ ପଡ଼ି ଦୂରକୁ ଭାସିଗଲା । ଭାଇ ମନଦୁଃଖରେ ବାଳଗୋଛାକ ନଈ କୂଳରେ ଫିଙ୍ଗିଦେଲା । ସେଇ ବାଳ ଗୋଛାକ ସୁମ ବୁଟା[1] ହେଇଗଲା ।

ଭଉଣୀ ନଈରେ ଭାସି ଭାସି ଯାଇ ବଂଡା ଘାଟିରେ ଲାଗିଲା । ସେଠି ପାଂଚ ଭାଇ ଭିତରୁ ଜଣେ ଭାଇ [illegible] ରହୁଥାଏ । ସେ ଭଉଣୀକୁ ନଈରୁ ଉଦ୍ଧାର କଲା, ହେଲେ ସେ ଆଉ ଭଉଣୀକୁ ଚିହ୍ନି ପାରିଲାନି । କାରଣ ଭଉଣୀ ମୁଂଡରେ ବାଳ ନାହିଁ, କି ଦେହରେ ଲୁଗା ବି ନାହିଁ । ତେଣୁ ସେ ଦିହେଁ ଘରଦ୍ୱାର କରି ରହିଲେ ଓ ତାଂକ ବଂଶଧରମାନେ ବଂଡା ହେଲେ । ତା' ପରଠୁଁ ହିଁ ବଂଡା ଝିଅମାନେ ମୁଂଡରେ ବାଳ ରଖଂତି ନାହିଁ କି ଦେହରେ ଲୁଗା ପିଂଧଂତି ନାହିଁ ।

---

1. ସୁମ ବୁଟା : କୁଶ ବୁଦା ।

ମଲା ଲୋକ ଆଉ ବଂଚେନି

ଗୋଟିଏ ଗାଁରେ ବୁଢ଼ୀଟିଏ ଥାଏ । ତା'ର ଅଂଡ୍ରା[1] ମରିଯିବା ପରେ ସେ ଆଉ କାହାକୁ ନ ଯାଇ[2] ଏକା ତା' ପୁଅଟାକୁ ଧରି ଥାଏ । ତେଣୁ ସେ ହିଁ ଡଂଗର[3] କାମ କରିବାକୁ ଯାଏ । ବଣକୁ କଂଦା[4] ଖୋଜିବାକୁ ଯାଏ । ଦାରୁ[5] ଆଣିବାକୁ ଯାଏ । ଏମିତି ସବୁ କାମ ପୁଅ କରେ । ମା' ତା'ର ଘରେ ରହି ଖାଲି ଘରକାମ କରେ ।

ଦିନେ ପୁଅ ତା' ସାଂଗ ସହିତ ବଣକୁ କଂଦା ଆଣିବାକୁ ଯାଇଥାଏ । ସେଠିକି ଦିହେଁ ଶାବଳ ଆଉ କର୍ଲୀ[6] ଗୋଟେ ଗୋଟେ ସାଥିରେ ନେଇ ଯାଇଥାଂ'ତି । ତେଣୁ ବଣରେ ପହଂଚି ଦିହେଁଯାକ କଂଦା ଖୋଳିବା ଆରମ୍ଭ କଲେ । ସାଂଗ ଦେଖୁ ଦେଖୁ କର୍ଲୀରେ କର୍ଲୀଏ କଂଦା ଖୋଳି ପକାଇଲା ସିନା ବୁଢ଼ୀର ପୁଅ ଯେତେ ଖୋଳିଲେ ବି ତାକୁ ଗୋଟେ ହେଲେ କଂଦା ମିଳିଲାନି । ତଥାପି ସେ ଖୋଳିଲା । ଆଉ ଖୋଳି ଚାଲିଲା । ତାକୁ ଦେଖ୍ ତା' ସାଂଗ କହିଲା, ''ଆରେ ଭାଇ, ତୁ ତ ଯେତେ ଖୋଳିଲେ ବି ଗୋଟିଏ ବି କଂଦା ପାଉନୁ । ଏଣେ ବେଳ ବୁଡ଼ିବାକୁ ବସିଲାଣି । ତେଣୁ ଆ, ମୋ କର୍ଲିର କଂଦାକୁ ଦି'ବଂଟା[7] କରି ଦିହେଁ ଅଧା ଅଧା କଂଦା ନେଇ ଘରକୁ ଫେରିବା ।'' ବୁଢ଼ୀର ପୁଅ କିଂତୁ ମନା କରି କହିଲା, ''ମୁଁ ଏବେ ତୋ'ର ଅଧା କଂଦା ନେଇ ଘରକୁ ଯିବି ଯେ, ହେଲେ ତୁ ଯଦି ଏକଥା ଗାଁ ଲୋକଂକୁ କହିଦେବୁ, ତା' ହେଲେ ସେମାନେ ମତେ ଅପାରଗ ବୋଲି ଭାବିବେ । ତେଣୁ ତୁ ଯା, ମୁଁ ଯେତେ ରାତି ହେଲେ ବି ନିଜ ପାଇଁ ନିଜେ ଏଠୁ କଂଦା ଖୋଳିକି ନେଇ ଘରକୁ ଯିବି ।'' ତଥାପି ତା' ସାଂଗ ତା'କୁ ବହୁତ ବୁଝେଇଲା । କିଂତୁ ଯେ ମନା କରିବାରୁ ସେ ତା' କଂଦା କର୍ଲିକି ନେଇ ଘରକୁ ପଳେଇଲା ।

ସାଂଗ ଯିବା ପରେ ଯେ ଆହୁରି କଂଦା ଖୋଳିବାରେ ଲାଗିଲା । ହେଲେ ତା' ଭାଗ୍ୟକୁ ସବୁଠି କଂଦା ବଦଳରେ ପାକ୍ନା[8] ବାହାରୁଥାଏ । ଏମିତି ଏଠି ସେଠି କଂଦା ଖୋଳୁ ଖୋଳୁ ଗୋଟେ ଜାଗାରେ ପାକ୍ନାରେ ବାଜି ତା' ଶାବଳଟା ମଝିରୁ ଭାଂଗିଗଲା । ଶାବଳ ଭାଂଗିଯିବା ଦେଖ୍ ଯେ' ମନ ଦୁଃଖରେ ଶାବଳକୁ ଗୁହାରି କରି ବଂଦନା ଗୀତ ଗାଇଲା । ଶେଷରେ ଯା' ଦୁଃଖ ଆଉ ସହି ନପାରି ଶାବଳଟା ବି ଯୋଡ଼ି ହେଇଗଲା । ତା' ପରେ ଯେ' ପୁଣି କଂଦା ଖୋଳିବାକୁ ବସିଲା । ହେଲେ ଯୋଉଠି ବସିଥାଏ-ସେଠି ବିଷଚାଟି[9] ଗୁଡ଼ାଏ ଥାଂ'ତି । ଆଉ ଯେ' ତାଂକ ଉପରେ ପାଦ ପକେଇଦେଲା । ସେତେବେଳେ ଏକା ସାଂଗରେ ଗୁଡ଼ାଏ ବିଷଚାଟି ତା'କୁ କାମୁଡ଼ି ଦେବାରୁ ସେ ଚାଟି ବିଷରେ ସେଠି ପଡ଼ିଗଲା ଓ ମରିଗଲା । ତେଣେ ଏତେ ରାତି ହେଲାଣି- ଆଉ ଏଯାଏଁ ପୁଅ ତା'ର ବଣକୁ କଂଦା ପାଇଁ ଯାଇ କେମିତି ଫେରିଲାନି ବୋଲି ମା ଯାଇ ତା' ସାଂଗକୁ ପୁଅ ବିଷୟରେ ପଚାରିବାରୁ ସେ କହିଲା, ''ତୋ' ପୁଅ ଏ ଯାଏଁ ବି ବଣରେ କଂଦା ଖୋଳୁଚି ।'' ବୁଢ଼ୀ କିଂତୁ ଯା' କଥାରେ ବିଶ୍ୱାସ ନକରି ତା'କୁ ସାଂଗରେ ଡ଼ାକିଲା ବଣକୁ ଯାଇ ପୁଅକୁ ଖୋଜି ଆଣିବା ପାଇଁ ।

ତା' ପରେ ଦିହେଁ ବଣକୁ ଅଂଧାରରେ ଯାଇ ଏମାନେ ସକାଳେ କଂଦା ଖୋଳୁଥିବା ଜାଗାରେ ଯାଇ ଏପଟେ ସେପଟେ ଅଣ୍ଡଲା ଅଣ୍ଡଳି କରି ଗୋଟେ ଜାଗାରେ କିଛି ଗୋଟେ ପଡ଼ିଥିବାର ଅନୁଭବ କରି ଦେଖିଲା ବେଳକୁ ସେଠି ବୁଢ଼ୀର ପୁଅ ମରି ପଡ଼ିଚି। ପୁଅ ମରି ଯାଇଥିବାର ଦେଖି ବୁଢ଼ୀ ବହୁତ କାଂଦିଲା। ତା' ପରେ ଦିହେଁ ତା'କୁ ଗାଁକୁ ଟେକିନେଇ ଦାହ କରିଦେଲେ। ତା' ପରେ ତା'ର ବୁଦ୍ ଘର[10] କଲେ। ବୁଢ଼ୀ ତା' ଶକ୍ତି ମୁତାବକ ଗାଁ ଲୋକଂକୁ ଭୋଜି ଭାତ କରି ଖାଇବାକୁ ଦେଲା।

ପୁଅ ମଲା ପରେ ବୁଢ଼ୀ ବଡ଼ ଦୁଃଖରେ ଥାଏ। ତା'ର ତ ଆଉ ଦୁନିଆଁରେ ନିଜର ବୋଲି କେହି ନଥାଂ'ତି। ତେଣୁ ମନ ଦୁଃଖରେ କେତେବେଳେ ଖାଏ, କେତେବେଳେ ସେମିତି ଭୋକରେ ଶୋଇ ପଡ଼େ। ଦିନେ ରାତିରେ ବୁଢ଼ୀ ଶୋଇଚି ତାକୁ ତା' ପୁଅର ଡୁମା[11] ଆସି କହିଲା, "ମା, ମୋର କୁରାଢ଼ୀ, ଟାଂଗିଆ, ଶାବଳ, ଧନୁତୀର ଯାହା ସବୁ ଅଛି ମତେ ଦେଇ ଦେ।" ଏତିକି ଦେଖିବା ପରେ ବୁଢ଼ୀର ନିଦ ଚାଉଁକିନା ଭାଂଗିଗଲା। ସେ ଧଡ଼ପଡ଼ ହେଇ ଉଠି ବସି ଚାରିପଟକୁ ଚାହିଁଲା। କେହି ନାହିଁ। ସେ ତା' ପରେ ଭାବିଲା ତା' ପୁଅର ଡୁମା ଆସିଥିଲା ବୋଲି।

ତା' ପରଦିନ ତା' ପୁଅର ସାଂଗ ପାଖକୁ ଯାଇ ସେ ସବୁ କଥା କହିଲା। ତା' ସାଂଗ କିଂତୁ ସେସବୁ ବିଶ୍ୱାସ କଲାନି। ଆଉ ନିଜେ ରାତିରେ ବୁଢ଼ୀ ଘରେ ଶୋଇବ ବୋଲି କହିଲା।

ରାତିରେ ଖାଇ ପିଇ ସେ ବୁଢ଼ୀ ଘରକୁ ଯାଇ ସେଠି ବୁଢ଼ୀ ସାଂଗରେ ଶୋଇଲା। ଅଧ ରାତି ବେଳକୁ ତା' ସାଂଗର ଡୁମା ସତକୁ ସତ ଆସି ତା'କୁ ଉଠେଇଲା। ତାକୁ ଦେଖି ଯେ' ପୁରା କାବା ହେଇଗଲା। ତା' ପରେ ସାଂଗର ଡୁମାକୁ କହିଲା, "ସାଂଗରେ, ତୁ ମୋର କେତେ ଭଲ ସାଂଗ ଥିଲୁ। ହେଲେ ତୁ ତ ମରିଗଲୁ। ତୁ ମଲା ପରେ ମୋର ଆଉ କେହି ସାଂଗ ନାହାଂତି। ତେଣୁ ତୁ ସକାଳଯାଏ ଏଠି ଥା। ମୁଁ ଔଷଧ ପତ୍ର ଖୋଜିବାକୁ ଯାଉଚି। ସେସବୁ ଆଣି ତତେ ମୁଁ ନିଶ୍ଚୟ ବଂଚେଇଦେବି। ତା' ପରେ ପୁଣି ଆମେ ଦିହେଁ ସାଂଗ ହେଇଯିବା।" ଡୁମା'ହୁଁ'କଲା। ତା' ପରେ ଯେ' ଔଷଧ ପତ୍ର ଖୋଜିଲା।

ରାତି ପାହିବାକୁ ଆଉ ଅଳ୍ପ ସମୟ ବାକି ଅଛି ସେ ଔଷଧ ପତ୍ର ନେଇ ଆସି ତା' ସାଂଗର ଡୁମାକୁ 'ଅଛୁ ନା ନାଇଁ' ବୋଲି ପଚାରିବାରୁ ଡୁମା 'ହୁଁ' କଲା। ଡୁମା କହିଲା, "ମୁଁ ଭାବୁଚି ତୁ ବୋଧେ ଗୋଟେ ଔଷଧ ଆଣିନୁ।" ସାଂଗ ସବୁ ଆଣିଚି ବୋଲି କହିବାରୁ ଔଷଧ ପତ୍ର ଭିତରୁ ଡୁମା ଆସ୍ତେ ବାଡ଼ନି ମୁଠାଟା[12] ନେଇ ଲୁଚେଇ ଦେଇ କହିଲା, "ହଉ ହଉ, ଯଦି ସବୁ ଔଷଧ ଆଣିଚୁ ତା' ହେଲେ ମତେ ବଂଚେଇ ଦେ।" ସାଂଗ ତା' ପରେ ସବୁ ଔଷଧ ପତ୍ର ସଜେଇବାକୁ ଯାଇ ଦେଖିଲା, ବାଡ଼ନି ମୁଠାଟା ନାହିଁ। ସେ ବାଡ଼ନି ମୁଠା ଖୋଜୁ ଖୋଜୁ ସକାଳ ହେଇଗଲା। ଆଉ ଡୁମା ତାକୁ "ମଲା ଲୋକ ଆଉ ବଂଚେନି" କହି କୁଆଡ଼େ ମାୟା ହେଇଗଲା।

---

1. ଅଣ୍ଡ୍ରା : ପତି 2. ନଯାଇ : ବିବାହ ନକରି 3. ଡଂଗର : ଚାଷଯୋଗ୍ୟ ପାହାଡ଼ 4. କଂଦା : ବଣୁଆଁ କଂଦମୂଳ 5. ଦାରୁ : କାଠ 6. କର୍ଲି : ଟୋକେଇ 7. ବଂଟା : ଭାଗ 8. ପାକ୍ନା : ପଥର 9. ବିଷ୍ଟଚାଟି : ବିଷ ପିଂପୁଡ଼ି 10. ବୁଦ୍‌ଘର : ଦଶାହ କର୍ମ 11. ଡୁମା : ଭୂତ 12. ବାଡ଼ନି ମୁଠା : ଛାଂଚୁଣି ମୁଠା।

କରପା ଡୁମା[1] କଥା
(ପିଠି କଣା ଭୂତ କଥା)

ଗୋଟିଏ ଗାଁରେ ବୁଢ଼ାଟେ ବୁଢ଼ୀଟେ ରହୁଥା'ନ୍ତି। ସେମାନଙ୍କର ଝିଅଟିଏ ଥାଏ। ଝିଅ ଯାହା ମାଗେ ବୁଢ଼ାବୁଢ଼ୀ ସବୁ ଦିଅନ୍ତି। ଦିନେ ବୁଢ଼ା ବୁଧବାର ହାଟକୁ ବାହାରିଥାଏ। ଝିଅ ବାପାକୁ ଗୁଡ଼ାଏ ଜିନିଷ ଆଣିବାକୁ କହିଲା। ବୁଢ଼ା 'ହଁ' କରି ହାଟକୁ ବାହାରିଲା। ବୁଢ଼ା ଯିବା ପରେ ଝିଅର ମନେ ପଡ଼ିଲା ପାଣି ଆଣିବାକୁ ତା'ର ଗୋଟେ ବାନା ଗାଗ୍ରୀ[2] ଦରକାର ଥିଲା। ହେଲେ ସେ ବାପାକୁ ସେକଥା କହିବାକୁ ଭୁଲିଗଲା। ମା'କୁ ଯେତେବେଳେ ଏ କଥା କହିଲା, ମା' କହିଲା, ''ଯା' ବାପା ତ ଏବେ ଗାଁ ମୁଣ୍ଡ ପାଖଯାଏଁ ଯାଇଥିବ। ତାକୁ କହିଦେବୁ ଯା।'' ଝିଅ ମା କଥାରେ ରାଜି ହୋଇ ଧାଇଁଲା ଗାଁ ମୁଣ୍ଡ ଆଡ଼କୁ। ହେଲେ ବାପାକୁ ଦେଖିପାରିଲାନି। ଆଉ ଟିକେ ଦୂର ଗଲା। ଗାଁର ମଶାଣି ପଡ଼ିଲା। ଆଗକୁ ଘଞ୍ଚ ବଣ ବାଟ ଦିଶୁନଥାଏ। ତେଣୁ ସେ ଆଉ ଆଗକୁ ନଯାଇ ବାପାତ ଏଇ ପାଖରେ ଚାଲୁଥିବ, ତେଣୁ ଜୋର୍‌ରେ ପାଟିକରି କହିଲେ ତା'କୁ ଶୁଭିବ ଭାବି କହିଲା—

ଓ ବାବା-ନିଫୁଲାଇ ମୁଙ୍ଗ
ବାନା ଗାଗ୍ରୀ ମୁଇଁ ସବ୍ରୁଙ୍ଗ

ଅର୍ଥାତ୍: ବାପା ! ମୋ ପାଇଁ ଗୋଟେ ବାନା ଗାଗ୍ରୀ ହାଟରୁ ଆଣି ଦେ।

ବୁଢ଼ା କିନ୍ତୁ ଅନେକ ଦୂରକୁ ଚାଲି ଯାଇଥାଏ। ତେଣୁ ସେ ଝିଅର କଥା ଶୁଣି ପାରିଲାନି। ହେଲେ ସେ ମଶାଣୀରେ କରପା ଡୁମାଟେ ଥାଏ। ସେ ଝିଅର କଥା ଶୁଣି 'ହୁଁ' କଲା। ଝିଅ ବାପା 'ହଁ' କଲା ବୋଲି ମନ ଖୁସିରେ ଘରକୁ ଫେରିଲା।

ରାତି ହେଲା-କରପା ଡୁମା ମଶାଣୀରେ ପଡ଼ିଥିବା ସବୁ ହାଣ୍ଡି ଗୋଟେଇ ଧରି ଚାଲିଲା ଝିଅ ଘରକୁ। ସେଠି ପହଂଚି ଠିକ୍ ଝିଅର ବାପାର ସ୍ୱରରେ ଡ଼ାକିଲା- ''ଆଲୋ ଝିଅ, ତୋ ପାଇଁ ବାନା ଗାଗ୍ରୀ ଆଣି ଦେଇଚି।'' ଝିଅ ବି ବାପା ଆସିଲା ଭାବି ପିଣ୍ଡାକୁ ଆସିଲା। ସେଠି କରପା ଡୁମା ବସିଥାଏ। ଝିଅର ମା' ପାଣି ଆଣି ଦେଲା। ଡୁମା ଗୋଡ଼-ହାତ ଧୋଇ ବସିଲା। ବୁଢ଼ୀ ଭାତ, ଶାଗ[3] ପେଜ[4] ସବୁ ଆଣି ଡୁମା ଆଗରେ ଥୋଇଲା। ଡୁମାର ମୁହଁ ଦିଶୁନଥାଏ। ଦିକ୍ ଦିକ୍ ହୋଇ ଦିଟା ମୁଟ୍‌ଲା[5] ଯୋଡ଼ା ହୋଇ ଜଳୁଥାଏ। ସେଥିରେ ଯାହା ଦିଶୁଥାଏ, କିଛି ବାରି ହେଉନଥାଏ। ଡୁମା ତା' ପରେ ଖାଇଲା। ହେଲେ ପିଠି କଣା ଦେଇ ସେ ସବୁ ପଛରେ ଗଦେଇ ହେଉଥାଏ। ଝିଅ କିନ୍ତୁ ଏକଥା ଦେଖି ପାରିଲା। ତା' ମନରେ ସଂଦେହ ହେଲା। ସେ ମା କାନ ପାଖରେ ଯାଇ ଫିସ୍ ଫିସ୍ କରି ସବୁ କଥା କହିଲା, ''ମା, ବାପାର ପିଠିରେ ଏମିତି କଣାତ ନଥିଲା ?'' ବୁଢ଼ୀ ଚମକି ପଡ଼ିଲା। ତା' ପରେ ହାଂଡି ଆଡ଼କୁ ଦେଖିଲା ବେଳକୁ ଫଟା ହାଣ୍ଡି। ବୁଢ଼ୀ ବୁଝିଲା—ଏଇଟା

କରପା ଡୁମା ବୋଲି। ଡରିଲେ ନିଶ୍ଚୟ ଖାଇଦେବ ଭାବି ଝିଅକୁ ଶିଖେଇଲା ପେଟ ମୋଡୁଚି ବୋଲି କହିବାକୁ। ଝିଅ ପେଟ ମୋଡୁଚି କହିବାରୁ ବୁଢ଼ୀ କହିଲା ଝାଡ଼ା ଯିବାକୁ। ଝିଅ କିଂତୁ ଜଣେ ଗଲେ ଡ଼ର ଲାଗିବ ବୋଲି କହିଲା। ବୁଢ଼ୀ ତ ମଉକା ଖୋଜୁଥିଲା। ସେ ଡୁମାକୁ କହିଲା, ‘‘ତମେ ଖାଉଥାଅ। ମୁଁ ଯାକୁ ଟିକେ ସାଂଗ ଦଉଚି।’’ ଡୁମା ହୁଁ କଲା। ବୁଢ଼ୀ ତା’ ପରେ ନିଆଁ ହୁଲାଟେ କରି ତା’କୁ ଘର ସାମ୍ନା ବାଡ଼ରେ ବାଂଧି ଦେଇ ଝିଅକୁ ସାଂଗରେ ନେଇ ଚାଲିଲା ଆଉ ଜଣକ ଘରକୁ।

ଡୁମା ଏଣେ ଅନେକ ବେଳ ଜଗି ଜଗି ଶେଷରେ ବିରକ୍ତ ହେଇ ହୁଲା ଯେଉଁଠି ଜଳୁଥିଲା ସେଠିକି ଯାଇ ହୁଲା ପଟକୁ ପିଠି କରି ଏଣେ ତେଣେ ପାଦରେ ଠିଆ ହେଇ ପଛକୁ ଅଂଟା ଭାଂଗି ଦେଖୁଚି, ହୁଲାଟା ପଶିଗଲା ତା’ ପିଠି କଣାରେ। ତା’ ପରେ ଡୁମା ନିଆଁରେ ପୋଡ଼ିଗଲା। ସକାଳ ହେବାରୁ ବୁଢ଼ୀ ଆଉ ତା’ ଝିଅ ଆସି ଦେଖିଲା ବେଳକୁ, ହୁଲା ନାଇଁ କି ଡୁମା ନାଇଁ। ଖାଲି ଭଂଗା ଖପରା ଦି’ଟା ପଡ଼ିଚି।

---

1. କରପା ଡୁମା : ପିଠିରେ ଗୋଟିଏ କଣାଥିବା ଭୂତ 2. ବାନା ଗାଗ୍ରୀ : ଉପରେ ଚିତ୍ର କରା ହୋଇଥିବା ହାଂଡି
3. ଶାଗ : ତରକାରୀ 4. ପେଜ : ମାଣ୍ଡିଆ ଚୁନାରେ ପ୍ରସ୍ତୁତ ଜାଉ 5. ମୁଟଲା : କାଠ ଗଡ଼ି।

ଲିଟି ଚଢ଼େଇ କଥା

ଥରେ ବୁଢ଼ାଟିଏ ତା ନାତୁଣୀ ଘରକୁ ଯାଉଥାଏ । ଗଲା ବେଳେ ବାଟରେ ତା'କୁ ବହୁତ ଶୋଷ ଲାଗିଲା । ତେଣୁ ସେ ଝରଣାକୁ ଯାଇ ନଇଁପଡ଼ି ଆଂଜୁଳାରେ ପାଣି ପିଇଲା ବେଳକୁ ତା ମଳଦ୍ୱାର ଦେଇ ଲିଟି[1] ଚଢ଼େଇଟିଏ ପେଟ ଭିତରକୁ ପଶିଗଲା । ବୁଢ଼ା କିଂତୁ ଏକଥା ଜାଣି ପାରିଲାନି । ଝିଅର ଝିଅ ଅର୍ଥାତ୍ ବୁଢ଼ାର ନାତୁଣୀ ଅଜାକୁ ଦେଖି ତା ବେକରେ ଆସି ଝୁଲି ପଡ଼ିଲା । ବୁଢ଼ା ତା'କୁ କାଖ କଲା ଯେମିତି, ଭିତରେ ଲିଟି ଚଢ଼େଇକୁ କାଟିଲା । ତେଣୁ ସେ ପେଟ ଭିତରେ ରଡ଼ିଲା । ନାତୁଣୀ ଲିଟି ରଡ଼ିବା ଶବ୍ଦ ଶୁଣି ମା'କୁ ଯାଇ କହିଲା, "ମତେ ଲିଟି ଚଢ଼େଇ କୋଉଠି ରଡୁଚି ଆଣି ଦେ । ମୁଁ ତା ସାଂଗରେ ଖେଳିବି ।" ତା' ମା କହିଲା, "କିଲୋ ଲିଟି କୋଉଠି ଅଛି ଯେ, ମୁଁ ତା'କୁ ଆଣିଦେବି ? ସେ ଲିଟି ଫିଟି କଥା ଛାଡ଼ି ଖେଳିବୁ ଯା' ଅଜା ସାଂଗରେ । ମୋର ଗୁଡ଼ାଏ କାମ ଅଛି ।" ନାତୁଣୀ ଆଉ କଣ କରିବ ? ମା ସାଂଗରେ ବେଶୀ ଲାଗିଲେ ସେ ପିଟିବ ଭାବି ପୁଣି ଅଜା ପାଖରେ ଯାଇ କାଖ ହେଲା । ପୁଣି ଲିଟି ଚଢ଼େଇ ରଡ଼ିଲା । ଏଥର ଅଜାକୁ ନାତୁଣୀ ଲିଟି ଚଢ଼େଇ ମାଗିଲା । ବୁଢ଼ା କହିଲା "କିଲୋ ନାତୁଣୀ ! ଲିଟି ଚଢ଼େଇ କୁଆଡୁ ଆଣିବି ?" ନାତୁଣୀ କହିଲା, "ହେଇ ଶୁଣୁଚ ।" ଲିଟି ପୁଣି ରଡ଼ିଲା । ନାତୁଣୀ ଏଥର କାଂଦି କାଂଦି ଗଡ଼ିଗଲା, ଲିଟି ଚଢ଼େଇ ଆଣି ଦିଅ ବୋଲି । ବୁଢ଼ା ମହା ଅଡୁଆରେ ପଡ଼ିଲା । ସେ ନାତୁଣୀକି ଯେତେ ବୁଝେଇଲେ ବି ସେ ଆଉ ବୁଝିଲାନି । ଏତିକି ବେଳକୁ ବୁଢ଼ାର ଝିଅ ଆସି ବୁଢ଼ାକୁ ଖାଇବାକୁ ଡ଼ାକିଲା । ବୁଢ଼ା ନାତୁଣୀକୁ ବୁଝେଇ ସୁଝେଇ ଖାଇ ବସିଲା । ବୁଢ଼ା ଖାଇବା ଆଗରୁ ତା' ଝିଅ କହିଲା, "ବାପା ସବୁ ତାତିଚି, ଦେଖିକି ଖାଅ ।" ଏକଥା ବୁଢ଼ା ପେଟରେ ଥାଇ ଲିଟି ଶୁଣିଲା । ତାତିବା କଥା ଶୁଣି ତା' ପିଳେହି ପାଣି । ବୁଢ଼ା ଯେମିତି ଭାତ ଗୁଂଡେ ଖାଇବାକୁ ପାଟି ଆଁ କଲା ଲିଟି ସେ ମଉକାରେ ପେଟରେ ଥିଲେ ପୋଡ଼ିଯିବ ଭାବି ଫୁର୍‌ର କରି ମାରିଲା ଚଂପଟ । ବୁଢ଼ା ମୁହଁରୁ ଲିଟି ବାହାରିବା ଦେଖି ନାତୁଣୀ ପାଟିକଲା "ଲିଟି, ଲିଟି" । ଲିଟି ନିଜ ପାଟିରୁ ବାହାରିବା ଦେଖି ବୁଢ଼ା ପୂରା କାବାକାଠ । ସେ ଭାବିଲା, ତା' ପାଟିରୁ 'ଲିଟି' ବାହାରିଲା କେମିତି ?

---

1. ଲିଟି : ଏକ କ୍ଷୁଦ୍ର ପକ୍ଷୀବିଶେଷ ।

ଭୋକ କଥା

ଗୋଟିଏ ଗାଁରେ ଗୋଟେ ବଡ଼ ସାଉକାର ଲୋକ ଥାଏ । ତା'ର ଗୁଡ଼ାଏ ଡ଼ଂଗର[1] ବେଢ଼ା[2] ଥାଏ । ତା'ର ମଧ୍ୟ ଗୁଡ଼ାଏ ହଳ, ବଳଦ, ଗୋଡି କବାଡ଼ି[3] ଥା'ନ୍ତି । ସେଇ ଲୋକର ଗୋଟିଏ ବୋଲି ପୁଅ । ପୁଅଟାକୁ ସେ ଖୁବ୍ ଗେଲ ବସରରେ ବଢ଼ଉଥାଏ । ତେଣୁ ଦୁଃଖ କଷ୍ଟ କ'ଣ, ସେ ବିଷୟରେ ପିଲାର ମୋଟେ ଧାରଣା ନଥାଏ । ପିଲାଟା ନିତି ଗୋଟେ ତୋଟାକୁ ଯାଏ । ସେଠି ଯାଇ ସେ ତା ସାଂଗମାନଂକ ସାଂଗରେ ଖେଳେ । ହେଲେ ସେଠି ଯାଇ ନିତି ତା' ସାଂଗ ମାନଂକଠୁ ଗୋଟେ କଥା ବାରମ୍ବାର ଶୁଣେ । ସେ କଥାଟା ହଉଚି ଭୋକ କଥା । କୋଉ ସାଂଗ କହେ ମତେ ଭାରି ଭୋକ ହଉଚି । ଆଉ କିଏ କହେ ସେ ଖାଇନି ବୋଲି ତାକୁ ବି ଭୋକ ହଉଚି । ଏସବୁ କଥା ଶୁଣିବା ପରେ ସେ ତା' ସାଂଗମାନଂକୁ ଏ ଭୋକର ମାନେଟା କଣ ପଚାରେ । କେହି କିଂତୁ ତାକୁ ମାନେଟା କହି ପାରନ୍ତିନି । ସେ ସବୁବେଳେ ମନେ ମନେ ଭାବେ, ''ଏଇ ଭୋକଟା କଣ ?'' ହେଲେ କିଛି ଉତ୍ତର ସେ ଖୋଜି ପାଏନି ।

ଦିନେ ଭୋକ ବିଷୟରେ ବହୁତ ଭାବିବା ପରେ ସେ ତା' ମା'କୁ ଯାଇ ପଚାରିଲା, ''ମା, ଏଇ ଯୋଉ ଭୋକ ଭୋକ ବୋଲି ମୋ ସାଂଗମାନେ ମତେ ସବୁବେଳେ କହୁଚନ୍ତି, ସେ ଭୋକଟା କଣ ?'' ପୁଅର ଏ ପ୍ରଶ୍ନର ଉତ୍ତର କଣ ଦବ, ମା' ଠିକ୍ କରି ପାରିଲାନି । ତେଣୁ କହିଲା, ''ପୁଅରେ, ଭୋକ୍ ମାନେ ଆଉ କ'ଣ ? ଭୋକ ମାନେ ଭୋକ ।'' ମା'ର ଏ ଉତ୍ତରଟା କିଂତୁ ପିଲାକୁ ଠିକ୍ ନ ଲାଗିବାରୁ, ସେ ମା'କୁ କହିଲା, ''ମା' ତୁ ଯାହା କହିଲୁ ସେଥିରୁ ମୁଁ ଭୋକର ମାନେଟା ମୋଟେ ବୁଝି ପାରିଲିନି । ତେଣୁ ମୁଁ ଯାଉଚି ଭୋକଟାକୁ ଖୋଜି ଆସିବି । ଯୋଉଠି ତା'କୁ ପାଇବି ସାଂଗରେ ନେଇ ଆସିବି ।'' ମା ଭାବିଲା, ଯାଉ, ଖଂଡେ ଦୂର ଯିବା ପରେ ଯାହା ଖାଇଚି ଜୀର୍ଣ୍ଣ ହେଇଯିବା ପରେ ବଳେ ଭୋକ ଲାଗିବ । ତା' ପରେ ପୁଅ ଘରକୁ ନଫେରି କୁଆଡ଼େ ଯିବ ? ତା' ପରେ ପୁଅକୁ ସେ କହିଲା, 'ହଉ-ଯା' ବୋଲି ।

ପିଲା ତା' ପରେ ଭୋକକୁ ଖୋଜିବାକୁ ଚାଲି ଚାଲି ବାହାରିଲା । ଏମିତି ଚାଲୁଚାଲୁ ସେ ଚାରିଟା ଡଂଗର ବି ପାରି କରିଗଲା । ସକାଳୁ ସେ ବାହାରିଥିଲା ଯେ, ଆସି ସଂଜ ହେଲା । ତା' ପରେ ତା'କୁ ଲାଗିଲା ଯେମିତି ତା' ପାଦ ଆଉ ମୋଟେ ଆଗକୁ ଯିବନି । ପେଟଟା ତା'ର ଖୁବ୍ ଜୋରରେ କାଟିଲା । ସେ କିଛି ଖାଇବାକୁ ଚାହିଁଲା । ହେଲେ ବଣଟା ଭିତରେ କଣ ମିଳିବ ଯେ, ସେ ଖାଇବ ? ସେ କଣ କରିବ କିଛି ଠିକ୍ କରି ନପାରି ପାଖରେ କୋଉଠି ଗାଁ ଫାଁ ଥିବ ଭାବି ବଡ଼ କଷ୍ଟରେ ଅବଶ ଗୋଡ଼ ଦି'ଟାକୁ ଆଗକୁ ଆଗକୁ ଘୋଷାରି ନେଲା । ଏମିତି ଯାଉ ଯାଉ ହଠାତ୍ ସେ ଦେଖିଲା, ଦୂରରେ ଗୋଟେ ଜାଗାରୁ ଧୂଆଁ ଉଠୁଚି । ସେ ମନେ ମନେ ସେଠି ନିଶ୍ଚୟ ଗୋଟେ ଗାଁ ଥିବ ଭାବି ଧୂଆଁକୁ ଦେଖି, ସେ ଆଡ଼କୁ ଆଗେଇଲା ।

କିଛି ସମୟ ପରେ ସେ ଯାଇ ଗୋଟେ ଗାଁରେ ପହଂଚି, ଜଣେ ଲୋକର ଘର ପିଂଡାରେ ଶୋଇଗଲା । ଘରବାଲା ଆସି ପିଲାକୁ ଦେଖି, କିଏ, କୋଉ ଗାଁରୁ ଆସିଚୁ, ଏଠି କାହିଁକି ଏମିତି ଶୋଇଚୁ ବୋଲି ପଚାରିବାରୁ ଯେ'ତାକୁ ଆଉ ସବୁ ପ୍ରଶ୍ନର ଉତ୍ତର ନଦେଇ କହିଲା, ''ମୋ ଗୋଡ଼ ଦି'ଟା ଖୁବ୍ ଜୋର୍‌ରେ କାଟୁଚି । ପେଟଟା ବି କାଟୁଚି । ମତେ କିଛି ଖାଇବାକୁ ଦିଅ ।'' ଲୋକଟା କହିଲା, ''ହେଲା ! ଖାଇବାକୁ ତତେ ଦେବି ଯେ, କିଂତୁ ତା' ବଦଳରେ ତୁ ମତେ କଣ ଦବୁ କହିଲୁ ? ପଇସା ପତ୍ର କିଛି ଅଛି ତୋ' ପାଖରେ ?'' ପିଲା ଦେଖିଲା, ତା ପାଖରେ ଦେବାକୁ କିଛି ନାହିଁ । ଏଣେ କିଛି ନ ଖାଇଲେ ନଚଳେ । ତେଣୁ ସେ କହିଲା, ''ମୋ ପାଖରେ ତ ଆଉ କିଛି ନାହିଁ । ତଥାପି ତମେ ଯଦି ମତେ କିଛି ଖାଇବାକୁ ଦେବ, ତା' ହେଲେ ମୁଁ ତୁମକୁ ମୋର ଗୋଟିଏ ହାତ ଦେବି ।'' ଲୋକଟା କହିଲା, ''ହଉ, ହାତଟେ ମତେ ଆଗ ଦେ । ତା'ପରେ ମୁଁ ତତେ ଖାଇବାକୁ ଦେବି ।'' ପିଲା ତା'ପରେ ଲୋକଟାକୁ ଟାଂଗିଆଟେ ମାଗି ତାକୁ ନିଜର ହାତଟେ ଖଚ୍ କରି କାଟି ଦେଇଦେଲା । ଲୋକଟା ତା' ପରେ ପିଲାକୁ ଶାଗ୍ ପେଜ[3] ଟିକେ ଦେଲା । ପିଲା ଶାଗ୍, ପେଜ୍ ଖାଇ ରାତିକ ସେଠି ଶୋଇ ପରଦିନ ଭୋର୍‌ରୁ ପୁଣି ଭୋକକୁ ଖୋଜି ବାହାରିଲା ।

ଏମିତି ଭୋକକୁ ଖୋଜୁ ଖୋଜୁ ତା'କୁ ଯେତେବେଳେ ଖାଇବାକୁ ମନହୁଏ, ସେ କୋଉ ଗୋଟେ ଗାଁକୁ ଯାଇ ଖାଇବାକୁ ମାଗେ ଆଉ ବଦଳରେ ନିଜର ଦେହରୁ ଖଂଡେ କାଟିଦିଏ । ଏମିତି ଦେଇ ଦେଇ ତା' ଦେହର ସବୁ ସେ ଖାଇବା ପାଇଁ କାଟି କାଟି ଦେଇଦେବା ପରେ ଖାଲି ତା' ମୁଂଡଟା ରହିଲା । ତଥାପି ସେ ଭୋକକୁ କୋଉଠୁ ପାଇଲାନି । ଆଉ ଖାଲି ମୁଂଡଟା ଥିଲେ ବି ତା'ର ଖାଇବା ଇଚ୍ଛା ଗଲାନି । ହେଲେ ଆଉ କଣ ଅଛି ଯେ, କାଟିକି ଦେବ ? ଥିଲେ ବି କାଟିବ କେମିତି ? ହାତତ ନାହିଁ । ଏମିତି ଅବସ୍ଥାରେ ଘରକୁ ଗଲେ ବି ତା'କୁ ଚିହ୍ନିବ କିଏ ? ଏସବୁ କଥା ଭାବି ସେ ମନ ଦୁଃଖରେ ମୁଂଡଟିଏ ହେଇ ଗଡ଼ି ଗଡ଼ି ଯାଉଥାଏ । ହଠାତ୍ ସେ ଦେଖିଲା, ବଣରେ ଚାରିପଟୁ ତା' ଆଡ଼କୁ ନିଆଁ ମାଡ଼ି ଆସୁଚି । ''ଆଉ ଟିକେ ପରେତ ନିଆଁ ମୋ ଯାଏ ମାଡ଼ି ଆସିବ, ଆଉ ତା' ପରେ ମୁଁ ପୋଡ଼ିଯିବି'', ଏମିତି ଭାବି ପିଲାର ମୁଂଡ ଦେଖିଲା ପାଖରେ ଗୋଟେ ସିଂଧି ବୁଟା[4] ମୂଳେ ଗାତଟିଏ ଅଛି । ତେଣୁ ସେ ଆଉ ଡେରି ନକରି ଗାତ ଭିତରେ ପଶିଗଲା । ନିଆଁ ଆସିଲା ପାଖକୁ ହେଲେ ଯେ ଗାତ ଭିତରେ ଥାଏ ବୋଲି ଯା'ର କିଛି ହେଲାନି । ଶୁଖିଲା ପତ୍ର ସବୁ ପୋଡ଼ିଯିବା ପରେ ନିଆଁ ଆଗକୁ ମାଡ଼ିଗଲା । ଯେ' କିଂତୁ ନିଆଁ ଲିଭିବା ପରେ ବି ଆଉ ଗାତରୁ ବାହାରି ପାରିଲାନି । କେମିତି ବା ବାହାରନ୍ତା ? ମୁଂଡଟେ । ହାତ ଅଛି ନା ଗୋଡ଼ ଅଛି ?

ସେ ପାଖରେ ଗାଁଟେ ଥାଏ । ସେ ଗାଁରେ ଜଣେ ଲୋକର ଧାଂଗଡ଼ୀ[5] ଝିଅଟେ ଥାଏ । ସେ ଝିଅ କିଂତୁ କେବେ ବାହାରକୁ ସାଂଗ ସାଥିମାନଂକ ସାଂଗରେ ଯାଏନି । ସେଦିନ ହଠାତ୍ ତା ଧାଂଗଡ଼ୀ ସାଂଗମାନେ ଆସି ଯେତେବେଳେ ସିଂଧି କଂଦା ଖୋଳିବାକୁ ବଣକୁ ଯିବା ପାଇଁ ଡ଼ାକିଲେ-ସେ ରାଜି ହେଇ କର୍ଲୀଟେ[6] ଆଉ ଶାବଳଟେ ଧରି ତାଂକ ସାଂଗରେ ବାହାରିଲା ।

ବଣରେ ଧାଂଗଡ଼ୀମାନେ ପହଂଚିଲେ । ସମସ୍ତେ ବିଭିନ୍ନ ଜାଗାରେ ଯାଇ ସିଂଧି କଂଦା ଖୋଳିଲେ । ପ୍ରଥମ ଥର ପାଇଁ ବଣକୁ ଆସିଥିବା ଧାଂଗଡ଼ୀ ଯାଇ ପିଲାର ମୁଂଡଟା ଯୋଉଠି ସିଂଧି ବୁଟା ମୂଳରେ ଥିବା ଗାତରେ ପଶିଥାଏ ସେଠି କଂଦା ଖୋଳିବାକୁ ବସିଲା । ଶାବଳ ଉଁଚେଇ ସେ ଯେମିତି କଂଦା ଖୋଳିବାକୁ ଯାଇଚି- ଗାତରେ ଥିବା ପିଲାର ମୁଂଡଟା ଜୋରରେ ପାଟିକଲା, ''ନାଇଁ ନାଇଁ, ସେମିତି କରନି ।'' ଧାଂଗଡ଼ୀ ଏକଥା ଶୁଣି ଚାରିପଟକୁ ଦେଖିଲା, ହେଲେ ଆଖପାଖରେ କେହି ନାହିଁ । ସେ ତେଣୁ ଏଇଟା ମନର ଭ୍ରମ ବୋଲି ଭାବି ପୁଣି ଯେମିତି ଆଉ ଥରେ ଶାବଳ ଉଁଚେଇଚି-ମୁଂଡ ପୁଣି

ସେମିତି କହିବାରୁ ଶବ୍ଦଟା ଏଥର ବୁଟା ମୂଳରୁ ଆସିବା ପରି ଧାଂଗଡ଼ିକି ଲାଗିବାରୁ ସେ ବୁଟା ମୂଳକୁ ଦେଖିଲା । ତା'ପରେ ଗାତ ଭିତରେ ମଣିଷ ମୁଂଡଟେ ଥାଇ ତାକୁ ଖାଲି ମିଟି ମିଟି କରି ଅନଉଥିବାର ଯେତେବେଳେ ସେ ଦେଖିଲା, ସେ ପୂରା ଆଶ୍ଚର୍ଯ୍ୟ ହେଇଗଲା । ଏମିତି କଥା ସେ ଆଗରୁ କେବେ କୋଉଠି ଦେଖିନଥିଲା । ମୁଂଡ ତା'ପରେ ତା'କୁ କହିଲା, ''ମତେ ଟିକେ ଏ ଗାତରୁ ବାହାର କରିଦେ' ।'' ଧାଂଗଡ଼ୀ ମୁଂଡଟିଏ କଥା କହୁଥିବାର ଶୁଣି ଆଉରି ଆଶ୍ଚର୍ଯ୍ୟ ହେଇ ତା'କୁ ଗାତରୁ କାଢ଼ି ପଚାରିଲା, ''ତୁ କିଏ ? ଏମିତି କାହିଁକି ଖାଲି ମୁଂଡଟିଏ ହେଇ ଅଛୁ ?'' ପିଲାର ମୁଂଡ ତା'ପରେ ତା'କୁ ସବୁ କଥା କହିବାରୁ ତା' ପ୍ରତି ଧାଂଗଡ଼ୀର ଦୟା ହେଲା । ସେ ତେଣୁ ମୁଂଡକୁ ପଚାରିଲା, ''ମୋ ସାଂଗରେ ତୁ ଆମ ଘରକୁ ଯିବୁ ?'' ମୁଂଡ ହଁ କଲା । ଯା ଭିତରେ ବାକି ସବୁ ଧାଂଗଡ଼ୀ ସିଂଧି କଂଦା ଖୋଳି ଯା'କୁ ଯେତେବେଳେ ଡାକିବାକୁ ଆସିଲେ, ଯେ ଦୂରରୁ ସେମାନଂକୁ ଦେଖିପକେଇ ମୁଂଡ ଉପରେ ଡ଼ାଳ ପତ୍ର ଭାଂଗି ଘୋଡ଼େଇଦେଲା । ସେମାନେ ପାଖକୁ ଆସିବାରୁ ତାଂକୁ ଏଯାଏଁ ''ମୁଁ କଂଦା ଖୋଳିନି, ଖୋଳିକରି ଟିକେ ପରେ ଯିବି । ତମେ ମାନେ ଯାଅ'' କହିବାରୁ ଅନ୍ୟ ଧାଂଗଡ଼ୀମାନେ ଗାଁକୁ ପଳେଇଲେ ।

ସାଂଗ ଧାଂଗଡ଼ୀମାନେ ଗାଁକୁ ଯିବା ପରେ ଯେ ମୁଂଡକୁ ତା' କର୍ଲୀରେ ନେଇ ରଖିଲା । ତା' ଉପରେ ଡାଳ ପତ୍ର ଢ଼ାଂକିଦେଇ ମୁଂଡରେ ବୋହି ଚାଲିଲା । ଘରେ ପହଂଚି ବାପା ମା ତା'କୁ ଦେଖିବା ଆଗରୁ, ମୁଂଡକୁ ନେଇ କୁକୁଡ଼ା ଡଲାର[7] ତଷ୍ଟୁ ତଳେ ପୋତିଦେଲା । ଖାଲି ନାକଟା ଆଉ ଆଖିଟା ଉପରେ ତଷ୍ଟୁ ଢାଂକିଲାନି । ତା' ପରେ ବାପା ମା ତା'କୁ ଯେତେବେଳେ ''କେତେ କଂଦା ଆଣିଲୁ'' ବୋଲି ପଚାରିଲେ, ସେ ତାଂକୁ କିଛି କଂଦା ମିଳିଲାନି ବୋଲି କହିଲା । ବାପା ମା ବି ଭାବିଲେ, ଝିଅଟ କେବେ ବଣକୁ ଯାଏନି । ତେଣୁ କଂଦା ଖୋଳିବା ସେ କୁଆଡୁ ଜାଣିବ ?

ପେଜ୍ ବେଳା ହେବାରୁ ଝିଅ ଯାଇ ମା'କୁ କହିଲା, ''ମା' ମତେ ପେଜ ବାଢ଼ିଦେ'' । ମା ପେଜ୍ ସାଗ୍ ବାଢ଼ି ଦେବା ପରେ ଝିଅ କେହି ନଦେଖିଲା ପରି, କୁକୁଡ଼ା ଡ଼ଲା ପାଖକୁ ଯାଇ ନିଜେ ଅଧା ପେଜ୍ ଖାଇ, ମୁଂଡକୁ ଅଧା ଦେଇଦେଲା । ଏମିତି ବେଶ୍ କିଛି ଦିନ ଯିବା ପରେ, ବାପା ମା' ଦେଖିଲେ ଝିଅଟା ଧୀରେ ଧୀରେ ଶୁଖିଯାଉଚି । ସେମାନେ କାରଣଟା କଣ ବୋଲି ବିଚାର କରି ଦେଖୁ ଦେଖୁ ନିତି ଝିଅ କୁକୁଡ଼ା ଡଲା ପାଖକୁ ଯିବା କଥାରେ ଯାଇ ପହଂଚିଲେ । ବାପା ତା' ପରେ କୁକୁଡ଼ା ଡ଼ଲାରେ କଣ ଅଛି ଯେ, ଝିଅ ନିତି ସେଠିକି ପେଜ ନେଇ ଯାଉଚି ବୋଲି ଡ଼ଲା ପାଖରେ ଯାଇ ପହଂଚି ଦେଖିଲା ବେଳକୁ ତା' ଭିତରୁ ଆଖି ଦି'ଟା ତା' ଆଡ଼କୁ ମିଟି ମିଟି କରି ଦେଖୁଚି । କି ଆଖି ବୋଲି ସେ ଯେତେବେଳେ ତଷ୍ଟୁଟାକୁ ଟିକେ ଉଖାରି ଦେଇ ଦେଖିଲା ତା' ଭିତରେ ମୁଂଡଟେ ଅଛି । ସେ ଏଇ ମୁଂଡଟାକୁ ଖାଇବାକୁ ଦେଇ ମୋ ଝିଅ ଶୁଖିଯାଉଛି ବୋଲି ତା'କୁ ନେଇ ଫିଂଗିଦେବାକୁ ଯାଉଚି, ଝିଅ କୁଆଡ଼େ ଥିଲା ଆସି ବାପାର ହାତକୁ ଧରିପକେଇ କହିଲା, ''ବାପା, ମୁଂଡଟା ହିଁ ମୋ ପ୍ରାଣ । ଯା'କୁ ନେଇ ତୁ ଫିଂଗିଦେଲେ ମୁଁ ମରିଯିବି ।'' ବାପା କଣ କରେ ? ଗୋଟେ ବୋଲି ଝିଅ । ତେଣୁ ଝିଅର ମନରେ ଦୁଃଖ ନଦେଇ ମୁଂଡଟାକୁ ନଫିଂଗି ରଖିଦେଲା ।

ଝିଅ ତା' ପରେ ବାପା ମାଆଂକୁ କହିଲା, ମୁଂଡ ସାଂଗରେ ତାକୁ ବାହା କରେଇ ଦେବା ପାଇଁ । ବାପା ମା ଦେଖିଲେ, ଝିଅକୁ ମନାକଲେ ସେ ମାନିବନି । ତେଣୁ ଝିଅକୁ ସେମାନେ ମୁଂଡ ସାଂଗରେ ବାହା କରେଇ ଦେଇ ଦିହିଂକି ଘରୁ ତଡ଼ିଦେଲେ । ମୁଂଡଟାକୁ ନେଇ ଝିଅ ଘରଛାଡ଼ି ପଳେଇଲା । ଦିହେଁ ଯାଇ ଗୋଟେ ଗଛ ମୂଳରେ ରହିଲେ । ଖାଇବା ପିଇବାକୁ ସେମାନଂକୁ କିଛି ମିଳିଲାନି । ଯେ ସବୁବେଳେ ମୁଂଡକୁ ''ଭୋକ ହଉଚି, ଭୋକ ହଉଚି'' ବୋଲି କହିବାରୁ ମୁଂଡ ପଚାରିଲା, ''ଏ

ଭୋକ କଣ ?'' ୟେ' କହିଲା, ''ତୁ ଖାଉଚୁ କି ନାହିଁ?'' ମୁଂଡ କହିଲା, ''ହଁ''। ତା ପରେ ୟେ' କହିଲା, ''କାଇଁକି ଖାଉଚୁ ?'' ମୁଂଡ କହିଲା, ''ଖାଇବାକୁ ମନ ହଉଚି।'' ୟେ' କହିଲା, ''ବାସ୍, ସେଇ ଯୋଉ ମନ ହଉଚି ସେଇଟା ହିଁ ଭୋକ। ବୁଝିଲୁତ ?'' ଏଥର ମୁଂଡ ଏତେଦିନ ପରେ ବୁଝିଲା ଭୋକଟା କଣ ?

ତା' ପରେ ଭୋକକୁ ଦୂରେଇବା ପାଇଁ ଆଉ ନିଜର ପୂର୍ବ ରୂପ ଫେରି ପାଇବା ପାଇଁ ମୁଂଡ ଦେବ୍‌ତାକୁ[8] ପ୍ରାର୍ଥନା କରିବାରୁ ଦେବ୍‌ତା ତା'କୁ ଘର ଦୁଆର, ଧାନ ସୁଆଁ ମାଂଡିଆ ସବୁ ଦେଲା। ଆଉ ତା' ପୂର୍ବପରି ରୂପ ବି ଫେରେଇ ଦେଲା। ଏସବୁ ଦେଖି ଝିଅର ମନ ଭାରି ଖୁସି। ସେ ବାପା ମାଆଂକୁ ଏକଥା ଯାଇ ଯେତେବେଳେ କହିଲା, ସେମାନେ ୟା' କଥାକୁ ହସରେ ଉଡ଼େଇ ଦେଇ କହିଲେ, ''ମୁଂଡଟେ ପୁଣି ମଣିଷ ରୂପ ପାଇ ଧନ ରୁଂଡେଇବ[9] କେମିତି ?'' ଝିଅ ତା' ପରେ କଥାଟା ଦେଖେଇବା ପାଇଁ ସେମାନଂକୁ ଅଂଡ୍ରା[10] ଘରକୁ ଡାକି ଆଣି ସବୁ ଦେଖେଇ ଦେଇ ନିଜ ଅଂଡ୍ରାକୁ ଦେଖେଇବାରୁ ଏମାନେ ପୂରା ଆଶ୍ଚର୍ଯ୍ୟ ହେଇଗଲେ। ତା'ପରେ ଏ ଦିହେଁ ଖୁସିରେ ଘର ଦୁଆର କରି ରହିଲେ।

---

1. ଡଂଗର : ଚାଷୋପଯୋଗୀ ପାହାଡ଼   2. ବେଡ଼ା : ବିଲ   3. ଶାର୍ ପେକ୍ : ଡିଅଣ ଓ ମାଂଡିଆ ଜାଉ
4. ସିଣ୍ଡିବୁଟା : ଖଜୁରୀ ପରି ବୁଦାଳିଆ ଏକ ଛୋଟ ଗଛ   5. ଧାଂଗଡ଼ୀ : ଯୁବତୀ   6. କର୍ଲୀ : ଟୋକେଇ   7. କୁକୁଡ଼ା ଡଲା : କୁକୁଡ଼ାମାନଂକୁ ରଖାଯାଉଥିବା ଡାଲା   8. ଦେବ୍‌ତା : ଦେବତା   9. ରୁଂଡେଇବ : ଜମା କରିବ   10. ଅଂଡ୍ରା : ସ୍ୱାମୀ ।

ପାଂଡକା ଚଢ଼େଇ କଥା

ଥରେ ଗୋଟେ ଗାଁରେ ସ୍ୱାମୀ ସ୍ତ୍ରୀ କଳି ଲାଗି କଥା ହେଉନଥାଂ'ତି । ତେଣୁ ସ୍ତ୍ରୀ ବାପ ଘରକୁ ଚାଲି ଆସିଥାଏ । ହେଲେ ପର ଘର ଝିଅ, କେତେ ଦିନ ଘରେ ରହିବ ଭାବି ଝିଅର ବାପା ଯାଇ ଜ୍ୱାଇଁକୁ ବହୁତ ବୁଝାଶୁଝା କରି ଝିଅକୁ ନେଇ ଯିବାପାଇଁ ଆପଣା ଗାଁକୁ ନିଜ ଘରକୁ ଡାକି ଆଣିଲା । ହେଲେ ସ୍ତ୍ରୀ ତା' ଜିଦ୍‌ରେ ଥାଏ । ସେ ଆଗ ଯାଇ ସ୍ୱାମୀ ସାଂଗରେ କେମିତି କଥା ହେବ ? ତା' ମହତ ତଳେ ପଡ଼ିଯିବନି ? ଆଉ ସ୍ୱାମୀ ? ସେତ ସହଜେ ପୁରୁଷ । ସେ ବା ସ୍ତ୍ରୀ ଆଗରେ କେମିତି ମୁଂଡ ନୁଏଁଇବ ? ଅତଏବ କେହି କାହା ସାଂଗରେ କଥା କହିଲେନି ।

କିଛି ଦିନ ସେମିତି ବିତିଲା । ସ୍ତ୍ରୀର ବାପା ମାଆଂକର ମୁଂଡ ଖରାପ । ସେମାନେ ଚିଂତା କଲେ କେମିତି ଦିହିଂକ ଭିତରେ ବୁଝାମଣା କରିବେ ବୋଲି । ଦିହିଂକୁ ଅନେକ୍ ବୁଝେଇଲେ । ହେଲେ କେହି ଜଣେ ବି ଟଳିବା ପାତ୍ର ନୁହଂତି ।

ଦିନେ ସ୍ୱାମୀ ବଣକୁ ଯାଇଥାଏ । ସେଠୁ ସେ ଗୋଟେ ପାଂଡକା[1] ପିରି[2] ପାଇଲା । ଶ୍ୱଶୁର ଘରକୁ ଆସି ପାଂଡକା ପିରିଟିକୁ କୁଟ୍‌ନି ଗାତ[3] ଭିତରେ ଛାଡ଼ିଦେଲା । କିଛି ସମୟ ପରେ ସ୍ତ୍ରୀ ବାଡ୍‌ନୀ ମୁଠା[4] ଧରି ଘର ବାଡ୍‌ନୀବାକୁ[5] ଆସିଲା ଓ ଘର ବାଡୁନୁ ବାଡୁନୁ କୁଟ୍‌ନୀ ଗାତ ଭିତରୁ ପାଂଡକା ପିରି ପାଇଲା । ସେ ଆଗରୁ ସେମିତି ପିରି କେବେ ଦେଖିନଥିଲା । ତେଣୁ ମା'କୁ ଯାଇ ପଚାରିଲା, "ମା ଏଇଟା କି ପିରି ?" ମା କହିଲା, "ଯା' ତୋ ସ୍ୱାମୀକୁ ପଚାର । ମୁଁ ଜାଣିନି ଏଇଟା କି ପିରି ?" ହେଲେ ସ୍ତ୍ରୀ କେମିତି ସ୍ୱାମୀକୁ ପଚାରିବ । ତାଂକରତ କଥାବାର୍ତ୍ତା ନାଇଁ । କିଂତୁ ଏଣେ ମନ ମାନୁନି । ତେଣୁ ସେ ଗୋଟେ ଉପାୟ ପାଂଚିଲା ଓ ସ୍ୱାମୀକୁ ଶୁଣେଇଲା ଭଳିଆ ଗୀତ ଗାଇଲା-

ପିରିବାନା ବାନା-ଡିକ୍‌ସୁଂ ରାତା ରାତା
ମା ପିରି ଉଫର୍-ଟିଡିଂଗ୍ ବାନା ?

ଅର୍ଥାତ : ପରଟା କେଡ଼େ ସୁଂଦର, ଗୋଡ଼ଟା ନାଲି ରଂଗର
କି ଚଢ଼େଇ କୁହ ହେ ସ୍ୱାମୀ, କେଉଁ ବଣର ?

ଏମିତି ଗାଇଲା । ଅନେକ ଥର ଗାଇଲା । ହେଲେ ସ୍ୱାମୀ ଶୁଣି ନଶୁଣିଲା ପରି ରହିଲା । ଶେଷରେ ଯେତେବେଳେ ସ୍ତ୍ରୀ ଗୀତ ଗାଇ ଗାଇ ଅଭିମାନରେ କାଂଦ କାଂଦ ହେଲା-ସେତେବେଳେ ସ୍ୱାମୀ ଆଉ ସଂଭାଳି ପାରିଲାନି । ସେ ସ୍ତ୍ରୀ ପାଖକୁ ଯାଇ କହିଲା, "ଏଇଟା ପରା ପାଂଡକା ପିରି ।"

---

1. ପାଂଡକା : କପୋତ 2. ପିରି : ପକ୍ଷୀ, ଚଢ଼େଇ 3. କୁଟ୍‌ନି ଗାତ : ଧାନ କୁଟିବା ନିମଂତେ ଉଦ୍ଦିଷ୍ଟ ଗର୍ତ୍ତ
4. ବାଡନୀ ମୁଠା : ଛାଂଚୁଣୀ, ଝାଡୁ 5. ବାଡ଼ନିବାକୁ : ଝାଡୁ ଦେବାକୁ ।

ପିଲା ଆଉ ଡୁମା କଥା

ଗୋଟିଏ ଗାଁରେ ପିଲାଟିଏ ଥାଏ, ତା'ର କେହି ନଥାଂ'ତି । ସେ ନିଜେ ହିଁ ବଣରୁ ଦାରୁ[1] ଆଣି ଯା' ଘରେ ତା ଘରେ ଦେଇ ଯିଏ ଯାହା ଦେଲା, ସେତିକିରେ ଚଳେ । ଥରେ ଗାଁରେ ସବୁଲୋକ ଛଣ କାଟିବାକୁ ବଣକୁ ଯାଉଥାଂ'ତି । ପିଲା ବି ଛଣ କାଟିବାକୁ ଯିବାକୁ ଚାହୁଁଥାଏ । କାରଣ, ଛଣ ଆଣି ତା' ଛୋଟ କୁଡ଼ିଆକୁ ନୂଆ ଛଣରେ ଛପର କରିବାକୁ ସେ ଚାହୁଁଥାଏ । ନହେଲେ ପାଣି ମାରିଲେ[2] ଘରଟା ଗଳିବ ।

ଛଣ ଆଣିବାକୁ ଖାଲି ମନ କଲେତ ହବନି । ଛଣ କାଟିବାକୁ ଇଲାଟେ[3] ଦର୍କାର । ଇଲା ତା'ର ନ ଥାଏ । ତେଣୁ ସେ ଗାଁର ସମସ୍ତଂକ ଘରକୁ ଯାଇ ଇଲାଟେ ମାଗିଲା । କେହି ତା'କୁ କିଂତୁ ଇଲା ଦେଲେନି । ସମସ୍ତେ ମନା କଲେ । ଜଣେ ଲୋକ ଦୟା କରି ଖଂଡିଆ ଇଲାଟେ ତାକୁ ଦେଲା । ତା' ପରେ ସେ ସେଇ ଇଲାଟି ଧରି ଘାସ କାଟିବାକୁ ଗଲା । ଗାଁର ସବୁଲୋକ ବଣ ଭିତରକୁ ଘାସ କାଟିବାକୁ ଗଲେ । ଯେ' କିଂତୁ ବେଶି ଦୂର ନଯାଇ ଗାଁର ଅଳ୍ପ ଦୂରରେ ଥିବା ମଶାଣୀ ପାଖରେ ଯାଇ ଘାସ କାଟିଲା । ଘାସ କାଟୁ କାଟୁ ସେଠି ତା'ର ଇଲାଟା ହଜିଯିବାରୁ ସେ ଖୁବ୍ ଜୋର୍‌ରେ ପାଟି କରି କହିଲା, ''ଏଠି ଯଦି କେହି ଅଛ ଶୁଣ, ମୋ ଇଲାଟା କୋଉଠି ଗୋଟେ ପଡ଼ିଗଲା, ମୁଁ ଖୋଜିଲେ ବି ମତେ ଆଉ ମିଳୁନି । ଯଦି କେହି ଅଛ ତା' ହେଲେ ମୋ ଇଲାଟା ଟିକେ ଖୋଜିକି ଦେବକି ?'' ମଶାଣୀରେ ଥାଇ ଡୁମାଟେ[4] ଯା' କଥା ଶୁଣି 'ହୁଁ' କଲା । ଯେ' କହିଲା, ''ତା' ହେଲେ ଖୋଜି ଦିଅ ।'' ଡୁମା ପୁଣି 'ହୁଁ' କରି ପିଲାର ଇଲାଟା ଆଣି ତା'କୁ ଧରେଇ ଦେଲା । ପିଲା ପଚାରିଲା, ''ତୁ କିଏ ?'' ଡୁମା କହିଲା, ''ମୁଁ ଗୋଟେ ଡୁମା । ମୁଁ ତୋର କଷ୍ଟ ନିତି ଦେଖୁଚି । ତେଣୁ ମୁଁ ତତେ ସାହାଯ୍ୟ କରିବାକୁ ଚାହୁଁଚି । ତୁ ଆଜି ଘରକୁ ଯିବୁ ଆଉ ଶୋଇଲାବେଳେ ଯାହା ତୋ'ର ଦରକାର ସେ କଥା କହିଦେଲେ, ସାଂଗେ ସାଂଗେ ତତେ ତାହା ମିଳିଯିବ । ଯା', ଘରକୁ ଯା', ମୁଁ ତୋ'ର ସବୁ କଷ୍ଟ ଦୂର କରିଦେବି ।'' ପିଲା ତା'ପରେ ଘରକୁ ଗଲା ।

ରାତି ହେଲା । ପିଲା ଶୋଇବା ଆଗରୁ ଚିଂତା କଲା, କଣ ସବୁଠୁ ଆଗ ତା'ର ଦରକାର, କଣ କହି ସେ ଶୋଇବ ? ଠିକ୍ ଏମିତି ବେଳକୁ କୁଆଡୁ ଅଦିନିଆ ମେଘ ଘୋଟିଆସିଲା । ଆଉ ପ୍ରବଳ ବର୍ଷା ହେଲା । ଯା ଘରର ଛଣ ତ ପୁରୁଣା ହେଇ ଯାଇଥାଏ । ତେଣୁ ବର୍ଷା ପାଣି ଗଳି ତା' ଘରଟା ଭର୍ତ୍ତି ହେଇଗଲା । ପିଲା ସାଂଗେ ସାଂଗେ କହିଲା, ''ମୋର ଗୋଟେ ଭଲ ଘର ଦର୍କାର ।'' ଏତିକି କହିସାରିଚି କି ନାହିଁ, ତା' ଘରଟା ଗୋଟେ ବଡ଼ ଘର ହେଇଗଲା । ତା' ପରେ ସେ ଆରାମ୍‌ରେ ଶୋଇ ପଡ଼ିଲା । ପରଦିନ ପୁଣି ଘାସ କାଟିବାକୁ ଯାଇ ପିଲା ମଶାଣି ପାଖକୁ ଯାଇ ଡୁମାକୁ ଡାକିବାରୁ ସେ ଆସି କହିଲା, ''କଣ ହେଲା କିରେ ପିଲା ?'' ପିଲା କହିଲା, ''ମୋର ଭଲ ଘରଟେ ସିନା ହେଲା, କିଂତୁ ଖାଲି ଘରଟେ ହେଲେ କଣ ହବ ? ମୋର ତ ଡଂଗର୍ ଫଂଗର୍[5] କିଛି ନାହିଁ ।''

ଢୁମା କହିଲା, "ଓ ! ଏଇ କଥା ? ତୁ ଯା' ଆଜି ଘରେ ରାତିରେ ଶୋଇଲା ବେଳକୁ ଯାହା ଦର୍କାର ସେୟା କହି ଶୋଇ ପଡ଼ିବୁ।" ପିଲା ତା' ପରେ ଘରକୁ ଗଲା। ରାତିରେ ଶୋଇବା ପୂର୍ବରୁ ସେ କହିଲା, "ମୋର ଗୁଡ଼ାଏ ଡଂଗର ଦରକାର।"

ତା ପରଦିନ ସକାଳୁ ଉଠି ପୁଣି ମଶାଣିକି ଯାଇ ଢୁମାକୁ ଡାକିଲା। ଢୁମା ଆସି ତା'କୁ ଆଂଗୁଠିରେ ଇଶାରା କରି ତା' ଡଂଗର ସବୁ ଦେଖେଇ ଦେଲା। ପିଲା ଡଂଗର ସବୁ ଦେଖି ଖୁବ୍ ଖୁସି ହେଇ ଢୁମାକୁ କହିଲା, "ହେଲା, ଡଂଗର ସିନା ମୁଁ ପାଇଲି। କିଂତୁ ଏତେ ଡଂଗର ମୁଁ ଏକାଲୋକ ଯାଇ କଣ ଚାଷ କରିପାରିବି ? ସେଥିପାଇଁ ତ ପୁଣି ଗୋତି କବାଡ଼ି[6] ଲୋଡ଼ା ?" ଢୁମା ପିଲାର କଥା ଶୁଣି କହିଲା, "ଆରେ ବାପା ! ତତେ ମୁଁ ତ କହିଲି, ତୋର ଯାହା ଦର୍କାର ରାତିରେ ଶୋଇବା ଆଗରୁ ତୁ ଖାଲି ଏୟା କି ସେୟା ଦରକାର ବୋଲି କହିଦେଲେ ପାଇଯିବୁ। ତେଣୁ ନିତି ମୋ ପାଖକୁ ଆସି ମତେ ପଚାରୁଚୁ କାହିଁକି କହିଲୁ ?" ପିଲା କହିଲା, "ହଉ, ଏଥର ଯାହା ଦରକାର ପଡ଼ିବ ମୁଁ ଶୋଇବା ଆଗରୁ କହି ଶୋଇବି।"

ତା' ପରେ ନିତି ରାତିରେ ଶୋଇବା ଆଗରୁ ତା'ର ଯାହା ଯାହା ଦରକାର ସବୁ କହି ସେ ହାସଲ୍ କଲା। ଧନ, ସଂପତ୍ତି, ସୁନା, ରୁପା, ହଳ ବଳଦ, ଛେଳି, ମେଂଢା, ଘୁଷୁରୀ, କୁକୁଡ଼ା, ସବୁ ଜିନିଷ ଢୁମା କୃପାରେ ତା'କୁ ମିଳିଲା। ଗାଁର ଯେଉଁ ଲୋକମାନେ ଦିନେ ତା'କୁ ଘୃଣା କରୁଥିଲେ, ସେଇ ଲୋକମାନେ ଆସି ତା' ପାଦତଳେ ପଡ଼ିଲେ। ଏତେ ସବୁ ସେ ପାଇଲା। ତଥାପି ତା' ମନରେ ସୁଖ ନଥାଏ। ତା'କୁ ଲାଗୁଥାଏ ଯେମିତି ତା'ର ଆଉ କିଛି ଗୋଟାଏ ଅଭାବ ରହି ଯାଉଚି। ହେଲେ ସେ ଜିନିଷ କଣ ବୋଲି, ତା' ବିଷୟରେ ଯେତେ ଭାବିଲେ ବି ସେ କିଛି ଜାଣିପାରିଲାନି। ଶେଷରେ ଉପାୟ ନପାଇ ପୁଣି ମଶାଣିକି ଯାଇ ଢୁମାକୁ ଡାକି ପଚାରିଲା, "ମୁଁ ତ ସବୁ ପାଇଲି। ତମ ଦୟାରୁ ସବୁ ମତେ ମିଳିଲା। ତଥାପି ମତେ ଲାଗୁଚି ଏଯାଏଁ ବି ମୋର କିଛି ଗୋଟିଏ ଅଭାବ ରହିଛି। ହେଲେ ସେ ଅଭାବଟା କଣ ସେ ବିଷୟରେ ମୁଁ ଯେତେ ଭାବିଲେ ବି କିଛି ଜାଣିପାରୁନି। ତମେ ଯଦି ପାରିବ, ତା'ହେଲେ କୁହ, ସେ ଅଭାବଟା କଣ ?" ଢୁମା ଟିକେ ହସିଦେଇ କହିଲା, "ସେ ଅଭାବଟା ହେଲା, ତୋର ମାଇଜୀଟେ[7] ନାହିଁ।" ପିଲା କହିଲା, "ହଁ ସତକଥା, ମାଇଜୀଟେ ହିଁ ମୋର ଅଭାବ।"

ତା' ପରେ ସେ ଘରକୁ ଯାଇ ରାତିରେ ଶୋଇବା ଆଗରୁ "ମୋର ସୁଂଦରୀ ମାଇଜୀଟେ ଲୋଡ଼ା" ବୋଲି କହୁ କହୁ କୁଆଡ଼ୁ ସୁଂଦରୀ ଧାଂଗଡ଼ୀଟିଏ ସେଠି ଆସି ହାଜର ହେଇଗଲା। ତା' ପରେ ସେ ଦିହେଁ ସୁଖରେ ରହିଲେ।

---

1. ଦାରୁ : କାଠ 2. ପାଣି ମାରିଲେ : ବର୍ଷା ହେଲେ 3. ଇଲା : ଦା 4. ଢୁମାଟେ : ଭୂତଟେ 5. ଡଂଗର : ଜଂଗଲ କାଟି ଚାଷୋପଯୋଗୀ କରାଯାଇଥିବା ପାହାଡ଼ 6. ଗୋତି କବାଡ଼ି : କାମ କରିବା ଲୋକ 7. ମାଇଜୀ : ସ୍ତ୍ରୀ, ଭାର୍ଯ୍ୟା 8. ଧାଂଗଡ଼ୀ : ଯୁବତୀ।

ମାଛ ଧାଂଗଡ଼ୀ କଥା

ଗୋଟିଏ ଗାଁରେ ବୁଢ଼ୀଟିଏ ଥାଏ। ତାର ପୁଅଟିଏ ଥାଏ। ଏଇ ଦି' ମା ପୁଅର ଆଉ ସଂସାରରେ ନିଜର ବୋଲି କେହି ନଥାଂ'ତି। ପୁଅଟି ତେଣୁ ଡଂଗରରେ[1] ଯାହା ପଚାଏ[2] ସେତିକିରେ ଦିହେଁ ଚଳଂତି। ପୁଅ ନିତି ସକାଳ ହେଲେ ତା' ଡଂଗରକୁ କାମ କରିବାକୁ ଯାଏ। କାମ ଯେତେବେଳେ ମୁଂଡବେଳା ବେଳକୁ ସରେ- ସେ ତା' ଡଂଗର ପାଖରେ ବହିଯାଉଥିବା ନଈକି ଗାଧେଇଯାଏ। ସେ ନଈରେ ମାଛ ଦି' ଭଉଣୀ ଥାଂ'ତି। ଦିହେଁଯାକ ଧାଂଗଡ଼ୀ[3] ପୁଣି ଦିହେଁ ଯାକ ଡିଂଡା[4]। ସେ ଦି ଭଉଣୀଯାକ ଧାଂଗଡ଼ା ନିତି ନଈକି ଆସି ଗାଧେଇଲା ବେଳେ ତା'କୁ ଦେଖଂତି। ଆଉ ନିତି ତାକୁ ଦେଖି ଦେଖି ବଡ଼ମାଛ ଭଉଣୀ ରସି[5] ଯାଇଥାଏ। ହେଲେ ତା'କୁ ନିଜ ମନକଥା ଖୋଲି କହିବାର ସୁଯୋଗ ସେ କେବେ ପାଇନଥାଏ। ଆଉ ଯେବେ ସୁଯୋଗ ବି ମିଳେ, ସେ ଲାଜରେ ତା'କୁ କିଛି କହି ପାରେନି। ସାନ ମାଛ ଭଉଣୀ କିଂତୁ ବଡ଼ ଭଉଣୀର ମନକଥା ଜାଣିଥାଏ।

ଦିନେ ଏମିତି ଧାଂଗଡ଼ା ଯାଇ ନଈରେ ଗାଧେଇଲା ବେଳକୁ ସାନମାଛ ଭଉଣୀ ତା' ପାଖକୁ ପହଁରି ଆସି କହିଲା, ''ମୋ କଥା ଟିକେ ଶୁଣ।'' ନଈରେ ଏମିତି ତା'କୁ କିଏ ଡାକିଲା ବୋଲି ଧାଂଗଡ଼ା କାବା ହେଇ, ଏଣେ ତେଣେ ଚାହିଁଲା। ଦେଖିଲା ଚାରିଆଡ଼େ ଶୁନ୍‌ଶାନ୍। କୁଆଡ଼େ କେହି ନାହିଁ। ପୁଣି ମାଛ ଧାଂଗଡ଼ୀ ଡାକିଲା, ''ଏଣେ ତେଣେ କଣ ଅନଉଚ? ମୁଁ ପରା ପାଣିରେ ଅଛି। ମତେ ଦେଖ।'' ତା' ପରେ ଧାଂଗଡ଼ା ପାଣିକୁ ଅନେଇଲା ବେଳକୁ ସେଠି ସୁଂଦର ମାଛ ଧାଂଗଡ଼ୀଟିଏ ଦେଖିଲା। ତାକୁ କହିଲା,''ତୁ ମତେ ଏବେ ଡାକୁଥିଲୁ?''ମାଛ ଧାଂଗଡ଼ୀ 'ହଁ' କଲା। ସେ' ପଚାରିଲା, ''କାହିଁକି ଡାକୁଥିଲୁ? ମୋ ପାଖରେ କଣ କିଛି କାମ ଥିଲା?'' ମାଛ ଧାଂଗଡ଼ୀ କହିଲା, ''କାମ ମାନେ? ବହୁତ କାମ ତମ ପାଖରେ ଅଛି।'' ଧାଂଗଡ଼ା କି କାମ ବୋଲି ପଚାରିବାରୁ, ଧାଂଗଡ଼ୀ କହିଲା, ''ମାନେ ମୋ ବଡ଼ ଭଉଣୀ ତମକୁ ଦେଖି ପୁରା ରସିଯାଇଚି। ସେ ତମ ସାଂଗରେ ବାହା ହେବାକୁ ଚାହୁଁଚି। ତମେ ହଁ କଲେ ହେବ। ତମେ ଯଦି ରାଜି, ତା'ହେଲେ ଆମ ଘରକୁ ଚାଲ ଟିକେ ବୁଲି ଆସିବା। ଆଉ ତମେ ଯଦି ରାଜି ନହେବ, ତା'ହେଲେ ମୋ ବଡ଼ ଭଉଣୀ ତମକୁ ଝୁରି ଝୁରି ମରିଯିବ। କଣ କହୁଚ? ଯିବ ଆମ ଘରକୁ?'' ମାଛ ଧାଂଗଡ଼ୀର କଥା ଶୁଣି ଧାଂଗଡ଼ା ମନେ ମନେ ଭାବିଲା, ଯେ ଯଦି ଏତେ ସୁଂଦରୀ, ତା'ହେଲେ ଯା' ଭଉଣୀ କେତେ ସୁଂଦରୀ ହୋଇ ନଥିବ। ଯଦି ସତରେ ସେ ଯାପରି ସୁଂଦରୀ ହେଇଥିବ ତା' ହେଲେ ତା'କୁ ବାହା ହେବି। ନହେଲେ କିଛି ଗୋଟେ ବାହାନା କରି ପଳେଇ ଆସିବି। ଏହା ଭାବି କହିଲା, ''ହଉ ଚାଲ। ଏତେ ଯଦି କହୁଚ ତା' ହେଲେ ତମ ଘରକୁ ଯାଇ ବୁଲି ନଆସିବା ଅନ୍ୟାୟ ହେବ।'' ମାଛ ଧାଂଗଡ଼ୀ ଏଥର

ଧାଂଗଡ଼ାକୁ ପାଣି ଭିତରେ ବାଟ କଢ଼େଇ ତାଂକ ଘରକୁ ନେଲା।

ଘରେ ଏମାନେ ପହଂଚିଲେ। ହଠାତ୍ ଧାଂଗଡ଼ାକୁ ତାଂକ ଘରକୁ ଆସିବାର ଦେଖି ବଡ଼ ଭଉଣୀ ଯେତିକି ଆଶ୍ଚର୍ଯ୍ୟ ହେଲା, ସେତିକି ଖୁସି ବି ହେଲା। ଏଣେ ବଡ଼ ମାଛ ଧାଂଗଡ଼ୀର ରୂପ ଦେଖି ଧାଂଗଡ଼ା ବି ବାଇୟା ହେଇଗଲା। ତେଣୁ ବାହାଘର ବିଷୟରେ ଯେମିତି ବଡ଼ ମାଛ ଧାଂଗଡ଼ୀ ଧାଂଗଡ଼ାକୁ କହିଚି, ଧାଂଗଡ଼ା ସାଂଗେ ସାଂଗେ ପ୍ରସ୍ତାବରେ ରାଜି ହେଇ କହିଲା, ‘‘ମୁଁ ତତେ ବାହା ହେବାକୁ ରାଜି ଅଛି ଯେ, ହେଲେ ମୁଁ ହାଟକୁ ଯାଇ ଖାଗଲା[6], ରିଂଗା[7] ଆଉ ମାଲୀ[8] କେତେଟା କିଣି ଆଣିବି। ତା’ ପରେ ସେସବୁ ତତେ ପିଂଧେଇ ମୋ ଘରକୁ ବାହାହେଇ ନେବି। ତେଣୁ ତୁ, ମୁଁ ହାଟରୁ ଆସିବା ଯାଏଁ ମତେ ଜଗିଥା, ମୁଁ ଆସି ତତେ ଡାକିବି।’’

ଧାଂଗଡ଼ା ଯେତେବେଳେ ମାଛ ଧାଂଗଡ଼ୀକି ଏକଥା କହୁଥାଏ, ନଈ କୂଳରେ ଦୁର୍କାଟେ[9] ଏକଥା ଥାଇ ଶୁଣୁଥାଏ। ଯେତେବେଳେ ଧାଂଗଡ଼ା ନଈ ବାହାରକୁ ଆସିଲା- ତାକୁ ବାଟେଇ ଦେବା ପାଇଁ ମାଛ ଧାଂଗଡ଼ୀ ବି ଆସିଲା। ଏମାନଂକୁ ଦେଖି ଦୁର୍କା ଯାଇ ଗୋଟେ ବୁଟା[10]ମୂଳେ ଲୁଚିଗଲା। ସାନ ମାଛ ଧାଂଗଡ଼ୀ, ଧାଂଗଡ଼ାକୁ ବାଟେଇ ଦେଇ ପୁଣି ଘରକୁ ପଳେଇଲା। ଦୁର୍କା କିଂତୁ ଆଉ ସେଠୁ କୁଆଡ଼େ ନଯାଇ ସେଇ ବୁଟା ମୂଳେ ବସି ଦୁଇ ମାଛ ଧାଂଗଡ଼ୀ ଭିତରୁ ଜଣକୁ ଖାଇବାର ଯୋଜନା କଲା।

ଧାଂଗଡ଼ା ହାଟକୁ ଯିବା ପରେ ଅନେକ ସମୟ ଯାଏଁ ଦୁର୍କା ସେଠି ବସି ରହିଲା। ଯେତେବେଳେ ଦେଖିଲା ବେଳ ବୁଡ଼ିବାକୁ ବସିଲାଣି, ସେ ନଈ ଭିତରକୁ ପଶି ମାଛ ଧାଂଗଡ଼ୀମାନଂକ ଘର ପାଖକୁ ଗଲା। ସେଠି ଯାଇ ଦେଖିଲା, କାପାଟ[11] ଡାବି ହେଇଚି।[12] ଦୁର୍କା ତା’ପରେ ଧାଂଗଡ଼ା ପରି କଂଠରେ ଡାକିଲା, ‘‘କାପାଟ୍ ଉଗାଡ଼ା।[13] ମୁଁ ହାଟରୁ ମାଲୀ, ଖାଗଲା, ରିଂଗା ସବୁ ଆଣିଚି। ଜଲ୍‌ଦି କାପାଟ୍ ଉଗାଡ଼ା।’’ ବଡ଼ ମାଛ ଧାଂଗଡ଼ୀ ତା ଧାଂଗଡ଼ା ହାଟକୁ ଗଲା ପରେ ତା’କୁ କେତେବେଳେ ଆସିବ ବୋଲି ଜଗି ବସିଥାଏ। ତେଣୁ ଦୁର୍କାର ପାଟି ଶୁଣି ସେ ଧାଂଗଡ଼ା ଆସିଚି ଭାବି ଯେମିତି ଯାଇ କାପାଟ୍ ଉଗାଡ଼ି ଦେଇଚି ଦୁର୍କା ଆଖିର ପଲକ ପଡ଼ିବା ଆଗରୁ ବଡ଼ ମାଛ ଧାଂଗଡ଼ୀକି ନେଇ ବଣକୁ ଧାଇଁଲା। ଏକଥା ସାନ ମାଛ ଧାଂଗଡ଼ୀ ଭିତରୁ ଥାଇ ଦେଖୁଥାଏ। ଦେଖିଲେ ବି କିଛି କରିବାର ଉପାୟ ନାଇଁ। ମାଛଟେ ଦୁର୍କାର କଣ କରିବ ?

ତେଣେ ଧାଂଗଡ଼ା ହାଟରୁ ମାଲୀ, ରିଂଗା, ଖାଗଲା ସବୁ ନେଇ ଦୁର୍କା ବଡ଼ ମାଛ ଧାଂଗଡ଼ୀକି ନେବାର କିଛି ସମୟ ପରେ ସେମାନଂକ ଘରକୁ ଯାଇ ପହଂଚି ଦେଖିଲା- ସାନ ମାଛ ଧାଂଗଡ଼ୀ ବସି କାଂଦୁଚି। ସେ କାଂଦିବାର କାରଣ ତା’କୁ ପଚାରିବାରୁ ସାନମାଛ ଧାଂଗଡ଼ୀ ତାକୁ ସବୁକଥା କହି ପୁଣି କାଂଦିଲା। ଧାଂଗଡ଼ା ସାନ ଧାଂଗଡ଼ୀକି ବୋଧଶୋଧ କରି ଦୁର୍କାକୁ ଖୋଜିବାକୁ ବଣକୁ ଗଲା। ସେ ଖାଲି ରାଗରେ ଜଳୁଥାଏ। କାଂଧରେ ତା’ର ଟାଂଗିଆଟେ ଥାଏ।

ବଣରେ ବହୁତ ସମୟ ସେ ଦୁର୍କାକୁ ଖୋଜିଲା ପରେ ଗୋଟେ ଜାଗାରେ ମାଛ କଂଟା ଗୁଡ଼ାଏ ପଡ଼ିଥିବାର ଦେଖି, ନିଶ୍ଚୟ ପାଖରେ ଦୁର୍କା କୋଉଠି ଥିବ ଭାବି, ଏଣେତେଣେ ଆଖି ଘୂରଉ ଘୂରଉ ଦେଖିଲା ଗୋଟେ ବୁଟା ମୂଳେ ବସି ଦୁର୍କା ତା’ ଆଡ଼କୁ ଅନେଇଚି। ଯେମିତି ଧାଂଗଡ଼ା ଦୁର୍କାକୁ ଦେଖି ଚାହିଁକେଇଚି-ତା’ ପରେ ତାକୁ ଆଉ ସଂଭାଳେ କିଏ ? ସେ ସାଂଗେ ସାଂଗେ ଦୁର୍କା ସେଠୁ ଉଠି ଧାଇଁବା ପୂର୍ବରୁ ତାକୁ ଟାଂଗିଆରେ ଗଂଦା ଗଂଦା[14] କରି ଦେଇ ସାନ ମାଛ ଧାଂଗଡ଼ୀ ପାଖକୁ

ଯାଇ ତାକୁ ଡୁର୍କାକୁ ଗଂଦି[15] ଦେଇଥିବା କଥା କହିଲା। ତା' ପରେ ସାନ ମାଛ ଧାଂଗଡ଼ୀ ଯାକୁ କହିଲା, "ମୋ ବଡ଼ ଭଉଣୀକି ତ ଡୁର୍କା ଖାଇଦେଲା। ତେଣୁ ତୁ ମତେ ବିଭା ହୁଅ।" ଧାଂଗଡ଼ା ବି ତା' ପ୍ରସ୍ତାବରେ ରାଜି ହେଇ ତା'କୁ ନିଜ ଘରକୁ ନେଇ ବାହା ହେଲା। ତା' ପରେ ସେମାନେ ସୁଖରେ କାଳ କାଟିଲେ।

---

1. ଡ଼ଂଗର : ଚାଷୋପଯୋଗୀ ପାହାଡ଼ 2. ପଚାଏ : ପଳାଏ 3. ଧାଂଗଡ଼ୀ : ଯୁବତୀ 4. ଡିଂଡା : ଅବିବାହିତା 5. ରସି : ଆକୃଷ୍ଟ ହେଇ 6. ଖାଗଲା : ଋସରେ ତିଆରି ଏକ ଅଳଂକାର ବିଶେଷ, ଯାହାକୁ ବଂଡା ରମଣୀ ମାନେ ବେକରେ ପିଂଧଂତି 7. ରିଂଗା : ଋସରେ ତିଆରି ଏକ ଅଳଂକାର ବିଶେଷ, ଯାହାକୁ ବଂଡା ରମଣୀମାନେ ଗଳାରେ ପିଂଧଂତି 8. ମାଲୀ : ମାଳୀ 9. ଡୁର୍କା : ଗଧିଆ ବାଘ 10. ବୁଟା : ବୁଦା 11. କାପାଟ : କବାଟ 12. ଡାବିହେଇଚି : ବଂଦହେଇଚି 13. କାପାଟ୍ ଉଗାଡ଼ା : କବାଟ ଖୋଲ 14. ଗଂଦା ଗଂଦା : ଖଂଡ ଖଂଡ 15. ଗଂଦି : ହାଣି।

ମାଂଡିଆ, କାକୁଡ଼ି କେଡ଼େ ସୁଆଦ

ଗୋଟିଏ ଗାଁରେ ବୁଢ଼ାଟେ ବୁଢ଼ୀଟେ ଥାଂ'ତି। ସେମାନେ ଖୁବ୍ ପରିଶ୍ରମ କରି ଡ଼ଂଗର ମାରି[1] ସେଠି ମାଂଡିଆ ବୁଣିଥାଂ'ତି। ଆଉ କାକୁଡ଼ି ଗଛ ଲଗେଇଥାଂ'ତି। କାକୁଡ଼ି ଗଛଗୁଡ଼ାକରେ କାକୁଡ଼ି ଲଦି ହେଇଥାଏ। ମାଂଡିଆ ଗଛରେ ଖେଡ଼ ଧରିଥାଏ। ବୁଢ଼ା ଦିନବେଳେ କିଛି ସମୟ ପାଇଁ ମଂଚାଟିଏ କରି ସେଠି ଜଗେ। ହେଲେ ଡଂଗରର ଆକାର ବହୁତ ବଡ଼। ତେଣୁ ସବୁଆଡ଼କୁ ନଜର ରଖିବା ତା' ପକ୍ଷରେ ସଂଭବ ହୁଏନି। ତେଣୁ ଗୋଟେ ପଟକୁ ଦେଖିଲା ବେଳକୁ ଆର ପଟେ ପିରି (ଚଢ଼େଇ), କୁଂକୁ (ମୟୂର), ଗିସା (ମାଂକଡ଼) ଉରେଁ (ମୂଷା) ଗିସିଂ (ବଣ କୁକୁଡ଼ା) ମାନେ ମଂଦା ମଂଦା[2] ହେଇ ଆସି ମାଂଡିଆ ଆଉ କାକୁଡ଼ି ଖାଇଦିଅଂତି। ବୁଢ଼ା ଗୋଟେ ପଟକୁ ଯାଇ ହୁରୁଡ଼େଇ ଆସିଲା ବେଳକୁ ଆରପଟୁ ସେମାନେ ପୁଣି ମଂଦା ହେଇ ଆସଂତି। ଏମିତି କିଛି ଦିନ ଚାଲିବା ପରେ ବୁଢ଼ା ଏମାନଂକୁ ସବୁ ନିପାତ କରିବାକୁ ଗୋଟେ ଉପାୟ ପାଂଚିଲା। ବୁଢ଼ୀକୁ କହିଲା ''ବୁଢ଼ୀଲୋ ! ଶୁଣ, ମୁଁ କାଲି ଆଉ ଡଂଗରକୁ ଜଗିବାକୁ ଯିବିନି, ତୁ ଯିବୁ। ଆଉ ସେଠି କାଂଦି କାଂଦି କହିବୁ, 'ମୋ ବୁଢ଼ା ମରିଗଲା' ବୋଲି। ସେମାନେ ଖୁସି ହୋଇ ତୋ ପାଖରେ ରୁଂଡ ହେଲେ, ସେମାନଂକୁ ସବୁ ମତେ ଦେଖାଇବା ପାଇଁ ଘରକୁ ଡାକି ଆଣିବୁ। ତା' ପର କାମ ମୁଁ କରିବି।''

ତା' ପରଦିନ ବୁଢ଼ୀ ଡଂଗରକୁ ଯାଇ ବୁଢ଼ା ଯେମିତି ବତେଇଥିଲା ସେମିତି ବାହୁନିବା ଆରଂଭ କଲା—

କନ କୁଂଡା ବନା ଗିସା ମଂଦା
ରନକୁଂଡା ବନା ଗିସା ମଂଦା
ଲବେ ଗିସା ମଂଦା, ନିଂଗନା ଡକ୍ରା ଗଇଗା।
କନ କୁଂଡା ବନା ପିରିମଂଦା
ରନ କୁଂଡା ବନା ପିରିମଂଦା
ଲବେ ପିରି ମଂଦା
ନିଂଗନା ଡକ୍ରା ଗଇଗା।
କନ କୁଂଡା ବନା କୁଂକୁଂ ମଂଦା
ରନକୁଂଡା ବନା କୁଂକୁମଂଦା
ଲବେ କୁଂକୁଂ ମଂଦା
ନିଂଗନା ଡକ୍ରା ଗଇଗା।
କନ କୁଂଡାବନା ଉରେଁ ମଂଦା
ରନ କୁଂଡା ବନା ଉରେଁ ମଂଦା
ଲବେ ଉରେଁ ମଂଦା

ନିଂଗନା ଡକ୍ରା ଗଇଗା ।
ଜନ କୁଂଡା ବନା ଗିସିଂ ମଂଦା
ରନ କୁଂଡା ବନା ଗିସିଂ ମଂଦା
ଲବେ ଗିସିଂ ମଂଦା
ନିଂଗନା ଡକ୍ରା ଗଇଗା ।

ଅର୍ଥାତ୍: ଏ ପାହାଡ଼ର ମାଂକଡ଼ ଦଳ
ସେ ପାହାଡ଼ର ମାଂକଡ଼ ଦଳ
ଏ ପାହାଡ଼ର ଚଢ଼େଇ ଦଳ
ସେ ପାହାଡ଼ର ଚଢ଼େଇ ଦଳ
ଏ ପାହାଡ଼ର ମୟୂର ଦଳ
ସେ ପାହାଡ଼ର ମୟୂର ଦଳ
ଏ ପାହାଡ଼ର ମୂଷା ଦଳ
ସେ ପାହାଡ଼ର ମୂଷା ଦଳ
ଏ ପାହାଡ଼ର ବଣକୁକୁଡ଼ା ଦଳ
ସେ ପାହାଡ଼ର ବଣକୁକୁଡ଼ା ଦଳ
ଶୁଣରେ ଶୁଣରେ କଥା ମୋର
ବୁଢ଼ା ମୋ ମଲା ଏଥର
ଖୁସିରେ ଡଂଗରେ ଖେଳ ।

ବୁଢ଼ୀର ବାହୁନା ଶୁଣି, ସମସ୍ତେ ତା' ପାଖରେ ଠୁଳ ହେଇ ତା'କୁ ସହାନୁଭୂତି ଜଣେଇଲେ ଓ 'କେତେ ଭଲ ବୁଢ଼ାଟିଏ ଥିଲା' ବୋଲି କହି ସମସ୍ତେ ଦୁଃଖ ପ୍ରକାଶକଲେ । ବୁଢ଼ୀ ସମସ୍ତଂକୁ ତା' କୁଡ଼ିଆ ପାଖକୁ ନେଲା । କୁଡ଼ିଆ ପାଖରେ ପହଂଚି ସମସ୍ତେ ପଚାରିଲେ, "ବୁଢ଼ା କାଇଁ, କୋଉଠି ଅଛି ?" ବୁଢ଼ୀ କହିଲା, "ଭିତରେ ପଡ଼ିଚି ପରା । ଚାଲ ଭିତରକୁ ।" ବୁଢ଼ା ଆଗରୁ ପ୍ରସ୍ତୁତ ହେଇ କୁଡ଼ିଆ ଭିତରେ ଥାଏ । ଟାଂଗିଆ ଦି'ଟା ପଜେଇ କରି ପାଖରେ ରଖି ମିଛରେ ଶୋଇଥାଏ । ସମସ୍ତେ ଯାଇ ତା' ଚାରିପାଖରେ ଠୁଳ ହେଇ ଯେମିତି ମିଛରେ ବାହୁନା ଆରଂଭ କଲେ, ବୁଢ଼ା ଦି ହାତରେ ଦି'ଟା ଧାରୁଆ ଟାଂଗିଆ ଧରି ଉଠି ପଡ଼ି ତ ଘୂରେଇଲା । ଆଖିବୁଜା ଏମିତି ଆକ୍ରମଣ ପାଇଁ ଆଗରୁ କେହି ପ୍ରସ୍ତୁତ ନଥିଲେ । ତେଣୁ ଟାଂଗିଆ ମାଡ଼ରେ କାହା ଲାଂଗୁଡ଼ ଛିଡ଼ିଲା, କାହା କାନ କଟିଲାତ ଆଉ କିଏ ସେଇଠି ଟଳି ପଡ଼ିଲା । ଯେତେ ମଲେ ସେଠି ପଡ଼ି ରହିଲେ । ବାକି ସବୁ ଛିନ୍ନ ଛତ୍ର ହେଇ ପଳେଇଲେ ।

କିଛି ସମୟ ପରେ ବୁଢ଼ା ଦେଖିଲା ବେଳକୁ ଘରେ ମୟୂର, ମୂଷା, ବଣ କୁକୁଡ଼ା, ମାଂକଡ଼ ଓ ବିଭିନ୍ନ ଚଢ଼େଇ ମରିପଡ଼ିଚଂତି । ମାଂକଡ଼କୁ ତ ଖିଆଯିବନି । ତେଣୁ ବୁଢ଼ା ସେମାନଂକୁ ନେଇ ଦୂରରେ ଫିଂଗିଦେଲା । ବାକି ସମସ୍ତଂକୁ ମାଉଁସ କଲା, ବୁଢ଼ା ବୁଢ଼ୀ ଦି'ଦିନ ଧରି ଯାହା ପାରିଲେ ଖାଇଲେ, ବାକି ମାଉଁସକୁ ପରେ ଖାଇବା ପାଇଁ ଶୁଖେଇ ରଖିଲେ ।

ଯୋଉମାନେ ସେଦିନ ଟାଂଗିଆ ଚୋଟ ଖାଇ ଫେରିଲେ, ସେମାନେ ଭୁଲରେ ବି ଆଉ ଦିନେ ବୁଢ଼ାର ଡଂଗର ପାଖକୁ ଗଲେନି । ତା' ପରେ ବୁଢ଼ା ବୁଢ଼ୀ ସୁଖରେ ରହିଲେ ।

---

1. ଡଂଗର ମାରି : ଜଂଗଲ ସଫା କରି 2. ମଂଦା ମଂଦା : ଦଳ ଦଳ ।

ବଂଡା କଲିଆ[1] କଥା

ଗୋଟେ ଗାଁରେ ବଂଡା ବୁଢ଼ାଟେ ଆଉ ବୁଢ଼ୀଟେ ଥା'ନ୍ତି। ସେମାନଙ୍କର ବେଡ଼ା[2] ନଥାଏ। ତେଣୁ ସେମାନେ ସେଠି ଟାଂଗିଆ ଧରି ଡଂଗର ମାରି ସେଠି କିଛି ଗୋଟାଏ ଫସଲ କରି ଚଳଂତି। ବୁଢ଼ା ରାତି ପାହିଲେ ନିଜ ଟାଂଗିଆ ଧରି ଡଂଗର ମାରି ଯାଏ। ବୁଢ଼ୀ ଠିକ୍ ପେଜ୍‌ବେଳା[3] ହେବାର ଟିକେ ଆଗରୁ ବୁଢ଼ା ପାଖକୁ ପେଜ୍[4] ନେଇ ଯାଏ।

ବୁଢ଼ୀ ଏମିତି ନିତି ପେଜ୍ ନେଇଯିବା ବେଳେ ଗୋଟିଏ ବିଲୁଆ ଲକ୍ଷ୍ୟ କରୁଥାଏ। ଦିନେ ଏମିତି ବୁଢ଼ୀ ପେଜ୍ ନେଇ ବୁଢ଼ା ପାଖକୁ ଯାଉଥାଏ। ବାଟରେ ତା'କୁ ବିଲୁଆ ଦେଖିଲା ଓ ପଚାରିଲା ''ବଡ଼ାଇ[5] କ'ଣ ନେଉଚୁ କି ?'' ବୁଢ଼ୀ କହିଲା, ''ଆରେ ବାପା ! ଦେଖୁଚୁ ପରା ବୁଢ଼ା ପାଇଁ ପେଜ ନେଇକି ଯାଉଚି। ମୁଁ ଗଲେ ପରା ବୁଢ଼ା ଖାଇବ।'' ବିଲୁଆ କହିଲା, ''ହଉ, ଯା।'' ବୁଢ଼ୀ ଚାଲିଗଲା। ବୁଢ଼ୀ ଯିବା ପରେ ବିଲୁଆ ଚିଂତା କଲା, ''ବୁଢ଼ୀ ନେଉଥିବା ପେଜ୍ କେମିତି ଖିଆ ଯାଇ ପାରଂତା ?'' ବହୁତ ଚିଂତା କରି ସେ ଗୋଟିଏ ଉପାୟ ଚିଂତା କଲା।

ତା' ପରଦିନ ବୁଢ଼ୀ ପୁଣି ପେଜ ନେଇ ଆସିଲା ବେଳକୁ ବିଲୁଆ ତା'କୁ ପାଖକୁ ଡାକିଲା, ''ଆଲୋ ବଡ଼ାଇ !'' ବୁଢ଼ୀ ତା' ପାଖକୁ ଆସି କହିଲା, ''କଣ କିରେ ?'' ବିଲୁଆ କହିଲା, ''ଦେଖିଲୁ, ମୋ ଲାଂଜରେ କଣ ଗୋଟିଏ କାମୁଡୁଚି। ମୁଁ ଯେତେ ଚେଷ୍ଟା କଲେ ବି ଦେଖିପାରୁନି।'' ବୁଢ଼ୀ ତା'ପରେ ଆଉ କଣ କରିବ ? ବାଧ୍ୟ ହେଇ ତା' ପେଜ୍ ହାଂଡି ସେଠି ରଖି ବିଲୁଆ ଲାଂଜ ଧରି ଖୋଜିଲା କଣ କାମୁଡ଼ିଚି ବୋଲି। ଆଉ ଏଇ ମଉକାରେ ବିଲୁଆ ସବୁ ପେଜ୍ ଚାଟିଚୁଟି ସଫାକରିଦେଲା ଓ ହାଂଡି ଉପରେ ଯେମିତି ଘୋଡ଼ା ହୋଇଥିଲା ଠିକ୍ ସେମିତି ଘୋଡ଼େଇ ଦେଇ ବୁଢ଼ୀକୁ କହିଲା, ''ବଡ଼ାଇ, ତୋ'ର ତେଣେ ଉଛୁର ହଉଚି। ତୁ ଯା' ମୁଁ ଦେଖିବି।'' ବୁଢ଼ୀ ବିଲୁଆ କଥାରୁ ଆଉ କିଛି ଠଉରେଇ ପାରିଲାନି ଓ ଖାଲି ପେଜ୍ ହାଂଡି ନେଇ ଗଲା ଡଂଗରକୁ। ଆଉ ବୁଢ଼ୀକୁ ଦେଖି ଯେତେବେଳେ ବୁଢ଼ା ଆସିଲା, ହାଂଡି ଉପରୁ ପତର କାଢ଼ି ଦେଖିଲା ବେଳକୁ ହାଂଡିଟା ଖାଲି। ବୁଢ଼ୀ କିଛି ବୁଝି ପାରିଲାନି। ବୁଢ଼ା ବୁଢ଼ୀକୁ ଗୁଡ଼ାଏ ଗାଳିଦେଲା ଓ ଡଂଗର ମରା ଛାଡ଼ି ରାଗରେ ଟମ ଟମ ହେଇ ଘରକୁ ଫେରିଆସିଲା।

ତା' ପରେ ବୁଢ଼ୀ ନିତି ପେଜ୍ ନେଇ ଗଲାବେଳକୁ ବିଲୁଆ ପୂର୍ବ ପ୍ରକାରେ ବୁଢ଼ୀକୁ ଲାଂଜ ଧରେଇ ସବୁ ପେଜ୍ ଖାଇଦିଏ ଓ ବୁଢ଼ୀ ଖାଲି ହାଂଡି ନେଇ ବୁଢ଼ା ପାଖକୁ ଯାଇ ତା' ପାଖରୁ ଭୀଷଣ ଗାଳି ଖାଏ। କିଂତୁ ବିଲୁଆର ଫଂଦି ଯୋଗୁଁ ଏମିତି ହଉଚି ବୋଲି ସେ ଠଉରେଇ ପାରେନି।

ଦିନେ ବୁଢ଼ା ବୁଢ଼ୀକୁ ଘରେ ପଚାରିଲା, ''ଆଲୋ ବୁଢ଼ୀ ! ତୁ ସତରେ ନିତି ପେଜ୍ ରାଂଧି ନେଉଚୁ ନା ମତେ ଠକୁଚୁ ନା ବାଟରେ ଆଉ କାହାକୁ ଦଉଚୁ ? କ'ଣ ମତେ ଛାଡ଼ି ଆଉ କାହାକୁ ମନ କଲୁଣି କିଲୋ ?'' ବୁଢ଼ା ବାଟ କଥା ଯେମିତି କହିଲା, ବୁଢ଼ୀର ସାଂଗେ ସାଂଗେ ବିଲୁଆ କଥା

ମନେ ପଡ଼ିଲା । ସେ ଭାବିଲା, ବିଲୁଆ ଥିବା ଜାଗା ଯାଏଁ ତ ହାଂଡିଟା ଓଜନିଆଁ ଲାଗୁଥାଏ । ହେଲେ ବିଲୁଆ ପାଖରୁ ଡଂଗରକୁ ଗଲାବେଳକୁ ତ ହାଂଡିଟା ଫୁଲ ପରି ଉଶ୍ୱାସ ହେଇଯାଏ । ଏଥର ବୁଢ଼ୀ ବିଲୁଆର ସବୁ ଫଂଦି ଫିକର ବୁଝିଯାଇ ବୁଢ଼ାକୁ ସବୁକଥା କହିଲା । ବୁଢ଼ା ସବୁ ଶୁଣି ରାଗରେ ନିଆଁ ବାଣ । ତା' ପରଦିନ ବୁଢ଼ା ବୁଢ଼ୀ ବେଶରେ ବିଲୁଆକୁ ବୁଦ୍ଧି ଶିଖେଇବା ପାଇଁ ଧାରୁଆ କାତ୍ରାଟେ[6] ଅଂଟାରେ ଖୋସି ପେଜ ହାଂଡି ଧରି ଚାଲିଲା । ବିଲୁଆ ତ ଆଗରୁ ଜାଣି ଜଗି ବସିଥାଏ । ଦୂରରୁ ଦେଖିଲା, ବୁଢ଼ୀ ଆସୁଚି । ଭୋକରେ ବିଲୁଆ ପେଟ ଜଳୁଥାଏ । ପେଜ୍ ଖାଇବା ଶିଖିବା ଦିନୁ ତା'କୁ ତା' ଖାଇବା ଜିନିଷଗୁଡ଼ାକ ଗଂଧଉଥାଏ । ତେଣୁ ଯେମିତି ବୁଢ଼ୀବେଶୀ ବୁଢ଼ା ତା'ପାଖକୁ ଆସିଲା, ବିଲୁଆ ତା' ପୂର୍ବ ଚାଲ୍ ପୁଣି ଚଲେଇ ବୁଢ଼ାକୁ ଯେମିତି ଲାଂଜ ଧରେଇଚି ବୁଢ଼ା ତା' ଅଂଟାରୁ କାତ୍ରା କାଢ଼ି ବିଲୁଆର ଲାଂଜକୁ ଖଚ୍ କରି କାଟିଦେଲା । ଆଉ ବିଲୁଆ କି ସେଠି ରହେ ? ଧାଇଁଲା ପ୍ରାଣ ବିକଳରେ । ତା' ଜ୍ଞାତି ପରିଜନ ତା'କୁ ଦେଖି ଘଟଣା କଣ ପଚାରିବାରୁ ବିଲୁଆ ସବୁ କଥା କହି ବୁଢ଼ାଠୁ କେମିତି ପ୍ରତିଶୋଧ ନେବ ସେ ବିଷୟରେ ତା' ନିଜ ଲୋକଂକ ସାଂଗରେ ଆଲୋଚନା କଲା । ଏ ଆଲୋଚନା ଚୁଟିଆ ମୂଷାଟେ ଶୁଣୁଥାଏ । ଆଲୋଚନାରେ ଠିକ୍ ହେଲା ଯେ ଲାଂଜକଟା ବିଲୁଆ ଓ ତା'ର ସବୁ ଜ୍ଞାତି କୁଟୁଂବ ମିଶି ବୁଢ଼ାର ଘରେ ଯୋଉ କୁକୁଡ଼ା ଅଛି, ତା' ଉପରେ ଚଢ଼ାଉ କରି ସବୁ କୁକୁଡ଼ାଂକୁ ମୋଡ଼ି ଖାଇବେ, ଆଉ ସେଇଟା ହିଁ ହବ ବୁଢ଼ା ପ୍ରତି ଅସଲ ପ୍ରତିଶୋଧ । ସେମାନେ ରାତିରେ ଯିବେ ବୋଲି ଠିକ୍ କଲେ ।

ଚୁଟିଆ ମୂଷା ତ ସବୁ ଶୁଣୁଥାଏ । ଯେମିତି ରାତିରେ ଯିବା ବିଷୟରେ ଲାଂଜକଟା ବିଲୁଆ ନିଷ୍ପତ୍ତି କଲା, ଚୁଟିଆ ମୂଷା ଧାଇଁଲା ବୁଢ଼ା ପାଖକୁ । ସେଠି ଯାଇ ବୁଢ଼ାକୁ ସବୁ କଥା କହି କହିଲା—"ତୁ ଗୋଟିଏ ଦାଆକୁ ନିଆଁରେ ଲାଲ୍ କରି ଟହଟହ କରି ତତେଇ ଆଜି ରାତିରେ କୁକୁଡ଼ା କୁଡ଼ିଆ ଭିତରେ ବସିଥିବୁ । ଆଉ ସେମାନେ ଯେମିତି କୁଡ଼ିଆ ଭିତରକୁ ମୁହଁ ଗଳେଇବେ, ଦେବୁ ସମସ୍ତଂକୁ ଚୋଟେ ଚୋଟେ ।" ଏମିତି କହି ମୂଷା ଚାଲିଗଲା ।

ରାତିରେ ବୁଢ଼ା ଦାଆକୁ ତତେଇ କୁକୁଡ଼ା କୁଡ଼ିଆ ଭିତରେ ବସିଥାଏ । ବିଲୁଆମାନେ ଆସିଲେ ଓ କୁକୁଡ଼ା ଖାଇବାକୁ ଭିତରକୁ ଜଣ ଜଣ କରି ମୁଂଡ ଗଳେଇଲା ବେଳକୁ ବୁଢ଼ା କସିକରି ଦେଲା ସେମାନଂକୁ ଚୋଟେ ଚୋଟେ ଦାଆରେ । ସେମାନେ କୁକୁଡ଼ା ଠୁଁକିଲା[7] ବୋଲି କହି ଛଟ ପଟ ହେଇ ମଲେ । ଲାଂଜକଟା ବିଲୁଆ ଆଉ ବାକିମାନେ ତାଂକ ଭିତରୁ କୁକୁଡ଼ା ଠୁଂକାରେ ପାଞ୍ଚ ଛଅ ଜଣ ମରିଯିବା ଦେଖି ଆଉ କୁକୁଡ଼ା କୁଡ଼ିଆ ଭିତରକୁ ମୁହଁ ଗଳେଇବାର ସାହସ୍ କଲେନି । ମନ ଦୁଃଖରେ ମଲା ବିଲୁଆମାନଂକୁ ନେଇ ଲାଂଜକଟା ବିଲୁଆ ଓ ତା'ର ସାଥିମାନେ ଶ୍ମଶାନରେ ଦାହ କଲେ ଓ ବୁଡ୍ ଘର[8] ବିଷୟରେ ଚିଂତା କଲେ । ଶେଷରେ ନିଷ୍ପତ୍ତି ହେଲା- ବୁଢ଼ାଘରୁ ହିଁ ଚାଉଳ ଓ ଛେଳି ଚୋରି କରି ଅଣାଯିବ । ଏକଥା କିଂତୁ ଚୁଟିଆ ମୂଷା ଶୁଣୁଥାଏ । ତେଣୁ ସେ ବୁଢ଼ାକୁ ଯାଇ ଖବର ଦେଇଦେଲା । ବୁଢ଼ା ବିଲୁଆମାନଂକୁ ନିପାତ କରିବା ପାଇଁ ଚାଉଳ ହାଂଡିରୁ ଚାଉଳ କାଢ଼ିଦେଇ ନିଜେ ବସିଲା ଓ ବୁଢ଼ୀକୁ ଉପରେ ଶିଆଡ଼ି ପତ୍ର ଦେଇ ଚାଉଳ ପକେଇ ଦେବାକୁ କହିଲା ଏବଂ ହାଂଡିରେ ଦି ଚାରିଟା କଣା କରିଦେବାକୁ କହିଲା । ବୁଢ଼ା ତା' ଭିତରେ ଲୁଚି ରହିଲା ।

ରାତିରେ ବିଲୁଆମାନେ ଆସିଲେ । ଛେଳି କୁଡ଼ିଆରୁ ଛେଳିଟେ ବାଂଧି ଆଣି ଚାଉଳ ଖୋଜିବାକୁ ଗଲାବେଳକୁ ଘରଟା ଠିଆ ମେଲା । ଆଉ ତା' ଭିତରେ ଚାଉଳ ହାଂଡି । ବିଲୁଆଂକର ଖୁସି ଦେଖେ କିଏ ? ସେମାନେ ବୁଢ଼ାକୁ ଉଚିତ ଶିକ୍ଷା ଦେଇଚଂତି ଭାବି ଚାଉଳ ହାଂଡି ଓ ଛେଳି ଧରି ଚାଲିଲେ ।

ଘରକୁ ଯାଇ ଛେଳି କଟା ହେଲା । ମାଉଁସ ରଂଧା ହେଲା । ଭାତ ହାଂଡିଏ ରଂଧା ହେଲା । ବୁଢ଼ା

ତା' ହାଂଡିରେ ସେମିତି ଲୁଚି ବସିଥାଏ । ତା' ପରେ ବିଲୁଆମାନେ ରଂଧା ଜିନିଷକୁ ଗୋଟେ ବିଲୁଆକୁ ଜଗେଇ ଦେଇ କ୍ରିୟା କର୍ମ କରିବାକୁ ମଶାଣିକୁ ଗଲେ । ବୁଢ଼ାତ ଆଗରୁ ପ୍ରସ୍ତୁତହୋଇ ଥାଏ । ତେଣୁ ଏମାନେ ବାହାରି ଯିବା ପରେ ଧୀରେ ଧୀରେ ହାଂଡିରୁ ବାହାରି ଠେଂଗାଟିଏ ଧରି ଜଗିଥିବା ବିଲୁଆ ମୁଂଡରେ ଦେଲା କସିକରି ପାହାରେ ଆଉ ସେଥିରେ ବିଲୁଆ ଶେଷ । ତା' ପରେ ମଲା ବିଲୁଆ ମୁହଁରେ ସେ ଭାତ ଟିକେ ଆଉ ମାଉଁସ ଟିକେ ପକେଇ ଦେଇ ପୁଣି ଯାଇ ହାଂଡି ଭିତରେ ଲୁଚି ବସିଲା । ବିଲୁଆମାନେ ଫେରି ଦେଖିଲେ ଯେ ତାଂକ ଭାଇ ମରି ପଡ଼ିଚି । ସେମାନେ ବିଲୁଆଟା ଡୁମା ଡସି[9] ମଲା ବୋଲି ଭାବି ତାକୁ ଦାହ କରିବାକୁ ନେଲେ ଓ ଗଲା ବେଳକୁ ଜଣକୁ ଭାତ ମାଉଁସ ପାଖରେ ଜଗେଇଦେଇ ଗଲେ ।

ବୁଢ଼ା ଯା'କୁ ବି ମାରିଦେଇ ତା' ମୁହଁରେ ଭାତ ଟିକେ ମାଉଁସ ଟିକେ ପକେଇଦେଇ ହାଂଡିରେ ଲୁଚି ବସିଲା । ସେମାନେ ପୁଣି ଆସି ଦେଖିଲେ ଆଉ ଜଣକ ବି ଡୁମା ଡସି ମରିଚି । ତା'କୁ ଦାହ କରିବାକୁ ନେଲେ, ଆଉ ଜଣକୁ ଜଗେଇ । ପୁଣି ଆସିଲା ବେଳକୁ ସେ ବି ଶେଷ । ତା'କୁ ପୁଣି ଆଉ ଜଣକୁ ଜଗେଇ ଦାହ କରିବାକୁ ନେଲେ । ଫେରିଲା ବେଳକୁ ସେ ବି ଶେଷ । ଏମିତି ଜଣ ଜଣ କରି ବୁଢ଼ା ସମସ୍ତଂକୁ ମାରିଲା । ଶେଷରେ ଲାଂଜକଟା ବିଲୁଆ ଏକା ରହିଲା । ତାକୁ ମାରିବାକୁ ବୁଢ଼ା ଯେମିତି ହାଂଡିରୁ ବାହାରିଲା, ଲାଂଜକଟା କି ଆଉ ସେଠି ରହେ ? ପ୍ରାଣ ବିକଳରେ ମାରିଲା ଚଂପଟ । ତା' ପରେ ବୁଢ଼ା ପେଟ ପୂରେଇ ଭାତ ମାଉଁସ ଖାଇ ଲଂବା ଏଉଡ଼ିଟେ ମାରି ନିଜ ଘରକୁ ଗଲା ।

---

1. ବଂଡା କଲିଆ : ଲାଂଜକଟା ବିଲୁଆ 2. ବେଡ଼ା : ଜମି 3. ପେଜ୍ ବେଳା : ମଧ୍ୟାହ୍ନ ଭୋଜନ ସମୟ
4. ପେଜ : ମାଂଡିଆରେ ତିଆରି ଜାଉ 5. ବଡ଼ାଇ : ବଡ଼ ମା 6. କତ୍ରା : ଛୁରୀ 7. ଠୁଁକିଲା : ଖୁଂପିଲା
8. ବୁଡ଼ ଘର : ଶୁଦ୍ଧି କ୍ରିୟା 9. ଡୁମା ଡସିବା : ଭୂତ ଲାଗିବା

ବଦ୍‌ଲୀ[1] ଫୁଲ କଥା

ଗୋଟିଏ ଗାଁରେ ସାତ ଭାଇ ଥାଂ'ତି। ସେମାନଂକ ଭିତରୁ ଛଅ ଭାଇ ମାଇଜୀ[2] ଆଣି ସାରିଥାଂ'ତି। ସାନ ଭାଇଟା ଖାଲି ମାଇଜୀ ଆଣିନଥାଏ। ଦିନେ ସାନଭାଇ ଦେଖିଲା, ତା' ଭାଉଜମାନେ ଡଂଗରରୁ[3] କାନରେ ସୁଂଦର ଲାଲ୍ ଫୁଲ ଦି'ଟା ଲେଖାଏଁ ଖୁଚି[4] କରି ଆସିଚଂତି। ଫୁଲଗୁଡ଼ାକ ଦେଖି ସାନ ଭାଇକି ବହୁତ ଭଲ ଲାଗିଲା। ତେଣୁ ସେ ଯାଇ ବଡ଼ ଭାଉଜକୁ ଫୁଲଟିଏ ମାଗିବାରୁ ସେ ନଦେଇ, ଆଉ ଜଣକୁ ଦେଖେଇଲା। ଏମିତି ସେ ଜଣଜଣ କରି ସମସ୍ତଂକୁ ଫୁଲଟେ ମାଗିଲା ସିନା, କେହି ତା'କୁ ଦେଲେନି। ତେଣୁ ରାଗରେ ସେ ନିଜେ ଫୁଲ ଆଣିବାକୁ ଗଲା।

ସେ ବଣରେ ଚାଲିଥାଏ ଆଗକୁ ଆଗକୁ। ହେଲେ ସେ ଫୁଲଟାର ନାଁ ତ ଜାଣିନଥାଏ। ସେଥିରେ ପୁଣି ଫୁଲଟା କୋଉ ଡଂଗରରେ ଫୁଟିଚି, ସେକଥା ବି ତା'କୁ ଜଣାନଥାଏ। ତଥାପି, ରାଗରେ ଚାଲିଥାଏ ଆଗକୁ ଆଗକୁ। ଏମିତି କିଛି ବାଟ ଯିବା ପରେ ସେ ଗୋଟେ ବଣ କୁକୁଡ଼ାକୁ ଭେଟି ପଚାରିଲା, ''ଏ ମାମା![5] ସେ ଲାଲ ଲାଲ୍ ଫୁଲ ଯୋଉ ଫୁଟେନି- ସେ ଗଛଟା ଏଇଠୁ ଆଉ କେତେ ଦୂର ହବ?'' କୁକୁଡ଼ା କହିଲା, ''ବାନ୍‌ଜା ରେ![6] ତୁ କୋଉ ଫୁଲ ଗଛ କଥା ପଚାରୁଚୁ ମୁଁ ତା ବୁଝି ପାରୁନି।'' ତା' ପରେ ବଡ଼ କଷ୍ଟରେ ସାନଭାଇଟି ସେଇ ଫୁଲର ବର୍ଣ୍ଣନା କଲା। ତା' ପରେ କୁକୁଡ଼ା କହିଲା, ''ଓ, ତୁ ତା'ହେଲେ ବଦ୍‌ଲୀ ଫୁଲ ଗଛ ବିଷୟରେ ପଚାରୁଚୁ?'' ସେ 'ହଁ' କଲା। କୁକୁଡ଼ା କହିଲା, ''ଆରେ ବାନ୍‌ଜା! ସେଇ ବଦ୍‌ଲୀ ଗଛ କଣ ଏଇଠି ଅଛି? ତୋତେ ଆହୁରି ଅନେକ ବାଟ ଚାଲିବାକୁ ହେବ।'' ସାନଭାଇଟି ପଚାରିଲା, ''ଆଚ୍ଛା, ମୁଁ ଯୋଉ ବାଟରେ ଏବେ ଚାଲିଚି ସେ ବାଟଟା ଠିକ୍ ତ ମାମା?'' କୁକୁଡ଼ା କହିଲା, ''ହଁ! ତୁ ଠିକ୍ ବାଟରେ ଚାଲିଛୁ। ଯା- ଯା- ଆଗକୁ ଯା।'' ସାନ ଭାଇ ଏଥର ପୁଣି ଚାଲିଲା- ଆଗକୁ ... ଆଗକୁ ... ଆଗକୁ।

ଏମିତି ଆଉରି ଗୁଡ଼ାଏ ବାଟ ଯିବାପରେ ସେ ଗୋଟେ ବଡ଼ ବାଗ୍‌କୁ[7] ଦେଖିଲା। ତାକୁ ବଦ୍‌ଲୀ ଗଛ ଆଉ କେତେ ଦୂର ବୋଲି ପଚାରିବାରୁ ସେ ବି ଆଉରି ଗୁଡ଼ାଏ ଦୂର ଅଛି ବୋଲି କହିଲା। ସିଏ ପୁଣି ଚାଲୁ ଚାଲୁ ବାଟରେ ଗୋଟିଏ ବଳଦକୁ ଦେଖି ବଦଲୀ ଗଛ କଥା ପଚାରିବାରୁ ସିଏ ବି ଆଉରି ଗୁଡ଼ାଏ ବାଟ ଅଛି ବୋଲି କହିଲା। ତା' ପରେ ସିଏ ପୁଣି ଚାଲିବାକୁ ଆରଂଭ କଲା।

ଏମିତି ଚାଲି ଚାଲି ଡଂଗର ପରେ ଡଂଗର ଡେଇଁ ସେ ଗୁଡ଼ାଏ ବାଟ ଯିବା ପରେ ତା'କୁ ଦୂରରୁ ବଦ୍‌ଲୀ ଗଛଟିଏ ଦିଶିଲା। ଗଛଟା ପୂରା ଲାଲ୍ ଲାଲ୍ ଫୁଲରେ ଲଦିହେଇଥାଏ। ସେ ଏତେଗୁଡ଼ାଏ ଫୁଲକୁ ଏକା ସାଂଗରେ ଦେଖି ମନେମନେ ଖୁବ୍ ଖୁସିହେଇ ଭାବିଲା, ''ଏବେ ମୁଁ ଯେତେ ଫୁଲ ଚାହିଁବି, ନେଇପାରିବି। ହେଲେ ଭାଉଜମାନଂକୁ ଗୋଟେ ଫୁଲ ମାଗିଲି ଯେ, କେହି ମତେ ଗୋଟେ ଫୁଲ ବି ଦେଲେନି।''

ସେ ଗଛ ପାଖକୁ ଗଲା । ଗଛଠୁ ଅଳ୍ପ ଦୂରରେ ଠିଆ ହେଇ ଦେଖିଲା ତା' ତଳେ ସୁନ୍ଦର ଧାଂଗଡ଼ୀ[7]ଟିଏ ବସି ଧାନ କୁଟୁଛି । ଏତେ ସୁନ୍ଦର ଧାଂଗଡ଼ୀ ତା' ପୂର୍ବରୁ ସେ କେବେ ଦେଖିନଥିଲା । ତାକୁ ମନ ପୂରେଇ ଦେଖିଲା । ତା'କୁ କିପରି ରସେଇବ[8], ତା' ପାଇଁ ଉପାୟ ପାଞ୍ଚିଲା । ଧାଂଗଡ଼ୀର ଅଜାଣତରେ ସିଏ ଚୁପ୍ କରି ଗଛ ଉପରକୁ ଚଢ଼ିଯାଇ ଗୋଟିଏ ଖେଂଦାରେ ବସିଲା । ସେ ଗଛରେ ଯାଇ ଚଢ଼ିବା କଥା ଧାଂଗଡ଼ୀ ଜାଣିନଥାଏ । ତେଣୁ ସେ ବସି ଧାନ କୁଟୁଥାଏ । ସାନଭାଇଟି ତା'ପରେ ଗଛରୁ ଗୋଟେ ଗୋଟେ ଫୁଲ ତୋଳି ଧାଂଗଡ଼ୀ ଉପରକୁ ପକେଇଲା । ପ୍ରଥମେ ଦି ତିନିଟା ଫୁଲ ପଡ଼ିବା ଯାଏଁ ଧାଂଗଡ଼ୀ ପବନରେ ଫୁଲ ଝଡୁଛି ବୋଲି ଭାବୁଥାଏ । ହେଲେ ଫୁଲ ପଡ଼ିବା ବନ୍ଦ ନହେବାରୁ ସେ କାହିଁକି ଏମିତି ଫୁଲଗୁଡ଼ାକ ପଡୁଚି ଭାବି ଉପରକୁ ଚାହିଁଦେଲା ବେଳକୁ ଦେଖିଲା ବଦଳୀ ଗଛର ଗୋଟେ ଖେଂଦା[9]ରେ ଧାଂଗଡ଼ାଟିଏ ବସିଚି । ଦିହେଁ କିଛି ସମୟ ଧରି ଦିହିଂକି ଏକ ଲୟରେ ଚାହିଁବାରେ ଲାଗିଲେ । ତା' ପରେ ଧାଂଗଡ଼ୀ ତାକୁ ତଳକୁ ଓହ୍ଲେଇବାକୁ କହିଲା । ସେ ତଳକୁ ଓହ୍ଲାଇବା ପରେ ତାକୁ ପଚାରିଲା, ''ତମେ କିଏ ? ଏ ଗଛ ଉପରକୁ କେମିତି ଚଢ଼ିଲ ?'' ସେ କିଏ ଆଉ ଗଛରେ କାହିଁକି ଚଢ଼ିଚି, ଯୁବକଟି ସେକଥା ଆମୂଳଚୂଳ ଧାଂଗଡ଼ୀକି କହିଲା । ସବୁ ଶୁଣିସାରି ଧାଂଗଡ଼ୀ କହିଲା, ''ତମେ ଫୁଲ ନେବାକୁ ଏତେ ଡଂଗର ପାରି ହେଇ ଆସିଚ ସିନା, ହେଲେ ତମେ କଣ ଫୁଲ ନେଇ ଏଠୁ ଯାଇ ପାରିବ ?'' ଯୁବକଟି ପଚାରିଲା, ''ପାରିବିନି କାହିଁକି ?'' ଧାଂଗଡ଼ୀ ଉତ୍ତର ଦେଲା, ''ତମେ ବୋଧେ ଜାଣିନ । ମୁଁ ହଉଚି ଗୋଟେ ବଡ଼୍ ବାଗ୍‌ର ପୋଷିଆଁ ଝିଅ । ମୋ ବାପା ଏବେ ବଣକୁ ଯାଇଚି । ଆଉ ଟିକେ ପରେ ଶିକାର ନେଇ ଫେରିଆସିବ । ସେତେବେଳେ ଯଦି ତମକୁ ଏଠି ଦେଖିବ, ସେ କଣ ତମକୁ ନଖାଇ ଛାଡ଼ିବ ?'' ଯୁବକଟି ପଚାରିଲା, ''ତା' ହେଲେ ମୁଁ କ'ଣ କରିବି ? ସେ ଉପାୟ ତମେ ବାହାର କର ।'' ଧାଂଗଡ଼ୀତ ପ୍ରଥମ ଦେଖାରୁ ହିଁ ଯାକୁ ରସି ଯାଇଥିଲା, ତେଣୁ କହିଲା, ''ତମେ ବ୍ୟସ୍ତ ହୁଅନି । ମୁଁ ତୁମକୁ ମଂତ୍ର ବଳରେ ଗୋଟେ ପାନିଆଁ କରିଦଉଚି ।'' ତା' ପରେ ଧାଂଗଡ଼ୀ ମଂତ୍ରକରି ଯା'କୁ କାଠ ପାନିଆଁଟେ କରିଦେଇ ଗୋଟେ ଜାଗାରେ ଲୁଚେଇ ଦେଇ ପୁଣି ଧାନ କୁଟିଲା ।

କେତେ ସମୟ ପରେ ଧାଂଗଡ଼ୀର ବାପା ବଡ଼୍ ବାଗ୍ ବାରିଆଟେ[10] ନେଇ ଆସିଲା । ବାରିଆଟାକୁ ଗଛ ମୂଳେ ଥୋଇ, ସେ ଟିକେ ଏଣେତେଣେ ବୁଲି କିଛି ଶୁଂଘିବାକୁ ଚେଷ୍ଟାକଲା । ତା' ପରେ ଧାଂଗଡ଼ୀକି ପଚାରିଲା, ''ଆଲୋ ଟକି ![11] ଏଠି କଣ ମଣିଷ ମଣିଷ ଗଂଧ ହଉଚି ।'' ଧାଂଗଡ଼ୀ କହିଲା, ''ଏ ବଣଟା ଭିତରକୁ ଆଉ ମଣିଷ କୁଆଡୁ ଆସିବ ବାପା ? ମୁଁ ହିଁ ବୋଧେ ତୋତେ ମଣିଷ ମଣିଷ ଗଂଧଉଚି । ଖାଇବୁ ଯଦି ମତେ ଖା ।'' ବଡ଼୍ ବାଗ୍ କହିଲା, ''କେତେ ବଡ଼ କଥାଟେ କହିଲୁ ଲୋ ଟକି । ମୁଁ ଏତେ ଆଦରରେ ତତେ ପାଳିଚି । ମୁଁ ପୁଣି ତତେ ଖାଇବି ? ତୁ ଏମିତି ରାଗନି । ମତେ ଟିକେ ସେମିତି ଲାଗିଲା ତ, ତେଣୁ ପଚାରିଦେଲି ।'' ଧାଂଗଡ଼ୀ କହିଲା— ''ମଣିଷ ଏଠିକି ଆସିଥିଲେ ମୁଁ ତତେ କହିନଥାଂ'ତି ? '' ବାଗ୍ ତା' ପରେ ଆଉ କିଛି ନକହି ବାରିଆଟାକୁ ବସି ଖାଇଲା । ଆଉ ତା' ପରେ ପାର୍[12] ଭିତରେ ଯାଇ ନିଘୋଡ଼ ନିଦରେ ଶୋଇପଡ଼ିଲା ।

ତା' ପରଦିନ ସକାଳୁ ଯେତେବେଳେ ବଡ଼୍ ବାଗ୍ ପୁଣି ଶିକାର କରିବାକୁ ଗଲା, ଧାଂଗଡ଼ୀ ମଂତ୍ର ବଳରେ ପାନିଆ କରିଥିବା ମଣିଷକୁ ପୁଣି ମଣିଷ କରିଦେଲା । ତା' ପରେ ଦୁଇ ଧାଂଗଡ଼ା ଧାଂଗଡ଼ୀ ବସି ବହୁତ କଥା ହେଲେ । ଧାଂଗଡ଼ୀ ଧାଂଗଡ଼ାକୁ ଖାଇବାକୁ ଶାଗ୍ ପେଜ୍[13] ଦେଲା । ଖାଇପିଇ ଧାଂଗଡ଼ା ଧାଂଗଡ଼ୀକୁ ତା' ସାଂଗରେ ଉଦଲିଆ[14] ପଳେଇବାକୁ ସୁତ୍ରେଇଲା ।[15] ଧାଂଗଡ଼ୀ 'ବାପା

ଜାଣିଲେ ଦିହିଂକି ଖାଇଯିବ' କହି, ପ୍ରଥମେ ନାଇଁ ନାଇଁ କରୁଥିଲା, କିଂତୁ ଧାଂଗଡ଼ା ତା'କୁ ବହୁତ ସାହସ ଦେଲା ପରେ ସେ 'ହଁ' କଲା। ବାପା ଶିକାରରୁ ଫେରିବା ସମୟ ହେବାରୁ ଧାଂଗଡ଼ୀ ତାକୁ ପୁଣି ମଂତ୍ର ବଳରେ ପାନିଆଁ କରିଦେଇ ଲୁଚେଇଦେଲା।

ବାପା ଶିକାର ନେଇ କିଛି ସମୟ ପରେ ଆସିଲା। ଆସି ଦେଖିଲା ଝିଅ ବଦ୍‌ଲୀ ଗଛ ମୂଳେ ବସି ସକ୍ ସକ୍ ହଉଚି। ତା' ପାଖକୁ ଯାଇ ବାଗ୍ ପଚାରିଲା, "କଣ ହେଲା ଟକି? ତୁ ଏଠି ବସି କାଂଦୁଚୁ କାଇଁକି?" ଝିଅ କହିଲା, "ବାପା! ମୁଁ ତୋ ଝିଅ। ମତେ ତୁ ପିଲାବେଳୁ ପାଳିଚୁ। ସବୁ ବେଳେ ତୁ କହୁଚୁ ଆମର ଗୁଡ଼ାଏ ଟଂକା, ସୁନା ବାନା[16] ଅଛି ବୋଲି। ହେଲେ ଏଯାଏଁ ମତେ ଥରେ ବି ତ ସେସବୁ ଦେଖେଇନୁ।" ବାଗ୍ କହିଲା, "ଓ- ଏଇ କଥା ପାଇଁ ତୁ ତା'ହେଲେ କାଂଦୁଚୁ? କିଲୋ ଏଥିରେ କାଂଦିବାର କ'ଣ ଅଛି? ତୁ ତ ମତେ ଦେଖେଇବାକୁ କହିଥିଲେ ମୁଁ ତତେ ସବୁ ଦେଖେଇ ଦେଇଥାଂ'ତି। ଆଲୋ, ସେ ସବୁ ତ ତୋ'ର। ମୁଁ ତ ଦେଖୁଚୁ ବାଗ୍‌ଟାଏ। ମୁଁ କଣ ସେ ସୁନା ବାନା ପିଂଧି ବୁଲିବି ବୋଲି ଭାବୁଚୁ ନା କ'ଣ? ଆଉ କାଂଦନି। ଚାଲ୍ ମୁଁ ଏବେ ତତେ ସବୁ ଦେଖେଇଦେବି।" ତା'ପରେ ବଡ଼ବାଗ୍ ଧାଂଗଡ଼ୀକି ନେଇ ସେସବୁ ଦେଖେଇଦେଲା। ଏତେଗୁଡ଼ାଏ ଟଂକା ସୁନା ବାନା ଦେଖି ଧାଂଗଡ଼ୀର ଆଖି ଖୋସିହେଇଗଲା। ତା' ପରେ ବଡ଼ବାଗ୍ ଆଣିଥିବା ଶିକାରଟାକୁ ବସି ଆରାମ୍‌ରେ ଖାଇବାକୁ ଲାଗିଲା। ଆଉ ତା' ପରେ ପାର୍ ଭିତରେ ଘୁଂଗୁଡ଼ି ମାରି ଶୋଇପଡ଼ିଲା।

ପରଦିନ ପୁଣି ସକାଳୁ ବଡ଼ବାଗ୍ ବଣକୁ ଯିବା ପରେ ଧାଂଗଡ଼ୀ ମଂତ୍ର ବଳରେ ପାନିଆଁକୁ ଧାଂଗଡ଼ା କରିଦେଲା। ଦିହେଁ ତା' ପରେ ବାଗ୍‌ର ସବୁ ଟଂକା ସୁନା ବାନା ନେଇ ପଳେଇଲେ।

ଏଣେ ସଂଜ ହେବାରୁ ବଡ଼ବାଗ୍ ଘରକୁ ଫେରି ଦେଖିଲା ତା' ଟକି ନାଇଁ କି ସୁନା ବାନା କିଛି ନାହିଁ। ତା' ପରେ ବାଗ୍ ଟକିକୁ ଖୋଜିବାକୁ ବଣ ଭିତରେ ପଶିଲା। ଚାରିଆଡ଼େ ବୁଲି ବୁଲି ତା'କୁ ଖୋଜିଲା, ହେଲେ ପାଇଲାନି।

ତେଣେ ସେ ଦିହେଁ ରାତିରେ ଯାଇ ନିଜ ଗାଁରେ ପହଂଚିଲେ। ଗାଁରେ ସମସ୍ତେ ଶୋଇପଡ଼ିଥାଂ'ତି। ଯାଂକ ଘର ଲୋକ ବି ସମସ୍ତେ ଯେଝା କୁଡ଼ିଆରେ କାପାଟ ଡାବି[17] ଶୋଇପଡ଼ିଥାଂ'ତି। ତେଣୁ ସାନଭାଇ ଯାଇ ପ୍ରଥମେ ବଡ଼ ଭାଇର କୁଡ଼ିଆ କାପାଟ ବାଡ଼େଇ ଡାକିଲା। ସେମାନେ କିଂତୁ ମୋଟେ କାପାଟ ଖୋଲିଲେନି। ତା'ପରେ ତା' ତଳ ଭାଇ, ତା'ପରେ ତା'ତଳ ଭାଇ... ଏମିତି ଜଣ ଜଣ କରି ସମସ୍ତଂକ କୁଡ଼ିଆକୁ ଯାଇ ଏମାନେ କାପାଟ ପିଟି ଡାକିଲେ। ହେଲେ କେହି ବି କାପାଟ ଖୋଲିଲେନି। ଶେଷରେ ସାନ ଭାଇ ଯାଇ ମା' ଶୋଇଥିବା କୁଡ଼ିଆର କାପାଟ ବାଡ଼େଇ କହିଲା, "ମା', ମୁଁ ତୋ ସାନପୁଅ ଆସିଚି। ମୁଁ ବଦ୍‌ଲୀ ଫୁଲ ଆଣିବାକୁ ସେଦିନ ଯାଇଥିଲି। ଆଜି ବଦ୍‌ଲୀ ଫୁଲ ତ ଆଣିଚି, କିଂତୁ ତା' ସାଂଗରେ ଆଉ ଯାହା ଆଣିଚି, ସେଟା ତୁ କାପାଟ ଖୋଲି ନିଜେ ଦେଖିଲେ ଯାଇ ବିଶ୍ୱାସ କରିବୁ।" ମା ସାନପୁଅ ଆସିଚି ବୋଲି ଶୁଣି କାପାଟ ଖୋଲି ଦେଖିଲା ନେଲକୁ ପୁଅତ ଆସିଚି। ସାଂଗରେ ସୁଂଦର ଧାଂଗଡ଼ୀଟିଏ ବି ଆଣିଚି, ଆଉ ଗୁଡ଼ାଏ ଟଂକା, ସୁନା ବାନା ବି ଆଣିଚି। ଏସବୁ ଦେଖି ମା ଖୁବ୍ ଖୁସି ହେଲା। ଦିହିଂକି ତା' କୁଡ଼ିଆକୁ ଡାକି ନେଇ ଶୋଇବାକୁ କହିଲା।

ରାତି ପାହିବାରୁ ଭାଇମାନେ ଉଠି ଯେତେବେଳେ ସାନ ଭାଇର ମାଇଜୀକୁ ଦେଖିଲେ ସେମାନେ ପୂରା କାବା ହେଇଗଲେ। ଭାଉଜମାନେ ବି ଦିଅରକୁ ପ୍ରଶଂସା ନକରି ରହି ପାରିଲେନି।

ଏଣେ ବାଘ୍ ଦିନ ପରେ ଦିନ ବଣଟା ଭିତରେ ଖାଲି ଝିଅକୁ ଝୁରି ଝୁରି କିଛି ନଖାଇ ନପିଇ ଖୋଜି ବୁଲୁଥାଏ । ଏମିତି ଖୋଜି ଖୋଜି ଦିନେ ବାଘଟା ବଣରେ ମରିଗଲା ।

ତେଣେ ଏ ଦିହେଁ ଟଙ୍କା ସୁନା ବାନା ପାଇ ପୁରା ସାଉକାର ପରି ଚଳିଲେ ଓ ସୁଖରେ ରହିଲେ ।

---

1. ବଦ୍‌ଲୀ ଫୁଲ : ପଲାଶ ଫୁଲ 2. ମାଇଜୀ : ସ୍ତ୍ରୀ, ଭାର୍ଯ୍ୟା 3. ଡଂଗରରୁ : ପାହାଡ଼ରୁ 4. ଖୁଚି : ଖୁଂଚି 5. ମାମା : ମାମୁଁ 6. ବାନ୍‌ଜା : ଭଣଜା 7. ବଢ଼ ବାଘ୍ : ମହାବଳ ବାଘ 8. ଉସେଇବା : ଆକୃଷ୍ଟ କରିବା 9. ଖେଂଦାରେ : ଗଛର ଶାଖା ବା ଡାଳରେ 10. ବାଋିଆ : ବରାହ, ବାର୍‌ହା 11. ଟକି : ଝିଅ 12. ପାର୍ : ଗୁମ୍ଫା, ଗୁହା 13. ଶାଗ୍‌ପେଜ୍ : ମାଂଡିଆ ଜାଉ ଓ ତିଅଣ 14. ଉଦ୍‌ଲିଆ : ସ୍ୱଇଚ୍ଛାରେ କାହା ସାଂଗରେ ଚାଲିଯାଇ ବିବାହ କରିବା 15. ସୁଦ୍ରେଇଲା : ମନେଇଲା 16. ସୁନା ବାନା : ସୁନା ରୁପା 17. କାପାଟ୍ ଡାବି : କବାଟ ବଂଦକରି, ଦୁଆର ଦେଇ ।

ଘରଜୋଇଁ କଥା

ଗୋଟେ ଗାଁରେ ବୁଢ଼ାଟେ ବୁଢ଼ୀଟେ ରହୁଥାଆଂତି। ତାଂକର ସୁଂଦର ଝିଅଟିଏ ଥାଏ। ସେମାନଂକର ପୁଅ ନଥାଏ ବୋଲି ବୁଢ଼ା ଚାହୁଁଥାଏ ଘରଜୋଇଁଟେ ରଖିବାକୁ। ସେ ତେଣୁ ଜୋଇଁଟେ ସବୁଆଡ଼େ ଯାଇ ଖୋଜୁଥାଏ। ହେଲେ ତା' ମନକୁ ପାଇଲା ଭଳିଆ ଜୋଇଁଟିଏ କେଉଁଠି ବି ମିଳୁନଥାଆଂତି।

ଦିନେ ବୁଢ଼ା ଘରଜୋଇଁ ଖୋଜିଗଲା ବେଳକୁ ବାଟରେ ଗୋଟିଏ ବିଲୁଆକୁ ଦେଖିଲା। ବିଲୁଆ ତା'କୁ ପଚାରିଲା, ''କୁଆଡ଼େ ଯାଉଚ?'' ବୁଢ଼ା କହିଲା, ''କ'ଣ ଆଉ କହିବି? ଝିଅ ପାଇଁ ବରଟେ ଖୋଜି ଯାଉଚି।'' ବିଲୁଆ ପଚାରିଲା, ''କାହିଁକି? ଝିଅଟା ତମର ସୁଂଦର ନୁହେଁ ନାଁ କଣ? ସୁଂଦର ହେଇଥିଲେତ ହାଟ, ଯାତ୍ରା ଗଲାବେଳକୁ ଲୋକେ ତା'କୁ ସେଇଠୁ ଉଦ୍‌ଲିଆ[1] ନେଇ ଯାଆଂତେଣି।'' କଥାଟା ବୁଢ଼ାର ମରମ ଭେଦ କଲା। ସେ କହିଲା, ''ସୁଂଦର ନୁହେଁ କାହିଁକି? ଭାରି ସୁଂଦର! ତା'କୁ ତ ମାଗିବାକୁ କେତେ ଲୋକ ଆସିଲେଣି। ବହୁତ ଜଲା ଡ଼ାବୁ[2] ଯାଚିଲେଣି। ହେଲେ ମୁଁ କାହାକୁ ଦଉନି। କହିଲ, ସେ ଯଦି ଘରୁ ପଳେଇବ, ଆମେ ବୁଢ଼ା ବୁଢ଼ୀ ପୁଣି ଚଳିବୁ କେମିତି? ଆମର କଣ ପୁଅ ଅଛି ଯେ, ଆମକଥା ବୁଝିବ?'' ବିଲୁଆ ତା ପରେ ବୁଢ଼ାର କଥା ବୁଝି ପାରିଲା। ସେ ପଚାରିଲା, ''ଓ! ତା'ହେଲେ ତମେ ଘରଜୋଇଁ ଖୋଜୁଚ?'' ବୁଢ଼ା କହିଲା, ''ହଁ!'' ତା'ପରେ ବିଲୁଆ କହିଲା, ''ତମେ ଯଦି ରାଜି ହବ ତା'ହେଲେ ମୁଁ ତମର ଘରଜୋଇଁ ହେବି। ଆଉ ମନେରଖ ମୁଁ ଯେମିତି କାମ କରିପାରିବି, ସେମିତି ଆଉ କେହି କରିପାରିବେନି। କଣ ରାଜି ନା ନାଇଁ?'' ବୁଢ଼ା ଟିକେ ଚିଂତା କଲା ପରେ ବିଲୁଆ କଥାରେ ରାଜି ହେଇ ତାକୁ ଘରକୁ ଡ଼ାକିନେଲା। ଘରେ ବୁଢ଼ୀ ଆଉ ଝିଅକୁ ଡ଼ାକି ବିଲୁଆ ସାଂଗରେ ପରିଚୟ କରେଇ ଦେଲା। ତା' ପରେ ସେମାନେ ବିଲୁଆକୁ ପେଜ୍ ଶାଗ୍[3] ଖାଇବାକୁ ଦେଲେ। ବିଲୁଆ ଖାଇ ପିଇ ସାରି ଟିକେ ଆରାମ କଲା ବେଳକୁ ବୁଢ଼ା ଆସି ପହଂଚି କହିଲା, ''କଣ ଜୋଇଁ? ଏମିତି ଆରାମ୍ କଲେ ଚଳିବ? ଟାଂଗିଆଟା ନେଇ ବଣକୁ ଯାଅ। ଘରଜୋଇଁ ହେଇ ଆଉ ବସି ରହିଲେ ଚଳିବ?'' ବିଲୁଆ ବୁଢ଼ା ହାତରୁ ଟାଂଗିଆ ନେଇ ତା'ପରେ ବଣକୁ ଗଲା।

ଦିନ ଯାଇ ରାତି ହେଲା ସିନା, ବିଲୁଆ ଆଉ ଫେରିଲାନି। ବୁଢ଼ା ଭାବିଲା, ବୋଧେ ଆଉ ଫେରିବନି। ଟାଂଗିଆଟା ନେଇ ବିଲୁଆ ଗଲା ଭାବି ବୁଢ଼ା ମନ ଖରାପ କରି ବସିଚି, ବିଲୁଆ ଗୋଟେ ଭାର ନେଇ ଆସିଲା। ବୁଢ଼ା ''କଣ ଆଣିଚ'' କହି ତା' ପାଖକୁ ଯାଇ ଦେଖିଲା ବେଳକୁ ଭାରରେ ଅଛି ତିନି ଚାରିଟା କୁକୁଡ଼ା, ଆଉ ବୋଝେ ହବ ଜନା।[4] ଏସବୁ ଦେଖି ବୁଢ଼ାର ଛାତି କୁଂଢେ ମୋଟ। ସେ ଖୁସିରେ ବିଲୁଆକୁ କୁଂଢେଇ ପକେଇଲା। ତା' ପରେ ପଚାରିଲା, ''ଜୋଇଁ! ଏତେ ସବୁ ଜିନିଷ ତମେ କୋଉଠୁ ଆଣିଲ?'' ବିଲୁଆ ତା' ପରେ କେମିତି ଜଣକ ବାଡ଼ିରୁ[5] ଜନା ଆଉ ଜଣକ ଘରୁ ତା' ପୋଷା କୁକୁଡ଼ା ଆଣିଲା, ସେ ରହସ୍ୟ କହିଲା।

ତା' ପରଦିନ ବୁଢ଼ା ବିଲୁଆକୁ ଟାଂଗିଆ ଦେଇ ବଣକୁ ପଠେଇଲା କାଠ ପାଇଁ ଆଉ ସଂଙ୍ଗରେ ନିଜେ ବାହାରିଲା କୁକୁଡ଼ା ଆଉ ଛନା ପାଇଁ। କାଇଁକି ନା-ବୁଢ଼ା ପାଟିରେ କୁକୁଡ଼ା ମାଉଁସ ସୁଆଦ ବାଜିଥାଏ। ତେଣୁ ପୁଣି ମାଉଁସ ଖାଇବାକୁ ତା' ମନ ଛନ ଛନ ହଉଥାଏ। ନିଜେ ଯଦି ସେ କୁକୁଡ଼ା ଆଉ ଛନା ଚୋରି କରି ଆଣିପାରିବ, ତା' ହେଲେ ଏ ବିଲୁଆଟା ଆଉ କି କାମରେ ଆସିବ? ସେ ତା'କୁ ବିଦା କରିଦେଇ ଆଉ କାହାକୁ ଗୋଟେ ଘରଜୋଇଁ କରି ଆଣିବ। ଏମିତି ସବୁ କଥା ଚିଂତା କରି ସେ ଠିକ୍ ସଂଙ୍ଗରେ ଯାଇ ଜଣକ ଛନା ବାଡ଼ରେ ପଶି ଛନା ଭାଂଗିଲା ବେଳକୁ ମଡ଼ ମଡ଼ ହେଇ ଖୁବ୍ ଯୋର୍‌ରେ ଶବ୍ଦ ହେଲା। ଯାହା ବାଡ଼ ସେ ଲୋକ ଖଂଡେ ଦୂରରେ ମଂଚାଟେ ଗଢ଼ି ତା' ଉପରେ ଜଗିଥାଏ। ସେ ଯେମିତି ଶବ୍ଦ ଶୁଣିଚି, ଧାଇଁଲା ଶବ୍ଦକୁ ଲକ୍ଷ୍ୟ କରି। ମୁହଁ ଅଂଧାର ହେଇଯାଇଥାଏ। ତେଣୁ କିଏ କାହାକୁ ଚିହ୍ନିଚି? ବୁଢ଼ା ପାଖକୁ ଯାଇ ବୁଢ଼ା ମୁଂଡରେ ଠେଂଗାରେ ପକେଇଲା ନିର୍ଘାତିଆ ପାହାରଟେ। ମାଡ଼ ଖାଇବା ପରେ ବୁଢ଼ା କି ଆଉ ସେଠି ରହେ? ଧାଇଁଲା ଲଂଡ ଭଂଡ ହେଇ ଘରଆଡ଼କୁ।

ଘରେ ଯାଇ ବୁଢ଼ା ହୋ ହୋ ହା-ହା ହେଇ ପହୁଂଚିଲା ବେଳକୁ ତେଣୁ ଦାରୁ[6] କାଉଡ଼ିଟେ[7] ନେଇ ବିଲୁଆ ଆସି ପହଂଚିଲା। ବିଲୁଆକୁ ଦେଖି ପୂରା ନିଆଁବାଣ ହେଇଗଲା ସେ। ସାଂଗେ ସାଂଗେ ବିଲୁଆକୁ ପାଞ୍ଚ ତଣ୍ଡିଆ ମାରି କହିଲା, ''ହଇବେ ଶଳା, ତୋ ବୁଦ୍ଧିରେ ଆଜି ମୋର ଜୀବନ ଯାଇଥାଆଂତା। ଯା' ପଳା ମୋ ଘରୁ। ତୋ ଭଳିଆ ଜୋଇଁ ମୋର ଲୋଡ଼ା ନାହିଁ।'' କହି ତା'ର ଆଉ ପଦେ ବି କଥା ନଶୁଣି ତା'କୁ ବିଦା କରିଦେଲା।

ଏଥର ପୁଣି ବୁଢ଼ା ମୁଂଡରେ ଘରଜୋଇଁ ଚିଂତା ପଶିଲା। ତେଣୁ ସେ ପୁଣି ଘରଜୋଇଁ ଖୋଜି ବାହାରିଲା। ଯାଉ ଯାଉ ବାଟରେ ଭେଟିଲା ଗୋଟେ ପାନିସିଉଁନାକୁ।[8] ପାନି ସିଉଁନା ତା'କୁ ପଚାରିଲା, ''କୁଆଡ଼େ ଯାଉଚ କି?'' ବୁଢ଼ା ତାକୁ ''ଘରଜୋଇଁ ଖୋଜି ଯାଉଚି'' ବୋଲି କହିବାରୁ ପାନି ସିଉଁନା ନିଜେ ଘରଜୋଇଁ ହେବାକୁ ପ୍ରସ୍ତାବ ଦେଲା। ବୁଢ଼ା କିଂତୁ ସହଜେ ରାଜି ହେଲାନି। ଆଉ ସେ କେମିତି ବିଲୁଆକୁ ଘରଜୋଇଁ କରି ଡ଼ାକି ନେଇଥିଲା ଓ ତା' ବୁଦ୍ଧିରେ କେମିତି ନିଜ ମୁଂଡଟା ଫଟେଇହେଲା-ସେ ସବୁ ପାନିସିଉଁନା ଆଗରେ ବଖାଣିଲା। ପାନିସିଉଁନା କିଂତୁ ବୁଢ଼ାକୁ କଥା ଦେଲା, ସେ ସେମିତି କିଛି କରିବନି ବୋଲି। ବୁଢ଼ା ତା' ପରେ ପାନିସିଉଁନାକୁ ଘରକୁ ନେଇ ବୁଢ଼ୀ ଆଉ ତା' ଝିଅ ସାଂଗରେ ଚିହ୍ନା କରେଇଦେଲା। ପ୍ରଥମ ଦିନ ତ ପାନି ସିଉଁନା ଖାଲି ଖାଇ ପିଇ ଆରାମ କଲା-ତା' ପରଦିନ ସକାଳୁ ଉଠି ବୁଢ଼ାକୁ ବଡ଼ କରଲୀ[9] ଟିଏ ଧରି ତା' ସାଂଗରେ ଆସିବାକୁ କହିଲା।

ଦିହେଁ ଚାଲିଥାଆଂତି। ବୁଢ଼ା କିଛି ବୁଝିପାରୁ ନଥାଏ। ତା' ପରେ ସେମାନେ ଯାଇ ନଈ ପାଖରେ ପହଞ୍ଚିଲେ। ପାନିସିଉଁନା ବୁଢ଼ାକୁ ନଈ କୂଳରେ ବସେଇ ଦେଇ ନିଜେ ଥରକୁ ଥର ପାଣିକି ଡ଼େଇଁ ମାଛଗୁଡ଼ାଏ ଆଣି ବୁଢ଼ା ଆଗରେ ଗଦେଇଦେଲା। ମାଛ ସବୁ ସାଉଁଟି ବୁଢ଼ା କରଲୀରେ ରଖି ଦେଖିଲା ପୁରା କରଲୀଏ ମାଛ। ବୁଢ଼ାର ମନ ଖୁସି। ସେ ଦିହେଁ ଏଥର ଚାଲିଲେ ଘରକୁ। ଘରେ ମାଛ କେଇଟା ପୋଡ଼ି ଦେଇ ପାନି ସିଉନାକୁ ଦେଇ ବୁଢ଼ା ବୁଢ଼ୀ ଆଉ ଝିଅ ମନଖୁସିରେ ମାଛ ଖାଇଲେ।

ବୁଢ଼ା ତ ପାଣି ସିଉଁନାର ମାଛ ଧରା କଉଶଳ ଦେଖିଥାଏ। ତେଣୁ ତା' ପରଦିନ ସେ ତାକୁ ବଣକୁ ପଠେଇଲା ଦାରୁ ପାଇଁ। ପାନିସିଉଁନା ବଣକୁ ଯିବା ପରେ ବୁଢ଼ା ନିଜେ କରଲୀଟିଏ ଧରି ଚାଲିଲା ନଈକୁ। ନଈ ପାଖରେ ପହଂଚି ଆରଦିନ ପାନିସିଉଁନା ଯେମିତି ନଈ ପାଣିକୁ ଡ଼େଇଁ ମାଛ ଧରୁଥିଲା-ସେମିତି ମୁଂଡ ତଳକୁ କରି ଡ଼େଇଁପଡ଼ିଲା ପାଣିକୁ। ବୁଢ଼ାର ମୁଂଡ ଡେଇଁବା ପରେ ଯାଇ ପୋତି ହେଇଗଲା ପଂକ ଭିତରେ। ନାକରେ କାନରେ ତା'ର ପଂକ ପଶିଗଲା। ତା' ପରେ ବଡ଼

କଷ୍ଟରେ ସେ ମର୍ ନମର୍[10] ଅବସ୍ଥାରେ ପାଣି ଉପରକୁ ଉଠି କୂଳକୁ ଗଲା। ଆଉ ରାଗ ତମ ତମ ହୋଇ ଘରକୁ ଗଲାବେଳକୁ ଦେଖିଲା, ସେଆଡୁ ଖାଲି ଟାଂଗିଆଟା ଧରି ପାନିସିଉଁନା ବଣରୁ ଆସୁଚି। ତା'କୁ ଯେମିତି ଦେଖିଲା-ବୁଢ଼ା ରାଗରେ ପାଚି ପୂରା ଲାଲ୍ ହେଇଯାଇ ତା' ହାତରୁ ଟାଂଗିଆ ଛଡ଼େଇ ତାକୁ ପୂରା ପୂଜିଦେବାକୁ[11] ବାହାରିଲା। ପାନିସିଉଁନା କଣ ହେଲା ବୋଲି ପଚାରିବାରୁ ସେ କହିଲା, ''ହଇବେ ଶଳା, ଏମିତି ମତେ ମାଛ ଧରା ଶିଖାଉଚୁ, ନାଇଁ? ତୋ ବୁଦ୍ଧିରେ ଆଜି ମୋ ପ୍ରାଣ ଯାଇଥାଆଂତା। ଚଂଚଳ ମୋ ଘରୁ ଯା', ନହେଲେ ଆଜି ତତେ ନିଶ୍ଚୟ ପୂଜି ଦେବି।'' ଏତିକି ଶୁଣି ପାନିସିଉଁନା କି ଆଉ ସେଠି ରହେ? ଧାଇଁଲା ବଣକୁ ପ୍ରାଣ ବିକଳରେ।

ବୁଢ଼ାର ରାଗ ଥଂଡା ହେବା ପରେ ସେ ଚିଂତା କଲା- ''ଯେତିକି ସବୁ ଘରଜୋଇଁ ହେଇ ଆସୁଚଂତି ସବୁଗୁଡ଼ାକ ଅଯୋଗ୍ୟ। କଣ କରିବି? ଯୋଗ୍ୟ ଘରଜୋଇଁଟେ କୋଉଁଠୁ ପାଇବି? ନିଶ୍ଚିଂତ ହେଇ ବସିଲେତ ଚଳିବନି।'' ଏମିତି ଭାବି ବୁଢ଼ା ତା' ପରଦିନ ପୁଣି ଘରଜୋଇଁ ଖୋଜି ବାହାରିଲା। ଯାଉ ଯାଉ ବାଟରେ ଦେଖିଲା ଗୋଟେ ବାରିଆକୁ[12]। ବାରିଆର ମୋଟା ସୋଟା ରୂପ ବୁଢ଼ାକୁ ଖୁବ୍ ଆକୃଷ୍ଟ କଲା। ସେ ମନେ ମନେ ଭାବିଲା-'ଯାକୁ ଘରଜୋଇଁ କରିନେଲେ ଠିକ୍ ହବ।' ତା'ପରେ ସେ ବାରିଆକୁ ପ୍ରସ୍ତାବ ଦେଲା ଘରଜୋଇଁ ହେବାକୁ। ବାରିଆ ବି ବୁଢ଼ା ପ୍ରସ୍ତାବରେ ରାଜି ହେଇ ତା' ସାଂଗରେ ଚାଲିଲା ତା' ଘରକୁ। ପ୍ରଥମ ଦିନ ବାରିଆକୁ ବୁଢ଼ା କୁଆଡ଼େ କାମରେ ପଠେଇଲାନି। ତେଣୁ ସେ ପୂରା ସେଦିନଟା ଆରାମ୍ କଲା।

ତା' ପରଦିନ ସକାଳୁ ଉଠି ବାରିଆ ବୁଢ଼ାକୁ କହିଲା, ''ମୋ ସାଂଗରେ କର୍‌ଲୀଟିଏ ଧରି ଚାଲ ବଣକୁ।'' ବୁଢ଼ା ବି ତା ସାଂଗରେ ବଣକୁ ଚାଲିଲା। ବଣରେ ପହଂଚି ବାରିଆ ତା' ଥୋମଣାରେ ପିଟ୍‌କଂଦା[13] ଖୋଳି ଖୋଳି ବୁଢ଼ାକୁ ଦେଲା। ବୁଢ଼ା ହାତରେ ପିକା ଲଗେଇବାକୁ ଜଇ ମୁଟ୍‌ଲାଟେ[14] ନେଇ ଯାଇଥାଏ। ବାରିଆ ତା' ପରେ ଆହୁରି ଯୋର୍‌ରେ କଂଦା ଖୋଳିବା ପାଇଁ ବୁଢ଼ାକୁ କହିଲା, ''ମୋ ପିଚାରେ ଜଇ ମୁଟ୍‌ଲା ଚାପି ଦେ'' ବୋଲି। ବୁଢ଼ା ବି ତା' କଥା ଶୁଣି ଯେମିତି ବାରିଆ ପିଚାରେ ଜଇ ମୁଟ୍‌ଲାକୁ ଚାପି ଦେଇଛି, ବାରିଆ ଆହୁରି ଗୁଡ଼ାଏ କଂଦା ଖୋଳି ବୁଢ଼ା ଆଗରେ ଗଦେଇଦେଲା। ତା'ପରେ ବୁଢ଼ା କରଲୀରେ କଂଦା ସବୁ ଗୋଟେଇ ରଖିଲା। ଆଉ ସେସବୁ ବୋହିକରି ଘରକୁ ବାରିଆ ସାଂଗରେ ଚାଲିଲା। ବୁଢ଼ାର ମନ ଖୁସି। ସେ ଭାବିଲା, ଇଏ କଂଦା ତ ଭଲ ଖୋଳୁଚି। ଖାଲି ବଣରୁ ଦାରୁ ଆଣି ପାରୁଚି କି ନାଇଁ ଦେଖିବା କଥା। ଦାରୁ ଯଦି ଆଣି ପାରିବ ତା' ହେଲେ ଡଂଗରତ ମାରିପାରିବ। ତେଣୁ ଯାକୁ ଘରଜୋଇଁ କରାଯାଇ ପାରେ।

ପରଦିନ ସକାଳୁ ବୁଢ଼ା ଟାଂଗିଆଟେ ଦେଇ ବାରିଆକୁ ଦାରୁ ପାଇଁ ବଣକୁ ପଠେଇ ନିଜେ ବୁଢ଼ୀକୁ ସାଂଗରେ ନେଇ ବଣକୁ ଗଲା। ସାଂଗରେ କର୍‌ଲୀଟିଏ ଥାଏ। ଆଉ ବୁଢ଼ା ଜଇ ମୁଟଲାଟେବି ଧରି ଥାଏ। ବୁଢ଼ାତ ଆଗ ଦିନ ବାରିଆ ପାଟିରେ କଂଦା ଖୋଳିଥିବା ଦେଖିଥିଲା, ତେଣୁ ବଣରେ ପହଂଚି ନିଜେ ବି ପାଟିରେ କଂଦା ଖୋଳିବା ଆରଂଭ କଲା। ହେଲେ ହବ କୁଆଡୁ? ସେ ଭାବିଲା, ଜଇ ମୁଟ୍‌ଲା ପିଚାରେ ଚାପିଲେ ବୋଧେ କଂଦା ଖୋଳିହବ। ତେଣୁ ବୁଢ଼ୀକି କହିଲା, ତା' ପିଚାରେ ଜଇ ମୁଟ୍‌ଲା ଚାପିବା ପାଇଁ। ବୁଢ଼ୀ ଯେମିତି ଜଇ ମୁଟ୍‌ଲା ବୁଢ଼ା ପିଚାରେ ଚାପିଚି ବୁଢ଼ା ଡେଇଁଲା ଫକ୍ ଫକ୍ ହେଇ। ଆଉ କଂଦା ନାଁ ଫଂଦା? ବୁଢ଼ୀକି ବଜେଇଲା ଦି' ଚାରି ଚଟକଣି। ତା'ପରେ ଘରକୁ ତମ ତମ ହେଇ ଫେରିଲା। ପିଚାରେ ଫୋଟକା ହେଇ ଯାଇଚି। ପୋଡ଼ା ଘା' ଖୁବ୍ ଜଳୁଚି। ବୁଢ଼ା ଘରେ ପହଂଚିଛି ଆଉ ସେତିକିବେଳକୁ ବାରିଆ ଆସି ପହଂଚିଲା। ବୁଢ଼ା ବାରିଆଠୁ ଟାଂଗିଆଟା ଛଡ଼େଇନେଇ ତା'କୁ ପୂଜିବାକୁ ଗୋଡ଼େଇଲା। ବାରିଆ ବୁଢ଼ାର ଉଗ୍ର ରୂପ ଦେଖି ପୂରା ତଟସ୍ଥ।

ହେଲେ ନ ପଳେଇଲେ ପ୍ରାଣ ରହିବା ସଂଭବ ନୁହେଁ। ତେଣୁ ଧାଇଁଲା ପ୍ରାଣ ବିକଳରେ। ଯାଉ ଯାଉ ପଚାରିଲା, ''କ'ଣ ହେଲା? ଏମିତି ପୁଜିବାକୁ ମୋ ପଛରେ ଧାଉଁଚ କାହିଁକି?'' ବୁଢ଼ା କହିଲା, ''ହଉବେ! ଧାଉଁଚି କାହିଁକି, ନାଇଁ? ଶଳା ତୋ' ବୁଦ୍ଧିରେ ପଡ଼ି ମୋ ପିତାର ଅବସ୍ଥା ଘାଏଲା। ଏ ଗାଁରୁ ଟଂଚଲ ଯା। ନହେଲେ ତତେ ନିଶ୍ଚେ ପୁଜିବି।'' କାହା ପ୍ରାଣ କାହାକୁ ବା ପିତା ଲାଗିବ? ତେଣୁ ବାରିଆ ଅଣନିଃଶ୍ୱାସୀ ହେଇ ଧାଇଁ ଧାଇଁ ଗାଁ ପାରି ହେଇ ବଣକୁ ପଳେଇଲା।

ବୁଢ଼ା ତା' ପିତା ପୋଡ଼ିବା ପରେ ଆଉ ଦିନେ ବି ଘରଜୋଇଁ କଥା ମନରେ ଭାବିଲାନି। ବରଂ ଜଲା ମାଗି ଝିଅକୁ କାହାକୁ ଗୋଟେ ଦେଇଦେବା କଥା ଚିଂତା କଲା।

---

1. ଉଦ୍‌ଲିଆ : ରାକ୍ଷସ ବିବାହ, ହରଣ କରିନେଇ ବିବାହ କରିବା 2. ଜଲାଡ଼ାବୁ : କନ୍ୟା ସୁନା 3. ପେଜ୍ ଶାଗ୍ : ପାଣିଆ ଜାଉ ଓ ତିଅଣ 4. ଜନା : ମକା 5. ବାଡ଼ : ବାଡ଼ି ବଗିଚା 6. ଦାରୁ : କାଠ 7. କାଉଡ଼ି : ଭାର 8. ପାନିସିଇଁନା : ଓଧ 9. କର୍‌ଲୀ : ଟୋକେଇ 10. ମର୍ ନମର୍ : ଦରମଲା ଅବସ୍ଥା 11. ପୁଜି ଦେବା : ହାଣି ଦେବା 12. ବାରିଆ : ବାରହା 13. ପିଟ୍‌କାଂଦା : ଏକ ବଣୁଆ କଂଦ ମୂଳ 14. ଜଉ ମୁଟ୍‌ଲା : ନିଆଁ ଖୁଣ୍ଟା ।

ମୂଷା ଧାଂଗଡ଼ୀ କଥା

ଗୋଟିଏ ଗାଁରେ ବୁଢ଼ୀଟିଏ ବୁଢ଼ାଟିଏ ଥାଆଂତି । ସେମାନଂକର ଗୋଟିଏ ବୋଲି ପୁଅ ଥାଏ । ପୁଅଟା ଡଂଗର[1] ମାରି ଯାହା କମେଇ ଆଣେ, ବୁଢ଼ା ବୁଢ଼ୀ ସେଥିରେ ଚଳଂତି । ସେମାନଂକର ବୟସ ବେଶିହେଇ ଯାଇଥାଏ ବୋଲି କୁଲି ଭୂତି କରି ଯାଇପାରଂତିନି ।

ପୁଅ ନିତି ତା' ଡଂଗରକୁ ଯାଏ କାମ କରିବାକୁ । କାମ ଧାମ ସାରି ସେ ଘରକୁ ବାହୁଡ଼ିବା ପୂର୍ବରୁ ଡଂଗର ପାଖରେ ଥିବା ଗୋଟେ ଝରଣାରେ ଗାଧେଇକରି ଯାଏ । ସେଇ ଡଂଗରରେ ରହୁଥାଆଂତି ଦି'ଟା ମୂଷା ଧାଂଗଡ଼ୀ[2] । ନିତି ଗାଧେଇବାକୁ କୂଳରେ ତା' ଲୁଗା ରଖି ଦେଇ ଧାଂଗଡ଼ାଟି ଯେତେବେଳେ ଝରଣାରେ ପଶେ, ମୂଷା ଧାଂଗଡ଼ୀ ଦି'ଜଣ ତା ଲୁଗା ନେଇ ବୁଟା[3] ମୂଳରେ ଲୁଚେଇ ଦିଅଂତି । ସେ ଗାଧେଇସାରି ଆସିବା ପରେ ଖୋଜି ଖୋଜି ବଡ଼କଷ୍ଟରେ ଲୁଗାଟି ପାଏ । ହେଲେ ନିତି ଗୋଟେ ଜାଗାରେ ରଖିଥିବା ଲୁଗା କେମିତି ବୁଟା ମୂଳକୁ ଯାଉଚି, ସେକଥା ସେ ବୁଝି ନପାରି ଦିନେ ଲୁଗା କୂଳରେ ରଖି ଦେଇ ଝରଣାରେ ପଶି ଗାଧୋଉ ଗାଧୋଉ ଲୁଗା ପଟକୁ ବି ନଜର ରଖିଥାଏ । ଏମିତି କିଛି ସମୟ ଯିବା ପରେ ସେ ଦେଖିଲା, ଦି'ଟା ମୂଷା ଆସି ତା' ଲୁଗାକୁ ବୁଦା ମୂଳ ଆଡ଼କୁ ଟାଣି ନଉଚଂତି । ଏକଥା ଦେଖି ସେ ସେମାନଂକୁ ଧରିବା ପାଇଁ ଝରଣାରୁ ବାହାରି ଆସି ପାଟିକଲା—ତଥାପି ସେମାନେ ତା' ଲୁଗାଟା ନଛାଡ଼ି ପୁଣି ଟାଣି ନେବାରେ ଲାଗିଲେ । ଶେଷରେ ଧାଂଗଡ଼ାଟି ଆଉ ଅନ୍ୟ ଉପାୟ ନପାଇ ଗୋଟେ ମୂଷା ଧାଂଗଡ଼ୀର ହାତଟାକୁ ଧରି ପକେଇଲା । ଯା ହାତ ୟେ' ଧରିଥିଲା, ସିଏ ବଡ଼ ଭଉଣି । ୟେ' ହାତଟାକୁ ଧରି ପକେଇଲାରୁ ଦି' ଭଉଣୀ ଖିଲ ଖିଲ ହେଇ ହସି ଲୁଗାଟାକୁ ଛାଡ଼ିଦେଇ ସେଠି ଠିଆହେଇ ୟା' ସାଂଗରେ ଥଟା ଟାପରା ହେଲେ, ଖିଆଲ କଲେ । ୟେ' ବି ସେମାନଂକ ସାଂଗରେ କଥା ଭାଷା ହେଲା । ତାଂକ ପରିଚୟ ପଚାରିଲା । ତାଂକ ଘରକୁ ସେମାନେ ଧାଂଗଡ଼ାକୁ[3] ବୁଲେଇ ନେଲେ ।

ଏକଥା ସେଇ ଗୋଟିଏ ଦିନରେ ସରିଗଲାନି । ସେମାନେ ନିତି ଭେଟିଲେ । ନିତି ଖୁସି ଗପ କଲେ । ଏମିତି ହଉ ହଉ ବଡ଼ମୂଷା ଧାଂଗଡ଼ୀ ପ୍ରତି ଏ ଧାଂଗଡ଼ା ରସିଗଲା ।[4] ଦିହେଁ ତା'ପରେ ମିଶିକି ରହିଲେ । ରାତିରେ ଯାହା ଧାଂଗଡ଼ା ତା' ଘରକୁ ଶୋଇବାକୁ ଯାଏ ।

କିଛି ଦିନ ପରେ ହଠାତ୍ ଧାଂଗଡ଼ା ଗାଁ ଲୋକଂକ ସାଂଗରେ ମିଶି କୁଲି କରିବାକୁ ଗୋଟେ ଯାଗାକୁ କିଛି ଦିନ ପାଇଁ ପଳେଇଲା । ଯିବା ଆଗରୁ କିଂତୁ ତା' ଡଂଗରକୁ ଯାଇ ମୂଷା ଧାଂଗଡ଼ୀମାନଂକୁ ତା' ଯିବା କଥା କହିପାରିଲାନି ।

ଧାଂଗଡ଼ା କୁଲିକି ଯିବା ପୂର୍ବରୁ ତା' ଡଂଗରରେ ଧାନ ବୁଣିଦେଇ ଯାଇଥାଏ । ବଡ଼ ମୂଷା ଧାଂଗଡ଼ୀ ନିତି ସେ ଧାନ ଗଛ ଭିତରେ ବୁଲି ବୁଲି ତା' ପ୍ରେମିକ ଆସିବ ବୋଲି ଅପେକ୍ଷା କରେ । ଧାଂଗଡ଼ା କିଂତୁ ଆସେନି । ସେ ପୁଣି ମନ ଦୁଃଖରେ ଘରକୁ ବାହୁଡ଼େ । ବଡ଼ ମୂଷା ଧାଂଗଡ଼ୀ ଆଠ ମାସ

ଗାଗ୍‌ରେ ରହିଥାଏ।[୫] ତେଣୁ ଧାଂଗ୍‌ଡ଼ାକୁ ସେ ମନେମନେ ବହୁତ ଖୋଜୁଥାଏ। ଧୀରେ ଧୀରେ ଧାନ ପାଚିଲା। ତଥାପି ଧାଂଗ୍‌ଡ଼ା ନଆସିବା ଦେଖି ମୂଷା ଧାଂଗଡ଼ୀ ମନେ ମନେ ବଡ଼ ବ୍ୟସ୍ତ ହେଇପଡ଼ିଲା। ତା'ପରେ ଦିନେ ଖୁବ୍ ରାଗରେ ଦି'ଭଉଣୀ ଧାଂଗ୍‌ଡ଼ା ନଆସିବାରୁ ଡଂଗରର ସବୁ ଧାନ ଖେଡ଼ କାଟି ନେଇ ତାଂକ ଗାତରେ ଭର୍ତ୍ତି କରିଦେଲେ।

ଏଣେ ପୁଅ ଯାଇ ଗୁଡ଼ାଏ ଦିନ ହେବା ପରେ ବୁଢ଼ା ବୁଢ଼ୀ ଦିନେ ହିସାବ କରି ଦେଖିଲେ ଯେ, ଧାନ ପାଚିବା ସମୟ ହେଇଗଲାଣି। ତେଣୁ ଦିହେଁ ଧାନ କାଟିବାକୁ ଇଲା ଦି'ଟା ଧରି ଡଂଗରକୁ ଯାଇ ପହଂଚି ଦେଖିଲେ, ଧାନ ଗଛ ସବୁ ଅଛି ସିନା, କୋଉ ଗଛରେ ଖେଡ଼ ନାହିଁ। ଏକଥା ଦେଖି ସେମାନେ ମନେ ମନେ ରାଗିଯାଇ କିଏ ଖେଡ଼ ସବୁ କାଟି ନେଇଚି ବୋଲି ଏଣେତେଣେ ବୁଲୁ ବୁଲୁ ହଠାତ୍ ଗାତ ପାଖରେ ଧାନ ଗୁଡ଼ିଏ ପଡ଼ିଥିବାର ଦେଖି କଥାଟା ବୁଝିଗଲେ। ମୂଷାଗୁଡ଼ାକ ତାଂକର ସବୁ ଧାନ କାଟି ନେଇଚଂତି ଜାଣି ଦି' ବୁଢ଼ା ବୁଢ଼ୀ ରାଗରେ ଜଳିଗଲେ। ହେଲେ ସେଦିନ ସେମାନେ ସାଥିରେ ଶାବଳ ନେଇନଥାଆଂତି, ତେଣୁ କାଲିକି ଆସି ମୂଷାମାନଂକ କଥା ବୁଝିବା କହି ସେଦିନ ଘରକୁ ବାହୁଡ଼ି ଗଲେ।

ପରଦିନ ସକାଳୁ ବୁଢ଼ା ବୁଢ଼ୀ ଶାବଳ ନେଇ ସେଠି ପହଂଚି ଶାବଳରେ ଗାତଟା ତାଡ଼ିବା ବେଳକୁ ବଡ଼ ମୂଷା ଧାଂଗ୍‌ଡ଼ୀର ପ୍ରସବ ବେଦନା ହେଉଥାଏ। ସାନ ମୂଷା ଧାଂଗ୍‌ଡ଼ୀ ଗାତର ପୂରା ଭିତରେ ଥାଏ। ଏମାନେ ଗାତଟାକୁ ତାଡ଼ି ତାଡ଼ି ବଡ଼ ମୂଷା ଧାଂଗ୍‌ଡ଼ୀ ଶୋଇଥିବା ଜାଗା ଯାଏଁ ଖୋଳି ଖୋଳି ଯେତେବେଳେ ଗଲେ, ସେତେବେଳେ ବଡ଼ ଧାଂଗ୍‌ଡ଼ୀ ଛୁଆ ଜନ୍ମ କରିସାରିଥାଏ। ଛୁଆଟା ଯେମିତି ବୁଢ଼ାକୁ ଦେଖିଲା—ଦାଦି[୬] ବୋଲି ତା' କୋଳରେ ଆସି ବସିପଡ଼ିଲା। ବୁଢ଼ା ତ ଧାନ କାଟି ନେଇଚଂତି ବୋଲି ରାଗରେ ଜଳୁଥାଏ। ତେଣୁ ପିଲା ମୂଷାର ଦାଦି ଡାକରେ ବା ତା' ମନ ତରଳିବ କୁଆଡୁ? ସେ ତେଣୁ ସାଂଗେ ସାଂଗେ ବଡ଼ ମୂଷା ଧାଂଗ୍‌ଡ଼ୀକୁ ଶାବଳରେ ପିଟି ପିଟି ମାରିଦେଲା। ମା'କୁ ମାରିଲା ବେଳେ ପୁଅ କହୁଥାଏ, "ଦାଦି—ସେଇଟା ତୋ ବୁଆରୀ[7], ତୋ ପୁଅର ମାଇଜୀ[୮], ତା'କୁ ମାର୍‌ନି", ହେଲେ ବୁଢ଼ା ପିଲାର କଥା ନଶୁଣି ବଡ଼ ମୂଷା ଧାଂଗଡ଼ୀକି ମାରିଦେଇ ପିଲାଟାକୁ ଛାଡ଼ି ମଲା ମୂଷାକୁ ଧରି ବୁଢ଼ୀକି ଡାକି ଘରକୁ ପଳେଇଲା। ଏସବୁ ଘଟଣା ତ ସାନଭଉଣୀ ଗାତ ଭିତରେ ଥାଇ ଦେଖୁଥାଏ। ତେଣୁ ବୁଢ଼ା ବୁଢ଼ୀ ବଡ଼ ଭଉଣୀକୁ ନେଇ ପଳେଇବା ପରେ ସେ ଗାତ ବାହାରକୁ ଆସି ବହୁତ କାଂଦିବା ପରେ ପୁତୁରା ପିଲାକୁ ନେଇ ଗାତକୁ ଗଲା।

ବୁଢ଼ା ବୁଢ଼ୀ ମୂଷା ଧାଂଗ୍‌ଡ଼ୀକି ଘରକୁ ନେଇ କଟା କଟି କରି ତା' ମାଉଁସ ସେଦିନ ଯେତିକି ପାରିଲେ ଖାଇଲେ, ଆଉ ବାକି ଶୁଖେଇକରି ରଖିଲେ ପୁଅ ଆସିଲେ ଖାଇବ ବୋଲି।

କିଛିଦିନ ପରେ କୁଲି କାମରୁ ପୁଅ ଫେରି ଆସିଲା। ବୁଢ଼ା ବୁଢ଼ୀ ତା'କୁ ସେଦିନ ପେଜ୍[୯] ଖାଇଲା ବେଳେ ବଡ଼ ମୂଷା ଧାଂଗ୍‌ଡ଼ୀର ଶୁଖିଲା ମାଉଁସ ଶାଗ୍[୧୦] ରାନ୍ଧିଦେଲେ। ଧାଂଗଡ଼ା ମାଉଁସ ଦେଖି କି ମାଉଁସ ବୋଲି ପଚାରିବାରୁ ବୁଢ଼ା ବୁଢ଼ୀ ମୂଷା ମାଉଁସ ବୋଲି କହିଲେ। ହଠାତ୍ ସେ କଥା ଶୁଣି ଧାଂଗଡ଼ା ମନକୁ ପାପ ଛୁଇଁଲା। ତା'ର ମନେ ପଡ଼ିଲା ତା'ର ପ୍ରେମିକା ମୂଷା ଧାଂଗ୍‌ଡ଼ୀ କଥା। ସେ ତେଣୁ ତା'ପରେ ଆଉ ନଖାଇ ଡଂଗରକୁ ଗଲା ମୂଷା ଧାଂଗ୍‌ଡ଼ୀ ଘରକୁ। ସେଠି ପହଂଚି ତା' ପ୍ରେମିକାର ନାଁ ଧରି ଡାକିଲା। ହେଲେ ତା' ପ୍ରେମିକା ଆସିଲାନି। ତା'ପରେ ସେ ଅନେକ ଥର ତା' ନାଁ ଧରି ଡାକିବା ପରେ ଗାତ ଭିତରୁ ଶାଳୀ ତା' ପୁଅକୁ ଧରି କାଂଦି କାଂଦି ବାହାରି ଆସିଲା ଓ ଧାଂଗଡ଼ାକୁ ସବୁ ଘଟଣା କହିଲା।

ସବୁ କଥା ଶୁଣି ସାରିବା ପରେ ସେ ଅତି ଦୁଃଖରେ ତା ଶାଳୀକି, ପିଲାଟାକୁ ତା ହାତକୁ ବଢ଼େଇ

ଦେବାକୁ କହିଲା । ଶାଳୀ ପିଲାଟାକୁ ତା' ହାତକୁ ଦେବା ପରେ ଧାଂଗଡ଼ା ଅଣ୍ଟା ସୂତାରେ ବଂଧା ହୋଇଥିବା କାଟ୍ରା[11] କାଢ଼ି ପ୍ରଥମେ ନିଜ ଛାତିରେ ଓ ପରେ ପିଲା ଛାତିରେ ଭୂଷିଦେଲା । କିଛି ସମୟ ପରେ ବାପ ପୁଅ ଦିହେଁ ମରିଗଲେ ।

---

1. ଡଂଗର : ଜଂଗଲ କାଟି ଚାଷୋପଯୋଗୀ କରାଯାଉଥିବା ସ୍ଥାନ 2. ଧାଂଗଡ଼ୀ : ଯୁବତୀ 3. ବୁଟା : ବୃଦ୍ଧା 4. ଧାଂଗଡ଼ା : ଯୁବକ 5. ରସିଗଲା : ଆକୃଷ୍ଟ ହୋଇଗଲା 6. ଗାଗ୍‌ରେ ରହିବା : ଗର୍ଭବତୀ ହେବା 6. ଦାଦି : ଜେଜେବାପା 7. ବୁଆରୀ : ବୋହୂ 8. ମାଇଜୀ : ସ୍ତ୍ରୀ 9. ପେଜ୍ : ମାଂଡିଆ ଜାଉ 10. ଶାଗ୍ : ତରକାରୀ 11. କାଟ୍ରା : ଛୁରୀ ।

ଭାଇ ଭଉଣୀ କଥା

ଗୋଟେ ଗାଁରେ ସାତ ଭାଇ ଆଉ ଭଉଣୀଟିଏ ଥାଆଂତି। ବାପା ସେମାନଂକର ନଥାଏ। ଖାଲି ମା' ବୁଢ଼ୀଟିଏ ଥାଏ। ସାତ ଭାଇ ଭିତରୁ ଛ' ଭାଇ ବାହା ହେଇସାରିଥାଆଂତି। ସବାସାନ ଭାଇ ଆଉ ତା' ତଳ ଭଉଣୀଟା ବାହା ହେଇନଥାଏ। ସାନ ଭାଇ ପାଇଁ ଧାଂଗଡ଼ୀଟିଏ[1] ଖୋଜାଚାଲିଥାଏ। କେହି ମିଳୁନଥାଆଂତି। ସେତେବେଳେ ସାମାଜିକ ନୀତି ନିୟମ ଏତେ କଡ଼ାକଡ଼ି ଭାବରେ କେହି ପାଳୁ ନଥାଆଂତି। କାହିଁକି ନା, ଏକଥା ସବୁ ବହୁ ପୂର୍ବ କାଳର, ମାନେ ଆନିବାଇ[2] ଯୁଗଠୁ ବି ଆହୁରି ପୁରୁଣା ଯୁଗର କଥା।

ଦିନେ କ'ଣ ହେଲାନା, ସାନ ଭାଇ ସକାଳୁ କମଳାଟେ କୁଆଡୁ ଆଣି, ଘରେ ଗୋଟେ ଜାଗାରେ ରଖି ତା' ବଡ଼[3]ମାନଂକୁ ଓ ମା'କୁ ଶୁଣେଇଲା ପରି କହିଲା, "ହେଇ ସମସ୍ତେ ଦେଖିଥାଅ। ଏଇ କମଳାଟା ମୁଁ ଏଠି ରଖିଚି। ଯା' କୁ ଯିଏ ଖାଇବ, ମୁଁ ତାକୁ ବାହାହେବି।" ତା' ପରେ ସେ ଗାଧେଇ ପଳେଇଲା।

କିଛି ସମୟ ପରେ ସାନଭଉଣୀ କୁଆଡୁ ବୁଲିକି ଆସିଲା ଓ କମଳାଟାକୁ ଦେଖିଲା। ସେ ତ କମଳା କିଏ ରଖିଚି ସେକଥା ଜାଣିନଥାଏ। ତେଣୁ କମଳାଟାକୁ ଗୋଟେ ଗାଗରୀ[4] ଭିତରେ ପୂରେଇ ପାଣି ଆଣିବାକୁ ଗଲା ନଈକି। ନଈରେ ପହଂଚି ସେ ପ୍ରଥମେ କମଳାଟାକୁ ଛଡ଼େଇ ଚୋପାଗୁଡ଼ାକ ପାଣିକି ଫିଂଗିଦେଇ ଘାଟରେ ବସି, କମଳା କୋଳା ସବୁ ଛଡ଼େଇ ଛଡ଼େଇ ଖାଇଲା। ସାନ ଭାଇ ତ ଆଗରୁ ଗାଧେଇ ଯାଇଥାଏ। ସେ ତଳ ଘାଟରେ ଗାଧଉଥାଏ। ଭଉଣୀ ଯାଇଥାଏ ଉପର ଘାଟକୁ। ତେଣୁ ସେ ଯୋଉ କମଳା ଚୋପା ପାଣିକି ଫିଂଗିଥିଲା, ସେଇ ଚୋପାଗୁଡ଼ାକ ଆସି ସାନ ଭାଇ ପାଖରେ ଲାଗିଲା। ସାନଭାଇ ଚୋପାଗୁଡ଼ାକ ଦେଖି ତା' କମଳା କେହିଜଣେ ଖାଇଦେଇଚି ବୋଲି ବୁଝିଗଲା। ଯିଏ ଖାଇଚି ତାକୁ ସାଂଗେ ସାଂଗେ ବାହାହେବି ବୋଲି ଚିଂତା କରି ସେ ନଈରୁ ଘରକୁ ପଳେଇଲା। ଘରେ ପହଂଚି ମା'କୁ ପଚାରିଲା, "ମା' ଗାଧେଇବାକୁ ନଈକି କିଏ ଯାଇଚି କି?" ମା' ଦେଖିଲା ଘରେ ସାନଝିଅକୁ ଛାଡ଼ିଦେଲେ ବାକି ସବୁ ବୋହୂମାନେ ଅଛଂତି। ତେଣୁ ସେ କହିଲା, "ସମସ୍ତେ ତ ଅଛଂତିରେ ବାପା। ଖାଲି ସାନଝିଅ ହିଁ ଘରେ ନାହିଁ। ସେ କାଳେ ନଈକି ପାଣି ଆଣିବାକୁ ଯାଇଥିବ। ହେଲେ ତୁ ଏମିତି ଏତେ ବ୍ୟସ୍ତ ହେଇ ଏକଥା କାହିଁକି ପଚାରୁଚୁ ଯେ?" ସାନ ପୁଅ କହିଲା, "ମୁଁ ତ ସକାଳେ ତମ ସମସ୍ତଂକୁ କମଳାଟା ଦେଖେଇ କରି ରଖିଥିଲି ଆଉ କହିଥିଲି ଯେ, କମଳାଟା ଯିଏ ଖାଇବ, ମୁଁ ତାକୁ ବାହାହେବି ବୋଲି। ଆଉ ସେ କମଳାଟା ନିଶ୍ଚୟ ପାଣି ଆଣିବାକୁ ଗଲାବେଳେ ସାନ ଭଉଣୀ ନେଇ ଯାଇ ନଈ କୂଳରେ ବସି ଖାଇଚି। ତେଣୁ ତମେ ଚଂଚଳ ନଈକି ଯାଇ ଦେଖ କୋଉଠି ଅଛି, ତାକୁ ଡାକି ଆଣ ଆଉ ତା' ସାଂଗରେ ମତେ ବାହା କରେଇ ଦିଅ।" ସମସ୍ତେ ସକାଳେ ତା କଥା ଶୁଣିଥିଲେ। ତେଣୁ ନାହିଁ କରିବାର ଆଉ ବାଟ ନାହିଁ। ସେଥିପାଇଁ

ବାକି ଛ' ଭାଇ, ଛ' ବୋହୂ ସମସ୍ତେ ବାହାଘର ପାଇଁ ବିଭିନ୍ନ କାମରେ ଲାଗିଗଲେ । ବାଇଦ କାରିଆ[5] ମାନଂକୁ ଡକାହେଲା । ଢୋଲ, ଟାମକ, ଟିଡ଼ିବିଡ଼ି[6] ମହୁରୀ ଇତ୍ୟାଦି ବାଜିଲା । ଗୁନୁଂଗୁଁ[7] ବାଜିଲା । ମଦ ସଲପ ଖାଇ ଧାଂଗଡ଼ା ଧାଂଗଡ଼ୀ ମାନେ ନାଚିଲେ । ଭୋଜି ରଂଧା ଚାଲିଲା । ଗାଈ, ଘୁଷୁରୀ, କୁକୁଡ଼ା, ଛେଳି ମାରି ମାଉଁସ ରଂଧା ଚାଲିଲା । କିଂତୁ ଏସବୁ ଚାଲିଲେ କ'ଣ ହବ ? ସାନ ଝିଅ ଯୋଉ ପାଣି ପାଇଁ ଯାଇଥାଏ, ସେଠୁ ଆଉ ଫେରୁ ନଥାଏ । ସମସ୍ତେ ତା' ବାଟକୁ ଅନେଇ ବସିଥାଆଂତି । ଆଉ ସେ କାହିଁକି ଏତେ ଡେରି କରୁଚି ବୋଲି ଭାବୁଥାଆଂତି ।

ତେଣେ ସାନ ଭଉଣୀ ନଈ ଘାଟରେ ବସି, ଗୋଡ଼ ଦି'ଟାକୁ ପାଣି ଭିତରକୁ ଲଂବେଇ, କମଳା କୋଳା ମନ ଖୁସିରେ ଛଡ଼େଇ ଛଡ଼େଇ ଖାଉଥାଏ, ଠିକ୍ ସେତିକିବେଳକୁ ବେଂଗଟିଏ ପାଣି ଭିତରେ ଥାଇ ତା'କୁ ପଚାରିଲା, "କିଲୋ ଟକି[8], କ'ଣ ଖାଉଚୁ କିଲୋ ?" ଝିଅଟି କମଳା ଖାଉଚି ବୋଲି କହିବାରୁ ବେଂଗ କହିଲା, "ଓଃ, ସେଥି ପାଇଁ ଗୋଡ଼ ଲଂବେଇ ତା'ହେଲେ ବସୁଚୁ ନାଇଁ ? ହୁଁ! ତେଣେ ତୋ ସାନଭାଇ ବି ତ ଗୋଡ଼ ଲଂବେଇ ବସିଚି ବାହା ହବାକୁ ।" ଯେ' କିଛି ବୁଝିନପାରି ପଚାରିଲା, "କାହାକୁ ବାହା ହବାକୁ ?" ବେଂଗ କହିଲା, "ତତେ! ଆଉ କାହାକୁ ?" ଏକଥା ଶୁଣି ଯା'କୁ ଲାଗିଲା, ସତେ ଯେମିତି ଯା' ମୁଂଡରେ ବଡ଼ ପାକ୍ନାଟେ[9] ଆପ୍‌ଟି[10] ହେଇଗଲା । ଯେ' ଆଶ୍ଚର୍ଯ୍ୟ ହେଇ ପଚାରିଲା, "ମତେ ? ମତେ ସାନ ଭାଇ ବାହା ହବାକୁ ବସିଚି ? ହେଲେ କାହିଁକି ?" ବେଂଗ କହିଲା, "କିଛି ନ ଜାଣିଲା ପରି କ'ଣ ଏମିତି ହଉଚୁ କିଲୋ ? ଆଜି ସକାଳେ ପରା କମଳାଟାକୁ ଘରେ ଥୋଇ ତୋ' ସାନଭାଇ ସମସ୍ତଂକୁ କହିଥିଲା ଯେ, କମଳାଟାକୁ ଯିଏ ବି ଖାଇବ ତା' ସାଂଗରେ ସିଏ ବାହାହବ ବୋଲି । ତୁ ଯେତେବେଳେ କମଳାଟା ଖାଇଲୁ, ତତେ ସେ ବାହା ନହେଇ ଆଉ କାହାକୁ ବାହା ହବ ?" ବେଂଗର କଥା ଶୁଣି ସାନ ଭଉଣୀର ମୁଂଡରେ ଆଉ କିଛି ପଶିଲାନି । ତେଣୁ ସେ ଘାଟରେ ବଂଧା ହେଇଥିବା ଡଂଗାଟାକୁ ଫିଟେଇଲା । ନିଜେ ଡଂଗାରେ ବସିଲା । ଡଂଗା ବାହି ମଝି ନଈକୁ ପଳେଇଲା । ଡଂଗାଟାକୁ ନଈସୁଅରେ ତଳ ଆଡ଼କୁ ବାହି ନେଉଥାଏ । ପୁଣି କେତେବେଳେ ସୁଅ କାଟି ଉପରକୁ ବାହି ନେଉଥାଏ ।

ତେଣେ ସମସ୍ତେ ସାନ ଭଉଣୀକି ଅପେକ୍ଷା କରିକରି ଯେତେବେଳେ ଥକିଗଲେ, ସବା ବଡ଼ ଭାଇ ତା'କୁ ନଈକି ଡାକିବାକୁ ଯାଇ ଦେଖିଲା ଭଉଣୀ ମଝି ନଈରେ ଅଛି । ତା'କୁ ପାଟି କରି ସେ କହିଲା, "ଆଗ ସିନା ତତେ ଭଉଣୀ କହୁଥିଲି । ହେଲେ ଆଜିଠୁ ତ ତୁ ଲେଖାରେ ବୋହୂ ହେବୁ । ଆଲୋ ବୋହୂ, ଜଲଦି ଆ । ତେଣେ ବିଭାଘରର ଯୋଗ ପାଗ ଫିଟି ଯାଉଚି ।"[11] ଏମିତି ଅନେକ ଥର ଡାକିବା ପରେ ବି ଭଉଣୀଟି କୂଳକୁ ଆସିଲାନି କି ଭାଇ କଥାର ଉତ୍ତର ବି ଦେଲାନି । ଶେଷରେ ଡାକି ଡାକି ଥକି ଗଲାପରେ ବଡ଼ ଭାଇ ଘରକୁ ଫେରିଗଲା । ତା'ପରେ ଜଣ ଜଣ କରି ସବୁ ଭାଇ ଆସି ତାକୁ ଡାକିଲେ । ସବୁ ବଉ ଡାକିଲେ, ମା' ଡାକିଲା ତଥାପି ସେ କୂଳକୁ ଆସିଲାନି କି ଯାଂକ କଥାରେ କିଛି ଜବାବ ଦେଲାନି । ସବା ଶେଷରେ ସାନ ଭାଇ ଆସି ତାକୁ ଡାକି କହିଲା, "ଆଗରୁ ସିନା ଭଉଣୀ ଥିଲୁ କିଂତୁ କମଳାଟା ଖାଇବା ପରଠୁଁ ତୁ ମୋର ମାଇଜୀ ହେଲୁ । ମୁଁ ତ ସମସ୍ତଂକୁ କହି କରି କମଳାଟା ଘରେ ରଖିଥିଲି । ତୁ ଯଦି ତା'କୁ ଖାଇଲୁ ତା'ହେଲେ ମୋ ମାଇଜୀ ହେବାକୁ ଏବେ ପୁଣି ପଛଉଚୁ କାହିଁକି ? ଆ-ଯୋଗ ପାଗ ଫିଟି ଯାଉଚି । ଚଂଚଳ ଆ ।" ସାନଭାଇର କଥା ଶୁଣି, ସାନଭଉଣୀ ପୂରା ରାଗରେ ଜଳିଯାଇ କଣ ମଂତ୍ର କଲା ଯେ ସାଂଗେ ସାଂଗେ ମେଘ ଘୋଟି ଆସି ଭୀଷଣ ବର୍ଷା ହେଲା । ବର୍ଷା ପବନକୁ ଡ଼ରି ସାନ ଭାଇ ଘରକୁ ପଳେଇଲା ।

ଗାଁରେ ଏଣେ ଧାଂଗଡ଼ା ଧାଂଗଡ଼ୀ ନାଚି ନାଚି ହାଲିଆ ହେଇଗଲେ, ତଥାପି ଯେତେବେଳେ

କର୍ନିଆ ନଆସିଲା, ବିରକ୍ତହେଇ ସମସ୍ତେ ଯେଝା ଘରକୁ ପଳେଇଲେ । ରାତି ହେଲା, ତଥାପି ନଈରୁ ଆଉ ସାନ ଭଉଣୀ ଆସିଲାନି । ଯେଝା କୁଡ଼ିଆରେ କାପାଟ ଡାବି[12] ଶୋଇଲେ । ହଠାତ୍ ଅଧରାତି ବେଳକୁ ବଡ଼ ଭାଇର କୁଡ଼ିଆ କାପାଟରେ ଶବ୍ଦ ହେଲା । ଭିତରୁ ଥାଇ ବଡ଼ଭାଇ କହିଲା, ‘‘ଏତେ ରାତିରେ କିଏ ?’’ ବାହାରୁ ଶୁଭିଲା, ‘‘ଆଗରୁ ସିନା ବଡ଼ ଭାଇ ଥିଲୁ, ହେଲେ ଆଜିଠୁ ତ ଦେଢ଼ଶୁର ହେଲୁ । ମୁଁ ତୋ ବୋହୂ ଆସିଚି, କାପାଟ ଉଗାଡ଼ ।’’ ବଡ଼ଭାଇ ତା’ ସାନଭଉଣୀ ଆସିଚି ବୋଲି ଜାଣି ପାରି ତା’ ତଳ ଭାଇକି ଡାକିବାକୁ କହି, ନିଜେ ଆଉ କାପାଟ ନ ଉଗାଡ଼ି ଶୋଇ ପଡ଼ିଲା ।

ସାନ ଭଉଣୀ ତା’ପରେ ଜଣ ଜଣ କରି ସବୁ ଭାଇକି ଆଗ ପରି କହି ଡାକିଲା, ହେଲେ କେହି କାପାଟ ଉଗାଡ଼ିଲେ ନାହିଁ । ତେଣୁ ଶେଷରେ ସାନଭଉଣୀ ଯାଇ ମା’ର କୁଡ଼ିଆ ପାଖରେ ଠକ୍ ଠକ୍ କରି ଡ଼ାକିଲା, ‘‘ଆଗରୁ ସିନା ମା’ କହୁଥିଲି, ହେଲେ ଆଜିଠୁ ତ ତୁ ମୋର ଶାଡ୍ରୀ ହେଲୁ । ତେଣୁ ଶାଡ୍ରୀ ଲୋ, ମୁଁ ତୋ ବୋହୂ ଆସିଚି, କାପାଟ ବେଟ୍[14] ।’’ ମା’ କହିଲା, ‘‘ମୁଁ କାପାଟ ବେଟିବି ନାଇଁ । ତୁ ତୋ ଅଂଡ୍ରାକୁ[15] ଡାକ୍ ।’’ ଯେ’ ତା’ପରେ ସାନ ଭାଇର କୁଡ଼ିଆ କାପାଟ ଠକ୍ ଠକ୍ କରି ତାକୁ ଡାକିଲା, ‘‘ଆଗରୁ ସିନା ଭାଇ ଥିଲୁ, ହେଲେ ଆଜିଠୁଁ ତ ଅଂଡ୍ରା ହେଲୁ । ମୁଁ ତୋ ମାଇଜୀ ଆସିଚି, କାପାଟ ବେଟ୍ ।’’ ଭିତରୁ ଭଉଣୀ କଂଠ ବାରି ସାନ ଭାଇ କାପାଟ ବେଟି ତାକୁ ଭିତରକୁ ଡାକିନେଲା । ଭଉଣୀ ବର୍ଷାରେ ପୂରା ଭିଜି ଯାଇଥାଏ । ତେଣୁ ସେକି ହେବାକୁ ତା’ ପାଇଁ ଜଇ[16] ଲଗେଇ ଦେଲା ଓ ତାକୁ ସେକାସେକି ହେଇ ଶୋଇ ପଡ଼ିବାକୁ କହି ନିଜେ ଶୋଇ ପଡ଼ିଲା ।

ସାନଭାଇ ଶୋଇ ପଡ଼ିବା ପରେ ଭଉଣୀ ପାଖରେ ଥିବା କାଟ୍ରାଟେ[17] ଆଣି ଭାଇ ଛାତିରେ ପ୍ରଥମେ ଯୋର୍ କରି ଭୁସି ଦେଇ ପୁଣି କାଟ୍ରାଟା କାଢ଼ି ଆଣି ନିଜ ଛାତିରେ ଭୁସି ଦେଲା । ଦିହେଁ ଯାକ ସେଠି ପଡ଼ି ମରିଗଲେ ।

ପରଦିନ ଗାଁଟା ସାରା ସମସ୍ତେ ଦିହେଁ ମରିଯିବା କଥା ଜାଣିଲେ । ଦିହିଁକ ଛାତିରେ ଭୁସି ହେଇଥିବା ଦେଖିଲେ ସିନା, କିଏ କାହାକୁ ମାରିଲା ସେ କଥା ଜାଣି ପାରିଲେନି । ତା’ପରେ ସମସ୍ତେ ସ୍ଥିର କଲେ ଯେ, ଭାଇ ଭଉଣୀକୁ ବାହାହେବାକୁ ମନ କରିବାରୁ ବୋଧେ ଏମିତି ହେଲା । ତା’ ପରଠୁ ବଂଡା ସମାଜରେ ଆଉ ନିଜ ଭଉଣୀକି ବାହା ହବା କଥା କେହି କେବେ ଭାବିନି କି ଭାବିବାର ସାହସ କରିନି ।

---

1. ଧାଂଗ୍ଡ଼ୀ : ଯୁବତୀ କନ୍ୟା 2. ଆନିବାଇ : ପଣି ଜେଜେବାପା 3. ବଉ : ଭାଉଜ 4. ଗାଗରୀ : ମାଠିଆ 5. ବାଇଦ କାରିଆ : ବାଜାବାଲା 6. ଟିଡ଼ିବିଡ଼ି : ଟାମକର ଏକ କ୍ଷୁଦ୍ରାକୃତି 7. ଗୁନ୍‌ଗୁଁ : ମୋର୍ସିଂ ପରି ଏକ ବାଦ୍ୟ ବିଶେଷ 8. ଟକି : ଝିଅ 9. ପାକ୍‌ନା : ପଥର 10. ଆପ୍‌ଟି : ଛେଚି 11. ଯୋଗପାଗ ଫିଟି ଯାଇଚି : ଲଗ୍ନ ବେଳ ଗଡ଼ିଯାଇଚି 12. କାପାଟ୍ ଡାବି : କବାଟ ବଂଦକରି 13. ଶାଡ୍ରୀ : ଶାଶୁ 14. ବେଟ : ଖୋଲ 15. ଅଂଡ୍ରା : ସ୍ୱାମୀ 16. ଜଇ : ନିଆଁ 17. କାଟ୍ରା : ଛୁରୀ ।

ବନି[1] ଫୁଲ କଥା

ଗୋଟେ ଗାଁରେ ସାତଭାଇ ଥାଆଁତି, ଆଉ ଭଉଣୀଟିଏ ଥାଏ। ଛ'ଭାଇ ବାହା ହେଇଥାଆଁତି। ସବା ସାନ ଭାଇଟା ବାହା ହେଇନଥାଏ। ତା' ନାଁଟା ହଉଚି 'ଶିସା'। ଭଉଣୀଟା ସବୁଠୁ ସାନ। ସେ ବି ଅଂଡ୍ରାକୁ[2] ନଯାଇ ଘରେ ଡିଂଡା[3] ଥାଏ।

ଥରେ ଏ ସାତଭାଇ ଆଉ ସାତ...ଭଉଜଯାକ ଝୋଲାରେ ଗୋଟେ ବଡ଼ ମୁଂଡା ବାଂଧୁଥାଆଁତି ସିନା, ଯେତେ ମାଟି ପକେଇଲେ ବି ମୁଂଡାଟା ଭାଂଗି ଯାଉଥାଏ। ଏ ସାତ ଭାଇ ବହୁତ ଦିନ ସେ ମୁଂଡା ବାଂଧିବାକୁ ଚେଷ୍ଟା କରିବା ପରେବି ଯେତେବେଳେ ନହେଲା, ଦିନେ ସମସ୍ତେ ଝୋଲାକୁ ଗଲେ। ସାନ ଭଉଣୀଟା ଘରେ ରହି ରଂଧାବଢ଼ା କରୁଥାଏ। ଝୋଲାରେ ବଡ଼ ଗାତଟିଏ ଥାଏ ଆଉ ସେଇ ଗାତ ଉପରେ ଏମାନେ ମୁଂଡାଟା ବାଂଧୁଥାଆଁତି। ଏମାନେ ପୁଣି ତା' ଭିତରେ ମାଟି ପକେଇ ମୁଂଡା ବାଂଧିବାକୁ ଯେତେ ଚେଷ୍ଟା କଲେ ବି ହେଲାନି। ଏମାନେ ଚିଂତା କଲେ ଯେ, ନିଶ୍ଚୟ ମାଟି ମା' ତାଂକ ଉପରେ ସଂତୁଷ୍ଟ ନୁହେଁ। ତେଣୁ ମାଟି ମା'କୁ ସଂତୁଷ୍ଟ କରିବା ପାଇଁ କିଛି ଗୋଟିଏ ବଳି ଦେବାକୁ ପଡ଼ିବ। ଏକଥା କେବଳ ଛ' ଭାଇ ଆଉ ଛ' ଭାଉଜ କଥା ହେଲେ। ସାନ ଭାଇକି ଏକଥା କହିଲେନି। ତା'ପରେ ଭାଉଜମାନଂକୁ ଭାଇମାନେ ଘରକୁ ଯାଇ, ନଣଂଦକୁ, ମାଲୀ[4] ରୀଂଗା[5] ଖାଗ୍ଲା[6] କେରେଂଗ୍[7] ପାନିଆଁ ଆଉ ଯାହା ଯାହା ଅଳଂକାରପତ୍ର ତା'ର ଅଛି ସବୁଗୁଡ଼ାକ ସାଥିରେ ନେଇଆସିବାକୁ କହିଲେ। ତା'ପରେ ଭାଉଜମାନେ ନଣଂଦକୁ ଡାକିବାକୁ ଗାଁକୁ ଗଲେ।

କିଛି ସମୟ ପରେ ନିଜର ସବୁ ଅଳଂକାର ପତ୍ର ପିଂଧି ପାନିଆଁଟାକୁ ହାତରେ ଧରି ସାନ ଭଉଣୀ ଆସିଲା। ହେଲେ ଚାଲିଲାବେଳେ ସିଏ ଯୋଉ ପାନିଆଁଟା ଧରିଥିଲା, ସେଇଟା ଯାଇ ପଡ଼ିଲା ସେଇ ବଡ଼ଗାତରେ। ଛ' ଭାଇ ତାକୁ ନିଜେ ଗାତକୁ ପଶି ପାନିଆଁଟା କାଢ଼ିବାକୁ କହିଲେ। ଭଉଣୀ ପାନିଆଁ କାଢ଼ିବାକୁ ଯେମିତି ଗାତଭିତରକୁ ପଶିଚି, ସାନ ଭାଇକୁ ଛାଡ଼ି ସବୁ ଭାଉଜ ଆଉ ସବୁ ଭାଇ ମିଶି ଭିତରକୁ ମାଟି ପକେଇଲେ। ସାନ ଭାଇ ଏସବୁ କଥାରୁ କିଛି ବୁଝି ପାରୁନଥାଏ। ଗାତ ଭିତରେ ଭଉଣୀ ଅଛି। ମାଟି ପକେଇଲେ ତା' ଭିତରେ ସେ ମରିଯିବ ବୋଲି ସେ ପାଟି କରୁଥାଏ ସିନା, ତା' କଥାକୁ କାନ ନଦେଇ ଏମାନେ ଗାତରେ ମାଟି ଭରିବାକୁ ଲାଗିଲେ। ଭଉଣୀ ଗାତରୁ ତାକୁ ଏମିତି ନିର୍ଦ୍ଦୟ ଭାବରେ ନମାରିବାକୁ ପାଟି କରୁଥାଏ। ଭାଇମାନଂକୁ ଗୁହାରି କରୁଥାଏ। ହେଲେ ତା' କଥା କେହି ନଶୁଣି ଖାଲି ମାଟି ପକେଇବାରେ ଲାଗିଥାଆଁତି। ଆସ୍ତେ ଆସ୍ତେ ମାଟିରେ ଭଉଣୀ ବେକଯାଏଁ ପୋତି ହେଇଗଲା। ତା'ପରେ ପାଟିଯାଏଁ, ତା'ପରେ ନାକଯାଏଁ ଆଉ ଶେଷରେ ମୁଂଡ ବି ପୋତି ହେଇଗଲା। ତା'ପରେ ତାର ଚିତ୍କାର ବି ଆଉ ଶୁଭିଲାନି। ଭଉଣୀକି ପୂରା ପୋତିଦେବା ପରେ ଛ' ଭାଇ, ଛ' ଭାଉଜ, ସାନ ଭାଇକି କହିଲେ, ''ତୁ ବି ଗାତ ଭିତରକୁ ମାଟି ପକା।'' ସାନ ଭାଇ କିଂତୁ ମନାକଲା। ସେ ମନାକଲା ଦେଖି ଛ' ଭାଇ ଛ' ଭାଉଜ ତାକୁ କହିଲେ, ''ତୋର ଯଦି ଭଲଗତି ଅଛି ତ ଗାତ ଭିତରେ ମାଟି ପକା, ନହେଲେ ତତେ ବି ଗାତରେ ପକେଇ ଭଉଣୀ

ସାଂଗରେ ପୋତିଦେବୁ ।'' ତା'କୁ ମାରି ଦେବେ ବୋଲି ସାନଭାଇ ଯେତେବେଳେ ଶୁଣିଲା, ବାଧ୍ୟହେଇ ପ୍ରାଣଭୟରେ ଗାତ ଭିତରେ ମାଟି ପକେଇଲା ।

ଧୀରେ ଧୀରେ ସମସ୍ତେ ମିଶି ମାଟି ପକେଇ ପ୍ରଥମେ ଗାତଟାକୁ ବଂଦ କରିଦେଲେ । ତା'ପରେ ମୁଂଡା ବାଧିଲେ । ମୁଂଡା କିଂତୁ ଆଉ ଭାଂଗିଲାନି । ମୁଂଡା – ନଭାଂଗିବା ଦେଖି ଛ' ଭାଇ ଛ' ଭାଉଜ ମନେ ମନେ ଭାବିଲେ ଯେ, ମାଟି ନିଷ୍ଚୟ ବଳି ଚାହୁଁଥିଲା, ତେଣୁ ମୁଂଡାଟା ଭାଂଗି ଯାଉଥିଲା, ଆଉ ବଳି ଯେତେବେଳେ ଦିଆହେଲା ମୁଂଡାଟା ଆଉ ଭାଂଗିଲାନି । ପିଲାର କିଂତୁ ମନଟା ଏମିତି ଗୋଟେ ନିର୍ଦ୍ଦୟ କାମକୁ ଗ୍ରହଣ କରିପାରୁନଥାଏ । ଏମାନଂକ ପ୍ରତି ଭୀଷଣ ଡର ଥିଲେବି ଭଉଣୀ ପାଇଁ ତା' ଆଖିରୁ ଆପେ ଆପେ ଲୁହ ଝରିପଡୁଥାଏ । ଏଇ ଛ' ଭାଇ ଛ' ଭାଉଜ ମୁଂଡାଟା ଆଉ ନ ଭାଂଗିବା ଦେଖି ଅତି ଖୁସିରେ ନଈକି ଗଲେ ଗାଧେଇବାକୁ । ସାନ ଭାଇ ବି ତାଂକ ପଛେ ପଛେ ଗଲା । ସମସ୍ତେ ଗାଧୁଆ ପାଧୁଆ ସାରି ଘରକୁ ଗଲେ । ଘରେ ସାନ ଭାଇକି ଛାଡ଼ି, ବାକି ସମସ୍ତେ ଅତି ଖୁସିରେ ସଳପ[8] ଖାଇ ମାତିଲେ[9] । ଶିସାର କିଂତୁ ମନରେ ଟିକେ ବୋଲି ଶରଧା ନଥାଏ । ସେ ଖାଲି ସବୁବେଳେ ଭଉଣୀ କଥା ଭାବୁଥାଏ ।

ଏମିତି କିଛି ଦିନ ଗଲା । ମୁଂଡା ବାଂଧିବା ପରେ ଆଉ କେହି ବି ଝୋଲାକୁ ଯାଇ ନଥାଆଂତି । ଦିନେ ସକାଳୁ ଶିସା ଭାବିଲା, ''ଭଉଣୀକି ଗାତରେ ପୋତିବାର ଗୁଡ଼ାଏ ଦିନ ହେଲାଣି । ଆଜିଟିକେ ଯାଇ ଝୋଲା ଆଡ଼େ ବୁଲି ଆସିବି ।''

ତା'ପରେ ସେ ଝୋଲା ଆଡ଼କୁ ଗଲା । ଝୋଲାରେ ପହଁଚି ଦେଖିଲା, ଭଉଣୀ ପୋତା ହୋଇଥିବା ଜାଗାରେ ଗଛଟେ ଉଠିଚି ଆଉ ଗଛରେ ଫୁଟିଚି ବନି ପରି ଗୋଟେ ଲାଲ୍ ଟହ ଟହ ଫୁଲ । ଫୁଲଟାକୁ ଦେଖି ଶିସା ଯେତେବେଳେ ତା'କୁ ଛିଂଡେଇବାକୁ ଗଲା, ଫୁଲ ଟିକେ ଦୂରକୁ ଘୁଂଚି ଯାଇ ତା'କୁ ତୋଳିବାକୁ ମନା କଲା । ଶିସା ପଚାରିଲା, ''ତୁ କିଏ ?'' ବନି ଫୁଲ କହିଲା, ''ମୁଁ ତୋ ଭଉଣୀ ବନି, ଫୁଲ ହେଇ ଫୁଟିଚି । ଶୁଣ୍ ତୁ ସତରେ ଯଦି ମତେ ତୋଳିବାକୁ ଚାହୁଁଚୁ-ତା' ହେଲେ ଗୋଟେ କାମ କର୍ । ଦି'ଟା ନୂଆ ହାଂଡି ପ୍ରଥମେ ଆଣ, ତା'ପରେ ମତେ ତୋଳି ହାଂଡିରେ ପୁରେଇ ଘରକୁ ନେଲେ ମୁଁ ତୋ ସାଂଗରେ ଯିବି ।'' ଶିସା 'ହଁ' କରି ନୂଆହାଂଡି ଆଣିବାକୁ ଗଲା ।

କିଛି ସମୟ ପରେ ସେ ନୂଆ ହାଂଡି ବି'ଟା ଆଣି ଫୁଲଟାକୁ ତୋଳି ଗୋଟେ ହାଂଡିରେ ରଖି ଘରକୁ ନେଲା । ଆଉ କେହି ନ ଦେଖି ପାରିବା ପରି ଗୋଟେ ଜାଗାରେ ହାଂଡି ଦି'ଟାକୁ ଲୁଚେଇ ରଖିଲା ।

ତା' ପରଦିନ ସାତ ଭାଇଯାକ ଡଂଗର କାମରେ ସକାଳୁ ସକାଳୁ ବାହାରି ଗଲେ । ଶିସାର ଛ' ଭାଉଜ ବି କଂଦା କଡ଼ିବାକୁ ବଣକୁ ଗଲାପରେ ନୂଆ ହାଂଡି ଭିତରେ ଥିବା ବନିଫୁଲ ଭଉଣୀର ରୂପ ନେଇ ଘରଦ୍ୱାର ବାଡ଼ନି[10] ଦେଲା, ଆଉ ତା'ପରେ ଶାଗ୍ ପେଜ୍[11] ରାଂଧି ଦେଇ ପୁଣି ବନି ଫୁଲ ହେଇ ହାଂଡି ଭିତରେ ରହିଲା ।

ଶିସାର ଛ' ଭାଉଜ ଘରକୁ ଫେରି ଏ ସବୁ ଦେଖି କାବା କାଠ ହେଇ ଗଲେ । ଅଂଡ୍ରାମାନେ ଆଉ ଦିଅର ଡଂଗର କାମ ସାରି ପେଜ୍ ବେଲା ସରିକି ଘରକୁ ଫେରିବାରୁ ସେମାନଂକୁ ଏସବୁ କଥା କହି[12] ରଂଧା ହେଇଥିବା ଜିନିଷ ଖାଇବା ନା ନାଇଁ ବୋଲି ପଚାରିଲେ । ଶିସା କହିଲା, ''ଶାଗ ପେଜ୍ ଯଦି ରଂଧା ହେଇଚି ଖାଇବାନି କାଇଁକି ? ନିଷ୍ଚୟ ଖାଇବା ।'' ସବୁ ଭାଇ ତା' କଥାରେ 'ହଁ'କଲେ ସିନା ମନରେ ଡୁମା[13] କି ଦେବତୀ କାଳେ ରାଂଧି ଥିବ ଭାବି ଶାଗ୍ ପେଜକୁ ବଢ଼ା ହେବା ପରେ ଡରି ଡରି ଖାଇଲେ ।

ସେ ଦିନ ରାତିରେ ଶିସାର ଛ' ଭାଉଜ କଥା ହେଲେ, କାଲି ସକାଳୁ ଏ କାମ ସବୁ କିଏ

କରୁଚି ଆମ ଭିତରୁ ଜଣେ କିଏ ଲୁଚି ବସି ଦେଖିବ। ତା'ପରେ କିଏ ଜଗିବ ବୋଲି ଚିଂତା ପଡ଼ିବାରୁ ବଡ଼ ଭାଉଜ କହିଲା, "ମୁଁ ଜଗିବି।"

ତା' ପରଦିନ ସକାଳେ ସାତ ଭାଇ ଆଉ ଶିସାର ପାଞ୍ଚ ଭାଉଜ ବିଭିନ୍ନ କାମରେ ବାହାରି ଗଲେ। ବଡ଼ ଭାଉଜ କିଂତୁ ବାହାରେ ଗୋଟେ ଗଛମୂଳେ ଝୁଡଂଗ ଗୁଡ଼ାଏ ଧରି ଜଗି ବସିଲା। ଝୁଡଂଗ ଛଡ଼େଇ ସେ ଖାଉଥାଏ ଆଉ ସେଠି ବସି ଘର ଆଡ଼କୁ ଆଖି ରଖିଥାଏ। ଗୁଡ଼ାଏ ବେଳ ସେମିତି ଦେଖି ଦେଖି ଝୁଡଂଗ ମଂଜି ଖାଇ ଖାଇ ବସୁ ବସୁ ବଡ଼ ଭାଉଜ କେତେବେଳେ ନିଦରେ ଢୁଳେଇ ପଡ଼ିଚି ସେ କଥା ସେ ବି ଜାଣିନି। ଯେତେବେଳେ ସେ ଆଖି ଖୋଲିଲା-ଦେଖିଲା ପେଜ୍ ବେଳା ହେଲାଣି ସେ ସାଂଗେ ସାଂଗେ ସେଇଠୁ ଉଠି ଘରକୁ ଯାଇ ଦେଖିଲା ବେଳକୁ କାଲି ପରି କିଏ ଜଣେ ସବୁ କାମ ସାରି ଦେଇଚି ଓ ସେଠୁ ପଳେଇଚି। କିଛି ସମୟ ପରେ ସମସ୍ତେ କାମ ସାରି ଘରକୁ ଫେରିବାରୁ ସେ କାହାକୁ ବି ଦେଖି ପାରିଲାନି ବୋଲି କହିବାରୁ ସମସ୍ତେ ତାକୁ କେମିତି ଦେଖି ପାରିଲୁନି ବୋଲି ପଚାରିଲେ। ଯେ' ତା'ପରେ ଢୁଳେଇ ପଡ଼ିଥିଲି ବୋଲି ସତକଥାଟା କହିଦେଲା। ସମସ୍ତେ ତା' ପରେ ଡରି ଡରି ଶାଗ୍ ପେଜ୍ ଖାଇଲେ। ପରଦିନ ସକାଳୁ ବାକି ସମସ୍ତଂକୁ କାମକୁ ଯିବାକୁ କହି, ଶିସା କିଏ କାମ କରୁଚି ଜାଣିବାକୁ ନିଜେ ଗୋଟେ ଜାଗାରେ ଲୁଚି ବସିଲା। ବହୁତ ସମୟ ଏମିତି ଦେଖିବା ପରେ ହଠାତ୍ ତା' ସାନ ଭଉଣୀ ଘରୁ ବାହାରି ଆସିଲା।" ଘରଦ୍ୱାର ବାଡ଼ନିଲା, ତା' ପରେ ରଂଧା ବଢ଼ା କରି ଭିତରକୁ ଗଲା ବେଳକୁ, ସାନଭାଇ ନ ଜାଣିଲା ପରି ସେ ହାଂଡିକି ପଶିବା ପୂର୍ବରୁ ତା ହାତଟାକୁ ଧରି ପକେଇଲା। ଭଉଣୀ ପଛକୁ ବୁଲି ପଡ଼ି ଭାଇକି କହିଲା, "ମୁଁ ତୋର କେହି ନୁହେଁ। ମୋ ହାତଟାକୁ କାହିଁକି ଧରିଚୁ? ତୁ କଣ ଭାବୁଚୁ, ତୁ ମୋ ହାତ ଧରିଲେ ମୁଁ ଏଠି ରହିଯିବି? ଶୁଣ-ତମେ ଗୋଟେ ଦୁନିଆଁର ଲୋକ, ଆଉ ମୁଁ ଅନ୍ୟ ଗୋଟେ ଦୁନିଆଁର ଲୋକ। ତେଣୁ ତମର ମୋର କିଛି ସଂପର୍କ ନାହିଁ। ଛାଡ଼ିଦେ, ଛାଡ଼ିଦେ ମତେ।" ଶିସା କହିଲା, "ମୁଁ ଦେଖୁଚି ତୁ ମୋ ଭଉଣୀ, ତଥାପି ତୁ କହୁଚୁ ତୋର ଆମର ସଂପର୍କ ନାହିଁ ବୋଲି। ତୁ ଯାହା କରିବୁ କର, ମୁଁ ତତେ କିଂତୁ ଛାଡ଼ିବିନି।" ତା' ପରେ 'ହଉ ଧରିଥା' କହି ଭଉଣୀ ମାୟା[14] ହେଇଗଲା। ତା'ପରେ ଶିସା ହାଂଡିକି ଯାଇ ଦେଖିଲା ବେଳକୁ ତା' ଭିତରେ ବନି ଫୁଲ ଅଛି। ସେ କିଛି ବୁଝି ପାରିଲା ନାହିଁ।

କିଛି ସମୟ ପରେ ସମସ୍ତେ କାମ ସାରି ବାହୁଡ଼ିବାରୁ ଶିସା ସେମାନଂକୁ ସବୁକଥା କହିଲା। ସମସ୍ତେ ଏ କଥା ଶୁଣି ଆଶ୍ଚର୍ଯ୍ୟ ହେଇଗଲେ। ଶିସା ପୁଣି କହିଲା, "ତମେ ସିନା ଭଉଣୀକି ଏତେ ନିର୍ଦ୍ଦୟ ହେଇ ମାରିଦେଲ, ହେଲେ ଭଉଣୀ ତମକୁ ଡୁମା ହେଇ ନଡରେଇ ଏବେବି ଆସି ତମର ସେବା କରୁଛି।" ସାନଭାଇ ପାଟିରୁ ଏତିକି ଶୁଣିବା ପରେ ସବୁ ଭାଇ ଭାଉଜ, ସେମାନେ ପାପ କରିଚଂତି ବୋଲି ଅନୁଭବ କଲେ ଆଉ ଖୁବ୍ ଦୁଃଖ କଲେ।

---

1. ବନି : ରକ୍ତ 2. ଅଂଡ୍ରା : ସ୍ୱାମୀ 3. ଡିଂଡା : ଅବିବାହିତା 4. ମାଲୀ : ମାଳୀ 5. ଗିଂଗା : ଏକ ଅଳଂକାର ବିଶେଷ ଯାହା ବେକରେ ପିନ୍ଧାଯାଏ 6. ଖାଗ୍ଲା : ଏକ ଅଳଂକାର ବିଶେଷ ଯାହା ବେକରେ ପିନ୍ଧା ଯାଏ 7. କେରେଂଗ : ଏକ ଗଛର ଛେଲିରେ ପ୍ରସ୍ତୁତ ବସ୍ତ୍ର 8. ସଲପ : ନିଶା ହେଉଥିବା ସଲପ ନାମକ ଏକ ପ୍ରକାର ଗଛର ରସ 9. ମାତିଲେ : ମାତାଲ୍ ହେଲେ 10. ବାଡନି : ଓଳେଇ 11. ଶାଗ୍ ପେଜ୍ : ମାଂଡିଆ ଜାଉ 12. ପେଜବେଳା : ମଧ୍ୟାହ୍ନ ଭୋଜନ ସମୟ 13. ଡୁମା : ଭୂତ ପ୍ରେତ 14. ମାୟା : ଅଂର୍ତ୍ଧ୍ୟାନ।

ଭାଲୁ ଧାଂଗଡ଼ୀ କଥା

ଗୋଟିଏ ଗାଁରେ ବୁଢ଼ାଟେ ବୁଢ଼ୀଟେ ଥାଆଂତି । ତାଂକର ଦି'ଟା ଧାଂଗଡ଼ୀ[1] ଝିଅ ଥାଆଂତି । ସେମାନେ **ବଡ଼ ଝିଅ ପାଇଁ** ଜୋଇଁଟେ ଖୋଜୁଥାଆଂତି । ବହୁତ ଖୋଜି ଖୋଜି ଭଲ ଜୋଇଁଟେ ଗୋଟେ ଗାଁରେ **ପାଇଲେ** । ପିଲାଟାର କେହି ନଥାଆଂତି । ସେ ଏକା ରହୁଥାଏ ସିନା, ଡଂଗର[2] ଗୁଡ଼ାଏ ମାରି ସେଥିରେ **କାଂଦୁଲ**, ସୁଆଁ, ଜନା[3], କୁମ୍ଡ଼ା[4], କାକୁଡ଼ି ଚାଷ କରି ଖୁବ୍ ଭଲରେ ଥାଏ । ତେଣୁ ତା' ସାଂଗରେ ସେମାନେ ବଡ଼ ଝିଅର ବାହାଘର କରେଇଦେଲେ ।

ବାହାଘର ପରେ ଦିହେଁ ମାଇଜୀ ଅଂଡ୍ରା[5] ହେଇ ସୁଖରେ ରହିଲେ । ସକାଳୁ ଉଠି ଶାଗ୍‌ପେଜ୍[6] ନେଇ ଅଂଡ୍ରା ଯାଏ ଡଂଗର କାମରେ, ମାଇଜୀ ଘରର କାମ ଧାମ କରେ । ଆଉ ମୁଂଡବେଲା[7] ହେଲେ ଅଂଡ୍ରା ପାଇଁ ଶାଗ୍ ପେଜ୍ ନେଇ ମାଇଜୀ ନିତି ଡଂଗରକୁ ଯାଏ ।

ଦିନେ ଏମିତି ମୁଂଡବେଲାରେ ମାଇଜୀ ଅଂଡ୍ରା ପାଇଁ ପେଜନେଇ ଗଲା ବେଳକୁ ବଣ ଭିତରେ ମାଈ ଭାଲୁଟେ ତା ବାଟ ଓଗାଳି ବସିଲା । ସେ ପିଂଧିଥିବା ମାଳି, ରିଂଗା[8] ଖାଗ୍‌ଲା[9] ଆଉ କେରେଂଗ୍[10] ମାଗିଲା । ଯେ କିଂତୁ ଦେବାକୁ ନାହିଁ କରିବାରୁ ଭାଲୁ ''ନଦେଲେ ମୁଁ ତତେ ଖାଇଦେବି'' ବୋଲି କହିଲା । ତା' ପରେ ଧାଂଗଡ଼ୀ ତା'କୁ ପ୍ରାଣ ଭୟରେ ସବୁ ଜିନିଷ ଖୋଲି ଦେଇଦେଲା । ଭାଲୁ କିଂତୁ ସେତିକିରେ ବି ମାନିଲାନି । ସେ ଯା'କୁ ତା'ପରେ ଶାଗ୍ ପେଜ୍ ବି ମାଗିଲା ଆଉ ନିଜେ ଯା' ପରି ବେଶ ହେଇ ଡଂଗରକୁ ଚାଲିଲା ପେଜ୍ ଶାଗ୍ ନେଇ ।

ଭାଲୁକୁ କେରେଂଗ, ମାଳି, ରିଂଗା, ଖାଗ୍‌ଲା ଇତ୍ୟାଦି ସବୁ ଦେଇଦେବା ପରେ ଯା ଦେହରେ ଆଉ କିଛି ନଥାଏ । ତେଣୁ ଏମିତି ଅବସ୍ଥାରେ କୁଆଡ଼େ ଯିବ ଭାବି ଯେ' ଯାଇ ଗୋଟେ ଶିମୁଳି ଗଛ ଉପରେ ବସିଲା ।

ତେଣେ ଭାଲୁ ମାଇଜୀ ବେଶରେ ଡଂଗରକୁ ଯାଇ ଧାଂଗଡ଼ାକୁ ଶାଗ୍ ପେଜ୍ ଦେଲା । ସେ ମୋଟେ କିଛି ଠଉରେଇ ପାରିଲାନି । ଭାଲୁ ତା' ପରେ, ''ମୁଁ ଘରେ ଅଛି ତମେ ଆସ'' କହି ଘରେ ଯାଇ କେଣ୍ଟୁଟେ[11] ଓଡ଼ି[12] ହେଇ ଶୋଇଲା ।

ସଂଜ ହେବାରୁ ଅଂଡ୍ରା ତେଣୁ ଡଂଗର କାମ ସାରି ଫେରିଲା ବେଳକୁ ମାଇଜୀ ବସିଛି ଶିମୁଳି ଗଛ ଖେଂଦାରେ[13] । ସେ ଅଂଡ୍ରା ଘରକୁ ବାହୁଡୁ ଥିବାର ଦେଖି ତା'ର ସବୁ ଅଳଂକାରପତ୍ର ଆଉ କେରେଂଗ୍ ଛଡ଼େଇ ନେଇ ମାଈ ଭାଲୁଟେ କେମିତି ତା'କୁ ଶାଗ୍ ପେଜ୍ ନେଇ ଦେଇଥିଲା, ହେଲେ ଅଂଡ୍ରା ସେ ଭାଲୁଟାକୁ ଚିହ୍ନି ପାରିଲାନି କେମିତି ବୋଲି ଗୀତ ଗାଇଲା । ଅଂଡ୍ରା କିଂତୁ ତା' ଗୀତ ଶୁଣି ନପାରି ଘରକୁ ଗଲା । ଘରେ ମାଇଜୀକି ତା' ନାଁ ଧରି ଡାକିଲା । ମାଇଜୀ ତ ଘରେ ନାହିଁ । ମାଈ ଭାଲୁ ତା' ମାଇଜୀ ବେଶରେ କେଣ୍ଟୁ ଓଡ଼ି ହେଇ ଶୋଇଚି । ଯା' ଡାକ ଶୁଣି ମାଈ ଭାଲୁ

ଖାଲି ହୁଁ...ହୁଁ...ହେଲା। ୟେ' କିଂତୁ କିଛି ବୁଝି ନପାରି ତା'ର ଟିକେ ପାଖକୁ ଯାଇ ପଚାରିଲା, ''କଣ ତୋ'ର ହେଇଚି କିଲୋ ?'' ମାଇ ଭାଲୁ ତା' ମାଇଜୀର ସ୍ୱରକୁ ଅନୁକରଣ କରି କହିଲା, ''ମତେ ବହୁତ ଜ୍ୱର ହେଉଚି। ଖାଲି କାକ୍ଡ଼ା[14] ଖାଇବାକୁ ମନ ହଉଚି।'' ଅଂଡ୍ରା କହିଲା, ''ଆଲୋ ଏ ରାତିଟାରେ ତୋ' ପାଇଁ ମୁଁ କୋଉଠୁ କାକ୍ଡ଼ା ଆଣିବି କହିଲୁ ?'' ଭାଲୁ କହିଲା, ''କାକ୍ଡ଼ା ନହେଲେ ମୁଁ ମରିଯିବି। ଯେମିତି ହେଉ ମୋର ଏବେ କାକ୍ଡ଼ା ଦରକାର।'' ମରିଯିବା କଥା ଶୁଣି ଅଂଡ୍ରା କଥାଟାର ଗୁରୁତ୍ୱ ବୁଝି ଅଂଧାରରେ ଝରଣା ଆଡ଼କୁ ଗଲା କାକ୍ଡ଼ା ଧରିବାକୁ।

ଝରଣାକୁ ଯିବା ବାଟରେ ତା' ମାଇଜୀ ବସିଥିବା ଶିମୁଳୀ ଗଛଟା ପଡ଼ିଲା। ତା' ଉପରେ ବସି ମାଇଜୀ କାଂଦୁଥାଏ। ଅଂଡ୍ରାକୁ ଗଛ ଆଡ଼କୁ ଆସୁଥିବା ଦେଖି ସେ ଆଗ ଯୋଉ ଗୀତଟା ଗାଇଥିଲା, ସେଇ ଗୀତଟାକୁ ଫେର୍ ଗାଇଲା। ଅଂଡ୍ରା, କାଳେ ଡୁମା ଫୁମା[15] ଗାଉଥିବ ଭାବି ଡରରେ କାକ୍ଡ଼ା ଆଣିବାକୁ ଦୌଡ଼ିଲା ପରି ଝରଣା ଆଡ଼କୁ ପଳେଇଲା। ସେଠି ଯାଇ ବଡ଼ କଷ୍ଟରେ ଦି' ଚାରିଟା କାକ୍ଡ଼ା ଧରି ଘରକୁ ଫେରିଲା ବେଳକୁ ଶିମୁଳି ଗଛ ଉପରେ ବସି ତା' ମାଇଜୀ ପୁଣି ସବୁକଥା ବର୍ଣ୍ଣନା କରି ପୂର୍ବ ଗୀତଟା ଗାଇଲା। ଅଂଡ୍ରା କିଂତୁ ଗୀତ ପ୍ରତି ଧ୍ୟାନ ନଦେଇ ଘରକୁ ଯାଇ ଡାକିଲା, ''ଶୋଇ ପଡ଼ିଲୁଣି କି ଲୋ ?'' ମାଇ ଭାଲୁ ''ହୁଁ...ହୁଁ...ହୁଁ... କାକ୍ଡ଼ା ଆଣିଲୁ ନା ନାଇଁ'' ବୋଲି ପଚାରିବାରୁ ୟେ ''ହଁ'' କଲା। ଭାଲୁ କହିଲା, ''ଦେ ଖାଇବି।'' ୟେ' ପଚାରିଲା, ''ପୋଡ଼େଇ କରି ସିନା ଖାଇବୁ, କଂଚା କାକ୍ଡ଼ା କେମିତି ଖାଇବୁ କିଲୋ ?'' ମାଇ ଭାଲୁ କହିଲା, ''ମତେ ଜର ହଉଚି- ଜରୁଆ ପାଟିକି କଂଚା କାକ୍ଡ଼ା ହିଁ ଭଲ ଲାଗିବ। ମତେ ଚଂଚଳ ଦେ, ମୁଁ ଖାଇବି।'' ତା' ପରେ ୟେ' ତାକୁ କାକ୍ଡ଼ା ବଢ଼େଇ ଦେଲା। ଭାଲୁ ସେ କଂଚା କାକ୍ଡ଼ା ସବୁ କାରୁ କାରୁ କରି ଖାଇ ପୁଣି ଶୋଇଲା ଆଉ ହୁଁ...ହୁଁ...ହୁଁ...ହୁଁ ହେଲା।

ତା'ପର ଦିନ ସକାଳୁ ବି ଭାଲୁ ଶୋଇବା ଜାଗାରୁ ନଉଠି, କଂଦା[16] ଖାଇବାକୁ ମନ ହଉଚି ବୋଲି କହିବାରୁ ୟେ' ପୁଣି କଂଦା ଆଣିବାକୁ ବଣକୁ ଗଲା। ଯିବା ବାଟରେ ଶିମୁଳି ଗଛଟା ପଡ଼ିଲା। ତା' ମାଇଜୀ ଖୋଂଦାରେ କାଂଦି କାଂଦି ଭୋକରେ ବସିଥାଏ। ଯାକୁ ଦେଖି ସେ ପୁଣି ଆଗ ଗୀତଟା ଗାଇଲା। ୟେ' କିଂତୁ ଗୀତ ପ୍ରତି ଧ୍ୟାନ ନଦେଇ ବଣକୁ ଯାଇ କଂଦା ଖୋଳିଲା। ଆଉ ତାକୁ ନେଇ ଘରକୁ ଆସିଲା। ଭାଲୁ ସେମିତି କେଣ୍ଟୁଟା ଡାଂକିହୋଇ ପଡ଼ିଥାଏ। ଘରେ ପହଂଚି ୟେ' ପଚାରିଲା, ''କଣ ଜର ଟିକେ କମିଲା ନା ନାହିଁ?'' ଭାଲୁ କହିଲା, ''ହୁଁ...ହୁଁ...ହୁଁ...ହୁଁ...ନାଁ କମିନି। ଯଦି କଂଦା ଆଣିଲ ଦିଅ।'' ୟେ ପଚାରିଲା, ''କ'ଣ କଂଦାଗୁଡ଼ାକ କଂଚାରେ ଖାଇବୁ ନାଁ କଣ ? ରହ ମୁଁ ଟିକେ କଂଦାକୁ ସିଝେଇ ଦିଏ। ତା' ପରେ ତୁ ଖାଇବୁ।'' ଭାଲୁ କହିଲା, ''ନାଇଁ..ନାଇଁ..ସିଝା ସିଝି କରନି, ସେମିତି ଦିଅ। ଜରୁଆ ପାଟିକୁ କଂଚା କଂଦା ହିଁ ଭଲ ଲାଗିବ।'' ତା' ପରେ ୟେ କଂଦାସବୁ ତା ଆଡ଼କୁ ବଢ଼େଇ ଦେଲା। ଆଉ ଭାଲୁ ସେମିତି କଂଚା କଂଦା ସବୁ କାରୁମ୍ କାରୁମ୍ କରି ଖାଇଦେଇ ପୁଣି ହୁଁ...ହୁଁ...ହୁଁ ହେଲା।

ଏମିତି ଦି' ଚାରିଦିନ ଗଲା। ତଥାପି ଭାଲୁ ଯେତେବେଳେ ଆଉ ଉଠିଲାନି, ମାଇଜୀ ଏମିତି ଜରରେ କାଳେ ମରିଯିବ ଭାବି ମନରେ ଯା'ର ଭୟ ହେଲା। ତେଣୁ ସେ ଭାଲୁକୁ ତା' ମାଇଜୀ ଭାବି ତା'କୁ ଶୁଣେଇଲା ପରି କହିଲା, ''ତତେ ତ କି ଜ୍ୱର ହେଲା ଯେ, ତୁ ଖାଲି ଶୋଇ ଶୋଇ ଦିନ ରାତି ହୁଁ..ହୁଁ..ହଉଚୁ। କଂଚା କାକ୍ଡ଼ା ଆଉ କଂଚା କଂଦା ଛଡ଼ା ଆଉ କିଛି ଖାଉନୁ। ଏମିତି କଂଦା ଆଉ କାକ୍ଡ଼ା ଖାଇ ଖାଇ ତୁ କେତେ ଦିନ ବଂଚିବୁ କହିଲୁ ? ଆଉ ଯଦି ମରିଯିବୁ ତା'ହେଲେ

ଝିଅଟାକୁ ନେଇ ମାରିଦେଲା ବୋଲି, ତୋ' ବାପା ମା' ମତେ ନିନ୍ଦା କରିବେ। ସେଥିପାଇଁ ମୁଁ ଆଜି ଯାଉଚି ତୋ' ବାପା ମା'କୁ ଏଠିକି ଡାକି ଆଣିବି। ସେମାନେ ତୋ ଅବସ୍ଥା ଏଠି ଆସି ଦେଖିଲା ପରେ ତାଂକର ଯାହା ମନ ସେମାନେ କରିବେ।'' ଭାଲୁ ଏ କଥା ଶୁଣି ଛାନିଆଁ ହେଇ ''ନାଇଁ ନାଇଁ ତମେ ମୋ ମା ବାପାଂକୁ ଡାକିବାକୁ ଯାଅନି'' ବୋଲି କହିଲା। ଯେ' ତ ମନେ ମନେ ଠିକ୍ କରି ସାରିଥାଏ ଯେ ଆଜି ମାଇଜୀର ବାପା ଘରକୁ ନିଶ୍ଚେ ଯିବ ବୋଲି। ତେଣୁ ମାଇଜୀ ଯିବାପାଇଁ ଯେତେ ମନା କଲେ ବି, ଯେ ତା'କୁ କିଛି ନକହି ସିଧା ଚାଲିଲା ମାଇଜୀର ବାପଘର ଗାଁକୁ। ଭାଲୁ କିଂତୁ ଏ କଥା ମୋଟେ ଜାଣି ପାରିଲାନି ଯେ ସେ ତା ମାଇଜୀ ବାପଘରକୁ ଯାଉଚି ବୋଲି। ତେଣୁ ସେ ପୁଣି ବଣରୁ କଂଦା କି କାକ୍ଡ଼ା ନେଇକି ଆସିଲେ ଖାଇବ ଭାବି ମନ ଖୁସିରେ ସେଠି ଶୋଇ....ହୁଁ...ହୁଁ...ହୁଁ ହେଲା।

ଯେ' ମାଇଜୀର ବାପଘର ଗାଁକୁ ଗଲାବେଳେ ପୁଣି ସେଇ ଶିମୁଳି ଗଛ ଦେଇ ଗଲା। ଉପରେ ତ ମାଇଜୀ ବସିଥାଏ। ସେ ଘଟଣା ବର୍ଣ୍ଣନା କରି ପୁଣି ସେଇ ପୂର୍ବ ଗୀତଟା ଗାଇଲା। ଯେ' କିଂତୁ ସେ ଆଡ଼କୁ କାନ ନଦେଇ ଶାଡ୍ରା ଶାଡ୍ରୀ[17] ଗାଁ ଆଡ଼କୁ ଚାଲିଲା।

ସେଠି ଯାଇ ପହଂଚିଲା ବେଳକୁ ଶାଡ୍ରା ନଥାଏ। ସେ ଡଂଗରକୁ ଯାଇ ଥାଏ। ଯା'ର କିଂତୁ ଶାଡ୍ରା ଆସିବା ଯାଏଁ ଅପେକ୍ଷା କରିବାକୁ ଆଉ ତର ନଥାଏ। ସେ ତେଣୁ ଝିଅର ଅବସ୍ଥା କଥା କହି ଶାଡ୍ରୀକି ସାଂଗ୍ରେ ନେଇ ନିଜ ଗାଁକୁ ଫେରିଲା। ଖାଲି ଶାଳୀକି ''ଶାଡ୍ରା ଆସିଲେ ଆମ ଘରକୁ ପଠେଇ ଦେବୁ'' ବୋଲି କହିଦେଲା। ବାଟରେ ପୁଣି ଶିମୁଳି ଗଛ ଦେଇ ସେମାନେ ଗଲାବେଳକୁ ଉପରେ ବସିଥିବା ମାଇଜୀ ପୂର୍ବ ଗୀତଟାକୁ ଦୋହରେଇଲା। ହେଲେ ଏମାନଂକ ମନ ତ ଅନ୍ୟଆଡ଼େ ଥାଏ। ଏମାନେ ତେଣୁ ସେ ଗୀତ ଫିତ କିଛି ନଶୁଣି ଚାଲିଲେ। ସିଧା ଘରେ ଯାଇ ପହଂଚି ଯେ' ଭାଲୁ ଯୋଉଠି ଶୋଇଥାଏ ସେ ଜାଗାଟା ଶାଡ୍ରୀକି ଦେଖେଇଦେଲା। ଆଉ ଭାଲୁକୁ ଶୁଣେଇଲା ପରି କହିଲା, ''ତୋ' ମା'କୁ ଯାଇ ଡାକି ଆଣିଲି। ଦେଖ୍ ତୁ ଏଠି ରହିବୁ କି ତୋ ବାପାଘରକୁ ଯିବୁ ସେ କଥା ତୁ ଠିକ୍ କର।'' ଏ କଥା ଶୁଣି ଭାଲୁର ପିଳେହି ପାଣି। ସେ ମନେମନେ ଏଥର ନିଶ୍ଚୟ ଧରା ପଡ଼ିଯିବ ବୋଲି ପ୍ରମାଦ ଗଣିଲା। ବୁଢ଼ୀ ତେଣୁ ଯେତେବେଳେ ତା ପାଖକୁ ଆସିଲା, ସେ ହୁଁ...ହୁଁ..ହୁଁ..ହେଇ କେଶୁରେ ତା' ମୁଂଡଟାକୁ ଘୋଡ଼େଇଦେଲା। ବୁଢ଼ୀ ତା ପାଖରେ ବସି ତା' ହାତ ଗୋଡ଼ ଆଉଁସି ''ଭଲ ଲାଗୁଚି କିଲୋ ମା'' ବୋଲି ପଚାରିଲା। ଯେ' କିଂତୁ କିଛି ନକହି ଖାଲି ହୁଁ... ହୁଁ... ହେଲା। ତେଣେ ଶାଡ୍ରା ଡଂଗର କାମରୁ ଫେରି ଯେତେବେଳେ ସାନ ଝିଅ ପାଖରୁ ବଡ଼ଝିଅକୁ ଜର ବୋଲି ଶୁଣିଲା ସେ ଆଉ ପେଜପାଣି ନଖାଇ ସେଠୁ ସିଧା ଚାଲିଲା ଜୋଇଁ ଘରକୁ।

ବାପାକୁ ଦୂରରୁ ଆସୁଥିବା ଦେଖି ଝିଅ ଶିମୁଳି ଖୋଂଦାରେ ବସି ସବୁ ଘଟଣା ବର୍ଣ୍ଣନା କରି ଗୀତ ଗାଇଲା। ବାପା ଗୀତ ସିନା ଶୁଣି ପାରିଲାନି, ହେଲେ ହାଲିଆ ମାରିବାକୁ ଶିମୁଳି ଗଛ ମୂଳେ ଟିକେ ଯାଇ ବସି ପଡ଼ିଲା।

ବାପା ଦୂରରେ ଥିଲା ବେଳେ ତ ଝିଅ ସବୁ ଘଟଣା ବର୍ଣ୍ଣନା କରି ଗୀତ ଗାଉଥିଲା— ବାପା କିଂତୁ ପାଖକୁ ଆସିବାରୁ ଝିଅ ଚେଷ୍ଟା କରି ବି ଆଉ ଗୀତ ମୋଟେ ଗାଇ ପାରିଲାନି। କାଇଁକି ନାଁ ତିନି ଚାରିଦିନ ନଖାଇ ନପିଇ ତା' ଦେହରେ ଆଉ ଟିକେ ବୋଲି ବଳ ନଥାଏ। ତେଣୁ କର୍ମକୁ ଆଦରି ଶିମୁଳି ଖୋଂଦାରେ ବସି ଖାଲି କାଂଦିଲା। ବାପା ଗଛ ତଳେ ବସିଥାଏ। ଝିଅ ଉପରେ କାଂଦୁଥାଏ। ହଠାତ୍ ଦି' ବୁଂଦା ଲୁହ ଯାଇ ବାପ ଦିହରେ ପଡ଼ିବାରୁ ସେ କି ପାଣି ଉପରୁ ପଡୁଚି

ଭାବି ଉପରକୁ ଅନେଇଦେଲା ବେଳକୁ, ଦେଖିଲା— ଶିମୁଳି ଗଛ ଖେଁଦାରେ ତା' ଝିଅ ବସି କାନ୍ଦୁଚି। ଝିଅକୁ ସେଠି ସେମିତି ଅବସ୍ଥାରେ ଦେଖି ପ୍ରଥମେ ତ ସେ କିଛି ବୁଝି ପାରିଲାନି। ପରେ ଝିଅକୁ ତଳକୁ ଓହ୍ଲେଇବାକୁ କହିଲା। ସେ ତଳକୁ ଓହ୍ଲେଇବାରୁ ତା'କୁ ପଚାରି ସବୁକଥା ବୁଝିଲା। ତା' ପରେ ତା'କୁ ଆଗ ନେଇ ନିଜ ଘରେ ଛାଡ଼ିଦେଇ ପରେ ଜୋଇଁ ଘରକୁ ଆସିଲା।

ଶାଶ୍ରୁକୁ ଦେଖି ଜୋଇଁ ଝିଅକୁ ଜର ହେଇଥିବା କଥା କହିଲା। ଶାଶ୍ରୁ କହିଲା, ''କିଛି ଚିଂତା ନାଇଁ। ଜର ହେଇଚି ତ? ମୁଁ ଏବେ ତା' ଜର ଛଡ଼େଇଦେବି। ହେଲେ ତମେ ଗୋଟେ ଶାବଳକୁ ଲାଲ୍ କରି ତତେଇ ମତେ ଆଣିଦିଅ। ତା'ପରେ ଝିଅର ଜର କଥା ମୁଁ ବୁଝିବି।'' ଶାଶ୍ରୁର କଥା ଶୁଣି ଜୋଇଁ ସାଂଗେ ସାଂଗେ ଶାବଳଟେ ଲାଲ୍ କରି ତତେଇ ତା ହାତରେ ଦେଲା।

ଏସବୁ କଥା ମାଈ ଭାଲୁ ଶୁଣୁଥାଏ। ହେଲେ ପଳେଇ ଯିବାକୁ ଆଉ ତାର ଉପାୟ ନଥାଏ। ତେଣୁ ଚୁପ୍‌ଚାପ୍ ସେମିତି ଶୋଇ ପୂର୍ବ ପରି ହୁଁ..ହୁଁ..ହୁଁ... ହଉଥାଏ। ତା' ପାଖରେ ବସି ଶାଶ୍ରୀ କାନ୍ଦୁଥାଏ। ଶାଶ୍ରୁ ନାଲି ଟହ ଟହ ଶାବଳଟା କୁ ନେଇ ଭାଲୁ ପାଖକୁ ଆସି କହିଲା, ''ଝିଅଲୋ! ଜର ହଉଚି ପରା? ଆଁ କଲୁ..ମୁଁ ଔଷଧ ଆଣିଚି, ତୁ ଖାଇ ଦେଲେ ଜର ସାଂଗେ ସାଂଗେ ଛାଡ଼ି ଯିବ ଯେ।'' ଭାଲୁ ଦେଖିଲା ଆଁ କଲେ ବି ମରିବ, ଆଁ ନ କଲେ ବି ମରିବ। ତେଣୁ ବାଧ୍ୟ ହେଇ ଯେମିତି ପାଟିଟା ଖୋଲିଚି ଶାଶ୍ରୁ ତା' ପାଟିରେ ଶାବଳଟା ପୂରେଇ ଦେଲା। ତାତିଲା ଶାବଳ ପାଟିରେ ପଶିଲା ପରେ ଭାଲୁ କି ଆଉ ବଂଚେ! ସାଂଗେସାଂଗେ ଛଟ ପଟ ହେଇ ମରିଗଲା।

ତା'ପରେ ଶାଶ୍ରୁ ଝିଅ ମଲା ବୋଲି ଛଳନାରେ ଗୁଡ଼ାଏ କାଂଦିଲା। ଜୋଇଁ ବି ତା' ମାଇଜୀ ମଲା ବୋଲି ଗୁଡ଼ାଏ କାଂଦିଲା, ଶାଶ୍ରୀ ବି ଭାଲୁକୁ ତା' ଝିଅ ବୋଲି ଭାବିଥାଏ। ତେଣୁ ସେ ବି ଝିଅର ଗୁଣ ବାହୁନି ଗୁଡ଼ାଏ କାଂଦିଲା। ତା'ପରେ ସେଇ କେଶୁ ସାଂଗରେ ହିଁ ଭାଲୁକୁ ନେଇ ସେମାନେ ଦାହ କରିଦେଲେ। ତା' ଆଗରୁ କିଂତୁ ଶାଶ୍ରୁ ଭାଲୁ ଦେହରୁ ତା' ନିଜ ଝିଅର ରିଂଗା, ମାଳୀ ଆଉ ଖାଗ୍‌ଲା କାଢ଼ି ରଖି ଦେଲା।

କିଛି ଦିନ ପରେ ବୁଢ଼ଘର[୧୫] କରି ଶାଶ୍ରୁ ଶାଶ୍ରୀ ଦିହେଁ ଆପଣା ଗାଁକୁ ବାହୁଡ଼ି ଗଲେ। ଘରେ ବୁଢ଼ୀ ଯାଇ ପଶିଲା ବେଳକୁ ବଡ଼ ଝିଅକୁ ଦେଖି 'ଡୁମା, ଡୁମା' ବୋଲି ପାଟି କରିବାରୁ ବୁଢ଼ା ତାକୁ ଘଟଣାଟା ମୂଳରୁ ଚୂଳ ଯାଏଁ ଶୁଣେଇଦେଲା। ବୁଢ଼ା ତ ଜୋଇଁ ଉପରେ ଖୁବ୍ ରାଗିଥାଏ, ମାଈ ଭାଲୁ ପାଇଁ ତା' ଝିଅକୁ ଏତେ ହଇରାଣ କଲା ବୋଲି। ସେ ତେଣୁ ଜୋଇଁକି ସତ କଥାଟା କହିବାକୁ ଚାହୁଁ ନଥାଏ।

ଏମିତି ଦିନ ଗଡ଼ି ଚାଲିଲା। ଜୋଇଁ ତା' ମାଇଜୀ ମଲା ପରେ ବଡ଼ ଦୁଃଖରେ ଥାଏ। ଆଉ କାହାକୁ ଆଣିବାକୁ ତା'ର ମନ ହଉନଥାଏ। ସେ ତ ତା' ନିଜ ମାଇଜୀ ମରିନି ବୋଲି ଏଯାଏଁ ବି ଜାଣିନଥାଏ। ତେଣୁ ଶାଶ୍ରୁ ଘରକୁ ଯାଇ ଟିକେ ବୁଲି ଆସିବ ଆଉ ଶାଳୀକି ଯଦି ସେମାନେ ଦେବେ, ତା' ହେଲେ ଆଣିବ ବୋଲି ମନେମନେ ଭାବି ଶାଶ୍ରୁ ଶାଶ୍ରୀ ଘରକୁ ଗଲା।

ସେଠି ଯାଇ ସେ ପହଂଚିଲା ବେଳକୁ ତା' ନିଜ ମାଇଜୀ କୁଟନୀ ଶାଳରେ[୧୬] ବସି ଧାନ କୁଟୁଥାଏ। ସେ ଯେମିତି ଯା'କୁ ଦେଖିଚି, ଲାଜରେ ଧାଇଁଲା ଘର ଭିତରକୁ। ମାଇଜୀକି ଦେଖି ଯେ' ପୁରା କାବାକାଠ ହେଇଗଲା। ଶାଶ୍ରୁ ଘରକୁ ଯାଇ ସେମାନଂକୁ 'ଏବେ କିଏ ଭିତରକୁ ଧାଇଁ ପଳେଇଲା' ବୋଲି ପଚାରିବାରୁ ସେମାନେ 'ତୋ ଶାଳୀ ହେଇଥିବ' ବୋଲି କହିଲେ। ଯେ' କିଂତୁ ତାଂକ କଥାକୁ ବିଶ୍ୱାସ ନକରି ଘର ଭିତରକୁ ପଶିଯାଇ ଦେଖିଲା ବେଳକୁ ସେଠି କବାଟ କଣରେ ତା' ମାଇଜୀ

ଠିଆ ହୋଇ ତାକୁ ଦେଖି ମୁରୁକି ମୁରୁକି ହସୁଛି। ଯେ' ନିଜ ମାଇଜୀକୁ ନିଜ ଆଗରେ ଠିଆ ହୋଇ ହସୁଥିବାର ଦେଖୁଥାଏ ସିନା, ହେଲେ ନିଜ ଆଖିକୁ ବିଶ୍ୱାସ କରିପାରୁ ନଥାଏ। ଶେଷରେ ସେ ବାଧ୍ୟ ହୋଇ ମାଇଜୀକି ପଚାରିଲା, "ତୁ ପରା ମରି ଯାଇଥିଲୁ?" ଶାଡ୍ରା ଶାଡ୍ରୀ ତା' ପରେ ସବୁ ଘଟଣା ତା'କୁ ଆମୂଳଚୂଳ କହିଲେ। ସବୁ ଶୁଣିବା ପରେ ଯାଇ ଯେ' ବୁଝି ପାରିଲା ଯେ, ସବୁ କାଂଡ ମାଈ ଭାଲୁଟା ଭିଏଇ ଥିଲା ବୋଲି।

---

1. ଧାଂଗଡ଼ୀ: ଯୁବତୀ 2. ଡଂଗର: ଚାଷୋପଯୋଗୀ ପାହାଡ଼ 3. ଜନା: ମକା 4. କୁମ୍ଡ଼ା: କଖାରୁ 5. ମାଇଜୀ ଅଂଡ୍ରା: ସ୍ୱାମୀ, ସ୍ତ୍ରୀ 6. ଶାଗ୍‌ପେଜ୍: ତରକାରୀ ଓ ମାଂଡିଆ ଜାଉ 7. ମୁଂଡବେଲା: ମଧ୍ୟାହ୍ନ 8. ରିଂଗା: ରସରେ ତିଆରି ଏକ ଗୋଲାକାର ଅଲଂକାରବିଶେଷ, ଯାହା ବଂଡା ରମଣୀମାନେ ବେକରେ ପିଂଧଂତି 9. ଖାଗ୍‌ଲା: ରସରେ ତିଆରି ଏକ ଅଲଂକାର ବିଶେଷ ଯାହା ବଂଡା ରମଣୀ ମାନେ ବେକରେ ପିଂଧଂତି 10. କେରେଂଗ୍: ଗୋଟିଏ ଗଛର ପଟ୍ଟରୁ ବଂଡାମାନେ ନିଜେ ପ୍ରସ୍ତୁତ କରୁଥିବା ଏକ ବସ୍ତ୍ର ବିଶେଷ 11. କେଶୁ: ଚାଦର 12. ଓଡ଼ି: ଘୋଡ଼େଇ ହୋଇ 13. ଖେଂଦାରେ: ଡାଳରେ 14. କାକ୍‌ଡ଼ା: କଂକଡ଼ା 15. ଭୁମା ଫୁମା: ଭୂତ ପ୍ରେତ 16. କଂଦା: ବଣୁଆଁ କଂଦମୂଳ 17. ଶାଡ୍ରା, ଶାଡ୍ରୀ: ଶ୍ୱଶୁର, ଶାଶୁ 18. ବୁଡ଼ଘର: ଶୁଦ୍ଧକ୍ରିୟା 19. କୁଟ୍‌ନୀ: ଢେଂକି ଶାଳ।

ବଂଡା[1] ଡିଡ଼ାଇ[2] କଥା

ଅନେକ ଦିନ ତଳର କଥା । ଗୋଟେ ଗାଁରେ ଜଣେ ଲୋକଥାଏ । ତା'ର ଦି'ଟା ପିଲା ଥାଆଂତି । ପିଲାଦିନୁ ଦୁହିଁକର ମୋଟେ ପଡୁନଥାଏ । ସେମାନେ ଯେତିକି ଯେତିକି ବଡ଼ ହେଲେ ପରସ୍ପର ପ୍ରତି ସେମାନଂକ ମନରେ ଈର୍ଷାଭାବ ସେତିକି ବଢ଼ି ଚାଲିଲା ।

ଦିହେଁ ଭେଂଡିଆ ହେଲା ପରେ ବାହା ହେଲେ । ବାହାଘର ପରେ ଝଗଡ଼ା ଧୀରେଧୀରେ ବଢ଼ିଲା । ଛୋଟ ଛୋଟ କଥାକୁ ନେଇ ସେମାନେ କଳି କଲେ । କେବେ ଡଂଗର ମରାକୁ[3] ନେଇ ସେମାନଂକ ଭିତରେ କଳି ହେଲା ତ, କେବେ ପୁଣି ସଲପ ଗଛକୁ[4] ନେଇ କଳି ।

ସେମାନଂକ ଭିତରେ ବୁଝାମଣା କରିବାକୁ ବାପା, ମା' ଯେତେ ଚେଷ୍ଟା କଲେ ବି ଫଳ କିଛି ହେଲାନି । ଶେଷରେ ଦିହେଁ ଠିକ୍ କଲେ ଭିନ୍ନେ ହେଇଯିବାକୁ । ଗୋଟିଏ ଭାଇ ତା' ସ୍ତ୍ରୀକି ନେଇ ରହିଲା ବଂଡା ଘାଟିରେ ଏବଂ ଆଉ ଗୋଟିଏ ଭାଇ ତା ସ୍ତ୍ରୀକୁ ନେଇ ଯାଇ ରହିଲା ସେ ପାହାଡ଼କୁ ଲାଗିଥିବା ଆଉ ଗୋଟିଏ ପାହାଡ଼ରେ ।

ଆଜି ସେମାନଂକର ବଂଶଧରମାନେ ହିଁ ବଂଡା ଓ ଡିଡ଼ାଇ ଭାବରେ ପରିଚିତ । ଯୋଉ ଭାଇ ବଂଡା ଘାଟିରେ ରହିଥିଲା ତା' ବଂଶଧରମାନେ ବଂଡା ହେଲେ । ପାଖ ପାହାଡ଼ରେ ଯେଉଁ ଭାଇ ଯାଇ ରହିଥିଲା ତା' ବଂଶଧରମାନେ ଡିଡ଼ାଇ ହେଲେ ବୋଲି ସେମାନଂକର ବିଶ୍ୱାସ ।

---

1. ବଂଡା : ମାଲକାନଗିରୀ ଜିଲ୍ଲାର ଏକ ଜନଜାତି 2. ଡିଡାଇ : ମାଲକାନଗିରୀ ଜିଲ୍ଲାର ଏକ ଜନଜାତି 3. ଡଂଗର ମରା : ଚାଷ ପାଇଁ ପାହାଡ଼ର ଗଛ ପତ୍ର କାଟିବା 4. ସଲପ ଗଛ : ନଡ଼ିଆ, ଖଜୁରୀଜାତୀୟ ଏକ ବୃକ୍ଷ । ଏହାର ରସକୁ ନିଶାଦ୍ରବ୍ୟ ଭାବରେ ବ୍ୟବହାର କରାଯାଏ ।

ତିନି ଜୁଆଁଇ କଥା

ଗୋଟିଏ ଗାଁରେ ବୁଢ଼ାଟିଏ ବୁଢ଼ୀଟିଏ ଥାଆଂତି । ସେମାନଂକର ତିନିଟା ଝିଅ । ଝିଅ ମାନେ ଧାଂଗଡ଼ୀ[1] ହେଇ ଡିଂଡା[2] ଥାଅଂତି । ସେମାନଂକର ବାହାଘର ହେଇନଥାଏ । ବୁଢ଼ା ମନେମନେ ଝିଅମାନଂକୁ ବାହା ଦେବା ପାଇଁ ଜୋଇଁ ଖୋଜୁଥାଏ । ଏମିତି ଖୋଜାଖୋଜି କରି ସେ ତିନିଟା ଭଲ ଜୋଇଁ ପାଇଲା । ସେମାନେ ହେଲେ ଗିଦ୍[3], ହଂସରାଲୀ[4] ଆଉ ବାରିଆ[5] ।

ଜୋଇଁ ପାଇବା ପରେ ବୁଢ଼ା ଡିସାରୀ[6] ପାଖକୁ ଗଲା । ବାହାଘର ପାଇଁ ଯୋଗ ପାଗ ବେଟିବାକୁ[7] ଡିସାରୀ ଚାଉଳ ବାଛି[8] ଯୋଗ ପାଗ ସବୁ ବେଟିଦେଲା, ଆଉ ସେଇ ନିର୍ଦ୍ଦିଷ୍ଟ ଦିନରେ ବୁଢ଼ା ତା' ତିନି ଜୋଇଂକ ସାଂଗରେ ଝିଅ ମାନଂକୁ ବାହା କରେଇ ଦେଲା । ବାହାଘର ପରେ ଝିଅମାନେ ଯେଝା ଅଂଗ୍ରା[9] ସାଂଗରେ ସେମାନଂକ ଘରକୁ ଗଲେ ।

ବାହାଘର ପରେ ଗୁଡ଼ାଏ ଦିନ ବିତିଗଲା । ଦିନେ ବୁଢ଼ୀକି ବୁଢ଼ା କହିଲା, ''ବୁଢ଼ୀଲୋ ! ବାହାଘର ସରି କେତେ ଦିନ ଗଲାଣି—ଝିଅମାନେ ସେଠି ଯାଇ କେମିତି ଚଳୁଛଂତି, ଭଲରେ ଅଛଂତି ନାଁ ନାହିଁ, ଟିକେ ଦେଖି ଆସିବି ବୋଲି ଭାବୁଛି । ତୁ କଣ କହୁଚୁ କହ ?'' ବୁଢ଼ୀ କହିଲା, ''ଯିବ ଯଦି ଯାଅ, ଝିଅ ମାନଂକ ହାଲ୍ ଚାଲ୍ ବୁଝି ଆସିବ ।''

ବୁଢ଼ା ତା'ପଛୁରେ ପ୍ରଥମେ ତା' ବାରିଆ ଜୋଇଁ ଘରକୁ ଗଲା । ସେ ଗୋଟିଏ ପାର୍[10] ଭିତରେ ଥାଏ । ସେଠି ଯାଇ ଖେଟିବା[11] ପରେ ତାକୁ ଝିଅ ଜୋଇଁ ଦିହେଁଯାକ ଦେଖି ଭାରି ଖୁସି ହେଲେ । ବୁଢ଼ା ବାଟ ଚାଲି ଚାଲି ଥକି ପଡ଼ିଥାଏ । ତେଣୁ ଯୋଉଦିନ ଯାଇ ସେ ସେଠି ପହଁଚିଲା, ସେଦିନ ସେମାନଂକ ପାର ଭିତରେ ନିଘୋଡ଼ ନିଦରେ ଶୋଇ ପଡ଼ିଲା । ପରଦିନ ସକାଳେ ଉଠି ବୁଢ଼ା ଦାତୁନ୍ ପତ୍ର କଲା[12] । ବାସି ପେଜ୍ ଗୁଡ଼େ ପିଇ ବସିଚି, ଜୋଇଁ ଗୋଟେ କର୍ଲି[13] ଧରି ଆସିଲା । କହିଲା, ''ମାମା[14], ଯିବା ଚାଲ ।'' ବୁଢ଼ା ପଚାରିଲା, ''କୁଆଡ଼େ ଏ ସକାଳୁ ଯିବା ।'' ବାରିଆ କହିଲା, ''ଚାଲ ମାମା ପିଟ୍‌କଂଦା[15] ନେଇକି ଆସିବା ।'' ତା'ପରେ ଦିହେଁ ପିଟ୍‌କଂଦା ଆଣିବାକୁ ଗଲେ । ପିଟ୍‌କଂଦା ଲଇ[16] ଗୁଡ଼ାକୁ ଚିହ୍ନି ବାରିଆ ତା' ମୂଳରେ ଥୋମଣା ଲଗେଇ ଦାଂତରେ କଂଦା କଡ଼ି କଡ଼ି[17] କଡ଼କୁ ଫିଂଗିଲା ଆଉ ବୁଢ଼ା ସବୁ କଂଦା ଗୋଟେଇ କର୍ଲି ଭିତରେ ରଖିଲା ।

କର୍ଲିଟା ଯେତେବେଳେ ଭର୍ତ୍ତି ହେଇଗଲା, ବୁଢ଼ା କହିଲା, ''ବାନ୍‌ଜା[18], ଏଥର ଘରକୁ ଯିବା ଚାଲ । କର୍ଲିଟାତ ପୁରା ଭର୍ତ୍ତି ହେଇଗଲା । ତେଣୁ ତୁମେ ଆଉ କଂଦା କଡ଼ିଲେ କୋଉଥିରେ ନେବା ?'' ବାରିଆ ତା' ପରେ କଂଦା କଡ଼ିବା ବଂଦ କଲା । ଆଉ ଦିହେଁ ତାକୁ ନେଇ ଘରକୁ ଫେରିଲେ ।

ବୁଢ଼ା କିଛିଦିନ ଜୋଇଁ (ବାନ୍‌ଜା) ଘରେ ରହିବା ପରେ ଦିନେ 'ଘରକୁ ଫେରିଯିବି' ବୋଲି ଝିଅ ଜୋଇଁକି କହିଲା । ଦିହେଁଯାକ ବୁଢ଼ା ଘରକୁ ନବ ବୋଲି ଗୋଟେ କାଉଡ଼ି[19] ପିଟ୍‌କଂଦା ତା'କୁ

ଦେଲେ ଆଉ ବୁଢ଼ା ତାକୁ ବୋହି ଘରକୁ ଫେରିଲା।

ଘରେ ପହଂଚି କିଛି ଦିନ ଧରି ବଣକୁ ଆଉ କଂଦା କଡ଼ିବାକୁ ନଯାଇ ବୁଢ଼ା ବୁଢ଼ୀ ଢୋଇଁ ଘରୁ ଆସିଥିବା ପିଟ୍‌କଂଦା ସିଝେଇ ସିଝେଇ ଖାଇଲେ। କଂଦା ସବୁ ସରିଯିବା ପରେ, ବୁଢ଼ା ଦିନେ ସକାଳୁ ସକାଳୁ ବୁଢ଼ୀକି କହିଲା, ''କର୍ଲିଟିଏ ଧରି ମୋ ସାଂଗରେ ଆ।'' ବୁଢ଼ୀ କର୍ଲିଟିଏ ଧରିଲା ଆଉ ଛୋଟ ଶାବଳଟିଏ ଧରିଲା। ବୁଢ଼ା ଶାବଳ ଦେଖି ପଚାରିଲା, ''କିଲୋ ଶାବଳ କଣ ହବ?'' ବୁଢ଼ୀ କହିଲା, ''କଂଦା କଡ଼ିବାକୁ ଯିବା ପରା?'' ବୁଢ଼ା କହିଲା,''ଶାବଳ ସଂଗେଇ ଦେଇ ଆ[20]।'' ବୁଢ଼ୀ ବୁଢ଼ାର କଥା ଶୁଣି ରାଗରେ ଗରଗର ହେଇ ଶାବଳଟା ସଂଗେଇ ଦେଇ କହିଲା, ''ଶାବଳଟା ସଂଗେଇ ଦେଇ ଗଲେ ପୁଣି କଂଦା କଡ଼ିବା କେମ୍‌ତି?'' ବୁଢ଼ା ତା' କଥା ନଶୁଣିଲା ପରି କହିଲା, ''ତୁ ଆସିଲୁ।''

ଦିହେଁ ତା'ପରେ ବଣକୁ ଗଲେ। ବୁଢ଼ା ସେଠି ପିଟ୍‌କଂଦା ଲଇ ଦେଖି ଢୋଇଁ ଯେମିତି ଥୋମଣା ଲଗେଇ ଦେଇ କଂଦା କଡ଼ିଥିଲା, ସେମିତି ନିଜେ ଥୋମଣାଟା ଲଗେଇ ଦେଇ କଂଦା କଡ଼ିବାକୁ ଚେଷ୍ଟା କଲା। ହେଲେ ହେଲାନି ଯେତେବେଳେ, ବୁଢ଼ା ସେଠୁ ଉଠି ପଡ଼ିଲା। ବୁଢ଼ୀ ବୁଢ଼ାର ମୁହଁ ଦେଖି ଆଉ ଚିହ୍ନି ପାରିଲାନି। ମୁହଁଟା ଗୋଡ଼ିଆ ମାଟିରେ ରେଛି ହେଇ ସେଥିରୁ ବନି[21] ଘଷ୍ରି[22] ଯାଉଛି। ଆଗରୁ ହଲୁଥିବା ଛାମୁ ଦାଂତ ଦି'ଟା ଝଡ଼ି ପଡ଼ି ବୁଢ଼ା ବଦଡ଼ା[23] ହୋଇ ଯାଇଚି। ଆଉ ପାଟିରେ ତା'ର ପାଟିଏ ମାଟି ଭର୍ତ୍ତି ହୋଇଛି। ବୁଢ଼ା ଉଠି ଖାଲି 'ହୋ ହୋ ହା ହା' ହେଲା। ତା'ପରେ ଲଂଡ ଭଂଡ ହେଇ ଧାଇଁଲା ଘରକୁ।

ବଡ଼ କଷ୍ଟରେ ମାସେ ଦି'ମାସ ଡିସାରୀ ପାଖରୁ ଆଣି ଓଷ କଷା ଲଗେଇ ବୁଢ଼ା ତା' ଘା' ଛଡ଼େଇଲା ତା'ପରେ,ବୁଢ଼ୀକି କହିଲା, ''ଆଲୋ ବୁଢ଼ୀ, ଏତେ ଦିନ ଯାଏ ଖଟଟାରେ ପଡ଼ିରହିଲି। ଏବେତ ଗାଗ୍‌ର୍‌[24] ମୁଂଡ ଟିକେ ଭଲ ହେଲା। ତେଣୁ ଭାବୁଚି ଟିକେ ହଁସରାଳୀ ବାନ୍‌ଜା ଘର ଆଡ଼େ ବୁଲି ଆସିବି।'' ବୁଢ଼ୀ ବି ବୁଢ଼ା କଥାରେ 'ହଁ' ଭରିଲା।

ବୁଢ଼ା ତା'ପରେ ହଁସ୍‌ରାଲୀ ବାନ୍‌ଜା ଘରେ ଯାଇ ପହଞ୍ଚିଲା। ସେମାନେ ଗୋଟେ ବଡ଼ ଗଛରେ ବସା ବାଂଧିଥାଆଂତି। ବୁଢ଼ାକୁ ସେଠି ଦେଖି ଝିଅ ଜୋଇଁ ଦିହେଁ ବଡ଼ ଖୁସି ହେଲେ। ବୁଢ଼ା ସେ ଦିନକ ଆରାମ୍ କଲା। ପରଦିନ ସକାଳେ ବୁଢ଼ା ଦାଂତ ଘଷାଘଷି କଲା। ପରେ ଜୋଇଁ ଆସି ତାକୁ ଚାଂଗଡ଼ାଟି[25] ଦେଇ କହିଲା, ''ମାମା ଚାଂଗଡ଼ାଟା ଧରି ମୋ ସାଂଗରେ ଆ।'' ବୁଢ଼ା ପଚାରିଲା, ''କୁଆଡ଼େ ଯିବକି ବାନ୍‌ଜା?'' ହଂସରାଲୀ କହିଲା, ''ତୁମକୁ ଏତେ କଥାରୁ କଣ ମିଳିବ କହିଲ ମାମା? ମୁଁ ଡାକୁଚି ମୋ ସାଥୀରେ ଆସ। ତା'ପରେ ଯୁଆଡ଼େ ଯିବା ତମେ ବଳେ ବୁଝିବନି।'' ବୁଢ଼ା ତା'ପରେ ଆଉ କିଛି ନପଚାରି ଚାଂଗଡ଼ାଟା ଧରି ଜୋଇଁକି କହିଲା, ''ହଉ ଚାଲ।''

ତା'ପରେ ଦିହେଁ ଯାଇ ବଣରେ ଥିବା ଗୋଟେ ଗଡ଼ିଆ ପାଖରେ ପହଞ୍ଚିଲେ। ସେଠି ପହଁଚି ହଂସରାଲୀ ବୁଢ଼ାକୁ କହିଲା, ''ତମେ ଏଇ କୂଳରେ ଥାଅ। ମୁଁ ଭିତରକୁ ଯାଉଚି।'' ବୁଢ଼ା 'ହଁ' କଲା। ହଂସରାଲୀ ଗଡ଼ିଆ ଭିତରକୁ ପଶିଲା। ଆଉ ପାଣିରେ ବୁଡ଼ି ଥରକୁ ଥର ମାଛ ଗୋଟେ ଗୋଟେ ଧରି କୂଳକୁ ଫିଂଗିଲା। ମାଛଗୁଡ଼ିକୁ ବୁଢ଼ା ଚାଂଗଡ଼ାରେ ଗୋଟେଇ ଗୋଟେଇ ରଖୁଥାଏ। ଯେତେବେଳେ ଚାଂଗଡ଼ାଟା ପୂରା ଭର୍ତ୍ତି ହେଇଗଲା, ବୁଢ଼ା କହିଲା, ''ବାନ୍‌ଜା ଏଥର ଚାଲ ଯିବା। ଚାଂଗଡ଼ାଟା ଭର୍ତ୍ତି ହେଇଗଲା। ଆଉ ତୁ ମାଛ ଧରିଲେ ବି ନେବାକୁ ଜାଗା ନାହିଁ।'' ବୁଢ଼ାର କଥା ଶୁଣି ଜୋଇଁ ଗଡ଼ିଆରୁ ବାହାରି ଆସିଲା। ଦିହେଁ ତା ପରେ ଘରକୁ ଗଲେ। ବୁଢ଼ା ସେଠି ନିତି ମାଛ

ଖାଇ ଖାଇ ବେଶ୍ କିଛିଦିନ ରହିଲା । ତା'ପରେ ଯେତେବେଳେ ମାଛ ଖାଇଖାଇ ତା'କୁ ଚିଟା ଲାଗିଲା, ସେ ଝିଅ ଜୋଇଁକି କହିଲା, "ଆଉ ଏଠି ରହିବାକୁ ଭଲ ଲାଗୁନି । ତେଣେ ପୁଣି ବୁଢ଼ୀଟା ଏକା ଅଛି । କଣ କେମିତି କରୁଥିବ ଭାବି ମନଟା ଆଉ ମୋଟେ ଭଲ ରହୁନି । ସେଥିପାଇଁ ଆଜି ହିଁ ମୁଁ ପଳେଇବି ।" ଝିଅ ଜୋଇଁ ତା'ପରେ ଗୋଟେ ବଡ଼ ଚାଂଗଡ଼ାରେ ଚାଂଗଡ଼ାଏ ଶୁଖିଲା ବାମି[26] କେରାଂଡି, ତୁରିଆ[27] ଗଡ଼ସା[28] ମାଛ ଭର୍ତ୍ତି କରିଦେଇ ବୁଢ଼ାକୁ ବାଟେଇ ଦେଇ ଆସିଲେ ।

ବୁଢ଼ା ଘରେ ଯାଇ ପହଂଚିଲା । କିଛିଦିନ ଯାଏଁ ବୁଢ଼ା ବୁଢ଼ୀ ଦିହେଁଯାକ ସଲପ୍[29], ପେଂଡମ୍[30], ଲଂଦା[31], ଫୁଲିମଦ[32] ଆଣି ତା' ସାଂଗରେ ଝିଅ ଜୋଇଁ ଘରୁ ଆଣିଥିବା ଶୁଖୁଆ ପୋଡ଼େଇ ନୁଣ ମରିଚି ସାଂଗରେ ଲଗେଇ ଚାକ୍‌ନା[33] କଲେ । ଶୁଖିଲା ମାଛ ସବୁ ସରିବା ପରେ ଦିନେ ସକାଳୁ ଉଠି ବୁଢ଼ା ବୁଢ଼ୀକି କହିଲା, ତା' ସାଂଗରେ ଚାଂଗଡ଼ାଟିଏ ଧରି ଆସିବାକୁ । ବୁଢ଼ୀ କହିଲା, "ସେଥର ବାରିଆ ବାନ୍ଦ୍ରା ଘରୁ ଫେରି କର୍କଟିଏ ମତେ ଧରେଇ ବଣକୁ ଡାକି ଦେଇ ଯେମିତି ହରବର ହେଲୁ, ସେମିତି ପୁଣି ହରବର ହେବାକୁ ମତେ ଡାକି ନେଉନୁତ ?" ବୁଢ଼ା ବୁଢ଼ୀର କଥାକୁ ଶୁଣି ନଶୁଣିଲା ପରି କହିଲା, "ମୁଁ ତ ତତେ ସାଂଗରେ ଆସିବାକୁ କହିଲି । ତୁ ତ ଆସିବୁ, ଏତେ କଥା ପଚାରିବା ତୋ'ର ଦରକାର କଣ ଯେ ?" ବୁଢ଼ୀ ତା'ପରେ ଆଉ କିଛି ନପଚାରି ବୁଢ଼ା ପଛେ ପଛେ ଚାଲିଲା । ଦିହେଁ କିଛି ସମୟ ପରେ ଗାଁର ବଂଧ ପାଖରେ ଯାଇ ପହଞ୍ଚିଲେ ।

ବୁଢ଼ା ତା'ପରେ ବୁଢ଼ୀକି କୂଳରେ ବସେଇ ଦେଇ ବଂଧ ଭିତରକୁ ପଶିଲା । ପ୍ରଥମେ ମାଂଡେକ୍[34] ପାଣିକି ଯାଇ ଭିତରକୁ 'ମାଛ ଧରିବି ଧରିବି' ବୋଲି ପାଟିରେ ପାଟିଏ ଲେଖାଏଁ କାଦୁଅ ଧରି ବାହାରକୁ ଆସି ଥୁ ଥୁ ହେଲା । ଧୀରେଧୀରେ ବୁକେ ବୁକେ[35] ଆଉ ମୁଂଡେ ମୁଂଡେ ପାଣିକି ଯାଇ ସେମିତି ଭିତରକୁ ବୁଡ଼ି ବୁଡ଼ି ପାଟିରେ କାଦୁଅ ଭର୍ତ୍ତି କରି ବାହାରକୁ ଆସିଲା । ମାଛ ନାଁ ଫାଛ ? ବୁଢ଼ା ତା'ପରେ ଆଉ ଟିକେ ବେଶୀ ପାଣିକି ଯାଇ ଭିତରକୁ ପଶିଲା । ବୁଢ଼ା ଭଲକରି ପହଁରା ଜାଣି ନଥାଏ । ତେଣୁ ବେଶୀ ପାଣିକି ପଳେଇ ଗଲା ସିନା ; ହେଲେ ସେଠୁ ଆଉ ପହଁରି କୂଳକୁ ଆସି ପାରିଲାନି । ତା' ନାକରେ କାନରେ ପାଣି ପଶିଗଲା । ପେଟେ ପାଣି ସେ ପିଇ ପକେଇଲା । ଗାଁର ଦି'ଟା ଧାଂଗ୍ଡ଼ା ତା'ପରେ ଆସି ବୁଢ଼ାର ଅବସ୍ଥା ଦେଖି ବଡ଼ କଷ୍ଟରେ ବଂଧରୁ କାଢ଼ି ତା'କୁ ସାଷ୍ଟମ କଲେ ।

ବୁଢ଼ୀ ବୁଢ଼ାର ଏ କାଂଡ କାରଖାନା ଦେଖି ତା'କୁ ଟାପରା କଲା । ବୁଢ଼ା ବଂଧରେ ବୁଡ଼ି ମେଂଚା ମେଂଚା କାଦୁଅ ଥରକୁ ଥର ଖାଇଥିଲା ବୋଲି ତାକୁ ଗୁଡ଼ାଏ ଦିନ ଯାଏ ବଂଦାଡ୍ ବାଡ଼ି[36] ହେଲା । ଡିସାରୀଠୁ ଓଷକଷା ଖାଇ ବଡ଼ କଷ୍ଟରେ ଅନେକ ଦିନ ପରେ ଭଲ ହେଲା । ସେଇଠୁ ସେ, ବୁଢ଼ୀକି କହିଲା, "ବୁଢ଼ୀଲୋ ! ଘରେ ଏମିତି ପଡ଼ି ପଡ଼ି ଆଉ ଭଲ ଲାଗୁନି । ଭାବୁଚି ଗିଦ୍ ବାନ୍ଦ୍ରା ଘର ଆଡ଼େ ଟିକେ ଯାଇ ବୁଲି ଆସିବି ।" ବୁଢ଼ୀ 'ହଁ' କହିବାରୁ ବୁଢ଼ା ଗିଦ୍ ଜୋଇଁ ଘରକୁ ଗଲା । ସେଠି ଯାଇ ପହଂଚିଲା । ସେମାନେ ଗୋଟେ ବଡ଼ ଗଛର ପଲକା[37] ଭିତରେ ରହୁଥାଆଂତି । ଝିଅ ଜୋଇଁ ବୁଢ଼ାକୁ ଦେଖି ବଡ଼ ଶରଧା ହେଲେ । ବୁଢ଼ା ଯୋଉଦିନ ଯାଇ ପହଂଚିଲା ସେ ଦିନଟା ହାଲିଆ ମାରିଲା । ପରଦିନ ସକାଳୁ ତାକୁ ତା ଗିଦ୍ ଜୋଇଁ ଆସି କହିଲା, "ମାମା ! ଏମିତି ଘରେ ବସି ବସି କଣ କରିବ ? ଚାଲ ସୁଆଁ ଡଂଗରକୁ ଯିବା, ଆଉ ସେଠୁ ମଂଜୁର[38] ଶିକାର କରି ଆଣିବା ।" ବୁଢ଼ା 'ହଁ' କରି ଜୋଇଁ ସାଂଗରେ ସୁଆଁ ଡଂଗରକୁ ଚାଲିଲା ।

ସୁଆଁ ଡଂଗରରେ ପହଂଚି ଗିଦ୍ ଜୋଇଁ ଯାଇ ଗୋଟେ ଟୁଟା[39] ଗଛରେ ବସି ବୁଢ଼ାକୁ କହିଲା,

"ମାମା, ତମେ ତଳେ ସେ ବୁଟା[40] ମୂଳେ ବସ। ଦେଖ ପିକା[41] ଖାଇ କକ୍ଲା କକ୍ଲି[42] କରିବନିଟି। ଆଉଟିକେ ପରେ ମଂଙ୍କୁରମାନେ କାଁ କାଁ କରି ଆସିବେ। ଆଉ ତମେ ଯଦି ଠିକ୍ ସେତିକି ବେଳେ କକ୍ଲି ଦେବ ତା' ହେଲେ ସେମାନେ ଉଠି ପଳାଇବେ।" ବୁଢ଼ା 'ହଁ' କରି ବୁଟା ମୂଳରେ ଯାଇ ଲୁଚି ବସିଲା। କିଛି ସମୟ ପରେ ମଂଙ୍କୁରମାନେ ଆସିବାରୁ ଗିଦ୍ ସେମାନଂକୁ ଥଂଟରେ ଖୁଂପି ଖୁଂପି ନୟାଂତ କରିଦେଲା। କିଛି ମଂଙ୍କୁର ଉଡ଼ି ପ୍ରାଣ ବଂଚେଇ ପଳେଇଲେ। ଆଉ କିଛି ସେଠି ପଡ଼ି ମରିଗଲେ। ଯେତିକି ମଂଙ୍କୁର ମରିଥିଲେ, ବୁଢ଼ା ସବୁକୁ ଗୁଂଡେଇ ମଂଙ୍କୁରଗୁଡ଼ାଂକର ଦି'ଗୋଡ଼କୁ ସିଆଡ଼ି ଡୋରରେ ବାଂଧିଦେଇ କନାଟେ[43] ଖୋଜି ସେଥିରେ ଗୋଡ଼ ଦି'ଟାକୁ ନେଇ କନାର ଦିପଟେ ଝୁଲେଇ କାଉଡ଼ି[44] କରି ଚାଲିଲା ଘରକୁ।

ଗିଦ୍ ଜୋଇଁ ଘରେ କେତେଦିନ ରହି ନିତି ଚଢ଼େଇ ମାଉଁସ ଖାଇ ଖାଇ ବୁଢ଼ାକୁ ଚିଂତା ଲାଗିବାରୁ ଦିନେ ଝିଅ ଜୋଇଁକି 'ଘରକୁ ପଳେଇବି' କହିବାରୁ ସେମାନେ ବୁଢ଼ାକୁ ଶୁଖ୍ଲା ମାଉଁସ କର୍ଲିଏ ଦେଇ ବାଟେଇ[45] ଦେଇ ଆସିଲେ।

ବୁଢ଼ା ଯାଇ ଘରେ ପହଁଚିବା ପରେ ବୁଢ଼ୀ ଆଉ ବୁଢ଼ା ବେଶ୍ କିଛି ଦିନ ଯାଏ ଶୁଖ୍ଲା ମାଉଁସ ଖାଇଲେ। ମାଉଁସ ସବୁ ସରିଗଲା ପରେ ଦିନେ ସକାଳେ ବୁଢ଼ା ବୁଢ଼ୀକି ତା' ସାଂଗରେ କର୍ଲିଟିଏ ଧରି ଆସିବାକୁ କହିଲା। ବୁଢ଼ୀତ ଆଗରୁ "କୁଆଡ଼େ ଯିବା" ବୋଲି ପଚାରି ଗାଳି ଖାଇଥିଲା, ତେଣୁ ସେ ଦିନ ଆଉ ସେ କିଛି ନପଚାରି ବୁଢ଼ା ପଛେ ପଛେ କର୍ଲିଟିଏ ଧରି ଚାଲିଲା।

ବୁଢ଼ା ବୁଢ଼ୀକୁ ସାଂଗରେ ନେଇ ଗୋଟେ ସୁଆଁ ଡଂଗରକୁ ଗଲା। ସେଠି ଏପଟ ସେପଟ ଦେଖି ଗୋଟେ ଟୁଟା ଗଛକୁ ଠାବ କରି ବୁଢ଼ୀକୁ କହିଲା, "ବୁଢ଼ୀଲୋ! ତୁ କର୍ଲିଟା ଧରି ସେ ଦୁଟା ମୂଳେ ଯାଇ ଲୁଚି ପଡ଼। ଦେଖ୍ କକ୍ଲା କକ୍ଲି କରିବୁ ନାହିଁଟି। ନହେଲେ ଆଉଟିକେ ପରେ ସୁଆଁ ଖାଇବାକୁ କାଁ କାଁ କରି ମଂଙ୍କୁରମାନେ ଆସିବେ। ଆଉ ତୁ ଯଦି କକ୍ଲି ଦେବୁ ତା' ହେଲେ ସେମାନେ ଶୁଣି ଉଡ଼ି ପଳେଇବେ।" ବୁଢ଼ୀ କହିଲା, "ଏକଥାଟା ଫେର୍ ନୂଆ କରି ଗିଦ୍ ବାନ୍ଦା ଘରୁ ଶିଖ୍ କରି ଆସିଚୁ ବୋଧେ? ଦେଖ୍ ଆଗଥର ପରି ହଇରାଣ ହବୁ।" ବୁଢ଼ା ବୁଢ଼ୀ କଥାରେ କିଛି ଜବାବ୍ ନଦେଇ ତାକୁ ଇଶାରାରେ ଚୁପ୍ ରହିବାକୁ କହି ଟୁଟା ଗଛ ପାଖକୁ ଯାଇ ବଡ଼ କଷ୍ଟରେ ତା' ଉପରେ ଚଢ଼ି ବସିଲା।

କିଛି ସମୟ ପରେ ମଂଙ୍କୁରମାନେ ସୁଆଁ ଖାଇବାକୁ କାଁ କାଁ କାଁ କାଁ କରି ଆସିଲେ ଆଉ ସେମାନେ ଟୁଟା ଗଛ ପାଖକୁ ଯେମିତି ଆସିଚଂତି, ବୁଢ଼ା ତା' ଗିଦ୍ ଜୋଇଁ ପରି ତାଂକ ଉପରକୁ ଡେଇଁ ଝାଂପି ପଡ଼ିବ ଭାବି ଗଛରୁ ତଳକୁ ଡେଇଁ ପଡ଼ି ତଳେ ପିଚିହେଇ ମରିଗଲା।

---

1. ଧାଂଗଡ଼ୀ : ଯୁବତୀ 2. ଡିଂଡା : ଅବିବାହିତା 3. ଗିଦ୍ : ଶାଗୁଣା 4. ହଂସରାଲୀ : ରାଜହଂସ 5. ବାରିଆ : ବାରହା ବା ବଣ ବାରହା 6. ଡିସାରୀ : ପୁରୋହିତ 7. ଯୋଗପାଗ ବେଟିବାକୁ : ଲଗ୍ନ ବାହାର କରିବାକୁ 8. ଚାଉଳବାଛି : ଲଗ୍ନ ସମୟ ଡିସାରୀମାନେ ବାହାର କରିବା ପାଇଁ ମୁଠାଏ ଚାଉଳ ଧରି ତାକୁ ବଛାବଛି କରି ଗଣନା କରିଥାଂତି 9. ଅଂଡ୍ରା : ସ୍ୱାମୀ 10. ପାର୍ : ଗୁଂଫା, ଗୁହା 11. ଖେଟିବା : ପହଂଚିବା 12. ଦାତୁନ୍‌ପତ୍ର କଲା : ଦାଂତପତ୍ର ଘଷିଲା 13. କର୍ଲି : ଟୋକେଇ 14.ମାମା : ଶ୍ୱଶୁରକୁ ମାମୁଁ କୁହାଯାଏ, କାରଣ ଆଦିବାସୀ ସମାଜରେ ଯୁବକମାନେ ପ୍ରଥମେ ମାମୁଁର ଝିଅ ସାଂଗରେ ବାହା ହେବାକୁ ଚେଷ୍ଟା କରଂତି। ମାମୁଁର ଝିଅ ନଥିଲେ କିମ୍ବା ସେ ଅନ୍ୟ କାହାକୁ ବିବାହ କଲେ, ଏମାନେ ଆଉ କାହାକୁ ବାଛଂତି। ଅତଏବ ମାମୁଁର ଝିଅକୁ ବିବାହ କରିବାର

ପ୍ରଥା ଥିବା ହେତୁ ଶ୍ୱଶୁରଙ୍କୁ ମାମୁଁ ବୋଲି ପ୍ରାୟତଃ ସଂବୋଧନ କରାଯାଏ । 15. ପିଚ୍‌କଂଦା : ଏକପ୍ରକାର ବଣୁଆ କଂଦମୂଳ 16. ଲଇ : ମାଳ, ଡଂକ୍ 17. କଡ଼ି କଡ଼ି : ଖୋଳି ଖୋଳି 18. ବାନ୍‌ଜା : ଭଣଜାଙ୍କୁ କନ୍ୟା ଦେବାର ପ୍ରଥା ଏ ଅଂଚଳର ଆଦିବାସୀ ସମାଜରେ ପ୍ରଚଳିତ ଥିବା ହେତୁ ଭଣଜା ସାଂଗରେ ଝିଅକୁ ବାହା ନ ଦେଇଥିଲେ ବି ଶ୍ୱଶୁର ଜୋଇଁଙ୍କୁ ଭଣଜା ବୋଲି ସଂବୋଧନ କରିଥାଏ । 19. କାଉଡି : ଭାର 20. ସଂଗେଇ ଦେଇ : ଥୋଇ ଦେଇ, ରଖିଦେଇ 21. ବନି : ରକ୍ତ 22. ଘଷ୍‌ରି : ବୋହୁଛି, ଝରୁଛି 23. ବଦ୍‌ଡ଼ା : ଛାମୁ ଦାଂତ ଗୋଟେ ଦି'ଟା ଭାଂଗି ଯାଇଥିଲେ ତାକୁ ବଦ୍‌ଡ଼ା କୁହାଯାଏ । 24. ଗାଗ୍ର : ଶରୀର 25. ଟାଂଗ୍‌ଡ଼ା : ଟାଂଗୁଡ଼ି 26. ବାମୀ : ଡୋଡିମାଛ ପରି ଦିଶୁଥିବା ଏକ ପ୍ରକାର ମାଛ 27. ଚୁରିଂଜା : ଏକ ପ୍ରକାର ମାଛ 28. ଗଡ଼ସା : ଗଡ଼ିସା 29. ସଲପ : ସଲପ ଗଛର ରସ 30. ପେଂଡମ୍ : ଚାଉଳକୁ ପାଣିରେ ପଚେଇ ପ୍ରସ୍ତୁତ ହେଉଥିବା ଏକ ପ୍ରକାର ନିଶାଯୁକ୍ତ ହାଂଡିଆ ପରି ପାନୀୟ 31. ଲଂଦା : ମାଂଡିଆକୁ ପାଣିରେ ପଚେଇ ପ୍ରସ୍ତୁତ ହେଉଥିବା ପାନୀୟ 32. ଫୁଲିମଦ : ପାତନ ପ୍ରଣାଳୀରେ ମହୁଲରୁ ଯେଉଁ ମଦ ତିଆରି ହେଲା ପରେ ସେଥିରେ ପାଣି ମିଶେ ; ଖାଂଟି ମଦ 33. ଚାକନା : ଚାଖଣା, ମଦସହ ଶୁଖୁଆ ବା ମାଂସକୁ ପୋଡ଼େଇ ସେଥିରୁ ଟିକେ ଟିକେ ଚାଖି ମଦ ବା ଅନ୍ୟ ନିଶାଦ୍ରବ୍ୟ ପିଆଯାଏ 34. ମାଂଡେକ୍ : ଆଂଠୁଏ 35. ବୁକେ ବୁକେ : ଛାତିଏ 36. ବଂଦାଡ଼ ବାଡ଼ି : ଝାଡ଼ାବାଂଡି 37. ପଲ୍‌କା : ଗଛର ଖୋପ 38. ମଂଜୁର- ମୟୂର 39. ଟୁଟା : ଥୁଂଟା 40. ବୁଟା : ବୁଦା 41. ପିକା : ଶାଳ କିମ୍ୱା ଶିଆଳି ପତ୍ରକୁ ବଳି ତା' ଭିତରେ ଧୂଆଁ ପତ୍ର ଭରି ତାକୁ ଟଣାଯାଏ । ଅଧିକାଂଶ ସମୟରେ ନିଆଁ ପଟଟାକୁ ପାଟି ଭିତରେ ରଖାଯାଇଥାଏ 42. କକ୍‌ଲା କକ୍‌ଲି : କାଶ 43. କନା : ଠେଂଗା 44. କାଉଡ଼ି : ଭାର 45. ବାଟେଇ : ବଳେଇ ।

ଟେଂଡକା କଥା

ଗୋଟିଏ ଗାଁରେ ବୁଢ଼ାଟେ ବୁଢ଼ୀଟେ ରହୁଥାଆଂତି। ବୁଢ଼ାକୁ ବେଶି ବୟସ ହେଇନଥାଏ। କିଂତୁ ତା' ହାତ ଗୋଡ଼ ଆଉ ଚଳୁନଥାଏ। ବୁଢ଼ୀ ଯାହା କମେଇ କରି ଆଣେ, ଦିହେଁ ସେଥିରେ କଷ୍ଟେ ମଷ୍ଟେ ଚଳୁଥାଆଂତି। କାରଣ ତାଂକର ପିଲା ପିଲି ନଥାଆଂତି। ବୁଢ଼ୀ ନିତି କୁଲି ଭୂତିକୁ ଯାଇ ଧାନ, ମାଂଡିଆ, ସୁଆଁ ଯାହା ପାଏ ଆଣେ। ରାଂଧିବା ପାଇଁ ଆଉ ଆଂତରୀ[1] ଜଳେଇବା ପାଇଁ ବୁଢ଼ୀ କାଠ ଆଣିବାକୁ ବଣକୁ ଯାଏ। ସେଇ କାଠରେ ହିଁ ରଂଧାରଂଧି କରେ।

ଦିନେ ବୁଢ଼ୀ କାଠ ଆଣିବାକୁ ବଣକୁ ଯାଇଥିଲା। ସେଠି କାଠ ଗୋଟଉ ଗୋଟଉ ଗୋଟେ ଟେଂଡକା[2] ପାଇଲା। ତା'ର ପୁଅ ଝିଅ କେହି ନଥାଆଂତି। ସେଥିପାଇଁ ବୁଢ଼ୀ ଟେଂଡକାକୁ ଘରକୁ ନେଇ ଆସିଲା। ଆଉ ତା'କୁ ନାତି ପରି ସ୍ନେହ କଲା। ଟେଂଡକା ବି ବୁଢ଼ୀକୁ ଖୁବ୍ ଭଲ ପାଇଲା।

କିଛି ଦିନ ପରେ ବୁଢ଼ା ମରିଗଲା। ତା' ପରେ ବୁଢ଼ୀ ଆଉ ଟେଂଡକା ଦିହେଁ ରହିଲେ। ଧୀରେ ଧୀରେ ଟେଂଡକା ଧାଂଗଡ଼ା[3] ହେଲା। ଦିନେ ଗାଁରେ ପଂଚାୟତ୍ ବସିଥାଏ। ଟେଂଡକା ବୁଢ଼ୀକି ପଚାରିଲା—''ଲୋକମାନେ ସେଠି କାହିଁକି ଜମା ହେଇଚଂତି କି ଆଇ ?'' ବୁଢ଼ୀ କହିଲା, ''ସେମାନେ ଯାହା କଲେ ତୋ'ର କଣ ଗଲା ?'' ଟେଂଡକା କହିଲା, ''ମୋର କିଛି ଯାଇନି ଯେ, ହେଲେ ଏମିତି ଖାଲି ଜାଣିବାକୁ ପଚାରୁଥିଲି। ନ କହିବୁ ଯଦି ନାଇଁ।'' ଏତିକି କହି ଟେଂଡକା ଗୁମ୍ ମାରି ବସିଲା। ବୁଢ଼ୀ ଦେଖିଲା ତା' ନାତି ଅଭିମାନ କଲାଣି। ସେ ତେଣୁ ତା' ଅଭିମାନ ଭାଂଗିବା ପାଇଁ କହିଲା, ''ଆରେ ବାପା-ସେମାନେ ବସିକି କହୁଚଂତି, ଯା'ର ବଳବପୁ ଅଛି ସେ ଡଂଗର[4] ମାରି ଚଳୁ।'' ବୁଢ଼ୀ କଥା ଶୁଣି ଟେଂଡକା କହିଲା, ''ଓଃ, ଏଇ କଥା ? ଚିଂତା ନାଇଁ, ତୁ ଆଉ ଏଥର କୁଲି ଭୂତି କରିବାକୁ ଯିବୁନି।'' ବୁଢ଼ୀ ପଚାରିଲା, ''କୁଲି ଭୂତି ନକଲେ କଣ ଖାଇବାରେ ବାପା ?'' ଟେଂଡକା କହିଲା, ''ଆଇଲୋ ! ଦେଖିବୁ ମୁଁ କଣ କରୁଚି।''

ତା' ପରଦିନ ସକାଳୁ ଉଠି ଟେଂଡକା ବୁଢ଼ୀକି ତା' ଲାଂଜରେ ଗୋଟେ ବୁଟି ଟେଂଗିଆ[5] ବାଂଧି ଦେବାକୁ କହିଲା। ବୁଢ଼ୀ ତା ଲାଂଜରେ ଟେଂଗିଆ ବାଂଧିବା ପରେ ସେ ସିଧା ଡଂଗରକୁ ଯାଇ ଧୀରେ ଧୀରେ କି ଗୋଟିଏ ମଂତ୍ର ପଢ଼ି ଲାଂଗୁଡ଼ ଡଂଟେଇ ଗୋଟେ ଗଛ ଗଂଡିରେ ଟାଂଗିଆ ଚୋଟ ପକେଇଲା କ୍ଷଣି, ଡଂଗରର ସବୁ ଗଛ ଟଳି ପଡ଼ିଲା। ଗଛଗୁଡ଼ାକ ତଳେ ପଡ଼ିଯିବା ପରେ ଟେଂଡକା ସେଥିରେ ନିଆଁ ଲଗେଇଦେଲା। ତା' ପରେ ସେ ଘରକୁ ଫେରି ଆସି ବୁଢ଼ୀକି କହିଲା, ''ଆଇଲୋ ! ଜାଣିଚୁ, ଆଜି ମୁଁ ବଡ଼ ଡଂଗରଟିଏ ମାରି ଆସିଚି।'' ବୁଢ଼ୀ କିଂତୁ ତା' କଥାକୁ ବିଶ୍ୱାସ କଲାନି।

ତା' ପରଦିନ ସକାଳେ ଟେଂଡକା ବୁଢ଼ୀକି କହିଲା, ''ଆଇଲୋ ! କୁଲି ଭୂତିକି ଗଲା ବେଳେ ତ ତୁ ଲୋକଂକ କଟାରକୁ[6] ଫାପଡ଼ା ଫାପଡ଼ି[7] କରିବୁ। ତା' ହେଲେ ଧାନ, ସୁଆଁ, ମାଂଡିଆ ବିହନ

ଦି'ଚାରି ମୁଠା ମିଳିବ ନିଶ୍ଚୟ। ତୁ ଯଦି ବିହନ ଆଣିବୁ ମୁଁ ନେଇ ତା'କୁ ମୋ ଡଂଗରରେ ବୁଣିବି।'' ବୁଢ଼ୀ ବି କୁଲି ଭୂତି କରି ଗଲା। ଯା' ତା କଟାରକୁ ଯାଇ ସେଠି ଫାପ୍‌ଡ଼ା ଫାପଡ଼ି କରି ଧାନ, ମାଂଡିଆ ଆଉ ସୁଆଁ କେଇ ମୁଠା ପାଇ ତା'କୁ ଆଣି ଟେଂଡକାକୁ ଦେଲା। ଟେଂଡକା କହିଲା, ''ଆଇଲୋ! ତୁ ମୋ ଲାଂଜରେ ଆଜି ଖୁସ୍‌ନିଟେ[8] ବାଂଧିଦେ ଆଉ ସେ ବିହନ ସବୁ ଗୋଟିଏ କନାରେ ଗଂଠେଇ ବାଂଧିଦେ। ମୁଁ ତାକୁ ନେଇ ମୋ ଡଂଗରରେ ବୁଣି ଦେଇ ଆସିବି।'' ବୁଢ଼ୀ ବି ଟେଂଡକା ଲାଂଜରେ ଖୁସ୍‌ନିଟେ ଆଉ ବିହନ ସବୁ ଖଂଡେ କନାରେ ଗଂଠେଇ ବାଂଧିଦେଲା।

ଟେଂଡକା ଡଂଗରକୁ ଯାଇ ଦେଖିଲା ଗଛ ସବୁ ପୋଡ଼ି ପାଉଁଶ ହେଇ ଯାଇଚି। ସେ ମନେ ମନେ ଖୁସି ହେଇ ତା' ପରେ ମଂତ୍ରପଢ଼ି ଲାଂଜ ଉଠେଇ ଖୁସନିରେ ଥରେ ଯେମିତି ମାଟି ଖୋଲିଦେଲା, ସାଂଗେ ସାଂଗେ ପୂରା ଡଂଗରଟା କଷି[9] ହେଇଗଲା। ତା' ପରେ ମଂତ୍ର ପଢ଼ି ବିହନ ଗଣ୍ଠିଲିଟା ଟିକେ ଖୋଲିଦେଇ ଲାଂଜ ଏଣେ ତେଣେ ବୁଣିବା ପରି ହଲେଇବାରୁ ଚାରିଆଡ଼େ ବିହନ ବୁଣି ହେଇଗଲା।

କିଛି ଦିନ ପରେ ଟେଂଡକା ବୁଢ଼ୀକି କହିଲା, ''ଆଇଲୋ! ମୋ ଡଂଗରରେ କେମିତି ସୁଆଁ, ମାଂଡିଆ ଆଉ ଧାନ ପାଚିଚି ମୋ ସାଂଗରେ ଚାଲ୍ ଦେଖିବୁ।'' ବୁଢ଼ୀ କିଂତୁ ତା' କଥାକୁ ବିଶ୍ୱାସ କଲାନି। ସେ ସତ କି ମିଛ ଜାଣିବାକୁ ତା' ସାଂଗରେ ଡଂଗରକୁ ଯାଇ ଯାହା ଦେଖିଲା ସେଥିରେ ତା' ଆଖି ଖୋସି ହେଇଗଲା। ସେ ଟେଂଡକାକୁ କହିଲା, ''କାହା ଡଂଗରକୁ ଆଣି, ମୋ ଡଂଗର ବୋଲି ଦେଖଉଚୁ କିରେ?'' ଟେଂଡକା କହିଲା, ''ତୋର କଣ ବିଶ୍ୱାସ ହଉନି କି ଏ ଡଂଗରଟା ମୋର ବୋଲି?'' ବୁଢ଼ୀ ତଥାପି ବି ତା' କଥାରେ ବିଶ୍ୱାସ କଲାନି। ଦିହେଁ ସେଦିନ ଘରକୁ ଗଲେ।

ସେଦିନ ସଂଜରେ ଟେଂଡକା ତା ଆଇକି ଇଲାଟେ[10] ଯୋଗାଡ଼ କରି ଆଣିବାକୁ କହିଲା। ବୁଢ଼ୀ ପଚାରିଲା, ''କଣ କରିବୁ କିରେ?'' ଟେଂଡକା କହିଲା, ''କାଲି ଯାଇ ଧାନ, ମାଂଡିଆ, ସୁଆଁ କାଟି ଆଣିବି।'' ବୁଢ଼ୀ କିଂତୁ ତାକୁ ସତର୍କ କରିଦେଇ କହିଲା, ''ବାପରେ, ଯା'ତା ଡଂଗରକୁ ମୋର କହି ସେଠୁ ଫସଲ କାଟି ଆଣିଲେ ଖାଲି ବିଂଧା ବିଂଧି[11] ହେବା ସାର ହବ। ମୁଁ ଇଲା ଆଣିଦେବି ଯେ, ହେଲେ ସତରେ ଯଦି ସେଇଟା ତୋ ଡଂଗର, ତା' ହେଲେ ତୁ ଫସଲ କାଟିବୁ।'' ଟେଂଡକା ବୁଢ଼ୀ କଥାରେ ଆଉ କିଛି ନକହି ଖାଲି ଟିକେ ହସିଦେଲା। ବୁଢ଼ୀ ଯାଇ ଗାଁରୁ ଜଣକ ଘରୁ ଇଲାଟେ ମାଗିଆଣି ତା ଟେଂଡକା ନାତିକି ଦେଲା।

ପରଦିନ ସକାଳେ ଇଲା ନେଇ ଟେଂଡକା ତା ଡଂଗରକୁ ଯାଇ ମଂତ୍ର ପଢ଼ି ଥରେ ଇଲାରେ ଫସଲ ଯେମିତି କାଟିଦେଇଚି ସାଂଗେ ସାଂଗେ ପୂରା ଡଂଗରଟାଯାକର ଫସଲ କାଟି ହେଇଗଲା। ଟେଂଡକା ସବୁ ଫସଲକୁ ଗୁଡାରେ[12] ବୋହିକି ତା' ଘରକୁ ନେଇ ଦେବାକୁ କିଛି ଲୋକଂକୁ ଲଗେଇଲା। ଫସଲ ସବୁ ଘରକୁ ବୁହା ହେଇ ଯିବା ପରେ ତା'କୁ କଟାରରେ ରଖାହେଲା। ବୁଢ଼ୀ ଏତେ ଫସଲ ଦେଖି ମନେ ମନେ ଖୁସି ହେଲା। କିଛି ଦିନ ପରେ ଫସଲ ମିଂଡାନି[13] ହେଲା। ବହୁତ ଫସଲ ମିଳିଲା। ଟେଂଡକା ସେ ସବୁ ନେଇ ଗାଦିଆ[14] ଘରେ ରଖିଲା।

ବୁଢ଼ୀ ଏଥର ଆଉ କୁଲି ଭୂତି କରିବାକୁ ଯାଉ ନଥାଏ। ନାତିର କମାନି[15] ବସି ବସି ଖାଉଥାଏ। ଟେଂଡକାକୁ ବି ଗାଁର ଅନ୍ୟ ଲୋକମାନେ ସାଉକାର ବୋଲି କହୁଥାଆଂତି। କହିବାକୁ ଗଲେ ଦିହେଁ ଖୁସିରେ ଚଳୁଥାଆଂତି। ଟେଂଡକାର ଏଇ ଖୁସି କିଂତୁ ବେଶି ଦିନ ରହିଲାନି। ହଠାତ୍ ଦିନେ ବୁଢ଼ୀ ମରିଗଲା।

ବୂଢ଼ୀ ମଲା ପରେ ଟେଂଡକାକୁ ଖୁବ୍ ଏକୁଟିଆ ଲାଗିଲା। ସେ ଭାବିଲା, ମୁଁ ଏତେ ସଂପତ୍ତି କମେଇଲେ କଣ ହେବ? ଖାଇବାକୁ ତ ଲୋକ ନାଇଁ। "ଆଉ ଚଲି ହବନି କି କିଛି କରି ହବନି" ଭାବି ଟେଂଡକା ବୂଢ଼ୀର ବୁଡ଼ଘର[16] ସରିବା ପରେ ମାଇଜୀଟେ[17] ଖୋଜି ବାହାରିଲା।

ସେ କେତେନା କେତେ ଗାଁ ବୁଲିଲା। ଗୁଡ଼ାଏ ଧାଂଗଡ଼ୀଙ୍କୁ ସୃଡ୍ରେଇବାକୁ[18] ଚେଷ୍ଟା କଲା, ହେଲେ କେହିବି ତାକୁ ମନ କଲେନି। ଟେଂଡକା ହେଲେ କଣ ହବ, ସେ ମଣିଷ ପରି କଥା କହୁଥିଲା। ତେଣୁ କଥା କହିଲେ ତା'କୁ ସମସ୍ତେ କାବା ହେଇ ଦେଖୁଥିଲେ। ଆଉ ତା' ଟେଂଡକା ରୂପକୁ ଦେଖି ତା' ଉପରକୁ ପଥର ଫିଂଗୁଥିଲେ। ଏମିତି ଅନେକ ଗାଁ ବୁଲି ସେ ସବୁଠୁ ସେଇ ଏକା ରକମର ବ୍ୟବହାର ପାଇ ଭାବିଲା, ତାକୁ ଆଉ ମାଇଜୀ ମିଳିବନି କି ସେ ବି ଆଉ ସୃଡ୍ରେଇ ପାରିବନି। ଆଉ ଗାଁ ଗାଁ ବୁଲି କି ଲାଭ? ସେ ତା' ପରେ ମନଦୁଃଖରେ ତା' ଗାଁକୁ ଫେରିଲା। ବୂଢ଼ୀ ଜୀଇଁ ଥିବାଯାଏଁ ଗାଁରେ ତା' ପ୍ରତି କେହି ଖରାପ ବ୍ୟବହାର କରୁ ନଥିଲେ ସିନା- ଏବେ କିଂତୁ ତାକୁ ସମସ୍ତେ ଟେଂଡକା ବୋଲି ଘୃଣା କଲେ। ଦିନେ ଟେଂଡକା ତା' ଘର ଅଗଣାରେ ବୁଲୁଥିଲା ବେଳେ କେଇଟା ଛୋଟ ପିଲା ଦି' ଚାରିଟା କୁକୁରକୁ ସାଂଗରେ ଡ଼ାକି ଡ଼ାକି ଆସିଲେ, ଆଉ ଟେଂଡକାକୁ ଦେଖେଇ ଦେଇ ଛୁ, ଛୁ, ଛୁ, କଲେ ଯେମିତି, କୁକୁରମାନେ ଟେଂଡକା ଉପରକୁ କୁଦି ପଡ଼ିଲେ। ତା'କୁ କାମୁଡ଼ା କାମୁଡ଼ି କରି ଖଂଡିଆ ଖାବରା କରିଦେଲେ। ପ୍ରାଣ ବିକଳରେ ଟେଂଡକା ଧାଇଁଲା ବଣକୁ। ତା' ପଛେ ପଛେ କିଛି ବାଟ କୁକୁରମାନେ ବି ଧାଇଁଲେ। ତା' ପରେ ଫେରି ଆସିଲେ।

ଟେଂଡକା ଯାଉ ଯାଉ ଘଂଚ ବଣରେ ପହଁଚିଲା। ମଣିଷମାନଂକର ବ୍ୟବହାରକୁ ନେଇ ସେ ଖୁବ୍ ଅଭିମାନ କରି ଭାବିଲା, "ଏଇ ମଣିଷମାନଂକର ମୁଁ କିଛି ଅନିଷ୍ଟ କରିନି। ତଥାପି ଏମାନେ ମତେ ଏତେ ହଇରାଣ କଲେ। ତେଣୁ ତାଂକ ଭିତରକୁ ଆଉ ଦିନେ ଯିବିନି କି ଏ ମଣିଷମାନଂକୁ ଆଉ କେବେ ବିଶ୍ୱାସ କରିବିନି। ସେଇ ଗାଁଠୁ ଏଇ ବଣଟା ଭଲ। ତେଣୁ ମୁଁ ଏଠି ରହିବି।" ସେଇ ଦିନଠୁଁ ଟେଂଡକା ଜଂଗଲରେ ରହୁଚି।

---

1. ଆଂତରୀ: ପୋଇଁବା ପାଇଁ ସବୁ ସମୟରେ କୁହୁଳି କୁହୁଳି ଜଳୁଥିବା ନିଆଁ। ତାହା ପ୍ରାୟତଃ ପିଂଡାରେ ଜଳୁଥାଏ। 2. ଟେଂଡକା: ଏଂଡୁଅ 3. ଧାଂଗଡ଼ା: ଯୁବକ 4. ଡଂଗର: ପାହାଡ଼ 5. ବୁଟି ଟେଂଗିଆ: ଛୋଟ ଟାଂଗିଆ 6. କଟାର: ଖଜା 7. ଫାପଡ଼ା ଫାପଡ଼ି: ଝଡ଼ା ଝଡ଼ି 8. ଖୁସନି: ଖୁରୁପି 9. କଷି: ଚଷି ହେବା 10. ଇଲା: ଦାଆ 11. ବିଂଧା ବିଂଧି: ତୀର ମରାମରି 12. ଗୁତା: ସମୁଦାୟ କାମ କରିଦେବା ପାଇଁ କେତେଜଣ ବା ଜଣେ ଲୋକ ସହ ଦର ପଟେଇବା 13. ମିଂଡାନି: ମଡ଼େଇବା, ଅମଳ 14. ଗାଦିଆ: ଅମାର 15. କମାନି: ଉପାର୍ଜନ 16. ବୁଡ଼ଘର: ଶୁଦ୍ଧି କାର୍ଯ୍ୟ 17. ମାଇଜୀ: ସ୍ତ୍ରୀ 18. ସୃଡ୍ରେଇବା: ନିଜ ଦିଗକୁ ଆକୃଷ୍ଟ କରିବା ପାଇଁ ଯୁବତୀମାନଂକୁ ତୋଷାମଦ କରିବା।

ମୂଷା ଆଉ କଲିଆ କଥା

ଗୋଟିଏ ଗାଁରେ ବୁଢ଼ାଟିଏ ବୁଢ଼ୀଟିଏ ଥାଆଂତି । ସେମାନେ ଗୋଟିଏ ଚୁଟିଆ ମୂଷା ପୋଷିଥାଆଂତି । ଗୁଡ଼ାଏ କୁକୁର ବି ପୋଷିଥାଆଂତି ।

ବୁଢ଼ା ବୁଢ଼ୀର ଗାଁ ପାଖ ବଣରେ ପାଂଚଟା କଲିଆ[1] ବସା କରି ରହୁଥାଆଂତି । ସେମାନେ ନିତି ଦିନବେଳେ ଛପି ଛପି ବୁଢ଼ା ଘରର ବାଡ଼ ପାଖକୁ ଯାଇ କୁକୁଡ଼ାମାନଂକୁ ଧରିବାକୁ ଚେଷ୍ଟା କରଂତି । ହେଲେ ପାରଂତିନି । ତେଣୁ ସେମାନଂକ ମନରେ ବଡ଼ ଦୁଃଖ ଥାଏ । ଦିନେ ମୂଷା କଲିଆମାନଂକର ଘରକୁ ବୁଲି ଯାଇଥିଲା ବେଳେ ଦେଖିଲା ପାଂଚଟାଯାକ କଲିଆ ଗୋଟେ ପାଖରେ ବସି ଫୁସୁରୁ ଫାସର ହେଉଥାଆଂତି । ସେମାନେ କି କଥା ହଉଚଂତି ଶୁଣିବା ପାଇଁ ମୂଷା ତାଙ୍କ ପାଖରେ ଗୋଟେ ବୁଟାର ମୂଳେ ଲୁଚି ବସି ଶୁଣିଲା । ଫୁସୁର ଫୁସୁର ହୋଇ ସେମାନେ, ''ଆଜି ରାତିରେ ବୁଢ଼ା ଘରକୁ ଯାଇ ଚାଉଳ, ନନ୍ ମରିଚ[3] ଆଉ କୁକୁଡ଼ା ଚୋରି କରି ଆଣିବା'' ବୋଲି କଥା ହେଉଥାଆଂତି । ସେମାନଂକ କଥା ଶୁଣି ମୂଷା ଧାଇଁଲା ବୁଢ଼ା ପାଖକୁ । ବୁଢ଼ାକୁ ''କଲିଆ ମାନେ ଖାଂଗାର[4] ପାଇଟି[5] କରିବାକୁ ଆଜି ଘରକୁ ଆସିବେ'' ବୋଲି କହିଲା । ବୁଢ଼ା କହିଲା, ''କଣ କରିବା ତା ହେଲେ ?'' ମୂଷା କହିଲା, ''ଶୁଣ, ସେମାନେ ଆସିବା ଆଗରୁ ଗୁଳିଟା[6] ନେଇ ଆଉ ଗୋଟେ ଜାଗାରେ ଆମେ ଲୁଚେଇ ଦେବା, ଆଉ ସେଠି ତୁ ହାତରେ ମୁଟ୍‌ଲା[7] ଟିଏ ଧରି କର୍ଲି[8] ଡ଼ାବି[9] ହେଇ ବସିବୁ ଆଉ ସେମାନେ କୁକୁଡ଼ା ଆଣିବାକୁ କର୍ଲି ପାଖକୁ ଗଲେ ସେମାନଂକ ମୁଂଡରେ ମୁଟ୍‌ଲା ମାରିବୁ ।''

ସଂଜ ହେଲା । ବୁଢ଼ା କୁକୁଡ଼ା ଗୁଳିଟା ନେଇ ଲୁଚେଇଦେଇ ନିଜେ ସେଠି ଗୋଟେ କର୍ଲି ଭିତରେ ପଶି ଲୁଚି ବସିଲା । ଆଉ ଉପରେ ପରଡ଼ାଟିଏ[10] ଡାବି ହେଇଗଲା । ରାତି ଟିକେ ବେଶୀ ହେଲା ପରେ ପାଂଚଟାଯାକ କଲିଆ ମିଶି ବୁଢ଼ା ଘରେ ପଶିଲେ । ଏଣେ ତେଣେ ଦେଖିଲେ । ବୁଢ଼ୀ ନିଘୋଡ଼ ନିଦରେ ଶୋଇ ପଡ଼ିଚି । ବୁଢ଼ା ନାହିଁ । ତା'ପରେ ସେମାନେ କଥାବାର୍ତ୍ତା କରି ସ୍ଥିର କଲେ ଯେ, ଆଗ ଚାଉଳ ନନ୍ ମରିଚ ଚୋରି କରିବା । ଚାଉଳ ଡାଲାରୁ ଚାଉଳ କାଢ଼ି ମୋଟ[11] ବାଂଧିଦେଲେ । ଆଉ ନନ୍ ବି କାଢ଼ିଲେ, ମରିଚ କାଢ଼ିଲେ, ଆଉ ତାକୁ ଗୋଟେ ପତର ଚିପୁଟା[12] କରି ଧରି କୁକୁଡ଼ା ଆଣିବାକୁ କର୍ଲି ପାଖକୁ ଗଲେ । ପ୍ରଥମେ ଗୋଟେ କଲିଆ 'ମୁଁ ଯାଇ କୁକୁଡ଼ା ଆଣୁଚି, ତମେ ଥାଅ' କହି ଯେମିତି ଯାଇ କର୍ଲି ଭିତରେ ପରଡାଟା ଟେକିଦେଇଚି, ବୁଢ଼ା ମୁଟ୍‌ଲାରେ ପକେଇଲା ନିର୍ଘାତିଆ ପାହାରଟେ । ପାହାର ଖାଇ କଲିଆ ''ବୋପାଲୋ ମା'ଲୋ, ମୋତେ କୁକୁଡ଼ା ଠକି ଦେଲା''[13] କହି ସେଠୁ ପ୍ରାଣ ବିକଳରେ ପଳେଇ ଆସିଲା । ଅନ୍ୟମାନେ ତାକୁ କହିଲେ, ''ହଇରେ ! ତୁ ପରା କଲିଆ କୁଳରେ ଜନ୍ମ ହେଇଚୁ ? ଆଉ କୁକୁଡ଼ାଟା ଟିକେ ଠକିଦେଲା ଯେ, ସେଥିରେ ଏତେ ଛାନିଆଁ ହେଇ ପଳେଇ ଆସିଲୁ ?'' ତା' ପରେ ଆଉ ଗୋଟେ କଲିଆ ଅଂଟା ଭିଡ଼ି କୁକୁଡ଼ା ଆଣିବାକୁ ବାହାରି କର୍ଲି ପାଖକୁ ଯାଇ ମୁଟ୍‌ଲା ମାଡ଼ଖାଇ ପ୍ରାଣ ବିକଳରେ ପଳେଇ ଆସିଲା । ଶେଷ ଜଣକ

"ତମେ ଗୁଡ଼ା କଲିଆ ନୁହଁରେ ଆଉ କଣ ହେଇଥିବ ? ଅପଦାର୍ଥ ଗୁଡ଼ାକ। କୁକୁଡ଼ାଟେ ଠକିଦେଲା ଯେ, ଏମିତି ମରିଗଲା ଭଳିଆ ହଉଚ। ରୁହ ମୁଁ ଆଣୁଚି" କହି ଟିକେ ଏଣେ ତେଣେ ଦେଖି ଶିକାଟେ ଖୋଜି ସେଥିରେ କର୍ଲିଟା ବାଂଧି ନିଜ ବେକରେ ଶିକାଟାକୁ ଗଳେଇ ବାକିମାନଂକୁ ଚାଉଳ ମୋଟ ଆଉ ନନ୍ ମରିଚ ଧରି ତା' ପଛେ ପଛେ ଆସିବାକୁ କହିଲା।

ସେମାନେ ଯାଇ ତାଂକ ଘର ପାଖରେ ପହଁଚିଲେ। କର୍ଲିଟା ଯିଏ ବେକରେ ବାଂଧିଥିଲା ସେ ତା'କୁ ତଳେ ଥୋଇଦେଇ ବାକିମାନଂକୁ କହିଲା— "ଶୁଣ, କୁକୁଡ଼ା ତ ଯା ଭିତରେ ଗୁଡ଼ାଏ ଅଛଂତି। କାଇଁକି ନାଁ ମୁଁ ଆଣିଲା ବେଳକୁ ମତେ ବହୁତ ଭାରି ଲାଗିଲା। ତେଣୁ ଆଗ ଭାତ ରାଂଧି ତା' ପରେ କୁକୁଡ଼ା ରାଂଧିବା।" ଅନ୍ୟମାନେ ତା' କଥାରେ ରାଜି ହେଲେ।

ଭାତ ରଂଧା ସରିବାରୁ କର୍ଲି ଧରୁ[14] କଲିଆ କହିଲା, "ଏଥର ଜଣେ ଏଠି ଜଗୁ। ଆଉ ବାକିମାନେ ମୋ ସାଂଗରେ ଚାଲ ସର୍ଗି[15] ପତର ଆଣି ଦନା ସିଇଁବା ଆଉ ପ୍ରଥମେ ଡୁମା ଉତୁରେଇ[16] ତା' ପରେ କୁକୁଡ଼ା ରାଂଧିବା।" କର୍ଲି ଧରୁକୁ ଛାଡ଼ିଦେଲେ ବାକି ସମସ୍ତେ ମୁଟ୍‌ଲା ମାଡ଼ ଖାଇଥାଆଂତି। ତେଣୁ ଜଗିବ କିଏ ? ଯଦି ଫେରେ ଜଗିଲା ବେଳେ କୁକୁଡ଼ାଟା ଆସି ଠକିବ ଭାବି ଜଗିବାକୁ ସମସ୍ତେ କୁନ୍ଥୁ କୁନ୍ଥୁ ହେଲେ। ତଥାପି ଶେଷରେ ଜଣେ ଜଗିଲା। ଅନ୍ୟମାନେ ଗଲେ ପତର ଆଣି। ଗଲା ବେଳକୁ ୟା'କୁ ସତର୍କ କରି ଦେଇ ଗଲେ ଭାତ ତିଅଣ ନ ଖାଇବା ପାଇଁ। "ଖାଇଲେ ତତେ ଡୁମା ଖାଇଦବ। ଆଉ ତୁ ମରିଯିବୁ" ବୋଲି ବି କହିଲେ।

ଗୋଟେ କଲିଆ ସେଠି ଜଗିଥାଏ। ଭୟରେ ଛାତି ତା'ର ଖାଲି ଧଡ଼ ପଡ଼ ହେଉଥାଏ। ଏକେତ ଡୁମା ଡ଼ର। ସେଥିରେ ପୁଣି କୁକୁଡ଼ା କାଳେ ଠକି ଦେବ ବୋଲି ଡର। ଏମିତି ଡରରେ ସେ ଆଖି ବଂଦ କରି ବସିଥାଏ। ବୁଢ଼ା କର୍ଲିରେ କଣାଟେ କରି ଦେଖିଲା। କର୍ଲି ପଟକୁ କଲିଆ ଦେଖୁନି। ତା' ପରେ ସେ ପରଡ଼ାଟା ଟେକି କର୍ଲି ଭିତରୁ ବାହାରି କଲିଆ ମୁଂଡରେ ମୁଟ୍‌ଲାରେ କଷିକରି ଏମିତି ପାହାରେ ଦେଲା ଯେ, କଲିଆ ସେଠି ପଡ଼ି ଚିତ୍‌ପଟାଂଗ। ବୁଢ଼ା ତା' ପରେ ପୁଣି ଯାଇ କର୍ଲିରେ ପରଡ଼ା ଡ଼ାବିହେଇ ବସିଲା।

ପତର ନେଇ ବାକି ମାନେ ଆସି ୟା'କୁ ମରି ପଡ଼ିଥିବାର ଦେଖି ଭାବିଲେ ଯେ ନିଶ୍ଚେ ସେମାନେ ଯିବା ପରେ ଭାତ ଖାଇବାକୁ ଯାଇଚି। ତେଣୁ ଡୁମା ଖାଇ ଦେଇଚି। ଯାହା ହେଲେ ବି ମଲା ଲୋକକୁତ ନେଇ ପୋଡ଼ି ଦେଇ ଆସିବାକୁ ହବ ଭାବି ଆଉ ଗୋଟେ କଲିଆକୁ ସେଠି ଜଗେଇ ବାକି ତିନିଟା ମଲା କଲିଆକୁ ଦାହ କରିବାକୁ ଗଲେ। ଗଲା ବେଳକୁ ଜଗୁଥିବା କଲିଆକୁ ଭାତ ନ ଖାଇବା ପାଇଁ ସତର୍କ କରି ଦେଇଗଲେ।

ଯିଏ ଜଗିଥାଏ ତା'ର ଛାତିଟା ଡରରେ ଖାଲି ଉଠୁଥାଏ ପଡୁଥାଏ। ବୁଢ଼ା ତା' ପରେ କର୍ଲିର କଣା ଦେଇ ଦେଖିଲା ଯେ, ତା' ପଟକୁ କଲିଆ ଦେଖୁନି। ତେଣୁ ଆସ୍ତେ ତା' ଭିତରୁ ବାହାରି କଲିଆ ମୁଂଡରେ ମୁଟ୍‌ଲାରେ କଷିକରି ପାହାରେ ଦେଲା ଯେ, କଲିଆ ସେଠି ସାଂଗେ ସାଂଗେ ପଡ଼ି ମରିଗଲା।

ଅନ୍ୟମାନେ ଫେରି ୟା'କୁ ମରିଯାଇଥିବାର ଦେଖି ଜଣକୁ ଭାତ ଆଉ କୁକୁଡ଼ା ପାଖରେ ଜଗେଇ ଦି ଜଣ ମଲା କଲିଆକୁ ଦାହ କରିବାକୁ ନେଲେ। ସେମାନେ ଯିବା ପରେ ୟା'କୁ ବି ବୁଢ଼ା ମୁଟ୍‌ଲାରେ ମାରିଦେଲା। ପୁଣି ସେ ଦିହେଁ ଫେରି ଦେଖିଲା ବେଳକୁ ୟେ' ବି ମରିଚି। ତେଣୁ ଜଣେ ଭାତ ଆଉ କୁକୁଡ଼ାକୁ ଜଗିଲା। ଆଉ ଆର ଜଣକ ମଲା କଲିଆକୁ ଦାହ କରିବାକୁ ଗଲା। ସେ ଯିବା ପରେ ୟା'କୁ ବି ବୁଢ଼ା ମୁଟ୍‌ଲାରେ ମାରିଦେଲା। ଯୋଉ ଜଣକ ଦାହ କରିବାକୁ ଯାଇଥିଲା ସେ

ଫେରି ଆସି ଦେଖିଲା ବେଳକୁ ୟେ'ବି ମରି ପଡ଼ିଚି। ୟେ' କିଛି ବୁଝି ନପାରି ସେଠି ମୁଂଡରେ ହାତ ଦେଇ ବସିଲା। ତା'କୁ ବସିବାର ଦେଖି ବୁଢ଼ା ଆସ୍ତେ କରି ତାକୁ ବି ମୁଟ୍‌ଲାରେ ମାରିବାକୁ କର୍ଲି ଭିତରୁ ବାହାରି ୟା' ପାଖକୁ ଆସିଲା ବେଳେ ହଠାତ୍ ବୁଢ଼ାକୁ କଲିଆଟା ଦେଖି ପକେଇ ସବୁ କଥା ଓ ଘଟଣା ବୁଝି ଯାଇ ସେଠୁ ଏକା ନିଃଶ୍ୱାସରେ ଧାଇଁଲା ଯେ ଆଉ ପଛକୁ ବି ଫେରି ଚାହିଁଲାନି।

ତା' ପରେ ବୁଢ଼ା ସେଠି ଆରାମ୍‌ରେ ବସି ନନ୍ ମରିଚ ଲଗେଇ ରଂଧା ଭାତ ସବୁ ଖାଇ ଲଂବା ଏଭଡ଼ିଟିଏ ମାରି ତା' ଘରକୁ ଗଲା।

---

1. କଲିଆ : ବିଲୁଆ 2. ବୁଟା : ବୁଢ଼ା 3. ନନ୍ ମରିଚ : ଲୁଣ ମରିଚ 4. ଖାଂଗାର : ଚୋର 5. ପାଇଟି : କାମ 6. ଗୁଲି : ଛୋଟ ଚାଂଗୁଡ଼ି 7. ମୁଟ୍‌ଲା : ହାତୁଡ଼ି 8. କର୍ଲି : ଟୋକେଇ 9. ଡ଼ାବି : ଘୋଡ଼େଇ 10. ପର୍ଡ଼ା ଟିଏ : ତାଟ ଟିଏ 11. ମୋଟ : ଗଂଠିଲି 12. ପତର ଚିପ୍‌ଟା : ପତ୍ର ପୁଡ଼ିଆ 13. ଠକି ଦେଲା : ଝୁଂପି ଦେଲା 14. କର୍ଲିଧରୁ : ଡାଲା ଧରିଥିବା 18. ସର୍‌ଗୀ : ଶାଳ 16. ଡୁମା ଉତୁରେଇ : ପ୍ରେତ ମାନଂକୁ ଡ଼ାକିବା, ଆହ୍ୱାନ କରିବା ।

ଟେଂଡକା[1] ଆଉ ସାପୁଣୀ କଥା

ଗୋଟିଏ ଗଛର ପଲ୍କାରେ[2] ଗୋଟିଏ ଟେଂଡକା ରହୁଥାଏ । ଥରେ ଗୋଟେ ଲୋକ ନଂଗଲ କଟି[3] ତିଆରି କରିବା ପାଇଁ ସେଇ ଗଛଟାକୁ କାଟି ଆଣିଲା । ଘରେ ନଂଗଲ କଟି ତିଆରି କରିବା ପାଇଁ କାଠଟାକୁ ଚାଂଛୁ ଚାଂଛୁ ତା' ଭିତରୁ ଟେଂଡକାକୁ ପାଇ ତାକୁ ନିଜ ପାଖରେ ରଖିଲା । ଲୋକଟାର ପୁଅ ଝିଅ କେହି ନଥାଆଂତି ବୋଲି ସେ ଟେଂଡକାକୁ ନିଜର ପୁଅ ପରି ସ୍ନେହ କଲା । ସେ ନିତି ମାଛ ଧରିବାକୁ ଜାଲ ନେଇ ବଂଧକୁ[4] ଯାଏ । ତା' ସାଂଗରେ ଟେଂଡକା ବି ଯାଇ ମାଛ ଧରିବାର କୌଶଳ ନିତି ଦେଖେ ।

ଦିନେ ସକାଳୁ ଉଠି ଜାଲ ନେଇ ଲୋକଟା ମାଛ ପାଇଁ ଯିବାକୁ ବାହାରିବା ବେଳକୁ ଟେଂଡକା ତା' ପାଖକୁ ଆସି କହିଲା, ''ସାଉକାର ! ଆଜି ମୁଁ ମାଛ ପାଇଁ ଯିବି ।''

ଟେଂଡକା ତା' ପରେ ବଂଧକୁ ଗଲା । ବଂଧ ହିଡ଼ ଉପରେ ଟିକେ ସମୟ ବସିଲା । ପରେ ମାଛ ଧରିବାକୁ ପାଣି ଭିତରକୁ ପଶିବାକୁ ଯାଉଚି, ପାଣି ଭିତରୁ ଜଣେ ଦେବୀ ବାହାରି ତା'କୁ କହିଲେ, ''କାହିଁକି ପଶୁଚୁ ଏ ବଂଧ ଭିତରକୁ ?'' ଟେଂଡକା କହିଲା, ''ମା ! ମୋର ସାଉକାର ଘର ପାଇଁ ମାଛ ଧରିବାକୁ ପଶୁଚି ।'' ଦେବୀ କହିଲେ, ''ଦେଖ, ହେଇ ବଂଧର ଠିକ୍ ମଝିରେ ଯୋଉ ପଦମ୍ ଫୁଲଟା[4] ଫୁଟିଚି ତା'କୁ ଯଦି ତୁ ମତେ ତୋଳି ଆଣିଦେଇ ପାରିବୁ, ତା'ହେଲେ ତୁ ଯେତେ ମାଛ ମାଗିବୁ ମୁଁ ତତେ ଦେବି ।'' ଦେବୀଙ୍କ କଥା ଶୁଣି ଟେଂଡକା ମନେମନେ ଭାରି ଖୁସି ହେଇ କହିଲା, ''ଓ ଏଇ କଥା ? ମା ତମେ ଥାଅ, ମୁଁ ଏଇ ସାଂଗେ ସାଂଗେ ପଦମ୍ ଫୁଲଟା ଆଣି ତମକୁ ଦେବି ।''

ଟେଂଡକା ତା'ପରେ ପାଣିକି ପଶିଲା । ପ୍ରଥମେ ପାଦେ ପାଣିକି ଗଲା । ତା'ପରେ ମାଂଡେକ୍ ପାନିକି[5] ଗଲା । ତା'ପରେ ଆଂଟେକ୍[6] ପାନି, ତା'ପରେ ଟଁଟେକ୍[7], ଟଁଟେକ୍ ଶେଷରେ ମୁଂଡେକ୍[8] ପାନି ହେବାରୁ ଟେଂଡକା ଆଉ ଯାଇ ନପାରି ବଂଧ ଭିତରେ ବୁଡ଼ିଗଲା । ପାଣି ଭିତରେ ସେ ଯାହା ଦେଖିଲା, ସେଥିରେ ତା'ର ପିଳେହି ପାଣି । ସେଠି ଘର ଦୁଆର କରି ରହୁଥାଏ ସାପୁଣିଟିଏ । ଆଉ ତା'ର ଗୁଡ଼ିଏ ପୁଅଝିଅ ଥାଆଂତି । ଟେଂଡକା ପାଣି ଭିତରେ ପଶିଲା ବେଳକୁ ସାପୁଣୀ ତା' ଛୁଆ ପିଲାମାନଂକୁ ସାଂଗରେ ନେଇ ବୁଲି ବାହାରି ଥାଏ । ଟେଂଡକା ଏ ସାପ ପଟୁଆର ଦେଖି ପଳେଇ ଯିବାକୁ ଚେଷ୍ଟା କଲା ବେଳକୁ ତା'କୁ ସାପୁଣୀ ଦେଖିପକେଇ କହିଲା, ''ଆରେ ହେ ଟେଂଡକା ! ଏଠିକିତ ଆସିଥିଲୁ, ପୁଣି ଆମକୁ ଦେଖି ଛାନିଆଁ ହେଇ କୁଆଡ଼େ ଯାଉଚୁ ? କଣ ଆମେ ତତେ ଖାଇଦେବୁ ବୋଲି ଡରୁଚୁ ନାଁ କଣ ? ଆ ! ଡର ନାହିଁ, ମୋ ପାଖକୁ ଆ । ତତେ ଅଭୟ ଦେଲି । ମୁଁ ଥିବାଯାଏଁ କେହି ଏଠି ତୋର କିଛି ଅନିଷ୍ଟ କରି ପାରିବେନି ।'' ଟେଂଡକା ସାପୁଣୀ କଥାରେ ଟିକେ ବିଶ୍ୱାସ କରି ପରୀକ୍ଷା କଲା ପରି ସେମାନଂକର ଆଉ ଟିକିଏ ପାଖକୁ ଗଲା । ଆଉ ଟିକିଏ, ଆଉ ଟିକିଏ ପାଖକୁ । ଏମିତି କରି କରି ସେମାନଂକର ଅତି ପାଖକୁ ଯିବା ପରେ ବି ସେମାନେ

ୟା'କୁ ଗିଳିବାକୁ ଯେତେବେଳେ ନଆସିଲେ ତା' ପରେ ଟେଂଡକା ଟିକେ ଆଶ୍ୱସ୍ତ ହେଇ ସାପୁଣୀକି କହିଲା, "ମତେ ଏଠିକି ଡାକିଲ ଯେ, ହେଲେ ଏଠି ମୁଁ କଣ କରିବି ?" ସାପୁଣୀ କହିଲା, "ମୁଁ ତତେ ସିନା ଆଜି ଦେଖିଲି, ହେଲେ ଗୁଡ଼ାଏ ଦିନ ହେଲାଣି ମୁଁ ମନେ ମନେ ପାଇଟି କାରିଆଟିଏ[9] ଖୋଜୁଥିଲି । ତୁ ତ ଆସିଗଲୁ ତେଣୁ ଆଉ ଚିଂତା କଣ ? ଶୁଣ୍, ତୁ ଏଠି ଖାଇ ପିଇ ଆରାମ୍‌ରେ ରହିବୁ । କାମ ବି ସେମିତି କିଛି କଷ୍ଟ ନୁହେଁ । ଦେଖୁଚୁତ ମୋର ଗୁଡ଼ାଏ ପିଲା । ତୋ'ର କାମ ହେଲା ସେମାନଂକୁ ଖେଳାଇବା । କଣ ରାଜି ତ ?" ଟେଂଡକା ଦେଖିଲା ମହା ଅଡୁଆ ପରିସ୍ଥିତି । ହଁ ନକରି ବାଟ ନାଇଁ । ତେଣୁ ମନ କୁଂଥି କୁଂଥି ହେଇ ହଁ କଲା ।

ତା' ପରେ ଟେଂଡକା ସାପୁଣୀ ଘରେ ତା' ଛୁଆମାନଂକୁ ଖେଳେଇ ଦୁଳେଇ ରହିଲା । ସାପୁଣୀ ନିତି ସକାଳୁ ବାହାରକୁ ଚାଲିଯାଇ ସଂଜରେ ଘରକୁ ଫେରେ । ଯାହା ଆଣିଥାଏ ତାକୁ ସବୁ ପିଲାଂକୁ ଦିଏ ଆଉ ତା' ସାଂଗରେ ଟେଂଡକାକୁ ବି ଦିଏ ।

ଟେଂଡକା ସେଠି କିଛି ଦିନ ରହିଲା । ସାପ ଛୁଆଗୁଡ଼ାକ ଧୀରେ ଧୀରେ ବଡ଼ ହେଲେ । ସେମାନେ ବଡ଼ ହେବା ଦେଖି ଧୀରେ ଧୀରେ ଟେଂଡକା ମନରେ ଡର ବଢ଼ିଲା । ସେ ଭାବିଲା-"ଏଗୁଡ଼ାକତ ହେଲେ ସାପ । ଏମାନଙ୍କ ଜନ୍ମ ସାପ କୁଳରେ । ମୁଁ ତ ହେଲି ଟେଂଡକା । ଏମାନେ ହେଲେ ଆମକୁ ଖାଇବା ଲୋକ । ଆଉ ଆମେ ଟେଂଡକାମାନେ ହେଲୁ ଏମାନଂକର ଖାଦି[10] । ସେଥିପାଇଁ ଖାଇବା ଲୋକ ପାଖରେ ଖାଦିଟା କେତେ ଦିନ ବଂଚି ରହି ପାରିବ ? ଆଜି ଭଲଲୋକ ଦେଖେଇ ସିନା ଖାଉ ନାହାଂତି, ହେଲେ ଦିନେତ ଏମାନେ ନିଶ୍ଚୟ ମତେ ଖାଇବେ । ତେଣୁ ସାପୁଣୀ ଡ଼କ୍ରୀ[11] ନଥିଲା ବେଳେ ଏ ପିଲାମାନଂକୁ କିଛି ଗୋଟେ ଉପାୟ କରି ମାରିଦେଇ ଏଠୁ ପଳେଇବି । ନହେଲେ ମୋର ରକ୍ଷା ନାହିଁ ।"

ଦିନେ ସାପୁଣୀ ଡକ୍ରୀ ବାହାରକୁ କୁଆଡ଼େ ଯାଇଥାଏ ପିଲାଙ୍କ ପାଇଁ ଆହାର ଖୋଜିବାକୁ । ଟେଂଡକା ଡକ୍ରୀ ଯିବାର ଟିକେ ପରେ କଣ କଲାନା ଚୁଲୀ ପାଟିକି[12] ଯାଇ ଗୋଟେ ଚାଟୁରେ[13] ରଗରଗ ହେଇ ଜଳୁଥିବା ଅଂଗରା[14] ଚାଟୁଏ ନେଇ ଆସି ସାପଛୁଆମାନଂକ ଉପରେ ପକେଇ ଦେଲା । ସାପ ଛୁଆମାନେ ପୋଡ଼ିଯାଇ ଛଟପଟ ହେଇ ମରିଯିବା ପରେ ଟେଂଡକା ସାପୁଣୀ ଡକ୍ରୀ ନ ଆସିବା ଆଗରୁ ପାଣି ଭିତରୁ ବାହାରି ତା'ର ପୁରୁଣା ସାଉକାର ଘରକୁ ପଳେଇଲା । ଏତେ ଦିନ ପରେ ଟେଂଡକାକୁ ଦେଖି ସାଉକାର ଖୁବ୍ ଖୁସି ହେଲା । ଆଉ ତାକୁ ପେଜ୍[15] ସାଗ୍[16] ଖାଇବାକୁ ଦେଇ ନିଜେ ବଣରୁ ଦାରୁ[17] ଆଣିବାକୁ ଗଲା ।

ତେଣେ ସାପୁଣୀ କିଛି ସମୟ ପରେ ତା' ଘରକୁ ଆସି ପିଲାମାନେ ମରିଯାଇଥିବାର ଦେଖି ଏମାନଂକୁ ଟେଂଡକା ମାରି ଦେଇ ଯାଇଚି ବୋଲି ନିଶ୍ଚିତ ହେଇ ପ୍ରଚଂଡ ରାଗରେ ଟେଂଡକାକୁ ଖୋଜି ଖୋଜି ଯାଇ ସାଉକାର ଘରେ ତା'କୁ ଦେଖି ସଂଗେ ସଂଗେ ଫେନି[18] ଉଠେଇ ଠକି[19] ଦେଲା ଆଉ ଟେଂଡକା ସାଂଗେ ସାଂଗେ ସେଠି ପଡ଼ି ମରିଗଲା । ଟେଂଡକାକୁ ଠକିବା ପରେ ବି ସାପୁଣୀ ଆଉ ସେଠୁ କୁଆଡ଼େ ନ ଘୁଂଚି ସେମିତି ସେଠି ଫେନି ଟେକି ରହିଲା ।

କିଛି ସମୟ ପରେ ଦାରୁ ନେଇ ସାଉକାର ବଣରୁ ଆସି ଟେଂଡକା ମରି ପଡ଼ିଥିବାର ଦେଖି ବହୁତ କଂଦାକଟା କଲା । ଟେଂଡକା ପିଲା ମରିଗଲା ବୋଲି ତ ଦୁଃଖରେ ସାଉକାରର ହୋସ୍ ନଥାଏ । ତେଣୁ ସେ ପାଖରେ ଥିବା ସାପୁଣୀକି ଦେଖି ନଥାଏ । ଯେତେବେଳେ ତା'ର ହୋସ୍ ଆସିଲା ସେ ବଣରୁ ଆଣିଥିବା ଦାରୁକୁ ସେଠି ପକେଇ ଦେଇ ସେଥିରେ ଜୁଇ ତପେଇ[20] ଦେଇ ଟେଂଡକାକୁ ତା' ଭିତରକୁ ଫିଂଗି ଦେଲା । ସାପୁଣୀ ସେତେବେଳ ଯାଏ ସେଠି ସେମିତି ଫେନି ଟେକିଥାଏ ।

ସାଉକାର ଟେଂଡକାକୁ ଜୁଇରେ ପକାଇବା ପରେ ସାପୁଣୀ ଭାବିଲା, "ପେଟରୁ ଯୋଉ ଛୁଆମାନଙ୍କୁ କାଢ଼ିଥିଲି ସେମାନେତ ମଲେ, ପେଟର ନହେଲେ ବି ନିଜଠୁଁ ବଳି ଯାହାକୁ ଭଲ ପାଉଥିଲି ସେଇ ଟେଂଡକା ପିଲାକୁ ତ ମୁଁ ନିଜେ ମାରିଦେଲି। ଏବେ ମୁଁ ଆଉ ଏ ସଂସାରରେ ରହି କଣ କରିବି ?" ତା' ପରେ ସେଇ ଜଳୁଥିବା ଜୁଇ ଭିତରକୁ ସେ ପଶିଗଲା।

---

1. ଟେଂଡକା : ଏଂଡୁଅ 2. ପଲ୍‌କା : କୋରଡ଼, ଖୋଲ 3. ନଂଗଲ କଟି : ନଂଗଳ 4. ବଂଧ : ପୋଖରୀ 4. ପଦମ୍ ଫୁଲ : ପଦ୍ମ ଫୁଲ 5. ମାଂଡେକ୍ ପାନି : ଆଂଠୁଏ ପାଣି 6. ଥାଂଚେକ୍ : ଅଂଟାଏ 7. ଟଁଚେକ୍ : ତଂଟିଏ, ବେକ ପର୍ଯ୍ୟଂତ 8. ମୁଂଡେକ୍ ପାନି : ମୁଂଡପାଏ ପାଣି 9. ପାଇଟି କାରିଆ : କାମକରିବା ଲୋକ, ଚାକର 10. ଖାଦି : ଖାଦ୍ୟ 11. ସାପୁଣୀ ଡକ୍ରୀ : ସାପୁଣୀ ବୁଢ଼ୀ 12. ଚୁଲି ପାଟିକି : ଚୁଲୀ ମୁଂଡକୁ 13. ଚାଟୁ : ଚଟୁ 14. ଅଂଗ୍ରା : ଅଂଗାର 15-16. ପେଜ୍ ଶାଗ୍ : ମାଂଡିଆ ଜାଉ ଆଉ ତିଅଣ ବା ତରକାରୀ 17. ଦାରୁ : କାଠ 18. ଫେନି : ଫଣା 19. ଠକି ଦେଲା : ଦଂଶନ କଲା, ଚୋଟ ମାରିଲା 20. ଜୁଇ ଡସେଇ : ନିଆଁ ଲଗେଇ ।

ବାରିଆ[1] ଓ ଧାଂଗଡ଼ୀ[2] କଥା

ଗୋଟେ ଗାଁରେ ଚାରି ଭାଇ ଥାଆଂତି । ସେମାନଂକର ଭଉଣୀଟିଏ ଥାଏ । ଭାଇମାନେ ମାଇକୀ[3] ଆଣି ସାରିଥାଆଂତି । ଭଉଣୀ କିଂତୁ ସେଯାଏ ବି ଡିଂଡା[4] ଥାଏ । ଭାଇମାନେ ଏକା ଜାଗାରେ ମିଶିକରି ରହୁଥାଆଂତି । ସେମାନେ ଭଉଣୀକି ଭାରି ଭଲ ପାଉଥାଆଂତି । ଆଉ ଭଲ ବରଟେ ଦେଖି ବାହା କରିଦେବାକୁ ଚାହୁଁଥାଆଂତି । ବର୍ତ୍ତମାନେ କିଂତୁ ଠିକ୍ ଓଲଟା । ସେମାନେ ଚାରି ଭାଇଯାକ ଘରେ ଥିଲାବେଳେ ନଣଂଦକୁ ଭାରି ଭଲ ବ୍ୟବହାର କରଂତି । ଭାଇମାନେ ଡଂଗର[6] କାମରେ ଘରୁ ବାହାରି ଗଲା ପରେ ନଣଂଦ ଉପରେ ବହୁତ ଅତ୍ୟାଚାର କରୁଥାଆଂତି । ସେମାନେ ସବୁ ନିଜେ ଗୋଡ଼ ଉପରେ ଗୋଡ଼ ଥୋଇ ବସିରହଂତି । ଏଣେ ନଣଂଦକୁ ଧାନ କୁଟାଂତି । ତା' ହାତରେ ଲୁଗା କଚାଂତି । ନଈକି ପାଣି ଆଣିବାକୁ ପଠାଂତି । ଆଉ ସେ ପାଣି ଆଣିଲେ ନିଜେ ନଈକି ଗାଧେଇ ନଯାଇ ଘରେ ଗାଧାଂତି । ଏତିକିରେ ବି ନଣଂଦର କାମ ସରେନି । ତାକୁ ଯତା[7] ପାଖରେ ବସେଇ ମାଂଡିଆ କି କାଂଦୁଲ ଘୋରିବାକୁ କହଂତି ତ ପୁଣି କେବେ କୋଳଥ ଚପିବାକୁ[8] କହଂତି ।

ଏମାନଂକର ଅତ୍ୟାଚାରରେ ସେ ମନେ ମନେ ଭାବୁଥାଏ, ''ଏମାନଂକଠୁ ପଶୁବି ଟିକେ ଭଲ ହେଇଥିବ ।'' ସେ ନିଜକୁ ଗୁହାଳରେ ଥିବା ଗୋରୁ ଠାରୁ ବି ଆହୁରି ହୀନ ବୋଲି ଭାବେ । ହେଲେ ଉପାୟ କଣ ? ଏଠି ନ ରହି ଯିବ କୁଆଡ଼େ ? ଭାଇମାନଂକୁ ବଉମାନଙ୍କର ଗୁଣ ବିଷୟରେ କହି ସେମାନଂକୁ ପୁଣି ପରୀକ୍ଷାରେ ପକେଇବ କାହିଁକି ? ସେମାନେ ଏ ସବୁ ଜାଣିବା ପରେ ପରେ ଏ ପଟକୁ ହେଇ ପାରିବନି କି ସେ ପଟକୁ ହେଇ ପାରିବନି । ସେଥିପାଇଁ ସେ' ଭାଇମାନେ ଘରେ ଥିବା ବେଳେ ହସି ହସି କଥା କହୁଥାଏ । ସେମାନଂକୁ ଟିକେ ଜାଣିବାକୁ ଦିଏନି ଯେ, ତା' ମନରେ ଏତେ ଦୁଃଖ ଅଛି ବୋଲି ।

ଭାଇମାନେ କୁଲିକାମ କରିଯିବା ପରେ ଯା'କୁ ଯୋଉ କାମ ସେମାନେ ଦିଅଂତି, ଯେ ସବୁ କରେ ଆଉ ପେଜ୍ ବେଲା[9] ଯେତେବେଳେ ହୁଏ ଭାଇମାନଂକ ପାଇଁ ସେ ପେଜ୍ ନେଇ ଡଂଗରକୁ ଯାଏ । ଭାଇମାନେ ବାହା ହେଲା ଆଗରୁ ବି ସେ ଏଇ କାମ କରୁଥାଏ ।

ଦିନେ ଏମିତି ପେଜ୍ ନେଇ ଗଲା ବେଳେ ସେ ଦେଖିଲା-ବାରିଆଟେ ଗୋଟିଏ ବୁଦା ମୂଳେ ଠିଆ ହୋଇ ତାକୁ ଦେଖୁଚି । ବାରିଆଟେ ତାକୁ ଏମିତି ଅନେଇ ଥିବାର ଦେଖି ସେ' ଖୁବ୍ ଡରିଯାଇ ଧାଇଁବାକୁ ବସିଲା । ବାରିଆତ ବାରିଆ, ସେଥିରେ ପୁଣି ଦଂତା ବାରିଆ । ଧାଇଁ ଧାଇଁ ଅଳ୍ପ ଦୂର ଯାଇ ସେ ପଛକୁ ଅନେଇଲା ବେଳକୁ ବାରିଆ ଯୋଉଠି ଠିଆ ହେଇଥିଲା ସେଠି ଠିଆ ହେଇଚି । ଆଉ ଆଗ ପରି ତା' ଆଡ଼କୁ ଦେଖୁଚି । ଯା' ମନରୁ ତା' ପରେ ଡର ଛାଡ଼ିଗଲା । ତେଣୁ ସେ ଆରାମରେ ଚାଲି ଚାଲି ଗଲା ।

ତା' ପରେ ନିତି ସେ ଭାଇମାନଂକ ପାଇଁ ପେଜ ନେଲା ବେଳେ ବାରିଆକୁ ସେଇ ଜାଗାରେ ଭେଟେ । ବାରିଆ ବି ତା'କୁ କିଛି ନ କହି ଖାଲି ତା' ଆଡ଼କୁ ଅପଲକ ଆଖିରେ ଦେଖେ । ଯେ

କିଂତୁ ଭାବିଲା ଯେ, ବାରିଆ ଏମିତି ନିତି କାହିଁକି ତା'କୁ ଜଗୁଚି ବୋଲି ପଚାରିବି। ଆଉ ତା' ପରେ ଦିନେ ପେଜ ନେଇ ଗଲାବେଳକୁ ବାରିଆକୁ ଦେଖି ସେ ପଚାରିଲା, "ତୁ ମତେ ନିତି ଏମିତି ଠିଆ ହେଇ କାହିଁକି ଦେଖୁ?" ବାରିଆ କହିଲା, "ଆଲୋ ସୁଂଦରୀ ଧାଂଗଡ଼ୀ[10], ତୁ ତ ଡିଂଡା ଅଛୁ। ତତେ କହିଲେ ତୁ ମୋ ଉପରେ ରାଗିବୁ ବୋଲି ମୁଁ ଆଜି ଯାଏ ସାହସ କରି କହୁ ନଥିଲି ସିନା, ହେଲେ ଆଜି ଯେତେବେଳେ ତୋ ତରଫରୁ ତୁ ଏକଥା ମତେ ପଚାରିଲୁ ତେଣୁ ମୁଁ ନିଶ୍ଚୟ କହିବି।" ତା' ପରେ ବାରିଆ କହିଲା, "ଆଲୋ ନନୀ[11]! ତତେ ତୋର ସୁଂଦର ରୂପକୁ ଦେଖି ମୁଁ ପରା ରସି ଯାଇଚି[12] ଆଉ ମୁଁ ତତେ ନେବାକୁ ଚାହୁଁଚି।" ବାରିଆର କଥା ଶୁଣି ଯେ ପୁରା ରାଗରେ ତମ ତମ ହେଇ କହିଲା, "ନିଜେ ବଡ଼ ସୁଂଦର ବୋଲି ଭାବୁଥିବୁ, ତୋ ଦାଂତ ଆଉ ଲମ୍ବା ଥୋମଣା କେବେ ଦେଖିଚୁ? ତୋ' ଦେହରେ କେମିତି ଟାଆଁସିଆ ଟାଆଁସିଆ ରୁମ ଅଛି ଦେଖିଚୁ? ହେଇଟି ଶୁଣ, ଯଦି ନିଜର ସୁଂଦର ରୂପଟାକୁ କେବେ ନ ଦେଖୁଚୁ ତେବେ ଯା ନଈ ପାଣିରେ ଦେଖି ଆସିବୁ। ତା' ପରେ ମତେ ବାହା ହବା କଥା ଭାବିବୁ।" ଏତିକି କହି ସେ ସେଇଠୁ ସିଧା ଡଂଗର ଆଡ଼କୁ ପଳେଇଲା।

ତା' ପରେ ବି ବାରିଆ ସେଠିକି ଆସି ତାକୁ ଦେଖିବା ଛାଡ଼ିଲାନି କି ବାହାଘର ପାଇଁ ପ୍ରସ୍ତାବ ଦେବା ବି ଛାଡ଼ିଲାନି। ଯେ' ଦେଖିଲା ଯେ, ସେ ଘରେ ରହିଲେ ବଉମାନେ ତା'କୁ ହଇରାଣ ହରକତ କରୁଚଂତି। ଆଉ ଡଂଗରକୁ ପେଜ ନେଇ ଗଲେ ବାରିଆ ତା'କୁ ହଇରାଣ କରୁଚି। ତେଣୁ ଘର ବାହାର ସବୁ ତା'କୁ ସମାନ ଲାଗିଲା। ବାରିଆକୁ କିଂତୁ ମରେଇବାକୁ ବି ଭାଇମାନଂକୁ କହି ପାରେନି। ସେ ଡଂଗରକୁ ପେଜ୍ ନେଇ ଗଲା ବେଳେ ଯଦି କୋଉ ଗୋଟେ ଦିନ ବାରିଆକୁ ସେଠି ନ ଦେଖେ ତା' ମନ ଛଟପଟ ହୁଏ। ସେ ଚାହେଁ ବାରିଆଟା ତାକୁ ଦେଖି ଦେଖି ସେମିତି କହୁ, "ମୁଁ ତତେ ନେବାକୁ ଚାହୁଁଚିଲୋ" ବୋଲି। ସେ ବେଳେ ବେଳେ ତା' ନିଜକୁ ବି ବୁଝିପାରେନି। ସେ ଭାବେ ସେ ବାରିଆକୁ ନିତି ଏତେ ଗାଳି ଦଉଚି ହେଲେ ବାରିଆ ଯେତେବେଳେ ବାହାଘର ପାଇଁ ପ୍ରସ୍ତାବ ଦଉଚି-ତା'କୁ ଶୁଣିବାକୁ ଭଲ ଲାଗୁଚି କାହିଁକି ?

ଏମିତି ଅନେକ ଦିନ ସେଠିକି ନିତି ଆସି ଧାଂଗଡ଼ୀକି ସୂଦ୍ରେଇ ସୂଦ୍ରେଇ[13] ଯେତେବେଳେ ଆଉ ବାରିଆ ପାରିଲାନି, ଶେଷରେ ସେ ମନେ ମନେ ଠିକ୍ କଲା ଯେ ସେ ତା'କୁ ଉଦ୍‌ଲିଆ[14] ନବ। ସେ ଦିନ ଧାଂଗଡ଼ୀ ପେଜ ନେଇ ଡଂଗରକୁ ଯିବା ପାଇଁ ଆସି ଦେଖିଲା ଯେ, ବାରିଆ ନିତି ଯୋଉ ବୁଦା ମୂଳେ ଠିଆ ହେଇଥାଏ, ଆଜି ସେଠି ଠିଆ ନହେଇ, ପାଦଚଲା ବାଟରେ ଠିଆ ହେଇଚି। ଯେ' ତାକୁ ଯେତେ ବାଟରୁ ହଟିବା ପାଇଁ କହିଲେ ବି ସେ ଉଠିଲାନି। ଯେ' ତାକୁ ଲାଂଘି[15] କରି କେମିତି ଯିବି ଭାବି ତା'କୁ ଜୁହାର କଲା ବାଟ ଛାଡ଼ିଦେବା ପାଇଁ। ତଥାପି ସେ ବାଟ ନଛାଡ଼ିବାରୁ ଶେଷରେ ଅନ୍ୟ ଉପାୟ ନ ଦେଖି ତାକୁ ଲାଂଘିବା ପାଇଁ ଗୋଟେ ପାଦ ଆଗ ପଟକୁ ଯେମିତି ପକେଇଚି ବାରିଆ ଉଠିପଡ଼ିଲା। ଆଉ ଧାଂଗଡ଼ୀକି ପିଠିରେ ବସେଇ ବଣ ଭିତରେ ଧାଇଁଲା।

ଏମିତି ଗୁଡ଼ାଏ ବେଳ ଧାଇଁବା ପରେ ବାରିଆ ଯାଇ ତା' ଘରେ ପହଂଚି ଧାଂଗଡ଼ୀକି ସେଠି ଓହ୍ଲେଇ ଦେଇ କହିଲା, "ଆଜିଠୁ ତୁ ମୋର ମାଇଜୀ ଆଉ ମୁଁ ତୋର ଅଂଡ୍ରା।"[16]

ଏଣେ ପେଜ୍ ବେଳା ହେବାରୁ ଭାଇମାନେ ଭଉଣୀ ପେଜ୍ ନେଇ ଆସିବ ବୋଲି ବହୁତ ସମୟ ଜଗିବା ପରେ ବି ଯେତେବେଳେ ସେ ନ ଆସିଲା, ଏମାନଂକର ମନରେ ସଂଦେହ ହେଲା। ଏମାନେ ତା'କୁ ବଡ଼ ବାଗ୍[17] କି ଡୁର୍କା[18] ଖାଇ ଦେଇଥିବ ଭାବି ଡଂଗର କାମ ଛାଡ଼ି ତା'କୁ ଖୋଜିବାକୁ ଗଲେ। ଜଣେ ଭାଇ ଘରକୁ ଦେଖିବାକୁ ଗଲା, କାଳେ ଘରୁ ଆସି ନ ଥିବ ଭାବି। ଏମାନେ ତିନିଜଣ ବଣରେ ତା'କୁ ଯେତେ ଖୋଜିଲେ ବି ପାଇଲେନି। ଘରକୁ ଯୋଉ ଭାଇ ଯାଇଥିଲା—ସେଠି ସେ

ଦେଖିଲା—ଭଉଣୀ ନାହିଁ। ତେଣୁ ସେ ବଣରେ ଖୋଜୁଥିବା ଭାଇମାନଙ୍କ ପାଖକୁ ଯାଇ ଭଉଣୀ ଘରେ ନଥିବା କଥା କହିବା ପରେ ସେମାନେ ସମସ୍ତେ ବଣରେ ତା'କୁ ଖୋଜିଲେ, ହେଲେ ପାଇଲେନି। ସେଦିନ ଘରକୁ ସମସ୍ତେ ମନଦୁଃଖରେ ଫେରିଲେ। ତା' ପରେ ନିତି ତିନି ଭାଇ ଡଂଗରକୁ ଯାଇ କାମ କଲାବେଳେ ଜଣେ ଡଂଗରରେ ବହୁତ ଦୂରଯାଏ ଯାଇ ଭଉଣୀକି ଖୋଜେ। ଏମିତି ଦେଖୁ ଦେଖୁ ଗୁଡ଼ାଏ ଦିନ ବିତିଗଲା ସିନା,ଏମାନଙ୍କ ଖୋଜା ବନ୍ଦ ହେଲାନି କି ଭଉଣୀ ବି ମିଳିଲାନି।

ଶେଷରେ ଦିନେ ଚାରି ଭାଇଯାକ ଭଉଣୀ ଖୋଜୁ ଖୋଜୁ ଗୋଟେ ପାର୍[19] ଭିତରେ ତା'କୁ ଦେଖିଲେ। ତା' ପରେ ତାଙ୍କର ଖୁସି ଦେଖେ କିଏ ? ସେମାନେ ତା'କୁ ସାଂଗରେ ଯିବା ପାଇଁ ଡାକିବାରୁ ସେ ମନା କଲା ଆଉ କହିଲା ଯେ, "ମୁଁ ମୋ ଅଂଡ୍ରା ଘରେ ସୁଖରେ ଅଛି। ତେଣୁ ମୋ ଅଂଡ୍ରାକୁ ଛାଡ଼ି ମୁଁ ତମ ସାଂଗରେ ଯିବିନି।" ଏମାନେ ପଚାରିଲେ "ତୋ ଅଂଡ୍ରା ଜଲା[20] ଡ଼ାବୁ ନବାଂଧି ତୋ ସାଂଗରେ ବାହା ହେଲା କେମିତି ?" ଭଉଣୀ କହିଲା, "ମୋ ଅଂଡ୍ରା ହଉଚି ବାରିଆ। ତା' ସାଂଗରେ ହିଁ ମୁଁ ବାହା ହେଇଚି। ମାନେ ସେ ମତେ ଉଦ୍‌ଲିଆ ଆଣିଚି। ଆଉ ଜଲା ଡାବୁ କଥା ତ ? ଠିକ୍ ଅଛି, କିଛି ଦିନ ଭିତରେ ଆମେ ଦିହେଁ କୁଲି ଭୂତି କରି ବାଂଧିଦେବୁ।"[21]

ଭାଇମାନେ ବାରିଆକୁ ଯାଇଥିବା[22] କଥା ଶୁଣି ନାନା ଛି ଛାକର କଲେ। ଆଉ ତାଂକ ସାଂଗରେ ପଳେଇ ଆସିଲେ ସୁଂଦର ଧାଂଗଡ଼ାଟେ ସାଂଗରେ ତା'କୁ ବାହା କରେଇ ଦେବେ ବୋଲି ବି କହିଲେ। ସେମାନେ ଯାକୁ ଛଡ଼େଇବା ପାଇଁ ତା' ଅଂଡ୍ରା ବାରିଆର ରୂପକୁ ନାନା ଭାବରେ ନିଂଦା କଲେ। ନିଜ ଅଂଡ୍ରାର ନିଂଦା ସହି ନପାରି ଶେଷରେ ଭଉଣୀ କହିଲା, "ହେଲା ମୋ ଅଂଡ୍ରା ଅସୁଂଦର। ତା' ରୂପ ମୋଟେ ଭଲ ନୁହେଁ। କିଂତୁ ତମର ଯୋଉ ସୁଂଦରୀ ସୁଂଦରୀ ମାଇଜୀମାନେ ଅଛଂତି ତାଂକଠୁ ଯେ' ବହୁତ ଭଲ। ସେମାନେ ଏତେ ସୁଂଦର ହେଲେ କି ଲୋଡ଼ା ? ସେମାନେ ତ ମତେ ନିତି ବାଡ଼େଇ ପିଟି କେତେ ପ୍ରକାର କଷ୍ଟ ଦେଉଥିଲେ। ହେଲେ ଯେ' ପଶୁ, ଅସୁଂଦର ହେଲେ ବି ଲକ୍ଷେ ଗୁଣ ଆରାମ୍‌ରେ ମତେ ଏଠି ରଖିଚି। ଏଠି କଷ୍ଟ ଜଣ ମୁଁ ଜାଣି ପାରୁନି। ତେଣୁ ମୁଁ ଏଠି ମୋ ଅସୁଂଦର ଅଂଡ୍ରା ପାଖରେ ହିଁ ରହିବି। ତମେ ଯାଅ-ତମ ସୁଂଦରୀ ମାଇଜୀମାନଂକ ସାଂଗରେ ଖୁସିରେ ରହିବ। ସେମିତି ସୁଂଦରୀ, ଖରାପ ପ୍ରକୃତିର ମଣିଷଠୁ ମୋର ଏଇ ଅସୁଂଦର ଭଲ ପ୍ରକୃତିର ଅଂଡ୍ରା ମୋ ପାଇଁ ବଡ଼।"

ଏ ଯାଏଁ ତ ମାଇଜୀମାନେ ଭଉଣୀ ଉପରେ ଅତ୍ୟାଚାର କରୁଥିଲେ ବୋଲି ଚାରି ଭାଇ ଜାଣିପାରି ନଥିଲେ। ତେଣୁ ଭଉଣୀ ମୁହଁରୁ ତାଙ୍କ ବିଷୟରେ ଯେତେବେଳେ ଶୁଣିଲେ ସିଧା ଘରକୁ ଯାଇ ନିଜ ନିଜ ମାଇଜୀମାନଂକୁ ଘରୁ ଘଉଡ଼ି ଦେଇ ଭିନେ ଧାଂଗଡ଼ୀମାନଂକୁ ବାହା ହେଲେ।

---

1. ବାରିଆ : ବାରହା 2. ଧାଂଗଡ଼ୀ : ଯୁବତୀ 3. ମାଇଜୀ : ସ୍ତ୍ରୀ 4. ଙିଙ୍ଗା : ଅଭିଆଡ଼ି, ଅବିବାହିତା 5. ବଉ : ଭାଉଜ 6. ଡଂଗର : ପାହାଡ଼ 7. ଯଠା : ଘୋରଣା 8. ଚପିବାକୁ : ଠେଂଗାରେ ବାଡ଼େଇବା, ପଥରରେ ଅନ୍ୟାନ୍ୟ ଜିନିଷକୁ ବାରମ୍ବାର ଆଘାତ ଦେଇ ଗୁଂଡ କରିବା 9. ପେଜ୍ ବେଲା : ମଧ୍ୟାହ୍ନ ଭୋଜନ ସମୟ 10. ଧାଂଗଡ଼ୀ : ଯୁବତୀ 11. ନନୀ : ଝିଅ ଯୁବତୀ 12. ରସି ଯାଇଛି : ମୋହିତ ହେଇଯାଇଛି 13. ସୃଦ୍ରେଇ ସୃଦ୍ରେଇ : ମନେଇ ମନେଇ 14. ଉଦ୍‌ଲିଆ : ହରଣ କରିନେଇ ବିବାହ କରିବା 15. ଲାଂଗି : ଡେଇଁ 16. ଅଂଡ୍ରା : ସ୍ୱାମୀ 17. ବଡ଼ ବାଗ୍ : ମହାବଳ ବାଘ 18. ଡୁର୍କା : ଗଧିଆ ବାଘ 19. ପାର : ଗୁମ୍ଫା ବା ଗୁହା 20. ଜଲା ଡ଼ାବୁ : କନ୍ୟା ସୁନା 21. ବାଂଧିଦେବୁ : ଦେଇଦେବୁ 22. ଯାଇଥିବା : ବାହା ହେଇଥିବା, ସ୍ୱଇଚ୍ଛାରେ ବରଣ କରିଥିବା।

କଲିଆ[1] ଆଉ କଟ୍ରା[2] କଥା

ଗୋଟିଏ ଗାଁରେ ବୁଢ଼ାଟିଏ ବୁଢ଼ୀଟେ ରହୁଥାଂତି। ସେମାନେ ଗୋଟେ ଜନା ବାଡ଼[3] କରିଥାଂତି। ଭଲ ଜନା ହେଉଥାଏ ସିନା, ନିତି ରାତିରେ ଗୋଟେ କଲିଆ ଆସି ଭଲ ଭଲ ଜନା ସବୁ ଖାଇ ଦେଉଥାଏ। ବୁଢ଼ା କଲିଆକୁ କେମିତି ବୁଦ୍ଧି ଶିଖେଇବ ସେ ବିଷୟରେ ବହୁତ ଚିଂତା କରି ଶେଷରେ ଗୋଟିଏ ଉପାୟ ସ୍ଥିର କରି ଜନା ବାଡ଼ରେ ଗୋଟେ ଫାଶ ପକେଇଲା କଲିଆକୁ ଧରିବା ପାଇଁ।

ଫାଶଟା ପକେଇ ଦେଇ ବୁଢ଼ା ହାତରେ ଠେଂଗାଟେ ଧରି ସଂଜରୁ ଯାଇ ଜନା ବାଡ଼ ଭିତରେ ନିଜେ ଲୁଚି ବସିଲା। ଟିକେ ରାତି ହେଲାପରେ କଲିଆଟା ଆସି ଏଣେ ତେଣେ ବୁଲି ବାଡ଼ର ଜନା ସବୁ ଖାଉ ଖାଉ ଫାଶ ଯୋଉଠି ପଡ଼ିଥିଲା, ସେ ପଟେ ଆସି ଫାଶରେ ପଡ଼ିଲା। ତା' ପରେ ସେଥିରୁ ମୁକୁଳିବାର ଯେତେ ଚେଷ୍ଟା କଲେ ବି ସେଥିରୁ ଆଉ ପାରିଲାନି। କଲିଆ ଫାଶରେ ପଡ଼ିବାର କିଛି ସମୟ ପରେ ବୁଢ଼ା ଦେଖିବାକୁ ଆସିଲା କଲିଆ ଫାଂଦରେ ପଡ଼ିଲାଣି କି ନାଇଁ ବୋଲି। ଆଉ କଲିଆ ଫାଶରେ ପଡ଼ିବାର ଦେଖି ସେ ଆଉ ଅପେକ୍ଷା ନକରି କଲିଆ ପିଠିରେ କଷି ଦେଇ ଗଲା ଠେଂଗାରେ ପାହାର। ଠେଂଗା ମାଡ଼ରେ କଲିଆର ଅବସ୍ଥା ସାଂଘାତିକ। ତେଣୁ ସେ କେମିତି ମାଡ଼ରୁ ରକ୍ଷା ପାଇବ ବୋଲି କହିଲା, "ଆରେ ଡକ୍ରା[4], ଏତେ ରାତିରେ ଏଠି କେହି ନାହାଂତି। ଆଉ ମତେ ଏମିତି କାଇଁକି ପିଟୁଚୁ? ମୁଁ ତ ଏଇ ଫାଶରେ ପଡ଼ିଚି। କୁଆଡ଼େ କଣ ଏବେ ପଳେଇ ଯାଉଚି ନା କଣ? ତୁଚ୍ଛାଟାକୁ ଛାନିଆଁ ହେଇ ମତେ କାଇଁକି ଏକା ସାଂଗରେ ପିଟି ପିଟି ମାରିଦେବୁ? ଏବେ ଘରକୁ ଯା, ଶୋଇ ପଡ଼ିବୁ। କାଲି ସକାଳୁ ଆଉ ପାଂଚ ଦଶ ଲୋକଙ୍କୁ ସାଂଗରେ ଧରି ଆଣି ମତେ ମାରିବୁ ଯେ-ଲୋକମାନେ ଜାଣିବେ, ତୁ ଫାଶ ପକେଇ କଲିଆଟେ ଧରି ପାରିଚୁ ବୋଲି। ଯା' ଏ ଫାଶରେ ତ ମୁଁ ଫଂଦା ହେଇଚି। ଯିବାକୁ ଏଠୁ ମୋର ଆଉ ବାଟ କାଇଁ?" ବୁଢ଼ା ବି ଭାବିଲା, "କଲିଆଟା ସତ କଥା କହୁଚି। ଏବେ କେହି ନ ଦେଖିଲା ବେଳେ ମୁଁ ଯା'କୁ ଯଦି ମାରି ପିଂଗିଦେବି ତା' ହେଲେ କାଲି ଯାହାକୁ ଏ କଥା କହିଲେ ବି କେହି ଆଉ ବିଶ୍ୱାସ କରିବେନି। ସମସ୍ତେ କହିବେ ବୁଢ଼ା ମିଛ କହୁଚି ବୋଲି। ତେଣୁ ଯା'କୁ କାଲି ଲୋକ ଡାକି ଆଣି ମାରିବି।" ତା' ପରେ ବୁଢ଼ା କଲିଆକୁ ଆଉ ରାତିରେ ଜନା ଫନା ନ ଖାଇବାକୁ ତାଗିଦ କରିଦେଇ ତା' ଘରକୁ ଗଲା ଶୋଇବାକୁ।

ଜନା ବାଡ଼ରେ କଲିଆ ଫାଶରେ ପଡ଼ିଥାଏ। ଠେଂଗା ମାଡ଼ରେ ତା' ଦେହଟା ଟିକେ ଫୁଲିଯାଇ ଥାଏ। ଦେହଟା ତା'ର ଅସମ୍ଭାଳ ଭାବରେ କାଟୁଥାଏ। ଧୀରେ ଧୀରେ ରାତି ବଢ଼ିଲା ଆଉ ସେଇ ଅଂଧାରରେ କଲିଆ ଦେଖିଲା ଜନା ବାଡ଼ ଆଡ଼କୁ କଟ୍ରାଟେ ଆସୁଚି। କଲିଆ ଡାକିଲା, "ଏ କଟ୍ରା ବାନ୍ଜା[5] କୁଆଡ଼େ ଯାଉଚୁ?" କଟ୍ରା କଲିଆର ସ୍ୱର ବାରି ପାରି ପଚାରିଲା, "କିଏ? କଲିଆ ମାମା[6]

କି ? ତମେ କଣ ଏଠି ଅଛ ? କଣ କରୁଚ କି ?'' କଲିଆ କହିଲା, ''ବଡ଼ ହଇରାଣ ପରା ବାନ୍ତା। ଯେତେ କହିଲେ ବି କଣ ଜନା ସାଉକାରଘର ଶୁଣୁଚଂତି ? ମୁଁ ମନା କଲେ ବି ମତେ ଏଠି ରଖି ପରା ନିତି ଚାଳିଶି ପଚାଶଟା ଜନା ଦେଉଛଂତି। ଖାଇ ଖାଇ ମୁଁ କେଡ଼ିକି ତୁକା[7] ହେଲିଣି ଦେଖୁନୁ। ଜନା ଖାଇ ଖାଇ ଏଠି ମୋର ପେଟ ଖରାପ ହେଇଯାଉଚି।'' କଟ୍ରା ଆଗରୁ ବି କେତେ ଥର କଲିଆକୁ ବଣରେ ଭେଟିଥିଲା। ସେତେ ବେଳେ କିଂତୁ ସେ ଖୁବ୍ ପିଡ୍ ପିଡ଼ା[8] ଥିଲା। ହେଲେ ଏବେ ତୁକା ହେଇ ଯାଇଚି। ତେଣୁ କଲିଆର କଥାକୁ ସେ ଅବିଶ୍ୱାସ କଲାନି। ସେ ତା' ପରେ କହିଲା, ''ମାମା ! ତମେ ଭାଗ୍ୟ କରିଚ। ସେଥିପାଇଁ ଲୋକ ତମକୁ ବସେଇ ବସେଇ ଖାଇବାକୁ ଦଉଚଂତି। ହେଲେ ଆମ ପାଇଁ ଜନାଟିଏ ସ୍ୱପ୍ନ।'' କଲିଆ କହିଲା, ''ହଁ ପରାରେ ବାନ୍ତା, ଏଠୁ କାଳେ ଜନା ନଖାଇ ମୁଁ କୁଆଡ଼େ ପଳେଇବି ବୋଲି ମତେ ବାଂଧି କରି ରଖିଚଂତି। ଜାଣିଚୁ,ଖାଲି ଜନା ନୁହେଁ, ଏ ମଣିଷମାନେ ଯୋଉ ସବୁ ଜିନିଷ ଖାଉଚଂତି ସବୁ ମତେ ଦଉଚଂତି। ମତେ କିଂତୁ ସେଗୁଡ଼ାକ ଭଲ ଲାଗୁନି। ଡକ୍ରା ଡକ୍ରୀ[9] ତ ମତେ ପୁଅ ବୋଲି ବି ଡାକୁଚଂତି। ହେଲେ ବି ମତେ ଏଠି ଟିକିଏ ରହିବାକୁ ଇଚ୍ଛା ଲାଗୁନି। କିଏ ଯଦି ମତେ ଫିଟେଇଦିଅଂତା ତା' ହେଲେ ମୁଁ ତା'କୁ ଏଠି ଡକ୍ରା ଡକ୍ରୀକି କହି ଜନା ଖାଇବାକୁ ରଖେଇ ଦିଅଂତି। ଆଉ ତା'କୁ ପୁଅ କରିବାକୁ କହି ମୁଁ ମୋର ଗାତକୁ ଯାଆଂତି।'' କଲିଆର ଖାଇବା କଥା ଶୁଣି ତ କଟ୍ରାର ପାଟିରୁ ଲାଳ ଗଡ଼ୁଥିଲା। ତେଣୁ ଏମିତିଆ ବସି ବସି ଖାଇବାର ଗୋଟେ ଅପୂର୍ବ ସୁଯୋଗକୁ ସେ ହାତଛଡ଼ା କରିବାକୁ ଚାହିଁଲାନି। ବଣଟା ସାରା ଏଣେ ତେଣେ ଘୂରି ଘୂରି ତ ଦିନେ ଦିନେ କଅଁଳ ଘାସ କେରାଏ କି କଅଁଳିଆ ପତ୍ର ଦିଟା ମିଳେନି। ସେଥିରେ ପୁଣି ଯୁଆଡ଼େ ଗଲେ ବି ଡର୍କି ଡର୍କି ରହିବାକୁ ପଡ଼େ। ବଡ଼୍ ବାଗ୍[10], ଡୁର୍କା[11] ଆଉ ଏମିତି କେତେ ଜଂତୁଂକୁ ବଣରେ ସବୁବେଳେ ଖାଲି ଡର। ଆଉ ସେଠି ସେମିତି ଡରି ଡରି ବଂଚିବାଠୁ ଏଠି ଏମିତି ବସି ବସି ଖାଇବା କଣ ଭଲ ନୁହେଁ ? କଲିଆର ମୁଂଡ ପାଗଳା ହେଲାଣି ବୋଲି ସେ ବସି ବସି ବଢ଼ିଆ ଜିନିଷ ଖାଇବାର ଏମିତି ଗୋଟାଏ ସୁଯୋଗ ଛାଡ଼ିଦେଇ ପଳେଇବି କହୁଚି। ଯାଉ, ସେଥିରେ ମୋର ଯାଏ ଆସେ କଣ ? ଭାବି ସେ କଲିଆକୁ କହିଲା, ''ମାମା, ତମେ ମତେ ଯଦି ଡକ୍ରା ଡକ୍ରୀର ପୁଅ କରିଦିଅଂତ,ତା' ହେଲେ ମୁଁ ତମକୁ ଖୋଲି ଦିଅଂତି।'' କଲିଆ କହିଲା,''ଆରେ ଯେ ଗୋଟେ କଥା ? ମୁଁ ସାଂଗେ ସାଂଗେ ସେମାନଂକୁ ତତେ ପୁଅ କରିବାକୁ କହିଦେବି। ତୁ ଟିକେ ମୋ ଗୋଡ଼ରୁ ଏ ଦଉଡିଟାକୁ ଖୋଲିଲୁ।'' କଟ୍ରା ତା' ପରେ କଲିଆ ଗୋଡ଼ରୁ ଦଉଡ଼ି ଖୋଲିଦେଇ ତା'କୁ ଅତି ନମ୍ର ଭାବରେ କହିଲା, ''ମାମା, ତମ ଗୋଡ଼ରୁ ଦଉଡ଼ି ଖୋଲିଦେଲି। ଏବେ ଆଉ କଣ ଏତେ ଭାବୁଚ ? ତମେ କଥା ଦେଇଥିଲ ମତେ ବାଂଧି ଦବ ବୋଲି।'' କଲିଆ କହିଲା, ''ନାଇଁ ଯେ ଟିକେ ଭାବୁଥିଲି...।'' କଟ୍ରା କହିଲା, ''ମାମା, ଏତେ ଆଉ ଭାବନି, ମତେ ବାଂଧିଦେଇ, ସେମାନଂକୁ ପୁଅ କରିବାକୁ କହିଦେଇ ଯାଅ। ତମର ଯଦି ଆଉ କେବେ ଆସିବାକୁ ମନ ହବ-ତା' ହେଲେ ଆସିଲେ ମୁଁ ଏଠୁ ପଳେଇ ଯିବି। ତମେ ତ ସେମାନଂକର ପୁରୁଣା ଚିହ୍ନା ଲୋକ। ତେଣୁ ସେମାନେ ତମକୁ କେବେ ମନା କରିବେନି।'' କଲିଆ ତା'ପରେ କହିଲା, ''ହଉ,ଏତେ ଯଦି ବାଧ୍ୟ କରୁଚୁ ତା' ହେଲେ ଆ...ତତେ ବାଂଧିଦିଏ।'' କହି ବଡ଼ କୁନ୍ଥୁ କୁନ୍ଥୁ ହେଇ କଟ୍ରାକୁ ଫାଶରେ କସିକରି ବାଂଧିଦେଲା। ଆଉ କହିଲା,''ବାନ୍ତାରେ ତୁ ଟିକେ ଥା। ମୁଁ ଯାଇ ଡ଼କ୍ରା ଡ଼କ୍ରୀକି ଡାକି ଆଣି ତତେ ଚିହ୍ନେଇ ଦେଇଯିବି।'' କହି ସେଇଠୁ ଛୁ'।

ସାରା ରାତି କଟ୍ରା ''ହେଇ ଏବେ ଆସିବେ ତେବେ ଆସିବେ ପରା'' ବୋଲି ଜଗି ଜଗି ବିତେଇ

ଦେଲା ସିନା କେହି ଆସିଲେନି । ସକାଳ ହେଲା ପରେ ଡକ୍ରା ଯାଇ ଗାଁର ଆଉ ପାଂଚ ଲୋକଙ୍କୁ ଠେଂଗା ଧରେଇ ନିଜେ ଗୋଟେ ଠେଂଗା ଧରି କଲିଆକୁ ମାରିବାକୁ ଆସି ଦେଖିଲା ବେଳକୁ କଲିଆ ଜାଗାରେ କଟ୍ରାଟେ ଫାଶରେ ପଡ଼ିଚି । ତା' ପରେ ତାଙ୍କର ଖୁସି ଆଉ ଦେଖେ କିଏ ? କଟ୍ରାକୁ ସେମାନେ ଠେଂଗାରେ ମାରିଲେ ଆଉ ତା'ର ମାଉଁସକୁ ବଂଟା ବଂଟି କରି ଖାଇଲେ ।

---

1. କଲିଆ : ବିଲୁଆ 2. କଟ୍ରା : କୁଟ୍ରା 3. ଜନା ବାଡ଼ : ମକା ବାଡ଼ି 4. ଡକ୍ରା : ବୁଢ଼ା 5. ବାନ୍‌ଜା : ଭଣଜା 6. ମାମା : ମାମୁଁ 7. ଡୁକା : ମୋଟା 8. ପିଡ଼୍‌ପିଡ଼ା : ପତଳା 9. ଡକ୍ରା ଡକ୍ରୀ : ବୁଢ଼ା ବୁଢ଼ୀ 10. ବଡ଼ ବାଗ୍ : ମହାବଳ ବାଘ 11. ଡୁର୍କା : ଗଧିଆ ବାଘ ।

ସାଇ ଧାଂଗଡ଼ୀ କଥା

ଗୋଟିଏ ଗାଁରେ ବୁଢ଼ୀଟିଏ ବୁଢ଼ାଟିଏ ଥିଲେ। ତାଂକର ପୁଅଟିଏ ଥିଲା। ସେମାନେ ଡଂଗର[1] ମାରି ସେଠି ଚାଷ ବାସ କରି ରହୁଥିଲେ। ପୁଅ ଡଂଗରରେ ମାଂଚାଟିଏ[2] କରି ନିତି ସେଠି ଡଂଗର ଜଗି ରହେ। ସେ ସେଠି ସାରଂଗୀ ବଜେଇ ଗୀତ ଗାଏ। ସେଇଠି ପାଖରେ ଗୋଟେ ସାଇ[3] ରହୁଥାଏ। ତା'ର ଦି'ଟା ଧାଂଗଡ଼ୀ[4] ଝିଅ ଥାଆଂତି। ସେମାନେ ସବୁଦିନ ରସରସିଆ ସାରଂଗୀ ବାଜା ଶୁଣି ମାଂଚା ପାଖକୁ ଆସି ସାରଂଗୀ ବଜଉ[5] ଧାଂଗଡ଼ାକୁ[6] ଦେଖି ମୁଚୁକା[7] ମାରଂତି। ଧୀରେ ଧୀରେ ବଡ଼ ଭଉଣୀ ସାରଂଗୀ ବାଜା ଶୁଣି ଶୁଣି ଧାଂଗଡ଼ାକୁ ରସିଗଲା[8]। ଧାଂଗଡ଼ା ତ ରାତିରେ ବି ସେଠି ରହୁଥାଏ। ତେଣୁ ବଡ଼ ଭଉଣୀ ଧାଂଗଡ଼ା ସାଂଗରେ ତା' ମାଂଚାରେ ମିଶିକରି ରହିଲା। ଦେଖୁ ଦେଖୁ ସେ ଆଠମାସ ଗାଗ୍ରେ ରଇଲା[9]। ଆଉ ଏମିତି ବେଳକୁ ଦିନେ ଧାଂଗଡ଼ା ତା' ଗାଁକୁ ଯାଇଥାଏ। ସେଠି ଗାଁ ଲୋକମାନେ ତା'କୁ ବେଠି ଖଟେଇବାକୁ ଧରି ନେଇଗଲେ। ଧାଂଗଡ଼ାର ମନ କିଂତୁ ଡଂଗରରେ ଥିବା ତା' ମାଂଚାରେ ଥାଏ। ହେଲେ କଣ କରିବ ? ଏମାନଂକ କଥାକୁ ମନା କରିଦେବାର ବପୁ ବି ତା'ର ନାହିଁ। ତେଣୁ ସେ ବେଠିଆ ହେଇ ପଳେଇଲା।

ପୁଅ ବେଠିଆ ହେଇ ପଳେଇବା ପରେ ଦିନେ ବୁଢ଼ା ବୁଢ଼ୀ ତାଂକ ଡଂଗରରେ ଫସଲର ହାଲଚାଲ ଦେଖିବାକୁ ଡଂଗରକୁ ଯାଇଥାଆଂତି। ସେଠି ଏଣେ ତେଣେ ବୁଲାବୁଲି କରୁ କରୁ ଦୁଇ ସାଇ ଧାଂଗଡ଼ୀକି ଦେଖିଲେ। ଏମାନେ ଦିହେଁ ବୁଢ଼ା ବୁଢ଼ୀଙ୍କି ଦେଖି ଛାନିଆଁ ହେଇ ସେମାନେ ଯେଉଁ ଗଛର ପଲକା[10] ଭିତରେ ରହୁଥାଆଂତି ତା' ଭିତରେ ପଶିଗଲେ।

ଦି'ଟା ସାଇକି ଏକା ସାଂଗରେ ପଲକା ଭିତରେ ପଶିବା ଦେଖି ବୁଢ଼ା ବୁଢ଼ୀଙ୍କ ପାଟିରୁ ଲାଳ ଗଡ଼ିଲା। ସେମାନେ ସାଇ ମାଉଁସ ଖାଇବା ଆଶାରେ ଗଛ ପଲକା ମୁହଁରେ ଶୁଖିଲା ପତ୍ର ଗୁଡ଼ାଏ ଜମା କରି ନିଆଁ ଜାଳିଦେଲେ। ନିଆଁ ଧାସ ଆଉ ଧୂଆଁ ପଲକା ଭିତରେ ପଶିଲା। ବଡ଼ ଭଉଣୀ—ମାନେ ଯିଏ ଆଠ ମାସ ଗାଗ୍ରେ ଥିଲା—ସିଏ ପଲକା ମୁହଁରେ ଥାଏ। ତେଣୁ ସେ ନିଆଁରେ ପୋଡ଼ି ହେଇ ମରିଗଲା। ସାନ ଭଉଣୀ ପଲକା ଭିତରେ ଥାଏ, ତେଣୁ ତା'ର କିଛି ହେଲାନି। ବୁଢ଼ା ବୁଢ଼ୀ ତା' ପରେ ବଡ଼ ସାଇ ଭଉଣୀକି ପଲକାରୁ ବାହାର କରି ଘରକୁ ନେଲେ।

ସେମାନେ ଯାଇ ଘରେ ସାଇକି ଯେତେବେଳେ କାଟିବାକୁ କାତ୍ରୀକୁ[11] ପାକନାରେ[12] ନିଶିଲେ[13], ସେ ଶବ୍ଦ ଶୁଣି ସାଇ ପେଟରେ ଥିବା ବୁଢ଼ା ବୁଢ଼ୀଙ୍କର ନାତି କହିଲା, "ଏ ଦାଦି[14], କାତ୍ରୀ ନିଶୁ ଯେ, ହେଲେ ଟିକେ ଦେଖିକରି କାଟିବ। ମୁଁ ତମ ନାତି। ଏ ପେଟ ଭିତରେ ଅଛି।" ବୁଢ଼ା ବୁଢ଼ୀ କିଛି ବୁଝି ପାରିଲେନି। ତା' ପରେ ସେମାନେ ସାଇର କଂଟାଗୁଡ଼ାକୁ ରୁମିଲେ[15], ରୁମା ରୁମି ସରିବା ପରେ କାତ୍ରୀରେ ସାଇର ପେଟ କାଟିଲେ ତା'ର ଅଁତ୍ନୀ[16] ବାହାର କରି ଦେବା ପାଇଁ। ପେଟରେ ଯେମିତି କାତ୍ରୀ ବାଜିଚି ; ତା' ଭିତରେ ଥିବା ପିଲା ପୁଣି ପାଟି କଲା, "ଏ ଦାଦି ! ଟିକେ ଦେଖିକରି

କାଟ। ନ ହେଲେ ମୋ ନାକ କାନ କଟିଯିବ।'' ବୁଢ଼ା ବୁଢ଼ୀ ଏଥର ବୁଝିଲେ ଯେ, ସାଇ ପେଟରେ ପିଲାଟିଏ ଅଛି। ତେଣୁ ସେମାନେ ତା' ପେଟକୁ ଧୀରେ ଧୀରେ କାଟି ପିଲାକୁ ବାହାର କରିନେଇ କୁକୁଡ଼ା ଡଲା[17] ରେ ରଖିଲେ।

ତା' ପରେ ମାଉଁସ କଟାକଟି କରି ଯେତିକି ପାରିଲେ ସାଗ୍[18] ରାଂଧି ଖାଇଲେ। ବାକି ଯେତିକି ନ ପାରିଲେ-ତା'କୁ ଶୁଖେଇ ରଖିଲେ ପୁଅ ଆସିଲେ ଖାଇବ ବୋଲି।

କିଛି ଦିନ ପରେ ପୁଅ ବେଠି ପାଇଟି ସାରି ଗାଁକୁ ଲୋକଙ୍କ ସାଂଗରେ ଫେରୁଥାଏ, ଆଉ ଯେତେବେଳେ ସେ ତା' ନିଜ ଡଂଗର ପାଖ ଦେଇ ଗଲା ତା' ଶାଳୀ ଗଛ ପଲ୍‌କା ଭିତରେ ଥାଇ ତା' ଭାଟକୁ[19] ଶୁଣେଇଲା ପରି ସବୁ କଥାକୁ ଗୀତ ଆକାରରେ ଗାଇଲା। ପିଲା କିଂତୁ କିଛି ବୁଝି ପାରିଲାନି। ଘରେ ଯାଇ ପହଂଚିଲା। ଘରେ ବୁଢ଼ା ବୁଢ଼ୀ ପିଲାକୁ ଦେଖି ଶରଧା ହେଲେ। ଆଉ ଶୁଖିଲା ମାଉଁସତକ ପିଲା ଖାଇବ ବୋଲି ରାଂଧି ପେଜ୍ ସାଂଗରେ ପିଲା ପାଇଁ ବାଢ଼ିଦେଲେ। ପିଲା ଖାଇବାକୁ ବସି ଯେତେବେଳେ ମାଉଁସ ସାଗ୍ ଦେଖିଲା ବୁଢ଼ା ବୁଢ଼ୀକି ଏଇଟା କି ମାଉଁସ ବୋଲି ପଚାରିଲା। ବୁଢ଼ା ବୁଢ଼ୀ ସାଇ ମାଉଁସ ବୋଲି କହିଲେ। ପିଲା ତା' ପରେ ପାଟି ପାଖକୁ ଫୁଟେ ମାଉଁସ ଯେମିତି ନେଇଚି- କୁକୁଡ଼ା ଡଲା ଭିତରେ ଥିବା ତା ପୁଅ ପାଟିକଲା, ''ଏ ବାବା ଖା'ନି ଖା'ନି, ଏଇଟା ତୋ ମାଇଜୀର[20] ମାଉଁସ। ବୁଢ଼ା ବୁଢ଼ୀ ମୋ ମା'କୁ ନିଆଁ ଜାଳି ମାରିଦେଲେ। ଆଉ ତା' ମାଉଁସ ଯେତିକି ପାରିଲେ ଖାଇଲେ, ବାକି ତୁ ଖାଇବୁ ବୋଲି ଶୁଖେଇ କରି ରଖିଥିଲେ।'' ଏ କଥା ଶୁଣି ପିଲାର ହୋସ ଉଡ଼ିଗଲା। ସେ ଆଉ ଖାଇବ କଣ? ଡଲା ଭିତରୁ ପୁଅକୁ କାଢ଼ି ଡଂଗରକୁ ଗଲା ଶାଳୀ ପାଖକୁ।

ଭାଟକୁ ଦେଖି ଶାଳୀ ସବୁ କଥା ବର୍ଣ୍ଣନା କଲା। ଧାଂଗଡ଼ା ତାକୁ ଦୁଃଖରେ କହିଲା, ''ଦେଖି ମୁଁ ତ ତୋ ନାନୀକି ରଖିଥିଲି। ସେ ତ ଗଲା। ତୁ ଏଥର ମୋ ସାଂଗରେ ରହ। ଆମେ ସୁଖରେ ଚଳିବା।'' ଶାଳୀ କିଂତୁ ଏ କଥାରେ ରାଜି ନହେବାରୁ ପିଲା ଦୁଃଖ ଆଉ ଅଭିମାନରେ କାଠ ପତ୍ର ଜମା କରି ସେଥିରେ ନିଆଁ ଲଗେଇ ତା ଭିତରକୁ ନିଜ ପୁଅ ସାଂଗରେ ଡେଇଁପଡ଼ିଲା।

---

1. ଡଂଗର : ପାହାଡ଼ର ଜଂଗଲ ସଫା କରି ଚାଷୋପଯୋଗୀ କରାଯାଉଥିବା ସ୍ଥାନ 2. ମାଂଚା : ମଂଚା 3. ସାଇ : ଝିଂକ 4. ଧାଂଗଡ଼ୀ : ଯୁବତୀ 5. ବଜଉ : ବଜଉ ଥିବା 6. ଧାଂଗଡ଼ା : ଯୁବକ 7. ମୁଚ୍‌କା : ମୁରୁକି ହସିବା, ସ୍ମିତ ହାସ୍ୟ 8. ରସିଗଲା : ଆକୃଷ୍ଟ ହେଲା 9. ଗାଗ୍‌ରେ ରଇଲା : ଗର୍ଭବତୀ ହେଲା 10. ପଲ୍‌କା : ଗଛର କୋରଡ଼ 11. କାତ୍ରା : ଛୁରୀ 12. ପାତ୍‌ନା : ପଥର 13. ନିଶିଲେ : ପଥରରେ ଘଷି ଧାର କରିବା 14. ଦାଦି : ଜେଜେବାପା 15. ରୁମିଲେ : ଲୋମସବୁ ଟାଣି ବାହାର କଲେ 16. ଆଁତନୀ : ଅଂତବୁଜୁଳା 17. କୁକୁଡ଼ା ଡଲା : କୁକୁଡ଼ାମାନଙ୍କୁ ରଖିବା ପାଇଁ ସ୍ୱତଂତ୍ର ଭାବରେ ତିଆରି ହେଇଥିବା ଏକପ୍ରକାର ଟୋକେଇ 18. ସାଗ୍ : ତିଅଣ, ତରକାରୀ 19. ଭାଟ : ଭିଣେଇଁ 20. ମାଇଜୀ : ସ୍ତ୍ରୀ, ପତ୍ନୀ।

ଅସର୍‌ନୀ[1] ଡକ୍ରୀ କଥା

ଥରେ ପିଲାଟେ ଡଂଗର୍[2] ତଳେ କୁଆଡୁ କଲରା ମଂଜିଟେ ପାଇ ତାକୁ ଟିକେ ଗାତ କରି ପୋତିଦେଲା । ତା' ପରେ ନିତି ସେଠି ଟିକେ ଟିକେ ଝରଣାର ପାଣି ଆଣି ସେଇଠି ଦେଲା । କଲରା ମଂଜିରୁ ଗଛା ବାହାରିଲା ଓ ଆସ୍ତେ ମାଳିଲା[3] । ପିଲାଟା ତା' ପରେ ଗଛ ଉପରେ ଚାମଡ଼ାଟେ[4] ତିଆରି କରିଦେଲା, ଯେମିତି ଗଛଟା ତା' ଉପରକୁ ମାଳିବ ।[4]

କିଛି ଦିନ ଗଲା ପରେ ସେ ଗଛରେ ଗୁଡ଼ାଏ କଲରା ଫଳିଲା । କଲରା କାଳେ କିଏ ତୋଳି ନେବ ଭାବି ପିଲାଟା କଲରା ଚାମଡ଼ା ପାଖରେ ମାଂଚା[5]ଟିଏ ବାନ୍ଧି ତା' ଉପରେ ବସି ଜଗିଲା ।

ଦିନେ ସେ ମାଂଚାରେ ବସିଥାଏ । ଡକ୍ରୀଟିଏ ମୁଂଡରେ ଗୋଟେ କରଲୀ[6] ଧରି ଆସିଲା ; ଆଉ ପିଲାକୁ କହିଲା-"ବାପରେ, ଏତେଗୁଡ଼ିଏ କଲରା ଫଳିଚି, ମତେ ଦି'ଟା ଦେ । ମୁଁ ସାଗ୍[7] ରାଂଧି ଖାଇବି ।" ପିଲା ଦେଖିଲା ବୁଢ଼ୀଲୋକ କଲରା ମାଗୁଚି । ନଦେଲେ ଖରାପ ହେବ । ତେଣୁ ମାଂଚାରେ ବସି ଚାମଡ଼ା ଆଡ଼କୁ ହାତ ବଢ଼େଇ କଲରା କେଇଟା ତୋଳି ଫିଂଗିବାକୁ ଗଲା ବେଳକୁ ଡ଼କ୍ରୀ ପାଟିକଲା, "ବାପରେ ! ଗୁହ ମୁତ ପଡ଼ିଥିବ । ପକାନି, ଟିକେ ହାତ ବଢ଼େଇ ମତେ ଦେଇଦେ ।" ପିଲା ତା'ପରେ ତଳକୁ ହାତ ଲମ୍ବେଇଲା ବୁଢ଼ୀ ହାତରେ କଲରା ଦେବାକୁ, ବୁଢ଼ୀ ବି ହାତ ବଢ଼େଇଲା ପିଲା ହାତରୁ କଲରା ନେବାକୁ । ହାତ କିନ୍ତୁ ପାଉ ନଥାଏ । ତା' ପରେ ପିଲାକୁ କାହିଲା, "ବାପରେ ! ଟିକେ ତଳ ଆଡ଼କୁ ଝୁଂକି ପଡ଼ । ହଁ ଆଉ ଟିକେ । ଆଉ ଟିକେ..." ପିଲା ଯେମିତି ତଳକୁ ଝୁଂକି ହାତଟାକୁ ଆଉ ଟିକେ ତଳକୁ କରିଚି, ବୁଢ଼ୀ ତା' ହାତକୁ ଧରି ତା'କୁ ତଳକୁ ଟାଣିନେଇ ତା' କର୍ଲୀ ଭିତରେ ଭର୍ତ୍ତି କରିଦେଲା । ଆଉ ତା' ପରେ ପରଡ଼ାଟାକୁ[8] ଢ଼ାଂକିଦେଇ କର୍ଲୀକୁ ସିଆଡ଼ି ଡ଼ର୍‌ରେ[9] କସିକରି ବାଂଧିଦେଲା । ଡ଼କ୍ରୀ ତା' ପରେ କର୍ଲୀକୁ ମୁଡେଇ ଚାଲିଲା ଡଂଗର ଉପରେ ।

କର୍ଲୀ ଭିତରେ ଥାଇ ପିଲା ଖାଲି କାଂଦୁଥାଏ । ସେ ଭାବୁଥାଏ ଯୋଉ ଅସର୍‌ନୀ ଡକ୍ରୀ କଥା ଦିନେ ତା' ମା କହୁଥିଲା ତାକୁ, ଏଇଟା ନିଶ୍ଚୟ ସେଇ ଅସର୍‌ନୀ ଡକ୍ରୀ । ଯେ ନିଶ୍ଚୟ ତା'କୁ ନେଇ ଖାଇଦେବ । ସେ ଖାଲି କର୍ଲୀରୁ ବାହାରିବାର ଉପାୟ ଚିନ୍ତା କଲା । ହେଲେ ସେଥିରୁ ବାହାରିବ କେମିତି ?

ଡକ୍ରୀ ଚାଲୁ ଚାଲୁ ତାକୁ ଖୁବ୍ ଶୋଷ ହେଲା । ସେ ଅସ୍‌ରନୀ ହେଲେ କଣ ହେଲା, ମଣିଷ ରୂପରେ ଆସିଥାଏ । ତେଣୁ ବାଟରେ କେତେଜଣ ବେଂଟକାରିଆ[10]ଙ୍କୁ ଦେଖି ସେ ପଚାରିଲା, "ଆରେ ବାବୁମାନେ, ପାଣି କୋଉଠି ମିଳିବରେ ?" ବେଂଟକାରିଆମାନେ ଡକ୍ରୀକୁ ଦୂରରେ ଗୋଟେ ଝରଣା ଅଛି ବୋଲି ଆଂଗୁଠିରେ ଦିଗଟା ଦେଖେଇଦେଲେ । ଶୋଷରେ ଡକ୍ରୀକି ପ୍ରାଣ ପଳେଇଲା ପରି ଲାଗୁଥାଏ । ତେଣୁ କରଲୀ ମୁଂଡେଇ ଏତେଦୂର ଯିବାର ଦମ୍ଭ ଆଉ ତା'ର ନଥାଏ । ସେଥିପାଇଁ

ସେ କରଲୀଟା ସେଠି ଥୋଇଦେଇ ପାଣି ପିଇବାକୁ ଝରଣା ଆଡ଼କୁ ଚାଲିଲା ।

ଏଣେ ବୁଢ଼ୀ ଖଂଡେ ଦୂର ଯିବା ପରେ କର୍ଲୀ ଭିତରେ ଥାଇ ପିଲାଟା ଜୋରରେ କାଂଦିଲା । ପିଲାର କାଂଦ ବେଂଟକାରିଆମାନେ ଶୁଣି ଡୋର ଫିଟେଇ ପରଡ଼ା ଖୋଲି ତା' ଭିତରୁ ପିଲାକୁ ପାଇଲେ । ସେମାନେ ତା' ପରେ କର୍ଲୀ ଭିତରେ ପାକ୍ନା[11] ପୂରେଇ ଦେଇ ଉପରେ ପରଡ଼ା ଘୋଡ଼େଇ ଆଗ ଭଳିଆ ସିଆଡ଼ି ଡ଼ର ବାଂଧି ଦେଇ ପିଲାକୁ ସଂଗରେ ନେଇ ପଳେଇଲେ ।

ପାଣି ପିଇ କିଛି ସମୟ ପରେ ଅସର୍‌ନୀ ଡକ୍ରୀ ଆସିଲା ଏବଂ କରଲୀ ମୁଂଡେଇ ପୁଣି ତା' ଘର ଆଡ଼କୁ ଚାଲିଲା । କଅଁଳିଆ ମଣିଷ ମାଉଁସ ଖାଇବ ବୋଲି ତା' ମନ ଭାରି ଖୁସି । ସେ ଘରେ ପହଂଚି ମୁଂଡର କର୍ଲୀ ତଳେ ଉତାରିଦେଇ ଡକ୍ରାକୁ[12] ଡାକ ପକେଇଲା । ଡକ୍ରା ଆସିବା ପରେ ତାକୁ କହିଲା, ''ଡ଼କ୍ରା ! ବର୍ଛା, ଟାଂଗିଆ, ଆଉ କାତି ପଜେଇବୁ ଯା' । ବଢ଼ିଆ ଜିନିଷ ଆଜି ଆଣିଚି । କଟା କଟି କରି ସାଗ୍ ରାଂଧିଲେ ଚଂଚଳ ଖାଇବା ।'' ଡ଼କ୍ରା ବି ମନ ଖୁସିରେ ସବୁ ପଜାପଜି କରି ଆଣି ବର୍ଛାଟାକୁ କର୍ଲିରେ ଭୂଷିଲା । ସେ ଭାବୁଥିଲା-ପିଲାଟା ପାଟି କରିବ ବୋଲି । କିନ୍ତୁ ପିଲାର ପାଟି ବଦଳରେ ଖାଲି, ଟଂ-ଟାଂ ଶବ୍ଦ ଶୁଭିଲା । ଡକ୍ରାର ମନରେ ଟିକେ ସଂଦେହ ହେଲା । ସେ କରଲୀ ଉପରୁ ଡୋର ଖୋଲିଦେଇ ପରଡ଼ାଟା କାଢ଼ି ଦେଖିଲା ବେଳକୁ ତା' ଭିତରେ ଖାଲି ପାକ୍ନା ଗୁଡାଏ ଭର୍ତ୍ତି ହୋଇଚି । ସେ ପାକ୍ନା ଦେଖି ଖୁବ୍ ରାଗିଯାଇ ଡକ୍ରୀକୁ ଗୁଡ଼ାଏ ଗାଳିଦେଲା । ପିଲାଟା ନାହିଁ ଜାଣି ଡକ୍ରୀ ବି ମନେ ମନେ ଖପ୍ପା ହେଇଯାଇ ଭାବିଲା—'ହଉରେ ପୁଅ, ଆଜି ସିନା ଖସି ପଳେଇଲୁ, ଆଉ ଦିନେ ଯାଇ ତୋ କଥା ମୁଁ ଯଦି ନ ବୁଝିଚି ଆଉ ତୋ କଅଁଳିଆ ମାଉଁସ ନଖାଇଚି, ତା' ହେଲେ ମୋ ନାଁ ବି ଅସର୍‌ନୀ ଡକ୍ରୀ ନୁହେଁ ।'

କିଛି ଦିନ ଗଲା । ପିଲା ଅସର୍‌ନୀ ଡକ୍ରୀ କଥା ଭୁଲିଯାଇଥାଏ । ପୁଣି ଦିନେ ଆଉ ଗୋଟିଏ ବେଶରେ ଅସର୍‌ନୀ ଡକ୍ରୀ ପିଲାର ଚାମ୍ଡ଼ା ପାଖକୁ ଆସି କଲରା ମାଗିଲା । ଅସର୍‌ନି ଡ଼କ୍ରୀ ଆଗ ଥର ପରି ଦିଶୁ ନଥାଏ । ସେ'ତ ବେଶ ବଦଳେଇ ଆସିଥାଏ, ତେଣୁ ପିଲା ବି ଚିହ୍ନି ପାରିଲାନି ତା'କୁ । କଲରା ଦି'ଟା ଚାମ୍ଡ଼ାରୁ ତା' ମଂଚା ଉପରୁ ହାତ ବଢ଼େଇ ତୋଳି ଅସରନୀ ଡ଼କ୍ରୀ ହାତକୁ ବଢ଼େଇଲା । ଡକ୍ରୀ, ''ଆଉ ଟିକେ ଝୁଂକିପଡ଼ରେ ବାପା'' ବୋଲି କହିଲା ; ପିଲା ଯେମିତି ଝୁଂକିପଡ଼ି ହାତଟାକୁ ଆଉ ଟିକେ ତଳକୁ ଲମ୍ବେଇଚି ବୁଢ଼ୀ ତା' ହାତଟାକୁ ଧରି ତା'କୁ ଟାଣି ନେଇ ତା' କର୍ଲୀରେ ଭର୍ତ୍ତି କରି, ଉପରେ ପରଡ଼ା ଢାଂକି କସିକରି ସିଆଡ଼ି ଡୋର ବାଂଧି କର୍ଲୀ ମୁଂଡେଇ ସିଧା ଚାଲିଲା ତା' ଘରକୁ ।

କର୍ଲୀ ଭିତରେ ପିଲା ଛାଟିପିଟି ହେଇ ପାଟି କରୁଥାଏ । ଡକ୍ରୀ ତା' ଘରେ ପହଁଚି କର୍ଲୀଟିକୁ ତଳେ ଥୋଇଦେଇ ତା'ର ଡକ୍ରାକୁ ଡାକି ବର୍ଛା, ଟାଂଗିଆ ଆଣିବାକୁ କହିଲା । ପାଖରେ କୁଟ୍‌ନି ଶାଳରେ[13] ତା' ଝିଅ ବସି ଧାନ କୁଟୁଥାଏ । ତାକୁ କର୍ଲୀକି ଦେଖିବାକୁ କହି ନିଜେ ଗାଧେଇବାକୁ ଗଲା ।

ଡକ୍ରୀ ଗାଧେଇ ଗଲା ପରେ ପିଲା ଜୋରରେ ପାଟି କଲା । ଝିଅ ଧାନ କୁଟୁ କୁଟୁ ପିଲାର ପାଟି ଶୁଣି କର୍ଲୀ ଭିତରେ କଣ ଅଛି ଜାଣିବାକୁ ସିଆଡ଼ି ଡୋରଟା ଖୋଲି ପରଡ଼ାଟା ଖୋଲି ଦେଖିଲା ବେଳକୁ ତା' ଭିତରେ ପିଲାଟାଏ । ସେ ଆଗରୁ ମଣିଷ ପିଲା କେବେ ଦେଖି ନଥିଲା । ତାକୁ ପିଲାଟା ସାଂଗରେ କଥା ହେବାକୁ ବଡ଼ ମଜା ଲାଗିଲା । ଦିହେଁ ତା' ପରେ କଥା ହେଲେ । ପିଲା କହିଲା, ''ତୋ ଅଳଂକାର ଆଉ ଲୁଗା ପଟା ବଡ଼ ସୁଂଦର ଦିଶୁଚି ।'' ଝିଅ କହିଲା, ''ତୋର କଣ ପିଂଧିବାକୁ ମନ ହଉଚି କି ?'' ପୁଅ 'ହଁ' କହିବାରୁ ଝିଅ ତା'ର ଲୁଗା ପଟା ଦି'ଟା ଓ ଗହଣାପତ୍ର ଖୋଲି

ପିଲାକୁ ଦେଲା । ଆଉ ପିଲାର ଲୁଗା ନେଇ ନିଜେ ପିଂଧିଲା । ତା' ପରେ ଝିଅ ପିଲାକୁ ପଚାରିଲା, "ତୁ ସେ କର୍ଲୀ ଭିତରେ କାହିଁକି ବସିଥିଲୁ ?" ପିଲା କହିଲା, "ତୁ କେବେ କର୍ଲୀ ଭିତରେ ବସିନୁ କି ? ବସିବୁ ଯଦି ବସିକରି ଦେଖୁନୁ ।" ଝିଅ ତା' ପରେ ଅତି ଖୁସିରେ ଯାଇ ଯେମିତି କର୍ଲୀ ଭିତରେ ବସିଚି ପିଲା ତା' ଉପରେ ପରଡ଼ାଟା ଢ଼ାଂକି ଦେଇ, ଉପରେ କସିକରି ସିଆଡ଼ି ଡୋର ବାଂଧିଦେଇ ନିଜେ ଅସରନୀ ଡକ୍ରୀର ସୁନା ବାନା ଆଉ ଲୁଗା ପିଂଧି କୁଟନୀ ଶାଳରେ ବସି ଧାନ କୁଟିଲା । ଝିଅ ଯେତେ ଡାକିଲେ ବି ଆଉ ସେ' ଶୁଣିଲାନି ।

ଅସ୍ରନୀ ଡକ୍ରୀ ଗାଧେଇ ପାଧେଇ ଆସିଲା । କିଛି ସମୟ ପରେ ଡ଼କ୍ରା ବି ବର୍ଚ୍ଛା, କାତି ଆଉ ଟାଂଗିଆ ପଢାପଢ଼ି କରି ଘରେ ପହଁଚିଲା । ଡକ୍ରୀ କହିଲା, "ଅନେଇଚୁ କଣ ? ବର୍ଚ୍ଛାରେ ତାକୁ ମାରି ଜଲ୍‌ଦି କଟାକଟି କର । ତୁ କାଟିଲେ ତ ମୁଁ ସାଗ୍ ରାଂଧିବି ।" ଡକ୍ରୀ ପାଟିରୁ କଥା ନସରୁଣୁ ଡକ୍ରା ପୁରା କର୍ଲୀ ଦେହରେ ବର୍ଚ୍ଛା ଭୂଷିଲା । ବର୍ଚ୍ଛା ଯାଇ ଝିଅ ଦେହରେ ବାଜିବାରୁ ଝିଅ ପାଟି କଲା, "ମୁଁ ତୁମ ଝିଅ ଏ ଭିତରେ ବସିଚି । ମତେ ମାରନି ।" ହେଲେ ଡକ୍ରା କିଛି ନ ଶୁଣି ତା'କୁ ମାରି ତା' ମାଉଁସ କାଟି ଡକ୍ରୀକି ଦେଲା ସାଗ୍ ରାଂଧିବାକୁ । ଏସବୁ କଥା ପିଲା କୁଟ୍‌ନୀ ଶାଲ୍‌ରେ ଧାନ କୁଟି କୁଟି ଦେଖୁଥାଏ ।

ସାଗ୍ ରାଂଧି ସାରି ଡକ୍ରୀ ଡକ୍ରା ତା' ଝିଅ ବେଶରେ ଧାନ କୁଟୁଥିବା ପିଲାକୁ ଡାକିଲେ ଖାଇବା ପାଇଁ । ଅସୁର ମାଉଁସ ଏବେ କେମିତି ଖାଇବି ବୋଲି ପିଲାର ଚିନ୍ତା ପଡ଼ିଲା । ସେ କେଇ ଖଂଡ ଅଁଗରା[14] ନିଜ ଖାଇବା ଜାଗା କଡ଼ରେ ଥୋଇଦେଲା । ଡ଼କ୍ରା ବି ବସିଲା । ଡ଼କ୍ରୀ ଏଥର ଦନାରେ ମାଉଁସ ବାଢ଼ିଲା । ସିଆଡ଼ି ପତ୍ର ଖଲିରେ ସୁଆଁ ଭାତ ବାଢ଼ିଲା । ଅସୁର ଘର ଦନା ଆଉ ଖଲି ବଡ଼ ବଡ଼ ହେଇଥାଏ । ଖାଇବା ଆରମ୍ଭ ହେଲା । ପିଲା ଭାତ ଗୁଂଡେ ଗୁଂଡେ ଖାଇ ଅଁଗ୍ରା ଖଂଡେ ଖଂଡେ ଚୋବାଇ ଦେଉଥାଏ । ଆଉ ଅଁଗ୍ରା ଚୋବେଇଲେ ଡକ୍ରାଡକ୍ରୀକୁ ହାଡ଼ ଚୋବେଇଲା ପରି ଶୁଭୁଥାଏ । ଡକ୍ରା ତା' ପରେ ଡକ୍ରୀକି କହିଲା, "ଆଲୋ ! ସାନ ଝିଅଟା, ତୁ ସିନା ତାକୁ ଖାଲି ବାଛି ବାଛି ମାଉଁସ ଦେଇଥାନ୍ତୁ, ତାକୁ ହାଡ଼ ଗୁଡ଼ାଏ ଦେଇଚୁ ଯେ, ସେ କେମିତି ଖାଇବ କହିଲୁ ?"

ବୁଢ଼ାର କଥା ଶୁଣି ପିଲାକୁ ମଉକା ମିଳିଲା । ସେ ସାଂଗେ ସାଂଗେ, "ମୁଁ ଆଉ ମାଉଁସ ଖାଇ ପାରିବିନି ବାପା" କହି ମାଉଁସ ଦନାଟା ବାପା ଆଡ଼କୁ ବଢ଼େଇଦେଲା ।

ଖିଆ ପିଆ ସରିଲା । ଡକ୍ରା ଡ଼କ୍ରୀ ଯାଇ ଶୋଇଲେ । ପିଲା କିନ୍ତୁ ମେରଦା[15] ଉପରେ ଚଢ଼ିକରି ବସିଲା । ଡକ୍ରା ଡ଼କ୍ରୀକି ଟିକେ ନିଦ ଲାଗିଯିବା ପରେ ସେଠି ବସି ପିଲା ଗାଇଲା—

କୁକୁଡ଼ା ଟିଅଁ ସାନ୍ ବଡ଼୍
ବକ୍‌ଡ଼ାକେ ଆଚେ ଚଡ଼୍
କେନ୍ତା ଲାଗଲା ଡକ୍ରା ଡକ୍ରୀ
ଟକିର ମାଉଁସ ହାଡ଼୍ ?

ଅର୍ଥାତ୍: କୁକୁଡ଼ା ପିଲା ସାନ୍ ବଡ଼
ଅଂଡିରା ଛେଳିର ଦାଢ଼ି
ଝିଅର ମାଉଁସ କେମିତି ଲାଗିଲା
କହରେ ବୁଢ଼ା ବୁଢ଼ୀ ?

ପିଲା ଏ ଗୀତ ବହୁତ ଥର ଗାଇବା ପରେ ବୁଢ଼ା ବୁଢ଼ୀର ନିଦ ଭାଂଗିଲା । ସେମାନେ ଗୀତର

ମର୍ମ ବୁଝିଲେ । ପିଲା ସେମାନଂକୁ ନିଜ ଝିଅର ମାଉଁସ ଖୁଏଇଛି ଭାବି ଖୁବ୍ ରାଗି ପିଲାକୁ ଖୋଜିଲେ । ଏମାନେ ଉଠିବା ପରେ ପିଲା ଗୀତ ବଂଦ କରି ଆସ୍ତେ ମେର୍‌ଦାରୁ ତଳକୁ ଓହ୍ଲେଇ ଧାଇଁଲା ଯୋର୍‌ରେ । ଡକ୍ରା ଡକ୍ରୀ ପିଲାକୁ ଦେଖି ତା' ପଛରେ ଧାଇଁଲେ । ଡକ୍ରୀ ହାତରେ କୁଟ୍‌ନୀ ଧରିଥାଏ । ଡ଼କ୍ରା ଧରିଥାଏ ଟାଂଗିଆ ।

ପିଲା ଆଗ ଆଗ ଧାଉଁ ଥାଏ । ଏମାନେ ଧାଉଁଥାନ୍ତି ପଛେ ପଛେ । ଧାଉଁ ଧାଉଁ ବୁଢ଼ା ହଠାତ୍ ଗୋଟିଏ ଖୁଂଟରେ ଭୂଷି ହେଇ ମରିଗଲା । ବୁଢ଼ୀ ତା' ପରେ ଗୋଟେ ଉଚ ପଥରରୁ ଖସିପଡ଼ି ମରିଗଲା ।

---

1. ଅସରନୀ ଡକ୍ରୀ : ଅସୁରୁଣୀ ବୁଢ଼ୀ 2. ଡଂଗର୍ : ପାହାଡ଼ 3. ମାଲିଲା : ବଢ଼ିଲା 4. ଚାମ୍‌ଡ଼ା : ଛାମୁଂଡିଆ 5. ମାଂଚା : ମଂଚା 6. କର୍ଲୀ : ଟୋକେଇ 7. ସାର୍ : ତିଅଣ 8. ପର୍‌ଡ଼ା : ଡାଟ 9. ସିଆଡ଼ି ଡ଼ର : ସିଆଳି ଦଉଡ଼ି 10. ବେଂଟକାରିଆ : ଶିକାରୀ 11. ପାକ୍‌ନା : ପଥର 12. ଡ଼କ୍ରା : ବୁଢ଼ା 13. କୁଟ୍‌ନି ଶାଲ୍ : ଢେଂକି ଶାଳ 14. ଆଂଗରା : ଅଂଗାର 15. ମେରଦା : ଆଟୁ, ଭାଡ଼ି, ମାଟୁ 16. କୁଟ୍‌ନି : ପାହୁରୁଣୀ ।

ବାଗ୍[1] କଲିଆ[2] କଥା

ଗୋଟିଏ ଗାଁରେ ବୁଢ଼ୀଟେ ବୁଢ଼ାଟେ ଥିଲେ । ସେମାନଂକର ପିଲାଝିଲା ନଥିଲେ । ଦିହେଁ ବଣରୁ କଂଦା କଢ଼ି[3] ଆଣି ତା'କୁ ଖାଇ ବଂଚୁଥିଲେ । କିଛି ଦିନ ପରେ ବୁଢ଼ୀ ମରିଗଲା । ବୁଢ଼ୀ ମଲା ପରେ ବୁଢ଼ା ମନେ ମନେ ଭାବିଲା, "ଆଉ ବଳ ବୟସ ତ ନାଇଁ । କାମ କରି ତ ଖାଇ ହବନି । କୁଲି ଭୁତି ତ କରି ହବନି । ବୁଢ଼ୀ ତ ଗଲା । ତେଣୁ ଏ କୁଢ଼ିଆଟାରେ କାହିଁକି ମିଛରେ ପଡ଼ିରହିବି । ମାଂଗତିଆ[4] ହେଇ ଯା'ତା ଘରେ ଏ ଗାଁ ସେ ଗାଁ ବୁଲି ମାଗି ଖାଇଲେ ଭଲ ।" ତା' ପରେ ବୁଢ଼ା ହାତରେ ଡାଂଗ ଖଡେ ଧରି ମାଗି ବୁଲିଲା ।

ଦିନେ ବୁଢ଼ା ଯାଇ ଗୋଟିଏ ଗାଁରେ ପହଁଚିଲା । ସେଠି ଜଣେ ସାଉକାର ଘରକୁ ଯାଇ ପେଜ ଟିକେ ମାଗିଲା ପିଇବାକୁ । ସାଉକାର ଘରଲୋକ ପେଜ ଟିକେ ଦେବାରୁ ବୁଢ଼ା ଲୁଣ ଟିକେ ମାଗି ତା'କୁ ଚାଖି ଚାଖି କେଇ ଢ଼ୋକ ପେଜ ପିଇ, ପାଣି ମୁଂଦେ ପିଇ ଥକ୍କା ମାରି ବସିଲା । ସାଉକାର ବୁଢ଼ାର ଅବସ୍ଥା ଦେଖି ପଚାରିଲା, "ତୁ କୁଆଡ଼େ ଯିବୁକି ଡକ୍ରା[5] ?" ବୁଢ଼ା କହିଲା, "କୁଆଡ଼େ ଆଉ ଯିବି ସାଉକାର୍ ? ମୁଁ ଏକା ଲୋକ । ଦୁନିଆଁରେ ମୋର ଆଉ ନିଜର କହିବାକୁ କେହି ନାହିଁ । ବୁଢ଼ୀ ଥିଲା । ସେ ବି ମଲା । ତେଣୁ ବୁଢ଼ୀ ଯିବା ପରେ ମୁଁ ମୋ କୁଢ଼ିଆ ଖଂଡକୁ ଛାଡ଼ିଦେଇ ମାଂଗ୍‌ତିଆ ପରି ମାଗି ମାଗି ବୁଲୁଛି ।" ସାଉକାର କହିଲା, "ତୋ'ର ତ ବୟସ ଏତେ ବେଶି ହେଲାଣି । ଏତେ ବାଟ ଚାଲିବାକୁ ତତେ ନିଶ୍ଚୟ କଷ୍ଟ ହେଉଥିବ । ସେଥିପାଇଁ ତୁ ଯଦି ରାଜି ହବୁ ତା' ହେଲେ ମୁଁ ତତେ ମୋ ଘରେ ରଖିବି । ତୁ ଡରନି । ମୁଁ ତତେ ବେଢ଼ା[6] କାମ କି ଡଂଗର[7] କାମକୁ ପଠେଇବିନି । ମୋର ଗୋଟେ ଜନାବାଡ଼[8] ଅଛି, ତା'କୁ ଗୋଟେ ମାଂଚା[9] କରି ଜଗିବୁ । ଦେଖ୍ ମୋ କଥାରେ ତୁ ଯଦି ରାଜି, ତା' ହେଲେ ଏଠି ରହ ।" ବୁଢ଼ା ବି ସାଉକାର କଥାରେ ରାଜି ହେଇଗଲା ।

ବୁଢ଼ା ସେ ଦିନଠୁ ସାଉକାର ଘରେ ରହି ନିତି ଜନା ବାଡ଼ ଜଗିବାକୁ ଗଲା । ଦିନେ ଗୋଟିଏ କଲିଆ ସାରୁ ପତ୍ରକୁ ଫାଟାଇ[10] ପରି ପିଂଧି ହାତରେ ଡାଂଗ[11] ଖଂଡେ ଧରି ବୁଢ଼ାର ମାଂଚା ପାଖକୁ ଆସିଲା ଓ ବୁଢ଼ାକୁ ପଚାରିଲା, "ଆରେ ଡକ୍ରା ! ତୁ ମାଂଚା ଉପରେ ବସି କଣ ଲୋକ ଚିହ୍ନି ପାରୁନୁ କି ? ବଡ଼ ସାନ ତତେ ଦିଶୁନି ? ଦେ, ଚଂଚଳ ଯାହା ଦବା କଥା ଦେ ।" କଲିଆକୁ ଦେଖି ବୁଢ଼ା ରାଜାଘର ସିପେଇ ଫିପେଇ ହେଇଥିବେ ଭାବି ଡରିଯାଇ ଥଂଗେଇ ଥଂଗେଇ କହିଲା, "ତମେ ମାହାପୁରୁ ଯାହା ମାଗିବ ମୁଁ ଦେବି ।" କଲିଆ କହିଲା, "ମତେ ଭଲ ଭଲ ଜନା ଚାରି ଛ' ପୁଂଜା ପୋଡ଼େଇ କରି ଦେ । ମୁଁ ଖାଇବି । ନହେଲେ ତୋ'ର ପାଇଟି କରିବି ।"[12]

ବୁଢ଼ା ଡ଼ରି ମରି ଜନା ଭାଂଗି ତା'କୁ ପୋଡ଼େଇ କଲିଆକୁ ଦେଲା । କଲିଆ ସେସବୁ ମନ ଖୁସିରେ ଖାଇଲା ପରେ ବୁଢ଼ା ନିଜପାଇଁ ଆଣିଥିବା ଶାଗ୍ ପେଜ୍[13] ବି ସେ ଖାଇଲା । ଆଉ ଲଂବା ଏଉଡ଼ିଟିଏ ମାରି ଗଲାବେଳେ କହିଗଲା, "ମୁଁ କାଲି ପୁଣି ଆସିବି ।" ତା' ପରଠୁ ନିତି କଲିଆ ବେଶ ବଦଳେଇ

ବୁଢ଼ାକୁ ଡରେଇ ତା' ଜନା ଖାଇଲା, ତା' ଶାଗ୍ ପେଜ୍ ସବୁ ଖାଇଲା। ବୁଢ଼ା ଡରି ମରି କଲିଆକୁ ଶାଗ୍ ପେଜ୍ ଦେଇ ଦେଉଥାଏ ସିନା, ହେଲେ ନିଜେ ନଖାଇ ନପିଇ ଶୁଖି ଯାଉଥିବା ଦେଖି ତା'କୁ ସାଉକାର ଦିନେ ପଚାରିଲା, "ଡକ୍ରା ! ତତେ ତ ନିତି ଶାଗ୍ ପେଜ ଦିଆହଉଚି। ତୁ ଖାଉଚୁ। ହେଲେ ଏମିତି ତୁ ଶୁଖି ଯାଉଚୁ କାହିଁକି।" ବୁଢ଼ା ତା'ପରେ ଡରି ମରି ସାଉକାରକୁ ରାଜା ଘର ସିପେଇଟେ ନିତି ଆସି ବାଡ଼ିରେ ଜନା ଭାଂଗି ପୋଡ଼େଇ କରି ଦେବାକୁ କହୁଚି ଏବଂ ତା'ର ଶାଗ ପେଜ ବି ଖାଉଚି ବୋଲି କହିବାରୁ ସାଉକାର ତା' କଥାକୁ ବିଶ୍ୱାସ ନକରି କହିଲା, "ତୁ ଆଜି ତୋ ମାଂଚାରେ ବସିଥିବୁ, ଆଉ ମୁଁ ଯାଇ ଜନାବାଡ଼ ଭିତରେ ଲୁଚି ବସିବି। ଦେଖିବି କିଏ ସେ ରାଜାଘର ସିପେଇ ଯାହାକୁ ଡରି ମରି ତୁ ଜନା, ଶାଗ୍ ପେଜ ଦେଇ ଦେଉଚୁ।"

ସେ ଦିନ ସାଉକାର ଜନା ବାଡ଼ିରେ ଜନା ଗଛ ଭିତରେ ଲୁଚି କରି ବସିଥାଏ। ବୁଢ଼ା ବସିଥାଏ ମାଂଚା ଉପରେ। ଠିକ୍ ସମୟରେ କଲିଆ ବେଶ ବଦଳେଇ ଆସି ବୁଢ଼ାକୁ ଡରାଇ କରି ଜନା ଖାଇଲା, ତା'ପରେ ତା'ର ଶାଗ ପେଜ ଖାଇ ଏଉଡ଼ି ମାରି ଚାଲିଗଲା। ସାଉକାର କଲିଆର ଚାଲାକି ଜାଣିପାରି ତାକୁ କେମିତି ବୁଦ୍ଧି ଶିଖେଇବ ସେ ବିଷୟରେ ଚିନ୍ତା କରି ଉପାୟଟେ ଠିକ୍ କଲା।

ତା' ପର ଦିନ ହାଂଡିଏ ମାଂଡିଆ ଚୁନାକୁ ଚକଟି ସାଉକାର ବୁଢ଼ା ପରି ମୂର୍ତ୍ତିଟିଏ ଗଢ଼ି ତା'କୁ ନେଇ ମାଂଚା ଉପରେ ବସେଇଦେଇ ବୁଢ଼ାକୁ ଘରେ ଯାଇ ଶୋଇବାକୁ କହିଲା। ନିଜେ ଠେଂଗାଟିଏ ଧରି ଜନା ବାଡ଼ ଭିତରେ ଲୁଚି ବସିଲା। ବେଳ ହେବାରୁ କଲିଆ ଆସିଲା ଓ ସବୁ ଦିନ ପରି ମାଂଡିଆ ଚୁନାର ମୂର୍ତ୍ତିକୁ ବୁଢ଼ା ଭାବି ଧମକାଇଲା। ସତ ବୁଢ଼ା ହେଇଥିଲେ ସିନା ସେ ଶୁଣନ୍ତା ? କଲିଆ ଶେଷରେ ବୁଢ଼ା ତା' କଥା ଶୁଣୁନି ବୋଲି ଭାବି ଖୁବ୍ ରାଗିଯାଇ ମାଂଚା ଉପରକୁ ଚଢ଼ି ତାକୁ ଗୋଟେ ଘେପ୍ଲା[14] ମାରିଲା। ହାତଟା କିନ୍ତୁ ଆଉ କାଢ଼ି ପାରିଲାନି। ସେଠି ଅଠାଳିଆ ମାଂଡିଆ ଚକଟାରେ ଲାଗି ରହିଲା। ଟିକେ ଟଣା ଟଣି କରି କଲିଆ ଆଉରି ରାଗିଯାଇ କହିଲା, "ହଇରେ ଡକ୍ରା, ତୋର ଏତେ ବହପ ହେଲାଣି, ତୁ ମୋ ହାତ ଧରୁଚୁ ? ହଉ ଗୋଟେ ହାତ ସିନା ଧରିଚୁ। ମୋର କଣ ଆଉ ଗୋଟିଏ ହାତ ନାହିଁ?" କହି ଆର ହାତରେ ଚାପୁଡ଼ାଟିଏ ମାରି ଦେବାରୁ ସେ ହାତ ବି ଆଉ ଫେରିଲାନି। ତା' ପରେ ଆଉରି ରାଗି ଯାଇ ଦି'ଗୋଡ଼ରେ ମାରିବାକୁ ଯାଇ କଲିଆର ଗୋଡ଼ ଦି'ଟା ବି ସେଥିରେ ଲାଗିଗଲା।

ସାଉକାର ଏଥର ତା ଠେଂଗାଟା ଧରି ଜନା ବାଡ଼ ଭିତରୁ ବାହାରି ଆସି କଲିଆକୁ ଯେତେବେଳେ ବାଡ଼େଇବାକୁ ଗଲା, କଲିଆ ତା'କୁ କହିଲା, "ସାଉକାର, ଏଠି ତୁ ମୁଁ ଦି ଜଣ। ମତେ ଯଦି ତୁ ଏଠି ମାରିବୁ ତା' ହେଲେ ତୋ'ର ବପୁ[15] ବିଷୟରେ କେହି ଜାଣି ପାରିବେନି। ତେଣୁ ମତେ ଘରକୁ ନେ, ଆଉ କାଲିକି ସବୁ ଗାଁ ଲୋକଂକୁ ଜମା କରି ମତେ ପିଟିବୁ ଯେ, ତତେ ସମସ୍ତେ ବାହା ବାହା କରିବେ।"

କଲିଆର ପ୍ରସ୍ତାବଟା ସାଉକାରକୁ ଉଚିତ୍ ଲାଗିଲା। ସେତେବେଳକୁ ସଂଜ ହେଇଯାଇଥାଏ। ସେ ତେଣୁ କାଲିକି କଲିଆକୁ ସମସ୍ତଂକୁ ଜଣେଇ ମାରିବି ଭାବି, ତାକୁ ସାଂଗରେ ନେଇ ଘୁଷୁରୀ କୁଡ଼ିଆ ଭିତରେ ବାଂଧିଦେଇ ବାହାରୁ ଦୁଆର ବଂଦ କରି ଦଉଡ଼ିଟେ କଷିକରି ବାଂଧିଦେଲା।

କଲିଆ ତା' ଭିତରେ ଥାଏ। ରାତି ହେଲା। ଅଧ ରାତି ବେଳକୁ କଲିଆ ଦେଖିଲା, ବାଘ ସେ ପାଖ ଦେଇ ଯାଉଚି। ସେ ବାଘକୁ ଡାକିଲା, "ଏ ମାମା-ମାମା![16] ଏପଟେ ଟିକେ ଆସ।" ବାଘ କହିଲା, "କଲିଆ ବାନ୍ଜା[17] କିରେ ? ତୁ ଯା' ଭିତରେ କଣ କରୁଚୁ ?" କଲିଆ କହିଲା, "ମାମା-ତମେ ଯା ଭିତରକୁ ପଶିଲେ ବଳେ ଜାଣି ପାରିବନି ? ମାମା ବଢ଼ିଆ ଜିନିଷ ଏଠି ତମ

ପାଇଁ ଅଛି ।'' ବାଘ ତା'ପରେ କହିଲା, ''ଆରେ ବାନ୍ଜା ! ମୁଁ ଭିତରକୁ ପଶିବି କେମିତି ?'' କଲିଆ କହିଲା, ''ମାମା ବାଂଧନୀ ଡ଼ୋରୀଟା[18] ଖୋଲି ଦେଇ ଆସ ।'' ବାଘ ତା' ପରେ ବାଂଧନା ଡୋରୀ ଖୋଲିଦେଇ ଘୁଷୁରୀ କୁଡ଼ିଆ ଭିତରକୁ ପଶୁ ପଶୁ ଗୋଟେ ଘୁଷୁରୀର ଟଂଟି ମୋଡ଼ି ଖାଇଦେଲା । କଲିଆ ବାଘକୁ କହିଲା, ''ମାମା-ଗୋଟାକୁ ତ ଖାଇଲ, ଆଉ ଖାଇବ ଯେ, ମୋର ଗୋଡ଼ରୁ ଏ ଡ଼ୋରୀ ଟିକେ ଖୋଲିଦେଲ ; ମତେ ଭାରି ପରିସ୍ରା ମାଡ଼ୁଚି । ମୁଁ ଟିକେ ପରିସ୍ରା କରି ଆସିବି ।'' ବାଘ ମୁହଁରେ ତ ଘୁଷୁରୀ ମାଉଁସ ସୁଆଦ ଲାଗିଚି । ତେଣୁ ସେ କିଛି ନ ବୁଝି ନ ସୁଝି କଲିଆ ଗୋଡ଼ରେ ବଂଧା ହେଇଥିବା ଡୋରୀ ଖୋଲିଦେଲା । କଲିଆ ପରିସ୍ରାକୁ ଗୁଡ଼ାଏ ଗାଳିଦେଇ ବାହାରକୁ ଯାଇ କବାଟଟା ଟାଣି ଆଣି ବାଂଧନୀ ଡ଼ୋରୀଟା ବାଂଧିଦେଇ ସାଉକାରର ମାଡ଼ ଭୟରେ ସେଠୁ ପଳାଇଲା ବଣକୁ ।

ବାଘ ରାତି ଭିତରେ ଆଉ ଗୋଟେ ଦି'ଟା ଘୁଷୁରୀ ମୋଡ଼ି ଖାଇବା ପରେ ତା'ର ବଣକୁ ଯିବା କଥା ମନେ ପଡ଼ିଲା । ତେଣୁ ସେ ବାହାରିବାକୁ ଯେତେ ଚେଷ୍ଟାକଲା, ଦେଖିଲା ବାହାରୁ ଦୁଆରଟା ବଂଦ ହେଇଚି । ଆଉ ତା' ପରେ ସେ କଲିଆ ଉପରେ ଖୁବ ରାଗିଲା । ହେଲେ ଉପାୟ କଣ ?

ସକାଳ ହେଲା ପରେ ସାଉକାର ଗାଁ ଲୋକଂକୁ ରୁଂଡେଇ ଯାଇ ଘୁଷୁରୀ କୁଡ଼ିଆ ପାଖରେ ପହଁଚି କଲିଆକୁ ବାହାରକୁ ଆଣି ପିଟିବ ବୋଲି ଭାବି ଦୁଆରର ବାଂଧନୀ ଡୋରୀଟା ଖୋଲିଦେଇ ଯେମିତି ଭିତରକୁ ଚାହିଁଦେଇଚି—ସାଉକାରର ଅବସ୍ଥା ସାଂଘାତିକ । ତେଣେ ଏତେ ଲୋକଂକୁ ଠେଂଗା ବାଡ଼ି ଧରି ଜମା ହେଇଥିବା ଦେଖି ବାଘର ଅବସ୍ଥା ବି ସାଂଘାତିକ । ସେ ଭାବିଲା, ଏମାନେ ଏ ଠେଂଗାଗୁଡ଼ାକରେ ତା'କୁ ନିଶ୍ଚୟ ପିଟି ପିଟି ମାରିଦେବେ । ବାଘକୁ ଆଉ ସଂଭାଳେ କିଏ ? ସେ ପ୍ରାଣ ଭୟରେ ଲୋକଂକ ଉପରକୁ ମାରିଲା ଡିଆଁ । ଯା'କୁ ଚାପୁଡ଼େ ତା'କୁ ଦି ଚାପୁଡ଼ା, ଯା'କୁ ରାଂପୁଡ଼ି ତା'କୁ ବିଦାରି ସେ ସେଠୁ ଧାଇଁଲା ବଣକୁ ।

ବଣରେ ପହଂଚି ବାଘ ଟିକେ ଆଶ୍ୱସ୍ତ ହେଲା । ସେ ମନେ ମନେ ପ୍ରତିଜ୍ଞା କଲା, ''ଏଇ କଲିଆ ମତେ ନେଇ ମାରିବାକୁ ବସିଥିଲା । ମୁଁ ନିଶ୍ଚୟ ତା'କୁ ଖାଇବି ।''

ତା' ପରେ କଲିଆକୁ ବାଘ ପ୍ରଚଂଡ ରାଗରେ ଚାରିଆଡ଼େ ଖୋଜୁ ଖୋଜୁ ଦେଖିଲା କଲିଆ ଗୋଟେ ଜାଗାରେ ବସି ବାଲି ନାପୁଚି ।[19] ବାଘକୁ ଦେଖି ସେ ପଚାରିଲା, ''ମାମା, କଣ ହେଲାକି ? ମତେ ଖୋଜୁଥିଲ ନା କଣ ?'' ବାଘ କହିଲା, ''ତତେ ଖାଲି ଖୋଜୁନିରେ ବାନ୍ଜା, ତତେ ମୁଁ ଆଜି ଖାଇବାକୁ ଆସିଚି ।'' କଲିଆ କହିଲା, ''ମାମା-ମତେ ତମେ ଖାଇବ ଯେ, ହେଲେ ମୁଁ ମୋ ବାପା, ମାଂକର ଋଣ ଶୁଝୁଚି । ହେଇ, ଉପରକୁ ଦେଖ, ସେମାନେ ମତେ ମାଗିବାକୁ ଆସିଚନ୍ତି ।'' କଲିଆ ମହା ଚତୁର । ସେ ବାଘ ଯେମିତି ଉପରକୁ ମୁଂଡ ଟେକିଲା-ତା'କୁ ମେଘ ଚାଲୁଥିବାର ଦେଖେଇଲା । ବାଘ ବି ଭକୁଆ ହେଇ ଚାଲୁଥିବା ମେଘକୁ ଦେଖିଲା ବେଳେ କଲିଆ ତା' ଆଖିରେ ବାଲି ପକେଇ ଦେଇ ସେଠୁ ଧାଇଁଲା ପ୍ରାଣ ବିକଳରେ । ବାଘର ତ ଆଖିରେ ବାଲି ପଡ଼ିଚି । ସେ ତେଣୁ ଆଉ କିଛି ଦେଖି ପାରିଲାନି । ସେ ତା' ପରେ ବଡ଼ କଷ୍ଟରେ ଓଷ କଷା[20] କରି ତା' ଆଖିକୁ ଠିକ୍ କଲା । ଆଖି ଠିକ୍ ହେବା ପରେ ସେ ଆଗଠୁ ଆଉରି ବେଶି ରାଗରେ କଲିଆକୁ ଖାଇବାକୁ ଖୋଜି ବୁଲିଲା ।

ଏମିତି କଲିଆକୁ ଖୋଜୁ ଖୋଜୁ ଦିନେ ବାଘ ତାକୁ ଦେଖିଲା ବେଳକୁ ସେ ସିଆଡ଼ି ପତ୍ର ଆଉ ଖଡ଼ିକା ଧରି ଗୋଟାଏ ବଡ଼ ପୁଡ଼ା[21] ସିଉଁଚି ।[22] ବାଘ ତାକୁ ଦେଖି କହିଲା, ''ହଇରେ ବାନ୍ଜା ! ତୁ ମତେ ଏତେ ହଇରାଣ କଲୁଣି ଯେ ତତେ ନଖାଇ ମୋର ଆଉ ବାଟ ନାଇଁ ।'' କଲିଆ କହିଲା,

"ମାମା, ମତେ ଖାଇବ ଯେ, ହେଲେ ଟିକେ ସେ ପଟକୁ ଦେଖ।" ବାଘ କଲିଆ ଆଂଗୁଠି ଦେଖେଇବା ଦିଗକୁ ଅନେଇ ଦେଖିଲା ବେଳକୁ ବଣଟା ହୁ ହୁ ହୋଇ ଜଳୁଚି। ନିଆଁ ଦେଖି ବାଘର ପିଳେହି ପାଣି। ସେ ଛାନିଆଁ ହେଇ କଲିଆକୁ ପଚାରିଲା, "ବାନ୍ଜା, ନିଆଁଟା ତ ଏପଟକୁ ମାଡ଼ି ଆସୁଚି। ଆଉ ଟିକେ ପରେ ତ ଆମେ ଏ ନିଆଁରେ ପୋଡ଼ିଯିବା। କଣ କରିବା ବାନ୍ଜା? କିଛି ଉପାୟ କହ।" "ମାମା! ସେଥିପାଇଁ ତ ମୁଁ ପତର ପୁଡ଼ା ସିଉଁଚି ନିଆଁ ଏପଟକୁ ମାଡ଼ି ଆସିବା ପୂର୍ବରୁ ଯା ଭିତରେ ପଶିଯାଇ ରହିବି ବୋଲି। ନିଆଁ ଲିଭିଗଲେ ବାହାରି ଆସିବି", କଲିଆ କହିଲା।

ନିଆଁ ଡରରେ ବାଘ କଲିଆକୁ ଖାଇବା କଥା ଭୁଲିଯାଇ ତା'କୁ ନିଜ ପାଇଁ ବି ପତ୍ର ପୁଡ଼ାଟେ ତିଆରି କରିଦେବା ପାଇଁ ଖୋସାମତ କଲା। କଲିଆ ତା' ପରେ କହିଲା, "ମାମା! ତୁମକୁ ଯଦି ବେଶି ଡର ଲାଗୁଚି ତା' ହେଲେ ତମେ ପ୍ରଥମେ ଏଇ ପୁଡ଼ା ଭିତରେ ପଶ। ମୁଁ ମୁହଁଟା ବଂଦ କରିଦେବି। ମୁଁ ପରେ ମୋ ପାଇଁ ଆଉଗୋଟେ ପୁଡ଼ା ତିଆରି କରି ତା' ଭିତରେ ପଶିବି।" ବାଘ କଲିଆର କଥା ନ ସରୁଣୁ ପୁଡ଼ା ଭିତରେ ଛାନିଆଁ ହେଇ ପଶିଗଲା। ଆଉ ତା' ପରେ କଲିଆ ପତ୍ର ଆଉ ଖଡ଼ିକାରେ ପୁଡ଼ାର ମୁହଁଟା ବଂଦ କରିଦେଲା। ବାଘ ତା ଭିତରେ ବସିଥାଏ। କଲିଆ ତା' ପରେ ଧୀରେ ଧୀରେ ପାଖ ବୁଦାରେ ଜଳୁଥିବା ନିଆଁକୁ ଟିକେ ଆଣି ବାଘ ପଶିଥିବା ପତ୍ର ପୁଡ଼ା ପାଖରେ ପକେଇ ଦେଇ, ସେଠୁ ଧାଇଁଲା ପ୍ରାଣ ବିକଳରେ।

କିଛି ସମୟ ଭିତରେ ସେଠି ନିଆଁ ଲାଗିଗଲା। ଆଉ ପତ୍ର ପୁଡ଼ା ସାଂଗରେ ବାଘ ବି ପୋଡ଼ିଗଲା। ବଡ଼ କଷ୍ଟରେ ବାଘ ପୁଡ଼ାକୁ ଛିଂଡେଇ ଦେଇ ବାହାରକୁ ବାହାରି ଆସି ନିଜର ପାର୍କୁ[23] ଯାଇ ବଡ଼ କଷ୍ଟରେ ଓଷ କଷା ଲଗେଇ ଗୁଡ଼ାଏ ଦିନ ପରେ ତା' ପୋଡ଼ା ଘା ଭଲ ହେଲା। ଘା ଭଲ ହେବା ପରେ ସେ ଭୀଷଣ ରାଗରେ କଲିଆକୁ ଖାଇବ ବୋଲି ଚାରିଆଡ଼େ ଖୋଜି ବୁଲିଲା।

ଏମିତି ଖୋଜୁ ଖୋଜୁ ଦିନେ ସେ ଦେଖିଲା ଘୁଷୁରୀଟେ ଧରି କଲିଆ ଗୋଟେ ଜାଗାରେ ବସିଚି। ତା'କୁ ଦେଖି ସେ କହିଲା, "ତୁ ଥର ଥର କରି ମତେ ମରେଇବାର ଯୋଜନା କରୁଚୁ। ଆଜି ଆଉ ତୋ'ର ରକ୍ଷା ନାହିଁ। ମୁଁ ନିଶ୍ଚୟ ଆଜି ତତେ ଖାଇବି।" କଲିଆ କହିଲା, "ମାମୁଁ, ତମେ ମତେ ଖାଇଲେ ଏ ଘୁଷୁରୀକୁ ଆମେ ଦିହେଁ ମିଶି କରି ଖାଇ ପାରିବାନି। ଆଉ ଯଦି ମତେ ତମେ ନଖାଇବ, ତା' ହେଲେ ଦିହେଁ ମିଶି ଆମେ ଏ ଘୁଷୁରୀକୁ ଆଗ ଖାଇବା ଆଉ ତା' ପରେ ତମେ ମତେ ଖାଇବ।" ବାଘକୁ କଲିଆର କଥାଟା ଠିକ୍ ଲାଗିଲା। ସେ କହିଲା, "ନାଇଁ ବାନ୍ଜା! ମୁଁ ଏବେ ତତେ ଖାଇବିନି। ଚାଲ୍ ଆଗ ଆମେ ଏ ଘୁଷୁରୀଟାକୁ ଖାଇବା।" କଲିଆ ଏଥର ଘୁଷୁରୀକୁ ମାରି ତା'ର ମାଉଁସ କଟା କଟି କରି ତାକୁ ବାର ବଂଟା[24] କଲା।

ତା'ପରେ ବାଘକୁ କଲିଆ କହିଲା, "ମାମା! ମୋ ଘରେ ମୋ ପିଲା ଝିଲା ଅଜା ଆଈ ମିଶି ସମସ୍ତେ ଦଶ ଜଣ। ତେଣୁ ବାର ବଂଟା କଲି। ଦଶ ବଂଟା ଘରକୁ ନେବି, ଆଉ ଦି' ବଂଟାରୁ ବଂଟେ[25] ତମେ ଖାଇବ ଆଉ ବଂଟେ ମୁଁ ଖାଇବି। ହେଲେ ତମେ ନେଇ ପ୍ରଥମେ ଏ ଅନ୍ତି ପୁଟା[26] ଧୋଇ ଆଣ। ହେଲେ ଶୁଣ, ପୁଟାଟା ଭସେଇ ଦବ। ଆଉ ଖାଲି ଅନ୍ତିଗୁଡ଼ାକୁ ଧୋଇ ଆଣିବ।" ବାଘ ଅନ୍ତିପୁଟା ଧୋଇବାକୁ ଝରଣାକୁ ଗଲା ଓ ଧୋଇ ଖାଲି ଅନ୍ତି ନେଇ ଆସିଲା, ଆଉ କଲିଆକୁ ଦେଲା।

ଦିହେଁ ତା' ପରେ ତାଂକ ଦିହିଂକ ପାଇଁ ବଢ଼ା ହେଇଥିବା ବଂଟା ମାଉଁସ ଖାଇଲେ। ବାକି ମାଉଁସତକ କଲିଆ ବାଘ ଅନ୍ତି ପୁଟା ଧୋଇବାକୁ ଗଲାବେଳେ ଲୁଚେଇ ଦେଇଥାଏ। ବାଘକୁ ବଂଟାଏ ମାଉଁସ ଅଂଟିଲାନି। ତା'କୁ ଆଉରି ଭୋକ ହେଲା। ସେ ତେଣୁ କଲିଆକୁ କଣ ଖାଇବି ବୋଲି ପଚାରିବାରୁ

କଲିଆ କହିଲା, ''ମାମୁଁ ମତେ ବି ପରା ଆଉରି ଭୋକ ହଉଚି। ସେଥିଲାଗି ମୁଁ ମୋ ପେଟ ଚିରି ଅନ୍ତିପୁଟା କାଢ଼ି ଖାଉଚି।'' କହି ବାଘ ଧୋଇ ଆଣି ଥିବା ଅନ୍ତିକୁ ପେଟ ପାଖରେ ଲୁଚେଇ କରି ଆଗରୁ ଧରିଥିଲା, ତାକୁ ଟାଣି ଟାଣି ଖାଇଲା। ବାଘ କହିଲା, ''ବାନ୍‌ଜା ! ମୋ ପେଟଟା ବି ତୁ ଚିରିଦେ ତ। ମୁଁ ବି ମୋ ଅନ୍ତିପୁଟା ଖାଇବି।'' କଲିଆ ଆଉ ଅପେକ୍ଷା ନକରି ବାଘର ପେଟ ଚିରି ଦେବାରୁ ବାଘ ମରିଗଲା। ଆଉ ମନ ଖୁସିରେ କଲିଆ ସେଠୁ ତା' ଘରକୁ ପଳେଇଲା।

---

1. ବାଗ୍ : ବାଘ 2. କଲିଆ : ବିଲୁଆ 3. କଡ଼ି ଆଣି : ଖୋଳି ଆଣି 4. ମାଂଗ୍‌ତିଆ : ଭିକାରୀ 5. ଡ଼ଙ୍ଗ୍ରା : ବୁଢ଼ା 6. ବେଡ଼ା : ବିଲ 7. ଡଂଗର : ପାହାଡ଼ 8. ଜନା ବାଡ଼ : ମକା ବାଡ଼ି 9. ମାଂଚା : ମଂଚା 10. ଫାଟାଇ : ଲୁଗା 11. ଡ଼ାଂଗ : ବାଡ଼ି 12. ପାଇଟି କରିବି : ଦେଖିନେବି, ଧମକ ଦେବା ଅର୍ଥରେ ବ୍ୟବହାର କରାଯାଏ 13. ଶାଗ୍ ପେଜ : ଡିଅଣ ଓ ମାଣ୍ଡିଆ ଜାଉ 14. ଘେପ୍‌ଲା : ଢଂଟିଆ ମାରିବା, ଧକ୍କା ମାରିବା 15. ବପୁ : ବଳ 16. ମାମା : ମାମୁଁ 17. ବାନ୍‌ଜା : ଭଣଜା 18. ବାଂଧନୀ ଡ଼ୋରୀ : ଦୁଆରକୁ ବାଂଧିବା ପାଇଁ ବ୍ୟବହୃତ ହେଉଥିବା ଦଉଡ଼ି ଯାହା ଶିଆଳି ପଟ୍ଟରୁ ପ୍ରସ୍ତୁତ 19. ନାପୁଚି : ମାପୁଚି 20. ଓଷ କକ୍ଷା : ଔଷଧ ପତ୍ର 21. ପୁଡ଼ା : ବୃହଦାକାର ପତ୍ର ଠୋଲା, ଯାହା ଗୋଲାକାର ଭାବରେ ପ୍ରସ୍ତୁତ କରାଯାଏ 22. ସିଙ୍ଗିଚି : ସିଲେଇ କରୁଚି 23 ପାର୍ : ଗୁହା ବା ଗୁଂଫା 24. ବଂଟା : ଭାଗ କରିବା 25. ବଂଟେ : ଏକ ଭାଗ 26. ଅନ୍ତି ପୁଟା : ଅନ୍ତବୁଜୁଳା ।

ବାଂଝ[1] ରାଜା କଥା

ଗୋଟିଏ ଦେଶରେ ଜଣେ ରାଜା ଥାଏ । ତା'ର ତିନି ରାଣୀ । ହେଲେ କାହାରି ପୁଅଝିଅଟିଏ ନାହିଁ । ରାଜା ସିନା ଏତେ ବଡ଼ ରାଜ୍ୟର, ହେଲେ ତା'କୁ ବାଂଝ ବୋଲି ସମସ୍ତେ ଘୃଣା କରୁଥାନ୍ତି । ରାଜାର ମନରେ ତେଣୁ ପୁଅଟିଏ ପାଇଁ ବଡ଼ ଦୁଃଖ ଥାଏ । ହେଲେ ପୁଅଟି ତ ତା' ହାତର କଥା ନୁହେଁ । ଭଗବାନ ଯଦି ଦେବେ ତ ଦେବେ, ନହେଲେ ଏମିତି ବାଂଝ ହେଇ ଲୋକଂକର ଘୃଣା ସହି ବଂଚିବାକୁ ପଡ଼ିବ ଭାବି ରାଜା ସମସ୍ତଂକର ଘୃଣା ଟାହି ଟାପରାକୁ ମୁଂଡପାତି ସହୁଥାଏ । ତେଣେ ପିଲାଝିଲା ନାହିଁ ବୋଲି ରାଣୀମାନଂକର ଦୁଃଖ କଥା ଆଉ ନ କହିଲେ ଚଳିବ ।

ଏମିତି ଦିନ ଗଡ଼ି ଚାଲୁଥାଏ । ଥରେ କଣ ହେଲା ନା' ଜଣେ ବାବାଜୀ ରାଜାଘରକୁ ଆସିଲା । ସେ ରାଜାକୁ ଦେଖି କହିଲା ଯେ, ''ତୋ' ମୁହଁ ଦେଖି ତୋ ଦୁଃଖ ଜାଣି ପାରୁଚି । ମୁଁ ତୋ'ର ଦୁଃଖ ନିଶ୍ଚୟ ଦୂର କରିବି । କିନ୍ତୁ ମୁଁ କହିବା ପ୍ରକାରେ ତତେ କାମ କରିବାକୁ ପଡ଼ିବ ।'' ରାଜା ବାବାଜୀର କଥା ଶୁଣି ବହୁତ ଖୁସି ହେଇ କହିଲା, ''ମାହାପ୍ରୁ, ତମେ ମୋର ଦୁଃଖ ଦୂର କରିଦେଲେ ତମେ ମତେ ମୋର ରାଜ୍ୟ, ଧନ ସଂପତ୍ତି ଯାହା ମାଗିବ ମୁଁ ତାହା ଦେଇଦେବି ।'' ବାବାଜୀ ରାଜା କଥାର ଆଉ କିଛି ଉତ୍ତର ନଦେଇ ଖାଲି ଟିକେ ହସିଦେଇ କହିଲା, ''ଦେଖି ରାଜା ! ଏବେ ତ ଚଇତ ମାସ ଚାଲିଚି । କାଲିକି ଚଇତ ପର୍ବ ପାଳନ କରାହେବ । ଆମ୍ବ ବି କାଲିକି ନୂଆ ଖିଆଯିବ । ତେଣୁ ତୁ ଯାଇ ତୋ ରାଣୀମାନଂକୁ କହ—ସେମାନେ ଘର ଦୁଆର ଲିପା ଲିପି କରିବେ । ଆଉ ନୂଆ ଫଟାଇ[2] କାଲିକି, ପିଂଧିବା ପାଇଁ କିଣି ଦେ ।'' ରାଜା ବାବାଜୀର କଥା ଶୁଣି କହିଲା, ''ମାହାପ୍ରୁ, ତମେ ଯାହା କହିବ ସବୁ ହବ, ତା' ପରେ ମୁଁ କଣ କରିବି ମତେ କୁହ ? ଚଇତ ପର୍ବ କାଲିକି ନୂଆ ଖାଇଲେ ମୋ ଦୁଃଖ କେମିତି ଦୂର ହବ ମାହାପ୍ରୁ ?'' ଏହା ଶୁଣି ବାବାଜୀ କହିଲା, ''ମୁଁ ଯେତିକି କହିଲି ସେତିକି ଶୁଣି ଉଆସକୁ ଯା । କାଲି ସକାଳେ ଗାଧେଇ ପାଧେଇ ନୂଆ ଗାମୁଛାଟେ ପିଂଧି ମୋ ପାଖକୁ ଆସିଲେ ମୁଁ ତତେ ବାକି କଥା କହିବି ।'' ବାବାଜୀକି ତା' ପରେ ରାଜା ଆଉ କିଛି ନ ପଚାରି ଉଆସକୁ ଗଲା ।

ତା' ପରଦିନ ବଡ଼ିଭୋରରୁ ରାଜା ଉଠି ଗାଧୁଆ ପାଧୁଆ ସାରି ବାବାଜୀ ପାଖକୁ ଯାଇ ତା'କୁ ଜୁହାର କରି ପଚାରିଲା, ''ମାହାପ୍ରୁ ! ମୁଁ ଆସିଲି । ଏଥର କଣ କରିବି କୁହନ୍ତୁ ?'' ବାବାଜୀ ତା' ପରେ ରାଜା ହାତକୁ ଗୋଟେ ଖାବଡ଼ା[3] ବଢ଼େଇ ଦେଇ କହିଲା, ''ରାଜା ! ତୋ ନଅରର ସିଂହଦ୍ୱାର ପାଖରେ ଗୋଟେ ଆମ୍ବ ଗଛ ଅଛି । ଏ ଖାବଡ଼ା ନେଇ ତୁ ସେଠିକି ଯା । ଖାବଡ଼ାଟା ଗଛକୁ ମାରିବୁ । ଥରେ କେବଳ । ବେଶି ନୁହେଁ । ଆଉ ଯେତେ ଆମ୍ବ ପଡ଼ିବ ଗୋଟେଇ ନେଇ ଆସିବୁ । ଶୁଣ, ସାଂଗରେ ଏଇ କର୍ଣ୍ଣିଟା[4] ବି ନେଇ ଯାଇ ଥା' ।'' ଆଉ ସତର୍କ କଲାପରି କହିଲା, ''ଏ ରାଜା ! ତୁ ହିଁ ଖାବଡ଼ା ମାରିବୁ । ଆଉ କାହା ହାତରେ ମରେଇବୁନି ।'' ରାଜା ବାବାଜୀ କଥାରେ 'ହଁ' ଭରି ସିଂହଦ୍ୱାର

ଆଡ଼କୁ ଚାଲିଲା । ଗୋଟେ ହାତରେ କର୍ଲୀ ଧରିଥାଏ । ଆଉ ଗୋଟେ ହାତରେ ଖାବଡ଼ା ଧରିଥାଏ । ଗଛ ପାଖରେ ପହଂଚି ରାଜା ଦେଖିଲା ଗଛରେ ଆମ୍ବ ଲଦି ହେଇଚି । ସେ ଏକା ସାଂଗରେ ଗୁଡ଼ାଏ ଆମ୍ବ ପଡ଼ିବ ଭାବି ଖାବଡ଼ାଟାକୁ ଗଛକୁ ମାରିଦେଲା । ଯେମିତି ସେଇଟା ଯାଇ ଗଛରେ ବାଜିଚି, ଗୋଟାଏ ଆମ୍ବ କେବଳ ପଡ଼ିଲା । ରାଜା, ଗୋଟେ ଆମ୍ବ ପଡ଼ିବାର ଦେଖି ମନେ ମନେ ଭାବିଲା ଯେ, ''ବାବାଜୀ ମୋ ଦୁଃଖ ଦୂର କରିବା ପାଇଁ ଆମ୍ବ ନୂଆ ଖାଇବାକୁ ଆମ୍ବ ନେବାକୁ ମତେ ଏଠିକି ପଠେଇଚି ଯେ, ହେଲେ ଏଇ ଗୋଟିଏ ଆମ୍ବ ନେଇ କେମିତି ନୂଆ ଖାଇହେବ? ଏଟା ତ ଚାଖିବାକୁ ବି ଅଂଟିବନି ।'' ଆଉ ତା' ପରେ ବାବାଜୀର କଥାକୁ ସେ ନମାନି ପୁଣି ଥରେ ଖାବଡ଼ାଟା ଗଛ ଉପରକୁ ମାରିଦେବା ପରେ, ଖାବଡ଼ାଟା ଆଉ ତଳେ ନ ପଡ଼ି କୁଆଡ଼େ ମାୟା[5] ହେଇଗଲା । ଖାବଡ଼ାଟା ତଳେ ନ ପଡ଼ିବା ଦେଖି ରାଜା ନିଜ ହାତରେ ଧରିଥିବା ଆମ୍ବଟାକୁ ଦେଖିବାକୁ ଚେଷ୍ଟାକଲା, ହେଲେ ଆମ୍ବଟା ବି କୁଆଡ଼େ ମାୟା ହେଇଯାଇଥିଲା । ବାବାଜୀର କଥା ନ ମାନିବାରୁ ଏମିତି ହେଲା ଭାବି ରାଜା ତା'ପରେ ମନଦୁଃଖରେ ଯାଇ ବାବାଜୀର ଗୋଡ଼ତଳେ ପଡ଼ିଯାଇ ସବୁ କଥା କହିଲା । ସବୁ ଶୁଣି ବାବାଜୀ କହିଲା, ''ମୁଁ ତତେ ଯାହା କହିଥିଲି ତୁ ତ ସେୟା କରିଥାନ୍ତୁ । ମୋ କଥା ବାହାରେ କାମ କଲୁ ବୋଲି ଏମିତି ହେଲା । ହଉ, ଯାହାତ କଲୁ କଲୁ, ସେ କଥା ଭୁଲିଯାଇ କାଲି ସକାଳେ ତୁ ପୁଣି ଗାଧେଇ ପାଧେଇ ଆମ୍ବ ଗଛ ପାଖକୁ ଯାଇ ଖାବଡ଼ାରେ ଆମ୍ବ ମାରି ଆଣିବୁ । ତା' ପରେ ଯାହା କରିବା କଥା ମୁଁ କହିବି ।'' ରାଜା କିନ୍ତୁ ପଚାରିଲା, ''ମାହାପ୍ରୁ, ଖାବଡ଼ାତ ଆଜି ମାୟା ହେଇଗଲା । କାଲି ପୁଣି ଖାବଡ଼ା କୋଉଠୁ ପାଇବି ଯେ, ଆମ୍ବ ମାରି ଆଣିବି ?'' ବାବାଜୀ କହିଲା, ''ତୋର ଏତେ କଥା ଭାବିବାର ଦରକାର ନାଇଁ । ତତେ ମୁଁ କାଲି ସକାଳେ ଆମ୍ବ ଗଛ ପାଖକୁ ଯିବାକୁ କହିଲି, ତୁ ଯିବୁ । ତା' ପରେ ଯାହା ହବ ସେ କଥା ତୁ ସେଠିକି ଗଲେ ଜାଣି ପାରିବୁ ।''

ତା' ପରଦିନ ସକାଳୁ ଉଠି ଗାଧେଇ ପାଧେଇ ରାଜା ପୁଣି ଆମ୍ବଗଛ ମୂଳକୁ ଗଲା । ସେଠି ଦେଖିଲା ଆମ୍ବ ଗଛରେ କାଲି ଯେମିତି ଆମ୍ବ ଲଦି ହେଇଥିଲା ଠିକ୍ ସେମିତି ଆମ୍ବ ଲଦି ହେଇଚି । କର୍ଲୀ ଯେଉଁଠି କାଲି ରାଜା ଥୋଇଥିଲା ସେଠି ଥୁଆ ହେଇଛି, ଆଉ ରାଜା ଯାଇ ଠିଆ ହଉ ହଉ ଶୂନ୍ୟରୁ ଖାବଡ଼ାଟା ବି ଆସି ତା ହାତରେ ପଡ଼ିଲା । ରାଜା ତା' ପରେ ମନ ଖୁସିରେ ଖାବଡ଼ା ଆମ୍ବଗଛକୁ ମାରିଦେଲା ଯେମିତି ଗଛରୁ ଦି'ଟା ଆମ୍ବ ପଡ଼ିଗଲା । ଆଉ ତା'କୁ ଗୋଟେଇ ରାଜା ସିଧା ବାବାଜୀ ପାଖକୁ ଯାଇ କହିଲା, ''ମାହାପ୍ରୁ ଦି'ଟା ଆମ୍ବ ପଡ଼ିଲା । ଆଉ ତା'କୁ ନେଇ ଆସିଚି ।'' ବାବାଜୀ କହିଲା, ''ଏଥର ଯା—ଏଇଟାକୁ ପ୍ରଥମେ ତୋ' ଢୁମା[6] ଦେବତା ପାଖରେ ଭୋଗ ଲଗେଇ ପରେ ତୋ' ରାଣୀମାନଂକୁ ଟିକେ ଟିକେ ଖାଇବାକୁ ଦେବୁ ।''

ରାଜା ବାବାଜୀର କଥା ଅନୁସାରେ ଆଂବକୁ ପ୍ରଥମେ ତା'ର ଢୁମା ଦେବତାଂକ ପାଖରେ ଭୋଗ ଲଗେଇ ତା' ପରେ ନେଇ ସେ ବେଶି ଭଲ ପାଉଥିବା ବଡ଼ରାଣୀକି ଦି'ଟାଯାକ ଆମ୍ବ ଦେଇ ଖାଇଦେବାକୁ କହିଲା । ଏକଥା କିନ୍ତୁ ମଝିଆଁ ରାଣୀ ଆଉ ସାନ ରାଣୀ ଦେଖୁଥାନ୍ତି । ହେଲେ କଣ କରିବେ ? ରାଜାତ ଦି'ଟା ଯାକ ଆମ୍ବ ନେଇ ବଡ଼ ରାଣୀକୁ ଦେଲେ । ରାଜାଂକୁତ କିଛି କହିହବନି । ବଡ଼ରାଣୀ ଆମ୍ବ ଖାଇଲା ବେଳେ ତାକୁ ଲୁଚି ଛପି ଜଳ ଜଳ କରି ଗୋଟେ ଜାଗାରେ ଥାଇ ମଝିଆଁ ରାଣୀ ଓ ସାନରାଣୀ ଦେଖୁଥାନ୍ତି । ବଡ଼ରାଣୀ, ଆମ୍ବ ଦି'ଟା ଖାଇଲା ପରେ ଟାକୁଆ ଦି'ଟା ନେଇ ଖତଗଦାରେ ଫିଂଗିଦେଲା । ଆଉ ତା' ପରେ ଏ ଦିହେଁ ଆସି ଖତ ଗଦାରୁ ଟାକୁଆ ଦି'ଟା ଗୋଟେଇ ନେଇ ତାକୁ ଗୋଟେ ଲେଖାଏଁ ଖାଇଦେଲେ ।

ଏ କଥା କିନ୍ତୁ ବଡ଼ ରାଣୀ ଜାଣିନଥାଏ। ସେ ମନେ ମନେ ଖୁସି ହେଉଥାଏ ଯେ, ପୁଅଟିଏ ହବ ଆଉ ସେ ଦେଶର ରାଜା ହବ ବୋଲି। ହେଲେ ଏକା ସାଂଗରେ ତିନି ରାଣୀଯାକ ଗାଗ୍‌ରେ ରଇଲେ।[7] ଏକଥା ଦେଖି ରାଜା ଆଶ୍ଚର୍ଯ୍ୟ ଯେତିକି ହେଲା, ଖୁସି ବି ସେତିକି ହେଲା। ବଡ଼ରାଣୀ କିନ୍ତୁ ତା'ର ଦ୍ୱି ସଉତୁଣୀ ଗାଗ୍‌ରେ ରଇବା ଦେଖି ହିଂସାରେ ଜଳିଲା ଏବଂ ମନେ ମନେ ପ୍ରତିଜ୍ଞା କଲା ଯେମିତି ହଉ ନିଜ ପୁଅକୁ ରାଜା କରିବ, ଆଉ ସେମାନଂକର ପିଲା ହେଲେ ତା' ପିଲାକୁ ସେମାନଂକ ସାଂଗରେ ଝଗଡ଼ା କରେଇବ।

ତିନି ରାଣୀଯାକ ଗାଗ୍‌ରେ ରଇବା ଦେଖି ରାଜା ଖୁସି ହେଇଯାଇ ବାବାଜୀକୁ ତା' ରହିବା ଜାଗାରେ ଖୋଜିଲା ତାକୁ ଧନ ସଂପତ୍ତି ଦେବ ବୋଲି। ବାବାଜୀ କିନ୍ତୁ ସେଠି ଆଉ ନଥିଲା। କୁଆଡ଼େ ମାୟା ହେଇ ଯାଇଥିଲା। ରାଜା ତା' ପରେ ରାଜ୍ୟ ସାରା ଲୋକ ପଠେଇ ବାବାଜୀକୁ ଖୋଜେଇଲା। ହେଲେ ତା'କୁ କେହି ଖୋଜି ନ ପାଇବାରୁ ରାଜା, ମାହାପ୍ରୁ ତା' ପାଖକୁ ଆସିଥିଲେ ଭାବି-ବାବାଜୀକି କୋଟି କୋଟି ଜୁହାର କଲା।

ଠିକଣା ସମୟରେ ସବୁ ରାଣୀର ପିଲା ଜନ୍ମ ହେଲେ। ଆଗ ମଝିଆଁର, ତା' ପରେ ବଡ଼ର, ତା' ପରେ ସାନର। ଏମିତି ତିନିଟା ପିଲା ଜନ୍ମ ହେଲେ। ବଡ଼ରାଣୀ ପିଲାମାନେ ବଡ଼ହେବା ପରେ ସେମାନଂକ ଭିତରେ ଝଗଡ଼ା କରେଇବାକୁ ଯେତେ ଚେଷ୍ଟା କଲେ ବି ସେମାନେ ଝଗଡ଼ା ନକରି ମିଳି ମିଶି ରହିଲେ। ତା' ପରେ ରାଜାକୁ ଯେଉଁମାନେ ବାଂଝ ରାଜା ବୋଲି ଘୃଣା କରୁଥିଲେ, ସେମାନେ ରାଜାକୁ ଏବେ ଖୁବ୍ ପ୍ରଶଂସା କଲେ। ରାଜା ତା' ପରେ ପୁଅ ଆଉ ରାଣୀମାନଂକ ସାଂଗରେ, ଖୁସିରେ ରାଜ୍ୟ ଶାସନ କରି ରହିଲା।

---

1. ବାଂଝ : ଆଣ୍ଟୁକୁଡ଼ା ବା ପୁତ୍ର ସନ୍ତାନ ହୀନ 2. ପାଟାଇ : ପୋଷାକ 3. ଖାବଡ଼ା : ଡାଳଖଂଡ 4. କର୍ଣ୍ଣୀ: ଟୋକେଇ 5. ମାୟା : ଅଦୃଶ୍ୟ 6. ଭୁମା : ପ୍ରେତ 7. ଗାଗ୍‌ରେ ରଇବା : ଗର୍ଭବତୀ ହେବା।

Laser typeset at Esquire Offset, Calcutta and printed at
India International Press, Naraina, New Delhi.